ମନସ୍ତାତ୍ତ୍ୱିକ ବିକାଶର

କୈଶୋର ପର୍ବ

ଡକ୍ଟର ଫକୀର ମୋହନ ସାହୁ

Digitized by srujanika@gmail.com

ଆକର୍ଷଣର ବିଶେଷତ୍ୱ

- କିଶୋର ସମୟର ସମସ୍ୟାର
  କେନ୍ଦ୍ରବିନ୍ଦୁ କେଉଁଠି ?
- ବୌଦ୍ଧିକ ଓ ଭାବଗତ ବିକାଶର
  ରୂପରେଖ କ'ଣ ? ଏବଂ ଏହାର
  ପରିଚାଳନା କରିବେ କିପରି ?
- ମାର୍ଗଦର୍ଶନର ସମ୍ଭାର ରହିଛି ପୁସ୍ତକର
  କଳେବର ମଧ୍ୟରେ ।

Digitized by srujanika@gmail.com

ମନସ୍ତାତ୍ତ୍ୱିକ ବିକାଶର

କୈଶୋର ପର୍ବ

Digitized by srujanika@gmail.com

ମନସ୍ତାତ୍ତ୍ୱିକ ବିକାଶର

କୈଶୋର ପର୍ବ

ଡକ୍ଟର ଫକୀର ମୋହନ ସାହୁ

କଟକ - ୨

Digitized by srujanika@gmail.com

ମନସ୍ତାତ୍ତ୍ୱିକ ବିକାଶର : କୈଶୋର ପର୍ବ ।। ଲେଖକ : ଡକ୍ଟର ଫକୀର ମୋହନ ସାହୁ ।। ପ୍ରକାଶକ : ଅଗ୍ରଦୂତ, ବାଙ୍କାବଜାର, କଟକ-୭୫୩୦୦୨ ।। ପ୍ରଥମ ସଂସ୍କରଣ : ୨୦୧୧ ।। ପ୍ରଚ୍ଛଦ : ରମେଶ ଗୁମାନ୍ ସିଂହ ।। କଂପ୍ୟୁଟର ସହାୟତା : ଏମ୍. ପ୍ରିଣ୍ଟର୍ସ, କଟକ ।। ମୁଦ୍ରଣ : ପଞ୍ଚସଖା ଅଫ୍‌ସେଟ୍, କଟକ ।

ମୂଲ୍ୟ : ଟ.୧୫୦/-

MANASTATWITIKA BIKASHARA : KAISHORA PARPA II Written by : **Dr. Fakirmohan Sahoo** II Published by : **Agraduta,** Banka Bazar, Cuttack-2 II First Edition : **2011** II Cover design by : Ramesh Guman Singh II Computer Support by : M. Printers, Cuttack.

Price : **Rs.150/-**

Digitized by srujanika@gmail.com

ଜଣେ ପ୍ରଖ୍ୟାତ ଚିକିତ୍ସା ବିଜ୍ଞାନୀ ରୂପେ **ଡାକ୍ତର ଯୋଗୀନ୍ଦ୍ର ମୋହନ ସେନାପତିଙ୍କୁ** ମୁଁ ଭଲରୂପେ ଜାଣିଥିଲି । ୨୦୦୬ ମସିହାରେ ମୋର ବ୍ୟକ୍ତିଗତ ସମ୍ପର୍କ ଗଢ଼ିଉଠିଲା ପରେ ଏହା ନିବିଡ଼ରୁ ନିବିଡ଼ତର ହେବାକୁ ଲାଗିଲା । ସେତେବେଳକୁ ସେ ବୟସ ଦୃଷ୍ଟିରୁ କିଶୋରାବସ୍ଥାକୁ ବହୁ ପୂର୍ବରୁ ଅତିକ୍ରାନ୍ତ କରିଥିଲେ । ତଥାପି ତାଙ୍କର କିଶୋରଦୀପ୍ତ ସ୍ମିତହସ, ଅନ୍ୟକୁ ସାହାଯ୍ୟ କରିବାର କିଶୋରସୁଲଭ ମାନସିକତା ଏବଂ ଜିଜ୍ଞାସାର ପ୍ରାଣଚଞ୍ଚଳତା ତାଙ୍କୁ ଚିର କିଶୋର କରି ରଖିଥିଲା । ତାଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଏ ପୁସ୍ତକ-ଶ୍ରଦ୍ଧାପୁଷ୍ପଟି ଅର୍ପଣ କରୁଛି ।

Digitized by srujanika@gmail.com

ମୁଖବନ୍ଧ

ଅତୀତ ତୁଳନାରେ ବର୍ତ୍ତମାନ ଜଗତର ପରିବର୍ତ୍ତନର ହାର ଖୁବ୍ ବେଶୀ । ଏକ ଦ୍ରୁତ ପରିବର୍ତ୍ତିତ ପରିବେଶରେ ସମନ୍ୱୟ ରକ୍ଷାକରିବା କଷ୍ଟକର ବ୍ୟାପାର । ପୁଣି କିଶୋର କିଶୋରୀମାନଙ୍କ ପାଇଁ ଏହା ଏକ ଆହ୍ୱାନପୂର୍ଣ୍ଣ ଅଭୀପ୍‌ସା । ଏହି ଜଟିଳତାକୁ ଦୃଷ୍ଟିରେ ରଖି ମନସ୍ତାତ୍ତ୍ୱିକ ବିକାଶକୁ ବୁଝିବା ଏବଂ ଦକ୍ଷତାର ସହିତ ସମନ୍ୱୟ ରକ୍ଷାକରିବାର ସାମର୍ଥ୍ୟବିକାଶ ଆଜିର ଏକ ବିଶେଷ ଧରଣର ଆବଶ୍ୟକତା ।

ଏହି ଲକ୍ଷ୍ୟର ପରିପୂରଣ ପାଇଁ **ମନସ୍ତାତ୍ତ୍ୱିକ ବିକାଶର : କୈଶୋର ପର୍ବ** ପୁସ୍ତକଟିର ପରିକଳ୍ପନା କରାଯାଉଛି । ଅନୁଧ୍ୟାନ ଓ ଅଭ୍ୟାସ ମଧ୍ୟରେ ସଂଯୋଗ ରକ୍ଷାକରି ନିଜର ବ୍ୟକ୍ତିଗତ ଜୀବନକୁ ଶ୍ରୀମୟ କରିବା ସଙ୍ଗେ ସଙ୍ଗେ ଗୋଷ୍ଠୀଗତ ଜୀବନକୁ ଶୋଭାମୟ କରିବା ପାଇଁ ପୁସ୍ତକଟି ମାର୍ଗଦର୍ଶନର ଭୂମିକା ନେଇପାରିଲେ ଲେଖକଙ୍କର ଶ୍ରମ ସାର୍ଥକ ହେବ । ପୁସ୍ତକଟିର ପ୍ରକାଶ ପାଇଁ ଅଗ୍ରଦୂତର ପରିଚାଳକ ଶ୍ରୀଯୁକ୍ତ ମନ୍ମଥ ପଟ୍ଟନାୟକଙ୍କୁ ବିଶେଷ ଧନ୍ୟବାଦ ଜଣାଉଛି ।

ଫକୀର ମୋହନ ସାହୁ

Digitized by srujanika@gmail.com

ସୂଚୀପତ୍ର

୧. କୈଶୋର ପ୍ରତି ଦୃଷ୍ଟିଭଙ୍ଗୀ : ପୁରାତନ ଓ ନୂତନ ୧
୨. କୈଶୋର କେବେ ଆରମ୍ଭ, କେବେ ଶେଷ ? ୫
୩. କିଶୋର ସଂସ୍କୃତି : କେତେ ଜାଗତିକ, କେତେ ଆଞ୍ଚଳିକ ? ୧୦
୪. ଫ୍ରଏଡୀୟ ବିଚାରଧାରା ୧୫
୫. ନବ ଫ୍ରଏଡୀୟ ଦୃଷ୍ଟିଭଙ୍ଗୀ ୨୪
୬. ବିକାଶର ସୋପାନ ସମ୍ପର୍କରେ ଜାଁ ପିଆଜେ ଓ ଭିଗୋଟ୍‌ସ୍କି ୨୯
୭. ବ୍ୟବହାରବାଦୀ ଦୃଷ୍ଟିକୋଣ ୩୩
୮. ବୟଃସନ୍ଧିର ଅନ୍ତରାଳରେ ୩୯
୯. ଶାରୀରିକ ଅଭିବୃଦ୍ଧି : ସ୍ଫୁରଣ ପ୍ରକ୍ରିୟା ୪୩
୧୦. ଯୌନଗତ ବିକାଶ ୪୭
୧୧. ହରମୋନ୍ ଓ ବ୍ୟବହାର : ଶାରୀରିକ ବିକାଶର ମାନସିକ ଦିଗ ୫୨
୧୨. ମସ୍ତିଷ୍କ ଓ ବ୍ୟବହାର ୬୦
୧୩. ଯୁବକ ଶରୀର, କିଶୋର ମସ୍ତିଷ୍କ ୬୬
୧୪. ବଂଶାନୁଗତି ଓ ପରିବେଶ ୬୮
୧୫. କିଶୋରକାଳୀନ ବୌଦ୍ଧିକ ବିକାଶ ୭୩
୧୬. ବୌଦ୍ଧିକ ବିକାଶର ପରିପ୍ରେକ୍ଷୀରେ ସାମାଜିକ ସଂସ୍କୃତିକ ଉପଦାନର ଭୂମିକା ୭୯
୧୭. ବୌଦ୍ଧିକ ବିକାଶର ଅନ୍ୟ କେତୋଟି ଦିଗ ୮୨
୧୮. ବୌଦ୍ଧିକ ସମ୍ବଳ ୮୬
୧୯. ସୃଜନଶୀଳତାର ଉନ୍ମେଷ ଓ ବିକାଶ ୮୯
୨୦. କିଶୋର ବୟସରେ ବିଶେଷ ଜ୍ଞାନ ବନାମ ମାମୁଲି ଜ୍ଞାନ ୯୪
୨୧. ବୁଦ୍ଧିମତ୍ତା : ପୁରାତନ ଓ ନୂତନ ଧାରାଣା ୯୮
୨୨. ଭାବବୁଦ୍ଧି : ବିକାଶର ଏକ ଅବହେଳିତ ଦିଗ ୧୦୪
୨୩. ଭାବଗତ ସାମର୍ଥ୍ୟ ୧୧୩
୨୪. ନିଜ ସମ୍ପର୍କରେ ଧାରଣା ୧୧୬
୨୫. ଆତ୍ମମର୍ଯ୍ୟାଦାବୋଧ ବୃଦ୍ଧି କରିବେ କିପରି ୧୧୯

Digitized by srujanika@gmail.com

୨୬. ଆଦ୍ୟ କୈଶୋରର ଭ୍ରମ ଭାବନା ୧୨୩
୨୭. ଆତ୍ମପରିଚିତିର ସନ୍ଧାନରେ ୧୨୫
୨୮. ଭୂମିକା ପରୀକ୍ଷଣ ଏବଂ ଆତ୍ମପରିଚିତି ଗଠନ ୧୩୨
୨୯. ବିଳମ୍ବିତ କିଶୋରକାଳୀନ ଅନ୍ତରଙ୍ଗତାର ପାଞ୍ଚୋଟି ରଙ୍ଗ ୧୩୭
୩୦. କିଶୋରକାଳୀନ ଆବେଗ ୧୪୦
୩୧. ବ୍ୟକ୍ତିତ୍ୱ ଓ ମିଜାଜ : କେତେ ସ୍ଥାୟୀ, କେତେ ପରିବର୍ତ୍ତନଶୀଳ ୧୪୩
୩୨. କିଶୋର କିଶୋରୀ ପାର୍ଥକ୍ୟ : କେତେ ଶାରୀରିକ, କେତେ ସାମାଜିକ ୧୪୭
୩୩. ସମାନତା ଅସମାନତାର କ୍ଷେତ୍ର ୧୫୧
୩୪. ଗତାନୁଗତିକ କିଶୋରତ୍ୱ ଓ କିଶୋରୀତ୍ୱର ଊର୍ଦ୍ଧ୍ୱରେ ସମନ୍ୱିତ ବ୍ୟକ୍ତିତ୍ୱ ୧୫୬
୩୫. ବୟଃସନ୍ଧିରେ କିଶୋରୀର ସଂକଟ ୧୬୦
୩୬. ଯୌନ ଆଚରଣ : ଜଟିଳତାର କେତୋଟି ରୂପ ୧୬୨
୩୭. ନୈତିକ ବିକାଶ ୧୬୮
୩୮. ନୈତିକ ବିକାଶର କେତୋଟି ସୂକ୍ଷ୍ମ ଦିଗ ୧୭୫
୩୯. ନୈତିକ ବିକାଶରେ ଅନୁଶାସନର ଶୈଳୀ : ପିତାମାତା ଓ ସ୍କୁଲ ୧୭୮
୪୦. ମୂଲ୍ୟବୋଧ ଓ ଧାର୍ମିକ ଭାବନାର ବିକାଶ ୧୮୩
୪୧. ସମାଜୀକରଣ : ପାରିବାରିକ ବଳୟ ୧୮୮
୪୨. ଭାଇଭଉଣୀଙ୍କ ସହିତ ସମ୍ପର୍କ ୧୯୧
୪୩. ପିତାମାତାଙ୍କ ସହିତ ସମ୍ପର୍କ ୧୯୪
୪୪. ସାଙ୍ଗସାଥୀଙ୍କ ସମ୍ପର୍କ ୧୯୮
୪୫. ବନ୍ଧୁତ୍ୱ ଓ ଅନ୍ତରଙ୍ଗତା ୨୦୩
୪୬. ବିଦ୍ୟାଳୟ ଓ କଲେଜ : ଅବସ୍ଥାନ୍ତରର ଅନୁଭବ ୨୦୬
୪୭. ସମସ୍ୟାର ବଳୟ ୨୦୯
୪୮. ଭିନ୍ନକ୍ଷମ କିଶୋର କିଶୋରୀ ୨୧୮
୪୯. ଅଭେଦ୍ୟ କିଶୋର ୨୨୨
୫୦. ଅନନ୍ୟ ସାଧାରଣ କିଶୋର କିଶୋରୀ ୨୨୫
୫୧. ଲକ୍ଷ୍ୟସାଧନର ଅନ୍ତରାଳେ ୨୨୮
୫୨. ବୃତ୍ତିଗତ ସାଫଲ୍ୟର ପ୍ରସ୍ତୁତି ପର୍ବ ୨୩୮
୫୩. ପରିବର୍ତ୍ତିତ ପରିବେଶ – ଦୂରଦର୍ଶନ ଓ ଇଣ୍ଟରନେଟ୍ ୨୪୪
୫୪. ମାନସିକ ସ୍ୱାସ୍ଥ୍ୟ ଓ ସଫଳ ସମନ୍ୱୟ ୨୪୯

□

Digitized by srujanika@gmail.com

କୈଶୋର ପ୍ରତି ଦୃଷ୍ଟିଭଙ୍ଗୀ : ପୁରାତନ ଓ ନୂତନ

ଐତିହାସିକ ସମୟରୁ କୈଶୋର ପ୍ରତି ଦୃଷ୍ଟିଭଙ୍ଗୀର ବିବର୍ତ୍ତନ ହୋଇଆସିଛି । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକରେ ମଧ୍ୟ ପ୍ଲାଟୋ ଓ ଆରିଷ୍ଟଟ୍‌ଲଙ୍କ ପରି ଗ୍ରୀକ୍ ଦାର୍ଶନିକମାନେ ଯୁବପିଢି ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ । ପ୍ଲାଟୋ ବିଚାର କରୁଥିଲେ ଯେ ବାଲ୍ୟକାଳରେ ଯୁକ୍ତିଯୁକ୍ତ ବିଚାରଶୀଳତାର ବିକାଶ ଘଟି ନଥାଏ । ଏପରି ବିକାଶ କେବଳ କିଶୋର କାଳରେ ହିଁ ସମ୍ଭବ ହୁଏ । ଏ ଦୃଷ୍ଟିରୁ ଶିଶୁମାନେ ଖେଳକୁଦ ଓ ସଂଗୀତରେ ସମୟ ବିନିଯୋଗ କରିବା ସ୍ଥଳେ କିଶୋର କିଶୋରୀମାନେ ଗଣିତ ଓ ବିଜ୍ଞାନ ଅଧ୍ୟୟନରେ ସମୟ ଦେବା ସମୁଚିତ ହେବ । ଏହା ପ୍ଲାଟୋଙ୍କର ମନ୍ତବ୍ୟ ଥିଲା ।

ସେ ସମୟରେ ପ୍ଲାଟୋଙ୍କର ଅନୁଗତ ଶିଷ୍ୟ ଆରିଷ୍ଟଟଲ୍ ମଧ୍ୟ ଅନୁରୂପ ମତ ପ୍ରଦାନ କରିଥିଲେ । ତାଙ୍କ ମତରେ ଚୟନ କରିବାର ସାମର୍ଥ୍ୟ ହେଉଛି କିଶୋରକାଳୀନ ଦକ୍ଷତାର ସ୍ପଷ୍ଟ ପରିପ୍ରକାଶ । ନିଜର ପଥ ନିଜେ ବାଛିନେବାର ଦକ୍ଷତା ମଧ୍ୟରେ ପରିପକ୍ୱତା ରୂପ ନିଏ । ଏହା ଥିଲା ଆରିଷ୍ଟଟ୍‌ଲଙ୍କ ବିଚାର । ଆଧୁନିକ ଜଗତରେ ମଧ୍ୟ ଆମ୍ଭେମାନେ ସ୍ୱାଧୀନତା, ଆତ୍ମପରିଚିତି ଓ ବୃତ୍ତିଗତ ସିଦ୍ଧାନ୍ତ ପରି ଗୁଣସବୁକୁ କିଶୋରକାଳୀନ ସ୍ୱଭାବର ମୁଖ୍ୟ ସୂଚକ ରୂପେ ବିଚାର କରିଥାଉ । ଏତଦ୍‌ବ୍ୟତୀତ ଆରିଷ୍ଟଟ୍‌ଲଙ୍କ ମତରେ ଆତ୍ମକେନ୍ଦ୍ରିକତା କିଶୋରକାଳୀନ ମାନସିକତାର ଏକ ମୁଖ୍ୟ ନିଦର୍ଶନ । କିଶୋର କିଶୋରୀମାନେ ଭାବନ୍ତି ଯେ ସେମାନେ ସବୁକିଛି ଜାଣିଛନ୍ତି ଏବଂ ଏପରି ପରିପୂର୍ଣ୍ଣ ଜ୍ଞାନ ସମ୍ପର୍କରେ ସେମାନେ ସ୍ଥିର ନିଶ୍ଚିତ । କହିବା ଅନାବଶ୍ୟକ ଯେ ଏହି ଦୁଇ ବିଶିଷ୍ଟ ଦାର୍ଶନିକଙ୍କ ଚିନ୍ତାଧାରା ତତ୍‌କାଳୀନ ସମାଜରେ ଲୋକମନୋବୃତ୍ତିର ମୂଳ ଆଧାର ରହିଥିଲା ।

ମଧ୍ୟଯୁଗରେ ଶିଶୁ ଓ କିଶୋର କିଶୋରୀମାନଙ୍କୁ ଯୁବକଯୁବତୀ ରୂପେ ବିଚାର କରାଗଲା । ଏ ଦୃଷ୍ଟିରୁ ଦୃଢ଼ ହସ୍ତରେ ସାମାଜୀକରଣର ପ୍ରକ୍ରିୟା ପ୍ରୟୋଗ କରି ଏମାନଙ୍କୁ ସମାଜର ଠିକ୍ ଧରଣର ଯୁବକ ଯୁବତୀ ରୂପେ ବିକଶିତ କରିବାର ଯୋଜନାକୁ ଉଚିତ୍ ମନେ କରାଗଲା । ଅବଶ୍ୟ ଫରାସୀ ଦାର୍ଶନିକ ରଷୋ କେତେକାଂଶରେ ଉଦାର ମନୋବୃତ୍ତିର ପକ୍ଷପାତୀ ଥିଲେ । ଅଷ୍ଟାଦଶ ଶତକରେ ରଷୋ ଶିଶୁ ଏବଂ କିଶୋର କିଶୋରୀମାନଙ୍କୁ ଯୁବକଯୁବତୀଠାରୁ ସମ୍ପୂର୍ଣ୍ଣ ପୃଥକ୍ ଗୋଷ୍ଠୀ ବୋଲି ବିଚାର କରୁଥିଲେ । କୈଶୋର ଅବସ୍ଥାରେ ବିଚାରଶୀଳତାର ଉନ୍ମେଷ ଓ ବିକାଶ ଘଟେ ବୋଲି ସେ ବିଶ୍ୱାସ କରୁଥିଲେ । ରଷୋ ଆଉ ମଧ୍ୟ ବିଶ୍ୱାସ କରୁଥିଲେ ଯେ କିଶୋର କିଶୋରୀମାନେ ଧୀରେ ଧୀରେ ଭାବଗତ ପରିପକ୍ୱତାର

Digitized by srujanika@gmail.com

ଅଧିକାରୀ ହୁଅନ୍ତି । ଆତ୍ମକେନ୍ଦ୍ରିକତା ହ୍ରାସ ପାଇ ସମ୍ବେଦନଶୀଳତାର ବିକାଶ ଘଟେ ବୋଲି ଗଷେ ବିଶ୍ୱାସ କରୁଥିଲେ । ଏ ଦୃଷ୍ଟିରୁ କିଶୋର କିଶୋରୀମାନଙ୍କର କୌତୂହଳପ୍ରବଣତାକୁ ବାଧା ନ ଦେଇ ଉତ୍ସାହିତ କରିବାର ପରାମର୍ଶ ସେ ଦେଇଥିଲେ ।

ଉନବିଂଶ ଶତକର ଶେଷ ପର୍ଯ୍ୟାୟ ଓ ବିଂଶ ଶତକର ଆରମ୍ଭବେଳକୁ କିଶୋରକାଳୀନ ମାନସିକତା ଓ ଅବସ୍ଥା ସବୁର ବିଜ୍ଞାନସମ୍ମତ ଅନୁଶୀଳନ ଆରମ୍ଭ ହେଲା । ୧୯୦୪ ମସିହାରେ ଜଣେ ପ୍ରଖ୍ୟାତ ମନୋବିଜ୍ଞାନୀ ଷ୍ଟାନ୍‌ଲୀ ହଲଙ୍କ ଦ୍ୱାରା ରଚିତ "କିଶୋରକାଳ" ପୁସ୍ତକକୁ ପ୍ରଥମ ବିଜ୍ଞାନସମ୍ମତ ଅନୁଧ୍ୟାନର ମର୍ଯ୍ୟାଦା ଦିଆଯାଏ । ଅବଶ୍ୟ ହଲ୍ କୈଶୋର ଜୀବନରେ ଯେଉଁ ଚିତ୍ର ଦେଇଥିଲେ ତାହା ମୁଖ୍ୟତଃ "ଝଡ଼ ଝଞ୍ଜାର ସମୟ" ରୂପେ ପରିଚିତ । କୈଶୋର ଜୀବନ ବହୁ ଦ୍ୱନ୍ଦର (CONFLICTS) ସମାରୋହ ଏବଂ ଘନ ଘନ ମିଜାଜସବୁର ପରିବର୍ତ୍ତନ ଦ୍ୱାରା ବିଶେଷଭାବେ ଆଲୋଡ଼ିତ ହେଉଥିବାର ପରିକଳ୍ପନା କରାଗଲା । ଏପରି ଦୃଷ୍ଟିକୋଣ ବେଶ୍ ସମୟ ବେଶି ଲୋକଙ୍କ ମଧ୍ୟରେ ତିଷ୍ଠି ରହିବା ଫଳରେ କୈଶୋର ପ୍ରତି ଏକ ପ୍ରକାର ନକାରାତ୍ମକ ମନୋବୃତ୍ତି ଗଠିତ ହେଲା । ଅନେକ ଲୋକ ସ୍ୱୀକାର କରିନେଲେ ଯେ କୈଶୋର ଜୀବନ ଏକ ଦୋଳାୟିତ ଜୀବନ । କିଶୋରକାଳୀନ ଚିନ୍ତା ଓ କାର୍ଯ୍ୟ ଦୁଇଟି ପରସ୍ପର ବିରୋଧୀ ଶକ୍ତି ମଧ୍ୟରେ ଗତିକରେ । ଛଳନା ଓ ନମ୍ରତା, ପ୍ରତାରଣା ଓ ମହତ୍ ଉଦ୍ଦେଶ୍ୟ ଏବଂ ଦୁଃଖ ଓ ସୁଖ ପରି ବିରୁଦ୍ଧ ଶକ୍ତି ମଧ୍ୟରେ ଜୀବନ ଗତିକରେ ।

ହଲ୍ ବହୁ ପରିମାଣରେ ଡାରଉଇନ୍‌ଙ୍କ ବିବର୍ତ୍ତନ ମତବାଦ ଦ୍ୱାରା ପ୍ରଭାବିତ ହୋଇଥିଲେ । ଏ ଦୃଷ୍ଟିରୁ ସେ ବିଶ୍ୱାସ କରୁଥିଲେ ଯେ ବଂଶାନୁକୃତି ବହୁ ପରିମାଣରେ ବିକାଶକୁ ରୂପ ଦିଏ । ବିଶେଷତଃ ଶୈଶବ ଓ ବାଲ୍ୟ କାଳରେ ପରିବେଶର ପ୍ରଭାବ ସୀମିତ ରହେ । ଅବଶ୍ୟ କିଶୋର ଅବସ୍ଥାରେ ପରିବେଶର ପ୍ରଭାବ ବୃଦ୍ଧିପାଏ ବୋଲି ହଲ୍ ମତପୋଷଣ କରୁଥିଲେ । ବଂଶାନୁଗତି ଓ ପରିବେଶ ମଧ୍ୟରେ ପାରସ୍ପରିକ କ୍ରିୟା ପ୍ରକ୍ରିୟା ହିଁ କିଶୋରକାଳୀନ ବିକାଶକୁ ନିର୍ଦ୍ଧାରଣ କରେ, ଏହା ତାଙ୍କର ଦୃଢ ମତ ରହିଥିଲା ।

ଅନ୍ୟ ଏକ ଦୃଷ୍ଟିରୁ ହଲ୍ ଗୋଥେଙ୍କ ପରି ଜର୍ମାନୀର କ୍ଲାସିକାଲ୍ ସାହିତ୍ୟିକମାନଙ୍କ ଦ୍ୱାରା ପ୍ରଭାବିତ ହେଲା ପରି ମନେହୁଏ । ଜର୍ମାନୀର ସାହିତ୍ୟିକମାନେ କୈଶୋରକୁ ଝଡ଼ ଝଞ୍ଜାର ସମୟ ରୂପେ ଚିତ୍ରଣ କରିଥିଲେ । ଏ ଧାରାର ଅନୁସରଣ କରି ହଲ୍ ମଧ୍ୟ କିଶୋର ସମୟକୁ ଝଡଝଞ୍ଜାର ସୋପାନ ରୂପେ ଚିତ୍ରଣ କଲେ । ବହୁବିଧ ଦ୍ୱନ୍ଦ ଏବଂ ମିଜାଜସବୁର ଦୋଳନ ଏ ସମୟର ମୁଖ୍ୟ ସୂଚକ ବୋଲି ହଲ ବିଚାର କଲେ । ବୈଜ୍ଞାନିକ ଅନୁଶୀଳନ ପରିପ୍ରେକ୍ଷୀରେ ହଲ୍ ଏକ ଅମ୍ଳାନ ପ୍ରତିଭାର ସ୍ୱୀକୃତି ଲାଭ କଲେ । ହଲ୍‌ଙ୍କ ଭାବଧାରାର ପରିପ୍ରେକ୍ଷୀ ମଧ୍ୟରେ କିଁଶୋରକାଳୀନ ବିକାଶକୁ ପୂରାପୂରି ଅବାଧ ଗତିରେ ଛାଡ଼ି ନ ଦେଇ କିଛିଟା ନିୟନ୍ତ୍ରଣ ଜାରୀ କରିବା ଉଚିତ ମନେକରାଗଲା । ଏ ଦୃଷ୍ଟିରୁ କୈଶୋର ପ୍ରତି ଦୃଷ୍ଟିଭଙ୍ଗୀ କେତେକାଂଶରେ ନକାରାତ୍ମକ ରହିଥିଲା ।

ବିଂଶଶତକର ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଗୋଟିଏ ଧାରା ମନୋବୃତ୍ତି ଗଠନକୁ ପ୍ରଭାବିତ କଲା । ବିଶିଷ୍ଟ ନୃତତ୍ତ୍ୱବିତ୍ ବେନେଡିକ୍ଟ ଓ ମାର୍ଗାରେଟ୍ ମିଡ୍ ସାମାଜିକ ସାଂସ୍କୃତିକ

Digitized by srujanika@gmail.com

ପ୍ରଭାବ ସମ୍ପର୍କରେ ଯୁକ୍ତି ଉପସ୍ଥାପନ କଲେ । ବ୍ୟକ୍ତିତ୍ୱ ଗଠନରେ ଜୈବିକ ଓ ବଂଶାନୁଗତି ତୁଳନାରେ ସାମାଜିକ ସାଂସ୍କୃତିକ ଉପାଦାନସବୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଯୁକ୍ତି କଲେ । ବିଶେଷତଃ ଦକ୍ଷିଣ ସାଗରର ସାମୋଆଦ୍ୱୀପର କିଶୋର କିଶୋରୀମାନଙ୍କର ବ୍ୟବହାରକୁ ପ୍ରାମାଣିକ ତଥ୍ୟରୂପେ ଉପସ୍ଥାପନ କରାଗଲା । ଏହି ଦ୍ୱୀପରେ କିଶୋର କିଶୋରୀମାନେ ଅବାଧ ମୁକ୍ତ ଜୀବନ ଯାପନ କରନ୍ତି । ସାମାଜିକ କଟକଣା ନ ଥାଏ । ଯୌନ ବ୍ୟବହାର କ୍ଷେତ୍ରରେ ମଧ୍ୟ କୌଣସି ଅଙ୍କୁଶ ନଥାଏ । ଏପରି ଏକ ପରିପ୍ରେକ୍ଷୀରେ କିଶୋର କିଶୋରୀମାନେ ସମସ୍ୟାବିହୀନ ଜୀବନ ଯାପନ କରନ୍ତି । ସେମାନେ ଆବଶ୍ୟକ ସ୍ଥଳେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମନ ଦିଅନ୍ତି । କୈଶୋର ସୋପାନରୁ ସ୍ୱଚ୍ଛନ୍ଦଭାବରେ ଯୌବନ ଅବସ୍ଥାକୁ ଗତି କରନ୍ତି । ମୋଟ ଉପରେ ଶରୀରଭିତ୍ତିକ ଓ ଜୀବତାତ୍ତ୍ୱିକ ଉପାଦାନସବୁକୁ ବିକାଶର ଏକମାତ୍ର ନିର୍ଦ୍ଧାରକ ବିଚାର ନ କରି ସାମାଜିକ-ସାଂସ୍କୃତିକ ପ୍ରଭାବସବୁକୁ ଉଚିତ୍ ସ୍ଥାନ ଦେବା ଯୁକ୍ତିଯୁକ୍ତ ବିଚାର କରାଗଲା ।

ବିଂଶଶତକର ଦ୍ୱିତୀୟ ଭାଗରେ ଅନ୍ୟ କେତୋଟି ପରିବର୍ତ୍ତନ କୈଶୋର ପ୍ରତି ମନୋବୃତ୍ତିର ରୂପରେଖ ବଦଳାଇ ଦେଇଛି । ଏଥିରୁ ଦୁଇଟି ପରିବର୍ତ୍ତନର ପ୍ରଭାବ ଖୁବ୍ ସ୍ପଷ୍ଟ । ପ୍ରଥମଟି ହେଉଛି ଔପଚାରିକ ଶିକ୍ଷାର ପରିପ୍ରସାର । ବିକାଶମୁଖୀ ଓ ବିକାଶଶୀଳ ଦେଶମାନଙ୍କରେ ଔପଚାରିକ ଶିକ୍ଷାଉପରେ ଖୁବ୍ ଗୁରୁତ୍ୱ ଦିଆଗଲା । ବିଶେଷତଃ କର୍ମସଂସ୍ଥାନ ପାଇଁ କୁଶଳୀ କର୍ମଚାରୀ ସୃଷ୍ଟି କରିବା ପାଇଁ ଉଚ୍ଚଶିକ୍ଷା ଓ ବିଶେଷ ଧରଣର ଶିକ୍ଷା ଉପରେ ପ୍ରାଧାନ୍ୟ ଦିଆଗଲା । ଏହା ଫଳରେ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାର ପରିସର ବୃଦ୍ଧିପାଇଲା ଏବଂ ଅଧିକରୁ ଅଧିକ ସଂଖ୍ୟକ କିଶୋର କିଶୋରୀ ଉଚ୍ଚତର ଶିକ୍ଷାର ଅଧିକାରୀ ହେଲେ ।

ଦ୍ୱିତୀୟ ପ୍ରଭାବଟି ହେଉଛି ନାରୀ ଆନ୍ଦୋଳନ । ବିଂଶ ଶତକର ସପ୍ତମ ଦଶକରୁ ଆରମ୍ଭ କରି ବିଭିନ୍ନ ଦେଶର ନାରୀମାନଙ୍କର ସଶକ୍ତିକରଣ ପ୍ରକ୍ରିୟା ଏକ ଭିନ୍ନ ମୋଡ଼ ନେଲା । ଶିକ୍ଷା, ନିଯୁକ୍ତି ଏବଂ କ୍ଷମତାଲାଭ କ୍ଷେତ୍ରରେ ଅବହେଳିତ ହୋଇ ରହିଥିବା ବାଳିକା ଓ କିଶୋରୀମାନଙ୍କୁ ଅଧିକ ସୁବିଧା ସୁଯୋଗ ଦେବା ପାଇଁ ବିଭିନ୍ନ ଦେଶରେ ଆନ୍ଦୋଳନ ହେଲା । ମନୋବିଜ୍ଞାନୀମାନେ ମଧ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲେ । ପୂର୍ବରୁ ବାଳିକା ଓ ନାରୀମାନଙ୍କ ବିରୁଦ୍ଧରେ କେତେକ ବଦ୍ଧମୂଳ ଧାରଣା (Stereotypes) ରହିଥିଲା । ବାଳକ ଓ ପୁରୁଷମାନଙ୍କର ବୁଦ୍ଧିମତ୍ତା ଓ ଗଣିତଜ୍ଞାନ ବାଳିକା ଓ ନାରୀମାନଙ୍କ ତୁଳନାରେ ଅଧିକ, ଏପରି ବଦ୍ଧମୂଳ ଧାରଣା ରହିଥିଲା । ମାତ୍ର ଉନ୍ନତ ଧରଣର ବୈଜ୍ଞାନିକ ଅନୁଶୀଳନ ଫଳରେ କେତେକ ଭ୍ରମ ଧାରଣାର ସଂଶୋଧନ ସମ୍ଭବ ହେଲା । ହଲିଙ୍ଗୱର୍ଥ ନାମକ ଜଣେ ମନୋବିଜ୍ଞାନୀ କିଶୋରୀମାନଙ୍କର ମାନସିକ ଦକ୍ଷତା ଓ ସମ୍ବଳସବୁ ଚିହ୍ନଟ କରିବାରେ ବିଶିଷ୍ଟ ଭୂମିକା ଗ୍ରହଣ କଲେ । ସ୍ଥୂଳତଃ ଶିକ୍ଷାଗତ ଯୋଗ୍ୟତା, ବୈଷୟିକ ଜ୍ଞାନର ପ୍ରସାର ଓ ନାରୀପ୍ରତିକୂଳ ଭ୍ରମଧାରଣାର ସଂଶୋଧନ କିଶୋର କିଶୋରୀମାନଙ୍କ ପ୍ରତି ନକାରାତ୍ମକ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନରେ ସହାୟକ ହେଲା ।

Digitized by srujanika@gmail.com

କୈଶୋର ସମ୍ପର୍କରେ ଜ୍ଞାନ ଚର୍ଚ୍ଚାର ପ୍ରଥମ ବୈଜ୍ଞାନିକ ରୂପେ ହଲ୍ ସମ୍ମାନିତ ହେଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କୈଶୋର ସମ୍ପର୍କରେ ନକାରାତ୍ମକ ଦୃଷ୍ଟିଭଙ୍ଗୀ ସମାଲୋଚନାର ସାମଗ୍ରୀ ହୋଇଛି । ଏହା ଅବଶ୍ୟ ସତ୍ୟ ଯେ କିଶୋର କିଶୋରୀମାନେ ଏକ ସ୍ୱତନ୍ତ୍ର ଧରଣର ଦ୍ୱନ୍ଦ୍ୱର ଶରବ୍ୟ ହୁଅନ୍ତି । ବିଶେଷତଃ ନିଜର ଆତ୍ମପରିଚିତି (Self-Identity)ର ସ୍ପଷ୍ଟତା ନେଇ ଦନ୍ଦ୍ୱସଂକୁଳ ଅବସ୍ଥା ମଧ୍ୟରେ ଗତି କରନ୍ତି । କେଉଁ ବ୍ୟକ୍ତିକୁ ନିଜ ଜୀବନର ଆଦର୍ଶ ନାୟକ (Role model) ରୂପେ ଗ୍ରହଣ କରିବେ, ତାହାର ସଠିକ୍ ନିଷ୍ପତ୍ତି ସହଜ ହୋଇ ନ ଥାଏ । ତଥାପି ଜୀବନର ଅନ୍ୟସବୁ ବିକାଶର ସୋପାନରେ(ଯଥା – ଶୈଶବ, ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟ) ଯେ ଦ୍ୱନ୍ଦ୍ୱ ନାହିଁ, ଏହା କୁହାଯାଇପାରିବ ନାହିଁ । ସୁତରାଂ କେବଳ କିଶୋର ଅବସ୍ଥାକୁ "ଝଡଝଞ୍ଜାର ସମୟ" ଆଖ୍ୟା ଦେବା ଯୁକ୍ତିଯୁକ୍ତ ନୁହେଁ । ଏହା ହେଉଛି ଅଧିକାଂଶ ସମସାମୟିକ ମନୋବିଜ୍ଞାନୀମାନଙ୍କର ମତ ।

ଏହା ସତ୍ତ୍ୱେ ବିଂଶ ଶତକର ଶେଷଭାଗରେ ଏବଂ ଏକବିଂଶ ଶତକରେ ମଧ୍ୟ ଯୁବପିଢ଼ି ପ୍ରତି ନକାରାତ୍ମକ ଦୃଷ୍ଟିଭଙ୍ଗୀ ପରିଲକ୍ଷିତ ହୁଏ । କିଶୋର କିଶୋରୀମାନଙ୍କୁ ସ୍ୱାର୍ଥପର, ନୀତିବିବର୍ଜ୍ଜିତ ଏବଂ ଅହଂକେନ୍ଦ୍ରୀ ବ୍ୟକ୍ତିତ୍ୱର ଛାପ ଦିଆଯାଏ । ଏପରି ମନୋବୃତ୍ତି ମୂଳରେ ଗତାନୁଗତିକ ବଦ୍ଧମୂଳ ଧାରଣା (Stereotypes) ସକ୍ରିୟ, ଏହା ହୁଏତ ଅନେକ ସ୍ୱୀକାର କରିବେ । କିନ୍ତୁ ଏହା ବ୍ୟତୀତ ଆଉ ଗୋଟିଏ ଉପାଦାନ ସୂକ୍ଷ୍ମଭାବରେ ସକ୍ରିୟ ରହିଛି । ତାହା ହେଉଛି ପିଢ଼ି ବ୍ୟବଧାନ (Adolescent generation gap) । ଏଠାରେ ଦୁଇଟି ପିଢ଼ି ମଧ୍ୟରେ ଥିବା ବ୍ୟବଧାନର କଥା କୁହାଯାଇପାରେ । ମାତ୍ର ଗୋଟିଏ ପିଢ଼ିରେ ମଧ୍ୟ ବ୍ୟବଧାନ ସୃଷ୍ଟି ହୁଏ । ରୁଚିହୀନ ପୋଷାକ ପିନ୍ଧିଥିବା, ଅଶାଳୀନ ବ୍ୟବହାର ଦର୍ଶାଉଥିବା ଏବଂ ଦୁଷ୍କାର୍ଯ୍ୟ କରୁଥିବା ଯୁବଗୋଷ୍ଠୀ ସହଜରେ ଆମର ଦୃଷ୍ଟି ଆକର୍ଷଣ କରନ୍ତି । ଏମାନଙ୍କର ଜବରଦସ୍ତ ଦୃଷ୍ଟିବଦ୍ଧତା (Visibility) ଫଳରେ ଆମେ ଅବାଂଛିତ ପ୍ରକୃତିସବୁକୁ ସମଗ୍ର ଯୁବଗୋଷ୍ଠୀ ପ୍ରତି ଆରୋପଣ କରିଥାଉ । ସୁତରାଂ ମନୋବୃତ୍ତି ପ୍ରତିକୂଳ ହୋଇଥାଏ । କିଶୋର କିଶୋରୀମାନଙ୍କ ନିଜସ୍ୱ ଭାବମୂର୍ତ୍ତି ମଧ୍ୟ ନକାରାତ୍ମକ ହୋଇଥାଏ ।

ମାତ୍ର ମନୋବୃତ୍ତି କ୍ରମଶଃ ପରିବର୍ତ୍ତିତ ହେଉଛି । ଖୁବ୍ ନିକଟ ଅତୀତରେ ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା, ବାଙ୍ଗ୍ଲାଦେଶ, ହଙ୍ଗେରୀ, ଇସ୍ରାଏଲ୍, ଜାପାନ୍, ତାଇୱାନ୍, ତୁର୍କୀ ଓ ଜର୍ମାନୀର ଯୁବ ସମ୍ପ୍ରଦାୟଙ୍କ ସମ୍ପର୍କରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଏ ଯେ ଅନ୍ତତଃ ୭୩ ପ୍ରତିଶତ କିଶୋର କିଶୋରୀମାନଙ୍କ ନିଜ ସମ୍ପର୍କରେ ସକାରାତ୍ମକ ଦୃଷ୍ଟିଭଙ୍ଗୀ ରହିଛି । ଏମାନେ ଭବିଷ୍ୟତ ସମ୍ପର୍କରେ ଆଶାବାଦୀ, ଆତ୍ମବିଶ୍ୱାସରେ ଗଭୀର ଏବଂ ବହୁ ସମୟରେ ସୁଖାନୁଭୂତିର ଅଧିକାରୀ । ଏମାନଙ୍କର ପରିବାର ପ୍ରତି ଆନୁଗତ୍ୟ ରହିଛି, ଶିକ୍ଷାନୁଷ୍ଠାନ ଓ କର୍ମସଂସ୍ଥା ପ୍ରତି ଅନୁରକ୍ତି ରହିଛି ଏବଂ ଜୀବନର ଆହ୍ୱାନଗୁଡିକର ମୁକାବିଲା କରିବାର ଆତ୍ମବିଶ୍ୱାସ ରହିଛି । ପରିବର୍ତ୍ତିତ ବିଶ୍ୱରେ କିଶୋର କିଶୋରୀମାନଙ୍କ ପ୍ରତି ଆମର ସମ୍ବେଦନଶୀଳ ମନୋବୃତ୍ତି ଏବଂ ସେମାନଙ୍କର ନିଜସ୍ୱ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଏକ ଶୁଭ ସଂକେତର ପରିଚାୟକ ।

❑

Digitized by srujanika@gmail.com

କୈଶୋର କେବେ ଆରମ୍ଭ, କେବେ ଶେଷ ?

କିଶୋରକାଳୀନ ବିକାଶ ସମ୍ପର୍କରେ ଚର୍ଚ୍ଚା କରିବା ସମୟରେ ପ୍ରଥମ ପ୍ରଶ୍ନଟି ଉଠିବ: କୈଶୋର କେବେ ଆରମ୍ଭ ହୁଏ ଏବଂ କେବେ ଶେଷ ହୁଏ ? ଅନେକ ଲୋକ ମନେ କରନ୍ତି ଏ ପ୍ରଶ୍ନଟିର ଉତ୍ତର ଖୁବ୍ ସହଜ । ପ୍ରକୃତରେ କିନ୍ତୁ ଏହା ସତ ନୁହେଁ । ଏ ପ୍ରଶ୍ନଟିର ଉତ୍ତର ଖୁବ୍ ସହଜ ନୁହେଁ । ବିସ୍ତୃତାର ସହିତ ଉତ୍ତର ଦେବାକୁ ହେଲେ କୁହାଯିବ ଯେ, **ଜୀବତାତ୍ତ୍ୱିକ** *(Biologically) ବା ଶାରୀରିକ ଭିତ୍ତିରେ ଏହାର ଆରମ୍ଭ ଏବଂ ସାଂସ୍କୃତିକ ଭିତ୍ତିରେ ଏହାର ଶେଷ ହୁଏ* । ଏହି ପରିଚ୍ଛେଦଟିର ଅଧ୍ୟୟନ ଶେଷ କରିବା ପରେ ଏହି ଉକ୍ତିର ସାରମର୍ମ ବୁଝିହେବ । ତେବେ ବର୍ତ୍ତମାନ ପାଇଁ ମୋଟାମୋଟି ଭାବରେ କୁହାଯାଇପାରେ ଯେ ଜନ୍ମଗତ ବୟସ ସୀମାରେଖା ଅନୁଯାୟୀ କୈଶୋରର ଆରମ୍ଭକୁ ସୂଚିତ କରାଯାଇପାରିଲେ ମଧ୍ୟ ଏହାର ଶେଷସୀମା ନିର୍ଦ୍ଧାରଣ ପାଇଁ ସାଂସ୍କୃତିକ ସାମାଜିକ ପରିପ୍ରେକ୍ଷୀର ବିଚାର କରିବାକୁ ହେବ ।

ସାଧାରଣ ଭାବରେ ଜୀବନ ବିକାଶର ପର୍ଯ୍ୟାୟସବୁକୁ ନିମ୍ନଲିଖିତ ମତେ ସୂଚିତ କରାଯାଇପାରେ । ଲକ୍ଷ୍ୟ କରିବାର କଥା ଯେ କିଶୋରକାଳର ଆରମ୍ଭ ୧୧ ବର୍ଷରୁ ହୋଇଥାଏ ବୋଲି ଏହି ବାକ୍ସରେ ସୂଚିତ କରାଯାଇଛି ।

ବିକାଶର ସୋପାନ	ବୟସ ସୀମା
ପ୍ରସବପୂର୍ବ ବିକାଶ	ଗର୍ଭସଞ୍ଚରଣଠାରୁ ଜନ୍ମ ପର୍ଯ୍ୟନ୍ତ
ଶୈଶବ	ଜନ୍ମରୁ ଦୁଇବର୍ଷ
ପ୍ରାକ୍ ବାଲ୍ୟକାଳ	ଦୁଇରୁ ଛ' ବର୍ଷ
ମଧ୍ୟ ବାଲ୍ୟକାଳ	୬ ରୁ ୧୧ ବର୍ଷ
କୈଶୋର	୧୧ ରୁ ୧୯ ବର୍ଷ
ପ୍ରାକ୍ ଯୌବନ	୧୯ ରୁ ୩୫ ବର୍ଷ
ମଧ୍ୟ ଯୌବନ	୩୫ ରୁ ୬୫ ବର୍ଷ
ବାର୍ଦ୍ଧକ୍ୟ	୬୫ ବର୍ଷରୁ ଊର୍ଦ୍ଧ୍ୱ

ଏ ପ୍ରସଙ୍ଗରେ ଏହାର ଯୁକ୍ତିଯୁକ୍ତତା ସମ୍ପର୍କରେ ପ୍ରଶ୍ନ ଉଠିପାରେ । ପ୍ରକୃତରେ କିଶୋରକାଳର ଆରମ୍ଭର ପ୍ରଥମ ସୂଚକ ହେଉଛି ଜୀବତାତ୍ତ୍ୱିକ ସଂକେତ । **ଯୌନଗତ ପରିପକ୍ୱତା** (*Sexual Maturation*) ଏବଂ ଏହାର ବାହ୍ୟିକ ପରିପ୍ରକାଶ ଏ ଧରଣର

Digitized by srujanika@gmail.com

ଶରୀରଭିତ୍ତିକ ସଂକେତ । ବିଶେଷତଃ ବାଳିକାମାନେ ଏହି ବୟସରେଖାରେ ମାତୃତ୍ୱ ସାମର୍ଥ୍ୟର ଅଧିକାରୀ ହୁଅନ୍ତି । ଏହି ପରିପକ୍ୱନ ପ୍ରକ୍ରିୟା ପ୍ରାୟ ଚାରି ବର୍ଷ ଲାଗେ ଏବଂ ବାଳକମାନଙ୍କ ତୁଳନାରେ ବାଳିକାମାନଙ୍କ କ୍ଷେତ୍ରରେ ଦୁଇବର୍ଷ ପୂର୍ବରୁ ଏହା ଆରମ୍ଭ ହୁଏ । ବିକାଶଶୀଳ ଓ ବିକାଶମୁଖୀ ଦେଶମାନଙ୍କରେ କିଶୋରକାଳୀନ ଶାରୀରିକ ପରିବର୍ତ୍ତନ ୯/୧୦ ବର୍ଷ ବୟସରୁ ଆରମ୍ଭ ହୋଇ ୧୩/୧୪ ବର୍ଷ ବେଳକୁ ପରିପକ୍ୱତାର ସ୍ତରରେ ପହଞ୍ଚି ଥାଏ । ଅନ୍ୟ ପକ୍ଷର ବାଳକମାନଙ୍କ କ୍ଷେତ୍ରରେ ଯୌନ ପରିପକ୍ୱନ ପ୍ରକ୍ରିୟା ୯ ବର୍ଷରୁ ୧୬ ବର୍ଷ ମଧ୍ୟରେ ଆରମ୍ଭ ହୁଏ ଏବଂ ୧୧ ରୁ ୧୮ ବର୍ଷ ମଧ୍ୟରେ ପରିପକ୍ୱତା ସୋପାନରେ ପହଞ୍ଚେ ।

ବାଲ୍ୟ ଜୀବନରୁ କୈଶୋର ଜୀବନକୁ ପ୍ରବେଶ କରିବାର ଏହି ସମୟକୁ କେତେକ ସଂସ୍କୃତିରେ ଉତ୍ସବର ରୂପ ଦିଆଯାଇଛି । ବିଶେଷତଃ ବାଳିକାମାନଙ୍କର ଯୌବନର ପରିପକ୍ୱନ ଏବଂ ମାତୃତ୍ୱସାମର୍ଥ୍ୟ ଲାଭର ସମୟକୁ କେତେକ ପ୍ରାଚୀନ ସଂସ୍କୃତିରେ ଉତ୍ସବମୁଖର କରିବାର ପ୍ରଯତ୍ନ କରାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ବସବାସ କରୁଥିବା ଆପାଚେ (Apache) ଲୋହିତ ଭାରତୀୟମାନେ ବାଳିକାମାନେ କିଶୋରୀ ହେବା (ମାତୃତ୍ୱସାମର୍ଥ୍ୟ ଲାଭ କରିବାର ପ୍ରଥମ ଶରୀରଭିତ୍ତିକ ସଂକେତ) ଜାଣିବା ମାତ୍ରେ ଉତ୍ସବ ଆରମ୍ଭ କରନ୍ତି । ବାଳିକା ବୟସରେ ବଡ଼ ହୋଇଥିବା ଅନ୍ୟମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୀତ ଗାଇବା ଆରମ୍ଭ କରନ୍ତି । କିଶୋରୀଙ୍କୁ ନୂତନ ବସ୍ତ୍ର ଦିଆଯାଏ । ସ୍ୱତନ୍ତ୍ର ଧରଣର କମ୍ବଳ ଦିଆଯାଏ । ଏ ଉତ୍ସବ ଚାରିଦିନ ଲାଗିରହେ । ଇହୁଦୀମାନବ ଗୋଷ୍ଠୀରେ ମଧ୍ୟ ବାଳକ ବାଳିକାମାନେ ୧୩ ବର୍ଷରେ ପଦାର୍ପଣ କଲେ ସେମାନଙ୍କୁ ସ୍ୱତନ୍ତ୍ର ଧରଣର ଖାଦ୍ୟପେୟ ଦେଇ ଉତ୍ସବ ପାଳନ କରାଯାଏ ।

ବୟସ ପ୍ରବେଶର ଏହି ପ୍ରଥା ଅଳ୍ପ ବହୁତେ ବହୁ ପ୍ରାଚୀନ ଆଦିମ ଗୋଷ୍ଠୀମାନଙ୍କରେ ତିଷ୍ଠି ରହିଛି । ଏପରି ମୁହୂର୍ତ୍ତରେ ଆଶୀର୍ବାଦ ଲାଭ କରିବା, ପରିବାରଠାରୁ କିଛିଟା ସ୍ୱାଧୀନତା ଲାଭ କରିବା, କାନ ଫୋଡାଇବା, ଚିତା କୁଟାଇବା ଏବଂ ଏହିପରି କାର୍ଯ୍ୟକ୍ରମ ମଧ୍ୟରେ କୈଶୋରର ପ୍ରବେଶକୁ ସାମାଜିକ ସ୍ୱୀକୃତି ଦେବାର ବିଧି ଓ ପରମ୍ପରା ରହିଛି । ଆଧୁନିକ ଜଗତରେ ଶିକ୍ଷାୟନ ଫଳରେ ଏପରି ପ୍ରାଚୀନ ପରମ୍ପରା କ୍ରମଶଃ ବିଲୁପ୍ତ ହେବାରେ ଲାଗିଛି । ତଥାପି ଅଳ୍ପ କେତେକ ଗୋଷ୍ଠୀରେ ଏସବୁ ତିଷ୍ଠି ରହିଛି ।

ଯୌନ ପରିପକ୍ୱନ (Sexual Maturation) ବ୍ୟତୀତ ଅନ୍ୟ ଗୋଟିଏ ଦୃଷ୍ଟିକୋଣରୁ କୈଶୋର ସମୟର ଆରମ୍ଭକୁ ଜୀବଭିତ୍ତିକ ସୀମାରେଖା କହିବାର ତାତ୍ପର୍ଯ୍ୟ ରହିଛି । ତାହା ହେଉଛି ମସ୍ତିଷ୍କଗତ ପରିପକ୍ୱତା । ବିକାଶ ସମ୍ପର୍କରେ ଯେଉଁ ସମସ୍ତ ତାତ୍ତ୍ୱିକ ଚିନ୍ତାଧାରା ବୈଜ୍ଞାନିକ ସ୍ୱୀକୃତି ଲାଭ କରିଛି, ସେଥି ମଧ୍ୟରେ ସୁଇଜରଲାଣ୍ଡର ବିଶ୍ୱବିଖ୍ୟାତ ମନୋବିଜ୍ଞାନୀ ଜାଁ ପିଆଜେଙ୍କ ମତବାଦ ଅନ୍ୟତମ । ପରବର୍ତ୍ତୀ ପର୍ଯ୍ୟାୟର ଏହି ମତବାଦର ବିସ୍ତୃତ ଆଲୋଚନା କରାଯିବ । ତଥାପି ବର୍ତ୍ତମାନ କୁହାଯାଇପାରେ ଯେ ପିଆଜେ ମନସ୍ତାତ୍ତ୍ୱିକ ବିକାଶ ଧାରାର

Digitized by srujanika@gmail.com

ଚାରୋଟି ସୋପାନ ଚିହ୍ନଟ କରିଛନ୍ତି । ଜନ୍ମରୁ ଦୁଇବର୍ଷ ପର୍ଯ୍ୟନ୍ତ ସଂଘଟିତ ବିକାଶକୁ ଇନ୍ଦ୍ରିୟ କାରକ (Sensori-Motor) ସୋପାନ କୁହାଯିବା ସ୍ଥଳେ ଦୁଇବର୍ଷରୁ ସାତବର୍ଷ ପର୍ଯ୍ୟନ୍ତ ବିକାଶଧାରାକୁ ପ୍ରାକ୍‌କ୍ରିୟାତ୍ମକ(Pre-operational) ଏବଂ ସାତବର୍ଷରୁ ଏଗାର ବର୍ଷ ପର୍ଯ୍ୟନ୍ତ ଘଟିଯାଉଥିବା ବିକାଶକୁ ବସ୍ତୁଗତ କ୍ରିୟାତ୍ମକ (Concrete operational) ସୋପାନ କୁହାଯାଏ । ଚତୁର୍ଥ ଓ ଶେଷ ସ୍ତରରେ ଭାବନାଗତ (Formal operational) ସୋପାନ କୁହାଯାଏ ଏବଂ ଏହା ୧୧/୧୨ ବର୍ଷ ବୟସରୁ ଆରମ୍ଭ ହୋଇ ଅଧିକରୁ ଅଧିକ ଅଗ୍ରସର ହୁଏ ।

ଏହି ସୋପାନଟିକୁ ଭାବନାଗତ ସୋପାନ କହିବାର ଏକ ବିଶେଷ ତାତ୍ପର୍ଯ୍ୟ ରହିଛି । ପିଆଜେଙ୍କ ଗବେଷଣା ଅନୁଯାୟୀ ଏହି ସମୟଠାରୁ ବିମୂର୍ତ୍ତ (Abstract) ଚିନ୍ତାଧାରାର ସ୍ପଷ୍ଟ ପରିଚୟ ମିଳେ । ପୂର୍ବରୁ ପିଲାମାନେ କେବଳ ଦୃଶ୍ୟମାନ ଜଗତର ବସ୍ତୁସବୁ ସହିତ କାରବାର କରୁଥିଲେ । ମାତ୍ର ଏଗାର ବର୍ଷ ବେଳକୁ ପୂରାପୂରି ମାନସିକ ସ୍ତର ଏବଂ କଳ୍ପନା ଜଗତର ଉପାଦାନସବୁ କାରବାର କରି ସମସ୍ୟା ସମାଧାନର କୌଶଳ ପ୍ରଦର୍ଶନ କରନ୍ତି । ଏହି ବୟସରେ ମସ୍ତିଷ୍କ (ବିଶେଷ କରି ନିଷ୍ପତ୍ତି ଗ୍ରହଣ ସହିତ ସମ୍ପୃକ୍ତ ଥିବା ଅଗ୍ର ମସ୍ତିଷ୍କ ବା Prefrontal Cortex ପରିପକ୍ୱତା ଦୃଷ୍ଟିରୁ ଆଉ ଗୋଟିଏ ପାଦ ଆଗେଇ ଯାଏ । ବିକାଶ କ୍ଷେତ୍ରରେ ପୂର୍ବର ବାଲ୍ୟକାଳୀନ ସୋପାନର ନିରବଚ୍ଛିନ୍ନତା ଭଙ୍ଗକରି ନୂତନ ପର୍ଯ୍ୟାୟ ଆରମ୍ଭର ସୂଚନା ଏ ବୟସରେ ମିଳିଥାଏ । ସୁତରାଂ ୧୧/୧୨ ବର୍ଷକୁ କିଶୋରକାଳ ଆରମ୍ଭ ସମୟର ସୀମାରେଖା ଗ୍ରହଣ କରିବା ଯୁକ୍ତିଯୁକ୍ତ ମନେହୁଏ ।

ଅବଶ୍ୟ ମୋଟାମୋଟି ଭାବରେ କୈଶୋର କାଳର ଆରମ୍ଭ ସମୟ ସମ୍ପର୍କରେ ଅପେକ୍ଷାକୃତ ସହମତି ଥିଲେ ମଧ୍ୟ ଏହାର ଯେ ବ୍ୟତିକ୍ରମ ନାହିଁ, ସେ କଥା କୁହାଯିବ ନାହିଁ । ଗୋଟିଏ ସମାଜର ବିଭିନ୍ନ ପିଢ଼ିର ଲୋକମାନଙ୍କୁ ଲକ୍ଷ୍ୟ କରି ଦେଖାଯାଇଛି ଯେ ଜୀବନ ଧାରଣର (Standard of Living) ମାନ ଉନ୍ନତ ହେବା ଫଳରେ ପିଲାମାନେ ଅଧିକରୁ ଅଧିକ ସ୍ୱାସ୍ଥ୍ୟବାନ୍ ହୋଇଛନ୍ତି, ବେଶିପରିମାଣର ପୁଷ୍ଟିକର ଖାଦ୍ୟ ପାଇଛନ୍ତି ଏବଂ ସେମାନଙ୍କର ଆକାର ମଧ୍ୟ ବୃଦ୍ଧି ପାଇଛି । ଏହା ଫଳରେ ଯୁକ୍ତରାଷ୍ଟ୍ର ଆମେରିକା, ପଶ୍ଚିମ ଇଉରୋପୀୟ ଦେଶସମୂହ ଓ ଜାପାନ୍ ପରି ଉନ୍ନତ ଦେଶମାନଙ୍କରେ କୈଶୋର ଆରମ୍ଭର ବୟସସୀମା (ମାତୃତ୍ୱ ସାମର୍ଥ୍ୟ ଲାଭର ବୟସ) କମିଯାଇଛି । ବିଶେଷଜ୍ଞମାନଙ୍କ ମତରେ ଏପରି କମିଯିବାର ପ୍ରବଣତା (Trend) ଶହେବର୍ଷ ତଳେ ଆରମ୍ଭ ହୋଇଥିଲା । ଧୀରେ ଧୀରେ ଏହା କମିଯାଇ ବର୍ତ୍ତମାନ ଯେଉଁ ସ୍ତରରେ ପହଞ୍ଚିଛି, ତାହା ଆଉ କମିବ ନାହିଁ ଏବଂ ପ୍ରାୟ ଅପରିବର୍ତ୍ତିତ ରହିବ ବୋଲି ବିଶ୍ୱାସ କରାଯାଏ । ଅନ୍ୟ ପକ୍ଷରେ ଅନୁନ୍ନତ ଦେଶମାନଙ୍କର ଯୌନ ପରିପକ୍ୱତା ଡେରିରେ ଆସିଥାଏ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ, ଯୁକ୍ତରାଷ୍ଟ୍ର ଆମେରିକାରେ ବାଳିକାମାନଙ୍କ ମାତୃତ୍ୱଲାଭ ସାମର୍ଥ୍ୟର ହାରାହାରି ବୟସ ୧୨.୫ ବର୍ଷ ହେବା ସ୍ଥଳେ ଅନୁନ୍ନତ ନୂଆ ଗିନିରେ କିଶୋରୀମାନେ ୧୫.୪ ରୁ ୧୮.୪ ବର୍ଷ ବୟସ ମଧ୍ୟରେ ଏପରି ସାମର୍ଥ୍ୟ

Digitized by srujanika@gmail.com

ହାସଲ କରନ୍ତି । ସୁତରାଂ ଦାରିଦ୍ର୍ୟ ସହିତ କୈଶୋରକାଳର ଅବଧି ସମ୍ପୃକ୍ତ ବୋଲି କହିବାକୁ ହେବ ।

ଉପର ଆଲୋଚନା ଅନୁଯାୟୀ କୈଶୋର କାଳର ଆରମ୍ଭ ସମୟ ନେଇ ଦେଶ ଦେଶ ମଧ୍ୟରେ କିଛିଟା ତାରତମ୍ୟ ଥିଲେ ମଧ୍ୟ ଘଟଣା (ଋତୁସ୍ରାବ) ଦୃଷ୍ଟିରୁ ଆରମ୍ଭ ସମୟର ଶରୀରଭିତ୍ତିକ ସମୟସ୍ୱୀକୃତି ରହିଛି । ମାତ୍ର କୈଶୋର ଶେଷ ହୋଇ ବ୍ୟକ୍ତି କେଉଁ ସମୟରେ ଯୌବନରେ ପଦାର୍ପଣ କରେ ସେ କ୍ଷେତ୍ରରେ ମତାନୈକ୍ୟ ରହିଛି । ପିତାମାତାଙ୍କ ଅନୁମତି ନ ନେଇ ବିବାହ କରିବାର ସ୍ୱାଧୀନତାକୁ କେତେକ ଯୌବନର ଅୟମାରମ୍ଭ ମନେକରି ପାରନ୍ତି । ଅନ୍ୟମାନେ ଭୋଟ୍ ଦେବାର ବୟସକୁ ଯୌବନର ଆରମ୍ଭ ସମୟ ବିଚାର କରନ୍ତି । ପୁଣି ଅନ୍ୟମାନେ ଗାଡି ଚଳାଇବାର ସରକାରୀ ଅନୁମତିପତ୍ର ପାଇବାର ବୟସକୁ ଏପରି ସମୟସୀମାର ମର୍ଯ୍ୟାଦା ଦିଅନ୍ତି । ଆର୍ଥିକ ସ୍ତରରେ ନିଜର ଦାୟିତ୍ୱନେବା, ବିବାହ କରିବା, ଗାଡି ଚଳାଇବା, ସ୍ୱାଧୀନ ଭାବରେ ବୃତ୍ତି ଗ୍ରହଣ କରିବା ଏବଂ ବିଧିବଦ୍ଧ ଭାବରେ ଆଇନସମ୍ପର୍କିତ ଚୁକ୍ତିପତ୍ର ସ୍ୱାକ୍ଷର କରିବାର ବୟସକୁ ଆଦ୍ୟ ଯୌବନର ଆରମ୍ଭ କାଳ ବିଚାର କରାଯାଇପାରେ । ବିଭିନ୍ନ ସମାଜ ଓ ସଂସ୍କୃତିରେ ଏସବୁ ବୟସର ସୀମାରେଖା ଭିନ୍ନ ହେଉଥିବାରୁ କୈଶୋର କାଳର ଶେଷ(ଅଥବା ଯୌବନର ଆରମ୍ଭ) ବହୁଭାବରେ ସଂସ୍କୃତି ନିର୍ଦ୍ଧାରିତ ବୋଲି କହିବାକୁ ହେବ ।

ଭାରତରେ ମଧ୍ୟ ସଂଜ୍ଞାର ନିର୍ଦ୍ଦିଷ୍ଟତା ନାହିଁ, ବର୍ତ୍ତମାନର ଆଇନ ଅନୁଯାୟୀ ୧୮ ବର୍ଷ ବୟସରେ ବାଳିକା ନିଜ ଇଚ୍ଛାନୁସାରେ ବିବାହ କରିପାରିବ, ୧୬ ବର୍ଷ ବୟସରେ ଯୌନକ୍ରିୟା ପାଇଁ ନିଜର ସମ୍ମତି ପ୍ରଦାନ କରିପାରିବ । ବିପଦ ଥିବା କାର୍ଯ୍ୟରେ ବୃତ୍ତି ଗ୍ରହଣ ପାଇଁ ବୟସ ସୀମା ବାଳକ ବାଳିକା ପାଇଁ ୧୪ ବର୍ଷ ଧାର୍ଯ୍ୟ କରାଯାଇଛି । ଆଇନଗତ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ବାଳକ ପାଇଁ ୧୬ ବର୍ଷ ଏବଂ ବାଳିକା ପାଇଁ ୧୮ ବର୍ଷ ଧାର୍ଯ୍ୟ କରାଯାଇଛି । ଅବଶ୍ୟ ଖୁବ୍ ନିକଟରେ ବୟସ ସୀମା ସୁପାରିଶ କରିବା ପାଇଁ ଶିଶୁ ଅଧିକାର ଜାତୀୟ ପରିଷଦ ଏକ କମିଟି ଗଠନ କରିଛନ୍ତି । (ଟାଇମସ୍ ଅଫ୍ ଇଣ୍ଡିଆ, ୨୦୦୮, ଜାନୁଆରୀ ୧୫ ତାରିଖ, ପୃଷ୍ଠା-୭) ।

ବାକ୍ସ: ଭିନ୍ନ ସଂସ୍କୃତି, ଭିନ୍ନ ରୀତି

କୈଶୋର ପ୍ରବେଶ

କୈଶୋରରେ ପଦାର୍ପଣ କରିବାର ମୁହୂର୍ତ୍ତ କେବଳ ଏକ ଶରୀରଭିତ୍ତିକ ଅନୁଭବ ନୁହେଁ । କେତେକ ସମାଜରେ ଏହା ଏକ ସାଂସ୍କୃତିକ ଚେତନା । ଆମେରିକାର ଦକ୍ଷିଣ ପଶ୍ଚିମାଂଶରେ ବସବାସ କରୁଥିବା ଆପାଚେ ଲୋହିତ ଭାରତୀୟ ଗୋଷ୍ଠୀର ବାଳିକାମାନଙ୍କ ପାଇଁ ଏହା ଏକ ବିଚିତ୍ର ଅନୁଭବ ।

Digitized by srujanika@gmail.com

ଏହି ଗୋଷ୍ଠୀର କିଶୋରୀର ମାତୃତ୍ୱ ସାମର୍ଥ୍ୟ ଲାଭର ସୂଚନା ମିଳିବା ସଙ୍ଗେ ସଙ୍ଗେ ଚାରିଦିନ ବ୍ୟାପୀ ଉତ୍ସବ ପାଳନ କରାଯାଏ । ଏହି ଚାରିଦିନ ବ୍ୟାପୀ ଉତ୍ସବରେ କିଶୋରୀଟିକୁ ସ୍ୱତନ୍ତ୍ର ଧରଣର ପୋଷାକ ଦିଆଯାଏ ଏବଂ ଗୋଟିଏ ପ୍ରତୀକଧର୍ମୀ କମ୍ବଳ ଦିଆଯାଏ । ଅନ୍ୟମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୀତ ଗାଆନ୍ତି ।

ଆପାଚେ ଲୋହିତ ଭାରତୀୟମାନେ ବିଶ୍ୱାସ କରନ୍ତି ଯେ ପୃଥିବୀର ଆଦିମାତା ହେଉଛନ୍ତି ''ପରିବର୍ତ୍ତନ ନାରୀ'' । ସେ ଦୁଇଟି ଯମଜ ସନ୍ତାନଙ୍କର ଜନନୀ ଥିଲେ । ସମଗ୍ର ପୃଥିବୀରେ ମନୁଷ୍ୟମାନେ ସୁଖଶାନ୍ତି ଜୀବନ ଯାପନ କରିବାର ପରିବେଶ ସୃଷ୍ଟି କରିବାକୁ ସେ ପୃଥିବୀରୁ ସବୁ ଦୁଷ୍କୃତିରୁ ମୂଳୋତ୍ପାଟନ କଲେ । ଗୀତ ଗାଇବା ମାଧ୍ୟମରେ ଅଧିବାସୀମାନେ ଏହି ଆଦିମାତାଙ୍କୁ ପ୍ରାର୍ଥନା କରନ୍ତି ଏବଂ କିଶୋରୀତ୍ୱ ଲାଭ କରିଥିବା ବାଳିକାଟିକୁ ଆଶୀର୍ବାଦ କରିବାକୁ ପ୍ରାର୍ଥନା କରନ୍ତି । ଏହି କିଶୋରୀଟି ଯେପରି ଭବିଷ୍ୟତରେ ସଫଳ ମାତୃତ୍ୱର ଅଧିକାରୀ ହେବ, ସେଥିପାଇଁ ପ୍ରାର୍ଥନା କରନ୍ତି । କିଶୋରୀଟିର ସୁଖ, ସମୃଦ୍ଧି ଓ ମାନସିକ ସ୍ୱାସ୍ଥ୍ୟ ଲାଗି ଏହି ଦେବୀଙ୍କୁ ଆରାଧନା କରନ୍ତି । ପୁରୁଷମାନେ ମଧ୍ୟ ଗୀତ ଗାଆନ୍ତି । କିଶୋରୀର ଦୀର୍ଘଜୀବନ କାମନା କରାଯାଏ । ତାକୁ ଗୋଟିଏ ବେତ ଧରିବାକୁ ଦିଆଯାଏ । ବୃଦ୍ଧାବସ୍ଥାରେ ଏ ବେତଟି ତାହାର ସହାୟକ ହେବ, ଏପରି ଏକ ସାହାଯ୍ୟ ସହଯୋଗରେ ଆଶ୍ୱାସନା ପ୍ରତୀକରୂପରେ ଦିଆଯାଏ । କିଶୋରୀ ସୂର୍ଯ୍ୟ ପ୍ରାର୍ଥନା ମଧ୍ୟ କରିଥାଏ । ସ୍ଥୂଳତଃ ଉତ୍ସବ ମାଧ୍ୟମରେ କିଶୋରୀଟିର ସୁଖ ଓ ସମୃଦ୍ଧିର ପ୍ରତ୍ୟାଶା ପ୍ରକାଶ୍ୟ ରୂପ ନିଏ ।

□

Digitized by srujanika@gmail.com

କିଶୋର ସଂସ୍କୃତି :
କେତେ ଜାଗତିକ, କେତେ ଆଞ୍ଚଳିକ ?

ଜଗତୀକରଣ ବିଧିବଦ୍ଧ ଭାବରେ କାର୍ଯ୍ୟକାରୀ ହେବା ପୂର୍ବରୁ ସମଗ୍ର ବିଶ୍ୱରେ କିଶୋର କିଶୋରୀମାନଙ୍କ ଚିନ୍ତାଧାରା, ବେଶଭୂଷା ଓ ଖାଦ୍ୟପେୟରେ ଯେ କିଛିଟା ସାମଞ୍ଜସ୍ୟ ଆସିନଥିଲା, ଏକଥା କୁହାଯାଇପାରିବ ନାହିଁ । ତଥାପି ଗତ ଦୁଇ ଦଶକରେ ଗମନାଗମନ ଓ ଯୋଗାଯୋଗ କ୍ଷେତ୍ରରେ ଯେଉଁ ବୈପ୍ଲବିକ ପରିବର୍ତ୍ତନ ଘଟିଛି, ତାହାର ପରିଣତି ଫଳରେ ଏକ ବିଶ୍ୱସ୍ତରୀୟ କିଶୋର ସଂସ୍କୃତିର ଅଭ୍ୟୁଦୟ ଘଟିଛି । ସମଗ୍ର ବିଶ୍ୱରେ କିଶୋର କିଶୋରୀମାନଙ୍କର ପୋଷାକପତ୍ର ଓ କେଶସଜ୍ଜାରେ ସାମଞ୍ଜସ୍ୟ ପରିଲକ୍ଷିତ ହେଉଛି । ସେମାନଙ୍କର ସଂଗୀତ ପ୍ରୀତିରେ ସମାନତା ପରିଲକ୍ଷିତ ହେଉଛି । ଦେଶ ଅନୁଯାୟୀ ଭାଷା ଭିନ୍ନ ହେଲେ ମଧ୍ୟ ଯୁବପିଢ଼ିର ଭାବଭଙ୍ଗୀରେ ବିଶେଷ ଧରଣର ସାଦୃଶ୍ୟ ରହିଛି ।

ଏକ ଜାଗତିକ କିଶୋର ସଂସ୍କୃତିର ଅଭ୍ୟୁଦୟ ସତ୍ତ୍ୱେ ସାଂସ୍କୃତିକ ଭିନ୍ନତା ଯେ ପୂରାପୂରି ତିରୋହିତ ହୋଇଛି, ଏହା କୁହାଯାଇପାରିବ ନାହିଁ । ଏବେ ମଧ୍ୟ ସଂସ୍କୃତି ଭିନ୍ନରେ କିଶୋର କିଶୋରୀମାନେ ପୃଥକ୍ ପୃଥକ୍ ଅନୁଭବର ଅଧିକାରୀ ହେଉଛନ୍ତି । କେତୋଟି ଦୃଷ୍ଟାନ୍ତ ଦ୍ୱାରା ଏହାକୁ ଅଧିକ ସ୍ପଷ୍ଟ କରାଯାଇପାରେ । ଏକ ସର୍ବେକ୍ଷଣ ଅନୁଯାୟୀ ଜଣାଯାଏ ଯେ ଏସିଆ ମହାଦେଶରେ ଦୁଇତୃତୀୟାଂଶ କିଶୋର କିଶୋରୀ ସେମାନଙ୍କର ପିତାମାତାଙ୍କ ପସନ୍ଦ ଅନୁସାରେ ନିଜର ପତି କିମ୍ବା ପତ୍ନୀ ଗ୍ରହଣ କରନ୍ତି । ଫିଲିପାଇନ୍ସରେ ବହୁ ସଂଖ୍ୟକ କିଶୋରୀ ନିଜର ବ୍ୟକ୍ତିଗତ ଭବିଷ୍ୟତକୁ ଜଳାଞ୍ଜଳି ଦେଇ ପରିବାରର ପ୍ରତିପୋଷଣ ପାଇଁ ସହରରେ ଜୀବିକା ଅନ୍ୱେଷଣ କରନ୍ତି । ମଧ୍ୟପ୍ରାଚ୍ୟରେ କିଶୋରୀମାନେ ସ୍କୁଲରେ ମଧ୍ୟ କିଶୋରମାନଙ୍କ ସହିତ ଭାବ ବିନିମୟର ଅନୁମତି ପାଇନଥାନ୍ତି । ଅତୀତ ତୁଳନାରେ ଏବେ ଯୁକ୍ତରାଷ୍ଟ୍ର ଆମେରିକାର କିଶୋର କିଶୋରୀମାନେ ଅପେକ୍ଷାକୃତ ଅଧିକ ବୟସରେ ବିବାହ କରୁଥିଲେ ମଧ୍ୟ ଋଷ ଦେଶରେ ପୂର୍ବାପେକ୍ଷା କମ୍ ବୟସରେ ବିବାହ କରୁଛନ୍ତି ।

ପୁଣି ବାଳକ ବାଳିକା ଭେଦରେ ଏବଂ ପରିବାର ଓ ସ୍କୁଲ ପରିପ୍ରେକ୍ଷୀରେ କେତେକ ଆଞ୍ଚଳିକ ପରିବର୍ତ୍ତନ ଦୃଷ୍ଟିଗୋଚର ହେଉଛି । ଜାପାନ୍, ଫିଲିପାଇନ୍ସ ଏବଂ ପାଶ୍ଚାତ୍ୟଦେଶଗୁଡ଼ିକୁ

Digitized by srujanika@gmail.com

ବାଦ୍‌ଦେଲେ ଅନ୍ୟ ସ୍ଥାନଗୁଡିକରେ କିଶୋରୀମାନେ କିଶୋରମାନଙ୍କ ତୁଳନାରେ ସମାନ ପରିମାଣର ଶିକ୍ଷାସୁଯୋଗ ପାଇନାହାନ୍ତି । ବୃତ୍ତିଗତ ସୁବିଧା ସୁଯୋଗରୁ ମଧ୍ୟ କିଶୋରୀମାନେ ଅପେକ୍ଷାକୃତ ଅଧିକ ପରିମାଣରେ ବଞ୍ଚିତ ହେଉଛନ୍ତି । ଦକ୍ଷିଣପୂର୍ବ ଏସିଆ, ଦକ୍ଷିଣ ଆମେରିକା, ମଧ୍ୟପ୍ରାଚ୍ୟ ଏବଂ ଭାରତ ପରି ଦେଶମାନଙ୍କରେ ଯୌନଗତ କ୍ରିୟାକଳାପ ସମ୍ପର୍କରେ ମାତ୍ରାଧିକ କଟକଣା ସକ୍ରିୟ ରହିଛି । ଅବଶ୍ୟ ସମୟ କ୍ରମେ ତାରତମ୍ୟ ହ୍ରାସ ପାଇବାରେ ଲାଗିଛି ।

ସବୁଦେଶରେ ପରିବାରର ସମ୍ପର୍କ ବଳୟ ସମାନ ମାତ୍ରାରେ କାର୍ଯ୍ୟ କରୁନାହିଁ । ପ୍ରାଚ୍ୟ ଦେଶମାନଙ୍କ ପରିବାରର ସମ୍ପର୍କ ବଳୟ ଅଧିକ ପ୍ରସାରିତ । ଏ ପରିସର ଦେଶରେ ପରିବାର ସମ୍ପର୍କର ବନ୍ଧନ ସୃଷ୍ଟି କରିଥାଏ ଏବଂ ପରମ୍ପରାଗତ ଜୀବନର ମୂଲ୍ୟବୋଧ ଶିକ୍ଷା ଦେଇଥାଏ । ଆରବ ଦେଶମାନଙ୍କରେ କିଶୋର କିଶୋରୀମାନେ ପରିବାରରୁ ହିଁ ମୂଳ ଆଚରଣ ବିଧିସବୁ ଶିକ୍ଷା କରନ୍ତି । ପାଶ୍ଚାତ୍ୟ ଦେଶମାନଙ୍କରେ ବହୁ କିଶୋର କିଶୋରୀ ଛାଡ଼ପତ୍ର ପରିବାରରେ ପ୍ରତିପାଳିତ ହେଉଥିବାରୁ ସେମାନଙ୍କର ଅନୁଭୂତି ଭିନ୍ନ ଧରଣର ହୋଇଥାଏ ।

ସ୍କୁଲ ଅନୁଭୂତି ମଧ୍ୟ ସବୁଦେଶରେ ସମାନ ପର୍ଯ୍ୟାୟରେ ଗତିକରୁ ନାହିଁ । ଅଧିକାଂଶ ବିକାଶମୁଖୀ ଦେଶରେ ସ୍କୁଲରେ କିଶୋର କିଶୋରୀମାନଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି । କିନ୍ତୁ ନିକଟ ଅତୀତରେ ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ ସ୍କୁଲ ଓ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଉପସ୍ଥାନ ସଂଖ୍ୟା ହ୍ରାସ ପାଇଛି ।

ସାଙ୍ଗସାଥୀମାନଙ୍କର ଭୂମିକାକୁ ସବୁ ଦେଶରେ ସମାନ ଗୁରୁତ୍ୱ ଦିଆଯାଇ ନାହିଁ । ଅଧିକାଂଶ ପାଶ୍ଚାତ୍ୟ ଦେଶମାନଙ୍କରେ ସାଙ୍ଗସାଥୀମାନଙ୍କୁ କିଶୋର ବା କିଶୋରୀ ଜୀବନରେ ଏକ ଅଂଶ ରୂପେ ଭୂମିକା ଗ୍ରହଣ କରାଯାଏ । ପରିବାର ଭୂମିକାର ପରିପୂରକ ହୋଇ ଦାୟିତ୍ୱ ନିର୍ବାହ କରନ୍ତି । ଦକ୍ଷିଣ ଆମେରିକାରେ ଦେଖାଯାଏ ଯେ ବିପଦ ଓ ଦୁର୍ଦ୍ଦିନର ଶରବ୍ୟ ହୋଇଥିବା କିଶୋର ବା କିଶୋରୀକୁ ତାର ବନ୍ଧୁ ବା ବାନ୍ଧବୀବର୍ଗ ପରିବାର ଭଳି ସହାୟତା ପ୍ରଦାନ କରନ୍ତି । ଅନ୍ୟ ପକ୍ଷରେ କେତେକ ଦେଶରେ ସାଙ୍ଗସାଥୀଙ୍କ ଭୂମିକା ଖୁବ୍ ସୀମିତ । ବିଶେଷତଃ ଆରବ ଦେଶମାନଙ୍କରେ କିଶୋରୀମାନଙ୍କ ପାଇଁ ସାଙ୍ଗସାଥୀର ଭୂମିକା ସୀମାବଦ୍ଧ ରଖାଯାଏ ।

କିଶୋର ସଂସ୍କୃତି କେତେ ପରିମାଣରେ ଜାଗତିକ ଏବଂ କେତେ ପରିମାଣରେ ଆଞ୍ଚଳିକ, ତାହାର ସ୍ପଷ୍ଟ ଚିତ୍ର ପାଇବାକୁ ହେଲେ ନିମ୍ନ ବାକ୍ସଟିର ଅନୁଧ୍ୟାନ କରାଯାଇପାରେ । ବିଶ୍ୱରେ କିଶୋର କିଶୋରୀମାନେ କିପରି ସମୟ କାଟନ୍ତି ? ଅନ୍ତତଃ ଆମେରିକା, ଇଉରୋପ ଏବଂ ପୂର୍ବ ଏସିଆରେ ସର୍ବେକ୍ଷଣ କରାଯାଇଥିବା ସ୍କୁଲଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟ କରି ନିମ୍ନ ତାଲିକାଟିର ବିଚାର କରାଯାଇପାରେ । ଏହି ତାଲିକାରେ ଗୋଟିଏ ସପ୍ତାହରେ ହାରାହାରି ଦୈନିକ ସମୟ ନିର୍ଘଣ୍ଟ ସୂଚିତ କରାଯାଇଛି । ଖାଦ୍ୟପେୟ ଗ୍ରହଣ, ଶୟନ ଓ ବ୍ୟକ୍ତିଗତ ଯତ୍ନନେବାର ସମୟକୁ ବାଦ୍ ଦିଆଯାଇଛି ।

Digitized by srujanika@gmail.com

କାର୍ଯ୍ୟ	ଆମେରିକା	ଇଉରୋପ	ପୂର୍ବଏସିଆ
ଘରକାମ	୨୦ରୁ୪୦ମିନିଟ୍	୨୦ରୁ୪୦ମିନିଟ୍	୧୦ରୁ୨୦ମିନିଟ୍
ରୋଜଗାରକ୍ଷମ ବାହାର କାମ	୪୦ରୁ୬୦ମିନିଟ୍	୧୦ରୁ୨୦ମିନିଟ୍	୦ରୁ୧୦ମିନିଟ୍
ସ୍କୁଲ	୩ରୁ୪ ୧/୨ ଘଣ୍ଟା	୪ରୁ ୧/୨ ୫ଘଣ୍ଟା	୫ ୧/୨ ରୁ୭ ୧/୨ ଘଣ୍ଟା
ସମୁଦାୟ କାମ	୪ରୁ୬ଘଣ୍ଟା	୪ ୧/୨ ରୁ୬ ୧/୨ ଘଣ୍ଟା	୬ରୁ୮ଘଣ୍ଟା
ଦୂରଦର୍ଶନ	୧ ୧/୨ ରୁ୨ ୧/୨ ଘଣ୍ଟା	୧ ୧/୨ ରୁ୨ ୧/୨ ଘଣ୍ଟା	୧ ୧/୨ ରୁ୨ ୧/୨ ଘଣ୍ଟା
କଥାବାର୍ତ୍ତା	୨ରୁ୩ଘଣ୍ଟା	ଜଣାନାହିଁ	୪୫ରୁ୬୦ମିନିଟ୍
ଖେଳକୁଦ	୩୦ରୁ୬୦ମିନିଟ୍	୨୦ରୁ୮୦ମିନିଟ୍	୦ରୁ୨୦ମିନିଟ୍
ସଂଗଠିତ ଇଚ୍ଛା-ମୂଳକ କାମ	୧୦ରୁ ୨୦ମିନିଟ୍	୧୦ରୁ୨୦ମିନିଟ୍	୦ରୁ୧୦ମିନିଟ୍
ସମୁଦାୟ ସ୍ୱାଧୀନ	୬ ୧/୨ ରୁ୮ଘଣ୍ଟା	୫ରୁ ୭ ୧/୨ ଘଣ୍ଟା	୪ରୁ୫ ୧/୨ ଘଣ୍ଟା

ଲକ୍ଷ୍ୟ କରିବାର କଥା ଯେ, ବିକାଶମୁଖୀ ଦେଶତୁଳନାରେ ଆମେରିକାର କିଶୋର କିଶୋରୀମାନେ ଉପାର୍ଜନର ସୁବିଧାଥିବା ବାହ୍ୟସଂସ୍ଥାରେ ଘର ଅପେକ୍ଷା ଅଧିକ ସମୟ ବିନିଯୋଗ କରନ୍ତି । ଏସିଆର କିଶୋର କିଶୋରୀମାନଙ୍କ ତୁଳନାରେ ଆମେରିକାରେ ସେମାନେ କମ୍ ସମୟ ସ୍କୁଲରେ କାଟନ୍ତି । ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖିବାର ସମୟ ପ୍ରାୟ ସମାନ ହେଲେ ମଧ୍ୟ ଆମେରିକାର କିଶୋର କିଶୋରୀମାନେ ଇଚ୍ଛାମୂଳକ ସଂଗଠିତ କାର୍ଯ୍ୟକ୍ରମରେ (ଯଥା – ଖେଳକୁଦ, Hobbies ବା ପ୍ରିୟ କାର୍ଯ୍ୟ ଓ ସଂଗଠନ କାର୍ଯ୍ୟ) ଅଧିକ ସମୟ ବିନିଯୋଗ କରନ୍ତି ।

କେତେକ ଦେଶରେ କିଶୋର କିଶୋରୀମାନେ ଅସଂଗଠିତ ଇଚ୍ଛାଧୀନ କାର୍ଯ୍ୟକଳାପର ଅଧିକ ସ୍ୱାଧୀନତା ପାଆନ୍ତି । ଏପରି ସ୍ୱାଧୀନତାର ନିୟନ୍ତ୍ରଣ ନ ରହିଲେ ଦେଖାଯାଏ ଯେ କିଶୋର କିଶୋରୀମାନେ ସାଧାରଣତଃ ଦୂରଦର୍ଶନର କାର୍ଯ୍ୟକ୍ରମ ଦେଖିବା ଏବଂ ଗପସପ କରି ସମୟକାଟିବା ପରି ସହଜ କାମସବୁ ଆଦରି ନେଉଛନ୍ତି । ମନୋରଞ୍ଜନ ଓ ସାମାଜିକ ମିଳାମିଶା କିଶୋରକାଳୀନ ବିକାଶ ପାଇଁ ପ୍ରୟୋଜନ ହେଲେ ମଧ୍ୟ ଏହାର ମାତ୍ରାଧିକ ପ୍ରୟୋଗ କ୍ଷତିକାରକ ହୋଇଥାଏ । ଅନ୍ୟ ପକ୍ଷରେ ସଂଗଠିତ ଇଚ୍ଛାଧୀନ କାର୍ଯ୍ୟସବୁ ବିକାଶର ସହାୟକ ହୋଇଥାଏ । ବିଶେଷକରି ବୟସ୍କମାନଙ୍କ ତତ୍ତ୍ୱାବଧାନରେ ଦାୟିତ୍ୱପୂର୍ଣ୍ଣ ଓ ଆହ୍ୱାନ୍ଭରା (Challenging) କାର୍ଯ୍ୟସବୁ ବିକାଶର ସହାୟକ ହୁଏ । ସୁତରାଂ ସମୟର ବିନିଯୋଗ କ୍ଷେତ୍ରରେ ବୟସ୍କମାନଙ୍କର ସୁଦକ୍ଷ ପରାମର୍ଶ ବେଶ୍ ଉପଯୋଗୀ ।

Digitized by srujanika@gmail.com

କିଶୋର ସଂସ୍କୃତି ପରିପ୍ରେକ୍ଷୀରେ ଲକ୍ଷ୍ୟସାଧନ ମନୋଭାବ (Achievment) ଗୁରୁତ୍ୱପୂର୍ଣ୍ଣ । ତଥାପି ସଂସ୍କୃତି ଭେଦରେ ବେଶ୍ ପାର୍ଥକ୍ୟ ଦେଖିବାକୁ ମିଳେ । ନିକଟ ଅତୀତରେ ୧୦୪ ଦେଶର କିଶୋର କିଶୋରୀମାନଙ୍କୁ ନେଇ ଗୋଟିଏ ସର୍ବେକ୍ଷଣ କରାଯାଇଥିଲା । ସେଥିରୁ ଜଣାପଡିଛି ଯେ ଶିଳ୍ପୋନ୍ନତ ଦେଶମାନଙ୍କରେ ଲକ୍ଷ୍ୟସାଧନମୁଖୀ ମନୋଭାବକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଯୁକ୍ତରାଷ୍ଟ୍ର ଆମେରିକାର ପିତାମାତା ସେମାନଙ୍କ ପୁତ୍ରକନ୍ୟାମାନଙ୍କୁ ପ୍ରତିପାଳନ କରିବା ସମୟରେ ଲକ୍ଷ୍ୟସାଧନ ଓ ସ୍ୱାଧୀନତା ଉପରେ ଅଧିକ ଗୁରୁତ୍ୱ ଦେଉଥାନ୍ତି । କୃଷିପ୍ରଧାନ ଦେଶରେ ଏ ଦୁଇଟି ଉପରେ କମ୍ ପ୍ରାଧାନ୍ୟ ଦିଆଯାଏ । କେନିୟାରେ ସାମାଜୀକରଣ ପ୍ରକ୍ରିୟାରେ ପିତାମାତା ଆଜ୍ଞାଧୀନତା ଓ ଦାୟିତ୍ୱଶୀଳତା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି ।

ଯୌନଭାବନାର ପରିପ୍ରକାଶ କ୍ଷେତ୍ରରେ କେତେ ସ୍ୱାଧୀନତା ଦିଆଯିବ ଏବଂ କେତେ ମାତ୍ରାରେ କଟକଣା ଜାରୀ କରାଯିବ, ତାହା ଏକ ପ୍ରାସଙ୍ଗିକ ପ୍ରଶ୍ନ ହୋଇପାରେ । ସାଧାରଣତଃ ଆମ୍ଭମାନଙ୍କର ଧାରଣା ଯେ ପାଶ୍ଚାତ୍ୟଦେଶମାନଙ୍କରେ କିଶୋର କିଶୋରୀମାନେ ମାତ୍ରାଧିକ ସ୍ୱାଧୀନତା ପାଇବା ସ୍ଥଳେ ଭାରତ ପରି ପ୍ରାଚ୍ୟ ଦେଶମାନଙ୍କରେ ଅଧିକ କଟକଣା ରହିଛି । ମାତ୍ର ପ୍ରକୃତରେ ମାପକାଠି ଖୁବ୍ ପ୍ରଶସ୍ତ । ଆୟର୍‌ଲାଣ୍ଡ ଉପକୂଳଠାରୁ କିଛି ଦୂରରେ ରହିଥିବା ଇନେସ୍ ବିଗ୍ (INES BEAG) ଦ୍ୱୀପର ଅଧିବାସୀମାନେ ମାତ୍ରାଧିକ କଟକଣା ମଧ୍ୟରେ ଜୀବନ ଯାପନ କରନ୍ତି । ଏ ସମାଜରେ ଯୌନ ଶିକ୍ଷା ପୂରାପୂରି ନିୟମବିରୁଦ୍ଧ । କେବଳ ଛୋଟ ଶିଶୁକୁ ବାଦ୍ ଦେଲେ ଅନ୍ୟମାନେ ଶରୀରରୁ ସ୍ନାନ ସମୟରେ ବସ୍ତ୍ର କାଢ଼ନ୍ତି ନାହିଁ । ଅନ୍ୟ ପକ୍ଷରେ ପ୍ରଶାନ୍ତ ମହାସାଗରର ଦକ୍ଷିଣ ଭାଗରେ ମାଙ୍ଗାଇଆନ୍ (MANGAIAN) ଦ୍ୱୀପର ଅଧିବାସୀମାନେ ପୂରାପୂରି ନିୟନ୍ତ୍ରଣହୀନ ଯୌନଜୀବନ ଯାପନ କରନ୍ତି । ତେର ବର୍ଷ ବୟସ ପରେ ବାଳକକୁ ପୁରୁଷ ଆଖ୍ୟା ଦିଆଯାଏ ଏବଂ ଅବାଧ ଯୌନଜୀବନରେ ସ୍ୱାଧୀନତା ଦିଆଯାଏ । କହିବା ଅନାବଶ୍ୟକ ଯେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶର କିଶୋର କିଶୋରୀମାନେ ଏହି ଦୁଇ ପ୍ରାନ୍ତକୁ ସ୍ପର୍ଶ କରି ନ ଥାନ୍ତି । ସୁତରାଂ ଏ କ୍ଷେତ୍ରରେ ମଧ୍ୟ ଭିନ୍ନତାର ମାତ୍ରା ବହୁ ଦୀର୍ଘ ।

କୈଶୋର ସଂସ୍କୃତିକୁ ସ୍ୱୀକୃତି ଦେବାର ଉପଚାର ସ୍ୱରୂପ କେତେକ ସମାଜରେ "ଅତିକ୍ରମଣ ଉତ୍ସବ" (Rite of passage) ପାଳନ କରାଯାଏ । ବାଲ୍ୟ ସୋପାନରୁ କୈଶୋର ସୋପାନରେ ପ୍ରବେଶ କରିବା ସମୟରେ ଏବଂ ପୁନଶ୍ଚ କୈଶୋର ଅତିକ୍ରମଣ କରି ଆଦ୍ୟ ଯୌବନରେ ପ୍ରବେଶ କରିବା ସମୟରେ ଔପଚାରିକ ଭାବରେ ଉତ୍ସବର ଆୟୋଜନ କରାଯାଏ । ଅବଶ୍ୟ ଆଧୁନୀକିକରଣ, ଶିଳ୍ପକରଣ ଓ ଶିକ୍ଷାପ୍ରସାର ଫଳରେ ଏପରି ସବୁ ରୀତିନୀତି ହ୍ରାସ ପାଇବାରେ ଲାଗିଛି । ତଥାପି କେତେକ ପ୍ରାଚୀନ ସମାଜରେ ଏପରି ଅତିକ୍ରମଣ ଉତ୍ସବର ପରମ୍ପରା ଏବେ ମଧ୍ୟ ରହିଛି । ଆଫ୍ରିକାର ପ୍ରାଚୀନ ସମାଜ ଏବଂ ବିଶେଷ କରି

Digitized by srujanika@gmail.com

ଉପସାହାରା ଆଫ୍ରିକାର କେତେକ ସମାଜରେ କିଶୋର କିଶୋରୀମାନେ ଆଦ୍ୟଯୌବନକୁ ପ୍ରବେଶ କରିବାର ଔପଚାରିକ ବିଧିବିଧାନର ପ୍ରଥା ଏବେ ମଧ୍ୟ ପାଳନ କରାଯାଇଥାଏ । ଅବଶ୍ୟ ଯୁକ୍ତି କରାଯାଇପାରେ ଯେ ସ୍କୁଲଶିକ୍ଷା ଶେଷକରିବା ପରେ ଛାତ୍ରଛାତ୍ରୀମାନଙ୍କ ପାଇ ଆୟୋଜନ କରାଯାଉଥିବା ବିଦାୟ ଉତ୍ସବ ଆଧୁନିକ ସମାଜରେ ଅତିକ୍ରମଣ ଉତ୍ସବର ଏକ ପରିମାର୍ଜିତ ରୂପରେଖ ।

ସ୍ଥୂଳତଃ କିଶୋର ସଂସ୍କୃତି ସମ୍ପର୍କରେ ଆମର ଯେଉଁ ଧାରଣା ରହିଛି, ସେଥିରେ କିଛି ପରିମାଣରେ ଏକତ୍ୱ ରହିଛି ଏବଂ କିଛି ପରିମାଣରେ ନିର୍ଦ୍ଦିଷ୍ଟ ସଂସ୍କୃତିର ଛାପ ରହିଛି । ସମଗ୍ର ବିଶ୍ୱରେ କିଶୋର କିଶୋରୀମାନେ ଏକ ଓ ଅଭିନ୍ନ ଧରଣର, ଏହା ଭାବିଲେ କିଛିଟା ଭ୍ରମ ରହିଯିବ । ସେହିପରି ଆଜିର ଭାରତୀୟ କିଶୋର କିଶୋରୀ କେବଳ ଦେଶୀୟ ସଂସ୍କୃତିରେ ପରିପୁଷ୍ଟ, ଏପରି ଭାବନା ମଧ୍ୟ ପ୍ରମାଦଯୁକ୍ତ ରହିବ ।

❒

Digitized by srujanika@gmail.com

ଫ୍ରଏଡୀୟ ବିଚାରଧାରା

ମନୁଷ୍ୟର ମନସ୍ତାତ୍ତ୍ୱିକ ବିକାଶ ଧାରାର ପର୍ଯ୍ୟାଲୋଚନା କ୍ଷେତ୍ରରେ ସିଗ୍‌ମଣ୍ଡ ଫ୍ରଏଡ୍ ଏକ ବିପ୍ଳବ । ପ୍ରଥମରୁ ଫ୍ରଏଡ୍ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଥିଲେ । କିନ୍ତୁ ମାନସିକ ରୋଗିମାନଙ୍କର ଚିକିତ୍ସା କରିବା ସମୟରେ ତାଙ୍କର ଗଭୀର ଅନ୍ତର୍ଦୃଷ୍ଟିର ଉନ୍ମେଷ ଓ ବିକାଶ ଘଟିଥିଲା । ଫ୍ରଏଡ୍ ଅନୁଭବ କଲେ ଯେ, ସବୁ ରୋଗମୂଳରେ ଅନ୍ତର୍ନିହିତ ମାନସିକ ଦ୍ୱନ୍ଦ (Conflicts) ହିଁ ସକ୍ରିୟ । ନିଜର ଅନୁଭବକୁ ଆଧାର କରି ସେ ଯେଉଁ ବିକାଶ ତତ୍ତ୍ୱର ପ୍ରଖ୍ୟାପନ କଲେ, ତାହା ମନସମୀକ୍ଷା (Psychoanalysis) ନାମରେ ପରିଚିତ । ବିଂଶ ଶତକର ପ୍ରାରମ୍ଭରେ ତାଙ୍କର ମନସମୀକ୍ଷା ତତ୍ତ୍ୱ ପ୍ରସାରିତ ହେଲା । ସେ ତାଙ୍କର ପେସାଗତ ଜୀବନରେ ଅଧିକାଂଶ ସମୟ ଭିଏନାରେ ଅତିବାହିତ କରିଥିଲେ ମଧ୍ୟ ନାଜିମାନଙ୍କର ଇହୁଦୀ-ବିରୋଧୀ ଅତ୍ୟାଚାରରୁ ମୁକ୍ତ ପାଇବାକୁ ଶେଷ ପର୍ଯ୍ୟାୟରେ ଲଣ୍ଡନ ଚାଲିଯାଇଥିଲେ ।

ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଜୀବନରେ ପ୍ରତିଟି ସ୍ତର ପାଇଁ ଫ୍ରଏଡୀୟ ବିଶ୍ଳେଷଣରେ ଉପାଦାନ ରହିଛି । ତଥାପି କେବଳ କୈଶୋର ଜୀବନ ସହିତ ସଂଶ୍ଳିଷ୍ଟ କେତୋଟି ତାତ୍ତ୍ୱିକ ଦିଗ ସମ୍ପର୍କରେ ଏଠାରେ ସୂଚନା ଦିଆଯାଇପାରେ ।

ବ୍ୟକ୍ତିତ୍ୱର ସ୍ୱରୂପ

ଫ୍ରଏଡ୍‌ଙ୍କ ମତରେ ପ୍ରତି ଲୋକର ବ୍ୟକ୍ତିତ୍ୱରେ ତିନୋଟି ଉପାଦାନ ରହିଛି । ଏ ତିନୋଟି ହେଉଛି ଆଦିମ (ID), ଅହଂ (Ego), ଏବଂ ପରମ ଅହମ୍ (Super-ego) । ନିମ୍ନ ଚିତ୍ରରେ ସୂଚିତ କରାଯାଇଥିବା ବ୍ୟକ୍ତିତ୍ୱର ପ୍ରଥମ ଉପାଦାନଟି ହେଉଛି ଆଦିମ । ଜନ୍ମ ସମୟରେ

ଉପାଦାନ	*ଉତ୍ସ*	*ନୀତି*	*ସାମଗ୍ରୀ*
ଆଦିମ	ଶରୀରଭିତ୍ତିକ	ସୁଖାନୁଭୂତି	ଅଚେତନ
ଅହମ୍	ପରିବେଶଗତ	ବାସ୍ତବତା	ଚେତନ
ପରମ-ଅହମ୍	ସମାଜଗତ	ନୈତିକତା	ଅବଚେତନ ଓ ଅଚେତନ

ଶିଶୁ ମୁଖ୍ୟତଃ ପ୍ରବୃତ୍ତିଚାଳିତ । ଯେଉଁ ସମସ୍ତ କ୍ରିୟାକଳାପ ସୁଖାନୁଭୂତି ଦିଏ ଶିଶୁ ସେ ଦିଗରେ ପ୍ରବୃତ୍ତ ହୁଏ । ଯାହା କିଛି ଅସ୍ୱସ୍ତିକର ଶିଶୁ ଦୂରେଇଯାଏ । ଏ ଦୃଷ୍ଟିରୁ ଶିଶୁର କ୍ରିୟାକଳାପ ଆନନ୍ଦ ଅନ୍ୱେଷଣର ନୀତି ଦ୍ୱାରା ନିୟନ୍ତ୍ରିତ ହୁଏ । ବୟସ ବୃଦ୍ଧି ପାଇବା ସଙ୍ଗେ

Digitized by srujanika@gmail.com

ସଙ୍ଗେ ଶିଶୁର ପରିବେଶ ପ୍ରସାରିତ ହୁଏ । ପରିବେଶରେ ଥିବା ବ୍ୟକ୍ତି ଓ ବସ୍ତୁ ସହିତ ଶିଶୁ ପାରସ୍ପରିକ କ୍ରିୟାକଳାପରେ ଅଂଶୀଦାର ହୁଏ । ଏ ସମୟରେ ଶିଶୁ ଅନୁଭବ କରେ ଯେ, ପରିବେଶର ସବୁ ବସ୍ତୁ ସୁଖାନୁଭୂତିର କାରଣ ନୁହେଁ । ମାତୃସ୍ତନ୍ୟ ପାନକରି ସେ ହୁଏତ ଆନନ୍ଦ ପାଏ । ମାତ୍ର ସୁଖାନୁଭୂତିର ଆଶା ରଖି ମହମବତୀ କିମ୍ବା ପିନ୍‌ଟିକୁ ପାଟିରେ ପୂରାଇବା ମାତ୍ରେ ସେ ଆଘାତ ଅନୁଭବ କରେ । ଏପରି ଅନୁଭୂତି ଆସିବା ପରେ ଶିଶୁର ଦ୍ୱିତୀୟ ଉପାଦାନ ''ଅହମ୍'' ରୂପ ନିଏ । ଲକ୍ଷ୍ୟ କରିବାର କଥା ଯେ, ଅହମ୍ ବାସ୍ତବତାର ନିୟମରେ ନିୟନ୍ତ୍ରିତ ।

ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁ ଅନ୍ୟ ଏକ ପ୍ରକାରର ଅନୁଭବ ଲାଭ କରେ । ସାମାଜୀକରଣ ପ୍ରକ୍ରିୟା ଆରମ୍ଭ ହୁଏ । ପିତାମାତା ଏବଂ ବୟସ୍କମାନେ ଶିଶୁକୁ ''ଉଚିତ-ଅନୁଚିତ''ର ଭାଷା ଶିକ୍ଷା ଦିଅନ୍ତି । ''ଏଇଟି କର'', ''ସେଇଟି କର ନାହିଁ'', ଏପରି ସବୁ ନିର୍ଦ୍ଦେଶାତ୍ମକ ସୂଚନା ଶିଶୁମନରେ ''ଭଲମନ୍ଦ''ର ଧାରଣା ଆଣିଦିଏ । ''ନୈତିକ-ଅନୈତିକ'' ଭାବନାର ଉନ୍ମେଷ ଓ ବିକାଶ ଘଟେ । ଫ୍ରଏଡ ବ୍ୟକ୍ତିତ୍ୱର ଏହି ଉପାଦାନଟିକୁ ପରମ ଅହମ୍ (Super-ego) ନାମକରଣ କରିଛନ୍ତି । ଆମର କଥିତ ଭାଷାରେ ଆମେ ଏହାକୁ ବିବେକ କହିଥାଉ । ବ୍ୟକ୍ତିତ୍ୱର ଏହି ଉପାଦାନଟି ନୈତିକତା ବା ଆଦର୍ଶର ନିୟମ ଦ୍ୱାରା ନିୟନ୍ତ୍ରିତ ହୁଏ ।

ମନ ସମୀକ୍ଷା ତତ୍ତ୍ୱରେ ବ୍ୟକ୍ତିତ୍ୱର ଏହି ଉପାଦାନ ତିନୋଟି ସହିତ ମନର ଭୌଗୋଳିକ ବିନ୍ୟାସକୁ (Topography of mind) ସଂଯୋଜିତ କରାଯାଇଛି । ଫ୍ରଏଡ ବିଶ୍ୱାସ କରୁଥିଲେ ଯେ ମନର ତିନୋଟି ସ୍ତର

Digitized by srujanika@gmail.com

ରହିଛି । ସେ ଗୁଡିକ ହେଉଛି – ଚେତନ, ଅବଚେତନ ଏବଂ ଅଚେତନ । ଅଚେତନ ଅଂଶଟିର ପରିମାଣ ଖୁବ୍ ଅଧିକ । ନିମ୍ନ ଚିତ୍ରରେ ପ୍ରଦତ୍ତ ହେଲାପରି ଆଦିମ ଉପାଦାନଟି ପୂରାପୂରି ଅଚେତନ ମନରେ ନିମଜ୍ଜିତ ରହିଥାଏ । ଚେତନ, ଅଚେତନ ଓ ଅବଚେତନ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ପାଇଁ ଫ୍ରଏଡ ଗୋଟିଏ ରୂପକର ବ୍ୟବହାର କରୁଥିଲେ । ତାଙ୍କ ମତରେ ଗୋଟିଏ ଜଳପୂର୍ଣ୍ଣ ଗ୍ଲାସରେ ବରଫଖଣ୍ଡଟିଏ ଭସାଇ ରଖିଲେ ଏହାର ବହୁ ଅଂଶ (ପ୍ରାୟ ନ'ଦଶମାଂଶ) ଜଳପୃଷ୍ଠର ନିମ୍ନରେ ନିମଜ୍ଜିତ ରୁହେ । ଠିକ୍ ସେହିପରି ଆମ ମନରେ ବେଶୀ ଅଂଶ ହେଉଛି ଅଚେତନ (The unconscions), ଆମର ଅପୂରିତ କାମନା, ଯୌନ ବାସନା, ଅନୈତିକ ଇଚ୍ଛା, ଭୟ ଏବଂ ସମାଜ-ବିରୋଧୀ ଚିନ୍ତନସବୁ ଆମେ ପ୍ରକାଶ କରିନଥାଉ । ଏଗୁଡ଼ିକ ଅବଦମିତ ହୋଇ ମନର ଅନ୍ଧାରୀ ଗୁମ୍ଫାରେ ସ୍ଥାନପାଏ । ମୋଟଉପରେ ଅବଦମିତ ଅପୂରିତ କାମନାସବୁ ଅଚେତନ ମନରେ ସ୍ଥାନପାଏ ଅବଦମିତ ହୋଇ ଅଚେତନ ମନରେ ସ୍ଥାନ ପାଇଥିବା ଭାବନାସବୁ ସାଧାରଣ ଅବସ୍ଥାରେ ପ୍ରକାଶ ପାଇ ନ ଥାଏ । ସଚେତନ ମନର ନିରୀକ୍ଷଣ ପଦ୍ଧତି (Censor) ଏପରି ମୁକ୍ତ ପ୍ରକାଶକୁ ବାଧାଦିଏ । ମାତ୍ର ମନର ନିରୀକ୍ଷଣ ପ୍ରକ୍ରିୟା ଅପେକ୍ଷାକୃତ ଶିଥିଳ ଥିବା ସମୟରେ ଅବଦମିତ ଭାବନାସବୁ ଛଦ୍ମରୂପରେ ପ୍ରକାଶ ଲାଭ କରେ । ନିଦ୍ରାକାଳୀନ ସ୍ୱପ୍ନ ହେଉଛି ଅଚେତନ ମନର ପରିପ୍ରକାଶ । ଅବଦମିତ ଇଚ୍ଛା ଓ ଅପୂରିତ ଭାବନା ଛଦ୍ମରୂପରେ ସ୍ୱପ୍ନରେ ପ୍ରକାଶ ପାଏ । ସ୍ୱପ୍ନରେ ଆମେ ଯାହାଦେଖୁ ସେ ସମସ୍ତ ପ୍ରକାଶ୍ୟ ରୂପ (Manifest contents), ମାତ୍ର ଏହାର ଅନ୍ତରାଳରେ ପ୍ରଚ୍ଛନ୍ନ ଅର୍ଥ (Latent meaning) ରହିଥାଏ । କେବଳ ସ୍ୱପ୍ନ ନୁହେଁ, ଆମର ଆକସ୍ମିକ ଭୁଲଭଟକା(ଯଥା – ଲେଖୁ ଲେଖୁ ଭୁଲ୍‌ରେ ଗୋଟିଏ ଶବ୍ଦ ଲେଖାହୋଇଯିବା କିମ୍ବା ଗୋଟିଏ କଥା କହିବାକୁ ଯାଇ ମୁହଁରୁ ଅନ୍ୟ ଗୋଟିଏ ଶବ୍ଦ ବା କଥା ବାହାରିଆସିବା) ଏ ଧରଣର ଅଚେତନ ମନର ପରିପ୍ରକାଶ ବୋଲି ଫ୍ରଏଡ ବିଶ୍ୱାସ କରୁଥିଲେ । ଏ ସବୁ କ୍ଷେତ୍ରରେ ସାଧାରଣଲୋକେ ଏହାକୁ ଏକ ଆକସ୍ମିକତା କହି ଏଡ଼ାଇଯାଆନ୍ତି । ମାତ୍ର ଫ୍ରଏଡୀୟ ବିଚାରରେ ଏହା କାରଣବିହୀନ ନୁହେଁ । ଧରାଯାଉ ଜଣେ ତାଙ୍କର ବନ୍ଧୁଙ୍କ ଘରୁ ଫେରିଲାପରେ ଲକ୍ଷ୍ୟକଲେ ଯେ ସେ ତାଙ୍କର ରୁମାଲ୍‌ଟି ଛାଡ଼ିଆସିଛନ୍ତି । ଏପରିସ୍ଥଳେ ସେ ଭୁଲ୍‌ବଶତଃ ଛାଡ଼ିଆସିଛନ୍ତି ବୋଲି ବିଚାର କରିବେ । ମାତ୍ର ଫ୍ରଏଡ଼ିଙ୍କ ଅନୁଶୀଳନ ଅନୁଯାୟୀ ଏ ଏକ ଆକସ୍ମିକତା ନୁହେଁ । ତାଙ୍କର ବନ୍ଧୁଙ୍କ ଘରକୁ ଆଉଥରେ ଯିବାର ଇଚ୍ଛାଥିବାରୁ ଏପରି ଘଟିଛି ବୋଲି ଫ୍ରଏଡୀୟମାନେ ବିଶ୍ୱାସ କରିବେ । ଅବଶ୍ୟ ଏପରି ଇଚ୍ଛା ତାଙ୍କର ଚେତନ ମନରେ ନ ଥାଇ ଅଚେତନ ମନରେ ରହିଥିବାରୁ ବ୍ୟକ୍ତି ନିଜେ କାରଣଟି ଜାଣିପାରିନଥାନ୍ତି ।

ଆମେ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଯେଉଁ ସମସ୍ତ ବସ୍ତୁ, ବ୍ୟକ୍ତି ଓ ଘଟଣା ସମ୍ପର୍କରେ ସଚେତନ, ତାହା ମନରେ ଚେତନ ଅଂଶ (The conscious) । ନିମଜ୍ଜିତ ବରଫଖଣ୍ଡର ଦୃଶ୍ୟମାନ ଅଂଶବିଶେଷଟି ପରି ଏହାର ପରିମାଣ ଖୁବ୍ କମ୍ । ଧରାଯାଉ ଆପଣ ଏ ମୁହୂର୍ତ୍ତରେ

Digitized by srujanika@gmail.com

ଏ ପ୍ରବନ୍ଧଟି ପାଠକରୁଛନ୍ତି ଏବଂ ଏହାର କଥାବସ୍ତୁ ସମ୍ପର୍କରେ ସଚେତନ ଅଛନ୍ତି । ଏହା ଆପଣଙ୍କ ମନର ଚେତନ ଅଂଶ । ଚେତନ ଓ ଅଚେତନ ମଧ୍ୟରେ ସବୁ ବିଭାଜିକା ରେଖାଟିକୁ ଅବଚେତନ (The subconscious) କୁହାଯାଇପାରେ । ଧରାଯାଉ ଏକ ନିର୍ଦ୍ଦିଷ୍ଟ ସମୟରେ ଜଣେ ବନ୍ଧୁକୁ ସାକ୍ଷାତ୍ କରିବା ପାଇଁ ଆପଣ କଥା ଦେଇଥିଲେ । ହୁଏତ ଏଇ ମୁହୂର୍ତ୍ତରେ ଆପଣ ତାଙ୍କ କଥା ଭାବୁ ନାହାଁନ୍ତି । ଅଥଚ ପରମୁହୂର୍ତ୍ତରେ ଆପଣ ତାଙ୍କ ବିଷୟରେ ସଚେତନ ହେବାର ସମ୍ଭାବନା ରହିଛି । ମନର ଏପରି ସ୍ତରଟିକୁ ଅବଚେତନ କୁହାଯାଏ । ଆମର ସ୍ମୃତିସବୁ ଆମର ଅବଚେତନରେ ରହିଥାଏ ।

ବ୍ୟକ୍ତିତ୍ୱ ଉପାଦାନର ଆଦିମ ପୂରାପୂରି ଭାବରେ ଅଚେତନ ମନସ୍ତରରେ ରହିଥାଏ ବୋଲି ପୂର୍ବରୁ ସୂଚନା ଦିଆଯାଇଛି । ଅହମ୍ ଉପାଦାନଟି ପରିବେଶରୁ ସୃଷ୍ଟି ହେଉଥିବାରୁ ଏହା ମୁଖ୍ୟତଃ ଚେତନ ସ୍ତରରେ ରହିଥାଏ । ପରମ ଅହମ୍ (ବିବେକ) କିଛି ମାତ୍ରାରେ ଅଚେତନ ହେବା ସ୍ଥଳେ କିଛି ମାତ୍ରାରେ ଅବଚେତନ ସ୍ତରରେ ରହିଥାଏ ।

ବ୍ୟକ୍ତତ୍ୱର ତିନୋଟି ଉପାଦାନର (ଆଦିମ,ଅହମ୍ ଓ ପରମ ଅହମ୍) ପାରସ୍ପରିକ ସମ୍ପର୍କ ଉପରେ ନିର୍ଭର କରି ବ୍ୟକ୍ତିତ୍ୱ ସ୍ୱାଭାବିକ କିମ୍ବା ଅସ୍ୱଭାବୀ (Abnormal) ହୋଇଥାଏ । ଗୋଟିଏ ଉଦାହରଣ ଦ୍ୱାରା ଏହାକୁ ସ୍ପଷ୍ଟ କରାଯାଇପାରେ । ମନେକରାଯାଉ ଅତିଥି ହିସାବରେ ଜଣେ ଅନ୍ୟଜଣକ ଘରକୁ ବୁଲିଯାଇଛନ୍ତି । ଅତିଥିକୁ ଗୋଟିଏ ପ୍ଲେଟ୍‌ରେ ବହୁ ପରିମାଣରେ ରସଗୋଲା ଦିଆଯିବାପରେ ହୁଏତ ତାଙ୍କର "ଆଦିମ" ଉପାଦାନଟି ତରବର ହୋଇ ଲୋଭନୀୟ ରସଗୋଲା ଖାଇବାକୁ ପ୍ରଲୋଭନ ଜନ୍ମାଇବ । ମାତ୍ର ଏପରି ମୁହୂର୍ତ୍ତରେ 'ଅହମ୍' ଉପାଦାନଟି ସକ୍ରିୟ ହୋଇଉଠିବ । ଅତିଥିସତ୍କାର କରୁଥିବା ବ୍ୟକ୍ତିଜଣକ ଅତିଥିଙ୍କୁ ଖାଇବା ପାଇଁ ଅନୁରୋଧ ଜଣାଇବା ପରେ ରସଗୋଲା ଖାଇବା ଉଚିତ୍ ହେବ ବୋଲି ବ୍ୟକ୍ତି ବିଚାର କରିବ । ପୁଣି ଗୋଟିଏ ମୁହୂର୍ତ୍ତରେ "ପରମ ଅହମ୍" ବା ବିବେକ ସକ୍ରିୟ ହୋଇ ନିର୍ଦ୍ଦେଶ ଦେବ ଯେ, ମାତ୍ରାଧିକ ପରିମାଣରେ ରସଗୋଲା ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ । ବ୍ୟକ୍ତି ବିବେକର ସ୍ୱରକୁ ସମ୍ମାନ ଦେଇ ଅନିୟନ୍ତ୍ରିତ ଖାଦ୍ୟଗ୍ରହଣ ବନ୍ଦରଖିବେ ।

ଲକ୍ଷ୍ୟ କରିବାର କଥା ଯେ ସ୍ୱାଭାବିକ ଆଚରଣ ସମୟରେ ଆଦିମ, ଅହମ୍ ଓ ପରମ ଅହମ୍ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷାକରନ୍ତି । ତିନୋଟି ଉପାଦାନ ମଧ୍ୟରେ ସମନ୍ୱୟ ବ୍ୟକ୍ତିର ବ୍ୟବହାରକୁ ସ୍ୱାଭାବିକ କରିଥାଏ । ଅନ୍ୟ ପକ୍ଷରେ ସମନ୍ୱୟଶୀଳତାର ହାନି ଘଟିଲେ ବ୍ୟକ୍ତିର ବ୍ୟବହାର ଅସ୍ୱଭାବୀ (Abnormal) ହୁଏ । ବ୍ୟକ୍ତିତ୍ୱର ତିନୋଟି ଉପାଦାନକୁ ଫ୍ରଏଡ ତିନୋଟି ଅଶ୍ୱ ସହିତ ତୁଳନା କରୁଥିଲେ । ଏହି ଅଶ୍ୱ ତିନୋଟି ପରସ୍ପର ମଧ୍ୟରେ ବୁଝାମଣା ରକ୍ଷାକରି ବ୍ୟକ୍ତିତ୍ୱ ଗାଡ଼ିକୁ ଚଳାଇଲେ ବ୍ୟକ୍ତିତ୍ୱ ଠିକ୍ ରହେ । ମାତ୍ର ଏ ତିନୋଟି ମଧ୍ୟରୁ କୌଣସି ଗୋଟିଏ ଅନିୟନ୍ତ୍ରିତ ହୋଇପଡ଼ିଲେ ବ୍ୟକ୍ତିତ୍ୱ ବିକୃତିଗ୍ରସ୍ତ ହୋଇପଡ଼େ । କିଶୋର କିଶୋରୀମାନେ ମାତ୍ରାଧିକ ପରିମାଣରେ ଆଦିମ ପ୍ରବୃତ୍ତିର ଶରବ୍ୟ ହୋଇପଡ଼ିଲେ ପରିଣତି କିପରି ଉତ୍କଟ ହେବ, ତାହା ସହଜରେ ଅନୁମେୟ ।

Digitized by srujanika@gmail.com

ବ୍ୟକ୍ତିତ୍ୱର ସ୍ୱାଭାବିକତା ପ୍ରସଙ୍ଗରେ ଆଉ ଗୋଟିଏ ଦିଗ ଗୁରୁତ୍ୱପୂର୍ଣ୍ଣ । ତାହା ହେଉଛି ସୁରକ୍ଷା କୌଶଳ (Defense Mechanism) । ପ୍ରତ୍ୟେକ ବ୍ୟକ୍ତିତ୍ୱର 'ମୁଁ' ତ୍ୱ ବା ଅହମ୍ ଉପାଦାନଟି ଏକ ସୁରକ୍ଷା ବଳୟ ମଧ୍ୟରେ ତିଷ୍ଠିରହିବାକୁ ପସନ୍ଦ କରେ । ମାତ୍ର ଏହା ସବୁବେଳେ ସମ୍ଭବ ହୁଏ ନାହିଁ । ଧରାଯାଉ କୌଣସି ଏକ କାର୍ଯ୍ୟରେ ବ୍ୟକ୍ତିଜଣକ ବିଫଳ ହେଲେ । ଏ କ୍ଷେତ୍ରରେ ହୁଏତ ତାଙ୍କ ମନକୁ ଭାବନା ଆସିବ ଯେ ସେ ଅପାରଗ । ଏପରି ଏକ ନକାରାତ୍ମକ ଭାବନା ଖୁବ୍ ଅପ୍ରୀତିକର । ଏହା ତାଙ୍କର ମୁଁ ତ୍ୱ ବା ଅହମ୍ ଭାବନାକୁ ଧକ୍କା ଦେବ । ଅହମ୍‌ର ସୁରକ୍ଷା ପାଇଁ ଏହା ଏକ ଅନ୍ତରାୟ ସୃଷ୍ଟି କରିବ ।

ବ୍ୟକ୍ତି ଏପରି ଅପ୍ରୀତିକର ପରିବେଶର ସମ୍ମୁଖୀନ ହେଲେ 'ମୁଁ' ତ୍ୱ ର ବା ଅହମ୍ ର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ କେତେକ କୌଶଳ ଅବଲମ୍ବନ କରେ । ଏ ସବୁକୁ ସୁରକ୍ଷା କୌଶଳ କୁହନ୍ତି । 'ମୁଁ' ତ୍ୱ ର ସୁରକ୍ଷା ପାଇଁ କିଶୋର କିଶୋରୀମାନେ ସମୟ ସମୟରେ ଅସ୍ୱୀକାର ମନୋଭାବର (Denial Mechanism) ଉପଯୋଗ କରନ୍ତି । ଧରାଯାଉ କାର୍ଯ୍ୟଟି ସଫଳ ହୋଇନାହିଁ । ଏ କ୍ଷେତ୍ରରେ ସେମାନେ ହୁଏତ ଭାବିବସିବେ – ''ନାଃ' ଏପରି କିଛି ଘଟି ନାହିଁ ।'' ଅନ୍ୟ କେତେକ କ୍ଷେତ୍ରରେ କିଶୋର କିଶୋରୀମାନେ ଭିନ୍ନ ଧରଣର କୌଶଳ ଅବଲମ୍ବନ କରନ୍ତି । ସେମାନେ ବୟସ ଅନୁପାତରେ ପଛକୁ ଫେରିଯାଆନ୍ତି । ଅନ୍ୟଭାଷାରେ କହିଲେ ସେମାନେ ଛୋଟ ପିଲାପରି ବ୍ୟବହାର ଦର୍ଶାନ୍ତି ।

ଏ ଦୁଇଟି ସୁରକ୍ଷା କୌଶଳ ବ୍ୟତୀତ ଅନ୍ୟ କେତୋଟି ଉପାୟ ମଧ୍ୟ ରହିଛି । ଅପ୍ରୀତିକର ଅବସ୍ଥାରେ ସମନ୍ୱୟ ରକ୍ଷା ପାଇଁ ସୀମିତ ପରିମାଣର ସୁରକ୍ଷା କୌଶଳର ଉପଯୋଗ କରାଯାଇପାରେ । ମାତ୍ର ଏସବୁର ଘନ ଘନ ମାତ୍ରାଧିକ ବ୍ୟବହାର ସୁସ୍ଥ ବ୍ୟକ୍ତିତ୍ୱର ପରିଚାୟକ ନୁହେଁ । କିଶୋରକାଳୀନ ବିକାଶ ପରିପ୍ରେକ୍ଷୀରେ ଅବଦମନ (Repression) ମଧ୍ୟ ଉଲ୍ଲେଖଯୋଗ୍ୟ । ଅଶ୍ଳୀଳ ଭାବନା, ଯୌନକାମନା ଓ ଆଦିମ ପ୍ରବୃତ୍ତି ଚେତନାର ଉପରସ୍ତରକୁ ଆସିଲେ ସମସ୍ତେ ଅସ୍ୱସ୍ତି ଅନୁଭବ କରନ୍ତି । ସୁତରାଂ ଏସବୁ ଅଚେତନ ସ୍ତରକୁ ଚାପିଦିଅନ୍ତି । ଫ୍ରଏଡ୍ ବିଶ୍ୱାସ କରୁଥିଲେ ଯେ ଅଧିକାଂଶ ବ୍ୟକ୍ତି ସୁରକ୍ଷା କୌଶଳସବୁ ଠିକ୍‌ଭାବରେ ଉପଯୋଗ କରି ଆଦିମର (Id) ମାତ୍ରାଧିକ ପ୍ରଭାବରୁ ନିଜକୁ ରକ୍ଷା କରନ୍ତି । ସୁରକ୍ଷା କୌଶଳ ବିଫଳ ହେଲେ ବ୍ୟକ୍ତି ମାନସିକ ବିକାରଗ୍ରସ୍ତ ହୋଇପଡ଼େ ।

ପରବର୍ତ୍ତୀ କାଳରେ ଫ୍ରଏଡ୍‌ଙ୍କ କନ୍ୟା ଆନା ଫ୍ରଏଡ କିଶୋର କିଶୋରୀମାନଙ୍କ ପରିପ୍ରେକ୍ଷୀରେ ଏକ ପରିବର୍ତ୍ତନର ପ୍ରସ୍ତାବ ଦେଇଛନ୍ତି । ତାଙ୍କ ମତରେ କିଶୋରକାଳୀନ ସମସ୍ୟାର କେନ୍ଦ୍ରବିନ୍ଦୁ ଆଦିମ ପ୍ରବୃତ୍ତି ବା ଅପୂରିତ କାମନା ନୁହେଁ । ବରଂ ସମସ୍ୟାର ଉତ୍ସ ହେଉଚି ପ୍ରିୟବସ୍ତୁ । ଶୈଶବ ଓ ବାଲ୍ୟକାଳରେ ଶିଶୁ ନିଜର ପିତାମାତାକୁ ଭଲପାଆନ୍ତି । କିଶୋର ଅବସ୍ଥାରେ ଏହି ଭଲପାଇବା ଏକ ପରିବର୍ତ୍ତିତ ରୂପନେଇ ଅନ୍ୟବସ୍ତୁ କିମ୍ବା ଅନ୍ୟ ବ୍ୟକ୍ତିପ୍ରତି ଅଭିପ୍ରେରିତ ହୁଏ । ଏହା ଠିକ୍ ଭାବରେ ପରିବର୍ତ୍ତିତ ଓ ପରିଚାଳିତ ହୋଇପାରିଲେ

Digitized by srujanika@gmail.com

ସ୍ୱାଭାବିକତା ରକ୍ଷା କରାଯାଏ । ଅନ୍ୟ ପକ୍ଷରେ ଏପରି ରୂପାନ୍ତରଣ ତ୍ରୁଟିପୂର୍ଣ୍ଣ ହେଲେ ଅସ୍ୱଭାବୀ ବ୍ୟବହାର ରୂପ ନିଏ ।

କିଶୋରକାଳୀନ ବିକାଶକୁ ବୁଝିବାକୁ ହେଲେ ଫ୍ରଏଡ୍‌ଙ୍କର ଅନ୍ୟ ଗୋଟିଏ ତତ୍ତ୍ୱ ମଧ୍ୟ ବିଚାର କରିବାକୁ ହେବ । ତାହା ହେଉଛି ମାନସଯୌନ (Psychosexual Development) ବିକାଶ ।

ମାନସଯୌନ ବିକାଶ

ଫ୍ରଏଡ୍ ଦୃଢ଼ଭାବରେ ବିଶ୍ୱାସ କରୁଥିଲେ ଯେ ମନ ଓ ଶରୀରର ବିକାଶ ମଧ୍ୟରେ ଏକ ସମାନ୍ତରତା ରହିଛି । ଜନ୍ମର ପୂର୍ବରୁ ଶାରୀରିକ ବିକାଶ ସଂଘଟିତ ହୋଇଥିଲେ ମଧ୍ୟ ଜନ୍ମର ପରେ ପରେ ଶାରୀରିକ ବିକାଶର ଏକ ବୈଚିତ୍ର୍ୟ ରହିଛି । ତାହା ହେଉଛି ଶରୀରର ବିକାଶ ସହିତ ଆନନ୍ଦାନୁଭୂତିର କେନ୍ଦ୍ର ମଧ୍ୟ ପରିବର୍ତ୍ତିତ ହୁଏ । ଆନନ୍ଦଲାଭର ଉତ୍ସ (Source Pleasure) ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ଅନୁରୂପ ମାନସିକ ବିକାଶ ମଧ୍ୟ ସଂଘଟିତ ହୁଏ । କିଶୋରକାଳୀନ ସୋପନ ହେଉଛି ଯୌନକେନ୍ଦ୍ରିକ ସୋପାନ, ମାତ୍ର ଏହାର ସ୍ୱରୂପ ବୁଝିବା ପାଇଁ ପୂର୍ବ ଚାରୋଟି ସୋପାନ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଆବଶ୍ୟକ ।

ଜନ୍ମରୁ ଆରମ୍ଭ କରି ପ୍ରାୟ ଦେଢ଼ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ମାତୃସ୍ତନ୍ୟ ପାନକରି ଖାଦ୍ୟ ଓ ଆନନ୍ଦ ପାଏ । ନିଜ ମୁଖର ଉପଯୋଗ କରି ଆନନ୍ଦ ପାଉଥିବାରୁ ଏହାକୁ ମୌଖିକ ସୋପାନ (Oral Stage) କୁହାଯାଇପାରେ । ଫ୍ରଏଡ୍‌ଙ୍କ ମତରେ ପ୍ରତିଟି ସୋପାନରେ

ମୌଖିକ ମୁଖକେନ୍ଦ୍ରିକ ସୋପାନ	*ପାୟୁ ସୋପାନ*	*ଲିଙ୍ଗିକ ସେପାନ*	*ଅପ୍ରକଟତା ସୋପାନ*	*ଯୌନାଙ୍ଗ ସୋପାନ*
ଆନନ୍ଦ ଲାଭର ଉତ୍ସ ହେଉଛି ମୁଖ ଜନ୍ମରୁ $୧\frac{୧}{୨}$ ବର୍ଷ	ଆନନ୍ଦ ଲାଭର ଉତ୍ସ ହେଉଛି ମଳଦ୍ୱାର $୧\frac{୧}{୨}$ ରୁ ୩ବର୍ଷ	ଆନନ୍ଦ ଲାଭର ଉତ୍ସ ହେଉଛି ଯୌନାଙ୍ଗ ୩ରୁ୬ବର୍ଷ	ଯୌନ ଆଗ୍ରହ କମିଯାଇ ଖେଳ କୁଦ ଏବଂ କୁଣ୍ଢେଇପରି ବାହ୍ୟ ବସ୍ତୁରେ ଆନନ୍ଦ ଜନ୍ମେ ୬ବର୍ଷରୁ କୈଶୋର	ପରିବାର ବାହାରେ ଅନ୍ୟକୁ ଯୌନ କେନ୍ଦ୍ରିକ ଆନନ୍ଦର ଉତ୍ସ ହୁଏ କୈଶୋରର ପରବର୍ତ୍ତୀ ସମୟ

ଶିଶୁ ନିର୍ଦ୍ଦିଷ୍ଟ ପରିମାଣରେ ଆନନ୍ଦାଭୂତିର ପ୍ରତ୍ୟାଶା ରଖେ । କୌଣସି କାରଣରୁ ଏହି ଆନନ୍ଦାନୁଭୂତିର ମାତ୍ରା କମ୍ ହେଲେ କିମ୍ବା ବେଶୀ ହେଲେ ସମସ୍ୟା ଉପୁଜିଥାଏ । ବୟସ

Digitized by srujanika@gmail.com

ଦୃଷ୍ଟିରୁ ଶିଶୁ ପରବର୍ତ୍ତୀ ସୋପାନକୁ ଗତିକଲେ ମଧ୍ୟ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ପଛ ସୋପାନରେ ପଡ଼ିରହେ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ, ଜନ୍ମରୁ ଦେଢ଼ବର୍ଷ ବୟସ ମଧ୍ୟରେ ଶିଶୁର ମୁଖଜନିତ ଆନନ୍ଦାନୁଭୂତି ସଠିକ୍ ପରିମାଣରେ ହୋଇନଥିଲେ ସେ ଦେଢ଼ବର୍ଷ ବୟସ ପରେ ମଧ୍ୟ ପଛକୁ ଫେରିଯିବାର ମାନସିକତା ଦର୍ଶାଏ । ପାନ ବିଡ଼ି ସିଗାରେଟ ଖାଇବା ପରି ଅନୁପଯୋଗୀ ବ୍ୟବହାରସବୁ ମୁଖକେନ୍ଦ୍ରିକ ଆନନ୍ଦ ଅନ୍ୱେଷଣର ସୂଚନା ଦିଏ ।

ବୟସ ପ୍ରାୟ ଦେଢ଼ବର୍ଷ ହେବା ସମୟରେ ଶିଶୁର ଆନନ୍ଦାନୁଭୂତିର କେନ୍ଦ୍ରବିନ୍ଦୁ ମଳଦ୍ୱାର (Anus) ହୋଇଥାଏ । ଏ ଦୃଷ୍ଟିରୁ ଏ ସୋପାନଟିକୁ ପାୟୁ ସୋପାନ (Anal Stage) କୁହାଯାଏ । ଏ ପର୍ଯ୍ୟାୟରେ ମଧ୍ୟ ମଳତ୍ୟାଗ କରିବା ସମୟରେ ଶିଶୁ ସୁଖାନୁଭୂତି ଲାଭକରେ । କହିବା ଅନାବଶ୍ୟକ ଯେ ଏ ସୋପାନରେ ଶିଶୁ ନିର୍ଦ୍ଦିଷ୍ଟ ପରିମାଣରେ ସୁଖାନୁଭୂତି ଚାହେଁ । ଏ ସୋପାନଟି ୧ $\frac{୧}{୨}$ ବର୍ଷରୁ ୩ ବର୍ଷ ବୟସ ମଧ୍ୟରେ ସଂଘଟିତ ହୋଇଥାଏ । ମାନସ-ଯୌନ ବିକାଶର ଏହି ସୋପାନରେ ଅଟକି ଯାଇଥିବା ଶିଶୁ ପରବର୍ତ୍ତୀ ସମୟରେ ଅତିବେଶୀ ଶୃଙ୍ଖଳିତ କିମ୍ବା ଅତିବେଶୀ ବିଶୃଙ୍ଖଳିତ ହୋଇଥାଆନ୍ତି ।

ଶିଶୁ ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ସୋପାନରେ ପ୍ରବେଶ କରେ ତାହାକୁ ଲିଙ୍ଗିକ ସୋପାନ (Phallic Stage) କୁହାଯାଏ । ଏ ସମୟରେ ତା'ର ଆନନ୍ଦ ଆହରଣ ଯୌନାଙ୍ଗ ଉପରେ କେନ୍ଦ୍ରିଭୂତ ହୁଏ । ଫ୍ରଏଡ଼ ଲକ୍ଷ୍ୟ କରିଥିଲେ ଯେ ଏ ସମୟରେ ଶିଶୁମାନଙ୍କ ମନରେ ଜଟିଳତା ଦେଖାଦିଏ । ପୁଅମାନେ ମା' ପ୍ରତି ଅନୁରକ୍ତ ହୁଅନ୍ତି ଏବଂ ପିତାଙ୍କ ପ୍ରତି ପ୍ରଚ୍ଛନ୍ନଭାବରେ ବିରକ୍ତି ଦର୍ଶାନ୍ତି । ଫ୍ରଏଡ଼ ଏପରି ଜଟିଳତାକୁ ଅଡ଼ିପସ ଜଟିଳତା (Oedipus complex) ଆଖ୍ୟା ଦେଇଥିଲେ । ସେହିପରି ଶିଶୁକନ୍ୟା ତାର ପିତାଙ୍କ ପ୍ରତି ଅନୁରକ୍ତ ରହେ ଏବଂ ମା' ପ୍ରତି ବିରକ୍ତ ଅନୁଭବ କରେ । ଏହାକୁ ଇଲେକ୍‌ଟ୍ରା ଜଟିଳତା (Electra complex) କୁହାଯାଏ । ଗ୍ରୀକ୍ ପୁରାଣର ଚରିତ୍ରମାନଙ୍କ ନାମାନୁସାରେ ଏପରି ନାମକରଣ କରାଯାଇଛି । ଅବଶ୍ୟ ପ୍ରକାଶ୍ୟଭାବରେ ଏ ଦୁଇଟି ଇଚ୍ଛା ରୂପ ନେଇପାରେ ନାହିଁ, କାରଣ ବଡ଼ମାନଙ୍କଠାରୁ ଶାସ୍ତିର ଭୟ ଥାଏ । ଧୀରେ ଧୀରେ ଶିଶୁମାନେ ଏପରି ଇଚ୍ଛାକୁ ଅବଦମନ କରନ୍ତି । ପିତାମାତା ଓ ସମାଜର ଶିକ୍ଷା ଫଳରେ ନୈତିକ ମୂଲ୍ୟବୋଧ ଓ ବିବେକର ବିକାଶ ଘଟେ ।

ପାଞ୍ଚ ଛ'ବର୍ଷ ବୟସର ପରେ ପରେ ଶିଶୁମାନେ ଏକ ଅପ୍ରକଟତା ସୋପାନରେ (Latency stage) ପ୍ରବେଶ କରନ୍ତି । ଏହି ସମୟରେ ଶରୀର ଏ ଯୌନକେନ୍ଦ୍ରିକ ବିଷୟ ବସ୍ତୁରୁ ଆଗ୍ରହ କମିଯାଏ । ଏପରି ଖେଳବୟସରେ ଖେଳକୁଦ ଓ ଖେଳସାମଗ୍ରୀରେ ଆଗ୍ରହ କେନ୍ଦ୍ରୀଭୂତ ହୁଏ । ଯୌନକାମନାର ସାମୟିକ ବିଲୟ ଘଟୁଥିବାରୁ ଏହାକୁ ଅପ୍ରକଟତାର ସୋପାନ ବୋଲି କୁହାଯାଇଛି ।

କିଶୋର ଅବସ୍ଥା ଆରମ୍ଭ ହେବା ମାତ୍ରେ ଯୌନଚେତନାର ପୁନର୍ଜାଗରଣ ଘଟେ । ଏହା କିଶୋରକାଳରୁ ଆରମ୍ଭ ହେଇ ବେଶ୍ ସମୟ ବଳବତ୍ତର ହୁଏ, ଯୌନକାମନାର ବ୍ୟକ୍ତି

Digitized by srujanika@gmail.com

କିମ୍ବା ବନ୍ଧୁ ପରିବାରର ବଳୟ ବାହାରେ ରହିଥାନ୍ତି । ଫ୍ରଏଡ଼୍‌ଙ୍କ ମତରେ କିଶୋର କିଶୋରୀମାନଙ୍କର ପିତାମାତାଙ୍କ ସହିତ ଯେଉଁ ଅସମାହିତ ଦ୍ୱନ୍ଦ୍ୱ ରହିଥାଏ ତାହା କ୍ରମଶଃ ଦୁର୍ବଳ ହୁଏ । ବାହ୍ୟ ପରିବେଶର କୌଣସି ଏକ ବ୍ୟକ୍ତିଙ୍କ ସହିତ ପ୍ରୀତିପୂର୍ଣ୍ଣ ସମ୍ପର୍କର ପରିପକ୍ୱତା ଆସିଲେ ପିତାମାତାଙ୍କ ସହିତ ଦ୍ୱନ୍ଦ୍ୱ ସ୍ୱତଃ ମିଳାଇଥାଏ । ଯୁବକ ଯୁବତୀ ହିସାବରେ କିଶୋର କିଶୋରୀମାନେ ଧୀରେ ଧୀରେ ପରିପକ୍ୱତା ଓ ସମ୍ପର୍କରକ୍ଷାର ଅଧିକାରୀ ହୁଅନ୍ତି ।

ଫ୍ରଏଡ଼୍‌ଙ୍କ ପ୍ରଖ୍ୟାପିତ ମାନସ-ଯୌନ ବିକାଶର ଦୁଇଟି ବିଶେଷ ତାତ୍ପର୍ଯ୍ୟ ରହିଛି । ପ୍ରଥମତଃ ବିକାଶର ଧାରା ଓ ସୋପାନକୁ ଲକ୍ଷ୍ୟକଲେ ସ୍ପଷ୍ଟ ଅନୁଭୂତ ହେବ ଯେ ସ୍ୱାଭାବିକ ବିକାଶ ପ୍ରକ୍ରିୟାରେ ଶିଶୁର ଆନନ୍ଦକେନ୍ଦ୍ର ନିର୍ଦ୍ଧାରିତ ରୀତିରେ ପରିବର୍ତ୍ତିତ ହୁଏ । ପ୍ରଥମେ ମୁଖ ଏବଂ ତାପରେ ମଳଦ୍ୱାର (ପାୟୁ), ଯୌନେନ୍ଦ୍ରିୟ, ଖେଳନାସାମଗ୍ରୀ ମଧ୍ୟ ଦେଇ ଶେଷ ପର୍ଯ୍ୟାୟରେ ଭିନ୍ନଲିଙ୍ଗୀ ବ୍ୟକ୍ତିଠାରେ ଆନନ୍ଦ କେନ୍ଦ୍ରିଭୂତ ହୁଏ । କୌଣସି କାରଣରୁ ଶିଶୁ ଗୋଟିଏ ସୋପାନରେ ଅଟକି ରହିଗଲେ ଅସ୍ୱଭାବୀ ବ୍ୟବହାର ଜନ୍ମିଥାଏ ।

ଦ୍ୱିତୀୟତଃ ବିକାଶଧାରାରେ ଏପରି ସୁନିର୍ଦ୍ଦିଷ୍ଟତା ଥିବାରୁ ଅନ୍ୟ ଗୋଟିଏ ବ୍ୟବହାରିକ ଦିଗ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ବ୍ୟକ୍ତିର ଯେ କୌଣସି ବିକୃତି ବା ମାନସିକ ବିପର୍ଯ୍ୟୟର ମୂଳ ହେଉଛି ବିଗତ କୌଣସି ଏକ ବିକାଶ ସୋପନରେ ତ୍ରୁଟିବିଚ୍ୟୁତି । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ, ଜଣେ କିଶୋର କିମ୍ବା କିଶୋରୀ କୌଣସି ଅବାଞ୍ଛନୀୟ ବ୍ୟବହାର ଦର୍ଶାଇଲେ ତାହାର ଉତ୍ସ ମୌଖିକ ସୋପାନ କିମ୍ବା ପାୟୁ ସୋପାନ କିମ୍ବା ଅପ୍ରକଟତାର ସୋପାନରେ ଘଟିଥାଇପାରେ। ସୁତରାଂ ଫ୍ରଏଡ଼ୀୟ ତତ୍ତ୍ୱରେ ବିଶ୍ୱାସ କରୁଥିବା ମନସମୀକ୍ଷକମାନେ (Psychoanalyst) ବିକୃତିସମ୍ପନ୍ନ ବ୍ୟକ୍ତିର ଅତୀତ ଜୀବନର ଘଟଣା ସବୁ ବିଶ୍ଳେଷଣ କରିଥାନ୍ତି । ଅତୀତର ମାନସିକ ଦ୍ୱନ୍ଦ୍ୱ ଦୂର କରିବାକୁ ସେମାନେ ଅନ୍ତରଙ୍ଗପୂର୍ଣ୍ଣ କଥାବାର୍ତ୍ତାର (Free Association) ସାହାଯ୍ୟ ନିଅନ୍ତି । ମାନସିକ ବେଦନା ଅନୁଭବ କରୁଥିବା ବ୍ୟକ୍ତି ଅନେକ ସମୟରେ ଏପରି ଅନ୍ତରଙ୍ଗତାପୂର୍ଣ୍ଣ କଥାବାର୍ତ୍ତା ମାଧ୍ୟମରେ ନିଜ ଜୀବନର ମାନସିକ ସଂଘାତସବୁ ଖୋଲାଖୋଲି ଭାବେ ପ୍ରକାଶ କରି ହାଲୁକା ଅନୁଭବ କରେ ! ବିଂଶ ଶତକର ପ୍ରଥମାର୍ଦ୍ଧରେ ଫ୍ରଏଡ୍ ଏବଂ ତାଙ୍କର ଅନୁଗତମାନେ ଏପରି ମନୋବିଶ୍ଳେଷଣ (Psychoanalysis) ପ୍ରୟୋଗ କରି ଆଶାନୁରୂପ ସଫଳତା ହାସଲ କରିଥିଲେ ।

ବିଂଶ ଶତକର ଦ୍ୱିତୀୟ ଭାଗରେ ଏ ପଦ୍ଧତିରେ ଲୋକପ୍ରିୟତା ହ୍ରାସ ପାଇଛି । ଏହାର ଦୁଇଟି କାରଣ ରହିଛି । ବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ବହୁ ସମାଲୋଚକ ଫ୍ରଏଡ଼ୀୟ ତତ୍ତ୍ୱର ଦୁର୍ବଳତା ଦର୍ଶାଇଲେ । ସେମାନେ ଯୁକ୍ତି କଲେ ଯେ ଫ୍ରଏଡ଼୍ ମାତ୍ରାଧିକ ପରିମାଣରେ ଜୀବଭିତ୍ତିକ (Biological) ଉପାଦାନ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଏ ପରିପ୍ରେକ୍ଷୀରେ ପରିବେଶର ଭୂମିକାକୁ ଆବଶ୍ୟକ ସ୍ୱୀକୃତି ଦିଆଯାଇନାହିଁ । ସେମାନେ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମିର ଗୁରୁତ୍ୱ ଉପରେ ଆଲୋକପାତ କଲେ । ସାମାଜିକ ସାଂସ୍କୃତିକ ଉପାଦାନସବୁର ପ୍ରାଧାନ୍ୟ ଦର୍ଶାଉଥିବା କେତେକ ମନସ୍ତତ୍ତ୍ୱବିତ୍‌ଙ୍କ ମତାମତ ଏହା ପରେ ପରେ ଦିଆଯାଉଛି ।

Digitized by srujanika@gmail.com

ଅନ୍ୟ ସମସ୍ୟାଟି ହେଉଛି ପ୍ରୟୋଗାତ୍ମକ ଦିଗ । ପୂର୍ବ ଅପେକ୍ଷା ଏବେ ଲୋକମାନେ ଅଧିକ କାର୍ଯ୍ୟବ୍ୟସ୍ତ ହୋଇପଡ଼ିଥିବାରୁ ବାରମ୍ବାର ଦୀର୍ଘସମୟ ପାଇଁ ମନସମୀକ୍ଷକ କୋଠରୀରେ ମନୋବିଶ୍ଳେଷଣ ପାଇଁ ଆଗଭର ହେଉନାହାଁନ୍ତି । ଏତଦ୍‌ବ୍ୟତୀତ ଏହା ଏକ ବ୍ୟୟବହୁଳ ପଦ୍ଧତି ବୋଲି ବିଚାର କରାଯାଉଛି । ଏ ପରିପ୍ରେକ୍ଷୀରେ ମନୋବିଶ୍ଳେଷଣର ଲୋକପ୍ରିୟତା ହ୍ରାସ ପାଇଲେ ମଧ୍ୟ ଏହାର ଦୁଇଟି ତିନୋଟି ଅବଦାନ ଏବେ ମଧ୍ୟ ସ୍ୱୀକୃତିସ୍ତରରେ ତିଷ୍ଠି ରହିଛି ।

ଶେଷକଥା: ସାରକଥା

୧. କିଶୋରକାଳୀନ ଜୀବନ ବିକାଶର ସ୍ୱାଭାବିକ କିମ୍ବା ଅସ୍ୱାଭାବିକତା ମୂଳରେ ଶୈଶବ/ବାଲ୍ୟକାଳୀନ ଅନୁଭବକୁ ଫ୍ରଏଡ଼ ମାତ୍ରାଧିକ ଗୁରୁତ୍ୱ ଦେଇଥିଲେ ମଧ୍ୟ ଆଧୁନିକ ମନସ୍ତତ୍ତ୍ୱବିଦ୍‌ମାନେ ଏପରି ଅନୁଭବର ପ୍ରାଧାନ୍ୟକୁ ପୂରାପୂରି ଅସ୍ୱୀକାର କରିନାହାନ୍ତି ।

୨. ଆଦିମ (Id), ଅହମ୍ (Ego) ଓ ପରମ ଅହମ୍ ବା ବିବେକର (Super-ego ବା conscience) ସମନ୍ୱୟକୁ କେନ୍ଦ୍ରକରି ସୁସମଞ୍ଜସ (Harmonious) ବ୍ୟକ୍ତିତ୍ୱର ପରିକଳ୍ପନା ଏବଂ ତିନୋଟିର ସଂଘର୍ଷରେ ସମନ୍ୱୟହୀନ ଏକ ବିକାରଗ୍ରସ୍ତ ବ୍ୟକ୍ତିତ୍ୱର ଧାରଣା ଏକ ଗ୍ରହଣୀୟ ପରିକଳ୍ପନା ।

୩. ଅଚେତନ ମନର (Unconscious)ର ଭୂମିକାକୁ ଫ୍ରଏଡ଼ କିଛି ମାତ୍ରାରେ ଅତିରଂଜନ କରିଥିଲେ ମଧ୍ୟ ଏହାର ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ ।

❑

Digitized by srujanika@gmail.com

ନବ ଫ୍ରଏଡ଼ୀୟ ଦୃଷ୍ଟିଭଙ୍ଗୀ

ମନୁଷ୍ୟର ଶାରୀରିକ ବିଶେଷ କରି ଯୌନ ତୃପ୍ତିର ଉତ୍ସସବୁର ପରିବର୍ତ୍ତନ ସହିତ ସମତାଳ ରକ୍ଷା କରି ମନୁଷ୍ୟର ବ୍ୟକ୍ତିତ୍ୱର ବିକାଶ ଘଟେ ବୋଲି ଫ୍ରଏଡ୍ ପ୍ରଖ୍ୟାପନ କରିଥିଲେ । ଫ୍ରଏଡ୍‌ଙ୍କ ତାତ୍ତ୍ୱିକ ଚିନ୍ତାଧାରା ତାଙ୍କର କେତେଜଣ ବିଶିଷ୍ଟ ଶିଷ୍ୟଙ୍କୁ ଏ ବିଶ୍ୱାସର ଅନୁବର୍ତ୍ତୀ କରାଇ ପାରି ନ ଥିଲା । ମଣିଷର ଜୈବିକ (ଶାରୀରିକ) ପରିବର୍ତ୍ତନ ଓ ଇନ୍ଦ୍ରିୟ ସୁଖ ଉପରେ ଫ୍ରଏଡ଼ ମାତ୍ରାଧିକ ଗୁରୁତ୍ୱ ଆରୋପ କରୁଛନ୍ତି ବୋଲି ସେମାନେ ଅନୁଭବ କଲେ । ଫଳରେ ଫ୍ରଏଡ୍‌ଙ୍କ ଚିନ୍ତାଧାରାଠାରୁ ଦୂରେଇଯାଇ ବ୍ୟକ୍ତିତ୍ୱର ବିକାଶ ସମ୍ପର୍କରେ ଅନ୍ୟ କେତେକ ଧାରଣା ଦେଇଗଲେ ।

ଫ୍ରଏଡ୍‌ଙ୍କ ଶିଷ୍ୟ ୟୁଙ୍ଗ୍ ଜଣେ ବହୁ-ସଂସ୍କୃତି ବିଶାରଦ ପଣ୍ଡିତ ଥିଲେ । ସେ ଅନୁଭବ କଲେ ଯେ ବ୍ୟକ୍ତିତ୍ୱର ବିକାଶ କ୍ଷେତ୍ରରେ କେବଳ ବ୍ୟକ୍ତିଗତ ଅନୁଭୂତି କାମ କରେ ନାହିଁ । ବ୍ୟକ୍ତିଗତ ଅନୁଭୂତି ଓ ଅଭିଜ୍ଞତାଠାରୁ ଗୋଷ୍ଠୀଗତ ଅନୁଭବ ଅଧିକ ପ୍ରଭାବଶାଳୀ । ୟୁଙ୍ଗ୍‌ଙ୍କ ମତରେ ସମୟର ଗତି ଅନୁସାରେ ଗୋଟିଏ ଗୋଷ୍ଠୀ ନିଜର ବିଶ୍ୱାସ ଓ ଚିନ୍ତାଧାରା ନିଜର ଉତ୍ତରପୁରୁଷମାନଙ୍କୁ ପ୍ରଦାନ କରନ୍ତି । ବଂଶାନୁକ୍ରମିକତା ଓ ଚିନ୍ତାଧାରାର କ୍ରମ ପ୍ରଦାନ ଫଳରେ ଆମେ ଆମର ପୂର୍ବପୁରୁଷମାନଙ୍କର ବହୁ ଚିନ୍ତାଧାରା ଗ୍ରହଣ କରୁ ଏବଂ ଗୋଷ୍ଠୀଗତ ଚିନ୍ତାଧାରା ଆମର ଅସ୍ଥିମଜ୍ଜାଗତ ହୋଇପଡ଼େ । ସୁତରାଂ କିଶୋର କିଶୋରୀମାନେ ବ୍ୟକ୍ତିଗତ ଅନୁଭବ ମଧ୍ୟରେ ସୀମିତ ନ ରହି ନିଜ ଗୋଷ୍ଠୀ ଓ ସମାଜର ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୁଅନ୍ତି ।

ଫ୍ରଏଡ୍‌ଙ୍କଠାରୁ ନିଜର ପାର୍ଥକ୍ୟ ଦର୍ଶାଇବାକୁ ଯାଇ ୟୁଙ୍ଗ୍ ଗୋଟିଏ ଉଦାହରଣ ବହୁବାର ଉଲ୍ଲେଖ କରିଛନ୍ତି । କୌଣସି କିଶୋର ବା କିଶୋରୀ ସ୍ୱପ୍ନରେ ବାରମ୍ବାର ସର୍ପ ଦେଖୁଥିଲେ ଫ୍ରଏଡ୍ ବିଶ୍ୱାସ କରୁଥିଲେ ଯେ, ନିଜର ଅବଦମିତ ଯୌନ ଇଚ୍ଛା ଯୋଗୁଁ ଏପରି ସ୍ୱପ୍ନର ଅନୁଭବ ମିଳୁଛି । ଫ୍ରଏଡ଼ୀୟ ବିଚାରଧାରାରେ ସର୍ପ ଯୌନେନ୍ଦ୍ରିୟର ପ୍ରତୀକ ହୋଇଥିବାରୁ ନିଜର ପରିପୂରିତ ହୋଇ ନ ଥିବା ଯୌନ ଇଚ୍ଛାର ପରିପ୍ରକାଶ ସ୍ୱପ୍ନ ମାଧ୍ୟମରେ ସଂଘଟିତ ହେଉଛି । କିନ୍ତୁ ୟୁଙ୍ଗ୍‌ଙ୍କ ମତରେ ସର୍ପ ବହୁ ସଂସ୍କୃତିରେ ପୁରୁଷତ୍ୱର ପ୍ରତୀକ । ଏହି ପ୍ରତୀକ ରୂପେ ସର୍ପ ବହୁ ସମାଜରେ ପୂଜାପାଏ । ସୁତରାଂ ସ୍ୱପ୍ନରେ ସର୍ପ ଦେଖିବାର ତାତ୍ପର୍ଯ୍ୟ ହେଉଛି ପୁରୁଷତ୍ୱ ସମ୍ପର୍କୀୟ ଚିନ୍ତାଧାରାର ପ୍ରତିଫଳନ । ଅନ୍ୟମାନଙ୍କର ବ୍ୟକ୍ତିତ୍ୱର ବିକାଶ

Digitized by srujanika@gmail.com

କ୍ଷେତ୍ରରେ ଫ୍ରଏଡ୍ ବାଲ୍ୟକାଳୀନ ବ୍ୟକ୍ତିଗତ ଅନୁଭୂତିକୁ ଗୁରୁତ୍ୱ ଦେବା ସ୍ଥଳେ ୟୁଙ୍ଗ୍ ସମଷ୍ଟିଗତ ଅଭିଜ୍ଞତାକୁ ପ୍ରାଧାନ୍ୟ ଦେଇଛନ୍ତି ।

ୟୁଙ୍ଗଙ୍କ ପରି ଫ୍ରଏଡ୍‌ଙ୍କ ଅନ୍ୟତମ ବିଶିଷ୍ଟ ଶିଷ୍ୟ ଆଡ୍‌ଲର୍ ମଧ୍ୟ ଫ୍ରଏଡ୍‌ଙ୍କଠାରୁ ଦୂରେଇଯାଇଥିଲେ । ଆଡ୍‌ଲର୍ ପ୍ରଥମେ ଶାରୀରିକ ଅକ୍ଷମତା ଥିବା ପିଲାଙ୍କ ଉପରେ ନିଜର ଗବେଷଣା କରୁଥିଲେ । ସେ ଲକ୍ଷ୍ୟକଲେ ଯେ ଗୋଟିଏ ଅଙ୍ଗରେ ଅକ୍ଷମତା ଥିବା ପିଲାମାନେ ଅନ୍ୟ ଅଙ୍ଗର ପାରଦର୍ଶିତା ଦର୍ଶାଉଛନ୍ତି । ଚକ୍ଷୁହୀନ ପିଲାମାନେ ସ୍ପର୍ଶଜନିତ କୌଶଳ ଦର୍ଶାଉଛନ୍ତି କିମ୍ବା ସୁନ୍ଦର ଗୀତଗାଇ ପାରୁଛନ୍ତି । ସେହିପରି ବାକ୍‌ହୀନ ପିଲାମାନେ ଅନ୍ୟପ୍ରକାର ନୈପୁଣ୍ୟ ଦର୍ଶାଉଛନ୍ତି ।

ନିଜର ଅନୁଧ୍ୟାନକୁ ଭିତ୍ତି କରି ଆଡ୍‌ଲର୍ ଦର୍ଶାଇଲେ ଯେ ପ୍ରତି ବ୍ୟକ୍ତି ନିଜର ଶାରୀରିକ ଅକ୍ଷମତା କାରଣରୁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ କିଛି ପରିମାଣରେ ହୀନମନ୍ୟତା (Inferiorty) ଅନୁଭବ କରେ । ଏପରି ଅସାମର୍ଥ୍ୟ ଅନୁଭବ କରିବା ଫଳରେ ପରିବେଶରେ ନିଜର କର୍ତ୍ତୃତ୍ୱ ଜାରୀକରିବାର ତା'ର ଅଭିପ୍ସା ଆସେ । ଭିନ୍ନ ଭିନ୍ନ ଲୋକ ନିଜର କର୍ତ୍ତୃତ୍ୱ ପ୍ରତିଷ୍ଠା ପାଇଁ ପୃଥକ୍ ପୃଥକ୍ ଉପାୟ ଅବଲମ୍ବନ କରୁଥିବାରୁ ବ୍ୟକ୍ତିତ୍ୱର ରୂପ ଓ ପରିପ୍ରକାଶ ମଧ୍ୟ ଭିନ୍ନହୁଏ ।

କିଶୋର କିଶୋରୀମାନଙ୍କ କ୍ଷେତ୍ରରେ ମଧ୍ୟ ଏପରି ବିଶ୍ଳେଷଣ ପ୍ରଯୁଜ୍ୟ । ଶାରୀରିକ ଅକ୍ଷମତା, ସାମାଜିକ ଚାପ ଓ ବାଧାବିହୀନ ଫଳରେ କିଶୋର କିଶୋରୀ ନିଜର ଅସମ୍ପୂର୍ଣ୍ଣତା ଅନୁଭବ କରିବା ସ୍ୱାଭାବିକ । ଏ ପ୍ରକାର ଅଭାବବୋଧ ଫଳରେ ପରିବେଶକୁ ଆୟତ୍ତାଧୀନ କରିବାର ଇଚ୍ଛା ଜାଗ୍ରତ ହୁଏ । ଏହା ବ୍ୟକ୍ତିତ୍ୱ ବିକାଶର ମୂଳ ମଞ୍ଜି ବୋଲି ଆଡ୍‌ଲର୍ କହିଥିଲେ ।

ବ୍ୟକ୍ତିତ୍ୱ ବିକାଶ ସମ୍ପର୍କରେ ଫ୍ରଏଡ୍‌ୀୟ ବିଚାରଧାରରେ ଯେଉଁ ସ୍ୱରଟି ଦୁର୍ବଳ ଥିଲା, ତାହା ହେଉଛି ସମାଜ-ସଂସ୍କୃତି ଭୂମିକାର ସ୍ୱର । ଫ୍ରଏଡ୍ ପରିବେଶ ଶବ୍ଦଟି ବ୍ୟବହାର କରିଥିଲେ ମଧ୍ୟ ବସ୍ତୁତଃ ତା'ର ଗୁରୁତ୍ୱ ଆରୋପ କରିନଥିଲେ । ଫ୍ରଏଡ୍‌ଙ୍କ ଶିଷ୍ୟ ଆଡ୍‌ଲର୍ ପରିବେଶର ଭୂମିକାକୁ କିଛି ମାତ୍ରାରେ ସ୍ୱୀକାର କରିଥିଲେ ସୁଦ୍ଧା ତା'ର ପ୍ରଭାବଶୀଳତା ସମ୍ପର୍କରେ ସବିଶେଷ ରୂପରେଖ ସୂଚାଇନଥିଲେ । ଏମାନଙ୍କ ପରେ ପରେ ବହୁ ମନୋବିଜ୍ଞାନୀ ସମାଜ ଓ ସଂସ୍କୃତିର ବାର୍ତ୍ତାବହ ରୂପେ ବ୍ୟକ୍ତିତ୍ୱ ଗଠନରେ ପରିବେଷ୍ଟନୀର ପ୍ରାଧାନ୍ୟ ଦର୍ଶାଇଲେ । ଏରିକ୍‌ସନ୍ ଏହି ସାଂସ୍କୃତିକ-ଚିନ୍ତା ଗୋଷ୍ଠୀର ମୁଖ୍ୟ ପ୍ରବକ୍ତା ।

ଏରିକ୍‌ସନ୍‌ଙ୍କ ପ୍ରଖ୍ୟାପିତ ବିକାଶ ସୋପାନକୁ ମାନସିକ ସାମାଜିକ (Psychosocial) ବିକାଶ କୁହାଯାଏ । ଏରିକ୍‌ସନ୍‌ଙ୍କ ମତରେ ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ବ୍ୟକ୍ତି ବିଭିନ୍ନ ଚାପ ଦେଇ ଗତିକରେ । ପ୍ରତିଟି ସୋପନରେ ଦ୍ୱନ୍ଦ୍ୱ ଓ ସଂଘର୍ଷ ରହିଥାଏ । ମାତ୍ର ଦ୍ୱନ୍ଦ୍ୱ ଓ ସଂଘର୍ଷର ଉପାଦାନ ଭିନ୍ନ ହୋଇଥାଏ । ଏରିକ୍‌ସନ୍‌ଙ୍କ ମତରେ ବ୍ୟକ୍ତି ଆଠୋଟି ବିକାଶର ସୋପାନ ଦେଇ ଗତିକରେ ।

Digitized by srujanika@gmail.com

ସୋପାନ	ବିକାଶ କାଳ
ସଂହତି(ସାର୍ଥକତା) ସଂହତିହୀନତା (ବ୍ୟର୍ଥତା) ମଧ୍ୟରେ ଦ୍ୱନ୍ଦ୍ୱ	ବାର୍ଦ୍ଧକ୍ୟ କାଳ (ଷାଠିଏ ବର୍ଷ ବୟସ ଉତ୍ତାରୁ)
ଗତିଶୀଳତା ଓ ଗତିହୀନତା ଦ୍ୱନ୍ଦ୍ୱ	ମଧ୍ୟ ଯୌବନ (ଚାଳିଶ ପଚାଶ ବର୍ଷ ବୟସ)
ଅନ୍ତରଙ୍ଗତା ଓ ଏକାକୀତ୍ୱ ମଧ୍ୟରେ ଦ୍ୱନ୍ଦ୍ୱ	ପ୍ରାକ୍ ଯୌବନ (କୋଡ଼ିଏ ତିରିଶ ବର୍ଷ ବୟସ)
ଆତ୍ମ ପରିଚିତି ଓ ପରିଚିତ ସଂଶୟ ମଧ୍ୟରେ ଦ୍ୱନ୍ଦ୍ୱ	କିଶୋର କାଳ (ଦଶରୁ କୋଡ଼ିଏ ବର୍ଷ ବୟସ)
ପରିଶ୍ରମଶୀଳତା ଓ ହୀନମନ୍ୟତା ମଧ୍ୟରେ ଦ୍ୱନ୍ଦ୍ୱ	ମଧ୍ୟ ଓ ଉତ୍ତର ବାଲ୍ୟକାଳ (୬ବର୍ଷରୁ କିଶୋରାବସ୍ଥା)
ଉଦ୍ୟମଶୀଳତା ଓ ଆତ୍ମଗ୍ଲାନି ମଧ୍ୟରେ ଦ୍ୱନ୍ଦ୍ୱ	ଆଦ୍ୟ ବାଲ୍ୟକାଳ ପ୍ରାକ୍ ବିଦ୍ୟାଳୟ ସ୍ତର (୩ବର୍ଷରୁ ୫ବର୍ଷ ବୟସ)
ସ୍ୱାଧୀନତା ଓ ଆତ୍ମସନ୍ଦେହ ମଧ୍ୟରେ ଦ୍ୱନ୍ଦ୍ୱ	ଶୈଶବ (୧ବର୍ଷରୁ ୩ବର୍ଷ ବୟସ)
ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ଦ୍ୱନ୍ଦ୍ୱ	ଶୈଶବ (ଜନ୍ମରୁ ୧ବର୍ଷ ବୟସ)

ଲକ୍ଷ୍ୟ କରିବାର କଥା ଯେ ବିକାଶର ପ୍ରତିଟି ସୋପନରେ ଦୁଇଟି ପରସ୍ପରବିରୋଧୀ ମାନସିକତା ମଧ୍ୟରେ ଦ୍ୱନ୍ଦ ଓ ସଂଘର୍ଷ ଉପୁଜେ । ଏହାର ସମାଧାନ ପାଇଁ ଚେଷ୍ଟା କରାଯାଏ । କିଛିଟା ସମାଧାନ ହେବା ସ୍ଥଳେ କିଛି ପରିମାଣରେ ସମାଧାନ ଅସମ୍ପୂର୍ଣ୍ଣ ରହେ । ବ୍ୟକ୍ତି ପରବର୍ତ୍ତୀ ପର୍ଯ୍ୟାୟକୁ ଗଲେ ଭିନ୍ନ ଧରଣର ଦ୍ୱନ୍ଦର ସମ୍ମୁଖୀନ ହୁଏ ।

କିଶୋର ଅବସ୍ଥାରେ ଯେଉଁ ଦ୍ୱନ୍ଦ ବିକାଶକୁ ରୂପ ଦିଏ, ତାହା ହେଉଛି ଆତ୍ମପରିଚିତ (Identity) ଏବଂ ପରିଚିତି ସଂଶୟ (Identity confusion) ମଧ୍ୟରେ ସଂଘର୍ଷ । ସେମାନଙ୍କର ପ୍ରକୃତ ଆତ୍ମପରିଚିତି କ'ଣ, ଏ ପ୍ରଶ୍ନ କିଶୋର କିଶୋରୀମାନଙ୍କ ମନରେ ଆଲୋଡ଼ନ ସୃଷ୍ଟିକରେ । ସେମାନେ ଜୀବନରେ କ'ଣ ଚାହାନ୍ତି ? ସେମାନେ କେଉଁ ଦିଗରେ ଗତି କରୁଛନ୍ତି ? କେଉଁସବୁ ବୃତ୍ତି ବା ପେସା ଗ୍ରହଣ କରିବା ସେମାନଙ୍କ ପକ୍ଷେ ଉପଯୋଗୀ ହେବ ? ସେମାନେ ଜୀବନରେ କାହାକୁ ଆଦର୍ଶ (Role Model) ରୂପେ ଗ୍ରହଣ କରିବେ ? ପିତାମାତାକୁ ଅନୁସରଣ କରିବେ କି ବନ୍ଧୁବାନ୍ଧବମାନଙ୍କୁ ଅନୁସରଣ କରିବେ ? ଏହିପରି ପ୍ରଶ୍ନସବୁ ସେମାନଙ୍କ ମନରେ ଭିଡ଼ ଜମାଏ ।

Digitized by srujanika@gmail.com

ଏପରି ସଂକଟମୟ ମୁହୂର୍ତ୍ତରେ କିଶୋର କିଶୋରୀମାନେ ଯଥେଷ୍ଟ ପରିମାଣରେ ମୁକ୍ତ ଅନ୍ବେଷଣର (Exploration) ସୁଯୋଗ ପାଇବା ଉଚିତ । ପିତାମାତା, ବୟସ୍କବ୍ୟକ୍ତି ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଭୂମିକା, ବିଭିନ୍ନ ପେସା ଓ ପୃଥକ୍ ପୃଥକ୍ ମାର୍ଗ ସମ୍ପର୍କରେ ଅନ୍ବେଷଣର ସୁଯୋଗ ଦେବେ । ଏକ ପ୍ରସାରିତ ଦୃଷ୍ଟିଭଙ୍ଗୀ ନେଇ କିଶୋର କିଶୋରୀ ଅନୁଧ୍ୟାନ କଳାପରେ ନିଜର ରୁଚି, ସାମର୍ଥ୍ୟ ଓ ସମ୍ବଳକୁ ଆଖିରେ ରଖି ନିଜର ସକାରାତ୍ମକ ଲକ୍ଷ୍ୟବିନ୍ଦୁ ସ୍ଥିର କରିପାରିବେ । ପରିଚିତିଜନିତ ସଂଶୟ ଓ ଅସ୍ପଷ୍ଟତା ଧୀରେ ଧୀରେ ମିଳାଇଯିବ ।

ଅନ୍ୟ ପକ୍ଷରେ ପିତାମାତା ଓ ବୟସ୍କମାନେ ବାଧ୍ୟବାଧକତା ଓ ଚାପ ପ୍ରଦାନ କଲେ କୁପରିଣତିର ଆଶଙ୍କା ରହିଛି । ବିଶେଷତଃ ଆଧୁନିକ ଯୁଗରେ ପିତାମାତା ସେମାନଙ୍କର ଅବାସ୍ତବ ଉଚ୍ଚ ଅଭିଳାଷ କିଶୋର କିଶୋରୀମାନଙ୍କ ଉପରେ ଲଦି ଦେଉଛନ୍ତି । ସେମାନଙ୍କ ଜୀବନର ଅପୂରିତ ଆକାଂକ୍ଷାକୁ ସନ୍ତାନସନ୍ତତିଙ୍କ ମାଧ୍ୟମରେ ଫଳବତୀ ହେବାର ସ୍ୱପ୍ନ ଦେଖୁଛନ୍ତି । ଏପରି ପ୍ରତ୍ୟାଶାଗତ ଚାପ କିଶୋର କିଶୋରୀମାନଙ୍କର ମାନସିକ ଚାପର କାରଣ ହେଉଛି ।

କେବଳ ପିତାମାତା ନୁହଁନ୍ତି, ଡ଼ାକ୍ତରୀ, ଇଞ୍ଜିନିୟରିଂ ଓ ଅନ୍ୟସବୁ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ପ୍ରବେଶ ଲାଗି କିମ୍ବା ସେଠାରେ ଉଚ୍ଚତର ସଫଳତା ହାସଲ ଲାଗି ବହୁ ବ୍ୟବସାୟିକ ଅନୁଷ୍ଠାନରେ ଅବାସ୍ତବ ବାତାବରଣର ଯୋଜନା କରାଯାଉଛି । ଏପରିସବୁ ସଂସ୍ଥାରେ ପ୍ରତିବର୍ଷ କିଶୋର କିଶୋରୀମାନଙ୍କର ଆତ୍ମହତ୍ୟାର ହାରାହାରି ସଂଖ୍ୟା ପ୍ରତିବର୍ଷ ବୃଦ୍ଧିପାଇବାରେ ଲାଗିଛି । ଏ ପ୍ରକାର ବାତାବରଣ ମାନସିକ ସ୍ୱାସ୍ଥ୍ୟର ଅନ୍ତରାୟ । ଶିକ୍ଷାଗତ ଓ ସାମାଜିକ ସ୍ତରରେ କିଶୋର ସ୍ୱାସ୍ଥ୍ୟର ବିକାଶ ଲାଗି ବିଜ୍ଞତାପୂର୍ଣ୍ଣ ପଦକ୍ଷେପ ନିଆନଗଲେ ପରିସ୍ଥିତି ନିଶ୍ଚିତ ଭାବେ ଅଧିକ ଜଟିଳ ହୋଇପଡ଼ିବ । ସୁତରାଂ ଏ ଦିଗରେ ବିଜ୍ଞାନସମ୍ମତ ମାର୍ଗଦର୍ଶନର ଯଥେଷ୍ଟ ଉପଯୋଗିତା ରହିଛି ।

ଫ୍ରଏଡ଼ୀୟ ସିଦ୍ଧାନ୍ତର ସଂଶୋଧିତ ପ୍ରକରଣ

୧. କିଶୋରକାଳୀନ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ଦେହଭିତ୍ତିକ (ଯୌନଗତ) ଉପାଦାନର ଭୂମିକା ରହିଥିଲେ ମଧ୍ୟ ଶାରୀରିକ ପରିବର୍ତ୍ତନ ବିକାଶର ଏକମାତ୍ର ନିର୍ଦ୍ଧାରକ ନୁହେଁ ।

୨. କିଶୋରକାଳୀନ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ପରସ୍ପରବିରୋଧୀ ଶକ୍ତିଦ୍ୱନ୍ଦ୍ୱକୁ (ଆତ୍ମପରିଚିତିର ସ୍ପଷ୍ଟତା ବନାମ ଅସ୍ପଷ୍ଟତା) ସ୍ୱୀକାର କରିବାକୁ ହେବ । ଏପରି ଦ୍ୱନ୍ଦ୍ୱ ଓ ସଂଘର୍ଷ ସମ୍ପୂର୍ଣ୍ଣ କ୍ଷତିକାରକ ନୁହେଁ । ଏପରି ସଂଘର୍ଷ ଜୀବନରେ ଗତିଶୀଳତା ସୃଷ୍ଟିକରେ । କିଶୋର କିଶୋରୀମାନେ ନିଷ୍କ୍ରିୟ ନହୋଇ ସକ୍ରିୟତାର ସହିତ ବହୁମାର୍ଗ ବହୁଭୂମିକାର ଅନ୍ବେଷଣ କରିପାରିବେ । ଶେଷରେ ସ୍ଥିର ନିଷ୍ପତ୍ତି ନେଇ ଆତ୍ମସନ୍ଦେହ ଓ ଆତ୍ମସଂଶୟକୁ ଦୂର କରିପାରିବ ।

Digitized by srujanika@gmail.com

୩. ପିତାମାତା, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଦାୟିତ୍ୱଶୀଳ ବୟସ୍କ ବ୍ୟକ୍ତିମାନେ କିଶୋର କିଶୋରୀମାନଙ୍କ ପାଇଁ ଏକ ବାଧ୍ୟବାଧକତାର ପରିବେଶ ଛାଡ଼ିଦେଇ ଏକ ସମ୍ବେଦନଶୀଳ ବାତାବରଣ ଗଠନ କରିବା ବିଧେୟ । ରୁଚି, ସାମର୍ଥ୍ୟ ଓ ସମ୍ବଳର ଅନୁକୂଳ ହେଲାପରି ଲକ୍ଷ୍ୟ ଗଠନ କରିବା ଦିଗରେ ବୟସ୍କମାନେ କିଶୋର କିଶୋରୀମାନଙ୍କର ମାର୍ଗଦର୍ଶକ ହୋଇପାରିବେ ।

❑

Digitized by srujanika@gmail.com

ବିକାଶର ସୋପନ ସମ୍ପର୍କରେ ଜାଁ ପିଆଜେ ଓ ଭିଗୋଟ୍‌ସ୍କି

ମନସ୍ତାତ୍ତ୍ୱିକ ବିକାଶର ଧାରାରେ ନିରବଚ୍ଛିନ୍ନତା ରହିଛି, ଏଥିରେ ସନ୍ଦେହ ନାହିଁ । ମାତ୍ର ଏପରି ନିରବଚ୍ଛିନ୍ନତା ମଧ୍ୟରେ ପର୍ଯ୍ୟାୟକ୍ରମେ କେତେକ ଗୁଣାତ୍ମକ (Qualitative) ପରିବର୍ତ୍ତନ ପରିଦୃଷ୍ଟ ହେଉଥିବାରୁ ମନୋବିଜ୍ଞାନୀମାନେ ସୋପାନର ପରିକଳ୍ପନା କରିଛନ୍ତି । ଫ୍ରଏଡ୍‌ଙ୍କର ମାନସଯୌନ (Psychosexual) ବିକାଶ ସୋପାନ ଏବଂ ଏରିକ୍‌ସନ୍‌ଙ୍କ ମାନସିକ-ସାମାଜିକ (Psychosocial) ସୋପାନ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ଏହି ସୋପାନ ତତ୍ତ୍ୱକୁ ଅଧିକ ନୂତନ ଓ ଅଧିକ ଗ୍ରହଣୀୟ ରୂପରେଖ ଦେବା କ୍ଷେତ୍ରରେ ଜାଁ ପିଆଜେଙ୍କ ଭାବଧାରା ବେଶ୍ ଶକ୍ତିଶାଳୀ ।

ଜାଁ ପିଆଜେ (୧୮୯୬-୧୯୮୦) ସୁଇଜରଲାଣ୍ଡର ମନୋବିଜ୍ଞାନୀ । ସେ ନିଜର ପିଲାମାନଙ୍କର ଏବଂ ଜେନିଭାର ପିଲାମାନଙ୍କୁ ଗଭୀର ଅନ୍ତର୍ଦୃଷ୍ଟିର ସହିତ ପର୍ଯ୍ୟବେକ୍ଷଣ କରିଥିଲେ । ଏହାକୁ ଭିତ୍ତି କରି ସେ ଯେଉଁ ବିକାଶ ତତ୍ତ୍ୱର ପ୍ରଖ୍ୟାପନ କରିଛନ୍ତି, ତାହା ସମଗ୍ର ବିଶ୍ୱରେ ସ୍ୱୀକୃତି ଲାଭ କରିଛି । କିଶୋର କିଶୋରୀମାନଙ୍କର ଜ୍ଞାନଗତ (Cognitive) ବିକାଶ ପରିପ୍ରେକ୍ଷୀରେ ଏହାର ସବିଶେଷ ଆଲୋଚନା କରାଯିବ । ତଥାପି ଏଠାରେ ତାଙ୍କ ପ୍ରଖ୍ୟାପିତ ବିକାଶର ସୋପାନ ସହିତ ସଂଶ୍ଳିଷ୍ଟ ଥିବା ମୂଳ ନୀତିଟି ସ୍ପଷ୍ଟ କରିବା ପ୍ରାସଙ୍ଗିକ ହେବ ।

ଛୋଟପିଲା ହେଉ ବା କିଶୋର କିଶୋରୀ ହୁଅନ୍ତୁ, ଜାଁ ପିଆଜେ (Jean Piaget) ବିଶ୍ୱାସ କରୁଥିଲେ ଯେ ପ୍ରତ୍ୟେକ ମନୁଷ୍ୟ ବାହ୍ୟଜଗତକୁ ତାଙ୍କର ଅନ୍ତର୍ଜଗତରେ ଏକ ନିର୍ଦ୍ଦିଷ୍ଟ ରୂପରେ ସଂଗଠନ କରନ୍ତି । ବାହ୍ୟଜଗତ ସମ୍ପର୍କରେ କିଶୋରକାଳୀନ ଭାବନା ବାଲ୍ୟକାଳୀନ ଭାବନାଠାରୁ ଭିନ୍ନ । ସେହିପରି ଯୌବନକାଳୀନ ଭାବନା କିଶୋରକାଳୀନ ଭାବନାଠାରୁ ପୃଥକ୍ । ବାହ୍ୟଜଗତ ସହିତ ସମନ୍ୱୟ ରକ୍ଷାକରିବା ସମୟରେ ଅନ୍ତର୍ଜଗତରେ ଧାରଣାସବୁର ଗଠନ ସଂଗଠନ ଘଟିଥାଏ । ଏହି ଭାବନା ବିନ୍ୟାସକୁ ଲକ୍ଷ୍ୟ କରି ପିଆଜେ ଚାରୋଟି ବିକାଶ ସୋପାନର ପରିକଳ୍ପନା କରିଛନ୍ତି ।

ଚିତ୍ରରେ ପ୍ରଦତ୍ତ ହେଲାପରି ଜନ୍ମରୁ ଦୁଇବର୍ଷ ବୟସ ପର୍ଯ୍ୟନ୍ତ ସଂଘଟିତ ହେଉଥିବା ପ୍ରଥମ ସୋପାନଟିକୁ ଇନ୍ଦ୍ରିୟ କାରକ (Sensorimotor) ସୋପାନ କୁହାଯାଏ । ଏ

Digitized by srujanika@gmail.com

ସୋପାନରେ ଶିଶୁ ନିଜର ଇନ୍ଦ୍ରିୟ (ଚକ୍ଷୁ,କର୍ଣ୍ଣ,ନାସା ଇତ୍ୟାଦି) ଉପରେ ନିୟନ୍ତ୍ରଣ ଶିକ୍ଷାକରେ । ଇନ୍ଦ୍ରିୟ ଓ କାରକଅଂଗ (Motor Organs) ମଧ୍ୟରେ ସମନ୍ୱୟ ଶିକ୍ଷାକରେ । ଉଦାହରଣ ସ୍ୱରୂପ, ଗୋଟିଏ ବସ୍ତୁକୁ ଦେଖିବା ଏବଂ ବସ୍ତୁଟି ଉପରେ ନଜର ସ୍ଥିରରଖିବାର ଅଙ୍ଗଭଙ୍ଗୀ ଏ ଧରଣର ସମନ୍ୱୟ (Co-ordination) ।

ଇନ୍ଦ୍ରିୟ କାରକ ସୋପାନ	*ପ୍ରାକ୍‌କ୍ରିୟାତ୍ମକ ସୋପାନ*	*ବସ୍ତୁଗତ କ୍ରିୟାତ୍ମକ ସୋପାନ*	*ବିମୂର୍ତ୍ତ ଭାବନାଗତ ସୋପାନ*
ଇନ୍ଦ୍ରିୟାନୁଭବ ଓ ଶାରୀରିକ କ୍ରିୟାକଳାପ ମାଧମରେ ଶିଶୁ ନିଜର ଅବଧାରଣା ଗଠନ କରେ (ଜନ୍ମରୁ ଆରମ୍ଭ କରି ଦୁଇବର୍ଷ ବୟସ)	ଶବ୍ଦ ଓ ପ୍ରତିଛବି ମାଧମରେ ଧାରଣା ଗଠନ, ଭାବନାରେ ପ୍ରତୀକ (Symbols)ର ଆରମ୍ଭ (୨ବର୍ଷରୁ ୭ବର୍ଷ ବୟସ)	ବାହ୍ୟଜଗତର ବସ୍ତୁ ଓ ଘଟଣା ସମ୍ପର୍କରେ ଚିନ୍ତନ, ଛୋଟକାଟିଆ ପରୀକ୍ଷା ନିରୀକ୍ଷା ଆରମ୍ଭ (୭ବର୍ଷରୁ ୧୧ବର୍ଷ ବୟସ)	କିଶୋର କିଶୋରୀ ମାନଙ୍କ ବିମୂର୍ତ୍ତ (Abstract) ଚିନ୍ତନ ମାଧମରେ ସମସ୍ୟା ସମାଧାନ (୧୧ବର୍ଷରୁ ଉର୍ଦ୍ଧ୍ୱ ବୟସ)

ଦ୍ୱିତୀୟ ସୋପାନରେ ଶିଶୁ ପ୍ରତୀକଧର୍ମୀ (Symbolic) ବ୍ୟବହାର ଦର୍ଶାଏ । ଶବ୍ଦର ବ୍ୟବହାର ଏବଂ ମିଛିମିଛିକା ଖେଳ ପ୍ରତୀକଧର୍ମୀ ବ୍ୟବହାରର ସ୍ପଷ୍ଟ ସୂଚକ । ଦୁଇବର୍ଷରୁ ସାତବର୍ଷ ମଧ୍ୟରେ ଏହି ପ୍ରାକ୍‌କ୍ରିୟାତ୍ମକଟି (Pre-operational stage) ସଂଘଟିତ ହୋଇଥାଏ । ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁ ନିଜର ବାହ୍ୟଜଗତର ବସ୍ତୁ ଏବଂ ଘଟଣାସବୁକୁ ନେଇ ଯେଉଁ ଛୋଟକାଟିଆ ପରୀକ୍ଷା ନିରୀକ୍ଷା କରେ ତାହା ପୂର୍ବରୁ ଏହି ସୋପାନରେ ତା'ର ମାନସିକ ପ୍ରସ୍ତୁତି ଗଠିତ ହେଉଥିବାରୁ ଏ ସୋପାନର ଏପରି ନାମକରଣ କରାଯାଇଛି ।

ତୃତୀୟ ସୋପାନଟିକୁ ବସ୍ତୁଗତ କ୍ରିୟାତ୍ମକ ସୋପାନ (Concrete Operational stage) କୁହାଯାଏ । ଏପରି କହିବାର ତାତ୍ପର୍ଯ୍ୟ ହେଉଛି ଯେ ପିଲାମାନେ ଏ ସୋପାନରେ ସେମାନଙ୍କର ଦୃଶ୍ୟମାନ ଜଗତର ବସ୍ତୁସବୁ ନେଇ ପରୀକ୍ଷା ନିରୀକ୍ଷା କରନ୍ତି । ଧରାଯାଉ ଗୋଟିଏ ପିଲାକୁ ପଚରାଗଲା – ଘରେ ଚେୟାର୍‌ଟି କେଉଁ ସ୍ଥାନରେ ରଖିଲେ ସୁନ୍ଦର ଦେଖାଯିବ ? ଏପରି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶିଶୁଟି ଚେୟାର୍‌ଟିକୁ ବିଭିନ୍ନ ସ୍ଥାନରେ ରଖିବ । ପରିଶେଷରେ ସେ ସୁନ୍ଦର ବିଚାର କରୁଥିବା ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ନାମ ଉଲ୍ଲେଖ କରିବ ।

ପରବର୍ତ୍ତୀ ପର୍ଯ୍ୟାୟଟି ହେଉଛି ବିମୂର୍ତ୍ତ ଭାବନାଗତ ସୋପାନ (Formal opertional stage) । ଏହା କିଶୋରକାଳୀନ ବିକାଶର ସୋପାନ । ଏ ସମୟରେ ବିମୂର୍ତ୍ତ (Abstract) ଚିନ୍ତନ ସ୍ପଷ୍ଟ ରୂପ ନିଏ । ପୂର୍ବ ଉଦାହରଣରେ ବସ୍ତୁଗତ କ୍ରିୟାତ୍ମକ ସୋପାନରେ ରହିଥିବା ପିଲାଟିର ଚେୟାର୍ ସଜାଇବା କଥା କୁହାଯାଇଛି । କେଉଁ ସଜାଇକରଣଟି ସର୍ବୋତ୍କୃଷ୍ଟ, ତାହାର

Digitized by srujanika@gmail.com

ଉତ୍ତର ଦେବାକୁ ଯାଇ ପିଲାଟି ଚେୟାର୍‌ଟିକୁ ଭିନ୍ନ ଭିନ୍ନ ଭାବରେ ସଜାଇବାର କଥା କୁହାଯାଇଛି । ମାତ୍ର ବିମୂର୍ତ୍ତ ଭାବନାଗତ ସୋପାନରେ ପାଦଦେଇଥିବା କିଶୋର କିଶୋରୀ ପୃଥକ୍ ଧରଣର ସମାଧାନ ଶୈଳୀ ଦର୍ଶାଇବେ । ସେମାନେ ଚେୟାର୍‌ଟିକୁ ସ୍ପର୍ଶ ନ କରି ମାନସିକ ସ୍ତରରେ ବିଭିନ୍ନ ସଜ୍ଜୀକରଣର କଳ୍ପନା କରିବେ । ଯେଉଁ ସଜ୍ଜୀକରଣଟି କଳ୍ପନାଚକ୍ଷୁରେ ସୁନ୍ଦର ଦେଖାଯିବ, ତାହା ସର୍ବୋତ୍ତମ ବୋଲି ଉତ୍ତର ଦେବେ । ଲକ୍ଷ୍ୟ କରିବାର କଥା ଯେ କୈଶୋର ଅବସ୍ଥାରେ ଦୃଶ୍ୟମାନ ଜଗତର ଉର୍ଦ୍ଧ୍ବକୁ ଯାଇ ମାନସିକ ସ୍ତରରେ ସମସ୍ୟା ସମାଧାନର ଦକ୍ଷତା ଏହି ସ୍ତରରେ ପ୍ରାପ୍ତ ହୁଏ । ଅଧିକ ଯୁକ୍ତିଯୁକ୍ତତା, ଅଧିକ କାର୍ଯ୍ୟକାରୀତା ବିଶ୍ଳେଷଣ ଏବଂ ବେଶୀ ପରିମାଣର ବିମୂର୍ତ୍ତ (Abstract) ଧାରଣାର ଉପଯୋଗ ଏ ସୋପାନର ବୈଶିଷ୍ଟ୍ୟ ।

ପିଆଜେଙ୍କ ବିଚାରଧାରାରେ ଦୁଇଟି ବୈଶିଷ୍ଟ୍ୟ ଗୁରୁତ୍ୱପୂର୍ଣ୍ଣ । ପ୍ରଥମଟି ହେଉଛି କ୍ରମାନ୍ୱୟତା । ପ୍ରତିଟି ସୋପାନ ପାଇଁ ବୟସ ସୀମା ସୁନିର୍ଦ୍ଦିଷ୍ଟ କରାଯାଇଛି । ଉଦାହରଣ ସ୍ୱରୂପ ପ୍ରଥମ ସୋପାନଟି ଜନ୍ମରୁ ୨ ବର୍ଷ ବୟସ ଏବଂ ଦ୍ୱିତୀୟ ସୋପାନଟିକୁ ୨ ବର୍ଷରୁ ୭ ବର୍ଷ ବୟସ ମଧ୍ୟରେ ସଂଘଟିତ ହୁଏ ବୋଲି କୁହାଯାଇଛି । କିନ୍ତୁ ମନେରଖିବାର କଥା ଯେ ପିଆଜେ ଏହି ବୟସ ସୀମା ଅପରିବର୍ତ୍ତନୀୟ ବୋଲି କହିନାହାଁନ୍ତି । ସୁଇଜରଲାଣ୍ଡ ପିଲାମାନଙ୍କୁ ଲକ୍ଷ୍ୟ କରି ପିଆଜେ ଏପରି ମାନଦଣ୍ଡ ସୂଚିତ କରିଛନ୍ତି । ସେ ଏକଥା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ପ୍ରଥମ ସୋପାନଟି କେତେକ ସ୍ଥଳରେ ୨ ବର୍ଷରେ ଶେଷ ନ ହୋଇ ୧$\frac{୧}{୨}$ ବର୍ଷ ବୟସରେ ଶେଷ ହୋଇପାରେ । ପୁଣି ଅନ୍ୟ କେତେକ ଗୋଷ୍ଠୀରେ ଏହି ସୋପାନଟି ୨$\frac{୧}{୨}$ ବର୍ଷ କିମ୍ବା ୩ ବର୍ଷ ବୟସରେ ଶେଷ ହୋଇପାରେ । ସେହିପରି ଦ୍ୱିତୀୟ ସୋପନଟି ନିର୍ଦ୍ଦେଶିତ ସମୟରେଖାରୁ (୨ ବର୍ଷରୁ ୭ବର୍ଷ) ବିଚ୍ୟୁତି ଘଟି ପୂର୍ବରୁ ଆରମ୍ଭ ହୋଇ ୭ ବର୍ଷ ପୂର୍ବରୁ ଶେଷ ହୋଇପାରେ । ଅନ୍ୟ କେତେକ ସ୍ଥଳରେ ଡେରିରେ ଆରମ୍ଭ ହୋଇ ଡେ଼ରିରେ ସରିପାରେ ।

ଏପରି ସମ୍ଭାବନା ସତ୍ତ୍ୱେ କ୍ରମାନ୍ୱୟତା କିନ୍ତୁ (Sequence) ଅପରିବର୍ତ୍ତିତ ରହେ । ଏହାର ଅର୍ଥ ହେଉଛି ଇନ୍ଦ୍ରିୟକାରକ ସୋପାନ ପରେ ହିଁ ପ୍ରାକ୍‌କ୍ରିୟାତ୍ମକ ସୋପାନ ସଂଘଟିତ ହେବ । ସେହିପରି ପ୍ରାକ୍‌କ୍ରିୟାତ୍ମକ ସୋପାନ ଶେଷ ହେବାପରେ ବିମୂର୍ତ୍ତି ଭାବନାଗତ ସୋପାନ ଆରମ୍ଭ ହେବ । ଏ ଦୃଷ୍ଟିରୁ ବିଚାର କଲେ କିଶୋରକାଳ ୧୧/୧୨ ବର୍ଷରୁ ଆରମ୍ଭ ନ ହୋଇ କିଛି ପୂର୍ବରୁ କିମ୍ବା କିଛି ପରେ ଆରମ୍ଭ ହୋଇପାରେ ।

ପିଆଜେଙ୍କ ଚିନ୍ତାଧାରାରେ ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ପରିବେଶର ଗୁଣାତ୍ମକ ଉପାଦାନସବୁର ମହତ୍ତ୍ୱପୂର୍ଣ୍ଣ ଭୂମିକା । ସମୃଦ୍ଧ ପରିବେଶ ଅଧିକରୁ ଅଧିକ ଉପାଦାନ ଯୋଗାଇଥାଏ ଏବଂ ଉପାଦାନସବୁ ସହିତ ପାରସ୍ପରିକ କ୍ରିୟାକଳାପ ହିଁ ମନସ୍ତାତ୍ତ୍ୱିକ ବିକାଶକୁ ସକ୍ରିୟ କରେ । ସୁତରାଂ ଶରୀର ମଧ୍ୟରେ ପରିପକ୍ୱତାର ସମସ୍ତ ସମ୍ଭାବନା ଥିଲେ ମଧ୍ୟ ବିକାଶ ବିଶେଷତଃ ଜ୍ଞାନଗତ ବିକାଶ (Cognitive Development) ବାହ୍ୟଜଗତର

Digitized by srujanika@gmail.com

ଉପାଦାନ, ସୟଳ ଓ ସମୃଦ୍ଧିକରଣ ଉପରେ ନିର୍ଭର କରିଥାଏ । ଏ ଦୃଷ୍ଟିରୁ କିଶୋର କିଶୋରୀମାନଙ୍କୁ ଅନ୍ୱେଷଣ, ପରୀକ୍ଷଣ ଏବଂ ସମସ୍ୟା ସମାଧାନର ପର୍ଯ୍ୟାପ୍ତ ସୁଯୋଗ ଦିଆଯିବା ଉଚିତ୍ ।

ଜାଁ ପିଆଜେଙ୍କ ସମସାମୟିକ ଜଣେ ଋଷୀୟ ବିକାଶବିଜ୍ଞାନୀ ଭିଗୋଟ୍‌ସ୍କି (Vygotsky) ପିଆଜେଙ୍କ ତତ୍ତ୍ୱକୁ ସାମାଜିକ ସାଂସ୍କୃତିକ ମୋଡ଼ ଦେଇଛନ୍ତି । ପିଆଜେଙ୍କ ଜନ୍ମବର୍ଷ (୧୮୯୬) ଭିଗୋଟ୍‌ସ୍କି ଜନ୍ମଲାଭ କରିଥିଲେ ମଧ୍ୟ ମାତ୍ର ୩୭ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । କିନ୍ତୁ ଭିଟୋସ୍କିଙ୍କ ପ୍ରଭାବ ଉପେକ୍ଷା କରିବାର ବସ୍ତୁ ନୁହେଁ।

ବିକାଶବିଜ୍ଞାନୀ ହିସାବରେ ଭିଗୋଟ୍‌ସ୍କି ସାଂସ୍କୃତିକ ପରିବେଶ ଓ ପାରସ୍ପରିକ କ୍ରିୟା ଅନୁକ୍ରିୟା ଉପରେ (Interaction) ଗୁରୁତ୍ୱ ଆରୋପ କରନ୍ତି । ପୁଣି ସାଂସ୍କୃତିକ ପରିବେଶର ମୁଖ୍ୟ ଉପାଦାନ ହେଉଛି ଭାଷା । ଭିଗୋଟ୍‌ସ୍କିଙ୍କ ମତରେ ଭାଷାଗତ ପରିବେଶ ସହିତ ବିକାଶର ଏକ ନିବିଡ଼ ସମ୍ପର୍କ ରହିଛି । ଭାଷାଗତ ପରିବେଶ ଯେତେ ଉନ୍ନତ ଓ ସମ୍ପ୍ରସାରଣଶୀଳ ହେବ, ବିକାଶ ସେତେ ତ୍ୱରାନ୍ୱିତ ହେବ । ସେହିପରି ସାମାଜିକ ସ୍ତରରେ ଭାବର ଆଦାନପ୍ରଦାନର ପ୍ରାଚୁର୍ଯ୍ୟ ବିକାଶକୁ କ୍ଷିପ୍ରତର କରିଥାଏ । ଭିଗୋଟ୍‌ସ୍କିଙ୍କ ପରାମର୍ଶ ଅନୁଯାୟୀ ଜ୍ଞାନ ଏକ ସମଷ୍ଟିଗତ ପ୍ରକ୍ରିୟା ହୋଇଥିବାରୁ ପାରସ୍ପରିକ ଚର୍ଚ୍ଚା ହିଁ କୌଶଳ ଆହରଣର ଏକ ସୁନ୍ଦର ମାଧ୍ୟମ ହୋଇଥାଏ । ଅବଶ୍ୟ ପିଆଜେ ଏବଂ ଭିଗୋଟ୍‌ସ୍କିଙ୍କ ମଧ୍ୟରେ କିଛିଟା ପାର୍ଥକ୍ୟ ଥିଲେ ମଧ୍ୟ ବିଶେଷ ବିରୋଧାଭାସ ନାହିଁ । ଜାଁ ପିଆଜେ ସାମଗ୍ରିକ ଦୃଷ୍ଟିକୋଣରୁ ପରିବେଶର ସମୃଦ୍ଧି ପ୍ରତି ଗୁରୁତ୍ୱ ଆରୋପ କରିଥିବା ସ୍ଥଳେ ଲେଭ୍ ଭିଗୋଟ୍‌ସ୍କି ସାମାଜିକ-ସାଂସ୍କୃତିକ ପରିବେଶର ପ୍ରାଧାନ୍ୟକୁ ଅଗ୍ରାଧିକାର ଦେଇଛନ୍ତି ।

ବିକାଶତତ୍ତ୍ୱର ସାରମର୍ମ

୧. ଜାଁ ପିଆଜେଙ୍କ ତତ୍ତ୍ୱ ଅନୁସାରେ ବିକାଶ ସୋପାନର କ୍ରମାନ୍ୱୟତା ଅପରିବର୍ତ୍ତିତ । ସୁତରାଂ ବିକାଶର ସୋପାନଚିହ୍ନ ଚାହିଁ ପରିବେଶର ସମୃଦ୍ଧିକରଣ ଆବଶ୍ୟକ । କିଶୋରାବସ୍ଥାରେ ପରିବେଶରେ ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ଏବଂ ଭାବ ଓ ଭାବନାଗତ ଉପାଦାନର ପ୍ରାଚୁର୍ଯ୍ୟ ବିକାଶର ସହାୟକ ହୋଇଥାଏ ।

୨. ଭିଗୋଟସ୍କିଙ୍କ ମତାନୁଯାୟୀ ଦ୍ରୁତ ବିକାଶ ପାଇଁ ପରିବେଶର ସାଂସ୍କୃତିକ (ବିଶେଷ କରି ଭାଷାଗତ) ପ୍ରାଚୁର୍ଯ୍ୟ ପ୍ରତି ଦୃଷ୍ଟିଦେବାକୁ ହେବ । ପାରସ୍ପରିକ ଚର୍ଚ୍ଚା, ଅଧ୍ୟୟନ ଏବଂ ଭାବର ଆଦାନପ୍ରଦାନ ବିଶେଷ ଉପଯୋଗୀ ହୋଇପାରିବ ।

❑

Digitized by srujanika@gmail.com

ବ୍ୟବହାରବାଦୀ ଦୃଷ୍ଟିକୋଣ

ମନସ୍ତାତ୍ତ୍ୱିକ ବିକାଶ ପରିପ୍ରେକ୍ଷୀରେ ସୋପାନକୁ (Stages) ଗୁରୁତ୍ୱ ଦେବାର ତାତ୍ପର୍ଯ୍ୟ ହେଉଛି ଗୁଣାତ୍ମକ (Qualitative) ଦିଗ ପ୍ରତି ସଚେତନଶୀଳ ଦୃଷ୍ଟିଭଙ୍ଗୀ ଗ୍ରହଣ କରିବା । ଏହି ପର୍ଯ୍ୟାୟରେ ଫ୍ରଏଡ୍, ଏରିକ୍‌ସନ୍ ଓ ପିଆଜେ ସୋପାନଭିତ୍ତିକ ବିକାଶର ପରିକଳ୍ପନା କରିଛନ୍ତି । ଅନ୍ୟ ଏକ ଦିଗରେ ବ୍ୟବହାରବାଦୀମାନେ (Behaviourists) ବିକାଶକୁ ଏକ ଅଖଣ୍ଡ ପ୍ରବାହ ରୂପେ ଚିତ୍ରଣ କରି ପରିବେଶ-ଲବ୍ଧ ଅନୁଭବ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ବିଶେଷତଃ ଆମେରିକାର ମନୋବିଜ୍ଞାନୀ ସ୍କିନର୍‌ଙ୍କ (୧୯୦୪-୧୯୮୦) ବ୍ୟବହାରବାଦୀ (Behaviouristic) ଦୃଷ୍ଟିକୋଣ ବିକାଶର ପରିକଳ୍ପନାକୁ ଭିନ୍ନ ମୋଡ଼ ଦେଇଛି ।

ବ୍ୟବହାରବାଦୀମାନେ ମୁଖ୍ୟତଃ ଦୃଶ୍ୟମାନ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଇଥାଆନ୍ତି । ସେମାନଙ୍କ ମତରେ ମନ, ଚେତନ, ଅଚେତନ ଓ ଜ୍ଞାନ ପ୍ରଭୃତି ଶବ୍ଦ ଦୃଶ୍ୟମାନ ଉପାଦାନ ହୋଇନଥିବାରୁ ଏସବୁ ପ୍ରୟୋଗ ମନୋବିଜ୍ଞାନରେ ବାଂଛନୀୟ ନୁହେଁ । ଅନ୍ୟ ପକ୍ଷରେ ସ୍କିନ୍‌ରଙ୍କ ପରି ବ୍ୟବହାରବାଦୀମାନେ ପରିବେଶ ଓ ଦୃଶ୍ୟମାନ ଉପାଦାନସବୁ ଉପରେ ଅଧିକ ପ୍ରାଧାନ୍ୟ ଦିଅନ୍ତି ।

ସ୍କିନ୍‌ର୍‌ଙ୍କ ମୂଳ ତତ୍ତ୍ୱଟିକୁ ଖୁବ୍ ସରଳ ଭାବରେ ପ୍ରକାଶ କରାଯାଇପାରେ, ଏହାକୁ ପ୍ରୋତ୍ସାହନର ନିୟମ (Law of Reinforcement) କୁହାଯାଇପାରେ । ଏହି ନିୟମର ପ୍ରଥମ ପାଦରେ କୁହାଯାଇପାରେ ଯେ କୌଣସି ବ୍ୟବହାରର ପରେ ପରେ ବ୍ୟକ୍ତି ପ୍ରୀତିପ୍ରଦ (Pleasant) ଅନୁଭବର ଅଧିକାରୀ ହେଲେ ବ୍ୟବହାର ଦୃଢ଼ୀଭୂତ ହୁଏ । ଉଦାହରଣ ସ୍ୱରୂପ, ପିଲାଟି ଏକ ନିର୍ଦ୍ଦିଷ୍ଟ ବ୍ୟବହାର ଦର୍ଶାଇବା ପରେ ପରେ ଯଦି ପିତାମାତାଙ୍କ ସ୍ନେହଶ୍ରଦ୍ଧା ଲାଭ କରେ, ଏପରି ବ୍ୟବହାର ଦର୍ଶାଇବାର ପ୍ରବଣତା ବୃଦ୍ଧିପାଇବ । ବ୍ୟବହାର ଦର୍ଶାଇବା ଏବଂ ସୁଖକର ଅନୁଭୂତି ପାଇବାର (Reinforcement) ସଂଯୋଗର ପୁନରାବୃତ୍ତି ବ୍ୟବହାରଟିକୁ ଦୃଢ଼ କରିବ । ସେହିପରି ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହକୁ ଆସି ସୁଫଳ ପାଉଛନ୍ତି, ଏପରି ଅନୁଭବର ପୁନରାବୃତ୍ତି ଶ୍ରେଣୀ ଉପସ୍ଥାନର ମାତ୍ରା ବୃଦ୍ଧି କରିବ । ଲକ୍ଷ୍ୟ କରିବାର କଥା ଯେ ପ୍ରୋତ୍ସାହନଟି (Reinforcement) ବସ୍ତୁ (ଯଥା – ସୁଖାଦ୍ୟ, ଉପହାର, ପଇସାପତ୍ର, ଇତ୍ୟାଦି) ହୋଇପାରେ କିମ୍ବା ଅନ୍ୟ ପ୍ରକାରର (ଯଥା – ପ୍ରଶଂସା, ସ୍ନେହଶ୍ରଦ୍ଧା, ଇତ୍ୟାଦି) ହୋଇପାରେ । ମୋଟଉପରେ ପ୍ରୋତ୍ସାହନ ବା ପୁରସ୍କାର ପ୍ରାପ୍ତି ବ୍ୟବହାରକୁ ଦୃଢ଼ କରେ ।

Digitized by srujanika@gmail.com

ନିୟମର ଦ୍ୱିତୀୟ ପାଦରେ ବ୍ୟବହାରର ଅପସାରଣ (Extinction of Behaviour) କଥା କୁହାଯାଇଛି । ଏକ ନିର୍ଦ୍ଦିଷ୍ଟ ବ୍ୟବହାରର ପରେ ପରେ ପୁରସ୍କାର ବା ପ୍ରୋତ୍ସାହନ ନ ମିଳିଲେ କିମ୍ବା ଶାସ୍ତି ମିଳିଲେ ବ୍ୟବହାର କ୍ରମଶଃ ଦୁର୍ବଳ ହୁଏ ଏବଂ ଅବଶେଷରେ ବିଲୁପ୍ତ ହୁଏ । ଉଦାହରଣ ସ୍ୱରୂପ, ଅନ୍ୟମାନଙ୍କ ସମ୍ମୁଖରେ ପିଲାଟିଏ ନିଜର ମନୋଭାବ ବ୍ୟକ୍ତ କରିବା ସମୟରେ ପିତାମାତା ଚୁପ୍ ରହିପାରନ୍ତି । ଏହା ପୁରସ୍କାର ବା ପ୍ରୋତ୍ସାହନ ନ ଦେବାର ନିଦର୍ଶନ । ଅନ୍ୟ କେତେକ ସ୍ଥଳରେ ସେମାନେ ଗାଳି ଦେଇପାରନ୍ତି । ଏପରି କ୍ଷେତ୍ରରେ ବ୍ୟବହାର କ୍ରମଶଃ ଦୁର୍ବଳ ହେବାକୁ ଆରମ୍ଭ କରେ ଏବଂ ଶେଷରେ ତିରୋହିତ ହୁଏ ।

ବ୍ୟବହାରର ବିଲୋପକରଣ (Elimination ବା Extinction) କ୍ଷେତ୍ରରେ ପ୍ରୋତ୍ସାହନକୁ (Reinforcement) ଅପସାରଣ କରାଯାଇପାରେ କିମ୍ବା ଶାସ୍ତିବିଧାନ କରାଯାଇପାରେ । କିନ୍ତୁ ପ୍ରଥମେ ଅପସାରଣ କୌଶଳ ପ୍ରୟୋଗ କରିବା ବିଜ୍ଞତା ହେବ । ଶାସ୍ତିବିଧାନ କରି ବ୍ୟବହାର ପରିବର୍ତ୍ତନ କରିବା କ୍ଷେତ୍ରରେ କେତେକ ଜଟିଳତା ରହିଛି । ଧରାଯାଉ ଜଣେ ଶିକ୍ଷାର୍ଥୀ ପ୍ରତିଦିନ ଶ୍ରେଣୀକୁ ବିଳମ୍ବରେ ଆସୁଥିବାରୁ ଏପରି ବ୍ୟବହାରର ପରିବର୍ତ୍ତନ ପାଇଁ ଶିକ୍ଷକ ଶାସ୍ତି ଦେଲେ । ଏହାର ପରିଣତି ସ୍ୱରୂପ ମିଶ୍ରିତ ଫଳାଫଳ ସୃଷ୍ଟି ହୋଇପାରେ । ହୁଏତ ଶିକ୍ଷାର୍ଥୀଜଣକ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିବେ, ମାତ୍ର ଶିକ୍ଷକଜଣକ ନିଜେ ସେ ଅନୁଷ୍ଠାନଟି ଛାଡ଼ି ଅନ୍ୟତ୍ର ଯିବାପରେ ଶିକ୍ଷାର୍ଥୀଙ୍କ ବ୍ୟବହାର ପୂର୍ବପରି ତ୍ରୁଟିପୂର୍ଣ୍ଣ ରହିବ । ସୁତରାଂ ପ୍ରତ୍ୟାଶିତ ବ୍ୟବହାର ସ୍ଥାୟୀ ହେବ ନାହିଁ । ଦ୍ୱିତୀୟତଃ ଶିକ୍ଷାର୍ଥୀଜଣକ ହୁଏତ ଶିକ୍ଷକଙ୍କୁ ଭୟ କରି ନିଜର ବ୍ୟବହାର ପରିବର୍ତ୍ତନ କରିବେ, ମାତ୍ର ଶିକ୍ଷକଙ୍କୁ ଭଲ ପାଇବେ ନାହିଁ । ଗୋଟିଏ ଅନୁଷ୍ଠାନର ମଙ୍ଗଳ ଦୃଷ୍ଟିରୁ ଏପରି ଅବସ୍ଥା କାମ୍ୟ ନୁହେଁ । ତୃତୀୟତଃ ଶିକ୍ଷାର୍ଥୀଜଣକ ଅବାଂଛିତ ବ୍ୟବହାର ନ ବଦଳାଇ ଜିଦ୍‌ଖୋର ମନୋବୃତ୍ତି ନେଇ ଏହାକୁ ବଢ଼ାଇପାରନ୍ତି । ପୂର୍ବରୁ ସେ ତିରିଶ ମିନିଟ୍ ବିଳମ୍ବରେ ଆସୁଥିବା ସ୍ଥଳେ ବର୍ତ୍ତମାନ ଘଣ୍ଟାଏ ବିଳମ୍ବରେ ଆସିପାରନ୍ତି । ଏ ଦୃଷ୍ଟିରୁ ଶାସ୍ତିବିଧାନର କୌଶଳ ମୂଳରୁ ପ୍ରୟୋଗ କରିବା ଅନୁଚିତ । ଅନ୍ୟ ପକ୍ଷର ଅବାଂଛିତ ବ୍ୟବହାରର ବିଲୋପ ପାଇଁ ପ୍ରୋତ୍ସାହନର ଅପସାରଣ ପଦ୍ଧତି (Withdrawal of Reinforcement) ପ୍ରୟୋଗ କରାଯାଇପାରେ । ବିଳମ୍ବରେ ଆସୁଥିବା ଛାତ୍ରଟି ସହିତ ହସିହସି କଥା ନ କହିବା, ଉଦାସୀନ ରହିବା, ଏବଂ ସେହିପରି ବ୍ୟବହାର ମାଧ୍ୟମରେ ପ୍ରୋତ୍ସାହନ (ଅତୀତର ସୁବିଧା ସୁଯୋଗ) ଦୂରେଇ ନିଆଯାଇପାରେ । ଏପରି କୌଶଳ ଅବାଂଛିତ ବ୍ୟବହାର କମାଇବାରେ ଅଧିକ ଉପଯୋଗ ହୁଏ ।

ଅନ୍ୟ ଉପାୟ ନ ଥିଲେ ହୁଏତ ଶାସ୍ତିବିଧାନର ସୁଯୋଗ ନେବାକୁ ହେବ । ଏ କ୍ଷେତ୍ରରେ କେତୋଟି ସତର୍କତା ଅବଲମ୍ବନ କରିବାକୁ ହେବ । ପ୍ରଥମତଃ ଶାସ୍ତିବିଧାନ କରିବା ସମୟରେ ଶାସ୍ତିର କାରଣ ସ୍ପଷ୍ଟରୂପେ ସୂଚାଇବା ବିଧେୟ । ଧରାଯାଉ ଦୁଷ୍ଟାମିର କରୁଥିବା ଗୋଟିଏ ପିଲାକୁ ଶାସ୍ତି ଦିଆଯିବ । ଏ କ୍ଷେତ୍ରରେ ପିଲାଟିକୁ ସ୍ପଷ୍ଟ କୁହାଯିବ ଯେ ଦୁଷ୍ଟାମି

Digitized by srujanika@gmail.com

ଯୋଗୁଁ ତାକୁ ଶାସ୍ତି ଦିଆଯାଉଛି । ଦ୍ୱିତୀୟତଃ ଅବାଂଛିତ ବ୍ୟବହାର ଓ ଶାସ୍ତିବିଧାନ ମଧ୍ୟରେ ଯେତେ ଅଳ୍ପ ପରିମାଣରେ ସମୟ ବ୍ୟବଧାନ ରହେ ସେତେ ଭଲ । କହିବା ଅନାବଶ୍ୟକ ଯେ ଗୋଟିଏ ଅବାଂଛିତ ବ୍ୟବହାର ଚିହ୍ନଟ ହେବା ପରେ ଦୀର୍ଘଦିନ ବା ଦୀର୍ଘ ସମୟ ପରେ ଶାସ୍ତିବିଧାନ ଫଳହୀନ ହୋଇପାରେ । ତୃତୀୟତଃ ଶାସ୍ତିବିଧାନରେ କିଛିଟା ସ୍ଥିରତା (Consistency) ରହିବା ଉଚିତ୍ । ଧରାଯାଉ ଆଜି ପିତାମାତା ବ୍ୟସ୍ତ ରହି ପିଲାର ଅଶୋଭନୀୟ ବ୍ୟବହାର ପାଇଁ କିଛି ପଦକ୍ଷେପ ନେଲେ ନାହିଁ । ଅଥଚ ଅନ୍ୟ ଦିନେ ଏଥିପାଇଁ ଶାସ୍ତିବିଧାନ କଲେ । ଏପରି କୌଶଳ ତ୍ରୁଟିପୂର୍ଣ୍ଣ । ଗୋଟିଏ ଅବାଂଛିତ ବ୍ୟବହାରକୁ ଦଣ୍ଡନୀୟ ବିଚାର କରାଗଲେ ଏହା ସବୁ ସମୟରେ ଦଣ୍ଡନୀୟ ବିଚାର୍ଯ୍ୟ ହେବା ଉଚିତ୍ । ଚତୁର୍ଥତଃ ଅବାଂଛିତ ବ୍ୟବହାର ପରିବର୍ତ୍ତନ ସମୟରେ ପୁରସ୍କାର ଓ ଶାସ୍ତିବିଧାନ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ଉଚିତ୍ । ଗୋଟିଏ ଉଦାହରଣ ଦ୍ୱାରା ଏହାକୁ ସ୍ପଷ୍ଟ କରାଯାଇପାରେ । ଧରାଯାଉ ପିଲାଟିଏ ଚଗଲାମୀ କରୁଛି । ଧୀରସ୍ଥିର ହୋଇ ବସୁନାହିଁ । ଏ କ୍ଷେତ୍ରରେ ଲକ୍ଷ୍ୟ କରାଯାଇପାରେ ଯେ ଆଜି ସେ ଘଣ୍ଟାଏ ଅସ୍ଥିର ହେବା ସ୍ଥଳେ, କାଲି ଦେଢ଼ଘଣ୍ଟା ଅସ୍ଥିରତା ଦର୍ଶାଉଛି ଏବଂ ପହରଦିନ ଅଧଘଣ୍ଟାଏ ଅସ୍ଥିରତା ଦେଖାଉଛି । ଏପରି ସ୍ଥଳେ ସବୁବେଳେ ଶାସ୍ତି ଦେଲେ ଭଲ ଫଳ ମିଳିନଥାଏ । ବରଂ ଅପେକ୍ଷାକୃତ କମ୍ ସମୟ (ଯଥା : ଉଦାହରଣରେ ଅଧଘଣ୍ଟା) ଅସ୍ଥିରତା ଦର୍ଶାଇବା ସମୟରେ ତାକୁ କୁହାଯାଇପାରେ – ''ବାଃ ! ଆଜି ବେଶ୍ ସମୟ ଶାନ୍ତପିଲା ହୋଇଛୁ ତ ।'' ଏହା ଏକ ରକମ ପ୍ରୋତ୍ସାହନ ବା ପୁରସ୍କାର । କହିବାର ତାତ୍ପର୍ଯ୍ୟ ହେଉଛି ଯେ ସବୁମାତ୍ରାର ଅବାଂଛନୀୟ ବ୍ୟବହାର ପାଇଁ ଶାସ୍ତିବିଧାନ ପ୍ରୟୋଗ କଲେ ପରିଣତି ଭଲ ହୋଇ ନ ଥାଏ । ଅନ୍ୟପକ୍ଷରେ ଶାସ୍ତି ଓ ପ୍ରଶଂସାର ମିଶ୍ର ପ୍ରୟୋଗ ଭଲ କାର୍ଯ୍ୟକରେ । ପରିଶେଷରେ କୁହାଯିବ ଯେ ଶାସ୍ତିର ପରିମାଣ ଅବାଂଛିତ ବ୍ୟବହାର ସହିତ ଆନୁପାତିକ ହେବା ବିଧେୟ । ଅଳ୍ପ ପରିମାଣରେ ତ୍ରୁଟି ବିଚ୍ୟୁତି ପାଇଁ କଠିନ ଶାସ୍ତି କୁପରିଣତି ଜନ୍ମାଇଥାଏ । ମୂଳତଃ ଶାସ୍ତିବିଧାନ ନିହାତି ଅପରିହାର୍ଯ୍ୟ ମନେହେଲେ ଏହାକୁ ସତର୍କତାର ସହିତ ଉପଯୋଗ କରିବାକୁ ହେବ ।

ପର୍ଯ୍ୟବେକ୍ଷଣ ଓ ବିକାଶ

କେବଳ କିଶୋରକାଳୀନ ବିକାଶ ନୁହେ, ଜୀବନର ପ୍ରତିଟି ପର୍ଯ୍ୟାୟରେ ପ୍ରୋତ୍ସାହନ (Reinforcement) ବିକାଶକୁ ତ୍ୱରାନ୍ୱିତ କରିଥାଏ । ସ୍କିନ୍ନରଙ୍କ ନିୟମଟି ଖୁବ୍ ସରଳ ହେଲେ ମଧ୍ୟ ଏହା ପ୍ରୟୋଗାତ୍ମକ ଦିଗ ଖୁବ୍ ପ୍ରଶସ୍ତ । ଏ ଦୃଷ୍ଟିରୁ ବାଂଛିତ ବ୍ୟବହାରର ଉନ୍ମେଷ ଓ ବିକାଶ ପାଇଁ ପିତାମାତା, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅନ୍ୟ ବୟସ୍କବ୍ୟକ୍ତି-ମାନେ ଏ ନିୟମଟିର ପ୍ରୟୋଗ କରନ୍ତି । ବିକାଶ ପାଇଁ ଉପଯୋଗୀ ମନେକରାଯାଇଥିବା ବ୍ୟବହାରର ଦୃଢ଼ୀକରଣ ଏବଂ ଅବାଂଛିତ ବ୍ୟବହାରର ବିଲୋପକରଣ ପାଇଁ ଏ ପନ୍ଥା ଅନୁସରଣ କରାଯାଏ ।

Digitized by srujanika@gmail.com

ସ୍କିନର୍‌-ନିର୍ଦ୍ଦେଶିତ ପନ୍ଥାଟି ଉପଯୋଗୀ ହେଲେ ମଧ୍ୟ ଆଲବର୍ଟ ବାନ୍ଦୁରା ନାମକ ଆମେରିକାର ଜଣେ ପ୍ରଖ୍ୟାତ ମନୋବିଜ୍ଞାନୀ ଆଉ ଗୋଟିଏ ବିଶିଷ୍ଟ ଦିଗ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ଲକ୍ଷ୍ୟ କଲେ ଦେଖାଯିବ ଯେ ସ୍କିନର୍‌ ବ୍ୟବହାରର ଗଠନ ଓ ଦୃଢ଼ୀକରଣ କ୍ଷେତ୍ରରେ ବ୍ୟକ୍ତିର ସୁଖକର ଅନୁଭୂତି ଉପରେ ଗୁରୁତ୍ୱ ଦେଉଛନ୍ତି ଏବଂ ବ୍ୟବହାରର ବିଲୋପକରଣ କ୍ଷେତ୍ରରେ ଅସୁଖକର ଅନୁଭବ ଉପରେ ପ୍ରାଧାନ୍ୟ ଦେଉଛନ୍ତି । କିନ୍ତୁ ବାନ୍ଦୁରାଙ୍କ ପ୍ରଶ୍ନ ହେଉଛି – ବ୍ୟକ୍ତିର ନିଜସ୍ୱ ଅନୁଭବ ନ ଥିଲେ ମଧ୍ୟ ସେ ବାହ୍ୟଜଗତରେ ଭଲ ପରିଣତି କିମ୍ବା ଖରାପ ପରିଣତି ପର୍ଯ୍ୟବେକ୍ଷଣ କରି ନିଜର ବ୍ୟବହାରକୁ ରୂପ ଦିଏ ନାହିଁକି ? ଉଦାହରଣ ସ୍ୱରୂପ, ଦୂରଦର୍ଶନର କାର୍ଯ୍ୟକ୍ରମ ଦେଖୁଥିବା ହଜାର ହଜାର କିଶୋର କିଶୋରୀମାନଙ୍କ କଥା ବିଚାର କରାଯାଉ । ଏମାନଙ୍କୁ ପ୍ରତ୍ୟକ୍ଷଭାବରେ କେହି ପୁରସ୍କାର ବା ତିରସ୍କାର ଦେଉନଥିଲେ ମଧ୍ୟ ସେମାନେ ପ୍ରଦର୍ଶିତ କାର୍ଯ୍ୟକ୍ରମରେ ଚରିତ୍ରସବୁକୁ ପର୍ଯ୍ୟବେକ୍ଷଣ କରୁଛନ୍ତି । କେଉଁ ଚରିତ୍ର ଲାଭବାନ୍‌ ହେଉଛି ଏବଂ କେଉଁ ଚରିତ୍ର କ୍ଷତିଗ୍ରସ୍ତ ହେଉଛନ୍ତି, ତାହା ଦେଖୁଛନ୍ତି । ମୁଖ୍ୟ ନାୟକ (Hero) କିପରି ଲୋକଙ୍କର ପ୍ରଶଂସା ପାଉଛି, ତାହା ଦେଖୁଛନ୍ତି । ସୁତରାଂ ନିଜସ୍ୱ ଅନୁଭୂତି ନଥିଲେ ମଧ୍ୟ ପର୍ଯ୍ୟବେକ୍ଷଣ ମାଧ୍ୟମରେ ବ୍ୟବହାର ଶିଖୁଛନ୍ତି । ଆକ୍ରମଣାତ୍ମକ ବ୍ୟବହାର ଦର୍ଶାଇ ବହୁଳାଭର ଅଧିକାରୀ ହେଉଥିବା ଚରିତ୍ରସବୁକୁ ଅନୁସରଣ କରୁଛନ୍ତି । ଏ ଦୃଷ୍ଟିରୁ ପର୍ଯ୍ୟବେକ୍ଷଣ (Observation) ଆମ ବ୍ୟବହାର ଗଠନର ଏକ ଭିତ୍ତିଭୂମି ବୋଲି ବାନ୍ଦୁରା ଦୃଢ଼ସ୍ୱରରେ ବ୍ୟକ୍ତ କରିଛନ୍ତି ।

ବାନ୍ଦୁରାଙ୍କ ବିଚାର ସ୍କିନରୀୟ ଚିନ୍ତାଧାରାର ବିରୁଦ୍ଧ ନୁହେଁ; ମାତ୍ର ଦୁଇଟିଯାକ ନୀତିକୁ ମିଶାଇ ଅନୁଶୀଳନୀ କଲେ ଅଧିକ ପ୍ରସାରିତ ଛବି ମିଳିବା ସମ୍ଭବ ହେଉଛି । ଅନ୍ୟ ଭାଷାରେ କହିଲେ ପର୍ଯ୍ୟବେକ୍ଷଣ ଫଳରେ ମଧ୍ୟ ବିକାଶ ତ୍ୱରାନ୍ୱିତ ହୁଏ । ଏ ଦୃଷ୍ଟିରୁ ଆମର ପରିପାର୍ଶ୍ୱରେ ଆମେ ଭେଟୁଥିବା ଆଦର୍ଶ ନାୟକର (Role Models) ଗୁରୁତ୍ୱ ଖୁବ୍‌ ବେଶୀ । ପରିପାର୍ଶ୍ୱରେ ଉତ୍ତମ ନାୟକ ଆମର ବ୍ୟବହାରକୁ ଯେପରି ବାଂଛନୀୟ ରୂପ ଦିଏ, ଖଳ ନାୟକ ମଧ୍ୟ ଆଲୋଡ଼ନ ସୃଷ୍ଟି କରେ । ଖଳ ନାୟକ ଆମ ମନରେ ଆକର୍ଷଣ ସୃଷ୍ଟିକରି ଆମେ ଅନୁସରଣ କଲେ ଅବାଂଛିତ ବ୍ୟବହାର ଜନ୍ମେ । ଅନ୍ୟ ପକ୍ଷରେ ଖଳ ନାୟକର ବ୍ୟବହାର ବିକର୍ଷଣ ସୃଷ୍ଟି କଲେ ଅବାଂଛିତ ବ୍ୟବହାର ରୂପ ନେବାର ସମ୍ଭାବନା ରହେ ନାହିଁ ।

ସ୍କିନର ଓ ବାନ୍ଦୁରା ପରିବେଶର ପ୍ରଭାବକୁ ଯେପରି ପ୍ରାଧାନ୍ୟ ଦେଇଛନ୍ତି, ସେହିପରି ଅନ୍ୟ ଜଣେ ମନୋବିଜ୍ଞାନୀ ବ୍ରନ୍‌ଫେନବ୍ରେନର୍‌ ମଧ୍ୟ ପ୍ରାଧାନ୍ୟ ଦେଇଛନ୍ତି । ମାତ୍ର ବ୍ରନ୍‌ଫେନ୍‌ବ୍ରେନର୍‌ ଏହି ପରିବେଶର ଏକ ବର୍ଗୀକରଣ କରି ପ୍ରଭାବମଣ୍ଡଳରେ ଥିବା ଉପାଦାନସବୁକୁ ସୁନିର୍ଦ୍ଦିଷ୍ଟ କରିଛନ୍ତି । ତାଙ୍କ ମତରେ ବୟସର ବୃଦ୍ଧି ସହିତ ଭିନ୍ନ ଭିନ୍ନ ପ୍ରଭାବ ମଣ୍ଡଳ ପୃଥକ୍‌ ପରିମାଣର ପ୍ରଭାବ ସୃଷ୍ଟି କରିଥାଏ । ଚିତ୍ରରେ ପ୍ରଭାବ ମଣ୍ଡଳଗୁଡ଼ିକୁ ଚିହ୍ନଟ କରାଯାଇଛି ।

Digitized by srujanika@gmail.com



ପ୍ରଭାବମଣ୍ଡଳର ବର୍ଣ୍ଣନାରୁ ସ୍ପଷ୍ଟ ଯେ ବିକାଶ କ୍ଷେତ୍ରରେ ବ୍ୟକ୍ତି ଧୀରେ ଧୀରେ ଭିତର ମଣ୍ଡଳରୁ ବାହାର ମଣ୍ଡଳକୁ ଗତିକରେ । କିଶୋର କିଶୋରୀମାନଙ୍କର ପ୍ରାଥମିକ ଅବସ୍ଥା ସେମାନଙ୍କ ପରିବାର, ବିଦ୍ୟାଳୟ ଓ ପଡ଼ୋଶୀମାନଙ୍କ ଦ୍ୱାରା ପ୍ରଭାବିତ ହେଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କର ସାଙ୍ଗସାଥୀ ଅଧିକ ପରିମାଣରେ ପ୍ରଭାବ ବିସ୍ତାର କରନ୍ତି । ପୁଣି ସେମାନଙ୍କର ପିତାମାତାଙ୍କର ବନ୍ଧୁବାନ୍ଧବ, ସହକର୍ମୀ ଏବଂ ଏପରିକି ଘରକୁ ବୁଲିଆସିଥିବା ଅତିଥିଙ୍କ ମନ୍ତବ୍ୟ ମଧ୍ୟ ପ୍ରଭାବ ସୃଷ୍ଟି କରିପାରେ । ପରବର୍ତ୍ତୀ ପର୍ଯ୍ୟାୟରେ କିଶୋର କିଶୋରୀମାନେ ବସବାସ କରୁଥିବା ସମାଜ ଓ ସଂସ୍କୃତିର ଭାବଧାରା, ରୀତିନୀତି ଏବଂ ଲୋକବିଶ୍ୱାସ ପ୍ରଭାବ ସୃଷ୍ଟିକରେ । ଗୋଟିଏ ସମାଜରେ ବିବେଚନା କରାଯାଉଥିବା ବିକାଶ ଅନ୍ୟ ସମାଜରେ ବିଳୟର ସୂଚକ ହୋଇପାରେ । ପରିଶେଷରେ ମନେରଖିବାକୁ ହେବ ଯେ ପ୍ରତି ସମୟ ବା ଯୁଗର ଏକ ସ୍ୱତନ୍ତ୍ର ବିଚାରଧାରା ରହିଛି । ଦୃଷ୍ଟାନ୍ତ ସ୍ୱରୂପ ଶାରୀରିକ ସୌନ୍ଦର୍ଯ୍ୟର କଥା ବିଚାର କରାଯାଉ । ଆକର୍ଷଣଶୀଳ ଶରୀର କହିଲେ ଯାହା ବୁଝାଯାଏ, ତାହାର କେତେକ ଦିଗ ଅପେକ୍ଷାକୃତ ଅପରିବର୍ତ୍ତିତ ରହିଥିଲେ ମଧ୍ୟ ଅନ୍ୟ କେତେକ ଦିଗ

Digitized by srujanika@gmail.com

ଯୁଗ ଅନୁସାରେ ପରିବର୍ତ୍ତିତ ହେବାରେ ଲାଗିଛି । ସୁତରାଂ ବିକାଶର ପରିପ୍ରେକ୍ଷୀରେ ସମୟ ମଣ୍ଡଳର ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ ।

ବ୍ୟବହାରବାଦୀ ବିକାଶତତ୍ତ୍ୱର ସାରମର୍ମ

୧. କେଉଁ ବ୍ୟବହାର ବିକାଶ ବାଂଛନୀୟ ଏବଂ କେଉଁଟି ଅବାଂଛନୀୟ ତାହା ହୁଏତ ଦେଶ କାଳ ପାତ୍ର ପରିପ୍ରେକ୍ଷୀରେ ସ୍ଥିର କରାଯାଇପାରେ । ମାତ୍ର ବାଂଛନୀୟ ଓ ଅବାଂଛନୀୟ ସ୍ଥିର କଲାପରେ ପ୍ରୋତ୍ସାହନର (Reinforcement) ପ୍ରୟୋଗ କରି ବାଂଛନୀୟ ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ ।

୨. ସେହିପରି ପ୍ରୋତ୍ସାହନର ଅପସାରଣ ଦ୍ୱାରା ଅବାଂଛିତ ବ୍ୟବହାରକୁ ଦୁର୍ବଳ ଏବଂ ପରିଶେଷରେ ବିଲୋପ କରାଯାଇପାରିବ ।

୩. ସାଧାରଣତଃ ଶାସ୍ତିବିଧାନ ମାଧ୍ୟମରେ ବ୍ୟବହାର ପରିବର୍ତ୍ତନ ଜଟିଳତା ସୃଷ୍ଟି କରୁଥିବାରୁ ଏ ପଦ୍ଧତିଟି ଯଥାସମ୍ଭବ ଏଡ଼ାଇଯିବା ଉଚିତ୍ । ମାତ୍ର ନିହାତି ଅପରିହାର୍ଯ୍ୟ ହେଲେ ସତର୍କତାର ସହିତ ଶାସ୍ତିବିଧାନର ପ୍ରୟୋଗ ଆବଶ୍ୟକ ।

୪. ପ୍ରୋତ୍ସାହନ ବ୍ୟତୀତ ପର୍ଯ୍ୟବେକ୍ଷଣ (ଯଥା – ଆଦର୍ଶ ନାୟକ ବା Role Modelର ଉପସ୍ଥିତି) ଅନୁକରଣର ପ୍ରବଣତା ସୃଷ୍ଟିକରୁଥିବାରୁ ଏହାର ଉପଯୋଗ କରାଯିବା ପ୍ରୟୋଜନ ।

୫. ବିଭିନ୍ନ ସମୟରେ ପୃଥକ୍ ପୃଥକ୍ ପ୍ରଭାବମଣ୍ଡଳ ସକ୍ରିୟ ରହୁଥିବାରୁ ଏ ସବୁର ବିଜ୍ଞତାପୂର୍ଣ୍ଣ ପ୍ରୟୋଗ ଦରକାର ।

❑

Digitized by srujanika@gmail.com

ବୟଃସନ୍ଧିର ଅନ୍ତରାଳରେ

ବାଲ୍ୟବସ୍ଥାରୁ କୈଶୋରକୁ ଯାତ୍ରା କରିବାର ପଥ ଖୁବ୍ ସହଜ ସରଳ ନୁହେଁ । ଦୁଇ ଅବସ୍ଥାର ସଂଯୋଗ ସ୍ଥଳରେ ଯେଉଁ ସବୁ ପରିବର୍ତ୍ତନ ଘଟେ, ସେସବୁ କିଶୋର କିଶୋରୀ ମନରେ ଭୟ, ସନ୍ଦେହ ଓ ଉଦ୍‌ବେଗ ଆଣିଥାଏ । ଅବଶ୍ୟ ଅଧିକାଂଶ କିଶୋର କିଶୋରୀ ଏସବୁକୁ ଅତିକ୍ରମ କରିଯାଆନ୍ତି । ବୟଃସନ୍ଧି (Puberty) କେତେକ ଦୃଷ୍ଟିରୁ କୈଶୋର କାଳଠାରୁ ଭିନ୍ନ । ଏ ସନ୍ଧିକାଳରେ ହରମୋନ୍ ଓ ଶାରୀରିକ ପରିବର୍ତ୍ତନ ସମେତ ଦେହଭିତ୍ତିକ ଦ୍ରୁତ ପରିବର୍ତ୍ତନ ସଂଘଟିତ ହୁଏ । ଏହା କୈଶୋରର ଆଦ୍ୟ କାଳ ।

ବୟଃସନ୍ଧି ବା ଯୌବନାରମ୍ଭ (Puberty) କ'ଣ ଘଟାଇଥାଏ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ତଥ୍ୟ ନଥିଲେ ମଧ୍ୟ ଏହା ସହିତ ଉପାଦାନସବୁକୁ ଚିହ୍ନଟ କରାଯାଇଛି । ଅନ୍ତଃସ୍ରାବୀ (Endocrine) ସଂସ୍ଥା, ଶରୀରର ଓଜନ, ଦେହର ମେଦ ଓ ଲେପଟିନ୍ (Lepten) ହରମୋନ୍ ସ୍ତରରେ ପରିବର୍ତ୍ତନ ବୟଃସନ୍ଧି ସହିତ ଜଡ଼ିତ । ଅବଶ୍ୟ ଏସବୁ ପରିବର୍ତ୍ତନ ବୟଃସନ୍ଧିର କାରଣ କି ବୟଃସନ୍ଧିର ଫଳାଫଳ, ତାହା ନିଧାର୍ଯ୍ୟ ଭାବେ ଜଣାନାହିଁ । ତେବେ ବଂଶାନୁଗତି (Heredity) ଯେ ଏ ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ, ଏଥିରେ ସନ୍ଦେହ ନାହିଁ ।

ବୟଃସନ୍ଧି ଆକସ୍ମିକ ଭାବେ ଆସି ନ ଥାଏ । ଯୌବନାରମ୍ଭର ସଂକେତ ପ୍ରତି ମଣିଷର ଜିନ୍‌ରେ ଅଂକିତ ରହିଥାଏ । ଦୁଇତିନି ବର୍ଷ ବେଳକୁ କିମ୍ବା କୋଡ଼ିଏ ବର୍ଷ ବୟସରେ ଯୌବନ ଆରମ୍ଭ ହୋଇ ନ ଥାଏ । ଅବଶ୍ୟ ଏହାର ଉନ୍ମେଷ ଓ ବିକାଶ ସମ୍ପର୍କ ଅଣୁଗତ ଜିନ୍ ଅନୁଧ୍ୟାନ ଭବିଷ୍ୟତରେ ଅଧିକ ତଥ୍ୟପୂର୍ଣ୍ଣ ଜ୍ଞାନ ପ୍ରଦାନ କରିବ । ତଥାପି ମୋଟାମୋଟି ଭାବରେ ଆମେ ଜାଣୁ ଯେ, ଅଧିକାଂଶ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ସନ୍ଧିକାଳ ୯ ବର୍ଷରୁ ୧୬ବର୍ଷ ବୟସ ମଧ୍ୟରେ ଘଟିଥାଏ ।

ବୟଃସନ୍ଧି ପରିପ୍ରେକ୍ଷୀରେ ହରମୋନ୍‌ର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ଆମ ଶରୀରରେ ଥିବା ଅନ୍ତଃସ୍ରାବୀ ଗ୍ରନ୍ଥିସବୁ (Endocrine Glands) କ୍ଷରଣ କରୁଥିବା ରାସାୟନିକ ପଦାର୍ଥକୁ ହର୍‌ମୋନ୍ କୁହାଯାଏ । ଶରୀରର ରକ୍ତସ୍ରୋତରେ ହର୍‌ମୋନ୍ ବାହିତ ହୋଇଥାଏ । ପୁରୁଷ ଓ ନାରୀମାନଙ୍କ କ୍ଷେତ୍ରରେ ଦୁଇଟି ଶ୍ରେଣୀର ହର୍‌ମୋନ୍‌ର କ୍ଷରଣ ବେଶ୍ ଗୁରୁତ୍ୱପୂର୍ଣ୍ଣ । ପୁରୁଷମାନଙ୍କ କ୍ଷେତ୍ରରେ ଆଣ୍ଡ୍ରୋଜେନ୍ (Androgen) ଏବଂ ନାରୀମାନଙ୍କ କ୍ଷେତ୍ରରେ

Digitized by srujanika@gmail.com

ଏଷ୍ଟ୍ରୋଜେନ୍ (Estrogen) ଯୌନ ହର୍‌ମୋନ୍‌ର ଭୂମିକା ନିର୍ବାହ କରନ୍ତି । ଅବଶ୍ୟ ପ୍ରତ୍ୟେକ ମଣିଷ ଶରୀରରେ ଆଣ୍ଡ୍ରୋଜେନ୍ ଓ ଏଷ୍ଟ୍ରୋଜେନ୍ କ୍ଷରିତ ହୋଇଥାଏ । କିନ୍ତୁ ପୁରୁଷ ଶରୀରର ଆଣ୍ଡ୍ରୋଜେନ୍‌ର କ୍ଷରଣ ସକ୍ରିୟତା ଅଧିକ ହେବା ସ୍ଥଳେ ନାରୀ ଶରୀରରେ ଏଷ୍ଟ୍ରୋଜେନ୍‌ର କ୍ଷରଣ ଓ ସକ୍ରିୟତା ବେଶୀ ହୋଇଥାଏ ।

କିଶୋର ଶରୀରରେ ଟେଷ୍ଟୋଷ୍ଟେରୋନ୍ (Testosterone) ଗୋଟିଏ ପ୍ରକାର ଆଣ୍ଡ୍ରୋଜେନ୍ (ଯୌନ ହର୍‌ମୋନ୍) । ଯୌବନାରମ୍ଭରେ ଏହି ଯୌନ ହର୍‌ମୋନ୍‌ର କ୍ଷରଣ ଫଳରେ କିଶୋରୀମାନଙ୍କ ଶରୀରରେ କେତେକ ପରିବର୍ତ୍ତନ ପରିଦୃଷ୍ଟ ହୁଏ । ଉଚ୍ଚତା ବୃଦ୍ଧି ପାଇବା, କଣ୍ଠସ୍ୱର ବଦଳିବା ଏବଂ ଯୌନାଙ୍ଗର ବିକାଶ ଏ ଧରଣର । ଏହାର କ୍ଷରଣ ଫଳରେ ଯୌନ କାମନା ସହିତ ସମ୍ପୃକ୍ତ ।

ସେହିପରି କିଶୋରୀମାନଙ୍କ ଶରୀରରେ ଏଷ୍ଟ୍ରାଡ଼ାଏଲ୍ (Estradiol) ମୁଖ୍ୟ ଏଷ୍ଟ୍ରୋଜେନ୍ (ଯୌନ ହର୍‌ମୋନ୍) । ଏହାର କ୍ଷରଣ ଫଳରେ ଶରୀରର ଖଣ୍ଡିଆସବୁର ବିକାଶ, ଗର୍ଭାଶୟର ଓ ଯୌନାଙ୍ଗର ବିକାଶ ସଂଘଟିତ ହୁଏ । ଏହା ମଧ୍ୟ ଯୌନ କାମନା ସହିତ ଜଡ଼ିତ । କେତେକ ବିଶେଷଜ୍ଞଙ୍କ ମତରେ କିଶୋରୀମାନଙ୍କ ତୁଳନାରେ କିଶୋରମାନଙ୍କ କ୍ଷେତ୍ରରେ ଯୌନକାମନାର ନିର୍ଦ୍ଧାରକ ହର୍‌ମୋନର କ୍ରିୟାକଳାପ ଅଧିକ ସ୍ପଷ୍ଟ । ଗୋଟିଏ ଅନୁଧ୍ୟାନରୁ ଦେଖାଯାଇଛି ଯେ ଯୌବନାରମ୍ଭ (Puberty) ସମୟରେ ବାଳକ ଶରୀରରେ ଟେଷ୍ଟୋଷ୍ଟେରନ୍ ୧୮ ଗୁଣ ବୃଦ୍ଧି ପାଉଥିବା ସ୍ଥଳେ ବାଳିକାମାନଙ୍କ କ୍ଷେତ୍ରରେ କେବଳ ଦୁଇଗୁଣ ବୃଦ୍ଧିପାଏ । ସେହିପରି ଏଷ୍ଟ୍ରାଡ଼ାଏଲ୍ ଯୌବନାରମ୍ଭରେ କିଶୋରୀ ଶରୀରରେ ୮ଗୁଣ ବୃଦ୍ଧି ପାଇବା ସ୍ଥଳେ କିଶୋର ଶରୀରରେ ଦୁଇଗୁଣ ବୃଦ୍ଧିପାଏ ।

ବୟଃସନ୍ଧି ସମୟରେ ଅନ୍ତଃସ୍ରାବୀ ଗ୍ରନ୍ଥିସବୁର ଭୂମିକା ଶରୀରର ଅନ୍ୟ ଦୁଇଟି ଅଂଶ ସହିତ ସଂଶ୍ଳିଷ୍ଟ । ପ୍ରଥମଟି ହେଉଛି ହାଇପୋଥାଲାମସ୍ (Hypothalamus) । ଏହା ଉଚ୍ଚତର ମସ୍ତିଷ୍କର ଏକ ସୂକ୍ଷ୍ମ ଅଂଶ । ଏହା ଆମର ଖାଦ୍ୟପେୟ ଗ୍ରହଣ ଓ ଯୌନ କ୍ରିୟାକୁ ପ୍ରଭାବିତ କରେ । ଅନ୍ୟଟି ହେଉଛି ପୋଷକ ଗ୍ରନ୍ଥି (Pituitary) । ଏହି ଗ୍ରନ୍ଥି ଶରୀରର ଅଭିବୃଦ୍ଧି ଏବଂ ଅନ୍ୟ ଗ୍ରନ୍ଥିସବୁର କାର୍ଯ୍ୟକଳାପ ନିୟନ୍ତ୍ରଣ କରେ । ପୋଷକ ଗ୍ରନ୍ଥି ସଂକେତ ଦେବା ଫଳରେ କିଶୋର ଓ କିଶୋରୀମାନଙ୍କର ଯୌନ ଗ୍ରନ୍ଥୀ ସକ୍ରିୟ ହୋଇଥାଏ । ଯୌନଗ୍ରନ୍ଥି ସକ୍ରିୟ ହେବା ଫଳରେ ଏହିସବୁ କିଶୋରମାନଙ୍କର ଶୁକ୍ରାଣୁ ଓ କିଶୋରୀମାନଙ୍କର ଫୋଲିକ୍ଲର (Follicle) ବିକାଶ ସମ୍ଭବ ହୁଏ ।

ଏକ ଫଳାଫଳ ଅବଗତି (Feedback) କୌଶଳ ମାଧ୍ୟମରେ ହାଇପୋଥାଲାମସ୍ ପୋଷକ ଗ୍ରନ୍ଥି ଏବଂ ଯୌନ ହର୍‌ମୋନ୍‌ର କ୍ରିୟା କଳାପ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଏ । ପୋଷକ ଗ୍ରନ୍ଥିର ସଂକେତ ପ୍ରେରଣ ଫଳରେ ଯୌନାଙ୍ଗ ଏବଂ ଯୌନ ହର୍‌ମୋନ୍‌ର ସକ୍ରିୟତା ବୃଦ୍ଧି ପାଇଥାଏ । ପୁଣି ଏହି ସକ୍ରିୟତା ଓ କ୍ଷରଣର ମାତ୍ରା ଏକ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିବା

Digitized by srujanika@gmail.com



ଯୌନ ହରମୋନ୍‌ର ପାରସ୍ପରିକ କ୍ରିୟା ପ୍ରକ୍ରିୟା

ମାତ୍ରେ ମସ୍ତିଷ୍କର ହାଇପୋଥାଲାମସ୍ ନିଷ୍ପତ୍ତି ପ୍ରୟୋଗ କରିଥାଏ । ଏହା ପୋଷକ ଗ୍ରନ୍ଥିକୁ ନିୟନ୍ତ୍ରଣର ସଂକେତ ପ୍ରେରଣ କରେ । ଫଳରେ ପୋଷକ ଗ୍ରନ୍ଥି ପୁନଶ୍ଚ ଅନୁରୂପ ସଂକେତ ପ୍ରେରଣ କରି ଯୌନାଙ୍ଗ ଓ ଯୌନ ହର୍‌ମୋନ୍‌ରେ ସକ୍ରିୟତା ହ୍ରାସ କରେ ।

ଯୌନ ହର୍‌ମୋନ୍ ବ୍ୟତୀତ ପୋଷକ ଗ୍ରନ୍ଥି ଶାରୀରିକ ଅଭିବୃଦ୍ଧି (growth) ସହିତ ଜଡ଼ିତଥିବା ହର୍‌ମୋନ୍‌ସବୁକୁ ମଧ୍ୟ ନିୟନ୍ତ୍ରଣ କରିଥାଏ । ବୟଃସନ୍ଧିର ଆରମ୍ଭରେ ଅଭିବୃଦ୍ଧି ହର୍‌ମୋନ୍‌ସବୁ ରାତିରେ କ୍ଷରିତ ହୁଏ । ମାତ୍ର ବୟସର ବୃଦ୍ଧି ସହିତ ଏସବୁ ଦିନବେଳେ ମଧ୍ୟ କ୍ଷରିତ ହେବାକୁ ଲାଗେ ।

ହର୍‌ମୋନ୍‌ର କାର୍ଯ୍ୟକଳାପ ଦୃଷ୍ଟିରୁ ବୟଃସନ୍ଧିର ଦୁଇଟି ପର୍ଯ୍ୟାୟ ବିଚାର କରାଯାଇପାରେ । ପ୍ରଥମ ପର୍ଯ୍ୟାୟଟି ଅପେକ୍ଷାକୃତ କମ୍ ବୟସରେ (୬ ବର୍ଷରୁ ୯ ବର୍ଷମଧ୍ୟବର୍ତ୍ତୀ) ଆରମ୍ଭ ହୋଇଯାଏ । ବୃକକ୍ (Kidney)ର ଠିକ୍ ଉପରେ ଥିବା ଆଡ୍ରେନାଲ୍ ଗ୍ରନ୍ଥିରୁ ଯୌନ ହରମୋନ୍ ଆଡ୍ରେନାଲ ଆଣ୍ଡୋଜେନ୍‌ର (Adrenal Androgen) କ୍ଷରଣ ଆରମ୍ଭ ହୁଏ । କେତେକ ଦୃଷ୍ଟିରୁ ଏହାକୁ ଯୌବନର ଆରମ୍ଭ କୁହାଯାଇପାରେ । ଆମେ ସାଧାରଣତଃ ଯେଉଁ ସମୟଟିକୁ ବୟଃସନ୍ଧି (Puberty) କହିଥାଉ, ତାହା ପ୍ରାୟ ଏହାର ଦୁଇବର୍ଷ ପରେ ଆରମ୍ଭ ହୁଏ । ଏହା ହେଉଛି ଯୌନ ପରିପକ୍ୱନର ସମୟ । କିଶୋରୀମାନେ ପ୍ରଥମ ଋତୁସ୍ରାବ (Menarche) ଏବଂ କିଶୋରମାନଙ୍କ ପ୍ରଥମ ଶୁକ୍ରପାତ (Spermarche) ଏହାର ବାହ୍ୟିକ ସୂଚକ ।

ଅନେକ ଗବେଷକମାନଙ୍କ ମତରେ ବୟଃସନ୍ଧିରେ ପଦାର୍ପଣ କରିବା ପୂର୍ବରୁ ଶରୀରର ଓଜନ ଏକ ନିର୍ଦ୍ଦିଷ୍ଟ ପରିମାଣର ହୋଇଥିବା ଆବଶ୍ୟକ । ଅଧିକ ଓଜନର ଅଧିକାରୀ ହୋଇଥିବା କିଶୋର କିଶୋରୀମାନେ ଅପେକ୍ଷାକୃତ ପୂର୍ବ ସମୟରେ ଏ ଅବସ୍ଥାରେ ପହଞ୍ଚନ୍ତି । କେତେକ ବିଶେଷଜ୍ଞ ଏହାକୁ ପ୍ରାୟ ୫୦ କିଲୋଗ୍ରାମ ସୂଚିତ କରିବା ସ୍ଥଳେ ଅନ୍ୟ କେତେକ ବିଶେଷଜ୍ଞ

Digitized by srujanika@gmail.com

ମତଦିଅନ୍ତି ଯେ ଶରୀରର ମେଦ ଅଂଶ (Fat) ସମୁଦାୟ ଶରୀରର ଅନ୍ତତଃ ୧୭ ପ୍ରତିଶତ ହୋଇଥିବା ଆବଶ୍ୟକ । ଅବଶ୍ୟ ଏପରି ମାନଦଣ୍ଡ ସମ୍ପର୍କରେ ପୂରାପୂରି ସହମତି ନାହିଁ । ତେବେ ଖାଦ୍ୟରୁଚିରେ ବିପର୍ଯ୍ୟୟ ଥିବା ଏବଂ ଭାରଉତ୍ତୋଳନ ଓ ସନ୍ତରଣ ପରି ଶକ୍ତିସାପେକ୍ଷ ଖେଳକୁଦରେ ଅଂଶଗ୍ରହଣ କରୁଥିବା କିଶୋର କିଶୋରୀମାନଙ୍କର ଯୌବନାରମ୍ଭର ସମୟ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥାଏ । ପୁଷ୍ଟିହୀନତାର ଶରବ୍ୟ ହୋଇଥିବା କିଶୋରୀମାନଙ୍କ ଡେରିରେ ବୟଃସନ୍ଧିର ଉପନୀତ ହୁଅନ୍ତି ।

ଲେପ୍‌ଟିନ୍ ନାମକ ହରମୋନ୍ ବୟଃସନ୍ଧିର ଆରମ୍ଭ ଓ ବିକାଶକୁ ପ୍ରଭାବିତ କରେ । କିଶୋରମାନଙ୍କ ତୁଳନାରେ କିଶୋରୀମାନଙ୍କର ଲେପ୍‌ଟିନ୍ ବହଳତା ଅଧିକ । ଏହା କିଶୋରୀମାନଙ୍କ କ୍ଷେତ୍ରରେ ଶରୀରର ମେଦ ଅଂଶର ପରିମାଣ ସହିତ ଏବଂ କିଶୋରମାନଙ୍କ କ୍ଷେତ୍ରରେ ଆଣ୍ଡ୍ରୋଜେନ୍‌ର ପରିମାଣ ସହିତ ସମ୍ବନ୍ଧିତ । ପୁଣି କିଶୋରୀମରନଙ୍କ କ୍ଷେତ୍ରରେ ଲେପ୍‌ଟିନ୍ ସ୍ତରର ଅଭିବୃଦ୍ଧି ଶରୀରର ଉପଯୋଗୀ ମେଦ ଅଂଶ ବୃଦ୍ଧିର ସଂକେତ ହେଧଥାଏ ଏବଂ ପ୍ରଜନନ ଓ ଗର୍ଭଧାରଣ ବିକାଶର ସୂଚନା ଦେଇଥାଏ ।

❑

Digitized by srujanika@gmail.com

ଶାରୀରିକ ଅଭିବୃଦ୍ଧି : ସ୍ଫୁରଣ ପ୍ରକ୍ରିୟା

ମଧ୍ୟ ବାଲ୍ୟଜୀବନରେ ଅପେକ୍ଷାକୃତ ମନ୍ଥର ଅଭିବୃଦ୍ଧି ପରେ ପରେ ଦ୍ରୁତ ଶାରୀରିକ ଚିହ୍ନ କୈଶୋର ଜୀବନର ସୁସ୍ପଷ୍ଟ ସୂଚକ । ଏପରି ଅଭିବୃଦ୍ଧି କେବଳ ଆକାର ମଧ୍ୟରେ ସୀମିତ ନୁହେଁ । କିଶୋର କିଶୋରୀମାନେ ପୂର୍ବରୁ ପରିଚିତ ନ ଥିବା କେତେକ ପରିବର୍ତ୍ତନର ଅଧିକାରୀ ହୁଅନ୍ତି । ବାଳିକାମାନେ ଦଶବର୍ଷ ବୟସରୁ ଏପରି ପରିବର୍ତ୍ତନର ଅନୁଭବ ପାଇବା ସ୍ଥଳେ ବାଳକମାନେ ଦୁଇବର୍ଷ ପରେ ଏହାର ଅନୁଭବ ପଆନ୍ତି । ଶାରୀରିକ ପରିବର୍ତ୍ତନର ବୟଃସନ୍ଧିର ଅନ୍ତରାଳରେ ସବୁଠାରୁ ସୁସ୍ପଷ୍ଟ ପରିପ୍ରକାଶ ହେଉଛି ଯୌନଗତ ପରିପକ୍ୱନ (Sexual Maturation) । ପରେ ଏହାର ଆଲୋଚନା କରାଯିବ । ବର୍ତ୍ତମାନ ଶାରୀରିକ ଅଭିବୃଦ୍ଧିର ଏକ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରାଯାଇପାରେ । ଏହା ହେଉଛି ଅଭିବୃଦ୍ଧି ସ୍ଫୁରଣ (Growth Spurt) ବା ଅତିଦ୍ରୁତ ଅଭିବୃଦ୍ଧି ପ୍ରକ୍ରିୟା ।

ଭାରତୀୟ ପରିପ୍ରେକ୍ଷୀରେ ବାଳିକାମାନଙ୍କ କ୍ଷେତ୍ରରେ ବୟଃସନ୍ଧି (Puberty) ବା ଆଦ୍ୟ କୈଶୋର ୧୦ ବର୍ଷରୁ ୧୫ ବର୍ଷ ବୟସ ହୋଇଥିବା ସ୍ଥଳେ ବାଳକମାନଙ୍କ କ୍ଷେତ୍ରରେ ୧୨ ବର୍ଷରୁ ୧୭ ବର୍ଷ ବୟସ ହୋଇଥାଏ । ଏହି ବୟସରେ ପାଦ ଦେବା ମାତ୍ରେ କିଶୋର କିଶୋରୀମାନେ କେବଳ ଶୈଶବକୁ ବାଦ୍‌ଦେଲେ ଅନ୍ୟ ଯେ କୌଣସି ସୋପାନ ଅପେକ୍ଷା ଦ୍ରୁତତର ଗତିରେ ଅଭିବୃଦ୍ଧି ଲାଭକରନ୍ତି । ଅଭିବୃଦ୍ଧି ସ୍ଫୁରଣ କାଳ ମଧ୍ୟରେ ସେମାନେ ସେମାନଙ୍କ ଯୌବନକାଳୀନ ଅଭିବୃଦ୍ଧିର ପ୍ରାୟ ୯୮ ପ୍ରତିଶତ ଏହି ସମୟରେ ହାସଲ କରିଥାନ୍ତି । ୧୯୮୮ ମସିହାରୁ ୧୯୯୦ ମଧ୍ୟରେ ଜାତୀୟ ପୁଷ୍ଟିକର ଖାଦ୍ୟ ଅନୁଧ୍ୟାନ ସଂସ୍ଥା ଭାରତର ବିଭିନ୍ନ ସ୍ଥାନରେ ସର୍ବେକ୍ଷଣ କରି ଯେଉଁ ଉଚ୍ଚତା ଓ ଓଜନର ଯେଉଁ ତାଲିକା ପ୍ରସ୍ତୁତ କରିଛନ୍ତି, ତାକୁ ଲକ୍ଷ୍ୟ କଲେ ବହୁ ଧାରଣା ସ୍ପଷ୍ଟ ହୁଏ ।

	ଉଚ୍ଚତା (ସେମି)		*ଓଜନ କି:ଗ୍ରା*	
ବୟସ (ବର୍ଷରେ)	*କିଶୋର*	*କିଶୋରୀ*	*କିଶୋର*	*କିଶୋରୀ*
୧୦⁺	୧୨୭.୩	୧୨୭.୫	୨୨,୩	୨୨.୬
୧୧⁺	୧୩୧.୭	୧୩୯.୧	୨୪.୩	୨୪.୮
୧୨⁺	୧୩୬.୪	୧୩୭.୫	୨୬.୫	୨୮.୧

Digitized by srujanika@gmail.com

୧୩+	୧୪୧.୫	୧୪୩.୨	୨୯.୨	୩୧.୯
୧୪+	୧୪୭.୩	୧୪୬.୫	୩୩.୩	୩୫.୧
୧୫+	୧୫୩.୦	୧୪୮.୬	୩୮.୦	୩୮.୪
୧୬+	୧୫୭.୮	୧୫୦.୬	୪୧.୬	୪୦.୭
୧୭+	୧୬୩.୩	୧୫୧.୨	୪୪.୯	୪୧.୯
୧୮+	୧୬୧.୮	୧୫୦.୮	୪୬.୩	୪୨.୨
୧୯+	୧୬୩.୪	୧୫୧.୬	୪୭.୫	୪୩.୬

ଉପର ଟେବୁଲ୍‌ରୁ ସହଜରେ ଜାଣିହେବ ଯେ, ନ' ବର୍ଷ ମଧ୍ୟରେ କିଶୋରମାନେ ଉଚ୍ଚତାରେ ୩୬.୧ ସେମି. ଏବଂ ଓଜନରେ ୨୫.୨ କିଗ୍ରା ଅଧିକ ହାସଲ କରିବା ସ୍ଥଳେ କିଶୋରୀମାନେ ଉଚ୍ଚତାରେ ୨୪.୧ସେମି. ଓ ଓଜନରେ ୨୧.୦ କିଗ୍ରା ଲାଭବାନ୍ ହୁଅନ୍ତି । ଉଚ୍ଚତା ଓ ଓଜନର ବୃଦ୍ଧି ସହିତ ଶରୀରର ଅନ୍ୟ ଅଂଶ ମଧ୍ୟ ପରିବର୍ତ୍ତିତ ହୁଏ । ଅବଶ୍ୟ ଶରୀରର ପ୍ରତିଟି ଅଙ୍ଗର ନିଜସ୍ୱ ଅଭିବୃଦ୍ଧିର ହାର ରହିଥାଏ । କେତେକ ଅଙ୍ଗ ଅପେକ୍ଷାକୃତ ଧୀର ଗତିରେ ବୃଦ୍ଧିପାଇବା ସ୍ଥଳେ ଅନ୍ୟ ଅଙ୍ଗସବୁ ଦ୍ରୁତଗତିରେ ବୃଦ୍ଧି ପାଇଥାଏ । ଏ ବୟସରେ ଗୋଡ଼ ଓ ବାହୁ ପୂର୍ଣ୍ଣ ଦୀର୍ଘତା ପାଇବା ପୂର୍ବରୁ ହାତ ଓ ପାଦସବୁ ଯୁବକ ଯୁବତୀ ବୟସକାଳୀନ ଆକୃତି ଲାଭକରେ ।

ଶରୀରର ଅନ୍ୟ ଅଙ୍ଗ ମଧ୍ୟ ଅଭିବୃଦ୍ଧି ଲାଭକରେ । ହୃଦ୍‌ଯନ୍ତ୍ର, ଫୁସଫୁସ୍, ପାକସ୍ଥଳୀ, ବୃକକ୍ (Kidney) ଓ ମାଂସପେଶୀ ପ୍ରାୟତଃ ଯୌବନକାଳୀନ ଆକାର ପ୍ରାପ୍ତ ହୁଏ । ଶ୍ୱାସକ୍ରିୟା, ହଜମକ୍ରିୟା ଓ ରକ୍ତସଞ୍ଚାଳନର ସଂସ୍ଥାସବୁ ପୂର୍ଣ୍ଣ ବିକଶିତ ରୂପ ନେବା ଫଳରେ କିଶୋର କିଶୋରୀମାନେ ଶକ୍ତି ସାମର୍ଥ୍ୟର ଅଧିକାରୀ ହୁଅନ୍ତି । ଅବଶ୍ୟ ଶରୀରର ସବୁ ଅଙ୍ଗ ଏହି ଅଭିବୃଦ୍ଧି ସ୍ଫୁରଣ ପ୍ରକ୍ରିୟାରେ ସାମିଲ୍ ହୋଇନଥାନ୍ତି । ଉଦାହରଣ ସ୍ୱରୂପ, ପାଞ୍ଚବର୍ଷର ବୟସ ବେଳକୁ ମୁଣ୍ଡ ଓ ମସ୍ତିଷ୍କ ଯୌବନକାଳୀନ ଆକାରର ପ୍ରାୟ ୯୦ ପ୍ରତିଶତ ଆକାର ନେଇସାରିଥାଏ । ଅବଶିଷ୍ଟ ୧୦ ପ୍ରତିଶତ ଧୀରେ ଧୀରେ ଯୌବନକାଳ ପର୍ଯ୍ୟନ୍ତ ବିକଶିତ ହୁଏ । ମୁଖର ଅଂଶବିଶେଷରେ ଅଳ୍ପ ପରିବର୍ତ୍ତନ ଘଟେ । ନାକ ଓ ଦାନ୍ତମାଢ଼ି ଦୀର୍ଘତର ହୁଏ । ମୁହଁ ଓସାରିଆ ହୁଏ ଏବଂ ଓଠ ଅଧିକ ସ୍ପଷ୍ଟ ହୁଏ ।

ମାଂସପେଶୀ ଓ ଶରୀରର ମେଦରେ ପରିବର୍ତ୍ତନ ସଂଘଟିତ ହୁଏ । କିଶୋର କିଶୋରୀମାନଙ୍କର ଉଚ୍ଚତା ବୃଦ୍ଧିପାଇବା ସଙ୍ଗେସଙ୍ଗେ ପେଶୀସବୁର ମଧ୍ୟ ଦ୍ରୁତ ଅଭିବୃଦ୍ଧି ଘଟେ, ଅବଶ୍ୟ ବାଳିକାମାନଙ୍କ ତୁଳନାରେ ବାଳକମାନଙ୍କର ପେଶୀସବୁର ଅଧିକ ଅଭିବୃଦ୍ଧି ଘଟେ । ଏ ଦୃଷ୍ଟିରୁ ବାଳକମାନେ ବାଳିକାମାନଙ୍କ ତୁଳନାରେ ବେଶୀ ପେଶୀବହୁଳ ହୁଅନ୍ତି ଏବଂ ଯୌବନ ପର୍ଯ୍ୟନ୍ତ ଏପରି ସୁବିଧା ଲାଗିରହେ । ଶାରୀରିକ ଅଭିବୃଦ୍ଧି ସ୍ଫୁରଣ ସମୟରେ ଶରୀରରେ ମେଦର ପରିମାଣ କମିବାକୁ ଲାଗେ । ଏ କ୍ଷେତ୍ରରେ ବାଳକ ବାଳିକା ମଧ୍ୟରେ

Digitized by srujanika@gmail.com

ପ୍ରଭେଦ ଦେଖାଯାଏ । ବାଳିକାମାନଙ୍କ ତୁଳନାରେ ମେଦହ୍ରାସର ଗତି ବାଳକମାନଙ୍କର ଅଧିକ ହୋଇଥାଏ । ଫଳରେ ବାଳିକାମାନଙ୍କ ଶରୀରରେ ବିଶେଷତଃ ସେମାନଙ୍କ ବାହୁ, ଗୋଡ଼ ଏବଂ ନିତମ୍ବରେ କିଛି ମେଦ ଅଂଶ ରହିଯାଏ । ଅନ୍ୟ ପକ୍ଷରେ ବାଳକମାନେ ସେମାନଙ୍କର ବାଲ୍ୟକାଳୀନ ମେଦ ହରାଇବା ଫଳରେ ବର୍ଦ୍ଧିଷ୍ଣୁ ଉଚ୍ଚତା ଅନୁପାତରେ ପତଳା ଦେଖାଯାଆନ୍ତି ।

ଶାରୀରିକ ଶକ୍ତି ପରିପ୍ରେକ୍ଷୀରେ ମଧ୍ୟ ପାର୍ଥକ୍ୟ ଦେଖାଯାଏ । ପେଶୀସବୁର ଅଭିବୃଦ୍ଧି ଫଳରେ ଶକ୍ତି ବୃଦ୍ଧିପାଏ । ବାଳିକାମାନଙ୍କ କ୍ଷେତ୍ରରେ ଶକ୍ତିବୃଦ୍ଧି ସେମାନଙ୍କ ପେଶୀସବୁର ଅଭିବୃଦ୍ଧି ସହିତ ସମାନୁପାତୀ । ମାତ୍ର ଅନ୍ୟ କେତେକ କାରଣରୁ ବାଳକମାନେ ଅଧିକ ଶକ୍ତିଶାଳୀ ହୋଇଥାନ୍ତି । ବାଳକମାନଙ୍କର ଅପେକ୍ଷାକୃତ ବଡ଼ ଆକାରର ହୃଦ୍‌ଯନ୍ତ୍ର ଓ ଫୁସ୍‌ଫୁସ୍ ଏବଂ ରକ୍ତରେ ଅମ୍ଳଯାନ ଧାରଣ କରିବାର ଅଧିକ ସାମର୍ଥ୍ୟ ବାଳିକାମାନଙ୍କ ତୁଳନାରେ ବାଳକମାନଙ୍କୁ ବେଶୀ ଶକ୍ତିଶାଳୀ କରିଥାଏ ।

ଶାରୀରିକ ଅଭିବୃଦ୍ଧି ବ୍ୟତୀତ ବାଳକମାନେ ଅଧିକ ଶକ୍ତିଶାଳୀ ହେବା କ୍ଷେତ୍ରରେ ସାମାଜିକ କାରଣ ରହିଛି । ଭାରତୀୟ ପରିପ୍ରେକ୍ଷୀରେ ସାମାଜୀକରଣ ପ୍ରକ୍ରିୟା ବାଳକମାନଙ୍କର ସହାୟକ ହୋଇଥାଏ । ବାଳକମାନେ ବାହାରର ଖେଳକୁଦ ଓ କାର୍ଯ୍ୟସବୁ କରିବା ପାଇଁ ଅଧିକ ପ୍ରୋତ୍ସାହନ ଲାଭ କରନ୍ତି । ଅନ୍ୟ ପକ୍ଷରେ ଏପରି ଖେଳକୁଦ ଓ ବାହ୍ୟିକ କାର୍ଯ୍ୟସବୁ କମାଇବା ପାଇଁ ବାଳିକାମାନଙ୍କୁ ପ୍ରରୋଚନା ଦିଆଯାଏ । ଅବଶ୍ୟ ଏପରି ରକ୍ଷଣଶୀଳ ପରିବେଶ କ୍ରମଶଃ ପରିବର୍ତ୍ତିତ ହେବାରେ ଲାଗିଛି । ତଥାପି ନିମ୍ନ ମଧ୍ୟବିତ୍ତ ଏବଂ ଗ୍ରାମାଞ୍ଚଳର କିଶୋରୀମାନେ ରକ୍ଷଣଶୀଳ ସାମାଜୀକରଣର ଶରବ୍ୟ ହୋଇ ଶାରୀରିକ ଅଭିବୃଦ୍ଧିରୁ ବଞ୍ଚିତ ହେଉଛନ୍ତି ।

କିଶୋର ସମୟର ଆରମ୍ଭ ପୂର୍ବରୁ ଦୀର୍ଘକାୟ ଏବଂ ଖର୍ବକାୟ ଥିବା ବାଳକ ବାଳିକାମାନେ କୈଶୋର କାଳରେ ସେମାନଙ୍କ ସାଙ୍ଗସାଥୀ ତୁଳନାରେ ସେପରି ଦୀର୍ଘକାୟ କିମ୍ବା ଖର୍ବକାୟ ହୁଅନ୍ତି । କିଶୋର ଆରମ୍ଭରେ ବାଳିକାମାନେ ସେମାନଙ୍କର ସମବୟସର ବାଳକମାନଙ୍କ ସହିତ ସମକକ୍ଷ କିମ୍ବା ତାଠାରୁ ଅଧିକ ଡେଙ୍ଗା ହୁଅନ୍ତି । ମାତ୍ର ସ୍କୁଲ ବୟସର ଅଧାଅଧି ବେଳକୁ ବାଳକମାନେ ବାଳିକାମାନଙ୍କ ସହିତ ସମାନ ଡେଙ୍ଗା କିମ୍ବା ତା'ଠାରୁ ଅଧିକ ଡେଙ୍ଗା ହୋଇ ବାଳିକାମାନଙ୍କୁ ଅତିକ୍ରମ କରିଯାଆନ୍ତି । ପ୍ରାଥମିକ ସ୍କୁଲରେ ପିଲାଟି ଯେତେ ଗେଡ଼ା ବା ଡେଙ୍ଗା ଦେଖାଯାଏ, ତାହା କିଶୋରକାଳର ମୋଟାମୋଟି ଅପରିବର୍ତ୍ତିତ ରହିଲେ ମଧ୍ୟ ୩୦ ପ୍ରତିଶତ ପିଲାମାନଙ୍କର ଉଚ୍ଚତାର ପରିବର୍ତ୍ତନର କାରଣ ବାହାର କରିବା ବେଶ୍ କଷ୍ଟକର ।

ଓଜନ ବୃଦ୍ଧି କ୍ଷେତ୍ରରେ ମଧ୍ୟ ପ୍ରାୟ ସମାନ ନୀତି କାର୍ଯ୍ୟକରେ । ବୟଃସନ୍ଧିର ଆରମ୍ଭ ସମୟରେ ଆଖିଦୃଶିଆ ଓଜନ ବୃଦ୍ଧି ଘଟିଥାଏ । ଯୌବନକାଳୀନ ଓଜନର ୫୦ ପ୍ରତିଶତ ଓଜନ କିଶୋର କାଳରେ ହାସଲ କରାଯାଏ ।

Digitized by srujanika@gmail.com

ଉଚ୍ଚତା ଓ ଓଜନ ଅଭିବୃଦ୍ଧି ବ୍ୟତୀତ ବୟଃସନ୍ଧି ସମୟରେ ନିତମ୍ବ ଓ କାନ୍ଧର ଆକାରର ପରିବର୍ତ୍ତନ ଘଟେ । କିଶୋରୀମାନଙ୍କ ନିତମ୍ବ ଅଧିକ ଚଉଡ଼ା ହେବାସ୍ଥଳେ କିଶୋରମାନଙ୍କର କାନ୍ଧ ବେଶୀ ଚଉଡ଼ା ହୁଏ । ବାଳିକାମାନଙ୍କର ଏପରି ବିସ୍ତୃତି ଏଷ୍ଟ୍ରୋଜେନ୍ ହର୍‌ମୋନ୍ କ୍ଷରଣ ସହିତ ଜଡ଼ିତ ଥିବା ସ୍ଥଳେ ବାଳକମାନଙ୍କର ଏପରି ବିସ୍ତୃତି ଟେଷ୍ଟୋଷ୍ଟେରନ୍ ହର୍‌ମୋନ୍ କ୍ଷରଣ ସହିତ ସମ୍ପୃକ୍ତ । ପରିଶେଷରେ କୁହାଯାଇପାରେ ଯେ ଅଭିବୃଦ୍ଧି ସ୍ଫୁରଣର ଅନ୍ୟତମ ପରିପ୍ରକାଶ ବାଳକମାନଙ୍କର ଗୋଡ଼ର ଦୈର୍ଘ୍ୟରେ ପରିଦୃଷ୍ଟ ହୁଏ । ବାଳିକାମାନଙ୍କ ତୁଳନାରେ ସେମାନଙ୍କ ଗୋଡ଼ର ଦୀର୍ଘତା ଅଧିକ ହୋଇଥାଏ । ସେହିପରି ବାଳକମାନଙ୍କର ମୁଖାକୃତି ଅପେକ୍ଷାକୃତ ଅଧିକ କୋଣାକାର (Angular) ହେବା ସ୍ଥଳେ ବାଳିକାମାନଙ୍କର ମୁଖାକୃତି ଅପେକ୍ଷାକୃତ ବେଶୀ କୋମଳ ଓ ଗୋଲାକାର ହୋଇଥାଏ ।

❑

Digitized by srujanika@gmail.com

ଯୌନଗତ ବିକାଶ

କିଶୋରକାଳୀନ ବିକାଶ ପରିପ୍ରେକ୍ଷୀରେ ଯୌନଗତ ପରିପକ୍ୱନ (Sexual Maturation) ସବୁଠାରୁ ଅଧିକ ରହସ୍ୟାବୃତ୍ତ ରହିଥାଏ । ବୟଃସନ୍ଧି (Puberty) ସମୟରେ କେବଳ ଶରୀରର ଦ୍ରୁତ ଅଭିବୃଦ୍ଧି ଘଟି ନ ଥାଏ । ପ୍ରଜନନ ସଂସ୍ଥାର (Reproductive System) ମଧ୍ୟ ଦ୍ରୁତ ବିକାଶ ଘଟେ । ଏହି ସଂସ୍ଥାର ଅଂଶ ବିଶେଷ ସବୁ ବାଲ୍ୟକାଳରେ ରହିଥିଲେ ମଧ୍ୟ ଏସବୁର ଆକାର କ୍ଷୁଦ୍ର ଥାଏ ଏବଂ ଏଗୁଡ଼ିକ ସକ୍ରିୟ ହୋଇ ନଥାଏ । ବୟଃସନ୍ଧି କାଳରେ କେନ୍ଦ୍ରୀୟ ସ୍ନାୟୁ ସଂସ୍ଥା ଅନ୍ତଃସ୍ରାବୀ ଗ୍ରନ୍ଥିସବୁକୁ ସକ୍ରିୟ କରେ ଏବଂ ଏହି ସକ୍ରିୟତା ଫଳରେ କ୍ଷରିତ ହେଉଥିବା ହର୍‌ମୋନ୍‌ସବୁ ଶାରୀରିକ ଅଂଗପ୍ରତ୍ୟଙ୍ଗ ଓ ଯୌନାଙ୍ଗର ବିକାଶରେ ସହାୟକ ହୁଏ ।

ଯୌନ ବିକାଶ କ୍ଷେତ୍ରରେ ଦୁଇପ୍ରକାର ପରିବର୍ତ୍ତନ ପରିଦୃଷ୍ଟ ହୁଏ । ମୌଳିକ ବୈଶିଷ୍ଟ (Primary Sex Characteristics) ସ୍ତରରେ ମୁଖ୍ୟତଃ ଯୌନାଙ୍ଗ ଏବଂ କିଶୋରୀମାନଙ୍କର ଗର୍ଭକୋଷରେ ପରିବର୍ତ୍ତନ ଘଟେ । ଏହା ବ୍ୟତୀତ ଗୌଣ ବୈଶିଷ୍ଟ୍ୟ (Secondary Sex Characteristics) ସ୍ତରରେ କିଶୋରମାନଙ୍କର ନିଶଦାଢ଼ି ପରି କେତେକ ପରିପ୍ରକାଶ ଓ କିଶୋରୀମାନଙ୍କର ସ୍ତନ୍ୟର ବିକାଶ ସଂଘଟିତ ହୋଇଥାଏ ।

କିଶୋରମାନଙ୍କର ଯୌନ ବିକାଶ

କିଶୋରମାନଙ୍କ କ୍ଷେତ୍ରରେ ଯୌନାଙ୍ଗର ଆକାର ପରିବର୍ତ୍ତନ ଆଦ୍ୟ କୈଶୋରର ପ୍ରଥମ ସଂକେତ ପ୍ରଦାନ କରେ । ପୂର୍ବ ଆଲୋଚିତ ଅଭିବୃଦ୍ଧି ସ୍ଫୁରଣ (Growth Spurt) ପ୍ରାୟ ଏକ ବର୍ଷ ପୂର୍ବରୁ ଏପରି ପରିବର୍ତ୍ତନ ଘଟେ । ଯୌନାଙ୍ଗର ଅଭିବୃଦ୍ଧି ପ୍ରାୟ ଦୁଇବର୍ଷ ଅବ୍ୟାହତ ରହେ । ଏପରି ଅଭିବୃଦ୍ଧି ସମୟରେ ତରଳ ଶୁକ୍ର ଧାରଣ କରୁଥିବା ପୁରୁଷ ଗ୍ରନ୍ଥି (Prostrate gland) ମଧ୍ୟ ବୃଦ୍ଧି ପାଇବାକୁ ଲାଗେ । ପ୍ରାୟ ୧୪ ବର୍ଷ ବୟସ ବେଳକୁ କିଶୋରମାନେ ସେମାନଙ୍କର ଶୁକ୍ରକ୍ଷରଣର ପ୍ରଥମ ଅନୁଭବ ପାଆନ୍ତି । ଏହା କିଶୋରୀମାନଙ୍କର ପ୍ରଥମ ଋତୁସ୍ରାବ (Menarche) ସହିତ ସମପର୍ଯ୍ୟାୟଭୁକ୍ତ । ଏହାକୁ ପ୍ରଥମ ସ୍ଖଳନ (Spermarche) କୁହାଯାଏ । ଅନେକ ସ୍ଥଳରେ ରାତିରେ ନିଦ୍ରା ସମୟରେ ଏହାର କ୍ଷରଣ ହୋଇଥାଏ । ସୁତରାଂ ବାଳକମାନେ ସଚେତନ ନ ଥାନ୍ତି । ପ୍ରଥମ ଅଳ୍ପ କିଛି ବର୍ଷ ପାଇଁ କ୍ଷରିତ ହେଉଥିବା

Digitized by srujanika@gmail.com

ତରଳ ଶୁକ୍ରରେ ଜୀବନ୍ତ ଶୁକ୍ରାଣୁ ଖୁବ୍ କମ୍ ଥାଆନ୍ତି । ଫଳରେ ପ୍ରାଥମିକ ବର୍ଷମାନଙ୍କରେ କିଶୋରମାନେ ପ୍ରଜନନକ୍ଷମ ହୋଇ ନ ଥାନ୍ତି ।

ପ୍ରାୟ ବର୍ଷେ ଦୁଇବର୍ଷ ପରେ ଗୌଣ ଯୌନ ଚିହ୍ନସବୁ (ଯଥା – ମୁଖରେ ଦାଢ଼ି ଇତ୍ୟାଦି) ପ୍ରକାଶ ପାଏ । ଶରୀରର ବିଭିନ୍ନ ଅଂଶ ଲୋମଯୁକ୍ତ ହୁଏ । ଏପରି ବିକାଶ କମ୍ ବା ବେଶୀ ପୁରୁଷତ୍ୱର ଚିହ୍ନ ନୁହେଁ ।

ଅନ୍ୟ ଗୋଟିଏ ସୁସ୍ପଷ୍ଟ ଚିହ୍ନ ହେଉଛି ଭଗ୍ନ କଣ୍ଠସ୍ୱର । ଏହି ସମୟରେ ଶବ୍ଦ ବାକ୍ସର (Larynx) ଆକାର ବୃଦ୍ଧି ଫଳରେ କଣ୍ଠସ୍ୱର ବଦଳିଯାଏ । ସମୟ ସମୟରେ ଏଥିପାଇଁ କିଶୋରମାନେ ଅପ୍ରତିଭ ହୋଇଉଠନ୍ତି । ବିଶେଷତଃ ଭଗ୍ନ କଣ୍ଠସ୍ୱରକୁ ଥଟ୍ଟା କରି ଅନ୍ୟମାନେ ମନ୍ତବ୍ୟ କରୁଥିବାରୁ ବାଳକମାନେ ଲଜ୍ଜା ଅନୁଭବ କରନ୍ତି ।

କିଶୋରୀମାନଙ୍କର ଯୌନଗତ ବିକାଶ

କିଶୋରୀମାନଙ୍କ କ୍ଷେତ୍ରରେ ସ୍ତନ୍ୟାଗ୍ରର ବିକାଶ ବୟଃସନ୍ଧିର ସୂଚନା ଦିଏ । ପରେ ପରେ ସ୍ତନ୍ୟର ବିକାଶ ଘଟେ । ଏହା ସହିତ ପ୍ରଜନନ ସହିତ ସମ୍ପୃକ୍ତ ଥିବା ଗର୍ଭାଶୟ ଇତ୍ୟାଦିର ବିକାଶ ମଧ୍ୟ ସଂଘଟିତ ହୁଏ ।

କିଶୋରୀମାନଙ୍କ ପରିପ୍ରେକ୍ଷୀରେ ସବୁଠାରୁ ଅଧିକ ନାଟକୀୟ ଓ ଗୁରୁତ୍ୱପୂର୍ଣ୍ଣ ପରିପ୍ରକାଶ ହେଉଛି ପ୍ରଥମ ଋତୁସ୍ରାବ (Menarche) । ଋତୁସ୍ରାବ ଚକ୍ରର ଅବଧି ହେଉଛି ୨୬ ଦିନ ଏବଂ ନାରୀ ପ୍ରଜନନକ୍ଷମ ଥିବା ପର୍ଯ୍ୟନ୍ତ (ପ୍ରାୟ ୩୫ ବର୍ଷ ଧରି) ଏହା ଅବ୍ୟାହତ ରହିଥାଏ ।

ଏହି ଚକ୍ରର ତିନୋଟି ସୋପାନ ରହିଛି । ପ୍ରଥମ ସୋପାନରେ ପ୍ରଥମ ୧୦ ଦିନ ମଧ୍ୟରେ ପିଟୁଇଟାରୀ ଏବଂ ଅନ୍ତଃସ୍ରାବୀ ଗ୍ରନ୍ଥିରୁ କ୍ଷରିତ ହେଉଥିବା ହର୍‌ମୋନ୍‌ର ପ୍ରଭାବରେ ଦୁଇଟି ଗର୍ଭାଶୟ ମଧ୍ୟରୁ ଗୋଟିକରେ ଅଣୁ ସକ୍ରିୟ ହୁଏ । ଏହା ଏଷ୍ଟ୍ରୋଜେନ୍ ନାମକ ଯୌନ ହର୍‌ମୋନ୍‌ର ଉତ୍ପାଦନ କରେ । ପୁଣି ଏହି ଯୌନ ହର୍‌ମୋନ୍ ଗର୍ଭାଶୟର ପରଦାକୁ ସକ୍ରିୟ କରାଇ ଭବିଷ୍ୟତର ନିଷିକ୍ତ ଡିମ୍ବାଣୁକୁ (Fertilized Egg) ଗ୍ରହଣ କଲାଭଳି ପରିବେଶ ସୃଷ୍ଟି କରେ । ଗର୍ଭାଶୟର ପରଦାରେ ଅଧିକ ମାତ୍ରାରେ କୋଷସବୁ ବହୁଗୁଣିତ ହୋଇ ବହଳତା ସୃଷ୍ଟି କରେ ଏବଂ ରକ୍ତକଣିକାର ଆସ୍ତରଣ ମଧ୍ୟ ତିଆରି ହୁଏ । ଡିମ୍ବକୋଷ (Ovum) ଗର୍ଭନାଳୀଆଡ଼କୁ ଗତି କରିବାକୁ ଆରମ୍ଭ କଲେ ଏହି ସୋପାନର କାର୍ଯ୍ୟକଳାପ ଶେଷ ହୁଏ । ଦ୍ୱିତୀୟ ସୋପାନରେ ଗର୍ଭକୋଷ ଗର୍ଭନଳୀ ଦେଇ ଗର୍ଭାଶୟଆଡ଼କୁ ଗତିକରେ । ଗର୍ଭାଣୁର ଗର୍ଭଧାରଣ ପାଇଁ ଗର୍ଭନଳୀର ଶୁକ୍ରାଣୁସବୁ ସ୍ୱଚ୍ଛନ୍ଦ ଭାବରେ ଯେପରି ଗତି କରିପାରିବ, ତାହାର ପରିବେଶ ସୃଷ୍ଟି ହୁଏ । ଗର୍ଭାଶୟରେ ପ୍ରସ୍ତୁତ ହେଉଥିବା ତରଳ ପଦାର୍ଥ ଶୁକ୍ରାଣୁର ଗତି ପାଇଁ ସହାୟକ ହୋଇଥାଏ । ଶୁକ୍ରାଣୁ ହାରାହାରି ୪୮ ଘଣ୍ଟା ଜୀବନ୍ତ ରହିବା ସ୍ଥଳେ ଡିମ୍ବାଣୁର ଗର୍ଭଧାରଣ କ୍ଷମତା ପ୍ରାୟ ୨୪ ଘଣ୍ଟା ରହିଥାଏ । ଏପରି ସୋପାନର ଅବଧି ହେଉଛି ୧୪ ଦିନ । ଗର୍ଭଧାରଣ ନ ଘଟିଲେ ପରବର୍ତ୍ତୀ ଚାରିଦିନ ମଧ୍ୟରେ ଗର୍ଭାଶୟରେ ଥିବା ଅନାବଶ୍ୟକ

Digitized by srujanika@gmail.com

ରକ୍ତକଣିକା କୋଷସବୁ ବର୍ଜ୍ୟବସ୍ତୁ ରୂପେ ଶରୀର ବାହାରକୁ ଚାଲିଯାଏ । ଯୌନାଙ୍ଗ ମଧ୍ୟରେ ଏପରି ନିଷ୍କାସନ ପ୍ରକ୍ରିୟା ହେଉଛି ଋତୁସ୍ରାବ । ଏହା ପ୍ରାୟ ଚାରି ଦିନ ଚାଲିଲା ପରେ ପୁନଶ୍ଚ ଆଉ ଏକ ଚକ୍ର (Cycle) ଆରମ୍ଭ ହୁଏ ।

ସାଧାରଣତଃ ବାଳିକାମାନଙ୍କର ଅଭିବୃଦ୍ଧି ସ୍ଫୁରଣର ପ୍ରାୟ ଦେଢ଼ବର୍ଷ ପରେ ପ୍ରଥମ ଋତୁସ୍ରାବ ଘଟିଥାଏ । ଭାରତରେ ବାଳିକାମାନଙ୍କର ୧୧ ବର୍ଷରୁ ୧୫ ବର୍ଷ ମଧ୍ୟରେ ଏପରି ଘଟିଥାଏ । ହାରାହାରି ବୟସ ୧୩ ବର୍ଷ ବୋଲି କୁହାଯାଇପାରେ । ପ୍ରଥମ ଋତୁସ୍ରାବ ପରେ ପ୍ରତି ମାସର ଚାରି ଛ'ଦିନ ଲାଗି ଏପରି ଋତୁସ୍ରାବ ହୁଏ । ପ୍ରାଥମିକ ପର୍ଯ୍ୟାୟରେ କିଛିଟା ଅନିୟମିତତା ରହିଥାଏ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହା କ୍ରମଶଃ ନିୟମିତ ଭାବରେ ଘଟିଥାଏ । ପ୍ରଥମ ଋତୁସ୍ରାବର ୧୨ ରୁ ୧୮ ମାସ ମଧ୍ୟରେ ଗର୍ଭାଶୟରେ ଗର୍ଭାଣୁ ସଞ୍ଚରିତ ହୋଇ ନ ଥାଏ । ଫଳରେ ଏ ସମୟରେ କିଶୋରୀମାନେ ଗର୍ଭଧାରଣର ସାମର୍ଥ୍ୟର ଅଧିକାରୀ ହୋଇ ନ ଥାନ୍ତି । ଅବଶ୍ୟ ଏପରି ଅସାମର୍ଥ୍ୟର ସମୟ ସୀମା ସବୁ କିଶୋରୀମାନଙ୍କ ପାଇଁ ସମାନ ହୋଇନଥାଏ ।

ପ୍ରଥମ ଋତୁସ୍ରାବ ସମୟରେ ଗର୍ଭାଶୟ ଓ ଗର୍ଭନଳୀ ବିକଶିତ ହୋଇଥିଲେ ମଧ୍ୟ ପ୍ରଜନନ କ୍ଷମତା ଆସିନଥାଏ । ପ୍ରଥମ ଋତୁସ୍ରାବର ସମୟ ବଂଶାନୁଗତି, ସାମାଜିକ - ସାଂସ୍କୃତିକ ପରିବେଶ ଏବଂ ବାସସ୍ଥାନର ଉଚ୍ଚତା ଉପରେ ନିର୍ଭର କରୁଥିବାର ଦେଖାଯାଏ । ମଣିଷ ଶିଶୁ ନିଜର ପିତାମାତାଙ୍କଠାରୁ କ୍ରୋମଜୋମ୍ ଗ୍ରହଣ କରୁଥିବାରୁ ବଂଶାନୁଗତି ପ୍ରଭାବ ପକାଇବା ସ୍ୱାଭାବିକ । ବାଳିକାର ପ୍ରଥମ ଋତୁସ୍ରାବର ସମୟ ନିଜ ମା' ଙ୍କ ପ୍ରଥମ ଋତୁସ୍ରାବର ସମୟ ସହିତ ସମ୍ବନ୍ଧିତ ।

ସମାଜ-ସଂସ୍କୃତି ଭେଦରେ ପ୍ରଥମ ଋତୁସ୍ରାବର ସମୟ ପୃଥକ୍ ହୋଇଥାଏ । ସ୍ୱଚ୍ଛଳ ପରିବାରୁ ଆସିଥିବା ଭାରତୀୟ କିଶୋରୀମାନେ ଆମେରିକାରେ ଥିବା ପାଶ୍ଚାତ୍ୟଦେଶ ସମୂହ ବଂଶଜମାନଙ୍କ ତୁଳନାରେ ସାମାନ୍ୟ ଶୀଘ୍ର ଏପରି ଅନୁଭବର ଅଧିକାରୀ ହୁଅନ୍ତି । ଭାରତୀୟ କିଶୋରୀମାନଙ୍କର ଏପରି ହାରାହାରି ବୟସ ୧୨.୫ ବର୍ଷ ହେବା ସ୍ଥଳେ ଆମେରିକାର କିଶୋରୀମାନଙ୍କର ହାରାହାରି ବୟସ ୧୨.୮ ବର୍ଷ ହୋଇଥାଏ । କୌତୂହଳର ବିଷୟ ଯେ ଆଫ୍ରିକା ବଂଶଧାରୀ ଆମେରିକାର କିଶୋରୀମାନଙ୍କର ପ୍ରଥମ ଋତୁସ୍ରାବର ବୟସ ଭାରତୀୟ କିଶୋରୀମାନଙ୍କ ବୟସ ସହିତ ସମାନ (ଯଥା – ୧୨.୫ ବର୍ଷ) । ଭାରତ ବର୍ଷରେ ମଧ୍ୟ ଗୋଷ୍ଠୀଭେଦରେ ଭିନ୍ନତା ପରିଦୃଷ୍ଟ ହୁଏ । ଦିଲ୍ଲୀରେ କିଶୋରୀମାନେ ଅପେକ୍ଷାକୃତ ଶୀଘ୍ର (ଯଥା – ୧୨.୩ ବର୍ଷ) ଏପରି ଅନୁଭବ ପାଇବା ସ୍ଥଳେ ରାଜସ୍ଥାନର କିଶୋରୀମାନେ ବିଳମ୍ବରେ (ଯଥା – ୧୪ବର୍ଷ) ଏପରି ଅନୁଭୂତିର ଅଧିକାରୀ ହୁଅନ୍ତି । ଅନ୍ୟସବୁ ରାଜ୍ୟର ବାଳକମାନଙ୍କର ଏପରି ବୟସ ଏହି ଦୁଇ ସୀମାରେଖାର ମଝିରେ ରହିଥାଏ ।

ପୁଷ୍ଟିକର ଖାଦ୍ୟର ଭୂମିକା ମଧ୍ୟ ରହିଛି । ପୁଷ୍ଟିକର ଖାଦ୍ୟର ଅଭାବ ପ୍ରଭାବ ପକାଇଥାଏ । ପୂର୍ଣ୍ଣ ନାରୀତ୍ୱ ଦିଗକୁ ଅଗ୍ରସର ହେଉଥିବା କିଶୋରୀ ଅଧିକ ପରିମାଣରେ

Digitized by srujanika@gmail.com

ପୁଷ୍ଟିକର ଖାଦ୍ୟ ଆବଶ୍ୟକ କରେ । ଏହାର ଅଭାବରେ ଯୌନ ବିକାଶ ପ୍ରଭାବିତ ହୁଏ । ଏ ଦୃଷ୍ଟିରୁ ସହର ଓ ଗ୍ରାମାଞ୍ଚଳରେ ବସବାସ କରୁଥିବା ଅପେକ୍ଷାକୃତ ଦରିଦ୍ର ପରିବାରର କିଶୋରୀମାନେ ସହରାଞ୍ଚଳର ସ୍ୱଚ୍ଛଳ ପରିବାରର କିଶୋରୀମାନଙ୍କ ତୁଳନାରେ ବିଳମ୍ବରେ ପ୍ରଥମ ଋତୁସ୍ରାବର ଅନୁଭବ ପାଆନ୍ତି ।

ସେହିପରି କାଶ୍ମୀର, ଉତ୍ତରାଞ୍ଚଳର କୁମାୟୁନ୍ ଅଞ୍ଚଳ ଓ ନେପାଳରେ ବସବାସ କରୁଥିବା ବାଳିକାମାନେ କିଛି ବିଳମ୍ବରେ ପ୍ରଥମ ଋତୁସ୍ରାବର ଅନୁଭବ ପାଆନ୍ତି । ସାଧାରଣତଃ ଉଚ୍ଚସ୍ଥାନରେ ବସବାସ କରୁଥିବା ଲୋକମାନଙ୍କର ଶରୀରର ଓଜନ କମ୍ ହୁଏ । ପ୍ରଥମ ଋତୁସ୍ରାବ ପାଇଁ ଏକ ନିର୍ଦ୍ଧାରିତ ଓଜନ ଆବଶ୍ୟକ ହେଉଥିବାରୁ ଏପରି ବିଳମ୍ବ ସ୍ୱାଭାବିକ ମନେହୁଏ ।

ପୂର୍ବରୁ ସୂଚନା ଦିଆଯାଇଛି ଯେ ଯୌନବିକାଶ କ୍ଷେତ୍ରରେ ଅନ୍ତଃସ୍ରାବୀ ଗ୍ରନ୍ଥିସବୁରୁ କ୍ଷରିତ ହେଉଥିବା ହରମୋନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଥାଇରୟଡ୍, ପିଟୁଇଟାରୀ ଏବଂ ଆଡ୍ରେନାଲ ଗ୍ରନ୍ଥି ଏପରିସବୁ ଯୌନ ହରମୋନ୍ କ୍ଷରଣ କରିଥାଏ । ଏତଦ୍‌ବ୍ୟତୀତ ପୁରୁଷ ଯୌନାଙ୍ଗ ଓ ନାରୀ ଯୌନାଙ୍ଗ ମଧ୍ୟ ଯୌନ ହରମୋନ୍ କ୍ଷରଣ କରନ୍ତି । ଏସବୁ କ୍ଷରଣ ବାଳକମାନଙ୍କୁ ପୁରୁଷତ୍ୱ ଓ ବାଳିକାମାନଙ୍କ ନାରୀତ୍ୱରେ ପରିପ୍ରକାଶ ପ୍ରଦାନ କରିଥାଏ । ଅବଶ୍ୟ କିଶୋରମାନଙ୍କର ମଧ୍ୟ କିଛି ପରିମାଣରେ ନାରୀ ହର୍‌ମୋନ୍ ଓ କିଶୋରୀମାନଙ୍କ କିଛି ପରିମାଣରେ ପୁରୁଷ ହରମୋନ୍ କ୍ଷରିତ ହୋଇଥାଏ ।

ଶାରୀରିକ ପରିବର୍ତ୍ତନ ବିଶେଷ କରି ଯୌନଗତ ପରିବର୍ତ୍ତନ କିଶୋର କିଶୋରୀମାନଙ୍କର ଉତ୍‌କଣ୍ଠା, ଭୟ ଓ ଆଶଙ୍କା ସୃଷ୍ଟି କରିବା ସ୍ୱାଭାବିକ । ସତର୍କତାର ସହିତ ଉପଯୋଗୀ ଶିକ୍ଷା ମାଧ୍ୟମରେ ଏପରି ଭୟ ଓ ଆଶଙ୍କା ଦୂର କରାଯାଇପାରେ । ଭାରତରେ ମଧ୍ୟ କେତେକ ଗୋଷ୍ଠୀରେ କୈଶୋରର ପ୍ରବେଶକୁ ସାମାଜିକ ସ୍ୱୀକୃତି ଦେବାର ଔପଚାରିକ ବିଧି ରହିଛି । ଉଦାହରଣ ସ୍ୱରୂପ, କେରଳର ନାୟାର ପରିବାରମାନଙ୍କରେ ଏବଂ ତାମିଲ୍‌ନାଡୁର କେତେକ ଗୋଷ୍ଠୀରେ ଉତ୍ସବ ମାଧ୍ୟମରେ କିଶୋରୀମାନଙ୍କର ପ୍ରଥମ ଋତୁସ୍ରାବକୁ ସ୍ୱୀକୃତି ଦିଆଯାଏ । ଅଳଙ୍କାର, ନୂତନ ବସ୍ତ୍ର ଓ ଉଚ୍ଚ ମର୍ଯ୍ୟାଦା ଦେଇ ଏପରି କିଶୋରୀମାନଙ୍କୁ ସମ୍ମାନ କରାଯାଇ ଉତ୍ସବର ପାଳନ କରାଯାଏ । ଅବଶ୍ୟ ଅନ୍ୟ କେତେକ ଗୋଷ୍ଠୀରେ ଏପରି କିଶୋରୀମାନଙ୍କୁ ସାମୟିକ ଭାବରେ ବାସନ୍ଦ କରାଯାଏ । ଏକ ନିୟନ୍ତ୍ରିତ ପରିବେଶ ମଧ୍ୟରେ କିଛିଦିନ କାଟିବାର ପ୍ରତ୍ୟାଶା ରଖାଯାଏ । ବାଳକମାନଙ୍କ କ୍ଷେତ୍ରରେ "ଉପନୟନ" ବ୍ୟବସ୍ଥା ମଧ୍ୟ କିଶୋର ପ୍ରବେଶ ଏକ ଉତ୍ସବ ମୁଖର ସମପର୍ଯ୍ୟାୟଭୁକ୍ତ ବିଧିବିଧାନ ।

ପରିଶେଷରେ କୁହାଯାଇପାରେ ଯେ ଯୌନ ବିକାଶରେ ସ୍ୱାଭାବିକତା ଓ ଅସ୍ୱାଭାବିକତାର ମାନସିକ ପରିଣତି ରହିଛି । ବିଶେଷତଃ ପ୍ରତ୍ୟାଶିତ ସମୟ ତୁଳନାରେ ଶୀଘ୍ର ପରିପ୍ରକାଶ କିମ୍ବା ବିଳମ୍ବିତ ପରିପ୍ରକାଶ ଜଟିଳତା ସୃଷ୍ଟି କରିପାରେ । ଏହା କିଶୋର କିଶୋରୀମାନଙ୍କର ଲଜ୍ଜା ଓ ଅପରାଧବୋଧର କାରଣ ହୋଇପାରେ । କିଶୋର କିଶୋରୀମାନେ ନିଜର ପରିବେଶ

Digitized by srujanika@gmail.com

ବିଶେଷ କରି ଦୂରଦର୍ଶନର କାର୍ଯ୍ୟକ୍ରମରେ ଦେଖୁଥିବା ନାୟକ ନାୟିକାମାନଙ୍କୁ ଲକ୍ଷ୍ୟ କରି ନିଜର ଚେହେରା ଓ ଶରୀର ସମ୍ପର୍କରେ ଭାବମୂର୍ତ୍ତି ଗଠନ କରନ୍ତି । ମାନସିକ ସ୍ତରରେ ପରିପୂର୍ଣ୍ଣତାର ଅନୁଭବ ସେମାନଙ୍କ ମନରେ ଗର୍ବ ଓ ଆନନ୍ଦ ସୃଷ୍ଟି କରିବା ସ୍ଥଳେ ଅଭାବବୋଧ ଓ ବିଚ୍ୟୁତି ଲଜ୍ଜା ଓ ହୀନମନ୍ୟତା ସୃଷ୍ଟିକରେ । ବହୁ କିଶୋର କିଶୋରୀ ଏପରି ସାମୟିକ ବିପର୍ଯ୍ୟୟରୁ କ୍ରମଶଃ ମୁକ୍ତ ହୋଇ ସ୍ୱାଭାବିକ ଜୀବନ ଯାପନ କରନ୍ତି । ତଥାପି ଉପଯୁକ୍ତ ଶିକ୍ଷା ଓ ସଚେତନତାର ଅଭାବରୁ ଅନ୍ୟ କେତେକ କିଶୋର କିଶୋରୀ ଅସ୍ୱାଭାବୀ ବ୍ୟବହାରର ଶରବ୍ୟ ହୁଅନ୍ତି ।

❑

Digitized by srujanika@gmail.com

ହର୍‌ମୋନ୍ ଓ ବ୍ୟବହାର : ଶାରୀରିକ ବିକାଶର ମାନସିକ ଦିଗ

ଆଦ୍ୟ କୈଶୋରରେ ଯେଉଁ ଦ୍ରୁତ ଶାରୀରିକ ବିକାଶ ଘଟିଥାଏ, ତାହାର ପ୍ରଭାବ ସୁଦୂରବିସ୍ତାରୀ ହୋଇଥାଏ । ଶାରୀରିକ ଦୃଷ୍ଟିକୋଣରୁ କିଶୋରୀମାନଙ୍କ କ୍ଷେତ୍ରରେ ବାଲ୍ୟାବସ୍ଥାରୁ କୈଶୋର ସୋପାନକୁ ପଦାର୍ପଣ କରିବାର ଚିହ୍ନ କିଶୋରମାନଙ୍କ ତୁଳନାରେ ଅଧିକ ସ୍ପଷ୍ଟ । ଅନେକ ସମୟରେ ବାଳକମାନଙ୍କର ଏପରି ଅବସ୍ଥାନ୍ତରର (Transition) ସହଜରେ ଜାଣି ହୋଇନଥାଏ । ଅବଶ୍ୟ ରାତ୍ରିକାଳୀନ ସ୍ୱପ୍ନଦୋଷ କିଶୋରମାନଙ୍କର ଅବସ୍ଥାନ୍ତର ଏକ ମୁଖ୍ୟ ସୂଚକ । ତଥାପି ବାଳିକାମାନଙ୍କ ତୁଳନାରେ ବାଳକମାନଙ୍କର ଯୌନ ବିକାଶର ମାନସିକ ଦିଗ ସମ୍ପର୍କରେ କମ୍ ଗବେଷଣା କରାଯାଇଛି ।

ବୟଃସନ୍ଧି (Puberty) ବା ଆଦ୍ୟ କିଶୋରକାଳରେ ଏକ ମୁଖ୍ୟ ମାନସିକ ଦିଗ ହେଉଛି ଦେହବିମ୍ବର (Body Image) ପ୍ରଭାବ । ଏ ସମୟରେ କିଶୋର କିଶୋରୀମାନଙ୍କର ନିଜ ଶରୀରର ପରିବର୍ତ୍ତନ ଓ ଆକର୍ଷଣଶୀଳତା ପ୍ରତି ମାତ୍ରାଧିକ ଅଭିନିବେଶ (Attention) ପ୍ରକାଶ ପାଏ । ନିଜ ଚେହେରାର ଯତ୍ନ ନେବା ଏବଂ ଘଣ୍ଟା ଘଣ୍ଟା ଧରି ଦର୍ପଣ ସମ୍ମୁଖରେ ଠିଆ ହୋଇ ନିଜର ପ୍ରତିବିମ୍ବ ଦେଖିବାର ହାବଭାବ ପ୍ରକାଶ ପାଏ । ଦେହବିମ୍ବର ତିନୋଟି ଉପାଦାନ ପ୍ରତି ସେମାନେ ଅଭିନିବିଷ୍ଟ ହୁଅନ୍ତି । ପ୍ରଥମ ଉପାଦାନଟି ହେଉଛି ଆତ୍ମନିରୀକ୍ଷଣ । ନିଜ ଶରୀରକୁ ଘନଘନ ନିରୀକ୍ଷଣ କରିବାର ପ୍ରବୃତ୍ତି ହେଉଛି ପ୍ରଥମ ଉପାଦାନ । ଏପରି ନିରୀକ୍ଷଣ କରିବା ମାଧ୍ୟମରେ କିଶୋର କିଶୋରୀମାନେ ନିଜକୁ ଅନ୍ୟ ସହିତ ତୁଳନା କରନ୍ତି । ଏପରି ଆତ୍ମନିରୀକ୍ଷଣ ଆତ୍ମପ୍ରୀତିର ସୂଚକ । ପରିମିତ ପରିମାଣର ଆତ୍ମପ୍ରୀତି କ୍ଷତିକାରକ ନ ହେଲେ ମଧ୍ୟ ମାତ୍ରାଧିକ ଆତ୍ମପ୍ରୀତି ଜଟିଳତା ସୃଷ୍ଟି କରିଥାଏ । ଅନ୍ୟ ସହିତ ତୁଳନା କରି କିଶୋର କିଶୋରୀ ନିଜ ଭିତରେ ଅଧିକ ତ୍ରୁଟି ବିଚ୍ୟୁତି ଆବିଷ୍କାର କଲେ ବିଷାଦଗ୍ରସ୍ତ (Depressed) ହୋଇପାରନ୍ତି ।

ଦେହଚେତନା ଓ ଦେହବିମ୍ବର ଦ୍ୱିତୀୟ ଉପାଦାନଟି ହେଉଛି ସାମାଜିକ-ସାଂସ୍କୃତିକ ମାନଦଣ୍ଡ ଅନୁସାରେ ଆତ୍ମମୂଲ୍ୟାୟନ । ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଓ ଆକର୍ଷଣୀୟତା ସମ୍ପର୍କରେ ପ୍ରତି ସମାଜର ନିଜସ୍ୱ ମାନଦଣ୍ଡ ରହିଛି । ଖବର କାଗଜ, ନାଟକ, ସିନେମା ଏବଂ ବିଶେଷ କରି

Digitized by srujanika@gmail.com

ଦୂରଦର୍ଶନ ଏପରି ଆକାଂକ୍ଷିତ ଛବିଟିକୁ ଘନୀଭୂତ କରିଦିଅନ୍ତି । ଫଳତଃ ବସ୍ତୁପରି ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାର ମନୋବୃତ୍ତି କିଶୋର କିଶୋରୀ ମନରେ ଦୃଢ଼ ହୁଏ । ଅବଶ୍ୟ ଏପରି ମୂଲ୍ୟାୟନ କ୍ଷେତ୍ରରେ ପୂରାପୂରି ସନ୍ତୋଷ ଆସିବା ଅଳ୍ପ କେତେକଙ୍କ ଭାଗ୍ୟରେ ଜୁଟିଥାଏ । କିଛି ନା କିଛି ତ୍ରୁଟିବିଚ୍ୟୁତି ଆଖିରେ ପଡ଼େ । ଫଳରେ ଆତ୍ମଗ୍ଲାନି ସୃଷ୍ଟିହେବାର ସମ୍ଭାବନା ଥାଏ ।

ଦେହଚେତନାର ତୃତୀୟ ଉପାଦାନଟି ହେଉଛି ନିୟନ୍ତ୍ରଣ ବିଶ୍ୱାସ । ଶରୀରକୁ ଆକର୍ଷଣୀୟ ସ୍ତରକୁ ଆଣିବା ପାଇଁ ଯେଉଁସବୁ ପଦକ୍ଷେପର ଆବଶ୍ୟକତା ରହିଛି, ତାହା ଉପରେ କେତେ ପରିମାଣର ନିୟନ୍ତ୍ରଣ ରହିଛି – ଏହା ଏକ ପ୍ରଶ୍ନ ରୂପେ କିଶୋର କିଶୋରୀ ମନରେ ଆଲୋଡ଼ନ ଆଣିଥାଏ । ଖାଦ୍ୟ, ପୋଷାକପତ୍ର, ବେଶଭୂଷା ଓ ପ୍ରସାଧନ ସାମଗ୍ରୀସବୁ ସେ କେତେ ମାତ୍ରାରେ ଉପଯୋଗ କରିପାରିବ, ଏ ବିଷୟରେ ମନରେ ପ୍ରଶ୍ନ ଉଠେ । ଏ କ୍ଷେତ୍ରରେ ନିଜର ସାମର୍ଥ୍ୟ କିମ୍ବା ଅସାମର୍ଥ୍ୟର ନିଜସ୍ୱ ଆକଳନ ବ୍ୟବହାରକୁ ପ୍ରଭାବିତ କରିଥାଏ । ଖାଦ୍ୟ, ବେଶଭୂଷା ଓ ପ୍ରସାଧନ ମାଧ୍ୟମରେ ସେ ତ୍ରୁଟିବିଚ୍ୟୁତି ଦୂରକରିପାରିବ, ଏପରି ବିଶ୍ୱାସ ତାକୁ ସ୍ୱାଭାବିକ ରଖେ । ଅନ୍ୟ ପକ୍ଷରେ ତା'ର ଏପରି ସାମର୍ଥ୍ୟ ନାହିଁ, ଏପରି ନିୟନ୍ତ୍ରଣହୀନତାର ବିଶ୍ୱାସ ତାକୁ ବିଷାଦଗ୍ରସ୍ତ କରିଥାଏ ।

ମୋଟାମୋଟି ଭାବରେ ଦେଖିଲେ ଜଣାଯାଏ ଯେ ନିଜର ଶରୀର ନେଇ କିଶୋରୀମାନେ ଅପେକ୍ଷାକୃତ କମ୍ ସନ୍ତୋଷ ଅନୁଭବ କରନ୍ତି । ସମ୍ଭବତଃ ବୟଃସନ୍ଧିକାଳୀନ ମେଦବୃଦ୍ଧି ଫଳରେ ଏପରି ମାନସିକତା ଜନ୍ମେ । ଅନ୍ୟ ପକ୍ଷରେ କିଶୋରମାନେ ଅପେକ୍ଷାକୃତ ଅଧିକ ସନ୍ତୋଷ ଅନୁଭବ କରନ୍ତି । ଆଧୁନିକ ଯୁଗରେ ସାମାଜିକ ପରିବେଶ ଓ ଦୂରଦର୍ଶନ ପରି ପ୍ରଭାବଶୀଳ ଗଣମାଧ୍ୟମ ପତଳା ଶରୀରକୁ ସୌନ୍ଦର୍ଯ୍ୟମୟ ଶରୀର ସହିତ ସମପର୍ଯ୍ୟାୟଭୁକ୍ତ କରୁଥିବାରୁ କିଶୋରୀମାନଙ୍କ କ୍ଷେତ୍ରରେ କିଛିଟା ଜଟିଳତା ସୃଷ୍ଟିହେବା ସ୍ୱାଭାବିକ ।

ପୂର୍ବରୁ ସୂଚନା ଦିଆଯାଇଛି ଯେ ବୟଃସନ୍ଧି ସମୟରେ ଆଣ୍ଡ୍ରୋଜେନ (Androgen) ଓ ଏଷ୍ଟ୍ରୋଜେନ୍ (Estrogen) ପରି ଯୌନ ହର୍‌ମୋନ୍ କ୍ଷରଣ ବୃଦ୍ଧି ହୁଏ । ଯୌନ ହର୍‌ମୋନ୍‌ର କ୍ଷରଣ ସହିତ ମାନସିକ ଅବସ୍ଥା ଓ ବ୍ୟବହାର ସମ୍ବନ୍ଧିତ । କିଶୋରମାନଙ୍କ କ୍ଷେତ୍ରରେ ଆଣ୍ଡ୍ରୋଜେନ୍ ବା ପୁରୁଷ ହର୍‌ମୋନ୍‌ର ଅଧିକ କ୍ଷରଣ ଫଳରେ ଆକ୍ରମଣାତ୍ମକ (Aggressive) ବ୍ୟବହାର ବୃଦ୍ଧିପାଏ । ନିଜର ନକାରାତ୍ମକ ଆବେଗସବୁକୁ ସେମାନେ ଭିତରେ ଲୁଚାଇ ନ ରଖି ବାହାରକୁ ପ୍ରକାଶ କରିଦିଅନ୍ତି । କିଶୋରୀମାନଙ୍କ କ୍ଷେତ୍ରରେ ଏଷ୍ଟ୍ରୋଜେନ୍ ବା ନାରୀ ହର୍‌ମୋନ୍‌ର ଅଧିକ କ୍ଷରଣ ସେମାନଙ୍କର ମିଜାଜସବୁ ବାରମ୍ବାର ବଦଳାଇଦିଏ । ତା' ଛଡ଼ା ସେମାନେ ଅପେକ୍ଷାକୃତ ବିଷାଦଗ୍ରସ୍ତ ମଧ୍ୟ ହୁଅନ୍ତି ।

ପୂର୍ବରୁ କୁହାଯାଇଛି ଯେ କିଶୋରମାନଙ୍କ କ୍ଷେତ୍ରରେ ମୁଖ୍ୟତଃ ଆଣ୍ଡ୍ରୋଜେନ୍ (ପୁରୁଷ ହର୍‌ମୋନ୍) ଏବଂ କିଶୋରୀମାନଙ୍କ କ୍ଷେତ୍ରରେ ମୁଖ୍ୟତଃ ଏଷ୍ଟ୍ରୋଜେନ୍ (ନାରୀ ହର୍‌ମୋନ୍)

Digitized by srujanika@gmail.com

କ୍ଷରିତ ହେଲେ ମଧ୍ୟ କିଶୋର ଶରୀରରେ କିଛି ମାତ୍ରାରେ ଏଷ୍ଟ୍ରୋଜେନ୍ ଏବଂ କିଶୋରୀ ଶରୀରରେ ଆଣ୍ଡ୍ରୋଜେନ୍ କ୍ଷରିତ ହୋଇଥାଏ । ନିକଟ ଅତୀତରେ କରାଯାଇଥିବା ଗୋଟିଏ ଅନୁଧ୍ୟାନରେ ଦେଖାଯାଇଛି ଯେ ବାଳିକାମାନଙ୍କ ଶରୀରରେ ଆଣ୍ଡ୍ରୋଜେନ୍ ପ୍ରବେଶ କରାଇବା ଫଳରେ ସେମାନଙ୍କଠାରେ କେତେକ ନକାରାତ୍ମକ ମିଜାଜ ପ୍ରକାଶ ପାଉଛି ।

ହର୍‌ମୋନ୍ ଓ ବ୍ୟବହାର ସମ୍ବନ୍ଧିତ ହେଲେ ମଧ୍ୟ ହରମୋନ୍ ସିଧାସଳଖ ଭାବରେ ବ୍ୟବହାରକୁ ନିୟନ୍ତ୍ରଣ କରେ ନାହିଁ । ବିଶେଷତଃ ହର୍‌ମୋନ୍‌ର ପ୍ରଭାବ କିଶୋର କିଶୋରୀମାନଙ୍କର ପିତାମାତାଙ୍କ ସହିତ ସମ୍ପର୍କର ଗୁଣାତ୍ମକ ଦିଗ ଉପରେ ନିର୍ଭର କରେ । ଏପରି ସମ୍ପର୍କ ନିମ୍ନ ମାନର ହୋଇଥିଲେ ହର୍‌ମୋନ୍ ଅଧିକ ପ୍ରଭାବଶୀଳ ରହେ । ଅନ୍ୟ ପକ୍ଷରେ ଏପରି ସମ୍ପର୍କର ମାନ ଉଚ୍ଚସ୍ତରୀୟ ହୋଇଥିଲେ ହର୍‌ମୋନ୍‌ର ପ୍ରଭାବ ନିୟନ୍ତ୍ରିତ ରହେ । କେତେକ ବିଶେଷଜ୍ଞଙ୍କ ମତରେ କିଶୋରୀମାନଙ୍କର ରାଗ ଓ ବିଷାଦ (Depression) କ୍ଷେତ୍ରରେ ହର୍‌ମୋନ୍ ତୁଳନାରେ ସାମାଜିକ ଉପାଦାନ (ଉଦାହରଣ – ପିତାମାତାଙ୍କ ସହ ସମ୍ପର୍କ) ପ୍ରାୟ ଦୁଇରୁ ଚାରିଗୁଣ ଅଧିକ ପ୍ରଭାବ ବିସ୍ତାର କରିଥାଏ ।

ସହଳ ବିଳମ୍ବ ପରିପକ୍ୱନର (Maturation) ମାନସିକ ପ୍ରଭାବ ଅନ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ । ପ୍ରଥମ ଋତୁସ୍ରାବ ପରେ କିଶୋରୀମାନେ କିପରି ସମନ୍ୱୟ ରକ୍ଷାକରନ୍ତି, ସେ ଦିଗରେ ଅନୁଶୀଳନ କରାଯାଇଛି । ଆମ ଦେଶରେ ପରିସଂଖ୍ୟାନଭିତ୍ତିକ ଅନୁଧ୍ୟାନର ସଂଖ୍ୟା ଖୁବ୍ ବେଶୀ ନ ହେଲେ ମଧ୍ୟ ବିଶ୍ୱ ପରିପ୍ରେକ୍ଷୀରେ କେତେକ ପର୍ଯ୍ୟବେକ୍ଷଣର ସୂଚନା ଦିଆଯାଇପାରେ ।

ଏ କ୍ଷେତ୍ରରେ କିଶୋରୀମାନଙ୍କର ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଏ । କେତେକ ଦୃଷ୍ଟିରୁ ଏପରି ଅନୁଭବକୁ କିଶୋରୀମାନେ ପରିପକ୍ୱତାର ଚିହ୍ନ ରୂପେ ବିଚାର କରି ସକାରାତ୍ମକ ମନୋଭାବ ପ୍ରକାଶ କରନ୍ତି । ଅନ୍ୟ ପକ୍ଷରେ ଏ ବିଷୟରେ ଧାରଣା ନ ଥିବା କିଶୋରୀମାନେ ଲଜ୍ଜା, ଭୟ ଓ ଆଶଙ୍କାର ଶରବ୍ୟ ହୁଅନ୍ତି । ଅବଶ୍ୟ କ୍ରମେ କ୍ରମେ ସମନ୍ୱୟଶୀଳତା ଆସିଥାଏ । ପ୍ରାୟ ସମସ୍ତେ ପ୍ରଥମେ ନିଜର ଜନନୀକୁ ଏ ଖବର ଜଣାନ୍ତି । ପାଞ୍ଚଜଣରୁ ଜଣେ ନିଜର ଅନ୍ତରଙ୍ଗ ଗୋଟିଏ ବାଳିକା ବାନ୍ଧବୀକୁ ଜଣାଇଥାନ୍ତି । ଦୁଇ ତିନୋଟି ଚକ୍ରର ଅନୁଭବ ପରେ ସେମାନେ ନିଜର ବାଳିକା ବାନ୍ଧବୀମାନଙ୍କୁ ଜଣାନ୍ତି । ପୂର୍ବରୁ ଏ ସମ୍ପର୍କରେ ଜ୍ଞାନ ଓ ମାନସିକ ପ୍ରସ୍ତୁତି ରହିଥିଲେ ନକାରାତ୍ମକ ପ୍ରତିକ୍ରିୟା କମ୍ ହୋଇଥାଏ । ଅପେକ୍ଷାକୃତ କମ୍ ବୟସରେ ଏପରି ଅନୁଭବ ପାଇଥିବା କିଶୋରୀମାନେ ଅଧିକ ନକାରାତ୍ମକ ମନୋଭାବ ପ୍ରକାଶ କରନ୍ତି । ସ୍ଥୂଳତଃ ପ୍ରଥମ ଅନୁଭବରେ ଏହା ମାନସିକ ବିଚଳନ ସୃଷ୍ଟି କଲେ ମଧ୍ୟ କ୍ରମଶଃ ସମନ୍ୱୟଶୀଳତା ପ୍ରତିଷ୍ଠିତ ହୁଏ ।

ପ୍ରଥମ ଋତୁସ୍ରାବର ହାରାହାରି ବୟସ ତୁଳନାରେ ସହଳ କିମ୍ବା ବିଳମ୍ବରେ ଅନୁଭବ ପାଉଥିବା କିଶୋର କିଶୋରୀମାନଙ୍କର ମାନସିକତା ବିଚାର୍ଯ୍ୟ । ଲକ୍ଷ୍ୟ କରାଯାଇଛି ଯେ

Digitized by srujanika@gmail.com

ଅପେକ୍ଷାକୃତ ସହଳ କିଶୋରତ୍ୱ ପାଉଥିବା ବାଳକମାନେ ସନ୍ତୋଷ ଅନୁଭବ କରନ୍ତି । ସେମାନଙ୍କର ଦ୍ରୁତ ପରିପକ୍ୱତା ସେମାନଙ୍କୁ କେତେକ ସୁବିଧା ସୁଯୋଗର ଅଧିକାରୀ କରାଇବ, ଏହାଭାବି ଖୁସୀ ହୁଅନ୍ତି । ଅନ୍ୟ ପକ୍ଷରେ ଅପେକ୍ଷାକୃତ କିଛି ବିଳମ୍ବରେ ପରିପକ୍ୱତାର ଅଧିକାରୀ ହେଉଥିବା କିଶୋରୀମାନଙ୍କର ଦେହଚେତନା ଓ ଦେହବିମ୍ବ (Body Image) ସକାରାତ୍ମକ ହେବାର ପର୍ଯ୍ୟବେକ୍ଷଣ କରାଯାଇଛି ।

ଅବଶ୍ୟ ମାତ୍ରାଧିକ ବିଳମ୍ବ ମାନସିକ ଜଟିଳତା ସୃଷ୍ଟି କରିବା ସ୍ୱାଭାବିକ । ବାଳକମାନେ ୧୬ ବର୍ଷ ବୟସ ହେବା ସତ୍ତ୍ୱେ ଅଭିବୃଦ୍ଧି ସ୍ଫୁରଣର (Growth Spurt) ଅଧିକାରୀ ନ ହେବା ଉଦ୍‌ବେଗର କାରଣ ହୋଇଥାଏ । ସେହିପରି ୧୫ ବର୍ଷ ବୟସ ହେବା ସତ୍ତ୍ୱେ ଋତୁସ୍ରାବ ନ ହେବା ବାଳିକାମାନଙ୍କ ପାଇଁ ଉତ୍‌କଣ୍ଠାର କାରଣ ହୋଇଥାଏ । ସ୍ୱାସ୍ଥ୍ୟସେବା ମାଧ୍ୟମରେ ଏପରି ସମସ୍ୟାର ସମାଧାନ ପ୍ରଯତ୍ନ କରାଯାଏ । ସ୍ଥଳ ବିଶେଷରେ ହର୍‌ମୋନ୍ ଚିକିତ୍ସାର ସାହାଯ୍ୟ ନିଆଯାଏ । ତଥାପି ହର୍‌ମୋନ୍ ଚିକିତ୍ସା ସବୁବେଳେ ଫଳପ୍ରଦ ହୋଇ ନ ଥାଏ । ଏପରି ଅବସ୍ଥାରେ ସମାଧାନର ଉପାୟକୁ ଗୋଟିଏ ପ୍ରକାର ବ୍ୟବସ୍ଥା ମଧ୍ୟରେ ସୀମିତ ନ ରଖି ବହୁମୁଖୀ ବହୁସ୍ତରୀୟ କୌଶଳର ସାହାଯ୍ୟ ନେବାକୁ ହୁଏ ।

ସାରମର୍ମ

- ବୟଃସନ୍ଧି ପରିବର୍ତ୍ତନ କିଶୋର କିଶୋରୀମାନଙ୍କ ମନରେ ଦେହଚେତନା ଓ ଦେହବିମ୍ବ (Body Image) ନେଇ କେତେକ ଜଟିଳତା ସୃଷ୍ଟି କଲେ ମଧ୍ୟ ଏପରି ସମସ୍ୟା ଓ ମାନସିକଚାପ ଅନତିକ୍ରମ୍ୟ, ଏପରି ଭାବିବା ଠିକ୍ ନୁହେଁ ।
- କିଶୋର ଶରୀରରେ ପୁରୁଷ ହର୍‌ମୋନ୍ ଆଣ୍ଡ୍ରୋଜେନ୍ ସେମାନଙ୍କୁ ଅପେକ୍ଷାକୃତ ଆକ୍ରମଣାଭାବାପନ୍ନ ଓ କିଶୋରୀ ଶରୀରରେ ନାରୀ ହର୍‌ମୋନ୍ ଏଷ୍ଟ୍ରୋଜେନ୍ କିଛିଟା ଅସ୍ଥିରତା ଓ ବିଷାଦ ସୃଷ୍ଟି କରେ ।
- ଯୌନ ହରମୋନ୍ ସିଧାସଳଖ ଭାବରେ ବ୍ୟବହାରକୁ ନିର୍ଦ୍ଧାରିତ କରି ନ ଥାଏ । ସାମାଜିକ ପରିବେଶ ବିଶେଷତଃ ପିତାମାତାଙ୍କ ସହିତ କିଶୋର କିଶୋରୀମାନଙ୍କର ସମ୍ପର୍କର ଗୁଣାତ୍ମକ ଦିଗ ହର୍‌ମୋନ୍-ବ୍ୟବହାରର ସମ୍ବନ୍ଧକୁ ପ୍ରଭାବିତ କରେ ।
- ସମ୍ପର୍କ ନିମ୍ନମାନର ହୋଇଥିଲେ ହର୍‌ମୋନ୍ ବ୍ୟବହାରକୁ ଅଧିକ ପ୍ରଭାବିତ କରେ । ମାତ୍ର ସମ୍ପର୍କର ମାନଦଣ୍ଡ ଉଚ୍ଚ ସ୍ତରୀୟ ହୋଇଥିଲେ ହର୍‌ମୋନ ର ପ୍ରଭାବ ସୀମାବଦ୍ଧ ରହେ । ଏ ଦୃଷ୍ଟିରୁ ପିତାମାତାଙ୍କ ସହିତ କିଶୋର କିଶୋରୀମାନଙ୍କର ସମ୍ପର୍କର ଗୁଣାତ୍ମକ ବିକାଶ ଏକ ବିଶିଷ୍ଟ ଧରଣର ସହାୟକ ଅବସ୍ଥା ।

Digitized by srujanika@gmail.com

ପ୍ରଶ୍ନାବଳୀ

ନିମ୍ନରେ କେତେଗୁଡ଼ିଏ ବାକ୍ୟ ଦିଆଯାଇଛି । ପ୍ରତିଟି ବାକ୍ୟରେ ନିଜର ସ୍ୱାସ୍ଥ୍ୟ ଓ ଶରୀର ସମ୍ପର୍କରେ ଏକ ଅନୁଭବର ବର୍ଣ୍ଣନା ରହିଛି । ଆପଣ ପ୍ରତିଟି ବାକ୍ୟ ଭଲରୂପେ ପଢ଼ନ୍ତୁ ଏବଂ ନିଜର ଅନୁଭବ ବ୍ୟକ୍ତ କରିବା ପାଇଁ ଉପଯୁକ୍ତ ନମ୍ବରଟି ବୃତ୍ତାକାର (କିମ୍ବା ବାକ୍ୟର କ୍ରମିକ ନମ୍ବର ଲେଖି ତା'ପାର୍ଶ୍ୱରେ ଏ ସଂଖ୍ୟାଟି ଲେଖି ରଖନ୍ତୁ) । ମନେରଖନ୍ତୁ ଯେ ଆପଣଙ୍କ ପ୍ରତିକ୍ରିୟା ଅନ୍ୟ ପାଖରେ ପ୍ରକାଶ କରାଯିବାର କୌଣସି ଯୋଜନା ନାହିଁ । ଆପଣଙ୍କୁ ମାର୍ଗ ଦର୍ଶନ ଦେବାର ଉଦ୍ଦେଶ୍ୟ ରଖି ଏଗୁଡ଼ିକର ଅବତାରଣା କରାଯାଇଛି ।

	ପୂରାପୂରି ଅମତ	ଅମତ	କହିପାରିବି ନାହିଁ	ଏକମତ	ପୂରାପୂରି ଏକମତ
୧. ମୁଁ ଜଣେ ସୁସ୍ଥ ବ୍ୟକ୍ତି	୧	୨	୩	୪	୫
୨. ମୁଁ ମାନସିକ ଚାପରୁ ମୁକ୍ତ	୧	୨	୩	୪	୫
୩. ଲୋକେ ମୋତେ ସୁନ୍ଦର/ ସୁନ୍ଦରୀ କହନ୍ତି	୧	୨	୩	୪	୫
୪. ମୋର ଶରୀର ଗଠନ ଭଲ	୧	୨	୩	୪	୫
୫. ମୋର କିଶୋରସୁଲଭ ସୌନ୍ଦର୍ଯ୍ୟ ରହିଛି	୧	୨	୩	୪	୫
୬. ମୁଁ ଅତିମାତ୍ରାରେ ଖର୍ବକାୟ	୫	୪	୩	୨	୧
୭. ମୋର ଆଖିଦୁଇଟି ସୁନ୍ଦର	୧	୨	୩	୪	୫
୮. ମୋର କେଶରାଶିର ବୃଦ୍ଧି ନେଇ ମୁଁ ଖୁସୀ	୧	୨	୩	୪	୫
୯. ମୋର ସମବୟସୀମାନେ ମୋ ଚେହେରା ଦେଖି ହିଂସା କରନ୍ତି	୧	୨	୩	୪	୫
୧୦.ମୋ ଶରୀର ରଙ୍ଗ ଦେଖି ମୁଁ ଚିନ୍ତିତ ହେଇପଡ଼େ	୫	୪	୩	୨	୧
୧୧.ମୋ ଚେହେରା ନେଇ ମୁଁ ଦୁଃଖୀ	୫	୪	୩	୨	୧
୧୨.ଅନ୍ୟମାନେ ମୋ ଚେହେରାକୁ ପ୍ରଶଂସା କରନ୍ତି	୧	୨	୩	୪	୫
୧୩. ମୋର ସ୍ୱାସ୍ଥ୍ୟଗତ ସମସ୍ୟାନାହିଁ	୧	୨	୩	୪	୫
୧୪.ମୁଁ ଅନାକର୍ଷଣୀୟ	୫	୪	୩	୨	୧
୧୫.ମୁଁ ସତେଜ ଦିଶେ	୧	୨	୩	୪	୫

Digitized by srujanika@gmail.com

	ପୂରାପୂରି ଅମତ	ଅମତ	କହିପାରିବି ନାହିଁ	ଏକମତ	ପୂରାପୂରି ଏକମତ
୧୬.ମୋର ରକ୍ତଚାପ ସ୍ୱାଭାବିକ ରହିଛି	୧	୨	୩	୪	୫
୧୭.ମୁଁ ଶରୀରରେ ସଚଳତା ଅନୁଭବ କରେ	୧	୨	୩	୪	୫
୧୮.ସହଜରେ ମୁଁ ମୋର ଆଣ୍ଠୁଦୁଇଟି ଭାଙ୍ଗିପାରେ	୧	୨	୩	୪	୫
୧୯.ମୁଁ ଦୌଡ଼ିପାରେ	୧	୨	୩	୪	୫
୨୦.ମୋର ବୟସକୁ ଚାହିଁ ମୁଁ ସତେଜ ଦିଶେ	୧	୨	୩	୪	୫
୨୧.ମୋର ନିଦରେ ଅସୁବିଧା ହୁଏ	୫	୪	୩	୨	୧
୨୨.ମୋ ପାଇଁ ଔଷଧ କିଣାରେ ବେଶ୍ ପଇସା ଖର୍ଚ୍ଚ ହୁଏ	୫	୪	୩	୨	୧
୨୩.ମୁଁ ଏକାଗ୍ରତା ରକ୍ଷା କରିପାରେ	୧	୨	୩	୪	୫
୨୪.ମୁଁ ନିଜକୁ ଆକର୍ଷଣୀୟ କରିବାରେ ବିଫଳ ହୁଏ	୫	୪	୩	୨	୧
୨୫.ମୁଁ ଗୋଟିଏ ପ୍ରକାର ଭଙ୍ଗୀରେ ଦୀର୍ଘସମୟ ବସିପାରେ ନାହିଁ	୫	୪	୩	୨	୧
୨୬.ମୋ ହାତଗୋଡ଼ରେ ରକ୍ତ୍କା ପଶିଯାଏ	୫	୪	୩	୨	୧
୨୭.ମୋର ପୃଥୁଳତା (ମେଦ) ନେଇ ମୁଁ ବିବ୍ରତ	୫	୪	୩	୨	୧
୨୮.ମୁଁ ଆବଶ୍ୟକତା ଭାବରେ ଡେଙ୍ଗା	୫	୪	୩	୨	୧
୨୯.ମୋ ଶରୀରରେ ବର୍ଣ୍ଣ ନେଇ ଅନ୍ୟମାନେ ମୋତେ ଆକର୍ଷଣୀୟ ବିଚାର କରନ୍ତି	୧	୨	୩	୪	୫
୩୦. ମୋ ଶରୀରର ରଙ୍ଗ ନେଇ ମୋର ପିତାମାତା ଚିନ୍ତିତ	୫	୪	୩	୨	୧
୩୧. ମୋର ନାସିକାଟି ତୀକ୍ଷ୍ଣ	୧	୨	୩	୪	୫
୩୨. ମୁଁ ବ୍ୟାୟାମ କରିପାରେ	୧	୨	୩	୪	୫

Digitized by srujanika@gmail.com

	ପୂରାପୂରି ଅମତ	ଅମତ	କହିପାରିବି ନାହିଁ	ଏକମତ	ପୂରାପୂରି ଏକମତ
୩୩. ଚକାପକାଇ ଦୀର୍ଘସମୟ ବସିବାରେ ମୋର ଅସୁବିଧା ହୁଏ	୫	୪	୩	୨	୧
୩୪. ମୋର ଠିକ୍ ସମୟରେ ଭୋକ ହୁଏ	୧	୨	୩	୪	୫
୩୫. ମୋର ଶରୀର ଅଙ୍ଗପ୍ରତ୍ୟଙ୍ଗର ଗଠନ ଭଲ ନୁହେଁ	୫	୪	୩	୨	୧
୩୬. ମୋର ଶରୀରକୁ ମୁଁ ସହଜରେ ଲମ୍ୱାଇପାରେ	୧	୨	୩	୪	୫
୩୭. ମୋର ଶରୀରର ବର୍ଣ୍ଣ ନେଇ ମୁଁ ଖୁସି	୧	୨	୩	୪	୫
୩୮. ମୋ ଶରୀରର ଅଙ୍ଗପ୍ରତ୍ୟଙ୍ଗର ଅନୁପାତ ସବୁ ଏପଟସେପଟ	୫	୪	୩	୨	୧
୩୯. ମୋର ଉଚ୍ଚତାକୁ ଚାହିଁ ଓଜନ ଠିକ୍	୧	୨	୩	୪	୫
୪୦. ମୋ ଚେହେରାର ତ୍ରୁଟି ଯୋଗୁ ବହୁତ କ୍ଷେତ୍ରରେ ହାରିଗଲା ପରି ଲାଗେ	୫	୪	୩	୨	୧
୪୧. କାମ କରିବାର ଇଚ୍ଛା ନଥାଏ	୫	୪	୩	୨	୧
୪୨. ମୋର ମାଂସପେଶୀ ସବୁ କଠିନ	୫	୪	୩	୨	୧
୪୩. ମୁଁ ଆକର୍ଷଣଶୀଳ					
୪୪. ମୋର ଶରୀର ଅନମନୀୟ (Rigid)	୫	୪	୩	୨	୧
୪୫. ମୋର ଅସୁସ୍ଥତା ରହିଛି	୫	୪	୩	୨	୧
୪୬. ମୋ ଚେହେରାରେ ଆକର୍ଷଣ ରହିଛି	୧	୨	୩	୪	୫
୪୭. ମୋର ଦାନ୍ତସବୁ ଅସୁନ୍ଦର	୫	୪	୩	୨	୧

Digitized by srujanika@gmail.com

	ପୂରାପୂରି ଅମତ	ଅମତ	କହିପାରିବି ନାହିଁ	ଏକମତ	ପୂରାପୂରି ଏକମତ
୪୮. ମୋର ଚେହେରା ଯୋଗୁଁ ସାମାଜିକ ମିଳନସବୁରୁ ମୁଁ ନିଜକୁ ଦୂରେଇ ନିଏ	୫	୪	୩	୨	୧
୪୯. ମୋର ଶରୀର ଅଙ୍ଗପ୍ରତ୍ୟଙ୍ଗର ଅନୁପାତ ସବୁ ଭଲ	୧	୨	୩	୪	୫
୫୦. ଚେହେରାର କଥା ପଡ଼ିଲେ ମୁଁ ଦୂରେଇ ଯାଏ ।	୫	୪	୩	୨	୧

ମୂଲ୍ୟାୟନ :

୧. ୬, ୭, ୮, ୨୭, ୨୮, ୩୧, ୩୮, ୩୯, ୪୭, ଏବଂ ୪୯ କ୍ରମିକ ସଂଖ୍ୟାର ବିବୃତି ପାର୍ଶ୍ୱରେ ଆପଣ ସୂଚିତ କରିଥିବା ସଂଖ୍ୟାକୁ ମିଶାଇ ଦିଅନ୍ତୁ । ଏହି ଯୋଗଫଳ ୦ରୁ ୫୦ ମଧ୍ୟରେ ରହିବ । ଏହା ଆପଣଙ୍କ ***'ଶରୀର ଗଠନ'*** ସମ୍ପର୍କୀୟ ଦେହବିମ୍ବ ।

୨. ୯, ୧୦, ୧୧, ୧୨, ୨୯, ୩୦, ୩୭, ୪୬, ୪୮ ଏବଂ ୫୦ କ୍ରମିକ ସଂଖ୍ୟାର ବିବୃତି ପାର୍ଶ୍ୱରେ ଆପଣ ସୂଚିତ କରିଥିବା ସଂଖ୍ୟା ମିଶାଇ ଦିଅନ୍ତୁ । ଏହା ଆପଣଙ୍କର ***'ଚେହେରା'*** ସମ୍ପର୍କୀୟ ଦେହବିମ୍ବ ।

୩. ସେହିପରି ୩, ୪, ୫, ୧୪, ୧୫, ୨୦, ୨୪, ୩୫, ୪୦ ଏବଂ ୪୩ ନମ୍ବର ବାକ୍ୟପାଶ୍ୱର ଆପଣଙ୍କର ସୂଚିତ ସଂଖ୍ୟା ମିଶାଇଲେ ତାହା ଆପଣଙ୍କର ***'ଆକର୍ଷଣଶୀଳତା ପ୍ରକାଶ'*** କରିବ ।

୪. ସେହିପରି ୧, ୨, ୧୩, ୧୬, ୨୧, ୨୨, ୨୩, ୩୪, ୪୧ ଏବଂ ୪୫ ନମ୍ବର ବାକ୍ୟର ପ୍ରତିକ୍ରିୟା ସଂଖ୍ୟା ମିଶାଇଲେ ତାହା ଆପଣଙ୍କ ***'ସାଧାରଣ ସ୍ୱାସ୍ଥ୍ୟ'***ର ସୂଚକ ହେବ ।

୫. ପରିଶେଷରେ ୧୭, ୧୮, ୧୯, ୨୫, ୨୬, ୩୨, ୩୩, ୩୬, ୪୨ ଓ ୪୪ ନମ୍ବର ବାକ୍ୟପାର୍ଶ୍ୱର ପ୍ରତିକ୍ରିୟା ମିଶାଇଲେ ତାହା ଆପଣଙ୍କର ***'ସଚଳତା'*** (Flexibility) ପ୍ରକାଶ କରିବ ।

ପ୍ରତିଟି କ୍ଷେତ୍ରରେ ୧୦ରୁ କମ୍ ଫଳାଙ୍କ ମାତ୍ରାଧିକ ଅଭାବବୋଧର ସୂଚକ

୧୧ରୁ ୨୦ ଫଳାଙ୍କ ଅଭାବବୋଧର ସୂଚକ

୨୧ରୁ ୩୦ ଫଳାଙ୍କ ଚଳନୀୟ ସ୍ତରର ସୂଚକ

୩୧ରୁ ୪୦ ଫଳାଙ୍କ ଭଲ ଦେହବିମ୍ବର ସୂଚକ

୪୧ରୁ ୫୦ ଫଳାଙ୍କ ଖୁବ୍‌ଭଲ ଦେହବିମ୍ବର ସୂଚକ

Digitized by srujanika@gmail.com

ମସ୍ତିଷ୍କ ଓ ବ୍ୟବହାର

ଜୀବନର ସକଳ ସ୍ତରରେ ମନୁଷ୍ୟ ତା'ର ବ୍ୟବହାରକୁ ରୂପ ଦିଏ । କୈଶୋର ଜୀବନରେ ମଧ୍ୟ ଏ ନୀତିଟି ସକ୍ରିୟ ରହିଥାଏ । ତଥାପି ଏ ସମୟରେ କି କି ମସ୍ତିଷ୍କଗତ ପରିବର୍ତ୍ତନ ଘଟେ ଏବଂ ଏପରି ପରିବର୍ତ୍ତନ ଫଳରେ କି ପ୍ରକାର ବ୍ୟବହାରଗତ ବୈଶିଷ୍ଟ୍ୟ ସୃଷ୍ଟି ହୁଏ, ତାହାର ଆଲୋଚନା ବେଶ୍ କୌତୂହଳପ୍ରଦ ।

ସ୍ନାୟୁ (Neuron) ମସ୍ତିଷ୍କର କ୍ଷୁଦ୍ରତମ ଏକକ । ଏହାର ମୁଖ୍ୟତଃ ତିନୋଟି ଅଂଶ ରହିଥାଏ । ସ୍ନାୟୁତନ୍ତୁ (Dendrite) ଅଂଶଟି ସମ୍ବେଦନ ଗ୍ରହଣ କରେ । ସ୍ନାୟୁଦଣ୍ଡ (Axan) ସମ୍ବେଦନକୁ ବାହାରକୁ (ଅନ୍ୟ ସ୍ନାୟୁକୁ) ପଠାଇଥାଏ । ସ୍ନାୟୁଦଣ୍ଡକୁ ଚର୍ବିଜାତୀୟ କୋଷ (Myelin Sheath) ଏକପ୍ରକାର ଆଚ୍ଛାଦନ ଯୋଗାଇଥାଏ । ଏହି ଆଚ୍ଛାଦନ ସ୍ନାୟୁତରଙ୍ଗ ପ୍ରେରଣକୁ ତ୍ୱରାନ୍ୱିତ କରିଥାଏ । ପୁଣି ସ୍ନାୟୁ ସ୍ନାୟୁ ମଧ୍ୟରେ କିଛି ପରିମାଣରେ ବ୍ୟବଧାନ ବା ଶୂନ୍ୟସ୍ଥାନ ରହିଥାଏ । ଏହାକୁ ସ୍ନାୟୁସନ୍ଧି (Synapse) କୁହାଯାଏ ।

କିଶୋର ସମୟରେ ସ୍ନାୟୁତନ୍ତୁର ଉଲ୍ଲେଖଯୋଗ୍ୟ ବୃଦ୍ଧି ଘଟି ନ ଥାଏ । ପୂର୍ବରୁ ଏହା ଯେଉଁ ମାତ୍ରାରେ ବଢୁଥିଲା, ସେହି ମାତ୍ରାରେ ବଢ଼େ । ଏପରି ବୃଦ୍ଧି ଯୌବନ ଓ ଯୌବନୋତ୍ତର ବୟସରେ ମଧ୍ୟ ଲାଗିରହେ । ମାତ୍ର କିଶୋର ସମୟରେ ସ୍ନାୟୁଦଣ୍ଡର ଆଚ୍ଛାଦନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସ୍ନାୟୁଦଣ୍ଡ ମଧ୍ୟ ଆଖିଦୃଶିଆଭାବରେ ବୃଦ୍ଧିପାଏ । କିଶୋରକାଳୀନ ପରିବର୍ତ୍ତନର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ହେଉଛି ସ୍ନାୟୁ ସ୍ନାୟୁ ମଧ୍ୟରେ ଅଧିକ ସଂଯୋଗ ବୃଦ୍ଧିପାଇବା । ପୂର୍ବରୁ ସୂଚନା ଦିଆଯାଇଛି ଯେ ଗୋଟିଏ ସ୍ନାୟୁରୁ ସଂବେଦନ ଗତି କରୁଥିବା ଅଂଶ (ସ୍ନାୟୁଦଣ୍ଡ) ଏବଂ ଅନ୍ୟ ସ୍ନାୟୁର ଗ୍ରହଣ କରୁଥିବା ଅଂଶ ସ୍ନାୟୁତନ୍ତୁ ମଧ୍ୟରେ ମଧ୍ୟରେ କିଛି ବ୍ୟବଧାନ (ସ୍ନାୟୁସନ୍ଧି) ରହିଥାଏ । ସୁତରାଂ ସ୍ନାୟୁ ସ୍ନାୟୁ ମଧ୍ୟରେ ଅଧିକ ସଂଖ୍ୟକ ସଂଯୋଗ ସ୍ଥାପନର ଅର୍ଥ ହେଉଛି ସ୍ନାୟୁସନ୍ଧିର ସଂଖ୍ୟା ବୃଦ୍ଧିପାଇବାର ପ୍ରକ୍ରିୟା । ଏହି ପ୍ରକ୍ରିୟାକୁ ସ୍ନାୟୁସନ୍ଧି ବିସ୍ତାରଣ (Synaptogenesis) କୁହାଯାଇପାରେ ।

କୌତୂହଳର ବିଷୟ ଯେ ସ୍ନାୟୁ ସ୍ନାୟୁ ମଧ୍ୟରେ ଗଠିତ ହେଉଥିବା ସଂଯୋଗସବୁ ବୃଦ୍ଧିପାଇଲେ ମଧ୍ୟ ସବୁ ସଂଯୋଗ ତିଷ୍ଠି ରହେ ନାହିଁ । ଯେଉଁ ସବୁ ସଂଯୋଗ ବ୍ୟବହୃତ ହୁଏ, ସେସବୁ ତିଷ୍ଠି ରହେ । ଅବ୍ୟବହୃତ ସଂଯୋଗ ଅପସରି ଯାଏ । ବ୍ୟବହୃତ ହେଉଥିବା ସଂଯୋଗ ତୁଳନାରେ ପ୍ରାୟ ଦୁଇଗୁଣ ସଂଯୋଗ ଗଠିତ ହୁଏ । ଏପରି ଗଠନର ପ୍ରକ୍ରିୟାକୁ

Digitized by srujanika@gmail.com

ପଲ୍ଲବନ (Blooming) ଏବଂ ଅପସାରଣ ପ୍ରକ୍ରୟାକୁ କାଟଛାଣ(Pruning) କୁହାଯାଇପାରେ । କହିବା ଅନାବଶ୍ୟକ ଯେ ଗଠିତ ହୋଇଥିବା ସଂଯୋଗର ଉପଯୋଗ ଘଟିଲେ ଏହାର ସ୍ଥିତି ଦୃଢ଼ ହୁଏ । ଅନ୍ୟ ପକ୍ଷରେ ଉପଯୋଗ ନ ଥାଇ ଅଦରକାରୀ ହୋଇଯାଉଥିବା ସ୍ନାୟୁ ସଂଯୋଗ କାଟଛାଣ୍ଟ ନୀତିରେ ଉଭେଇଯାଏ । ମସ୍ତିଷ୍କର କେଉଁ ଅଂଶର ପଲ୍ଲବନ ହେବ ଏବଂ କେଉଁ ଅଂଶରେ କାଣ୍ଟଛାଣ୍ଟ ହେବ, ତାହା ବିଶେଷଭାବରେ ବଂଶାନୁଗତି(Heredity) ଓ ବ୍ୟକ୍ତିଗତ ଅନୁଭୂତି ଉପରେ ନିର୍ଭର କରିଥାଏ । ସେହିପରି କେଉଁ ସମୟରେ ଏହି ଦୁଇ ପ୍ରକ୍ରିୟା ଦ୍ରୁତ ହେବ ତାହା ମଧ୍ୟ ବଂଶାନୁଗତି ଓ ଅନୁଭବର ସ୍ତର ଉପରେ ନିର୍ଭର କରେ ।

ସ୍ନାୟୁସଂଯୋଗ (Nerve Connection) ବ୍ୟତୀତ ଅନ୍ୟ ଗୋଟିଏ ଦିଗ ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ପାଖାପାଖି ଦୁଇଟି ସ୍ନାୟୁ ମଧ୍ୟରେ ଯେଉଁ ସମ୍ବେଦନ ପ୍ରେରଣ ଓ ଗ୍ରହଣ କାର୍ଯ୍ୟ ହୁଏ, ତାହା ଏକ ତରଳ ରାସାୟନିକ ପଦାର୍ଥ ଦ୍ୱାରା କାର୍ଯ୍ୟକଳାପ ହୋଇଥାଏ । ପୂର୍ବରୁ କୁହାଯାଇଛି ଯେ ଦୁଇଟି ସ୍ନାୟୁ ମଧ୍ୟରେ କିଛି ବ୍ୟବଧାନ ବା ଶୂନ୍ୟ ସ୍ଥାନ ରହିଥାଏ । ପ୍ରେରଣ ସମୟରେ ବାର୍ତ୍ତା ସଂକେତ ଏହି ରାସାୟନିକ ପଦାର୍ଥ ଆକାରରେ ଗୋଟିଏ ସ୍ନାୟୁରୁ ଅନ୍ୟ ସ୍ନାୟୁକୁ ଗତି କରେ । ଏହି ରାସାୟନିକ ପଦାର୍ଥକୁ ସ୍ନାୟୁ ସଞ୍ଚାରକ (Neurotransmitter) କୁହାଯାଏ । ମସ୍ତିଷ୍କର କାର୍ଯକଳାପରେ ବିଭିନ୍ନ ଧରଣର ସ୍ନାୟୁସଞ୍ଚାରକ ସମ୍ପୃକ୍ତ । ଉଦାହରଣ ସ୍ୱରୂପ, ଡୋପାମାଇନ୍ (Dopamine) ଏକ ବିଶେଷ ଧରଣର ସ୍ନାୟୁ ସଞ୍ଚାରକ । କିଶୋର ଅବସ୍ଥାରେ ଏହି ସ୍ନାୟୁ ସଞ୍ଚାରକ ଅଧିକ ମାତ୍ରାରେ ଅଗ୍ରମସ୍ତିଷ୍କ (Prefrontal lobe) ଏବଂ ଲିମ୍ବିକ୍ ମଣ୍ଡଳରେ (Limbic System) କ୍ଷରିତ ହୋଇଥାଏ । ଏହାର ଫଳ ସ୍ୱରୂପ ଦୁଃସାହାସିକ କାରବାର ଏବଂ ଉତ୍ତେଜନା ଓ ଆକାଂକ୍ଷାର (ଯଥା : ନିଶାଦ୍ରବ୍ୟ ପ୍ରତି ଆକର୍ଷିତ ହେବା) ପରିପ୍ରକାଶର ସମ୍ଭାବନା ବୃଦ୍ଧିପାଏ । ପୁନଶ୍ଚ ଡୋପାମାଇନ୍ ସ୍ନାୟୁସଞ୍ଚାରକଟି ଚିତ୍ତଭଂଶୀ ବାତୁଳତା ବା ଶୀଜୋଫ୍ରେନିୟା ସହିତ ସମ୍ବନ୍ଧିତ । ସୁତରାଂ ଡୋପାମାଇନ୍‌ର ସକ୍ରିୟତା ଓ କ୍ଷରଣ ବୃଦ୍ଧିପାଇବା ଫଳରେ କିଶୋର କିଶୋରୀମାନେ ପୂରାପୂରି ଚିତ୍ତଭ୍ରଂଶ ବା ବାତୁଳତାର ଶରବ୍ୟ ନ ହେଲେ ମଧ୍ୟ ବାସ୍ତବତାର ମୂଲ୍ୟାୟନ କ୍ଷେତ୍ରରେ କିଛି ପରିମାଣରେ ତ୍ରୁଟିବିଚ୍ୟୁତି ଦର୍ଶାଇ ଥାଆନ୍ତି ।

କିଶୋରକାଳୀନ ପରିବର୍ତ୍ତନରେ ମସ୍ତିଷ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ସେ ସମ୍ପର୍କରେ ସାମ୍ପ୍ରତିକ ଗବେଷଣା ଖୁବ୍ କୌତୂହଳପୂର୍ଣ୍ଣ ତଥ୍ୟ ଯୋଗାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଅତୀତ ତୁଳନାରେ ବର୍ତ୍ତମାନ ବହୁ ଉନ୍ନତ ଯନ୍ତ୍ରପାତି ଓ କୌଶଳ ଜ୍ଞାନର ବିକାଶ ଘଟିଛି । ବିଶେଷତଃ ବ୍ୟକ୍ତି କୌଣସି କାର୍ଯ୍ୟକରୁଥିବା କିମ୍ବା ଚିନ୍ତାକରୁଥିବା ସମୟରେ ଏକ ଚୁମ୍ବକୀୟ କ୍ଷେତ୍ର (Magnetic Field) ସୃଷ୍ଟି କରାଯାଇ ମସ୍ତିଷ୍କର କାର୍ଯ୍ୟକଳାପ ଲକ୍ଷ୍ୟ କରାଯାଇ ପାରୁଛି । ସେ ସମୟରେ ମସ୍ତିଷ୍କର ଛବି ଉତ୍ତୋଳନ (Imaging) କରାଯାଇ

Digitized by srujanika@gmail.com

ମସ୍ତିଷ୍କର କେଉଁ ଅଂଶ ଅପେକ୍ଷାକୃତ ଅଧିକ ସକ୍ରିୟ ଏବଂ କେଉଁ ଅଂଶ ନିଷ୍କ୍ରିୟ ତାହା ଜାଣିବା ସମ୍ଭବ ହେଉଛି । ଏହି ଚୁମ୍ବକୀୟ – ଅନୁଦାନ ବିମ୍ବ (Magnetic Resonance Imaging ବା MRI) ପଦ୍ଧତିରେ ବହୁ ତଥ୍ୟ ହାସଲ କରାଯାଇଛି ।

ମସ୍ତିଷ୍କର ଅଂଶ ବିଶେଷ ଓ ସଂଗଠନ ସମ୍ପର୍କରେ ଏହା ଏକ ସାଧାରଣ ତଥ୍ୟ ଯେ ମସ୍ତିଷ୍କ ଗୋଟିଏ ଏକକ ରୂପେ କାର୍ଯ୍ୟକଲେ ମଧ୍ୟ ବିଭିନ୍ନ ଅଂଶ ଭିନ୍ନ ଭିନ୍ନ ଦାୟିତ୍ୱ ନିର୍ବାହ କରିଥାଏ । ଅକ୍‌ସିପିଟାଲ୍ ଅଂଶ (Occipetal lobe) ଦର୍ଶନାନୁଭୂତି ସହିତ ସମ୍ପୃକ୍ତ ହେବା ସ୍ଥଳେ ଟେମ୍ପୋରାଲ ଅଂଶଟି (Temporal lobe) ଶ୍ରବଣଜନିତ ଅନୁଭବ ସହିତ ମୁଖ୍ୟତଃ ଜଡ଼ିତ । ସେହିପରି ପେରିଟୋଲ ଅଂଶ (Parietal Lobe) ଦେହଗତ ପ୍ରତ୍ୟେକ୍ଷଣ ସହିତ ସମ୍ପୃକ୍ତ ଥିବା ସ୍ଥଳେ ଅଗ୍ରମସ୍ତିଷ୍କ (Frontal lobe) ଯୁକ୍ତିଯୁକ୍ତ ବିଚାର ଓ ବ୍ୟକ୍ତିତ୍ୱ ସହିତ ସଂଶ୍ଲିଷ୍ଟ । ପୁଣି ମସ୍ତିଷ୍କର ବାମ ଗୋଲାର୍ଦ୍ଧ (Left hemisphere) ମୁଖ୍ୟତଃ ଭାଷା ଓ ଯୁକ୍ତିଯୁକ୍ତତା (Logic) କାର୍ଯ୍ୟରେ ସକ୍ରିୟ ଥିବା ସ୍ଥଳେ ଦକ୍ଷିଣ ଗୋଲାର୍ଦ୍ଧଟି ଭାବାବେଗ (Emotion) ଓ ଢାଞ୍ଚା (Pattern) ପ୍ରତ୍ୟେକ୍ଷଣ କାର୍ଯ୍ୟ କରିଥାଏ । ମୋଟାମୋଟି ଭାବରେ ମସ୍ତିଷ୍କର ବିଭିନ୍ନ ଅଂଶ ପୃଥକ୍ ପୃଥକ୍ କାର୍ଯ୍ୟ ସହିତ ସଂଶ୍ଲିଷ୍ଟ ହେଲେ ମଧ୍ୟ ଏପରି ବିଭାଗବଣ୍ଟନ ନୀତିର ବ୍ୟତିକ୍ରମ ନାହିଁ, ଏହା କୁହାଯିବ ନାହିଁ । ବିଭାଗବଣ୍ଟନ ସହିତ ମନୁଷ୍ୟର ମସ୍ତିଷ୍କ ଏକ ସଂଗଠିତ ଏକକ (Unified) ହିସାବରେ ମଧ୍ୟ କାର୍ଯ୍ୟକରେ ।

ଚୁମ୍ବକୀୟ ଅନୁଦାନ ବିମ୍ବ ବା ଏମ.ଆର୍.ଆଇ. ପଦ୍ଧତି ବ୍ୟବହାର କରାଯାଇ କିଶୋରକାଳୀନ ମସ୍ତିଷ୍କର ସ୍ୱରୂପ ପର୍ଯ୍ୟବେକ୍ଷଣ କରାଯାଇଛି । ତିନି ବର୍ଷରୁ ଆରମ୍ଭ କରି ୧୫ ବର୍ଷ ବୟସ ମଧ୍ୟରେ ମସ୍ତିଷ୍କରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ସଂଘଟିତ ହୁଏ । ଗୋଟିଏ ଅନୁଧ୍ୟାନରେ କ୍ରମାଗତ ଭାବରେ ଚାରିବର୍ଷ ଧରି ପରିବର୍ତ୍ତନସବୁକୁ ସୂକ୍ଷ୍ମଭାବରେ ଲକ୍ଷ୍ୟ କରାଗଲା । ଦେଖାଗଲା ଯେ ମସ୍ତିଷ୍କର କେତେକ ଅଂଶରେ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ମସ୍ତିଷ୍କରେ ସ୍ନାୟୁର ପରିମାଣ ଦ୍ୱିଗୁଣିତ ହେଉଛି । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ମସ୍ତିଷ୍କର ସାମଗ୍ରିକ ଆକାର ବୃଦ୍ଧି ପାଇବ । ତିନି ବର୍ଷରୁ ୧୫ ବର୍ଷ ମଧ୍ୟରେ ମସ୍ତିଷ୍କର ସମୁଦାୟ ଆକାର ପ୍ରାୟ ଅପରିବର୍ତ୍ତିତ ରହେ । ମାତ୍ର କେତେକ ଅଂଶରେ ସ୍ନାୟୁପରିମାଣ ବୃଦ୍ଧିପାଇବା ସ୍ଥଳେ ଅନ୍ୟକେତେକ ସ୍ଥାନରେ ଅବ୍ୟବହୃତ ଓ ଅଦରକାରୀ ସ୍ନାୟୁ ହ୍ରାସ ପାଏ । ବର୍ତ୍ତମାନ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି କୈଶୋର ସମୟରେ ମସ୍ତିଷ୍କର କେଉଁ ଅଂଶରେ ଅଭିବୃଦ୍ଧି ସ୍ଫୁରଣ (Growth Spurt) ପରିଲକ୍ଷିତ ହୁଏ ?

ଏମ୍.ଆର୍.ଆଇ. ବା ବିମ୍ବ (Imaging) ପଦ୍ଧତିର ଦେଖାଯାଇଛିଯେ ୩ ବର୍ଷରୁ ୬ ବର୍ଷ ବୟସ ମଧ୍ୟରେ ଅଭିନିବେଶ, ଯୋଜନା ଓ ଯୁକ୍ତିଯୁକ୍ତ ବିଚାରଣ ସହିତ ସମ୍ପୃକ୍ତ ଥିବା ଅଗ୍ରମସ୍ତିଷ୍କ (Frontal lobe) ଅଧିକ ଅଭିବୃଦ୍ଧି ଘଟେ । ଛ'ବର୍ଷରୁ କିଶୋରକାଳ ପର୍ଯ୍ୟନ୍ତ ଭାଷାଗତ ବ୍ୟବହାର ଓ ସ୍ଥାନସବୁର ଆକାର ପ୍ରକାର ନିର୍ଣ୍ଣୟ କରିବାର ଦକ୍ଷତା ସହିତ ସଂଶ୍ଲିଷ୍ଟ ଥିବା ଟେମ୍ପୋରାଲ୍ ଓ ପେରିୟାଟାଲ୍ ଅଂଶରେ ଅଭିବୃଦ୍ଧି ଘଟିଯାଏ ।

Digitized by srujanika@gmail.com

ବିମ୍ବ ପଦ୍ଧତି-ଲବ୍ଧ ଆଉ ଗୋଟିଏ ସିଦ୍ଧାନ୍ତ ଅଧିକ କୌତୂହଳପୂର୍ଣ୍ଣ । ଗୋଟିଏ ଅନୁଧ୍ୟାନରେ ୧୦ ବର୍ଷରୁ ୧୮ ବର୍ଷର ବୟସର କିଶୋର କିଶୋରୀ ଏବଂ ୨୦ ବର୍ଷରୁ ୪୦ ବର୍ଷ ବୟସର ଯୁବକ ଯୁବତୀମାନଙ୍କୁ ଭୟପ୍ରଦ ଛବିସବୁ ଦେଖାଗଲା । ଏମ୍.ଆର୍.ଆଇ (M.R.I) ପଦ୍ଧତିରେ ଦେଖାଗଲା ଯେ କିଶୋର କିଶୋରୀମାନେ ଭୟପ୍ରଦ ଛବିସବୁ ଦେଖିବା ସମୟରେ ମସ୍ତିଷ୍କର ଭାବାବେଗ (Emotion) ସହିତ ସଂଶ୍ଳିଷ୍ଟ ଥିବା ଆମିଗଡ଼ାଲା (Amygdala) ସକ୍ରିୟ ରହୁଛି । ଅନ୍ୟ ପକ୍ଷରେ ଏ ସମୟରେ ଯୁବକ ଯୁବତୀମାନଙ୍କର ଅଗ୍ରମସ୍ତିଷ୍କଟି (ମସ୍ତିଷ୍କର ଯେଉଁ ଅଂଶଟି କାର୍ଯ୍ୟକାରଣ ବିଶ୍ଳେଷଣ ଓ ଯୁକ୍ତିଯୁକ୍ତତା ଦିଗ ସହିତ ସମ୍ପୃକ୍ତ) ସକ୍ରିୟ ରହୁଛି । ଏହି ପର୍ଯ୍ୟବେକ୍ଷଣର ସିଦ୍ଧାନ୍ତ ଖୁବ୍ ଗୁରୁତ୍ୱପୂର୍ଣ୍ଣ । କିଶୋର କିଶୋରୀମାନେ ସେମାନଙ୍କର ଆମିଗଡ଼ାଲା ଏବଂ ଲିମ୍ବିକ୍‌ମଣ୍ଡଳ (Limbic Systam) ସ୍ତରରେ ସକ୍ରିୟ ରହିବାର ସୂଚନା ହେଉଛି ଯେ ସେମାନେ ଅଧିକ ଆବେଗ-ପ୍ରବଣତା ଦର୍ଶାଉଛନ୍ତି । ଅନ୍ୟ ପକ୍ଷରେ ବାହ୍ୟ ପରିବେଶରେ ଭୟପ୍ରଦ ଛବି ପରି ଆବେଗପ୍ରବଣ ପରିସ୍ଥିତି ରହିଥିଲେ ମଧ୍ୟ ଯୁବକ ଯୁବତୀମାନେ ଯୁକ୍ତିଯୁକ୍ତତାର ସହିତ ପରିବେଶର ମୂଲ୍ୟାୟନ କରୁଛନ୍ତି ।

ଏହି ପର୍ଯ୍ୟବେକ୍ଷଣକୁ ଲକ୍ଷ୍ୟ କରି ନେଲ୍‌ସନ୍‌ଙ୍କ ପରି ଅଗ୍ରଣୀ ବିଶେଷଜ୍ଞ ମତଦିଅନ୍ତି ଯେ କିଶୋର କିଶୋରୀମାନଙ୍କର ମସ୍ତିଷ୍କ ଭାବାବେଗ (Emotion) ଅନୁଭବ ପାଇଁ ସାମର୍ଥ୍ୟ ହାସଲ କରିଥିଲେ ମଧ୍ୟ "ଲଗାମ୍" ଦେବାର ଦକ୍ଷତା ହାସଲ କରିନଥାଏ । ଭାବାବେଗ ଅନୁଭବର ଦ୍ରୁତତା ଥିବା ସ୍ଥଳେ ତାହାକୁ ନିୟନ୍ତ୍ରଣ କରିବାର ସାମର୍ଥ୍ୟର ପୂର୍ଣ୍ଣ ବିକାଶ ଘଟି ନ ଥାଏ ।

ସ୍ଥୂଳତଃ ମସ୍ତିଷ୍କର ବିକାଶ କ୍ଷେତ୍ରରେ କ୍ଷେତ୍ରୀୟ ବୈଷମ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବୈଶିଷ୍ଟ୍ୟ । ଭାବାବେଗର (Emotion) ଅନୁଭବ ସହିତ ସମ୍ପୃକ୍ତ ଥିବା ଲିମ୍ବିକ୍ ମଣ୍ଡଳରେ ପରିବର୍ତ୍ତନ ଦ୍ରୁତ ଗତିରେ ସଂଘଟିତ ହେବା ସ୍ଥଳେ ବିଚାରଣ ଓ ନିଷ୍ପତ୍ତିଗ୍ରହଣ ସହିତ ସଂଶ୍ଳିଷ୍ଟ ଅଗ୍ରମସ୍ତିଷ୍କରେ ପରିବର୍ତ୍ତନ ମାତ୍ରାର ଏହି ଅସାମଞ୍ଜସ୍ୟ କିଶୋରକାଳୀନ ଆଲୋଡ଼ନର କାରଣ ହୋଇଥାଏ ।

ମସ୍ତିଷ୍କଗତ ବିକାଶ ସମ୍ପର୍କୀୟ ଆଧୁନିକ ଗବେଷଣା ଅନ୍ୟ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଯୋଗାଇଥାଏ । ପ୍ରଥମ ପ୍ରଶ୍ନଟି ହେଉଛି ଅନୁଭୂତି ଓ ବ୍ୟବହାରଗତ ବ୍ୟାପକତା (Plasticity) ସମ୍ବନ୍ଧ । ଅନୁଭୂତିର ପରିସର ମସ୍ତିଷ୍କ ବିକାଶର ଧାରାକୁ ତ୍ୱରାନ୍ୱିତ କରେ କି ? ବିସ୍ତୃତ ଓ ସୀମିତ ପରିବେଶ ମଧ୍ୟରେ ମୂଷାମାନଙ୍କୁ ରଖାଯାଇ ଦେଖାଯାଇଛି ଯେ ବିସ୍ତୃତ ଓ ଉନ୍ନତ ପରିବେଶରେ ପ୍ରତିପାଳିତ ମୂଷାମାନଙ୍କର ମସ୍ତିଷ୍କର ଓଜନ ସୀମିତ ପରିବେଶରେ ପ୍ରତିପାଳିତ ମୂଷାମାନଙ୍କର ମସ୍ତିଷ୍କର ଓଜନଠାରୁ ଅଧିକ । ସେହିପରି ରୁମାନିଆର ଅନାଥାଶ୍ରମରେ ପ୍ରତିପାଳିତ ଶିଶୁମାନଙ୍କ ମସ୍ତିଷ୍କରେ ବିଷାଦଗ୍ରସ୍ତ ଲକ୍ଷଣସବୁର ସୂଚନା ମିଳିଛି ।

Digitized by srujanika@gmail.com

ସୁତରାଂ ଉନ୍ନତ ପରିବେଶ ମସ୍ତିଷ୍କ ବିକାଶକୁ ଋଦ୍ଧିମନ୍ତ କରିବା ସ୍ଥଳେ ସୀମିତ ପରିବେଷ୍ଟନୀ ବାଧା ସୃଷ୍ଟି କରେ ।

କିଶୋର ସମୟରେ ନୂତନ ସ୍ନାୟୁସବୁ ଗଠିତ ହୁଏ କି ? ଆଧୁନିକ ଗବେଷଣା ଅନୁଯାୟୀ ନୂତନ ଧରଣର ଅନୁଭବ ଏବଂ ସମୃଦ୍ଧ ପରିବେଶ ମସ୍ତିଷ୍କରେ ନୂତନ ସ୍ନାୟୁ ଓ ନୂତନ ସ୍ନାୟୁସଂଯୋଗ ଗଠନ କରେ । ମସ୍ତିଷ୍କକୁ ବ୍ୟବହାର କରିବାର ପ୍ରଯତ୍ନ ଏ ଦିଗରେ ସହାୟକ ହୋଇଥାଏ ।

ଦୁର୍ଘଟଣା କିମ୍ବା ବଡ଼ ଧରଣର ମସ୍ତିଷ୍କ ଆଘାତ ପରେ ହ୍ରାସପ୍ରାପ୍ତ ସାମର୍ଥ୍ୟର ପୁନଃ ଆବିର୍ଭାବ ସମ୍ଭବ କି ? ବାସ୍ତବରେ ମନୁଷ୍ୟ ମସ୍ତିଷ୍କର ଏକ ଅପୂର୍ବ ସଚଳତା (Flexibility) ରହିଛି । ରେହବିନ୍ ନାମକ ଚଉଦବର୍ଷର ଗୋଟିଏ ବାଳକର ଭୀଷଣ ଧରଣର ମୂର୍ଚ୍ଛାରୋଗ ରହିଥିଲା । ସାତ ବର୍ଷ ବୟସରୁ ଆରମ୍ଭ କିଛି ପ୍ରତିଦିନ ପ୍ରାୟ ୪୦୦ ଥର ମୂର୍ଚ୍ଛା ଯାଉଥିଲା । ତା'ର ମସ୍ତିଷ୍କର ବାମ ଗୋଲାର୍ଦ୍ଧଟି ଶଲ୍ୟ ଚିକିତ୍ସା ଦ୍ୱାରା ବାହାର କରିଦେବା ବ୍ୟତୀତ ଅନ୍ୟ କୌଣସି ରାସ୍ତା ନ ଥିଲା । ଏହା କରାଗଲା ପରେ ବାଳକଟିର ଜୀବନ ଏକରକମ ଅକାମୀ ହୋଇଯିବ ବୋଲି ଲୋକମାନେ ଆଶଙ୍କା କରୁଥିଲେ । ମାତ୍ର ଦେଖାଗଲା ଯେ କିଛି ପରିମାଣରେ ତାଲିମ୍ ଦେବାପରେ ସେ ଧୀରେ ଧୀରେ ସମନ୍ୱୟ ଶିକ୍ଷା କରୁଛି । ମସ୍ତିଷ୍କର ଦକ୍ଷିଣ ଗୋଲାର୍ଦ୍ଧଟି କାମ ସମ୍ଭାଳିବାର ସାମର୍ଥ୍ୟ ହାସଲ କଲା । ସୁତରାଂ ମସ୍ତିଷ୍କର ସାମର୍ଥ୍ୟକୁ ଛୋଟ କରିଦେବା ଉଚିତ୍ ହେବ ନାହିଁ । ତେବେ ବୟସ ଦୃଷ୍ଟିରୁ ଆଘାତ ଯେତେ ବେଶୀ ବୟସରେ ଲାଗିବ, କ୍ଷତିପୂରଣ ସେତେ ଅଧିକ କଷ୍ଟକର ହୋଇପଡ଼ିବ ।

ପରିଶେଷରେ ମସ୍ତିଷ୍କ ବିକାଶ ଓ ଶିକ୍ଷା ବ୍ୟବସ୍ଥାର ସମ୍ବନ୍ଧ ବିଷୟରେ ପ୍ରଶ୍ନ ଉଠିପାରେ । କେତେକଙ୍କ ମତରେ ଆମ ଶିକ୍ଷାବ୍ୟବସ୍ଥାର ସବୁ କାର୍ଯ୍ୟକ୍ରମ ମସ୍ତିଷ୍କ–ବିକାଶ ଉପରେ ପର୍ଯ୍ୟବସିତ ରହିବା ଉଚିତ୍ । ଯେଉଁ ସମୟରେ ମସ୍ତିଷ୍କ ଯେଉଁ କାର୍ଯ୍ୟ ବା ଅନୁଭବ ପାଇଁ ବିକଶିତ ହେଉଛି, ଶିକ୍ଷା ଯୋଜନାରେ ସେହି ସମୟରେ ଅନୁକୂଳ ଉଦ୍ଦୀପକ ଦିଆଯିବା ଉଚିତ୍ । ଏପରି କରାଗଲେ କିଶୋର କିଶୋରୀମାନଙ୍କର ଗ୍ରହଣଶୀଳତା ବୃଦ୍ଧି ପାଇବ ଏବଂ ଶିକ୍ଷାର ଆଭିମୁଖ୍ୟ ସଫଳ ହେବ । ଉଦାହରଣ ସ୍ୱରୂପ, ଭାବନା ସହିତ ସମ୍ପୃକ୍ତ ଥିବା ମସ୍ତିଷ୍କର ଅଂଶ ବିଶେଷ ବିକାଶ ଲାଭ କରିବା ସମୟରେ ବିଭିନ୍ନ ଜ୍ଞାନ, ଧାରଣା ଓ ପ୍ରକଳ୍ପ ଦିଆଯିବ । ସେହିପରି ଭାବାବେଗ ସହିତ ସମ୍ପୃକ୍ତ ଥିବା ମସ୍ତିଷ୍କ ଅଂଶର ବିକାଶ ସମୟରେ ଭାବାବେଗ ଶିକ୍ଷା ଦିଆଯିବ । ଯୁକ୍ତିଯୁକ୍ତତା ଦୃଷ୍ଟିରୁ ଏପରି ପ୍ରସ୍ତାବ ଗ୍ରହଣୀୟ ହେଲେ ମଧ୍ୟ ଏପରି ସିଦ୍ଧାନ୍ତ ଏକ ଅତିସରଳୀକୃତ ପରାମର୍ଶ । ପୂରାପୂରି ଏପରି ପ୍ରସ୍ତାବ ଗ୍ରହଣ କରିବାରେ ବାଧା ରହିଛି । ସୁବିଧା ସୁଯୋଗର ଏକ ଜୀବତାତ୍ତ୍ୱିକ ଗବାକ୍ଷ ପରିକଳ୍ପନା ଯେତେ ପ୍ରଶସ୍ତ ମନେ ହେଉଛି, ବାସ୍ତବରେ ତାହା ସେତେ ସୁବିସ୍ତୃତ ନୁହେଁ । ବରଂ ପିଲାମାନେ ଅଳ୍ପ ବୟସରେ ବେଶ୍ କିଛି ସୂଚନା ଗ୍ରହଣ କରୁଥିଲେ ମଧ୍ୟ ପ୍ରାୟ ଦଶବର୍ଷ ବୟସ ପରେ ସ୍ନାୟୁସନ୍ଧି ଦୃଢ଼ ହେଲା ପରେ ଶିକ୍ଷଣ ପ୍ରକ୍ରିୟା ଶକ୍ତିଶାଳୀ ହେବାର ଅଧିକ ପ୍ରମାଣ ରହିଛି ।

Digitized by srujanika@gmail.com

ସାରମର୍ମ

୧. କିଶୋର ସମୟରେ ଅଧିକ ସଂଖ୍ୟକ ସ୍ନାୟୁସନ୍ଧି ଗଠନ (Synaptoggenesis) ହେବା ଫଳରେ ବେଶୀ ସଂଖ୍ୟକ ସ୍ନାୟୁସଂଯୋଗର ସମ୍ଭାବନା ବୃଦ୍ଧିପାଏ ।

୨. ଏ ସମୟରେ ମସ୍ତିଷ୍କର ସମୁଦାୟ ଆକାର ଅପରିବର୍ତ୍ତିତ ରହିଲେ ମଧ୍ୟ ମସ୍ତିଷ୍କର କେତେକ ଅଂଶରେ ସ୍ନାୟୁ ବୃଦ୍ଧିପାଇବା ସ୍ଥଳେ ଅନ୍ୟ କେତେକ ଅଂଶରେ ହ୍ରାସ ପାଇଥାଏ । ଟେମ୍ପୋରାଲ୍ ଓ ପେରିୟାଟାଲ୍ ଅଂଶରେ ଅଭିବୃଦ୍ଧି ସ୍ଫୁରଣ ଫଳରେ ଭାଷାଗତ ସାମର୍ଥ୍ୟର ପରିପ୍ରକାଶ ଲାଭ କରେ ।

୩. ଏମ୍.ଆର୍.ଆଇ (MRI) ବା ବିମ୍ବ (Imaging) ପଦ୍ଧତିର ଲକ୍ଷ୍ୟ କରାଯାଇଛି ଯେ କିଶୋର ସମୟରେ ଆବେଗର ଅନୁଭବ ଓ ପ୍ରକାଶ ସହିତ ସଂଶ୍ଲିଷ୍ଟ ଥିବା ମସ୍ତିଷ୍କର ଅଂଶ (ଆମିଗ୍‌ଡ଼ାଲା ଓ ଲିମ୍ବିକ୍ ମଣ୍ଡଳ) ବୃଦ୍ଧି ପାଉଥିବାରୁ ଆବେଗପ୍ରବଣ ପରିବେଶରେ କିଶୋର କିଶୋରୀମାନେ ଅଧିକ ଆବେଗଜଡ଼ିତ ହୋଇପଡ଼ନ୍ତି । ଅନ୍ୟ ପକ୍ଷରେ ଯୁବକ ଯୁବତୀମାନେ ସେମାନଙ୍କ ଅଗ୍ରମସ୍ତିଷ୍କର (ବିଚାରଣ ଓ ଯୁକ୍ତିଯୁକ୍ତ ଭାବନା ସହିତ ସଂଶ୍ଲିଷ୍ଟ) ସକ୍ରିୟତା ଫଳରେ ଆବେଗ ଓ ବିଚାର ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି ।

୪. ଏପରି ତୁଳନାତ୍ମକ ବିଶ୍ଳେଷଣ କିଶୋର କିଶୋରୀମାନଙ୍କ ବଦ୍‌ସାହାସ ଓ ତ୍ରୁଟିପୂର୍ଣ୍ଣ ବ୍ୟବହାରର କାରଣରେ ପ୍ରତିଫଳିତ କରିଥାଏ ।

୫. ଉନ୍ନତ ପରିବେଶ ଓ ମସ୍ତିଷ୍କ ଚାଳନା (Exercise) ସ୍ନାୟୁଗଠନ ଓ ମସ୍ତିଷ୍କ ବିକାଶର ସହାୟକ ।

୬. ଦୁର୍ଘଟଣା ଫଳରେ କ୍ଷତିଗ୍ରସ୍ତ ମସ୍ତିଷ୍କର ଅଂଶ ବିଶେଷରେ କ୍ଷତିପୂରଣ କରାଯାଇପାରେ । ମାତ୍ର କ୍ଷତିଟି ଯେତେ କମ୍ ବୟସରେ ହୋଇଥାଏ, କ୍ଷତିପୂରଣ ସମ୍ଭାବନା ସେତେ ଉଜ୍ଜ୍ୱଳ ରହିଥାଏ ।

❑

Digitized by srujanika@gmail.com

ଯୁବକ ଶରୀର, କିଶୋର ମସ୍ତିଷ୍କ

କିଶୋର କିଶୋରୀ କେଉଁ ବୟସରେ ଯୁବକ ଯୁବତୀମାନଙ୍କ ପରି ଚିନ୍ତନ ସାମର୍ଥ୍ୟ ହାସଲ କରନ୍ତି ? ଏହା କେବଳ ଏକ ବୌଦ୍ଧିକ ଚର୍ଚ୍ଚାର ବିଷୟ ନୁହେଁ । ଏଥିସହିତ ଜୀବନ ମରଣର ପ୍ରଶ୍ନ ମଧ୍ୟ ଜଡ଼ିତ । ସୌଭାଗ୍ୟବଶତଃ ଆମ ଦେଶରେ ଯୁବ ଅପରାଧୀମାନଙ୍କ ପାଇଁ ପ୍ରଣୟନ କରାଯାଇଥିବା ଆଇନ୍ ଅନୁଯାୟୀ ୧୮ ବର୍ଷରୁ କମ୍ ବୟସର ଅପରାଧୀମାନଙ୍କୁ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ କାରାବାସର ଶାସ୍ତିବିଧାନ କରାଯାଉ ନାହିଁ । ମାତ୍ର ଯୁକ୍ତରାଷ୍ଟ୍ର ଆମେରିକା ପରି ପ୍ରଗତିଶୀଳ ଦେଶରେ ଯୁବଅପରାଧୀମାନଙ୍କର ବିଚାର କରାଯାଇ ନରହତ୍ୟା ପରିପ୍ରେକ୍ଷୀରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା ୨୧ଟି ରାଜ୍ୟରେ ପ୍ରଚଳିତ ରହିଛି ।

ଏବେ ବିକାଶ ମନୋବିଜ୍ଞାନୀ, ସମାଜ ମନୋବିଜ୍ଞାନୀ ଓ ସ୍ନାୟୁବିଜ୍ଞାନୀମାନେ ସମ୍ମିଳିତ ଭାବରେ ଏପରି ବିଚାରଧାରାର ତୀବ୍ର ବିରୋଧ ପ୍ରକାଶ କରିଛନ୍ତି । ସେମାନଙ୍କ ମତରେ ଶରୀର ଗଠନ ଦୃଷ୍ଟିରୁ କିଶୋର କିଶୋରୀମାନେ ଯୁବକ ଯୁବତୀମାନଙ୍କ ସହିତ ସମପର୍ଯ୍ୟାୟଭୁକ୍ତ ହେଲେ ମଧ୍ୟ ସାମାଜିକ ଓ ସ୍ନାୟୁଗତ ବିକାଶ ଦୃଷ୍ଟିରୁ ସେମାନେ ପରିପକ୍ୱ ନୁହଁନ୍ତି । ବିଶେଷତଃ ୨୦୦୩ ମସିହାରେ ଷ୍ଟେନ୍‌ବର୍ଗ ଓ ସ୍କଟ୍ ନାମକ ଦୁଇଜଣ ପ୍ରଖ୍ୟାତ ମନୋବିଜ୍ଞାନୀ ଦୃଢ଼ ଯୁକ୍ତି ଉପସ୍ଥାପନ କରି ଦର୍ଶାଇଛନ୍ତି ଯେ ପରିପକ୍ୱତା ଦୃଷ୍ଟିକୋଣରୁ ଯୁବଅପରାଧୀମାନେ କମ୍ ଦୋଷୀ ।

ହର୍‌ମୋନ୍ ଓ ବାହ୍ୟ ଶରୀରର ବିକାଶକୁ ବିଚାର କଲେ କିଶୋର କିଶୋରୀମାନେ ଯୌବନ ଅବସ୍ଥାରେ ପଦାର୍ପଣ କରିଛନ୍ତି । ମାତ୍ର ଶୈଶବ କାଳରେ ମସ୍ତିଷ୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିବା ପରି କିଶୋର ଅବସ୍ଥାରେ ମଧ୍ୟ ମସ୍ତିଷ୍କରେ କେତେକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟିଥାଏ ।

ତହିଁରୁ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନଟି ହେଉଛି ଅଗ୍ରମସ୍ତିଷ୍କକୁ କେନ୍ଦ୍ରକରି । ଏହା ଏକ ସାଧାରଣ କଥା ଯେ ମସ୍ତିଷ୍କର ବିଭିନ୍ନ ଅଂଶ ଆମର ପୃଥକ ପୃଥକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥାଏ । ଅଗ୍ରମସ୍ତିଷ୍କ (Prefrontalcortex) ଆମର ନିଷ୍ପତ୍ତି ଗ୍ରହଣ ଓ ଆବେଗ ନିୟନ୍ତ୍ରଣ କାର୍ଯ୍ୟର ଦାୟିତ୍ୱ ନିର୍ବାହ କରେ । ସେହିପରି ଆମର ବୃନ୍ତମସ୍ତିଷ୍କ ବା brain stem (ଯେଉଁଠାରେ ମେରୁମଜ୍ଜା ବା spinalcord ଶେଷ ହୋଇଛି ଏବଂ ମୁଖ୍ୟ ମସ୍ତିଷ୍କ ବା cortex ଆରମ୍ଭ ହୋଇଛି)ରେ ଥିବା ଲିମ୍ବିକ୍ ମଣ୍ଡଳ (limbic system) ଆମର ଭାବାବେଗ ସହିତ ସଂପୃକ୍ତ । ଅଗ୍ରମସ୍ତିଷ୍କ ଓ ଲିମ୍ବିକ ମଣ୍ଡଳ ପରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଂଶରେ କିଶୋରକାଳୀନ ପରିବର୍ତ୍ତନ ସଂଘଟିତ ହୁଏ । ୨୦୦୩ ମସିହା ନଭେମ୍ବର ୨୫ ତାରିଖର ନିଉୟର୍କ ଟାଇମସ୍ ସମ୍ବାଦପତ୍ର ପୃଷ୍ଠାରେ ପ୍ରକାଶିତ ଏକ ସାକ୍ଷାତ୍‌କାରରେ ବିଶେଷଜ୍ଞ ଷ୍ଟେନ୍‌ବର୍ଗ ଏହି ପରିବର୍ତ୍ତନ ପ୍ରକ୍ରିୟାକୁ ଏକ ଚମତ୍କାର ରୂପକ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଗୋଟିଏ

Digitized by srujanika@gmail.com

ପକ୍କା ରାସ୍ତା ଖରାପ ହୋଇଗଲା ପରେ ଏହାକୁ ଭାଙ୍ଗିଦେଇ ତା ସ୍ଥାନରେ ସୁନ୍ଦର ରାଜମାର୍ଗ ନିର୍ମାଣ କରିବାର ପ୍ରକ୍ରିୟା ଏହି ପରିବର୍ତ୍ତନ ସହ ତୁଳନୀୟ । କହିବା ନିଷ୍ପ୍ରୟୋଜନ ଯେ ସର୍ବତ୍ର ଏହି ପରିବର୍ତ୍ତନ ପ୍ରକ୍ରିୟା ଫଳରେ ନିଷ୍ପତ୍ତି ଗ୍ରହଣ ଏବଂ ଆବେଗ ନିୟନ୍ତ୍ରଣ କ୍ଷେତ୍ରରେ କିଛିଟା ବିପର୍ଯ୍ୟୟ ସୃଷ୍ଟି ହୁଏ । କିଶୋର କିଶୋରୀମାନେ ଏପରି ବିପର୍ଯ୍ୟୟର ଶରବ୍ୟ ହୋଇ ଅପରାଧଜଡ଼ିତ ହେବାର ଆଶଙ୍କା ବୃଦ୍ଧିପାଏ ।

କିଶୋର ଅବସ୍ଥାରେ ଆଉ ଗୋଟିଏ ବିଶେଷ ସ୍ନାୟୁଗତ ପରିବର୍ତ୍ତନ ହେଉଛି ସଂକ୍ଷିପ୍ତକରଣ (Pruning) । ଜଣେ ଲେଖକ ବା ଲେଖିକା ତାଙ୍କ ବହିର ପ୍ରୁଫ୍ ସଂଶୋଧନ କରିବା ସମୟରେ ଅନାବଶ୍ୟକ ଅଧିକା ଶବ୍ଦଗୁଡ଼ିକୁ କାଟିଦିଅନ୍ତି । ଠିକ୍ ସେହିପରି ଏହି ଅବସ୍ଥାରେ ମସ୍ତିଷ୍କର ଅଧିକ ଓ ଅନାବଶ୍ୟକ ସ୍ନାୟୁସନ୍ଧିଗୁଡ଼ିକୁ (Synapses) ବାଦ୍ ଦିଆଯାଏ । ଏହା ଭବିଷ୍ୟତ ପାଇଁ ଏକ ଉପଯୋଗୀ ଓ ବାଞ୍ଛନୀୟ ଅବସ୍ଥା ହେଲେ ମଧ୍ୟ ଏପରି ପରିବର୍ତ୍ତନ ଘଟୁଥିବା ଅବସ୍ଥାରେ କିଛିଟା ଅସ୍ଥିରତା ପ୍ରକାଶ ପାଇବା ସ୍ୱାଭାବିକ ।

ସମ୍ଭବତଃ ଦୁଇଟି ମୁଖ୍ୟ କାରଣରୁ କୋଡ଼ିଏ ପଚିଶ ବର୍ଷ ବୟସ ନ ହେବା ପର୍ଯ୍ୟନ୍ତ ଯୌବନର ପୂର୍ଣ୍ଣ ପରିପକ୍ୱତା ଆସିନଥାଏ । ନିଷ୍ପତ୍ତି ସଞ୍ଚାଳକ ଅଗ୍ରମସ୍ତିଷ୍କ ଓ ଆବେଗ ନିୟନ୍ତ୍ରକ ଲିମ୍ବିକ୍ ମଣ୍ଡଳ ମଧ୍ୟରେ ପୂର୍ଣ୍ଣ ସଂଯୋଗର ଅଭାବ ଏକ ଅସୁବିଧାଜନକ ପରିସ୍ଥିତି ସୃଷ୍ଟିକରେ । ଏହା ଫଳରେ କିଶୋର କିଶୋରୀମାନେ ମାତ୍ରାଧିକ ଭାବାବେଗର ଶରବ୍ୟ ହୁଅନ୍ତି, ଯୁକ୍ତିଯୁକ୍ତ ନିଷ୍ପତ୍ତି ଗ୍ରହଣ କରିପାରନ୍ତି ନାହିଁ ଏବଂ ଅନ୍ୟ ସାଙ୍ଗସାଥୀଙ୍କର ଚାପର ବଶବର୍ତ୍ତୀ ହୁଅନ୍ତି । ସେମାନେ ''ମୁହୂର୍ତ୍ତର'' ଚାପରେ ପଡ଼ି ଅନୁଚିତ କାର୍ଯ୍ୟସବୁ କରୁଛନ୍ତି, ଏପରି ଜାଣିଲେ ମଧ୍ୟ ନିଷ୍ପତ୍ତି ପରିବର୍ତ୍ତନର କ୍ଷମତା ସେମାନଙ୍କର ନ ଥାଏ । ଫଳରେ ଅସାମାଜିକ କାର୍ଯ୍ୟକଳାପର ଲିପ୍ତ ହେବା ଏବଂ ଆଇନ୍ ବହିର୍ଭୂତ କାର୍ଯ୍ୟସବୁ କରିବସିବାର ଅବସ୍ଥା ସୃଷ୍ଟି ହୋଇଥାଏ ।

କେତେକ ସର୍ବେକ୍ଷଣରୁ ଲକ୍ଷ୍ୟ କରାଯାଇଛି ଯେ ଉଦ୍ଧତ ଓ ବେପରୁଆ ଭାବରେ ଭୟଙ୍କର କାର୍ଯ୍ୟସବୁ କରୁଥିବା କିଶୋର କିଶୋରୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ (ପ୍ରାୟ କୋଡ଼ିଏ ପଚିଶ ବର୍ଷ ବୟସ ବେଳକୁ) ସ୍ୱାଭାବିକ ଆଚରଣ ପ୍ରଦର୍ଶନ କରୁଛନ୍ତି । କୌଣସି ଯୋଜନାବଦ୍ଧ ପ୍ରଶିକ୍ଷଣର ଅନୁପସ୍ଥିତିରେ ମଧ୍ୟ ଏହା ସମ୍ଭବ ହେଉଛି । ସମ୍ଭବତଃ ସ୍ନାୟୁଗତ ପରିବର୍ତ୍ତନର ମୋଡ଼ ସମୟଟି ପାର୍ ହୋଇଯିବା ପରେ ଏପରି ବାଞ୍ଛିତ ଆଚରଣର ପରିପ୍ରକାଶ ସମ୍ଭବ ହେଉଛି ।

ସମାଜବିରୋଧୀ ଦୁଷ୍କାର୍ଯ୍ୟ ପାଇଁ କିଶୋର କିଶୋରୀମାନେ ପ୍ରକୃତରେ କେତେ ଦାୟୀ, ଏହାର ବିଚାର କରିବା ସମୟରେ ସାମଗ୍ରିକ ଭାବରେ ବୈଜ୍ଞାନିକ ତଥ୍ୟଟିକୁ ମଧ୍ୟ ଦୃଷ୍ଟିଦେବାକୁ ହେବ । ଏହାକୁ ପୁରୋଭାଗରେ ରଖି ନିକଟ ଅତୀତରେ ଯୁବଅପରାଧୀମାନଙ୍କୁ ମୃତ୍ୟୁଦଣ୍ଡ ଦେବାର ଶାସ୍ତିବିଧାନ ଆମେରିକା ବାର୍ ସଙ୍ଗଠନ ତୀବ୍ର ବିରୋଧ କରିଛି । ଆମ ଦେଶରେ ଏପରି ବିଧାନ ନ ଥିଲେ ମଧ୍ୟ ସାମାଜିକ ସ୍ତରରେ କିଶୋର କିଶୋରୀମାନଙ୍କର ବିଚ୍ୟୁତି ପ୍ରତି ସମ୍ବେଦନଶୀଳ ମନୋଭାବ ଗ୍ରହଣ କରିବା ପରିପ୍ରେକ୍ଷୀରେ ତଥ୍ୟ-ସମର୍ଥିତ ସୂଚନାଟି ବେଶ୍ ସହାୟକ ହେବ ।

Digitized by srujanika@gmail.com

ବଂଶାନୁଗତି ଓ ପରିବେଶ

କିଶୋରକାଳୀନ ବିକାଶକୁ ଠିକ୍ ରୂପେ ବୁଝିବା ପାଇଁ ହର୍‌ମୋନ୍ ଓ ମସ୍ତିଷ୍କର ଭୂମିକା ଆଲୋଚନା କରାଯାଇଛି । ମାତ୍ର ଜଣେ ଅନୁସନ୍ଧିତ୍ସୁ ବ୍ୟକ୍ତି ଆହୁରି ଦୂରକୁ ଏବଂ ଅଧିକ ଅନ୍ତରାଳକୁ ଯାଇ ପ୍ରଶ୍ନ ପଚାରିପାରେ – "ହରମୋନ୍ ଓ ମସ୍ତିଷ୍କର କ୍ରିୟାକଳାପକୁ ସକ୍ରିୟକରେ କ'ଣ ? ଏହାର ଉତ୍ତରଖୋଜିବାକୁ ଗଲେ ଆମେ ବଂଶାନୁଗତି (Heredity) ଏବଂ ପରିବେଶର (Environment) ସୀମା ମଧ୍ୟରେ ପ୍ରବେଶ କରିବା । ବଂଶାନୁଗତି ଓ ପରିବେଶର ପାରସ୍ପରିକ କ୍ରିୟା ପ୍ରକ୍ରିୟା ଅନୁଶୀଳନ କରିବା ପୂର୍ବରୁ ଅନ୍ୟଗୋଟିଏ ଦିଗ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ତାହା ହେଉଛି ବିବର୍ତ୍ତନୀୟ ଦୃଷ୍ଟିକୋଣ (Evolutionary Perspective) ।

ବିବର୍ତ୍ତନୀୟ ଦୃଷ୍ଟିକୋଣ

ବିଗତ ଦୁଇ ତିନି ଦଶକ ମଧ୍ୟରେ କେତେକ ବିଶେଷଜ୍ଞ ମନୁଷ୍ୟର ସାମର୍ଥ୍ୟ ଓ ବ୍ୟବହାରର କାରଣ ଦର୍ଶାଇବା କ୍ଷେତ୍ରରେ ବିବର୍ତ୍ତନୀୟ ଦୃଷ୍ଟିକୋଣର ପ୍ରୟୋଗ କରୁଛନ୍ତି । ବିବର୍ତ୍ତନ ଦୃଷ୍ଟିକୋଣରୁ ସମନ୍ୱୟ (Adaptation), ପ୍ରଜନନ (Reproduction) ଓ ବଞ୍ଚିରହିବାର ତତ୍ପରତା (Survival) ଗୁରୁତ୍ୱପୂର୍ଣ୍ଣ ଦିଗ । ଯେଉଁ ସମସ୍ତ ବ୍ୟବସ୍ଥା ଓ ବ୍ୟବହାର ଏ ତିନୋଟିର ଅନୁକୂଳ ହୁଏ, ସେଗୁଡ଼ିକ ତିଷ୍ଠି ରହେ ଏବଂ କାଳକ୍ରମେ ଦୃଢ଼ ମଧ୍ୟ ହୁଏ । ଡାରଉଇନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱର ଏକ ରୂପାନ୍ତରୀତ ଧାରଣା ନେଇ ଏମାନେ ବିଶ୍ୱାସ କରନ୍ତି ଯେ ବ୍ୟବହାର ସମନ୍ୱୟଶୀଳ ହେବା ଦିଗରେ ଯଥେଷ୍ଟ ପ୍ରବଣତା ରହିଥାଏ ।

ଏହି ବିଶ୍ୱାସର ଧାରା ଅନୁଯାୟୀ ବିଭିନ୍ନ ପ୍ରାଣୀମାନଙ୍କର କୈଶୋର ଆସିବା ପାଇଁ ଆବଶ୍ୟକ ସମୟର ତାରତମ୍ୟ ରହିଛି । ଉଦ୍‌ବର୍ତ୍ତନର ଧାରାରେ ମନୁଷ୍ୟ ବେଶ୍ ପଛରେ ଆସିଛି । ବିବର୍ତ୍ତନର ଧାରାକୁ ଏକ ବାର୍ଷିକ କ୍ୟାଲେଣ୍ଡର୍‌ର ରୂପ ଦେଲେ ମନୁଷ୍ୟ ଡିସେମ୍ବର୍‌ର ଶେଷ ପର୍ଯ୍ୟାୟରେ ଆସିଛି ବୋଲି କହିବାକୁ ହେବ । ପୁଣି ଜୀବନ ଓ ପାରିପାର୍ଶ୍ୱିକ ଅବସ୍ଥା ଯେତିକି ଜଟିଳ, ତାହା ସହିତ ସମନ୍ୱୟ ରକ୍ଷାକରିବା ପାଇଁ ମସ୍ତିଷ୍କର ଆକାର ଓ ବିକାଶ ମଧ ସମାନୁପାତୀ ହେବା ପ୍ରୟୋଜନ । ଏପରି ବିଚାର ଅନୁସାରେ ମନୁଷ୍ୟର ମସ୍ତିଷ୍କର ଆକାର ବେଶି ହେବାର ଆବଶ୍ୟକତା ରହିଛି । ମନୁଷ୍ୟର ଜୀବନ ଓ ଗୋଷ୍ଠୀର ସ୍ୱରୂପ ଖୁବ୍ ଜଟିଳ । ସମ୍ପର୍କ ରକ୍ଷା ଓ ପରିଚାଳନା ମଧ୍ୟ ଅପେକ୍ଷାକୃତ କଷ୍ଟକର । ଏ ଦୃଷ୍ଟିରୁ ମନୁଷ୍ୟର ମସ୍ତିଷ୍କର ଆକାର କେବଳ ଅଧିକ ନୁହେଁ, କୈଶୋରପ୍ରାପ୍ତି ପାଇଁ ପ୍ରୟୋଜନ ସମୟସୀମା ମଧ୍ୟ ଅଧିକ । ବାକ୍ସରେ ଏକ ତୁଳନାତ୍ମକ ଚିତ୍ର ଦିଆଯାଇଛି ।

Digitized by srujanika@gmail.com

ପ୍ରାଣୀ	କୈଶୋରପ୍ରାପ୍ତି ପାଇଁ ଆବଶ୍ୟକ ସମୟ	ମସ୍ତିଷ୍କର ଆକାର
ଲେମୁର ମର୍କଟ	୨ବର୍ଷ	୨୫ ମିଲି
ପାତି ମର୍କଟ	୬ବର୍ଷ	୨୦୦ମିଲି
ଶିମ୍ପାଞ୍ଜୀ	୭ବର୍ଷ	୩୫୦ମିଲି
ଗରିଲା (ବଣମଣିଷ)	୮ବର୍ଷ	୫୦୦ମିଲି
ମଣିଷ	୧୪ବର୍ଷ	୧୨୫୦ମିଲି

ଜଟିଳତାର ସମ୍ମୁଖୀନ ହେବାପାଇଁ ଅଧିକ ବିକଶିତ (ଅଧିକ ଆକାର ମଧ୍ୟ) ମସ୍ତିଷ୍କ ପ୍ରୟୋଜନ । ଏଥିପାଇଁ ବେଶୀ ସମୟ ମଧ୍ୟ ଆବଶ୍ୟକ । ସୁତରାଂ ମନୁଷ୍ୟ ଦୀର୍ଘ ୧୪ ବର୍ଷ ପରେ ହିଁ ବିକଶିତ ମସ୍ତିଷ୍କର ଅଧିକାରୀ ହୋଇଥାଏ ଏବଂ ଜଟିଳତାପୂର୍ଣ୍ଣ ଗୋଷ୍ଠୀଜୀବନ ସହିତ ସମନ୍ୱୟ ରକ୍ଷାକରିବାର ସାମର୍ଥ୍ୟ ହାସଲ କରିଥାଏ । ବିବର୍ତ୍ତନୀୟ ଭାବଧାରାରେ ବିଶ୍ୱାସ କରୁଥିବା ବିଶେଷଜ୍ଞମାନଙ୍କର ଏପରି ମତକୁ ବିରୋଧ କରିବାର ବିଶେଷ ଯୁକ୍ତିନାହିଁ ।

ବ୍ୟବହାରର ମୂଳ ମଞ୍ଜିଟି ଚିହ୍ନଟ କରିବାକୁ ହେଲେ ଉଦ୍‌ବର୍ତ୍ତନୀୟ କାରଣ ଯଥେଷ୍ଟ ନୁହେଁ । ଏ କ୍ଷେତ୍ରରେ ଆନୁବଂଶିକ ବିଶ୍ଳେଷଣ ଅପରିହାର୍ଯ୍ୟ । ଆନୁବଂଶିକ ପ୍ରକ୍ରିୟାର (Genetic Process) ମୁଖ୍ୟ ବୈଶିଷ୍ଟ୍ୟ ସୂଚାଇବା ପରେ ଏପରି ବିଶ୍ଳେଷଣ ସମ୍ଭବ ହେବ ।

ଆନୁବଂଶିକ ପ୍ରକ୍ରିୟା

ଆମ ସମସ୍ତଙ୍କ ମଧ୍ୟରେ ଆନୁବଂଶିକ ସଂକେତ (Genetic Code) ରହିଛି । ଆମ ସମସ୍ତଙ୍କର ଜୀବନ ଏକ କ୍ଷୁଦ୍ରାତିକ୍ଷୁଦ୍ର ଜୀବନ କୋଷରୁ ଆରମ୍ଭ ହୁଏ । ଏହି ଜୀବକୋଷ ମଧ୍ୟରୁ କୋଟି କୋଟି କୋଷ ଗଠିତ ହେବାର ସଂକେତ ଲୁକ୍‌କାୟିତ ରହିଥାଏ । ପ୍ରତି କୋଷର କେନ୍ଦ୍ରଭାଗରେ ସୂତାପରି କ୍ରୋମୋଜୋମ୍ ରହିଥାଏ । ପୁଣି ପ୍ରତି କ୍ରୋମୋଜୋମ୍‌ର ଡି.ଏନ୍. ଏ. ରହିଥାଏ ।

ଡି.ଏନ୍.ଏ. ହେଉଛି ଆନୁବଂଶିକ ସଂକେତ ବହନ କରିଥିବା ଜଟିଳ ଅଣୁ । ଏହାର ଆକାର ସର୍ପିଳ ପାହାଚ ପରି ହୋଇଥାଏ । ଡି.ଏନ୍.ଏ.ର ଛୋଟ ଛୋଟ ଅଂଶ ବିଶେଷକୁ ଜିନ୍ କୁହାଯାଏ । ଜିନ୍‌ସବୁ ବିଭିନ୍ନ ଗୁଣର ବାହକ । ପ୍ରତିଟି ଜିନ୍‌ର ନିଜସ୍ୱ କାର୍ଯ୍ୟ ବା ସକ୍ରିୟତା ରହିଥାଏ । ପ୍ରତିଟି ଜିନ୍‌ର ନିର୍ଦ୍ଦିଷ୍ଟ ସ୍ଥାନ ବା ଅବସ୍ଥିତି ରହିଥାଏ ।

ଆଧୁନିକ ଯୁଗରେ ଜିନ୍‌ଗୁଡ଼ିକର ନିର୍ଦ୍ଦିଷ୍ଟ ଅବସ୍ଥିତିର ଚିହ୍ନଟ କରାଯାଇ ନିର୍ଦ୍ଦିଷ୍ଟ କାର୍ଯ୍ୟ ବା ସ୍ୱରୂପ ନିର୍ଦ୍ଧାରଣ କରିବାର ବୈଜ୍ଞାନିକ ଉଦ୍ୟମ କରାଯାଇଛି । ଏଥିପାଇଁ ବିଶ୍ୱର ବିଭିନ୍ନ ଗବେଷଣା କେନ୍ଦ୍ରମାନଙ୍କରେ ଏ ଧରଣର ପ୍ରକଳ୍ପ "ଜେନୋମ୍ ଗବେଷଣା"(Genome Project) ଆରମ୍ଭ କରାଯାଇଛି । ଅତୀତରେ ୧,୦୦,୦୦୦ ଜିନ୍‌ର ପରିକଳ୍ପନା କରାଯାଇ ମନୁଷ୍ୟର ଗୁଣାବଳୀ ସମ୍ପର୍କରେ ବିଚାର କରାଯାଉଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ଶକ୍ତିବିଭାଗ ୨୦୦୧ ମସିହାରେ ଏହାର ସଂଖ୍ୟା ୩୦,୦୦୦ ଆକଳନ କରିବା ସ୍ଥଳେ ୨୦୦୪ ମସହାରେ ବିଶ୍ୱ ମାନବ ଜୋନାମ୍ ସଂସ୍ଥା (International Human Geneme Sequencing

Digitized by srujanika@gmail.com

Consotorium) ଏହାର ସଂଖ୍ୟା ୨୫,୦୦୦ ସୂଚନା ଦେଇଛନ୍ତି । ପୁନଶ୍ଚ ପୂର୍ବରୁ ଗୋଟିଏ ଜିନ୍ ପାଇଁ ଗୋଟିଏ ପ୍ରୋଟିନ୍ ଅଣୁ ସମ୍ପୃକ୍ତ ଥିବାର ବିଶ୍ୱାସ କରାଯାଉଥିବା ସ୍ଥଳେ ବର୍ତ୍ତମାନ ଜିନ୍ ତୁଳନାରେ ଅଧିକ ସଂଖ୍ୟକ ପ୍ରୋଟିନ୍ ଅଣୁ ରହିଥିବାର ବିଶ୍ୱାସ କରାଯାଉଛି ।

ଜିନ୍ ଓ ଡି.ଏନ୍.ଏ. ମନୁଷ୍ୟ ଗୁଣର ସଂକେତ-ବାହକ ହୋଇଥିଲେ ମଧ୍ୟ ସେ ସବୁ ସ୍ୱାଧୀନଭାବରେ କାର୍ଯ୍ୟ କରି ନ ଥାଏ । ଜିନ୍‌ସବୁ ସହଯୋଗୀଧର୍ମୀ । ଗୋଟିଏ ଜିନ୍ ସକ୍ରିୟ ରହିବ କି ନିଷ୍କ୍ରିୟ ରହିବ, ତାହା ପରିବେଶ ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ, ହର୍‌ମୋନ୍‌ସବୁ ରକ୍ତସ୍ରୋତରେ ପ୍ରବାହିତ ହୋଇଥାଏ । ହର୍‌ମୋନ୍‌ର ଗତି ମାଧ୍ୟମରେ ଗୋଟିଏ ହର୍‌ମୋନ୍ ହୁଏତ ନିଷ୍କ୍ରିୟ ଥିବା ଜିନ୍‌ଟିକୁ ସକ୍ରିୟ କରିପାରେ କିମ୍ବା ସକ୍ରିୟ ଥିବା ଜିନଟିକୁ ନିଷ୍କ୍ରିୟ କରିପାରେ । ପୁଣି ପରିବେଶର ବିଭିନ୍ନ ଦିଗ (ଯଥା – ଆଲୋକର ମାତ୍ରା, ସମୟ, ପୁଷ୍ଟିକର ଖାଦ୍ୟ, ବ୍ୟବହାର ଇତ୍ୟାଦି) ଜିନ୍‌ର ସକ୍ରିୟତା ନିଷ୍କ୍ରିୟତାର କାରଣ ହୋଇପାରେ । ସ୍ଥୂଳତଃ ଏକ ନିର୍ଦ୍ଦିଷ୍ଟ ଜିନ୍ ଏକ ନିର୍ଦ୍ଦିଷ୍ଟ ଗୁଣର ସଂକେତ ବହନ କରୁଥିଲେ ମଧ୍ୟ ପରିପ୍ରକାଶ ଲାଭ କରିଥିବା ଗୋଟିଏ ମାନବୀୟ ଗୁଣ ବା ବୈଶିଷ୍ଟ୍ୟର କାରଣ କେବଳ ଜିନ୍ ବୋଲି କୁହାଯିବ ନାହିଁ । ବ୍ୟକ୍ତି ଓ ଜୀବକୋଷର ବାହାରେ ଥିବା ବାହ୍ୟିକ ପରିବେଶ ଏବଂ ଜୀବକୋଷ ମଧ୍ୟରେ ଆଭ୍ୟନ୍ତରୀଣ ଉପାଦାନ ଗୋଟିଏ ଜିନ୍‌ର ପରିପ୍ରକାଶକୁ ତ୍ୱରାନ୍ୱିତ ବା ବାଧାପ୍ରାପ୍ତ କରିପାରେ ।

ଉପର ଆଲୋଚନାରୁ ଏହା ସ୍ପଷ୍ଟ ଯେ କିଶୋର କିଶୋରୀଙ୍କ ସମେତ ମନୁଷ୍ୟର ଜିନ୍ ସମ୍ପର୍କରେ ଧାରଣା ଥିଲେ ମଧ୍ୟ ଏହାର ନିଶ୍ଚିତ ଅଭିବ୍ୟକ୍ତି ସମ୍ପର୍କରେ ପୂର୍ବାନୁମାନ କରିବା ସମ୍ଭବପର ନୁହେଁ । ଏ ଦୃଷ୍ଟିରୁ ସମ୍ଭାବିତ ବଂଶାନୁଗତି ଗୁଣ (Genotype) ଏବଂ ପ୍ରକାଶିତ ଗୁଣ (Phenotype) ମଧ୍ୟରେ ପାର୍ଥକ୍ୟ ରହିଛି ।

ଆନୁବଂଶିକ ଅଧ୍ୟୟନ

ଆନୁବଂଶିକ ପ୍ରକ୍ରିୟାର ମୂଳନୀତିକୁ ଭିତ୍ତି କରି ଉପାଦେୟ ବିଶ୍ଳେଷଣ କରାଯାଇଛି । ବିଶେଷତଃ ଆନୁବଂଶିକ ଅଧ୍ୟୟନ (Behaviour Genetics) କ୍ଷେତ୍ରରେ ବଂଶାନୁଗତି (Heredity) ଓ ପରିବେଶର ତୁଳନାତ୍ମକ ପ୍ରଭାବ ବିଶ୍ଳେଷଣ କରାଯାଇଛି । କିଶୋର କିଶୋରୀମାନେ ଯେଉଁସବୁ ଗୁଣ ପ୍ରଦର୍ଶନ କରନ୍ତି, ତାହା କେତେ ମାତ୍ରାରେ ବଂଶାନୁଗତି ଓ କେତେ ମାତ୍ରାରେ ପରିବେଶ ଦ୍ୱାରା ନିର୍ଦ୍ଧାରିତ, ତାହା ଏକ ମୁଖ୍ୟ ପ୍ରଶ୍ନ ହୋଇପାରେ ।

ମୋଟାମୋଟି ଭାବରେ ବଂଶାନୁଗତି ଓ ପରିବେଶର ମିଶାମିଶି ପ୍ରଭାବ ରହିଛି ବୋଲି କୁହାଯାଇପାରେ । ତଥାପି କେତେକ ବିଶେଷଜ୍ଞ ବଂଶାନୁଗତିର ଅଧିକ ପ୍ରଭାବ ଯୁକ୍ତି କରିବା ସ୍ଥଳେ ଅନ୍ୟମାନେ ପରିବେଶର ମୁଖ୍ୟ ପ୍ରଭାବ ରହିଛି ବୋଲି ମତବ୍ୟକ୍ତ କରନ୍ତି । ବଂଶାନୁଗତିର ଅଧିକ ପ୍ରଭାବ ଯୁକ୍ତି କରୁଥିବା ବିଶେଷଜ୍ଞମାନେ ମୁଖ୍ୟତଃ ଯମଜମାନଙ୍କ (Twins Study) ଉପରେ କରାଯାଇଥିବା ଅଧ୍ୟୟନକୁ ଭିତ୍ତି କରି ଏପରି ଯୁକ୍ତି ଉପସ୍ଥାପନ କରନ୍ତି । ଯମଜ ଦୁଇପ୍ରକାର ହୋଇଥାଆନ୍ତି : ସମରୂପୀ ଯମଜ (Identical twins) ଏବଂ ଭ୍ରାତୃରୂପୀ ଯମଜ

Digitized by srujanika@gmail.com

(Fraternal Twins) । ସମରୂପୀ ଯମଜମାନେ ଗୋଟିଏ କୋଷରୁ ଜନ୍ମ ନେବା ସ୍ଥଳେ ଭ୍ରାତୃରୂପୀ ଯମଜମାନେ ଦୁଇଟି କୋଷରୁ ଅଭିବୃଦ୍ଧି ଲାଭ କରନ୍ତି । ଫଳତଃ ସମରୂପୀ ଯମଜମାନଙ୍କର ବଂଶାନୁଗତି ସମପର୍ଯ୍ୟାୟଭୁକ୍ତ ଓ ଅଧିକ ନିକଟତର । ଭ୍ରାତୃରୂପୀ ଯମଜମାନଙ୍କ ତୁଳନାରେ ସମରୂପୀ ଯମଜମାନଙ୍କ କ୍ଷେତ୍ରରେ ବ୍ୟକ୍ତିତ୍ୱ ଓ ବ୍ୟବହାରରେ ଅଧିକ ସାଦୃଶ୍ୟ ପରିଲକ୍ଷିତ ହୁଏ । ସୁତରାଂ ବଂଶାନୁଗତିର ଅଧିକ ପ୍ରଭାବ ରହିଥିବାର ସିଦ୍ଧାନ୍ତ ଗ୍ରହଣ କରାଯାଏ । ପୁଣି ଅନ୍ୟମାନଙ୍କ ତୁଳନାରେ ଯମଜମାନଙ୍କଠାରେ ବେଶୀ ସାଦୃଶ୍ୟ ପରିଦୃଷ୍ଟ ହୁଏ ।

ଏହା ବ୍ୟତୀତ ସମାନ ପ୍ରକାର ବଂଶାନୁଗତି ଥିବା କିଶୋର କିଶୋରୀମାନେ ଭିନ୍ନ ପରିବେଶରେ ପାଳିତ ହେଲେ ମଧ୍ୟ ସେମାନଙ୍କ ମଧ୍ୟରେ କେତେକ ସାଦୃଶ୍ୟ ଦେଖାଯାଏ । ପୋଷାକପତ୍ର, ଖାଦ୍ୟରୁଚି ଓ କଥାବାର୍ତ୍ତାର ଶୈଳୀରେ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଏପରିସବୁ ସାମଞ୍ଜସ୍ୟ ପର୍ଯ୍ୟବେକ୍ଷଣ କରି ବଂଶାନୁଗତିର ଉଚ୍ଚ ପ୍ରଭାବ ସ୍ୱୀକାର କରାଯାଏ ।

ଏ ପରିପ୍ରେକ୍ଷୀରେ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ହେଉଛି – ଜିନ୍‌ବାହିତ ଗୁଣ ଏବଂ ପ୍ରକାଶିତ ଗୁଣ ମଧ୍ୟରେ ଦୃଢ଼ ସମ୍ବନ୍ଧଟି ରୂପନିଏ କିପରି ? ଏପରି ସମ୍ବନ୍ଧ ତିନୋଟି ଉପାୟରେ ରୂପ ନେଉଥିବାର ଲକ୍ଷ୍ୟ କରାଯାଇଛି । ପ୍ରଥମ ଉପାୟଟିରେ ପିତାମାତା ସକ୍ରିୟତା ଦର୍ଶାନ୍ତି । ଧରାଯାଉ ପିତାମାତା (କିମ୍ବା ଏମାନଙ୍କ ମଧ୍ୟରୁ ଜଣେ) ସଂଗୀତଜ୍ଞ । ଏ କ୍ଷେତ୍ରରେ ସେମାନେ ନିଜର ସନ୍ତାନସନ୍ତତିଙ୍କ ସଂଗୀତରୁଚିର ବିକାଶ ପାଇଁ ଅନୁରୂପ ବ୍ୟବସ୍ଥା କରିବେ । ସେମାନେ ହୁଏତ ସଂଗୀତ ଅନୁଷ୍ଠାନକୁ ନେଇଯିବେ ଏବଂ ବାଦ୍ୟଯନ୍ତ୍ର କିଣିବାର ବ୍ୟବସ୍ଥା କରିବେ । ମୋଟ ଉପରେ ପିତାମାତାଙ୍କ ରୁଚି-ଅନୁକୂଳ ବ୍ୟବସ୍ଥା ଆୟୋଜନ ଫଳରେ ବଂଶ ବାହିତ ଗୁଣ ଓ ସନ୍ତାନସନ୍ତତିଙ୍କଠାରେ ପ୍ରଚ୍ଛନ୍ନଗୁଣ ମଧ୍ୟରେ ସମ୍ପର୍କ ସ୍ଥାପିତ ହୋଇ ଅଭିବ୍ୟକ୍ତିର ସମ୍ଭାବନା ବୃଦ୍ଧିପାଏ ।

ଦ୍ୱିତୀୟ ଉପାୟରେ କିଶୋର କିଶୋରୀମାନଙ୍କଠାରେ ପ୍ରଚ୍ଛନ୍ନଭାବରେ ରହିଥିବା ଗୁଣ ଅନୁରୂପ ପରିବେଶ ନିର୍ମାଣର ସହାୟକ ହୁଏ । ଉଦାହରଣ ସ୍ୱରୂପ, ସାମାଜିକତାପ୍ରିୟ ମିଷ୍ଟହସ ମୁଖମଣ୍ଡଳ ଦେଖି ଅନ୍ୟମାନେ ମଧ୍ୟ ଅନୁରୂପ ଆନନ୍ଦ ପ୍ରକାଶ କରନ୍ତି । ସେହିପରି ଉଦାସୀନ ଭାବ ଦେଖି ଅନ୍ୟମାନେ ଉଦାସୀନତା ଦର୍ଶାନ୍ତି । ଫଳରେ ଏକ ନିର୍ଦ୍ଦିଷ୍ଟ ଗୁଣର ଅଧିକାରୀ ହୋଇଥିବା ବ୍ୟକ୍ତି ଅନ୍ୟମାନଙ୍କଠାରେ ଅନୁରୂପ ଭାବସଞ୍ଚାରରେ ସକ୍ଷମ ହୋଇଥାଏ । ଏପରି ଘଟିବା ଫଳରେ ଲୁକ୍କାୟିତ ଗୁଣର ପରିପ୍ରକାଶ ସମ୍ଭବ ହୁଏ ।

ତୃତୀୟତଃ ଜିନ୍-ବାହିତ ଗୁଣର ପ୍ରଭାବରେ କିଶୋର କିଶୋରୀମାନେ ସେମାନଙ୍କ ରୁଚି-ଅନୁକୂଳ ପରିବେଶର ସକ୍ରିୟ ସନ୍ଧାନ କରନ୍ତି । ନିଜର ମନୋମତ ଗୁଣ-ଅନୁକୂଳ ପରିବେଶ ବାଛିନିଅନ୍ତି । ଗୀତପ୍ରିୟ ଲୋକ ସଂଗୀତମୟ ପରିବେଶ ଖୋଜି ଖୋଜି ଆବୋରିନିଏ । ବିଜ୍ଞାନପ୍ରେମୀ ବ୍ୟକ୍ତି ଅନୁରୂପ ପରିବେଶ ନିର୍ବାଚନ କରେ ଏବଂ ସେଠାରେ ଅଧିକ ସମୟ କାଟିବାକୁ ପସନ୍ଦ କରେ । ଏପରି ପ୍ରକ୍ରିୟା ଫଳରେ ଜିନ୍-ବାହିତ ଗୁଣ କ୍ରମଶଃ ବିକଶିତ ହୁଏ ଏବଂ ସମ୍ଭାବନା ଓ ପରିପ୍ରକାଶ ମଧ୍ୟରେ ସମ୍ବନ୍ଧ ପ୍ରତିଷ୍ଠିତ ହୁଏ ।

Digitized by srujanika@gmail.com

ଉପର ଆଲୋଚନାରୁ ବୁଝିବାକୁ ହେବ ନାହିଁ ଯେ ବଂଶାନୁଗତିର ପ୍ରଭାବ ଏକମୁଖୀ ରାସ୍ତାରେ ଗତି କରିଥାଏ । କିଶୋର କିଶୋରୀମାନଙ୍କ ବ୍ୟବହାର ନିର୍ଦ୍ଧାରଣରେ ଦୁଇଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବଂଶାନୁଗତି କେତେକ ସମ୍ଭାବନା ଆଣିଥାଏ ଏବଂ କେଉଁ ସମ୍ଭାବନାଟି ପ୍ରକାଶ୍ୟ ରୂପ ନେବ, ତାହା ପରିବେଶ ଉପରେ ନିର୍ଭର କରେ । **ଦୁଇଟି ମଧ୍ୟରେ କ୍ରିୟା ଅନୁକ୍ରିୟା (Interaction) ଖୁବ୍ ବ୍ୟାପକ । ଗୋଟିଏ ଆୟତକ୍ଷେତ୍ରରେ ଦୈର୍ଘ୍ୟ ଗୁରୁତ୍ୱପୂର୍ଣ୍ଣ କି ପ୍ରସ୍ଥ ଗୁରୁତ୍ୱପୂର୍ଣ୍ଣ , ତାହା କହିବା ସହଜ ନୁହେଁ । ଠିକ୍ ସେହିପରି ଗୁଣ ନିର୍ଦ୍ଧାରଣ କ୍ଷେତ୍ରରେ ବଂଶାନୁଗତି ଓ ପରିବେଶ ମଧ୍ୟରୁ କେଉଁଟି ପ୍ରଧାନ ଓ କେଉଁଟି ଅପ୍ରଧାନ,ତାହା ସୂଚିତ କରିବା ସମ୍ଭବପର ନୁହେଁ ।**

ସାରମର୍ମ

---

୧. ବିବର୍ତ୍ତନୀୟ ଦୃଷ୍ଟିକୋଣରୁ ମନୁଷ୍ୟ ଅନ୍ୟ ସବୁ ପ୍ରାଣୀମାନଙ୍କ ତୁଳନାରେ ଅଧିକ ଜଟିଳ ଗୋଷ୍ଠୀଜୀବନ ସହିତ ସମନ୍ୱୟ ରକ୍ଷାକରୁଥିବାରୁ ଏଥିପାଇଁ ଆବଶ୍ୟକ ସୁବିକଶିତ (ଅଧିକ ଆକାର ବିଶିଷ୍ଟ ମଧ୍ୟ) ମସ୍ତିଷ୍କର ଅଧିକାରୀ ହେବା ପାଇଁ ଦୀର୍ଘଦିନର (ପ୍ରାୟ ୧୦/୧୪ ବର୍ଷ) ବ୍ୟବଧାନ ପରେ କୈଶୋର ଅବସ୍ଥାରେ ପଦାର୍ପଣ କରିଥାଏ ।

୨. ଆଧୁନିକ କାଳରେ ଜେନୋମ୍ ଗବେଷଣା ମନୁଷ୍ୟର ବିଭିନ୍ନ ଗୁଣର ଅନ୍ତରାଳରେ ରହିଥିବା ଜିନ୍ ଓ ପ୍ରୋଟିନ୍ ଅଣୁର ଚିହ୍ନଟ କରିବାରେ ବିସ୍ମୟକର ସଫଳତା ଅର୍ଜନ କରିଛି ।

୩. ମାନବୀୟ ଗୁଣର ଅନ୍ତରାଳରେ ଜିନ୍ ଏବଂ ଡି.ଏନ୍.ଏ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ମଧ ଏହା ସ୍ୱାଧୀନ ଭାବେ କାର୍ଯ୍ୟ କରି ନ ଥାଏ । କେତେକ ବାହ୍ୟ ପରିବେଶଗତ ଏବଂ କେତେକ ଜୀବକୋଷମଧ୍ୟସ୍ଥ କାରଣ ଏହାକୁ ସକ୍ରିୟ କିମ୍ବା ନିଷ୍କ୍ରିୟ କରିପାରେ ।

୪. ଜିନ୍‌ବାହିତ ଗୁଣ ଓ ପ୍ରକାଶ୍ୟ ରୂପ ନେଇଥିବା ଗୁଣ ମଧ୍ୟରେ ପରିଦୃଷ୍ଟ ସମ୍ବନ୍ଧ ତିନିପ୍ରକାରେ ଗଠିତ ହୋଇପାରେ । ପ୍ରଥମତଃ ପିତାମାତା ସେମାନଙ୍କର ଗୁଣ-ଅନୁକୂଳ ପରିବେଶ ସନ୍ତାନ ସନ୍ତତିକୁ ଯୋଗାଇପାରନ୍ତି । ଦ୍ୱିତୀୟତଃ କିଶୋର କିଶୋରୀମାନଙ୍କର ନିଜସ୍ୱ ସ୍ୱଭାବ ପରିବେଶରେ ଅନୁକୂଳ ବାତାବରଣ ସୃଷ୍ଟି କରିପାରେ । ତୃତୀୟତଃ ସେମାନେ ନିଜର ରୁଚି-ଅନୁକୂଳ ପରିବେଶ ଅନ୍ୱେଷଣ କରି ସେଠାରେ ସମୟ କାଟନ୍ତି । ଏହିପରି ଭାବରେ ପ୍ରଚ୍ଛନ୍ନ ଗୁଣ ପ୍ରକାଶ୍ୟ ରୂପ ନିଏ ।

୫. କିଶୋର କିଶୋରୀମାନଙ୍କର ବିକାଶ କ୍ଷେତ୍ରରେ ବଂଶାନୁଗତି (Heredity) ଏବଂ ପରିବେଶ (Environment) ପରସ୍ପରର ପରିପୂରକ । ଆୟତକ୍ଷେତ୍ରର ଦୈର୍ଘ୍ୟ ଓ ପ୍ରସ୍ଥକୁ ବାଦ୍ ଦେଇ ଆୟତ କ୍ଷେତ୍ରର ପରିକଳ୍ପନା ଅସମ୍ଭବ ହେଲା ପରି ବଂଶାନୁଗତି ଓ ପରିବେଶକୁ ବାଦ୍ ଦେଇ ବିକାଶର ପରିକଳ୍ପନା ସମ୍ଭବପର ନୁହେଁ ।

□

Digitized by srujanika@gmail.com

କିଶୋରକାଳୀନ ବୌଦ୍ଧିକ ବିକାଶ

ବୌଦ୍ଧିକବିକାଶର ତାତ୍ତ୍ୱିକ ବିଚାର କ୍ଷେତ୍ରରେ ସୁଇଜରଲାଣ୍ଡର ମନୋବିଜ୍ଞାନୀ ଜାଁ ପିଆଜେ ସମଗ୍ର ବିଶ୍ୱରେ ଅଦ୍ୱିତୀୟ । ପୂର୍ବରୁ ତାଙ୍କ ବିଚାରଧାରାର ମୂଳ ନୀତି କେତୋଟି ବର୍ଣ୍ଣନା ଦିଆଯାଇଛି । ପିଆଜେଙ୍କ ତତ୍ତ୍ୱ ଅନୁଯାୟୀ ମନୁଷ୍ୟର ବୌଦ୍ଧିକ ବିକାଶ କେତୋଟି ନିର୍ଦ୍ଦିଷ୍ଟ ସୋପାନ ଦେଇ ଗତି କରିଥାଏ । ଜନ୍ମରୁ ଦୁଇ ବର୍ଷ ମଧ୍ୟରେ ଶିଶୁ ନିଜର ଇନ୍ଦ୍ରିୟ ଓ କାରକ ଅଂଗ (Motor Organs) ମଧ୍ୟରେ ସମନ୍ୱୟ ଶିକ୍ଷାକରେ । ଏହାକୁ ପିଆଜେ ଇନ୍ଦ୍ରିୟକାରକ (Sensori Motor Stage) କହିଛନ୍ତି । କେତେ ଦକ୍ଷତାର ସହିତ ଶିଶୁ ଏହି ସମନ୍ୱୟ (Coordination) କୌଶଳ ପ୍ରଦର୍ଶନ କରୁଛି, ତାହା ଉପରେ ନିର୍ଭର କରି ଶିଶୁର ଇନ୍ଦ୍ରିୟ କାରକ ବୁଦ୍ଧିମତ୍ତା ଆକଳନ କରାଯାଏ । ସେହିପରି ଦୁଇ ବର୍ଷରୁ ସାତ ବର୍ଷ ବୟସ ପର୍ଯ୍ୟନ୍ତ ସଂଘଟିତ ହେଉଥିବା ବୌଦ୍ଧିକ ବିକାଶକୁ ପ୍ରାକ୍‌କ୍ରିୟାତ୍ମକ (Preoperational) କୁହାଯାଏ । ଏ ସମୟରେ ପ୍ରତୀକଧର୍ମୀ (ଯଥା - ଭାଷାର ବ୍ୟବହାର) ବ୍ୟବହାରର ବିକଶିତ ରୂପ ନିଏ । ପରବର୍ତ୍ତୀ ସୋପାନରେ ଶିଶୁ ନିଜର ବସ୍ତୁଜଗତରେ ପରୀକ୍ଷା ନିରୀକ୍ଷା ଆରମ୍ଭ କରେ । ସାତବର୍ଷରୁ ଏଗାର ବର୍ଷ ବୟସ ମଧ୍ୟରେ ସଂଘଟିତ ହେଉଥିବା ଏହି ସୋପାନଟିକୁ ପିଆଜେ ବସ୍ତୁଗତ କ୍ରିୟାତ୍ମକ ସୋପାନ (Concrete Operational) ନାମରେ ଅଭିହିତ କରିଛନ୍ତି ।

ପରବର୍ତ୍ତୀ ସୋପାନଟିକୁ ବିମୂର୍ତ୍ତ ଭାବନାଗତ ସୋପାନ (Formal Operational Stage) ନାମକରଣ କରାଯାଇଛି । ଏହା ଏଗାର ବାରବର୍ଷ ବୟସରୁ ଆରମ୍ଭ ହୋଇ କ୍ରମାଗତ ଭାବରେ ଅଧିକରୁ ଅଧିକ ପରିପକ୍ୱ ହୁଏ । ଏ ହେଉଛି କିଶୋରକାଳୀନ ବୌଦ୍ଧିକ ବିକାଶ । ଏ ସୋପାନର ବୈଶିଷ୍ଟ୍ୟ ହେଉଛି ମନଚକ୍ଷୁରେ ଚିନ୍ତାଭାବନା କରି ସମସ୍ୟାର ସମାଧାନ କରିବା । ଗୋଟିଏ ଉଦାହରଣ ଦ୍ୱାରା ଏହାକୁ ପ୍ରାଞ୍ଜଳ କରାଯାଇପାରେ । ମନେକରାଯାଉ ଗୋଟିଏ ଜଳନ୍ତା ମହମବତୀକୁ କେଉଁଠାରେ ରଖାଗଲେ ତାହା ସମଗ୍ର କୋଠରୀଟିକୁ ଆଲୋକିତ କରିବ, ଏପରି ଏକ ପ୍ରଶ୍ନ ପଚରାଗଲା । ନିମ୍ନ ସୋପାନରେ (ବସ୍ତୁଗତ କ୍ରିୟାତ୍ମକ ସୋପାନ) ରହିଥିବା ପିଲାଟି ମହମବତୀକୁ ହାତରେ ଧରି କୋଠରୀର ବିଭିନ୍ନ ସ୍ଥାନରେ ରଖିବ । ବାରମ୍ବାର ଏପରି କାର୍ଯ୍ୟ କରି ଆଲୋକର ବିସ୍ତାର ଲକ୍ଷ୍ୟ କରିବ । ଯେଉଁ ଅବସ୍ଥାନଟି ସବୁଠାରୁ ଅଧିକ ଉପଯୋଗୀ ମନେହେବ, ସେପରି ଅବସ୍ଥିତି ସପକ୍ଷରେ ମତ ଦେବ । ମାତ୍ର ଏଗାର ବାର ବର୍ଷର କିମ୍ବା ଅଧିକ ବୟସର (ବିମୂର୍ତ୍ତ ଭାବନାଗତ ସୋପାନରେ ପହଞ୍ଚିଥିବା) ପିଲା ଏପରି

Digitized by srujanika@gmail.com

କାର୍ଯ୍ୟର ପୁନରାବୃତ୍ତି ନ କରି ମାନସିକ ସ୍ତରରେ ସମସ୍ୟାର ସମାଧାନ କରିବ । ମୋଟ ଉପରେ ବିମୂର୍ତ୍ତ (Abstract) ଭାବନା ମାଧ୍ୟମରେ ସମସ୍ୟା ସମାଧାନ କରିବାର ଦକ୍ଷତା ଏକ କିଶୋରକାଳୀନ ସାମର୍ଥ୍ୟର ସୁସ୍ପଷ୍ଟ ପରିଚାୟକ ।

ଶିଶୁ ଓ କିଶୋର କିଶୋରୀମାନେ ଭାବନାସ୍ତରରେ ଯେଉଁ ମନୋକକ୍ଷ (Schema) ରଚନା କରନ୍ତି, ସେଥିରେ ଦୁଇଟି ପ୍ରକ୍ରିୟା (Process) କାର୍ଯ୍ୟ କରେ । ଏ ଦୁଇଟି ପ୍ରକ୍ରିୟା ହେଉଛି **ଅନ୍ତର୍ଗ୍ରହଣ** (Assimilation) ଓ **ପ୍ରତିଯୋଜନ** (Accommodation) । ଅନ୍ତର୍ଗ୍ରହଣ ପ୍ରକ୍ରିୟାଟି ଆମର ହଜମ କ୍ରିୟା ସହିତ ତୁଳନୀୟ । ଆମେ ଖାଦ୍ୟଗ୍ରହଣ କରିବା ସମୟରେ ଆମ ଶରୀରର ଅବସ୍ଥା ବିଶେଷ କରି ପାକସ୍ଥଳୀ ଏକ ଗ୍ରହଣଶୀଳ ପରିବେଶ ସୃଷ୍ଟି କରେ । ଖାଦ୍ୟଟି ଯେପରି ସହଜରେ ହଜମ ହୋଇଯିବ, ତାହାର ସହାୟକ ଅବସ୍ଥା ସୃଷ୍ଟିକରେ । ଏହା ଫଳରେ ସହଜରେ ଖାଦ୍ୟ ଗୃହୀତ ଓ ହଜମ ହୋଇଥାଏ । ଠିକ୍ ସେହିପରି ନୂଆ ଧାରଣାଟି ଆସିବା ମାତ୍ରେ ମନ ଓ ଶରୀରର ଅନୁରୂପ ଗ୍ରହଣଶୀଳତା ଦର୍ଶାଏ । ଧରାଯାଉ ଏଗାର ବାର ବର୍ଷର ବାଳିକା ମିତା ପାଇଁ ତା'ର ବାପା ଗୋଟିଏ କମ୍ପ୍ୟୁଟର୍ କିଣିଦେଲେ । ମିତା କମ୍ପ୍ୟୁଟର ଡିସ୍କଟିଏ ନେଇ ଏଥିରେ ସଂଯୋଜିତ କଲା ଏବଂ ଆବଶ୍ୟକ ଚାହିଦା ପୂରଣ କଲା । ଏ ପ୍ରକ୍ରିୟାଟି ଅନ୍ତର୍ଗହଣ । ମାତ୍ର ଧରାଯାଉ ଏହାର ପରେ ପରେ ସେ ଅକ୍ଷର ବୋର୍ଡ଼ରେ ଚାପ ଦେଇ କିଛି ନିର୍ଦ୍ଦେଶ ଦେଲା । ଏଥର କିନ୍ତୁ ଲକ୍ଷ୍ୟ ସାଧନ ପରିବର୍ତ୍ତେ କମ୍ପ୍ୟୁଟର୍ ପରଦାରେ ତ୍ରୁଟିର ସଂକେତ ପ୍ରଦର୍ଶିତ ହେଲା । ଏ କ୍ଷେତ୍ରରେ ମିତାକୁ ବୁଝିବାକୁ ହେବ ଯେ, ତା'ର କାର୍ଯ୍ୟରେ କିଛି ତ୍ରୁଟି ବିଚ୍ୟୁତି ରହିଯାଇଛି । ପିତାମାତା କିମ୍ବା ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ପ୍ରଶିକ୍ଷକଙ୍କ ସହାୟତା ନେଇ ନିଜର ଭ୍ରମ ସଂଶୋଧନ କରିବାକୁ ହେବ । ଏପରି ପ୍ରଶିକ୍ଷଣ ଲାଭ କରି ମିତାର ପୂର୍ବ ଧାରଣା ପରିବର୍ତ୍ତିତ ହେବ । ପୂର୍ବ ମନୋକକ୍ଷଟି (Schema) ବଦଳି ନୂତନ ଏକ ମନୋକକ୍ଷ ଗଠିତ ହେବ । ଏ ପ୍ରକ୍ରିୟାଟି ହେଉଛି ପ୍ରତିଯୋଜନ (Accommodation) । ଏହି ପ୍ରକ୍ରିୟା ଫଳରେ ପୁରାତନ ମନୋକକ୍ଷର ପରିବର୍ତ୍ତନ ଘଟି ନୂତନ ମନୋକକ୍ଷ ଗଠିତ ହୁଏ ।

ନୂତନ ମନୋକକ୍ଷ ଗଠନ ପରିପ୍ରେକ୍ଷୀର ପିଆଜେ ଅନ୍ୟ ଏକ ପରିଭାଷା ମଧ୍ୟ ପ୍ରୟୋଗ କରିଛନ୍ତି । ତାହା ହେଉଛି **ଭାରସାମ୍ୟ ଅବସ୍ଥା** (Equilibrium) । ଲକ୍ଷ୍ୟ କରିବାର କଥା ଯେ ନୂତନ ମନୋକକ୍ଷର ରଚନା ପୂର୍ବରୁ ଏକ ପ୍ରକାର ଭାରସାମ୍ୟହୀନତା (Disequilibrium) ସୃଷ୍ଟି ହେଉଛି । ମନେକରାଯାଉ କେବଳ ଦୀର୍ଘତାର (Length) ଧାରଣା ଥାଇ ଆୟତନର (Volume) ଧାରଣା ନ ଥିବା ଗୋଟିଏ ପିଲା ଗ୍ଲାସରୁ ପାଣି ନେଇ ଚଟକା ପାତ୍ରରେ ଢାଳିଦେଲା । ବର୍ତ୍ତମାନ ଚଟକା ପାତ୍ରରେ ପାଣିର ଉଚ୍ଚତା ଗ୍ଲାସ୍ ତୁଳନାରେ କମ୍ ରହିବ । ଗ୍ଲାସ୍‌ରେ ଥିବା ସମୁଦାୟ ପାଣି ଚଟକା ପାତ୍ରରେ ଢଳା ଯାଇଥିଲେ ମଧ୍ୟ ଆୟତନର ଧାରଣା ନ ଥିବାରୁ ସେ କମ୍ ଉଚ୍ଚତା ଦେଖି କମ୍ ପାଣି ଅଛି ବୋଲି ଭାବି

Digitized by srujanika@gmail.com

ବସିବ । ତେବେ ଗ୍ଲାସ୍‌ର ଆଉ ପାଣି କୁଆଡ଼େ ଗଲା ? ଏପରି ଏକ ପ୍ରଶ୍ନ ପିଲାଟି ମନରେ ଅସ୍ଥିରତା (ଭାରସାମ୍ୟହୀନତା) ଉପୁଜାଇବ । କ୍ରମେ କ୍ରମେ ଅନ୍ୟମାନଙ୍କର ତାଲିମ୍ ଏବଂ ବୟସୋଚିତ ପରିପକ୍ୱତା ଫଳରେ ପିଲାଟିର ମାନସିକ ବିକାଶ ଘଟିଲେ ସେ ବୁଝିବ ଯେ ଦୁଇଟି ପାତ୍ରର ପାଣିର ପରିମାଣ ସମାନ । ଚଟକା ପାତ୍ରରେ ପାଣିର ପଉନ (ଉଚ୍ଚତା) କମ୍ ହେଲେ ମଧ୍ୟ ଏହା ଅଧିକ ବିସ୍ତୃତ । ସୁତରାଂ ଏପରି ଅବବୋଧ (Comprehension) ଫଳରେ ମାନସିକ ସ୍ତରରେ ଭାରସାମ୍ୟ ଅବସ୍ଥା ସୃଷ୍ଟି ହେବ । ଆୟତନର ଧାରଣା ସମ୍ପର୍କରେ ନୂତନ ମନୋକଳ୍ପ ଗଠିତ ହେବ ।

ବିମୂର୍ତ୍ତ (Abstract) ଭାବନା କୈଶୋରକାଳୀନ ବୌଦ୍ଧିକ ବିକାଶର ମୁଖ୍ୟ ବୈଶିଷ୍ଟ୍ୟ । ଏହାକୁ ଭିତ୍ତି କରି ଅନ୍ୟ ଗୋଟିଏ ବିଭବର ସୂଚନା ଦିଆଯାଇପାରେ । ତାହା ହେଉଛି ଯୁକ୍ତିଯୁକ୍ତ ବିଚାର ଦକ୍ଷତା । କିଶୋର କିଶୋରୀମାନେ କେତେକ ସାଧାରଣ ଯୁକ୍ତିକୁ ସହଜରେ ଗ୍ରହଣ କରିପାରନ୍ତି କିମ୍ବା ନିଜେ ମଧ୍ୟ ବୁଝାଇ ପାରନ୍ତି । 'କ' ଠାରୁ 'ଖ'ଡେଙ୍ଗା ଏବଂ 'ଖ' ଠାରୁ 'ଗ' ଡେଙ୍ଗା ହୋଇଥିଲେ 'କ' ଠାରୁ 'ଗ' ନିଶ୍ଚିତଭାବରେ ଡେଙ୍ଗା ହୋଇଥିବାର ସିଦ୍ଧାନ୍ତ ସେମାନେ ସହଜରେ କରିପାରନ୍ତି ।

	X						

କିଶୋର କିଶୋରୀମାନଙ୍କର ଯୁକ୍ତିଯୁକ୍ତ ବିଚାର ପଦ୍ଧତିର କିପରି ବିକାଶ ଘଟିଥାଏ, ତାହା ଗୋଟିଏ ପରୀକ୍ଷା ଦ୍ୱାରା ସ୍ପଷ୍ଟ କରାଯାଇପାରେ । ମନେକରାଯାଉ ନିମ୍ନରେ ପ୍ରଦର୍ଶିତ ହେଲା ଭଳି ୮×୮ବର୍ଗ କ୍ଷତ୍ରରେ ଗୋଟିଏ ଛବି ଦେଖାଯିବ । କହିବା ଅନାବଶ୍ୟକ ଯେ ଏଥିରେ ୬୪ଟି ବର୍ଗକ୍ଷେତ୍ର ରହିଛି । ମନେକରାଯାଉ ୬୪ଟି ବର୍ଗକ୍ଷେତ୍ରେ ୬୪ ଟି ବିଭିନ୍ନ ଧରଣର ଛବି ରଖାଯାଇଛି । ପରୀକ୍ଷକ ଏଥି ମଧ୍ୟରୁ ଯେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଛବି

Digitized by srujanika@gmail.com

ମନେରଖିବେ ଏବଂ ସେ କେଉଁ ଛବିଟିକୁ ମନେମନେ ସ୍ଥିର କରିଛନ୍ତି, ତାହା କିଶୋର ବା କିଶୋରୀକୁ ପ୍ରଶ୍ନ ପଚାରିବେ ! ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ କିଶୋର ବା କିଶୋରୀ ପରୀକ୍ଷକଙ୍କୁ କେତୋଟି ପ୍ରଶ୍ନ ପଚାରିବାର ସୁଯୋଗ ପାଇବ । କେତେ କମ୍ ସଂଖ୍ୟକ ପ୍ରଶ୍ନ ପଚାରି କିଶୋର କିଶୋରୀ ସମାଧାନ ଦେଇପାରୁଛନ୍ତି, ତାହା ତାଙ୍କ ବୁଦ୍ଧିମତ୍ତାର ସୂଚକ ହେବ । ଦେଖାଯିବ ଯେ ଅଧିକାଂଶ କିଶୋର କିଶୋରୀ ଅଧା ଅନିଶ୍ଚିତତା ଦୂର କରିବାର କୌଶଳ (Halving Technique) ଉପଯୋଗ କରୁଛନ୍ତି ଅର୍ଥାତ୍,ପରୀକ୍ଷକଙ୍କୁ ପଚରାଯିବ ଆପଣ ମନେ ମନେ ଚିନ୍ତା କରିଥିବା ଛବିଟି କ୍ଷେତ୍ରରେ ଉପର ଅଧରେ ରହିଛି କି ତଳ ଅଧରେ ରହିଛି ? ଦ୍ୱିତୀୟ ପ୍ରଶ୍ନ ହେବ – ବର୍ତ୍ତମାନ ଏହା ବାମ ଅଧରେ ଅଛି କି ଡାହାଣ ଅଧରେ ରହିଛି ? କହିବା ଅନାବଶ୍ୟକ ଯେ ଏପରି ଅଳ୍ପ କେତୋଟି ପ୍ରଶ୍ନରେ ପରୀକ୍ଷକଙ୍କ ମନକଳ୍ପିତ ଚିତ୍ରଟି ଚିହ୍ନଟ କରିବା ସହଜ ହେବ । ସାଧାରଣ ବୁଦ୍ଧିମତ୍ତାର ଅଧିକାରୀ ହୋଇଥିବା କିଶୋର କିଶୋରୀମାନେ ଏକ ଶୃଙ୍ଖଳିତ ପଦ୍ଧତିରେ ଯୁକ୍ତିଯୁକ୍ତତା ରକ୍ଷାକରି ନିର୍ଦ୍ଦିଷ୍ଟ ଓ ସଠିକ୍ ଉତ୍ତର ଦେଇପାରିବେ ।

କିଶୋରକାଳୀନ ବୌଦ୍ଧିକ ବିକାଶର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ନିଜର ଭାବନା ସମ୍ପର୍କରେ ଭାବନା । ମନେକରାଯାଉ ଗୋଟିଏ ମୁହୂର୍ତ୍ତରେ ସେମାନଙ୍କର ସକାରାତ୍ମକ ଭାବନା ଆସୁଛି । ସେମାନେ ଜାଣନ୍ତି ଯେ ସେମାନେ ବର୍ତ୍ତମାନ ସକାରାତ୍ମକ ଭାବନାର ଅଧିକାରୀ । ସେହିପରି ନକାରାତ୍ମକ ଭାବନା ଆସୁଥିଲେ ସେମାନେ ଜାଣନ୍ତି ଯେ ସେମାନେ ବର୍ତ୍ତମାନ ନକାରାତ୍ମକ ଭାବନାର ଅଧିକାରୀ ।

ଯୁକ୍ତିଯୁକ୍ତ ଭାବନାସାମର୍ଥ୍ୟର ଅର୍ଥ ନୁହେଁ ଯେ କିଶୋର କିଶୋରୀମାନେ ଆଦୌ ଦିବାସ୍ୱପ୍ନ, ମନୋବିଳାସ କିମ୍ବା ଅବାସ୍ତବ କଳ୍ପନା ରାଜ୍ୟରେ ପ୍ରବେଶ କରନ୍ତି ନାହିଁ । ସମୟ ସମୟରେ ଲକ୍ଷ୍ୟହୀନ ଅବାସ୍ତବ କଳ୍ପନା କିଶୋର ମନୋରାଜ୍ୟରେ କରିବା ଖୁବ୍ ସ୍ୱାଭାବିକ ।

ଜାଁ ପିଆଜେ ପ୍ରଥମେ ପ୍ରଥମେ ବିଶ୍ୱାସ କରୁଥିଲେ ଯେ ବିମୂର୍ତ୍ତ ଭାବନା ସାମର୍ଥ୍ୟ ଆଦ୍ୟକୈଶୋରରେ (ପ୍ରାୟ ଏଗାରରୁ ପନ୍ଦରବର୍ଷ ବୟସ ମଧ୍ୟରେ) ଉନ୍ମେଷ ଓ ବିକାଶ ଲାଭ କରେ । ମାତ୍ର ପରେ ନିଜ ମତବାଦର ସଂଶୋଧନ କରି ସେ ମତଦେଲେ ଯେ ଉନ୍ନତ ବିକଶିତ ଅବସ୍ଥା ଆଦ୍ୟ କୈଶୋରରେ ସଂଘଟିତ ନ ହୋଇ ପର କୈଶୋରରେ (ପ୍ରାୟ ୧୫ ବର୍ଷରୁ ୨୦ ବର୍ଷ ବୟସ ମଧ୍ୟରେ) ସମ୍ଭବ ହୋଇଥାଏ ।

ପିଆଜେଙ୍କ ମତବାଦ କେତେଦୂର ସମର୍ଥିତ ଓ କେତେଦୂର ସମାଲୋଚିତ, ସେ ବିଷୟରେ ଜିଜ୍ଞାସା ଏକ ସ୍ୱାଭାବିକ କଥା । ପ୍ରଥମତଃ ବୟସର ମାନଦଣ୍ଡ ବିଚାର୍ଯ୍ୟ । ପୂର୍ବ ଆଲୋଚନାରେ ଏବଂ ଏହି ପ୍ରବନ୍ଧରେ ପ୍ରତିଟି ବିକାଶ ସୋପାନର ବୟସ ସୀମା ସୂଚିତ କରାଯାଇଛି । ପିଆଜେଙ୍କ ଅନୁଯାୟୀ କୈଶୋର ଭାବନାର ଆରମ୍ଭ କାଳ ଏଗାର ବାର ବର୍ଷ ବୟସ ବୋଲି ଉଲ୍ଲେଖ କରାଯାଇଛି । ଏହି ଆରମ୍ଭ ସମୟ କେତେ ମାତ୍ରାରେ ଅପରିବର୍ତ୍ତିତ, ତାହା ପ୍ରଶ୍ନ ଉଠିପାରେ ।

Digitized by srujanika@gmail.com

ଏହାର ଉତ୍ତରରେ କୁହାଯିବ ଯେ ବୟସ ସୀମା ସମ୍ପର୍କରେ ପିଆଜେ କଠୋର ଓ ଅନମନୀୟ ମନୋଭାବ ଦର୍ଶାଇ ନାହାଁନ୍ତି । ନିଜର ଜନ୍ମସ୍ଥଳୀ ଓ କର୍ମଭୂମି ସୁଇଜରଲାଣ୍ଡ ବିଶେଷ କରି ଜେନିଭା ନଗରର ପିଲାମାନଙ୍କୁ ପର୍ଯ୍ୟବେକ୍ଷଣ କରି ସେ ଏପରି ମାନଦଣ୍ଡ ସୂଚାଇଛନ୍ତି । ମୋଟାମୋଟି ଭାବରେ ଏହି ମାନଦଣ୍ଡ ୟୁରୋପୀୟ ପିଲାମାନଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ । ଅନ୍ୟ କେତେକ ଦେଶରେ ଏହା ବିଳମ୍ବିତ (ତେର ଚଉଦ ଏପରିକି ପନ୍ଦର ବର୍ଷ ବୟସକୁ) ହୋଇପାରେ । ***ପିଆଜେ ବୟସ ସୀମା ଅପେକ୍ଷା କ୍ରମାନ୍ୱୟତାକୁ ଅଧିକ ପ୍ରାଧାନ୍ୟ ପ୍ରାକ୍‌କ୍ରିୟାତ୍ମକ ସୋପାନ ଦିଅନ୍ତି ଏବଂ ଏପରି କ୍ରମାନ୍ୱୟତା ବିଶ୍ୱରେ ସ୍ୱୀକୃତି ଲାଭ କରିଛି*** । କ୍ରମାନ୍ୱୟତାର ଅର୍ଥ ହେଉଛି ଯେ ଇନ୍ଦ୍ରିୟକାରକ ସୋପାନର ଶେଷ ପରେ ହିଁ ପ୍ରାକ୍ କ୍ରିୟାତ୍ମକ ସୋପାନ, ପ୍ରାକ୍‌କ୍ରିୟାତ୍ମକ ସୋପାନ ଶେଷ ପରେ ବସ୍ତୁଗତ କ୍ରିୟାତ୍ମକ ସୋପାନ ଏବଂ ବସ୍ତୁଗତ କ୍ରିୟାତ୍ମକ ସୋପାନ ଶେଷ ହେବା ପରେ ହିଁ ବିମୂର୍ତ୍ତ ଭାବନାଗତ ସୋପାନର ଆରମ୍ଭ ସମ୍ଭବପର ହୋଇଥାଏ ।

ଅନ୍ୟ ଗୋଟିଏ ଦୃଷ୍ଟିରୁ ଲକ୍ଷ୍ୟ କଲେ ଦେଖାଯିବ ଯେ ପିଆଜେ ପରିପକ୍ୱନ ଓ ସ୍ୱାଭାବିକତା ଉପରେ ଗୁରୁତ୍ୱ ଦେଇ ପ୍ରଶିକ୍ଷଣର (ବା ତାଲିମ୍ ବ୍ୟବସ୍ଥା) ପ୍ରାଧାନ୍ୟକୁ ଏଡ଼ାଇ ଯାଇଛନ୍ତି । ସାଧାରଣ ସ୍ୱାଭାବିକ ପରିବେଶରେ ଶିଶୁ ଓ କିଶୋର କିଶୋରୀମାନଙ୍କର ପ୍ରଚ୍ଛନ୍ନ ସାମର୍ଥ୍ୟସବୁ ସ୍ୱତଃ ବିକଶିତ ହୋଇଥାଏ ଏବଂ ଏ ଦୃଷ୍ଟିରୁ ତାଲିମ୍‌ର ସେପରି କିଛି ପ୍ରାଧାନ୍ୟ ନାହିଁ ବୋଲି ସେ ବିଶ୍ୱାସ କରୁଥିଲେ । କେବଳ ଦୁଇ ସୋପାନର ସନ୍ଧି ସ୍ଥଳରେ ତାଲିମ୍ ବା ପ୍ରଶିକ୍ଷଣ ପ୍ରଦାନ କଲେ ଉପର ସୋପାନକୁ ଗତି କରିବା ସହଜ ହୁଏ ବୋଲି ପିଆଜେ ବିଶ୍ୱାସ କରୁଥିଲେ । ଏ କ୍ଷେତ୍ରରେ ଆଧୁନିକ ମନୋବିଜ୍ଞାନୀମାନେ ପିଆଜେଙ୍କ ତୁଳନାରେ ତାଲିମର ଭୂମିକାକୁ କିଛି ମାତ୍ରାରେ ଅଧିକ ଗୁରୁତ୍ୱ ଦେଇଥାନ୍ତି ।

ତୃତୀୟତଃ ପିଆଜେଙ୍କ ପ୍ରଦର୍ଶିତ ବିକାଶର ଧାରା ଏକ ସାମଗ୍ରିକ ମାନଦଣ୍ଡର ସୂଚକ ବୋଲି ବିଶ୍ୱାସ କରି ଅନେକ ବିଶେଷଜ୍ଞ ଓ ପ୍ରଶିକ୍ଷକ କିଶୋର କିଶୋର ମଧ୍ୟରେ ଏବଂ କିଶୋରୀ କିଶୋରୀ ମଧ୍ୟରେ ବ୍ୟକ୍ତିଗତ ଭିନ୍ନତାକୁ ଏଡ଼ାଇଯିବା ଅନୁଚିତ ମନେକରନ୍ତି । ଉଦାହରଣ ସ୍ୱରୂପ, ଗୋଟିଏ ସର୍ବେକ୍ଷଣରେ ଦେଖାଗଲା ଯେ ଅଷ୍ଟମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ମଧ୍ୟରୁ ପ୍ରାୟ ଏକତୃତୀୟାଂଶ କିଶୋର କିଶୋରୀମାନେ ବିମୂର୍ତ୍ତ ଭାବଧାରାର ପରିଚୟ ଦେଇପାରୁଛନ୍ତି । ଏହାର ତାତ୍ପର୍ଯ୍ୟ ହେଉଛି ଯେ କିଶୋର କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷାଯୋଜନା ପରିପ୍ରେକ୍ଷୀରେ ବ୍ୟକ୍ତିଗତ ପାର୍ଥକ୍ୟକୁ ପୂରାପୂରି ଏଡ଼ାଇଯିବା ବିଜ୍ଞତାର ସୂଚକ ହେବ ନାହିଁ ।

ପରିଶେଷରେ କୁହାଯାଇପାରେ ଯେ ବୌଦ୍ଧିକ ବିକାଶ କ୍ଷେତ୍ରରେ ଜାଁ ପିଆଜେ ସାମାଜିକ-ସାଂସ୍କୃତିକ ଉପାଦାନର ଭୂମିକାକୁ ଅସ୍ୱୀକାର କରି ନ ଥିଲେ ମଧ୍ୟ ଯେତିକି ପରିମାଣର ପ୍ରାଧାନ୍ୟ ଦେଇଛନ୍ତି, ଉପାଦାନସବୁ ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ ।

Digitized by srujanika@gmail.com

ଏଇ କେତୋଟି ସମାଲୋଚନା ସତ୍ତ୍ୱେ ଜାଁ ପିଆଜେଙ୍କ ତତ୍ତ୍ୱ ଓ ମତବାଦର ପ୍ରଭାବ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ବିଶେଷତଃ ତାଙ୍କର ସୂକ୍ଷ୍ମ ଓ ବିସ୍ତୃତ ପର୍ଯ୍ୟବେକ୍ଷଣ ଫଳରେ ଅନେକଗୁଡ଼ିଏ ଉପାଦେୟ ସିଦ୍ଧାନ୍ତ ସମ୍ଭବପର ହୋଇଛି । ବୌଦ୍ଧିକ ବିକାଶର ମୂଳ ଧାରଟିକୁ ଚିହ୍ନଟ କରିବା ଏବଂ ଏହାର ବୈଶିଷ୍ଟ୍ୟକୁ ବୁଝିପାରିବାର ସମ୍ଭାବନା ଏ ସମୟର ଏକ ଅନବଦ୍ୟ ବୈଜ୍ଞାନିକ ଦାନ ।

ସାରମର୍ମ

୧. କିଶୋରକାଳୀନ ବୌଦ୍ଧିକ ବିକାଶର ବୈଶିଷ୍ଟ୍ୟ ହେଉଛି ବିମୂର୍ତ୍ତ ଭାବନାର ସାମର୍ଥ୍ୟ ।

୨. ଏହା ସାଧାରଣତଃ ଏଗାର ବାର ବର୍ଷ ବୟସରୁ ଆରମ୍ଭ ହୋଇଥାଏ ।

୩. ବସ୍ତୁଗତ ଜଗତର ଦୂରକୁ ଚାଲିଯାଇ ମାନସିକ ସ୍ତରର ସମସ୍ୟା ସମାଧାନର ସାମର୍ଥ୍ୟ ବିକଶିତ ହୁଏ ।

୪. ଯୁକ୍ତିଯୁକ୍ତ ବିଚାରଶୀଳତା ପ୍ରକାଶ୍ୟ ରୂପ ନିଏ ।

❑

Digitized by srujanika@gmail.com

ବୌଦ୍ଧିକ ବିକାଶର ପରିପ୍ରେକ୍ଷୀରେ ସାମାଜିକ ସାଂସ୍କୃତିକ ଉପାଦାନର ଭୂମିକା

ଜାଁ ପିଆଜେ ତତ୍ତ୍ୱର ଆଲୋଚନା ପରିପ୍ରେକ୍ଷୀରେ ଶିଶୁ ଓ କିଶୋର କିଶୋରୀଙ୍କର ଭୂମିକାରେ ଯଥେଷ୍ଟ ପରିମାଣରେ ସକ୍ରିୟତା ଆରୋପ କରାଯାଇଛି । ବିଶେଷତଃ ବୌଦ୍ଧିକ ବିକାଶକୁ ଆଗେଇନେବା କ୍ଷେତ୍ରରେ ଏମାନେ ସକ୍ରିୟ ଭୂମିକା ଗ୍ରହଣ କରନ୍ତି ଏବଂ ଜ୍ଞାନଗତ (Cognitive) ମନୋକଳ୍ପ (Schema) ସବୁ ନିଜେ ନିର୍ମାଣ କରନ୍ତି ବୋଲି କୁହାଯାଇଛି । ଏପରି ପ୍ରକ୍ରିୟାରେ ସାମାଜିକ-ସାଂସ୍କୃତିକ ପରିବେଶର ଭୂମିକାକୁ ଅସ୍ୱୀକାର କରିନଥିଲେ ମଧ୍ୟ ପିଆଜେ ଏ ଦିଗରେ ବିଶେଷ ପ୍ରାଧାନ୍ୟ ଦେଲାଭଳି ମନେହୁଏ ନାହିଁ । ଅନ୍ୟ ପକ୍ଷରେ ପିଆଜେଙ୍କ ଜନ୍ମବର୍ଷରେ (୧୮୯୬) ଜନ୍ମଲାଭ କରିଥିବା ରୁଷୀୟ ମନୋବିଜ୍ଞାନୀ ଲେଭ ଭିଗୋଟ୍‌ସ୍କି ବୌଦ୍ଧିକ ବିକାଶ ପରିବେଶ ସହିତ ବିଶେଷ ଭାବେ ସଂଶ୍ଳିଷ୍ଟ ହୋଇଥିବାରୁ ସାମାଜିକ-ସାଂସ୍କୃତିକର ଗୁରୁତ୍ୱ ଉପରେ ବିଶେଷ ଆଲୋକପାତ କରିଛନ୍ତି । ମାତ୍ର ଅଠତିରିଶ ବର୍ଷର ଜୀବନକାଳ ମଧ୍ୟରେ ଭିଗୋଟ୍‌ସ୍କି ବୌଦ୍ଧିକ ବିକାଶ ସମ୍ପର୍କରେ ଯେଉଁ ଅଳ୍ପ କେତୋଟି ମୂଲ୍ୟବାନ ତଥ୍ୟ ପ୍ରଖ୍ୟାପନ କରିଛନ୍ତି, ତାହାର ଉପାଦେୟତା କ୍ରମଶଃ ଏବେ ଉପଲବ୍ଧ ହେଉଛି ।

ଭିଗୋଟ୍‌ସ୍କିଙ୍କ ଚିନ୍ତାଧାରାର ଏକ ମୌଳିକ କେନ୍ଦ୍ରବିନ୍ଦୁ ହେଉଛି **ବିକାଶ ସୀମା** (Zone of Proximal Development ବା ZPD)ର ପରିକଳ୍ପନା । ଏହି ପରିକଳ୍ପନା ଅନୁଯାୟୀ ବିକାଶର ଏକ ନିମ୍ନସୀମା ରହିଛି ଏବଂ ଏକ ଉଚ୍ଚତମ ସୀମା ରହିଛି । ଶିଶୁ ଓ କିଶୋର କିଶୋରୀ ଅନ୍ୟର ସାହାଯ୍ୟ ନ ନେଇ ଏହି ନିମ୍ନସୀମା ସ୍ପର୍ଶ କରନ୍ତି । ମାତ୍ର ଉଚ୍ଚତମ ସୀମାକୁ ସ୍ପର୍ଶ କରିବାକୁ ହେଲେ ପାରସ୍ପରିକ କ୍ରିୟାକଳାପର ଆବଶ୍ୟକତା ଲୋଡ଼ା ହୁଏ । ସୁଦକ୍ଷ ପ୍ରଶିକ୍ଷକ ସହିତ ପାରସ୍ପରିକ କ୍ରିୟା ଅନୁକ୍ରିୟା (Interaction) ଫଳରେ ଏପରି ଉଚ୍ଚ ସୀମାରେ ପହଞ୍ଚିବା ସମ୍ଭବ ହୁଏ । ଦକ୍ଷତାର ଅଧିକାରୀ ହୋଇଥିବା ଶିକ୍ଷକ-ଶିକ୍ଷୟିତ୍ରୀ, ପିତାମାତା କିମ୍ବା ସାଙ୍ଗସାଥୀ ଏପରି ଭୂମିକା ନିର୍ବାହ କରନ୍ତି । ମୁଖ୍ୟତଃ ଏକ ସାମାଜିକ-ସାଂସ୍କୃତିକ ପରିବେଶରେ ଶିଶୁ ଓ କିଶୋର କିଶୋରୀମାନେ ଅଧିକରୁ ଅଧିକ ସାମର୍ଥ୍ୟ ହାସଲ କରନ୍ତି ।

ଭିଗୋଟ୍‌ସ୍କି ପୁଣି ମଧ୍ୟ ବିଶ୍ୱାସ କରୁଥିଲେ ଯେ ବୌଦ୍ଧିକ ତଥା ମାନସିକ ବିକାଶ ପାଇଁ ଭାଷାର ଭୂମିକା ମହତ୍ତ୍ୱପୂର୍ଣ୍ଣ । ପ୍ରଥମେ ପ୍ରଥମେ ଭାଷା ଓ ଚିନ୍ତନ ପୃଥକ୍ ପୃଥକ୍ ଭାବେ ବିକଶିତ ହୁଏ । ମାତ୍ର ୩ ବର୍ଷରୁ ୭ ବର୍ଷର ବୟସ ମଧ୍ୟରେ ଏ ଦୁଇଟି ମଧ୍ୟରେ ଯୋଗସୂତ୍ର

Digitized by srujanika@gmail.com

ଗଠିତ ହୁଏ । ଭାଷାର ପୁନଃପୁନଃ ଅଭ୍ୟାସ ଫଳରେ ଏବଂ ଅନ୍ୟମାନଙ୍କ ସହିତ ଆଳାପ ଅଲୋଚନା ଫଳରେ ଏ ଦୁଇଟି ମଧ୍ୟରେ ସଂଯୋଗ ସ୍ଥାପିତ ହୁଏ । ବ୍ୟକ୍ତିଗତ ସ୍ତରରେ ଭାଷାର ବହୁଳ ବ୍ୟବହାର (Private speech) ଏବଂ ଆତ୍ମକଥାର (Self-Talk) ପର୍ଯ୍ୟାପ୍ତ ଉପଯୋଗ ଭାଷା ଓ ଭାବନାର ସଂଯୋଗକୁ ଦୃଢ଼ କରେ । କିଶୋର କିଶୋରୀମାନେ ଶବ୍ଦାୟିତ ଭାଷା ବଦଳରେ ନିଃଶବ୍ଦ ଚିନ୍ତନର ଅଧିକରୁ ଅଧିକ ଉପଯୋଗ କରନ୍ତି । ଏପରି ନୀତିଟିର ବିଶେଷ ତାତ୍ପର୍ଯ୍ୟ ଯେ ଅଭିଜ୍ଞ କୁଶଳୀ ବ୍ୟକ୍ତିମାନେ ତାଲିମ ପ୍ରଦାନ କରି କିଶୋର କିଶୋରୀମାନଙ୍କୁ ବିକଶିତ ସ୍ତରକୁ ଆଣିବେ ।

ଭିଗୋଟ୍‌ସ୍କିଙ୍କ ତତ୍ତ୍ୱର ପରିପ୍ରେକ୍ଷୀରେ ଭାଷାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଭାଷା କେବଳ ଭାବବ୍ୟକ୍ତର ମାଧ୍ୟମ ନୁହେଁ, ଏହା ଚିନ୍ତନ କୁଶଳତାର ମଧ୍ୟ ବିଶେଷ ସହାୟକ । ଆମେ ପରିବେଶକୁ କିପରି ପ୍ରତ୍ୟୋକ୍ଷଣ କରୁଛୁ, ପରିବେଶର ବିଭିନ୍ନ ଦିଗକୁ କିପରି ବିଭାଗୀକରଣ କରୁଛୁ ଏବଂ ସମସ୍ୟାସମାଧାନ କଲାବେଳେ ଭାବନାନ୍ତରର କେତେ ପରିମାଣରେ ସଫଳତା ଲାଭ କରୁଛୁ, ତାହା ଭାଷାଗତ ଦକ୍ଷତା ଉପରେ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ, ବିଭିନ୍ନ ମାତ୍ରାର ଧବଳତ୍ୱ ପାଇଁ ଏସ୍କିମୋମାନଙ୍କର ଶବ୍ଦକୋଷରେ ନିଶ୍ଚିତ ଭାବରେ ବହୁସଂଖ୍ୟକ ଶବ୍ଦ ରହିଛି । ଏପରି ଶବ୍ଦ ସମ୍ଭାର ସେମାନଙ୍କୁ ଗୋଟିଏ ମାତ୍ରାର ଧବଳତ୍ୱଠାରୁ ଭିନ୍ନ ମାତ୍ରାର ଧବଳତ୍ୱକୁ ଅଲଗା କରି ଚିହ୍ନଟ କରିବାରେ ସାହାଯ୍ୟ କରିବ । ସେହିପରି ଆରବଦେଶର ଲୋକମାନେ ବିଭିନ୍ନ ଧରଣର ଓଟ ପାଇଁ ବ୍ୟବହାର କରାଯାଉଥିବା ବହୁତଗୁଡ଼ିଏ ଶବ୍ଦ ସାହାଯ୍ୟରେ କେତେକ ପରିସ୍ଥିତିର ସହଜ ମୁକାବିଲା କରିପାରିବେ । ଚୀନାଦେଶର ବ୍ୟକ୍ତିମାନେ ବାକ୍ୟଗଠନ କରିବା ସମୟରେ ବସ୍ତୁର ଆକାର ଓ ଆକୃତିକୁ ଚାହିଁ କ୍ରିୟାପଦର ପରିବର୍ତ୍ତନ ବସ୍ତୁଗୁଡ଼ିକର ଆକାର ଆକୃତି ପ୍ରତି ସଚେତନ କରି ହେବା ସ୍ୱାଭାବିକ ।

ଭାଷା ଓ ଭାବନାର ସମ୍ପର୍କକୁ ଆଉ ଗୋଟିଏ ଉଦାହରଣ ମାଧ୍ୟମରେ ଅଧିକ ସ୍ପଷ୍ଟ କରାଯାଇପାରେ । ସମସ୍ତେ ଲକ୍ଷ୍ୟ କରିଥିବେ ଯେ ଇଂରାଜୀ ଭାଷାରେ 'I' (ମୁଁ) ଶବ୍ଦ ପ୍ରଥମ ପୁରୁଷ ଏବଂ 'He' କିମ୍ବା 'She' (ସେ) ଶବ୍ଦଟି ତୃତୀୟ ପୁରୁଷ । ଏପରି ଭାଷା ବିନ୍ୟାସରେ ପାଶ୍ଚାତ୍ୟ ଜଗତର ମନୋଭାବ ପ୍ରତିଫଳିତ । ପାଶ୍ଚାତ୍ୟଦେଶର ସମାଜଗୁଡ଼ିକ ମୁଖ୍ୟତଃ ବ୍ୟକ୍ତିମୁଖୀ (Individualistic) । ଏପରି ସବୁ ସମାଜରେ ବ୍ୟକ୍ତିକୁ ଅଧିକ ପ୍ରାଧାନ୍ୟ ଦିଆଯାଏ । ଜଣେ ବ୍ୟକ୍ତି ନିଜର ଚାହିଦା (Needs) ଏବଂ ଅଭୀପ୍ସା ପ୍ରତି ଅଧିକ ସଚେତନ ହେବାର ପ୍ରତ୍ୟାଶା ରଖାଯାଏ । ଏ ପରିପ୍ରେକ୍ଷୀରେ ଇଂରାଜୀରେ 'I' ବା 'ମୁଁ' ଶବ୍ଦଟି ପ୍ରଥମ ପୁରୁଷ ବିଚାର କରାଯିବା ସ୍ୱାଭାବିକ, କାରଣ ସାମାଜିକ ପରିପ୍ରେକ୍ଷୀରେ 'ମୁଁ' ପ୍ରଥମେ ଏବଂ ମୋର ଚାହିଦାସବୁ ପ୍ରଥମ । ଅନ୍ୟମାନଙ୍କ କଥା ପରେ ବିଚାର୍ଯ୍ୟ, ସୁତରାଂ ଅନ୍ୟମାନେ ତୃତୀୟ ପୁରୁଷ ।

ଅନ୍ୟ ପକ୍ଷରେ ପ୍ରାଚ୍ୟ ଦେଶର ଅଧିକାଂଶ ସମାଜ ଗୋଷ୍ଠୀମୁଖୀ (Collectivist) । ଏସବୁ ସମାଜରେ ଦଳ ବା ଗୋଷ୍ଠୀକୁ ପ୍ରାଧାନ୍ୟ ଦିଆଯାଏ । ଏପରି ଚିନ୍ତାଧାରା ଭାଷାରେ ମଧ୍ୟ ପ୍ରତିବିମ୍ବିତ । ସଂସ୍କୃତ ଭାଷାର ଉଦାହରଣ ନିଆଯାଉ । ସଂସ୍କୃତର ପ୍ରଥମ ପୁରୁଷ ହେଉଛି 'ସଃ'

Digitized by srujanika@gmail.com

ବା 'ସା' (ସେ) । ଆମେ ଭାରତବର୍ଷରେ ନିଜ ଅପେକ୍ଷା ଅତିଥିକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଏ ଦୃଷ୍ଟିରୁ ହେଉଛି 'ସେ' କିମ୍ବା 'ସେମାନେ' ପ୍ରଥମ ପୁରୁଷ ହେବା ସ୍ୱାଭାବିକ ।

ଭାଷା ଆମର ଭାବନାକୁ ପ୍ରକଟ କର ଏବଂ ଭାଷାଗତ ପରିପକ୍ୱତା ଆମ ଚିନ୍ତନର ପରିପକ୍ୱନ ଦିଗରେ ସହାୟକ ହୁଏ । ଭିଗୋଟ୍‌ସ୍କିଙ୍କ ଏହି ମୂଳ ତତ୍ତ୍ୱ ଆଜିକାଲି ଅଧିକରୁ ଅଧିକ ସମର୍ଥନ ଲାଭ କରୁଛି ।

ଭିଗୋଟ୍‌ସ୍କିଙ୍କ ତତ୍ତ୍ୱର ପରିପ୍ରେକ୍ଷୀରେ ଶିକ୍ଷା ଓ ଶିକ୍ଷକର ଭୂମିକା ମଧ୍ୟ ବିଚାର୍ଯ୍ୟ । ଭିଗୋଟ୍‌ସ୍କିଙ୍କ ମତରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭିଗୋଟ୍‌ସ୍କିଙ୍କ ମତରେ ପ୍ରତି ସମାଜ ଓ ସଂସ୍କୃତିର ନିଜସ୍ୱ ଉପକରଣ (Tools) ରହିଥାଏ । ଶିକ୍ଷା ମାଧ୍ୟମରେ ଶିଶୁ ଓ କିଶୋର କିଶୋରୀମାନେ ଏହି ସାଂସ୍କୃତିକ ଉପକରଣ ସହିତ ପରିଚିତ ହୁଅନ୍ତି ।

ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ମଧ୍ୟ ମହତ୍ତ୍ୱପୂର୍ଣ୍ଣ । ତେବେ ଶିକ୍ଷକ ଶିକ୍ଷୟିତ୍ରୀମାନେ କିଶୋର କିଶୋରୀମାନଙ୍କ ପାଇଁ ନିର୍ଦ୍ଦେଶିକାର ଭୂମିକା ନେବା ଉଚିତ ହେବ ବୋଲି ଭିଗୋଟ୍‌ସ୍କି ବିଚାର କରନ୍ତି ନାହିଁ । ତାଙ୍କ ମତରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉନ୍ନତ କଳା କୌଶଳର ଅଧିକାରୀ ହେବେ ଏବଂ ପାରସ୍ପରିକ କ୍ରିୟା ଅନୁକ୍ରିୟା (Interaction) ମାଧ୍ୟମରେ କିଶୋର କିଶୋରୀମାନଙ୍କୁ ତାଲିମ ପ୍ରଦାନ କରିବେ । କିଶୋର କିଶୋରୀମାନଙ୍କର ସାଙ୍ଗ ସାଥୀମାନେ ମଧ୍ୟ ଉନ୍ନତ କାର୍ଯ୍ୟକୁଶଳତାର ଅଧିକାରୀ ହୋଇ ଏପରି ପ୍ରଶିକ୍ଷଣ ଦାୟିତ୍ୱ ନିର୍ବାହ କରିପାରନ୍ତି ।

ବିକାଶ ସାଧନ ପାଇଁ ଭିଗୋଟ୍‌ସ୍କିଙ୍କ ମାର୍ଗଦର୍ଶନ

୧. ବୌଦ୍ଧିକ ବିକାଶ ସମେତ ଅନ୍ୟସବୁ ମନସ୍ତାତ୍ତ୍ୱିକ ବିକାଶ ଏକ ପୃଥକୀକୃତ ବିଚ୍ଛିନ୍ନ ପ୍ରକ୍ରିୟା ନୁହେଁ, ଏହା ଏକ ସମଷ୍ଟିଗତ ଉଦ୍ୟମ । ସୁତରାଂ ସାମାଜିକ ସାଂସ୍କୃତିକ ପରିବେଶ ପ୍ରତି ଧ୍ୟାନଶୀଳ ହେବାକୁ ପଡ଼ିବ ।

୨. ଭାଷାଗତ ବିକାଶ ବୌଦ୍ଧିକ ଓ ଭାବନାଗତ ବିକାଶର କେନ୍ଦ୍ରବିନ୍ଦୁ ହୋଇଥିବାରୁ ଏହାର ସମୃଦ୍ଧିକରଣ ପାଇଁ ସଚେତନ ହେବାକୁ ପଡ଼ିବ ।

୩. ଭାଷାଗତ ଦକ୍ଷତା ଥିବା ବ୍ୟକ୍ତିମାନେ (ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା ଓ କୁଶଳୀ ସାଙ୍ଗସାଥୀ) ପାରସ୍ପରିକ କ୍ରିୟା ଅନୁକ୍ରିୟା (Interaction) ମାଧ୍ୟମରେ କିଶୋର କିଶୋରୀମାନଙ୍କର ଭାଷାଗତ ଓ ଭାବନାଗତ ବିକାଶ ସାଧନ କରିପାରିବେ ।

୪. କିଶୋର କିଶୋରୀମାନେ ଆତ୍ମକଥନ (Self-Talk) ଓ ଅନ୍ତଃସଂଳାପ ମାଧ୍ୟମରେ ଦକ୍ଷତାର ପରିସର ବୃଦ୍ଧି କରିପାରିବେ ।

୫. ଶିକ୍ଷା ମାଧ୍ୟମରେ କିଶୋର କିଶୋରୀମାନଙ୍କୁ ନିର୍ଦ୍ଦିଷ୍ଟ ସମାଜ ଓ ସଂସ୍କୃତିର ଉପକରଣ (Tools) ସହିତ ପରିଚିତି ବୃଦ୍ଧି କରାଯିବା ଉଚିତ୍ ।

୬. ଶିକ୍ଷକ ଓ ପ୍ରଶିକ୍ଷକମାନେ କିଶୋର କିଶୋରୀମାନଙ୍କୁ ନିର୍ଦ୍ଦେଶ ନ ଦେଇ ବା ନିୟନ୍ତ୍ରଣ ନ କରି ସୁଯୋଗର ବାତାବରଣ ନିର୍ମାଣ କରିବା ବିଧେୟ ।

Digitized by srujanika@gmail.com

ବୌଦ୍ଧିକ ବିକାଶର ଅନ୍ୟ କେତୋଟି ଦିଗ

କିଶୋରକାଳୀନ ବୌଦ୍ଧିକ ବିକାଶ ସହିତ ଅନ୍ୟ କେତୋଟି ଦିଗ ସଂଶ୍ଳିଷ୍ଟ । ଏ ସମସ୍ତ ଦିଗ ବୌଦ୍ଧିକ ବିକାଶର ପରିଣତି ରୂପେ ବିଚାର କରାଯାଇପାରେ କିମ୍ବା ବୌଦ୍ଧିକ ବିକାଶର ସହାୟକ ଦିଗ ରୂପେ ବିବେଚନା କରାଯାଇପାରେ । ଅଭିନିବେଶ (Attention), ସ୍ମୃତି, ନିଷ୍ପତ୍ତି ଗ୍ରହଣ ଏବଂ ଜଟିଳ ଚିନ୍ତନ (Critical Thinking) ଏ ଧରଣର ବିଶିଷ୍ଟ ବୈଭବ ।

ଅଭିନିବେଶ (Attention) ଏକ ବିଶେଷ ଧରଣର ମାନସିକ ଉଦ୍ୟମ । ମାନସିକ ଉଦ୍ୟମର ପ୍ରୟୋଗ କରି କୌଣସି ବସ୍ତୁ କିମ୍ବା ଲକ୍ଷ୍ୟରେ ସ୍ଥିରତା ପ୍ରଦର୍ଶନ ମାଧ୍ୟମରେ ଏହା ପ୍ରତିଫଳିତ ହୁଏ । କୋଠରୀ ମଧ୍ୟରେ ଉଚ୍ଚସ୍ୱରରେ ଦୂରଦର୍ଶନରେ କାର୍ଯ୍ୟକ୍ରମ ଚାଲୁ ରହିଥିବା ସତ୍ତ୍ୱେ ଜଣେ କିଶୋରୀ କିଶୋର ନିଜର ମୁଖ୍ୟ କାର୍ଯ୍ୟ ପ୍ରତି ଅଭିନିବିଷ୍ଟ ରହିବାର ପ୍ରତ୍ୟାଶା ରଖାଯାଏ । ଶିକ୍ଷକ ଶିକ୍ଷୟିତ୍ରୀ ''ତୁମେମାନେ ମୋ କଥା ଶୁଣ କିମ୍ବା ମୋ ଆଡ଼କୁ ଚାହଁ'' କହିବା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଦିଗ ପ୍ରତି ଅଭିନିବିଷ୍ଟ ରହିବାକୁ ସୂଚନା ଦିଅନ୍ତି । ଅଭିନିବେଶର ମୁଖ୍ୟ ପ୍ରକୃତି ହେଉଛି ଚୟନାତ୍ମକ (Selectivity) । ଆମେ ସାଧାରଣତଃ ଇଚ୍ଛା କରି ଗୋଟିଏ ଜିନିଷ ଉପରୁ ଦୃଷ୍ଟି ଫେରାଇ ଅନ୍ୟ ଜିନିଷଟି ଦେଖୁ । ସେହିପରି ଗୋଟିଏ କଥାରୁ ନିଜକୁ ଏଡ଼ାଇ ନେଇ ଅନ୍ୟ କଥାରେ ମନୋନିବେଶ କରୁ । ସାଧାରଣତଃ କୈଶୋର ବୟସରେ ଏପରି ନିୟନ୍ତ୍ରଣ କ୍ଷମତା ହାସଲ କରାଯାଇଥାଏ, ଅଳ୍ପ କେତେକ ବହୁ ଆବେଗପ୍ରବଣ (Impulsive) କିଶୋର କିଶୋରୀକୁ ବାଦ୍ ଦେଲେ ଅନ୍ୟମାନେ ନିଜର ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଦିଷ୍ଟ ବସ୍ତୁ କିମ୍ବା ବିଷୟ ପ୍ରତି ଅଭିନିବିଷ୍ଟ ହୋଇପାରନ୍ତି ।

ବେଳେବେଳେ ଗୋଟିଏ ସମୟରେ ଦୁଇଟି ବସ୍ତୁ ବା ବିଷୟ ଉପରେ ଅଭିନିବିଷ୍ଟ (Attentive) ହେବାର ଆବଶ୍ୟକତା ଉପୁଜିଥାଏ । ଏପରି କାର୍ଯ୍ୟ କିଶୋର କିଶୋରୀମାନେ ସଫଳତାର ସହିତ କରିପାରନ୍ତି । ଗୋଟିଏ ସର୍ବେକ୍ଷଣରେ ଦେଖାଯାଇଛି ଯେ ବାରବର୍ଷର କିଶୋର କିଶୋରୀମାନେ ଏକା ସମୟରେ ଦୁଇଟି ବିଷୟରେ ଅଭିନିବିଷ୍ଟ ହେବାର ସଫଳତା ଆଠବର୍ଷର ପିଲାମାନଙ୍କଠାରୁ ଅଧିକ ମାତ୍ରାର ଦର୍ଶାଇପାରନ୍ତି । ଅବଶ୍ୟ କୋଡ଼ିଏ ବର୍ଷର ଯୁବକ ଯୁବତୀମାନଙ୍କ ଦକ୍ଷତାଠାରୁ ଏହା ସାମାନ୍ୟ କମ୍ ।

ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି **ସ୍ମୃତି** (Memory) । ମନେରଖିବାକୁ ହେବ ଯେ ଆମର ଦୈନନ୍ଦିନ ଜୀବନରେ ଏକ ବିଶେଷ ଧରଣର ସ୍ମୃତି ହେଉଛି **କ୍ଷଣସ୍ମୃତି** (Short

Digitized by srujanika@gmail.com

Term Memory ବା STM) । ଆମେ ଗୋଟିଏ ଜିନିଷକୁ ଦେଖିବା ବା ଶୁଣିବା ପରେ ପରେ ଏହାର ଛାପ (Sensory Impression) ପ୍ରାୟ ୧୫ ରୁ ୩୦ ସେକେଣ୍ଡ ରହିଥାଏ । ଏହାର ପୁନଃଅଭ୍ୟାସ ନ କଲେ ଏହାର ସ୍ମୃତି ତିରୋହିତ ହୋଇଥାଏ । ମନେକରାଯାଉ ଆମେ ଡିରେକ୍ଟୋରୀରେ ଜଣଙ୍କର ଫୋନ୍‌ନମ୍ବର ଦେଖି ମନେରଖିବାକୁ ଚେଷ୍ଟା କରୁଛୁ । ପ୍ରଶ୍ନ ଉଠିପାରେ ଆମେ ଗୋଟିଏ ଝଲକରେ ଅତି ବେଶୀରେ କେତୋଟି ସଂଖ୍ୟା ମନେରଖି ପାରିବୁ ? ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଛନ୍ତି ଯେ ଏପରି ସ୍ମୃତିର ପରିସର (Span of Memory Atttention) ଯୁବକ ଯୁବତୀମାନଙ୍କ ପାଇଁ ୫ ରୁ ୯, ହାରାହାରି ଭାବରେ ଏହା ୭ ।

ଗବେଷଣାରୁ ଆହୁରି ମଧ୍ୟ ଦେଖାଯାଇଛି ଯେ ଦୁଇ ତିନି ବର୍ଷର ଶିଶୁମାନେ ହାରାହାରି ପ୍ରାୟ ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାର କ୍ଷଣସ୍ମୃତି (STM) ପ୍ରଦର୍ଶନ କରନ୍ତି । ତିନିବର୍ଷରୁ ସାତବର୍ଷ ବୟସ ମଧ୍ୟରେ ଏହାର ସ୍ତର ଦୁଇରୁ ପାଞ୍ଚକୁ ବୃଦ୍ଧି ପାଇଥାଏ । ମାତ୍ର ୭ ବର୍ଷରୁ ୧୩ ବର୍ଷ (କିଶୋର) ବୟସ ମଧ୍ୟରେ ଏହା ମାତ୍ର ୧$\frac{୧}{୨}$ ବୃଦ୍ଧିପାଏ । ଏହି ପର୍ଯ୍ୟବେକ୍ଷଣର ତାତ୍ପର୍ଯ୍ୟ ହେଉଛି ଯେ କ୍ଷଣସ୍ମୃତିର ପରିସର ଆଦ୍ୟକାଳରେ ଅଧିକ ବିକାଶ ଲାଭ କରେ ।

ଅଧିକାଂଶ ସମୟରେ ଆମର ଶିକ୍ଷଣ କରାଯାଇଥିବା ସ୍ମୃତି ସାମଗ୍ରୀସବୁକୁ ଆମେ ବାରମ୍ବାର ଅଭ୍ୟାସ କରିଥାଉ । ଥରେ ଦେଖିଥିବା ଟେଲିଫୋନ୍ ନମ୍ବରଟିର ଭବିଷ୍ୟତ ଉପଯୋଗ ପାଇଁ ଆମେ ମନେ ମନେ ମୁଖସ୍ଥ କରୁ । ଏପରି ପୁନଃଅଭ୍ୟାସ (Reherasal) ଫଳରେ ସ୍ମୃତି ସାମଗ୍ରୀ କ୍ଷଣସ୍ମୃତି ପର୍ଯ୍ୟାୟରୁ **ଦୀର୍ଘସ୍ମୃତି** (Long Term Memory ବା LTM) ପର୍ଯ୍ୟାୟକୁ ଗତିକରେ । ଆମେ ଯେତେ ଅଧିକ ପୁନଃଅଭ୍ୟାସ କରୁ ପୁନଃସ୍ମରଣ କରିବାର ସଫଳତା ସେତେ ବେଶୀ ବୃଦ୍ଧିପାଏ ।

ବୟସର ବୃଦ୍ଧି ସହିତ ଦୀର୍ଘସ୍ମୃତିର ସ୍ମରଣ ସାଫଲ୍ୟ ବୃଦ୍ଧିପାଏ । ମଧ୍ୟ ଓ ପର ବାଲ୍ୟଜୀବନର ଏହି ବିକାଶ କୈଶୋର ଓ ଯୌବନ କାଳରେ ଅବ୍ୟାହତ ରହେ । କିଶୋର କିଶୋରୀମାନେ ନିଜର ଶିକ୍ଷାନୁଷ୍ଠାନର ଶିକ୍ଷଣ ମାଧ୍ୟମରେ ସଂଗଠନର କୌଶଳ (Organizing Priniciple) ଶିକ୍ଷା କରନ୍ତି । ଏହା ସ୍ମରଣ ସାଫଲ୍ୟରେ ଯଥେଷ୍ଟ ସହାୟକ ହୁଏ । ଗୋଟିଏ ଉଦାହରଣ ଦ୍ୱାରା ଏହା ସ୍ପଷ୍ଟ କରାଯାଇପାରେ । ମନେକରାଯାଉ ୧୦୩୦୩୬୫ ସଂଖ୍ୟାଟିକୁ ମନେରଖିବାକୁ ହେବ । ଏ କ୍ଷେତ୍ରରେ ସଂଖ୍ୟାଟିର ପ୍ରତ୍ୟେକ ରାଶିକୁ ପୃଥକ୍ ପୃଥକ୍ ବିଚାର କଲେ ଏଥିରେ ସାତୋଟି ଅଂକ ରହିଛି ବୋଲି ଧରାଯିବ । ମାତ୍ର ଜଣେ ବୁଦ୍ଧିମାନ୍ ବ୍ୟକ୍ତି ପ୍ରଥମ ଚାରୋଟି ଅଂକକୁ (୧୦୩୦) ଅଫିସ୍ ଆରମ୍ଭ ହେବାର ସମୟ (ଘ ୧୦-୩୦) ଏବଂ ଶେଷ ତିନୋଟି ସଂଖ୍ୟାକୁ (୩୬୫) ଗୋଟିଏ ବର୍ଷର ଦିନସଂଖ୍ୟା ରୂପେ ବିଚାର କରିପାରନ୍ତି । ଏପରି ବିଚାର ଓ ସଂଗଠନ (Organisation) ଫଳରେ ମୂଳସଂଖ୍ୟାଟି ସାତଅଙ୍କ ବିଶିଷ୍ଟ ଦୀର୍ଘସାମଗ୍ରୀ ନ ହୋଇ ଦୁଇଟି ଏକକର (Units) ସାମଗ୍ରୀ ହୋଇଯିବ । ଫଳରେ ମନେରଖିବା ସହଜ ହେବ । ବୟସର ବୃଦ୍ଧି ସହିତ ଶିକ୍ଷାଗତ ପରିପକ୍ୱତା ଏପରି ସଂଗଠନ କୌଶଳର ବିକାଶ ଘଟାଇ ସ୍ମରଣ ସାଫଲ୍ୟ ବୃଦ୍ଧି କରିଥାଏ ।

Digitized by srujanika@gmail.com

ବୌଦ୍ଧିକ ବିକାଶର ପରିପ୍ରକାଶ କେବଳ ସ୍ମୃତି ଓ ଅଭିନିବେଶ ମଧ୍ୟରେ ସୀମିତ ନୁହେଁ । ଏହା ଅନ୍ୟ କେତେକ ଉଚ୍ଚତର କ୍ରିୟାକଳାପରେ ପ୍ରତିବିମ୍ବିତ । ଆଧୁନିକ ମନୋବିଜ୍ଞାନୀମାନେ ଏସବୁ କ୍ରିୟାକଳାପ ପାଇଁ ବ୍ୟବସ୍ଥାପକ ଦକ୍ଷତା (Executive) ପରିଭାଷା ପ୍ରୟୋଗ କରୁଛନ୍ତି । ନିଷ୍ପତ୍ତି ଗ୍ରହଣ (Decision) ଏହି ବ୍ୟବସ୍ଥାପକ କୌଶଳର ଅନ୍ତର୍ଭୁକ୍ତ । ପିଲାମାନଙ୍କ ତୁଳନାରେ କିଶୋର କିଶୋରୀମାନେ ଅଧିକ ଦକ୍ଷତାର ସହିତ ନିଷ୍ପତ୍ତି ଗ୍ରହଣ କରିପାରନ୍ତି ।

ବିଶେଷତଃ ପରବର୍ତ୍ତୀ କୈଶୋର ସୋପାନରେ କିଶୋର କିଶୋରୀମାନେ ଯୁବକଯୁବତୀମାନଙ୍କ ପରି ନିଷ୍ପତ୍ତି ଗ୍ରହଣର ଦକ୍ଷତା ଦର୍ଶାନ୍ତି । ଅବଶ୍ୟ ଅତିଆବେଗପ୍ରବଣ (Impulsive) ଏବଂ ଉତ୍ତେଜନା-ଅନ୍ୱେଷୀ (Sensation Seeking) କିଶୋର କିଶୋରୀମାନେ ଏ କ୍ଷେତ୍ରରେ ସଫଳତାର ଅଧିକାରୀ ହୋଇ ନ ଥାନ୍ତି । କିଶୋର କିଶୋରୀମାନଙ୍କ କ୍ଷେତ୍ରରେ ଅନ୍ୟ ଗୋଟିଏ ବିଚ୍ୟୁତି ମଧ୍ୟ ଲକ୍ଷ୍ୟ କରାଯାଇଛି । ହୁଏତ ଗାଡ଼ିଚାଳନାର ପ୍ରଶିକ୍ଷଣ (Training) ସମୟରେ କିଶୋର କିଶୋରୀମାନେ ଦକ୍ଷତା ପ୍ରଦର୍ଶନ କରନ୍ତି । ଦିନକୁ ଦିନ ସେମାନଙ୍କ ଶିକ୍ଷଣରେ ଉନ୍ନତି ପରିଲକ୍ଷିତ ହୁଏ । ମାତ୍ର ବାସ୍ତବ କ୍ଷେତ୍ରରେ (ଯଥା – ରାଜପଥରେ ଗାଡ଼ିଚାଳନା) ସେମାନେ ଯୁବକ ଯୁବତୀଙ୍କ ପରି ପରିପକ୍ୱ ଗାଡ଼ିଚାଳନାର ସାମର୍ଥ୍ୟ ଦର୍ଶାନ୍ତି ନାହିଁ । ଅଭିଜ୍ଞତା ଅଧିକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରେ । ରାସ୍ତା ଦୁର୍ଘଟଣାରେ ତୁଳନାତ୍ମକ ଭାବରେ ଅଧିକ ସଂଖ୍ୟକ କିଶୋର କିଶୋରୀ ଜଡ଼ିତ ଥିବାର ପ୍ରମାଣ ବିରଳ ନୁହେଁ ।

ନିଷ୍ପତ୍ତି ଗ୍ରହଣ ପରି ଅନ୍ୟ ଏକ ବୌଦ୍ଧିକ ପରିପ୍ରକାଶ ହେଉଛି ଯୁକ୍ତିଯୁକ୍ତ ବିଚାର (Reasoning) । ଏ ସମୟରେ ସାଧାରଣତଃ ଦୁଇଟି କୌଶଳର ଉପଯୋଗ କରାଯାଏ । ପ୍ରଥମଟି ହେଉଛି ଆରୋହ (Inductive) ଯୁକ୍ତି । ନିର୍ଦ୍ଦିଷ୍ଟ ବସ୍ତୁ ବା ବିଷୟରୁ ସାଧାରଣ ଦିଗକୁ ଗତି କରିବାର କୌଶଳ ମାଧ୍ୟମରେ ଏହା ପରିସ୍ଫୁଟ ହୁଏ । ଧରାଯାଉ ଆମେ ଦେଖିଲୁ ଯେ ରାମ ପିଲାଟି ସରଳ । ତା'ପରେ ଦେଖିଲୁ ଯେ ମୋହନ ପିଲାଟି ସରଳ । ଏହିପରି ନିର୍ଦ୍ଦିଷ୍ଟ ପର୍ଯ୍ୟବେକ୍ଷଣ ସବୁକୁ ଭିତ୍ତି କରି "ପିଲାମାନେ ସରଳ" ବିଚାର କରିବାର କୌଶଳ ହେଉଛି ଆରୋହ ଯୁକ୍ତି ।

ଅନ୍ୟ ପକ୍ଷରେ ସାଧାରଣ ନୀତିକୁ ଆଧାର କରି ନିର୍ଦ୍ଦିଷ୍ଟ ବସ୍ତୁ ବା ବିଷୟ ସମ୍ପର୍କରେ ସିଦ୍ଧାନ୍ତ ଗ୍ରହଣ ହେଉଛି ଅବରୋହ (Deductive) ଯୁକ୍ତି । ଗୋଟିଏ ଦୃଷ୍ଟାନ୍ତ ଦିଆଯାଇପାରେ । ଜଳୀୟ ପଦାର୍ଥସବୁର ନିଜସ୍ୱ ଆକୃତି ନାହିଁ । ଏହା ରହିଥିବା ପାତ୍ରର ଆକାର ଧାରଣା କରେ । ଏହି ସିଦ୍ଧାନ୍ତକୁ ଆଧାର କରି କୌଣସି ଏକ ତରଳ ପଦାର୍ଥର (ଯଥା – କିରୋସିନି) ଆକୃତି ସମ୍ପର୍କରେ ପୂର୍ବାନୁମାନ କରିବା ହେଉଛି ଅବରୋହ ଯୁକ୍ତି । ନିଷ୍ପତ୍ତି ଗ୍ରହଣର ଦକ୍ଷତା ପରି ଆରୋହ ଓ ଅବରୋହ ଯୁକ୍ତିଯୁକ୍ତ ବିଚାର ଆଦ୍ୟ ବାଲ୍ୟକାଳରୁ ବିକାଶ ଲାଭ କରେ ଏବଂ କିଶୋର ସମୟରେ ଏପରି ଦକ୍ଷତା ଅଧିକ ଋଦ୍ଧିମନ୍ତ ହୁଏ ।

Digitized by srujanika@gmail.com

ଜଟିଳ ଚିନ୍ତନ (Critical Thinking) ଅନ୍ୟ ଏକ ବ୍ୟବସ୍ଥାପକ ଦକ୍ଷତା । ବିସ୍ତୃତଭାବରେ ଓ ଗଭୀରଭାବରେ ଭାବିବା ଏବଂ ସିଦ୍ଧାନ୍ତସବୁର ଯୁକ୍ତିପ୍ରମାଣକୁ ଠିକ୍ ଭାବରେ ସମୀକ୍ଷା କରିବାର ଦକ୍ଷତା ଏ ଧରଣର ହୋଇଥାଏ । କିଶୋର କାଳରେ ଏପରି ଜଟିଳ ଚିନ୍ତନର ବିକାଶ ଘଟେ । ଜଟିଳ ଚିନ୍ତନ ସାମର୍ଥ୍ୟର ଅଧିକ ବିକାଶ ସାଧନ ପାଇଁ କିଶୋର କିଶୋରୀମାନଙ୍କୁ ଭାବାତ୍ମକ ବିଷୟବସ୍ତୁ ଦିଆଯାଇ ସିଦ୍ଧାନ୍ତର ସପକ୍ଷ ଓ ବିପକ୍ଷରେ ଯୁକ୍ତି କରିବାର ସୁଯୋଗ ଦିଆଯିବା ଉଚିତ । ପ୍ରତି ବିଷୟର ଅନୁକୂଳ ଓ ପ୍ରତିକୂଳ ଦିଗର ଚିନ୍ତନ ଓ ସମୀକ୍ଷା ଫଳରେ ଜଟିଳ ଚିନ୍ତନର ସାମର୍ଥ୍ୟ ବିକଶିତ ହୁଏ । ବୌଦ୍ଧିକ ସମସ୍ୟା ସମାଧାନରେ ଏହା ସହାୟକ ହୁଏ ।

ମାର୍ଗଦର୍ଶନ ପାଇଁ କାର୍ଯ୍ୟସୂଚୀ

୧. ଅଭିନିବେଶ ଓ ଏକାଗ୍ରତାର ଉନ୍ମେଷ ଓ ବିକାଶ ପାଇଁ ନିରବ ଉପବେଶନ (Silent Sitting) ଏବଂ ଧ୍ୟାନର ଉପଯୋଗିତା ଶିକ୍ଷା ଦିଅନ୍ତୁ ।

୨. ସ୍ମରଣ ସାଫଲ୍ୟ ପାଇଁ ଖିଅ (Clues) ସବୁର ଅଧିକ ଉପଯୋଗ ଏବଂ ଅର୍ଥପୂର୍ଣ୍ଣଭାବରେ ସ୍ମରଣ ସାମଗ୍ରୀକୁ ସଂଗଠିତ (Organized) କରିବାର କୌଶଳ ବେଶ୍ ସହାୟକ ହୋଇଥାଏ ।

୩. କିଶୋର କିଶୋରୀମାନଙ୍କୁ ଶିକ୍ଷା ଦେବା ସମୟରେ ବିଭିନ୍ନ କାଳ୍ପନିକ ଭୂମିକା ନିର୍ବାହ (Role Playing) କୌଶଳର ଉପଯୋଗ କରନ୍ତୁ (ଯଥା – ଗୋଟିଏ କାଳ୍ପନିକ ପରିବେଶର ବର୍ଣ୍ଣନା ଦେଇ ଆପଣ ପଚାରିପାରନ୍ତି – ତୁମେ କାରଖାନାର ମାଲିକ ହୋଇଥିଲେ, କ'ଣ କରିବ ?) । ଏ କ୍ଷେତ୍ରର କିଶୋର କିଶୋରୀମାନଙ୍କର ଉତ୍ତରର ଅଥବା କାର୍ଯ୍ୟ ସମ୍ପାଦନର ସବଳ ଓ ଦୁର୍ବଳ ଦିଗ ଉପରେ ଆଲୋକପାତ କରନ୍ତୁ ।

୪. ପାରିବାରିକ ନିଷ୍ପତ୍ତି ଗ୍ରହଣ ସମୟରେ କିଶୋର କିଶୋରୀମାନଙ୍କୁ ଅଂଶ ଗ୍ରହଣର ସୁଯୋଗ ଦିଅନ୍ତୁ । ସେମାନଙ୍କୁ ଏ ପ୍ରକ୍ରିୟାରେ ପ୍ରତିଭାଗୀ କରାନ୍ତୁ ।

୫. କିଶୋର କିଶୋରୀମାନଙ୍କର ଜଟିଳ ଚିନ୍ତନର (Critical Thinking) ବିକାଶ ପାଇଁ ଭାବାତ୍ମକ ସିଦ୍ଧାନ୍ତସବୁର ସପକ୍ଷ ଓ ବିପକ୍ଷ ଯୁକ୍ତିର ଅବତାରଣା କରିବା ପାଇଁ ସୁଯୋଗ ଦିଅନ୍ତୁ । ଯୁକ୍ତିସବୁର ମୂଲ୍ୟାୟନ ନିଜେ ବା ଅନ୍ୟମାନଙ୍କ ଦ୍ୱାରା କରାଇବାର ବ୍ୟବସ୍ଥା କରନ୍ତୁ । ମୂଲ୍ୟାୟନ ସମ୍ପର୍କରେ କିଶୋର କିଶୋରୀମାନଙ୍କୁ ସଚେତନ କରାନ୍ତୁ ।

❑

Digitized by srujanika@gmail.com

ବୌଦ୍ଧିକ ସମ୍ବଳ

କିଶୋର କିଶୋରୀମାନଙ୍କର ବୌଦ୍ଧିକ ବିକାଶର ଅନ୍ତରାଳରେ ବୌଦ୍ଧିକ ସମ୍ବଳର (Cognitive Resources) ଉପଯୋଗ ସୁସ୍ପଷ୍ଟ । ବାଲ୍ୟକାଳ ତୁଳନାରେ କୈଶୋର ଅବସ୍ଥାରେ କେତେକ ସମ୍ବଳର ସୁକ୍ଷମ ଉପଯୋଗ ବିକଶିତ ହୁଏ । ବାହ୍ୟଜଗତରୁ ଉଦ୍ଦୀପନ ଗ୍ରହଣ କରିବା, ସେସବୁର ସଂକେତୀକରଣ (Encoding) କରି ମସ୍ତିଷ୍କରେ ସଞ୍ଚିତ ରଖିବା ଏବଂ ଆବଶ୍ୟକ ସମୟରେ ସେସବୁର ପୁନଃସ୍ମରଣ କରି ସମସ୍ୟା ସମାଧାନ କରିବାର ଦକ୍ଷତା ଉଲ୍ଲେଖଯୋଗ୍ୟ ଭାବରେ ବୃଦ୍ଧିପାଏ । ବିଶେଷତଃ ଆହରଣ କରାଯାଇଥିବା ଉଦ୍ଦୀପକସବୁର ପଦ୍ଧତିକରଣର (Processing) ସାମର୍ଥ୍ୟ ଓ କ୍ଷିପ୍ରତା ଏ ଧରଣର ବୌଦ୍ଧିକ ସମ୍ବଳ ।

ଜୀବଭିତ୍ତିକ କାରଣ ଓ ଅଭିଜ୍ଞତା ଫଳରେ କିଶୋର ସମୟରେ ପଦ୍ଧତୀକରଣର ସାମର୍ଥ୍ୟ ଓ କ୍ଷିପ୍ରତା ବୃଦ୍ଧିପାଏ । ପୂର୍ବରୁ କୁହାଯାଇଛି ଯେ କୈଶୋର ସମୟରେ ମସ୍ତିଷ୍କର ସ୍ନାୟୁକୋଷମାନଙ୍କ ମଧ୍ୟରେ ସଂଯୋଗର ଅଭିବୃଦ୍ଧି ଓ ସଂକ୍ଷିପ୍ତକରଣ (Blooming ଓ Pruning) ବୃଦ୍ଧିପାଏ । ନୂଆ ନୂଆ ସଂଯୋଗ ଗଠିତ ହୋଇ ଅଭିବୃଦ୍ଧି ଘଟେ । ପୁଣି ଅନାବଶ୍ୟକ ସଂଯୋଗ ସବୁ ଅପସରି ଯାଏ (ସଂକ୍ଷିପ୍ତକରଣ) । ଏତଦ୍‌ବ୍ୟତୀତ ସ୍ନାୟୁଦଣ୍ଡର ବଳ୍କଳତାବୃଦ୍ଧି (Myelination) ସଂଘଟିତ ହେବା ଫଳରେ ମସ୍ତିଷ୍କରେ ବୈଦ୍ୟୁତିକ ସ୍ରୋତରେ କ୍ଷିପ୍ରତା ବୃଦ୍ଧିପାଏ । ସୁତରାଂ ସାମର୍ଥ୍ୟ ଓ କ୍ଷିପ୍ରତା ବଢ଼ିଯାଏ । ପିଲାମାନେ ଗୋଟିଏ ଜିନିଷ ଗୋଟିଏ ଦୁଇଟି ଦିଗ ପ୍ରତି ଏକ ସମୟରେ ଅଭିନିବିଷ୍ଟ (Attentive) ହୋଇପାରିବା ସ୍ଥଳେ କିଶୋର କିଶୋରୀମାନେ ଏକା ସମୟରେ କେତେଗୁଡ଼ିଏ ଦିଗ ପ୍ରତି ଅଭିନିବିଷ୍ଟ ହୋଇପାରନ୍ତି ।

ପଦ୍ଧତିକରଣର କ୍ଷିପ୍ରତାକୁ ସହଜରେ ମାପ କରାଯାଇପାରେ । ଏପରି କ୍ଷିପ୍ରତାକୁ ପ୍ରତିକ୍ରିୟା ସମୟ କୁହାଯାଏ । ମନେକରାଯାଉ ନିର୍ଦ୍ଦେଶ ଦିଆଯାଇଛିଯେ ବ୍ୟକ୍ତି ନୀଳ ବତୀଟି ଜଳିବାର ଦେଖିଲେ ବାମ ସୁଇଚ୍‌ଟି ଟିପିବ ଏବଂ ଲାଲ ବତୀଟି ଜଳିବାର ଦେଖିଲେ ଡ଼ାହାଣ ସୁଇଚ୍‌ଟି ଟିପିବ । ପରୀକ୍ଷକ ବିକ୍ଷିପ୍ତ ଭାବରେ ନୀଳ ବତୀ ଓ ଲାଲ୍ ବତୀ ଜଳାଇ ବ୍ୟକ୍ତିର ପ୍ରତିକ୍ରିୟା ସମୟ ଲକ୍ଷ୍ୟ କରିପାରନ୍ତି । ବତୀଟି ଜଳିବା ଏବଂ ଠିକ୍ ଭାବରେ ସୁଇଚ୍ ଟିପିବାର ମଧ୍ୟବର୍ତ୍ତୀ ସମୟ ହେଉଛି ପ୍ରତିକ୍ରିୟା ସମୟ (Reaction Time) । କହିବା ଅନାବଶ୍ୟକ ଯେ ଏହି ସମୟ ଯେତେ କମ୍ ହେବ, ପଦ୍ଧତିକରଣ (କେଉଁ ସୁଇଚ୍‌ଟି ଟିପାଯିବ, ତାହାର ନିଷ୍ପତ୍ତି) ସେତେ ଦ୍ରୁତ ବୋଲି ଧରାଯିବ । ଏହିପରି ଗୋଟିଏ ଅନୁସନ୍ଧାନରେ ଲକ୍ଷ୍ୟ କରାଗଲା ଯେ ପନ୍ଦରବର୍ଷ ବୟସର କିଶୋର କିଶୋରୀମାନେ ଯେଉଁ ପରିମାଣର ସମୟ ନେଉଛନ୍ତି,

Digitized by srujanika@gmail.com

ଦଶ ବର୍ଷର ପିଲାମାନେ ତାହାର ପ୍ରାୟ ଦୁଇଗୁଣ ଏବଂ ବାର ବର୍ଷର ପିଲାମାନେ ତାହାର ପ୍ରାୟ ଦେଢ଼ଗୁଣ ସମୟ ନେଉଛନ୍ତି । ପନ୍ଦର ବର୍ଷର କିଶୋର କିଶୋରୀମାନଙ୍କର କ୍ଷିପ୍ରତା ଯୁବକ ଯୁବତୀମାନଙ୍କ କ୍ଷିପ୍ରତା ସହିତ ପ୍ରାୟ ସମାନ ।

କେବଳ କ୍ଷିପ୍ରତା ନୁହେଁ, କିଶୋର କିଶୋରୀମାନେ ପଦ୍ଧତିକରଣ (Processing) ସମୟରେ କେତୋଟି କୌଶଳର ଉପଯୋଗ କରନ୍ତି । ଏପରି କୌଶଳର ଉପଯୋଗ ଫଳରେ ସମସ୍ୟା ସମାଧାନ ଅପେକ୍ଷାକୃତ ସହଜ ହୁଏ । ଚାରୋଟି କୌଶଳର ଦୃଷ୍ଟାନ୍ତ ଦିଆଯାଇ ପାରେ ।

ପ୍ରଥମ କୌଶଳଟି ହେଉଛି ଉଦ୍ଦୀପନାକୁ ଗ୍ରହଣ କରି ସଂକେତୀକରଣ (Encoding) କରିବା ସମୟରେ ବିଜ୍ଞତାପୂର୍ଣ୍ଣ ଚୟନପ୍ରକ୍ରିୟା । ଏହା ଆମ ସମସ୍ତଙ୍କର ଏକ ସାଧାରଣ ଅନୁଭବ ଯେ ଆମେ ପ୍ରତି ମୁହୂର୍ତ୍ତରେ ଅଜସ୍ର ଉଦ୍ଦୀପନାର ସମ୍ମୁଖୀନ ହେଉ । ଧ୍ୟାନର ସମୟକୁ ବାଦ୍ ଦେଲେ ଆମର ଜାଗ୍ରତ ଅବସ୍ଥାରେ ଅସଂଖ୍ୟ ଉଦ୍ଦୀପକ ଆମର ଇନ୍ଦ୍ରିୟସମୂହ (ଚକ୍ଷୁ, କର୍ଣ୍ଣ, ନାସା, ଚର୍ମ ଓ ଜିହ୍ୱା) ପାଇଁ ସାମଗ୍ରୀ ଯୋଗାଇ ଥାଆନ୍ତି । ସବୁ ଉଦ୍ଦୀପନାକୁ ଗ୍ରହଣ କରିବା ସମ୍ଭବ ନୁହେଁ । ପୁଣି ଅନେକ ଉଦ୍ଦୀପନାକୁ ଗ୍ରହଣ କରିବା ମଧ୍ୟ ସମୀଚୀନ ନୁହେଁ । ଏଥିପାଇଁ ଆମକୁ ବିଜ୍ଞତାର ସହିତ ଚୟନ କୌଶଳ ପ୍ରୟୋଗ କରିବାକୁ ହେବ । କେଉଁଟି ପ୍ରାସଙ୍ଗିକ ଓ କେଉଁଟି ଅପ୍ରାସଙ୍ଗିକ, କେଉଁଟି ଦରକାରୀ ଓ କେଉଁଟି ଅଦରକାରୀ, କେଉଁଟି ମୂଲ୍ୟବାନ୍ ଓ କେତୋଟି ମୂଲ୍ୟହୀନ, ତାହା ସ୍ଥିର କରିବାକୁ ହେବ । ଏପରି ମୂଲ୍ୟାୟନ କରି ପ୍ରାସଙ୍ଗିକ ଉଦ୍ଦୀପକକୁ ଗ୍ରହଣ କରିବା ଏବଂ ଅପ୍ରାସଙ୍ଗିକ ଉଦ୍ଦୀପକକୁ ଏଡ଼ାଇଯିବା ଏକ ବିଶେଷ ଧରଣର ସାମର୍ଥ୍ୟ । ପିଲାମାନଙ୍କ ତୁଳନାରେ କିଶୋର କିଶୋରୀମାନଙ୍କର ଏପରି ଦକ୍ଷତା ଅଧିକ ପରିମାଣରେ ବିକଶିତ ହୁଏ ।

ଦ୍ୱିତୀୟ କୌଶଳଟି ହେଉଛି ସ୍ୱତଃକ୍ରିୟତା (Automaticity) । ଜଣେ ସୁଦକ୍ଷ ଟେନିସ୍ ଖେଳାଳୀଙ୍କ କ୍ରୀଡ଼ାନୈପୁଣ୍ୟ ଲକ୍ଷ୍ୟ କଲେ ସମସ୍ତେ ଅନୁଭବ କରିବେ ଯେ ସେ ମନ୍ଥର ଗତିରେ ଭାବିଚିନ୍ତି ଟେନିସ୍ ବଲ୍ ଅପର ପାର୍ଶ୍ୱକୁ ମାରୁନାହାଁନ୍ତି । ଯନ୍ତ୍ରଚାଳିତ ମେସିନ୍ ପରି ସେ ଦକ୍ଷତାର ସହିତ ଦ୍ରୁତଗତିରେ ଏ କାର୍ଯ୍ୟଟି କରୁଛନ୍ତି । କଷ୍ଟକରି ଭାବିଚିନ୍ତି ଧୀରଗତିରେ କାର୍ଯ୍ୟ କରାଯାଉ ନାହିଁ । ଏହା ହେଉଛି ସକ୍ରିୟତା, ସ୍ୱତଃକ୍ରିୟତା ।

ଠିକ୍ ଏହିପରି କିଶୋର କିଶୋରୀମାନେ ଧୀରେ ଧୀରେ ସ୍ୱତଃକ୍ରିୟତାର ଦକ୍ଷତା ହାସଲ କରନ୍ତି । ବିଶେଷତଃ ସେମାନେ ଯେଉଁ କାର୍ଯ୍ୟରେ ନିପୁଣ, ତାହାକୁ ସ୍ୱାଭାବିକ ଭାବରେ ଦ୍ରୁତଗତିରେ କରିପାରନ୍ତି । ନିଜର ଆଗ୍ରହ ଥିବା ବିଷୟରେ ଜ୍ଞାନର ପରିସର ବୃଦ୍ଧିପାଏ ଏବଂ ଏପରି ଜ୍ଞାନଗତ ସଫଳ କାର୍ଯ୍ୟଟିକୁ କମ୍ ପରିଶ୍ରମ କମ୍ ଉଦ୍ୟମଶୀଳତାରେ କରିପାରନ୍ତି । କାର୍ଯ୍ୟଟିକୁ କରିବା ସମୟରେ ଅନ୍ୟ କୌଣସି ବ୍ୟକ୍ତିର ଚାପପ୍ରଦାନ ଫଳରେ ଏହା କରୁଥିବାର ଅନୁଭବ କରନ୍ତି ନାହିଁ ।

Digitized by srujanika@gmail.com

ତୃତୀୟତଃ ଅଭିଜ୍ଞତା ଓ ମସ୍ତିଷ୍କଗତ ପରିପକ୍ୱତା ଫଳରେ ନୂଆ ନୂଆ କୌଶଳର ପରିକଳ୍ପନା ସମ୍ଭବ ହୁଏ । ବିଶେଷତଃ କିଶୋର ଅବସ୍ଥାରେ ଅଗ୍ରମସ୍ତିଷ୍କରେ (Frontal Lobe) ଗଠନଗତ ପରିବର୍ତ୍ତନ କିଶୋର କିଶୋରୀମାନଙ୍କୁ ଯୋଜନାବଦ୍ଧ ବ୍ୟବହାରରେ (Planning Behaviour) ସହାୟକ ହୁଏ । ବ୍ୟକ୍ତିଗତ ଅଭିନବ କୌଶଳର ଉପଯୋଗ ସମସ୍ୟା ସମାଧାନର ସହାୟକ ହୁଏ ।

ଚତୁର୍ଥ ଓ ଶେଷ କୌଶଳଟି ହେଉଛି ବ୍ୟାପ୍ତିକରଣ (Generalization) । ବିଭିନ୍ନ ସମସ୍ୟା ଓ ପରିସ୍ଥିତି ମଧ୍ୟରେ ତୁଳନାତ୍ମକ ବିଚାର କରି ପୂର୍ବରୁ ଶିକ୍ଷା ଓ ଆହରଣ କରାଯାଇଥିବା ସମାଧାନ କୌଶଳକୁ ନୂଆ ପରିସ୍ଥିତିରେ ପ୍ରୟୋଗ କରିବାର ଦକ୍ଷତା ବ୍ୟାପ୍ତିକରଣର କୌଶଳର ଅନ୍ତର୍ଭୁକ୍ତ । ପ୍ରତିଟି ପରିସ୍ଥିତିକୁ ପୂର୍ବ ଅବସ୍ଥାଠାରୁ ସମ୍ପୂର୍ଣ୍ଣ ଭିନ୍ନ ବିଚାର କରି ପୂରାପୂରି ପୃଥକ୍ ସମାଧାନର ସୂତ୍ର ଖୋଜିବା ବିଜ୍ଞତା ହେବ ନାହିଁ । ପରିସ୍ଥିତି ମଧ୍ୟରେ ସମାନତା ଓ ଭିନ୍ନତା ଆକଳନ କରିବାକୁ ହେବ । ଏପରି ସମୀକ୍ଷାମୂଳକ ବିଚାର ଫଳରେ କିଶୋର କିଶୋରୀମାନେ ଅତୀତରେ ଶିକ୍ଷାକରାଯାଇଥିବା କୌଶଳର ଏପରି ବ୍ୟାପ୍ତିକରଣ ପ୍ରୟୋଗ କରନ୍ତି । ଅବଶ୍ୟ ମାତ୍ରାଧିକ ବ୍ୟାପ୍ତିକରଣର କଥା ଏଠାରେ କୁହାଯାଉ ନାହିଁ । ମାତ୍ରାଧିକ ବ୍ୟାପ୍ତିକରଣ ଜଟିଳତା ସୃଷ୍ଟି କରିପାରେ । ମାତ୍ର ଅତୀତ ଓ ବର୍ତ୍ତମାନର ଜ୍ଞାନ ମଧ୍ୟରେ ସଂଯୋଗ ସ୍ଥାପନର କୌଶଳ କିଶୋର କିଶୋରୀମାନଙ୍କର ସମସ୍ୟା ସମାଧାନ ସାଫଲ୍ୟକୁ ଅଧିକ ବିକଶିତ କରେ ।

ବୌଦ୍ଧିକ ସମ୍ବଳର ଚିହ୍ନଟ ଓ ଉପଯୋଗ

୧. ବାହ୍ୟଜଗତରୁ ଆସୁଥିବା ସବୁ ଉଦ୍ଦୀପନା (Stimulation) ପ୍ରତି ଅଭିନିବିଷ୍ଟ ହୁଅନ୍ତୁ ନାହିଁ । କେଉଁଟିକୁ ଗ୍ରହଣ କରି ତାହାର ସଂକେତୀକରଣ (Encoding) କରି ମସ୍ତିଷ୍କରେ ଭବିଷ୍ୟତ ପାଇଁ ସଞ୍ଚିତ ରଖିବେ, ତାହାର ବିଚାର କଲାବେଳେ ପ୍ରାସଙ୍ଗିକତା, ଆବଶ୍ୟକତା ଓ ଉପଯୋଗିତା ବିଚାର କରନ୍ତୁ ।

୨. ଶିକ୍ଷାକୃତ ବ୍ୟବହାରର ବାରମ୍ବାର ଅଭ୍ୟାସ ଓ ପୁନଃଅଭ୍ୟାସ (Rehearsal) ଫଳରେ ସୂଚନାସବୁର ପଦ୍ଧତିକରଣ (Processing) କ୍ରମଶଃ ସ୍ୱତଃକ୍ରିୟ (Automatic) ହୋଇଥାଏ । ସୁତରାଂ ଭଲ ଅଭ୍ୟାସର ପୁନରାବୃତ୍ତି ପ୍ରତି ଧ୍ୟାନ ଦିଅନ୍ତୁ ।

୩. ବାହ୍ୟଜଗତରୁ ସୂଚନା ଓ ଉଦ୍ଦୀପନା ଗ୍ରହଣ ସମୟରେ ସେସବୁକୁ ସଂଗଠିତ ଓ ସଞ୍ଚିତ ରଖିବାରେ ନିଜସ୍ୱ ତଥା ଅଭିନବ ବ୍ୟକ୍ତିଗତ କୌଶଳ ଆବିଷ୍କାର କରନ୍ତୁ ଏବଂ ପ୍ରୟୋଗ କରନ୍ତୁ ।

୪. ପୂର୍ବଲବ୍ଧ ଜ୍ଞାନ ଓ ଶିକ୍ଷା ସହିତ ବର୍ତ୍ତମାନର ଆହରଣ କରୁଥିବା ସୂଚନା ମଧ୍ୟରେ ସଂଗତି ଲକ୍ଷ୍ୟ କରନ୍ତୁ । ପ୍ରତି ପରିସ୍ଥିତିକୁ ପୃଥକ୍ ନ ଭାବି ଆହରଣ କରିଥିବା ପୂର୍ବ କୌଶଳର ବ୍ୟାପ୍ତିକରଣର (generalization) ପ୍ରୟାସ କରନ୍ତୁ ।

Digitized by srujanika@gmail.com

ସୃଜନଶୀଳତାର ଉନ୍ମେଷ ଓ ବିକାଶ

ସର୍ଜନାତ୍ମକ ଭାବନା କୈଶୋର ଜୀବନକୁ କମନୀୟ କରିଥାଏ । ନୂଆ ପ୍ରକାରର ଚିନ୍ତନ ଏବଂ ସମସ୍ୟା ସମାଧାନର ଅଭିନବ ଉପାୟ ଆବିଷ୍କାର କରିବା ହେଉଛି ସୃଜନଶୀଳତା । କିଶୋର ସମୟରେ ସୃଜନଶୀଳତାର ଉନ୍ମେଷ ଓ ବିକାଶ ଘଟିଲେ ତାହାର ସୁଫଳ କେବଳ ବ୍ୟକ୍ତିଗତ ଜୀବନକୁ ମଧ୍ୟ ଋଦ୍ଧିମନ୍ତ କରେ ।

ବୁଦ୍ଧିମତ୍ତା (Intelligence) ଏବଂ ସୃଜନଶୀଳତା (Creativity) ଏକା କଥା ନୁହେଁ । ସୃଜନଶୀଳ କିଶୋର କିଶୋରୀମାନଙ୍କର ବୁଦ୍ଧିମତ୍ତାର ସ୍ତର ମୋଟାମୋଟି ଭାବରେ ଭଲ । କିନ୍ତୁ ସବୁ ଉଚ୍ଚ ବୁଦ୍ଧିମତ୍ତାସମ୍ପନ୍ନ କିଶୋର କିଶୋରୀମାନେ ସୃଜନଶୀଳ ହୋଇ ନ ଥାନ୍ତି । ସୃଜନଶୀଳତାକୁ ଠିକ୍ ରୂପେ ବୁଝିବାକୁ ହେଲେ ଏହାର ଅନ୍ତରାଳରେ ସକ୍ରିୟ ଥିବା ଭାବନାର ସ୍ୱରୂପଟିକୁ ଚିହ୍ନିବାକୁ ହେବ । ସାଧାରଣତଃ କେତେକ ପ୍ରଶ୍ନ ବା ସମସ୍ୟାର ସମାଧାନ କ୍ଷେତ୍ରରେ **ଏକମୁଖୀ ଭାବନା** (Convergent Thinking) ସଂଶ୍ଳିଷ୍ଟ ଥାଏ । ଧରାଯାଉ ପ୍ରଶ୍ନଟି ହେଉଛି – ଏକହଜାର ଦୁଇଶହର କେତେ ଗୁଣ ? ଏ କ୍ଷେତ୍ରରେ ନିର୍ଭୁଲ ଉତ୍ତର ଏକ ଓ ଅଭିନ୍ନ । ଏଥିରେ ଏକମୁଖୀ ଚିନ୍ତା ପ୍ରକଟିତ । ମାତ୍ର ଧରାଯାଉ ପ୍ରଶ୍ନଟି ହେଉଛି – ଘରଟିକୁ କିପରି ସଜାଇଲେ ସୁନ୍ଦର ଦେଖାଯିବ ? ଏ ପ୍ରଶ୍ନର ଏକମାତ୍ର ସନ୍ତୋଷଜନକ ଉତ୍ତର ନାହିଁ । ଏହାର ଏକାଧିକ ଉତ୍ତର ରହିଛି । ଏଥିରେ **ବହୁମୁଖୀ ଚିନ୍ତା** (Divergent Thinking) ପ୍ରତିଫଳିତ । ସର୍ଜନାତ୍ମକ ଚିନ୍ତା ବହୁମୁଖୀ ଭାବନା ଉପରେ ପ୍ରତିଷ୍ଠିତ ।

ବର୍ତ୍ତମାନ ସୃଜନଶୀଳତାର ଏକ ପରିମାଣାତ୍ମକ ଆକଳନ ସମ୍ପର୍କରେ ସୂଚନା ଦିଆଯାଇପାରେ । ସୃଜନଶୀଳତାକୁ ମାପ କରିବା ସମ୍ଭବ କି ? ମନୋବିଜ୍ଞାନୀମାନେ ପରିମାଣ ସମ୍ପର୍କୀୟ କେତୋଟି ସୂଚକର ଧାରଣା ଦେଇଛନ୍ତି । ମନେକରାଯାଉ ଦୁଇଟି କିଶୋର (ବା କିଶୋରୀକୁ) ପଚରାଗଲା – 'ତୁମେ ଗୋଟିଏ ଇଟାକୁ କେଉଁ କେଉଁ ଭାବରେ ବ୍ୟବହାର କରିପାରିବ ? ଏ କ୍ଷେତ୍ରରେ ଜଣେ କହିବ ଯେ ସେ ଇଟାଟିକୁ ବ୍ୟବହାର କରି ସ୍କୁଲ ନିର୍ମାଣ କରିବ, ଗୃହ ନିର୍ମାଣ କରିବ, ଅଫିସ୍ ନିର୍ମାଣ କରିବ, ଗୋଦାମ ନିର୍ମାଣ କରିବ ଏବଂ ଗୃହାଙ୍କ ନିର୍ମାଣ କରିବ । ଅନ୍ୟ କିଶୋରଟି ହୁଏତ କହିବ ଯେ ସେ ଇଟା ସାହାଯ୍ୟରେ କାନ୍ଥରେ ଲେଖି ପାରିବ, ବିରାଡ଼ିକୁ ଘଉଡ଼ାଇ ପାରିବ, ଉଡ଼ିଯାଉଥିବା କାଗଜ ଉପରେ ଇଟା ରଖି କାଗଜଟିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥିର ରଖିବ, ଇଟା ଉପରେ ଠିଆ ହୋଇ ଉଚ୍ଚ ସ୍ଥାନକୁ ଆଟାର

Digitized by srujanika@gmail.com

କାଢ଼ିପାରିବ ଏବଂ ପବନରେ ବନ୍ଦ ହୋଇଯାଉଥିବା କବାଟ ସମ୍ମୁଖରେ ରଖି କବାଟ ଅଟକାଇ ରଖି ପାରିବ ।

ଦୁଇ ପ୍ରକାର ଉତ୍ତରକୁ ବିଶ୍ଳେଷଣ କଲେ କେତୋଟି ଦିଗ ସ୍ପଷ୍ଟ ହେବ । ପ୍ରଥମତଃ ପ୍ରଥମ ପିଲାଟି ପାଞ୍ଚୋଟି ଉତ୍ତର ଦେଇଛି ଏବଂ ଦ୍ୱିତୀୟ ପିଲା ମଧ୍ୟ ପାଞ୍ଚୋଟି ଉତ୍ତର ଦେଇଛି । ଏହାକୁ ଭାବନାର କ୍ଷିପ୍ରତା (Fluency) କୁହାଯାଇପାରେ । ଏ ଦୃଷ୍ଟିରୁ ଏଥିପାଇଁ ପ୍ରଥମ ପିଲାକୁ ୫ ନମ୍ବର ଏବଂ ଦ୍ୱିତୀୟ ପିଲାକୁ ୫ ନମ୍ବର ଦିଆଯାଇପାରେ । ଦ୍ୱିତୀୟତଃ ଲକ୍ଷ୍ୟ କଲେ ଦେଖାଯିବ ଯେ ପ୍ରଥମ ପିଲାଟି ପାଞ୍ଚୋଟି ଧାରଣା ଦେଲେ ମଧ୍ୟ ସବୁ ଧାରଣାଗୁଡ଼ିକ ଗୋଟିଏ ଶ୍ରେଣୀର (କିଛି ନିର୍ମାଣ କରିବା) ଅନ୍ତର୍ଭୁକ୍ତ । ଅଥଚ ଦ୍ୱିତୀୟ ପିଲାର ଭାବନାର ଶ୍ରେଣୀ ବା ବର୍ଗୀକରଣ (Thought Category) ବିସ୍ତୃତ । ଏହାକୁ ସଚଳତା (Flexbility) କୁହାଯାଇପାରେ । ସଚଳତା ପାଇଁ ପ୍ରଥମ ପିଲାକୁ ୧ ନମ୍ବର ଦିଆଯିବା ସ୍ଥଳେ ଦ୍ୱିତୀୟ ପିଲାକୁ ୫ ନମ୍ବର ଦିଆଯିବ ।

ତୃତୀୟ ଦିଗଟି ହେଉଛି ମୌଳିକତା (Originality) । ଏକା ସମୟରେ ଏହି ପ୍ରଶ୍ନ ବେଶ୍‌ସଂଖ୍ୟକ ପିଲାମାନଙ୍କୁ ପଚରାଯାଇଥିଲେ ଅପେକ୍ଷାକୃତ ନୂତନ ଓ ଅନନ୍ୟ ଉତ୍ତର ପାଇଁ ଅଧିକ ନମ୍ବର ଦିଆଯିବ । ଯେଉଁ ଧରଣର ଉତ୍ତର ଯେତେ କମ୍ ସଂଖ୍ୟାରେ ମିଳିବ, ତାହାର ମୌଳିକତା ସେତେ ଅଧିକ ବୋଲି ଗ୍ରହଣ କରାଯିବ । ସ୍ଥୂଳତଃ କ୍ଷିପ୍ରତା (Fluency), ସଚଳତା ଓ ମୌଳିକତା ହେଉଛି ସୃଜନଶୀଳତାର ସୂଚକ । ଏ ତିନୋଟିକୁ ଭିତ୍ତିକରି ଯେ କୌଣସି କିଶୋର ବା କିଶୋରୀର ସୃଜନଶୀଳତାର ଆକଳନ କରାଯାଇପାରେ ।

କହିବା ଅନାବଶ୍ୟକ ଯେ ଶିକ୍ଷାର ଏକ ମୌଳିକ ଲକ୍ଷ୍ୟ ହେଉଛି ସୃଜନଶୀଳତାର ବିକାଶ ସାଧନ । ସୃଜନଶୀଳ କିଶୋର କିଶୋରୀମାନେ କେବଳ ସ୍କୁଲ କଲେଜରେ ଶିକ୍ଷା ବ୍ୟବସ୍ଥାରୁ ଅଧିକ ସୁଫଳ ପାଇ ନ ଥାନ୍ତି । ସେମାନଙ୍କର ନୃତ୍ୟ, ସାହିତ୍ୟ, ସଂଗୀତ, ଚିତ୍ରକଳା ଏବଂ ବିଜ୍ଞାନ କ୍ଷେତ୍ରରେ ସୃଜନାତ୍ମକ କାର୍ଯ୍ୟକଳାପ ସମଗ୍ର ଗୋଷ୍ଠୀ ଜୀବନକୁ ଉନ୍ନତ କରିଥାଏ । ଏ ଦୃଷ୍ଟିରୁ ଆମର ପ୍ରଚଳିତ ଓ ଗତାନୁଗତିକ ଶିକ୍ଷା ବ୍ୟବସ୍ଥାରେ ସୃଜନଶୀଳତାର ଉନ୍ମେଷ ଓ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଉଚିତ୍ । ଅଧିକାଂଶ ସ୍ଥଳରେ ଏ ଦିଗଟି ଅବହେଳିତ ରହିଯାଇଛି । ଯୋଜନାବଦ୍ଧ ଭାବରେ ଏହାର କିପରି ବିକାଶ ସାଧନ କରାଯାଇପାରିବ, ସେ ବିଷୟରେ କେତୋଟି ମାର୍ଗଦର୍ଶନ ଦିଆଯାଇପାରେ ।

ସୃଜନଶୀଳତାର ବିକାଶ ସାଧନ ପାଇଁ ବହୁ ମନୋବିଜ୍ଞାନୀ **ମସ୍ତିଷ୍କ ଝଡ଼** (Brain Storming) ନାମରେ ଏକ ସ୍ୱତନ୍ତ୍ର ଧରଣର ଦଳଗତ ଆଲୋଚନାର ପରିକଳ୍ପନା କରିଛନ୍ତି । ଏହି ପଦ୍ଧତିରେ ସଂଯୋଜକ ପ୍ରଥମେ କିଶୋର କିଶୋରୀମାନଙ୍କୁ ଏକତ୍ରିତ କରନ୍ତି । ସେମାନଙ୍କ ସମକ୍ଷରେ ଗୋଟିଏ ସମସ୍ୟାର ଉପସ୍ଥାପନା କରାଯାଇ ଏହାର ସମାଧାନ ସୂତ୍ରଟି ସୂଚାଇବାକୁ ଆହ୍ୱାନ କରାଯାଏ । ଆଲୋଚନା ଦୁଇଟି ପର୍ଯ୍ୟାୟରେ କରାଯାଏ । ପ୍ରଥମ ପର୍ଯ୍ୟାୟକୁ ନୀଳ

Digitized by srujanika@gmail.com

ଆଲୋକର ସୋପାନ କୁହାଯାଏ । ଏହି ପର୍ଯ୍ୟାୟ ଆରମ୍ଭ ହେବା ପୂର୍ବରୁ ସଂଯୋଜକ (ନେତା) କିମ୍ବା ପ୍ରଶିକ୍ଷକ ଏକ ସମାଲୋଚନା-ମୁକ୍ତ ପରିବେଶ ଗଠନ କରନ୍ତି । ସେ ପ୍ରତିଭାଗୀମାନଙ୍କୁ ନିର୍ଭର ଆଶ୍ୱାସନା ଦିଅନ୍ତି ଯେ ସମାଧାନର ସୂତ୍ର କହିବା ସମୟରେ ସେମାନଙ୍କର କୌଣସି ଅନ୍ତର୍ବାଧା (Inhibition) ରହିବା ଉଚିତ ହେବ ନାହିଁ । ପ୍ରତି ପ୍ରତିଭାଗୀ ନିର୍ଦ୍ୱନ୍ଦ୍ୱରେ ଭୟଶୂନ୍ୟ ଭାବରେ ସମାଧାନର ବିକଳ୍ପଟି କହିବେ । ଏପରି ବିକଳ୍ପଟି ଅସ୍ୱାଭାବିକ ଓ ଗତାନୁଗତିକତାହୀନ ହୋଇଥିଲେ ମଧ୍ୟ କ୍ଷତି ନାହିଁ । ମୋଟ୍ ଉପରେ କୌଣସି ମୂଲ୍ୟାୟନ କରା ନ ଯାଇ ଯଥାସମ୍ଭବ ବହୁତଗୁଡ଼ିଏ ସମାଧାନର ପନ୍ଥା ଉପସ୍ଥାପନ କରାଯିବ । କୌଣସି ପ୍ରତିଭାଗୀ ଉପହାସିତ ହେବାର ଆଶଙ୍କା ରହିବ ନାହିଁ ।

ଦ୍ୱିତୀୟ ପର୍ଯ୍ୟାୟଟିକୁ ଲାଲ୍ ଆଲୋକର ସ୍ତର କୁହାଯାଏ । ଏ ପର୍ଯ୍ୟାୟରେ ପ୍ରତି ସମାଧାନର ସୂତ୍ରର ମୂଲ୍ୟାୟନ କରାଯିବ । ଅନେକଗୁଡ଼ିଏ ବିକଳ୍ପ ଉପସ୍ଥାପିତ ହୋଇଥିଲେ ମଧ୍ୟ ପରିସ୍ଥିତି ଓ ପ୍ରୟୋଗାତ୍ମକ ଦୃଷ୍ଟିକୋଣରୁ କେଉଁଟି ଗ୍ରହଣୀୟ, ତାହାର ବିଚାର ଆଲୋଚନା ହେବ । କହିବା ଅନାବଶ୍ୟକ ଯେ ମୂଲ୍ୟାୟନ ଭିତ୍ତିରେ ସର୍ବୋତ୍ତମ ସମାଧାନଟି ଗୃହୀତ ହେଲା ବୋଲି ପ୍ରଶିକ୍ଷକ ମନ୍ତବ୍ୟ ଦେବେ ।

ଲକ୍ଷ୍ୟ କରିବାର କଥା ଯେ ଏପରି ଦଳଗତ ଆଲୋଚନା (ମସ୍ତିଷ୍କ ଝଡ଼) ସୃଜନଶୀଳତାର ବିକାଶରେ ସହାୟକ ହୋଇଥାଏ । ପ୍ରାଥମିକ ପର୍ଯ୍ୟାୟରେ ଚିନ୍ତନ ସମୟରେ ବାଧା ଦିଆନଯାଇ ଉନ୍ମୁକ୍ତ ଚିନ୍ତାକୁ ଉତ୍ସାହିତ କରାଯାଉଥିବାରୁ ଏହାକୁ ମସ୍ତିଷ୍କ ଝଡ଼ କୁହାଯାଏ । ପୂର୍ବ ସୂଚିତ ବହୁମୁଖୀ ଭାବନାକୁ (Divergent Thinking) ଏହା ପ୍ରୋତ୍ସାହିତ କରେ । ପୂର୍ବରୁ କୁହାଯାଇଛି ଯେ ସୃଜନଶୀଳତାର ଅନ୍ତରାଳରେ ବହୁମୁଖୀ ଭାବନା ସକ୍ରିୟ ଥାଏ । ଆଧୁନିକ ଯୁଗରେ ବହୁ କର୍ମସଂସ୍ଥାରେ ଏହି ପ୍ରକ୍ରିୟାର ଉପଯୋଗ କରାଯାଇ ନୂଆ ନୂଆ ମୌଳିକ ଭାବନାର ବିକାଶ ସାଧନ କରାଯାଉଛି । ଅବଶ୍ୟ ଏ କଥା ମଧ୍ୟ ସ୍ୱୀକାର କରାଯିବ ଯେ ଅଳ୍ପ କେତେକ କିଶୋର କିଶୋରୀ ଏକାକୀ ଓ ଦଳହୀନ ପରିବେଶରେ ଅଧିକ ସର୍ଜନଶୀଳତା ଦର୍ଶାନ୍ତି । ସୁତରାଂ ପ୍ରଶିକ୍ଷକ ଓ ନେତୃତ୍ୱସ୍ଥାନୀୟ ବ୍ୟକ୍ତିମାନେ ଏ ଦିଗଟି ପ୍ରତି ଆଖିବୁଜିଦେବା ଯୁକ୍ତିଯୁକ୍ତ ହେବ ନାହିଁ । ସେହିପରି କିଶୋର କିଶୋରୀକୁ ଠାବକଲେ ସେମାନଙ୍କୁ ସେମାନଙ୍କର ସୃଜନ-ଅନୁକୂଳ ପରିବେଶ ଯୋଗାଇଦେବା ବିଧେୟ ହେବ ।

ସୃଜନଶୀଳତାର ବିକାଶ ସାଧନର ଦ୍ୱିତୀୟ ପଦ୍ଧତିଟିକୁ ସମତା-ବିଚାର (Synetics) କହନ୍ତି । ଅନେକ ପ୍ରକାର ସୃଜନଶୀଳତା କ୍ଷେତ୍ରରେ ଲକ୍ଷ୍ୟ କରାଯାଇଛି ଯେ ଦୁଇଟି ଅସମ୍ପୃକ୍ତ ବସ୍ତୁ ବା ବିଷୟ ମଧ୍ୟରେ ସମତ୍ୱ (Analogy) ଦେଖିବାର ଅନ୍ତର୍ଦୃଷ୍ଟି ଫଳରେ ସଫଳତା ମିଳିପାରିଛି । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଟେଲିଫୋନ୍‌ର ଉଦ୍‌ଭାବକ ଗ୍ରାହମ୍ ବେଲ୍ ଅନ୍ତଃକର୍ଣ୍ଣର ହାଡ଼ ଓ ତା'ର ମଧ୍ୟରେ ସମତ୍ୱ ଲକ୍ଷ୍ୟ କଲେ । ହାଡ଼ର କମ୍ପନ ଫଳରେ ଶବ୍ଦ ସୃଷ୍ଟି ହେଉଥିବାରୁ ତାରର କମ୍ପନ ଦ୍ୱାରା ଶବ୍ଦ ସୃଷ୍ଟି ମଧ୍ୟ ସମ୍ଭବ, ଏପରି କଳ୍ପନା ତାଙ୍କ

Digitized by srujanika@gmail.com

ମନରେ ଉଦୟ ହେଲା । ସେହିପରି ବିଶିଷ୍ଟ ରସାୟନିକ କେକଲ୍ ଗୋଟିଏ ସାପ ତା'ର ଲାଞ୍ଜକୁ ପାଟିରେ ପୂରାଇବାର ଛବିଟି ସ୍ୱପ୍ନରେ ଦେଖିଲା ପରେ ବେନ୍‌ଜିନ୍‌ର ଅନୁରୂପ ଭାବରେ ଅଣୁଚିତ୍ର ସମ୍ଭବ ବୋଲି ଚିନ୍ତାକଲେ । ଆଧୁନିକ କବିତାର କବିମାନେ ଦୁଇଟି ଅସମ୍ପୃକ୍ତ ବସ୍ତୁକୁ ଏକତ୍ର କରି ରୂପକଳ୍ପର ଚିତ୍ର ଦିଅନ୍ତି । "ସମୁଦ୍ରଟା ଦିଶେ ମୋତେ ଫିକା ଏକ ଫଟୋଗ୍ରାଫ୍ ପରି" – ପ୍ରସିଦ୍ଧ କବି ଗୁରୁପ୍ରସାଦ ମହାନ୍ତିଙ୍କର ଏହି ଧାଡ଼ିରେ "ସମୁଦ୍ର ଓ ଫିକା ଫଟୋଗ୍ରାଫ୍"ର ସାଦୃଶ୍ୟ ମାନସିକ ବିଷଣ୍ଣତାକୁ ସ୍ପଷ୍ଟ କରୁଛି ।

ଏହି **ସମରୂପ ତାଲିମରେ** (Analogical Training) କିଶୋର କିଶୋରୀମାନଙ୍କୁ କିଛି ସମୟ ପାଇଁ ନିଜକୁ ନିର୍ଦ୍ଦିଷ୍ଟ ବସ୍ତୁ କିମ୍ବା ନିର୍ଦ୍ଦିଷ୍ଟ ପ୍ରାଣୀ କିମ୍ବା ନିଜକୁ ଶରୀରର ନିର୍ଦ୍ଦିଷ୍ଟ ଅଙ୍ଗ ମନେକରିବା ପାଇଁ ନିର୍ଦ୍ଦେଶ ଦିଆଯାଏ । ସେହି ସମୟରେ ସେମାନେ ବସ୍ତୁ ବା ପ୍ରାଣୀ-ସଂଶ୍ଳିଷ୍ଟ ଅନୁଭବର କଳ୍ପନା କରନ୍ତି । କହିବା ଅନାବଶ୍ୟକ ଯେ ଏପରି ସମରୂପୀ ଭାବନା ଫଳରେ ମନର ବଳୟ ପ୍ରସାରିତ ହୁଏ । ବାହ୍ୟ ଦୃଷ୍ଟିରେ ଯେଉଁ ସବୁ ପାର୍ଥକ୍ୟ ରହିଛି ତାହା ସ୍ଥାନରେ ସାଦୃଶ୍ୟର ଅନ୍ତର୍ଦୃଷ୍ଟି ହେବାର ସମ୍ଭାବନା ବୃଦ୍ଧିପାଏ ।

କିଶୋର କିଶୋରୀମାନଙ୍କ ମଧ୍ୟରେ ସର୍ଜନଶୀଳତାର ଅଭିବୃଦ୍ଧି ପାଇଁ ତୃତୀୟ ପ୍ରଣାଳୀଟିକୁ ଏବେ **ଭାବନା ଟୋପି** (Thinking Hat) କୌଶଳ କୁହାଯାଉଛି । ସ୍କୁଲ କଲେଜରେ ଛାତ୍ରଛାତ୍ରୀମାନେ ସମୟ ସମୟରେ ତର୍କ ପ୍ରତିଯୋଗୀତାରେ ଭାଗ ନିଅନ୍ତି । ସେମାନେ ନିଜର ଇଚ୍ଛା ଅନୁସାରେ ଗୋଟିଏ ବିତର୍କିତ ବିଷୟର ସପକ୍ଷରେ କିମ୍ବା ବିପକ୍ଷରେ କହିଥାନ୍ତି । ମାତ୍ର ଭାବନା ଟୋପି ପ୍ରଣାଳୀରେ ଏହି ପରିବେଶକୁ ଭିନ୍ନ ଭାବରେ ଉପଯୋଗ କରାଯାଏ । ପ୍ରଶିକ୍ଷକ କୋଠରୀରେ ଦୁଇ ରଙ୍ଗର ଟୋପି ରଖିଥାନ୍ତି । କିଶୋର କିଶୋରୀମାନେ କୋଠରୀକୁ ପ୍ରବେଶ କଲାପରେ ପ୍ରତି ପ୍ରତିଭାଗୀ ଯେ କୌଣସି ଗୋଟିଏ ରଙ୍ଗର ଟୋପି ପିନ୍ଧିବାକୁ କୁହାଯାଏ । ତାହାପରେ ପ୍ରଶିକ୍ଷକ ବିତର୍କର ଗୋଟିଏ ବିଷୟ ଦିଅନ୍ତି । ନିର୍ଦ୍ଦିଷ୍ଟ ରଙ୍ଗର ଟୋପି ପିନ୍ଧିଥିବା କିଶୋର କିଶୋରୀମାନେ ଏହି ବିଷୟର ସପକ୍ଷରେ ଏବଂ ଭିନ୍ନ ରଙ୍ଗର ଟୋପି ପିନ୍ଧଥିବା ପ୍ରତିଭାଗୀମାନେ ବିପକ୍ଷରେ ଯୁକ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଏ । ସମସ୍ତ ପ୍ରତିଭାଗୀ ନିଜର ବକ୍ତବ୍ୟ ଶେଷ କରିବା ପରେ ବିରତି ଦିଆଯାଏ ।

ବିରତି ସମୟରେ ଟୋପି ରଖିଦେଇ ସେମାନେ କିଛି ଅବସର ପାଆନ୍ତି । ପୁନଶ୍ଚ ସେମାନଙ୍କୁ କୋଠରୀ ମଧ୍ୟକୁ ଆହ୍ୱାନ କରାଯାଏ ଏବଂ ପୂର୍ବ ରଙ୍ଗ ପରିବର୍ତ୍ତେ ଅନ୍ୟ ରଙ୍ଗର ଟୋପି ପିନ୍ଧିବାକୁ ଦିଆଯାଏ । ବର୍ତ୍ତମାନ ସେମାନେ ପୁନଶ୍ଚ ଯୁକ୍ତି ଉପସ୍ଥାପନ କରନ୍ତି । କହିବା ଅନାବଶ୍ୟକ ଯେ ପୂର୍ବରୁ ବିଷୟର ସପକ୍ଷରେ କହିଥିବା ପ୍ରତିଭାଗୀ ବର୍ତ୍ତମାନ ବିପକ୍ଷରେ କୁହନ୍ତି ଏବଂ ପୂର୍ବରୁ ବିପକ୍ଷରେ କହିଥିବା ପ୍ରତିଭାଗୀ ବର୍ତ୍ତମାନ ସପକ୍ଷରେ କୁହନ୍ତି । ଏପରି ପ୍ରଶିକ୍ଷଣ ଚିନ୍ତାଧାରାର ସତର୍କତା ଦିଗରେ ସହାୟକ ହୋଇଥାଏ ।

ଏପରି ଯୋଜନାବଦ୍ଧ ପ୍ରଶିକ୍ଷଣ ପ୍ରଣାଳୀ ବ୍ୟତୀତ ଅନ୍ୟ କେତୋଟି ବ୍ୟବସ୍ଥା ସୃଜନଶୀଳତାକୁ ଉଦ୍ଦୀପିତ କରିଥାଏ । ଅନ୍ୟ କେତେକ ପରିବେଶ ସୃଜନଶୀଳତାକୁ ଅବଦମନ

Digitized by srujanika@gmail.com

କରେ । ସୁନ୍ଦର ଚିତ୍ରକଳାର ପ୍ରଦର୍ଶନଟି ଦେଖିଲେ ଅନୁରୂପ କାର୍ଯ୍ୟ ପାଇଁ ଆଗ୍ରହ ଆସେ । ବୈଜ୍ଞାନିକ କଳାକୌଶଳ ପୂର୍ଣ୍ଣ ଗବେଷଣାଗାର ମନରେ ଉନ୍ମାଦନା ଆଣେ । ସୁତରାଂ କିଶୋର କିଶୋରୀମାନଙ୍କୁ ସୃଜନ-ଉଦ୍ଦୀପକ ପରିବେଶ ମଧ୍ୟରୁ ଆଣିବାକୁ ହେବ । ଦ୍ୱିତୀୟତଃ ନିକଟସ୍ଥ ପରିବେଶରେ ରହିଥିବା ସୃଜନଶୀଳ କବି, ଲେଖକ, ସଂଗୀତଜ୍ଞ, ନୃତ୍ୟଶିଳ୍ପୀ, ବୈଜ୍ଞାନିକମାନଙ୍କୁ ଆମନ୍ତ୍ରଣ କରି ସେମାନଙ୍କ ଜୀବନୀ ଓ ସାଧନା ସମ୍ପର୍କରେ ଶୁଣିବା ପାଇଁ ସୁଯୋଗ ଦେବାକୁ ପଡ଼ିବ ।

ତୃତୀୟତଃ କିଶୋର କିଶୋରୀମାନଙ୍କୁ କିଛି ମାତ୍ରାର ମାର୍ଗଦର୍ଶନ ଦିଆଯାଇପାରେ । ମାତ୍ର ମାତ୍ରାଧିକ ନିୟନ୍ତ୍ରଣ କ୍ଷତିକାରକ ହୋଇଥାଏ । ଅଧିକାଂଶ ସମୟରେ ନିୟନ୍ତ୍ରଣ କ୍ଷତିକାରକ ହୋଇଥାଏ । ଅଧିକାଂଶ ସମୟରେ ନିୟନ୍ତ୍ରଣରେ ମାପକାଠି ପ୍ରୟୋଗ କଲେ କିଶୋର କିଶୋରୀମାନଙ୍କର ଅନୁଭବ ହୁଏ ଯେ ସେମାନେ ଭୁଲ ରାସ୍ତାରେ ଯାଉଛନ୍ତି । ଏହା ସୃଜନଶୀଳତାର ପରିପନ୍ଥୀ ।

ପରିଶେଷରେ କୁହାଯାଇପାରେ ଯେ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବାକୁ ହେଲେ ମେଡ଼ାଲ୍ ବା ପୁରସ୍କାର ଦେବାର ମାତ୍ରାଧିକ ଆକର୍ଷଣ ପରମ୍ପରାକୁ ଭାଙ୍ଗିବାକୁ ହେବ । ସୃଜନଶୀଳତା କ୍ଷେତ୍ରରେ ଅନ୍ତର୍ନିହିତ ଅଭିପ୍ରେରଣା (Internal Motivation) ଅଧିକ ମହତ୍ତ୍ୱପୂର୍ଣ୍ଣ । ସୃଜନଶୀଳ ବ୍ୟକ୍ତି ପୁରସ୍କାର ଅପେକ୍ଷା ନିଜର କାର୍ଯ୍ୟରେ (ସାଧନାରେ) ଅଧିକ ତୃପ୍ତି ପାଆନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ପୁରସ୍କାର ଓ ପ୍ରୋତ୍ସାହନର ଆବଶ୍ୟକତା ରହିଛି । ମାତ୍ରା ଏପରି ପ୍ରାଧାନ୍ୟ ସୀମା ବହିର୍ଭୂତ ହେଲେ ସୃଜନଶୀଳତାର ସୁମଞ୍ଜସ ବିକାଶ ଘଟି ନ ଥାଏ । ସୁତରାଂ ଏ ଦିଗରେ ସତର୍କ ଦୃଷ୍ଟି ଦେବାକୁ ହେବ ।

ସୃଜନଶୀଳତାର ବିକାଶ ପାଇଁ

୧. କିଶୋର କିଶୋରୀମାନଙ୍କୁ ଦଳଗତ ଆଲୋଚନାର ସୁଯୋଗ ଦିଅନ୍ତୁ । ଆଲୋଚନା ସମୟରେ (ବିଶେଷତଃ ଆଲୋଚନାର ପ୍ରଥମ ପର୍ଯ୍ୟାୟରେ) ସମୀକ୍ଷା ବା ମୂଲ୍ୟାୟନ କରନ୍ତୁ ନାହିଁ । ପରେ ମୂଲ୍ୟାୟନ କରାଯାଇ ମତାମତ ଦିଆଯିବା ଉଚିତ ।

୨. ଆପାତତଃ ଦୃଷ୍ଟିକୋଣରୁ ଯାହା ଭିନ୍ନ ଓ ପୃଥକ୍ ମନେହେଉଛି, କେଉଁ ଦୃଷ୍ଟିରୁ ତାହା ମଧ୍ୟରେ ସମତା ରହିଛି – ସେପରି ଚିନ୍ତନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରନ୍ତୁ ।

୩. ସ୍ଥଳ ବିଶେଷରେ ଗୋଟିଏ ବିତର୍କିତ ବିଷୟର ସପକ୍ଷ ଓ ବିପକ୍ଷ ଯୁକ୍ତିର ଅବତାରଣା କରିବାର ସୁଯୋଗ ଦିଅନ୍ତୁ ।

୪. ସର୍ଜନାତ୍ମକ ପରିବେଶ ସହ ପରିଚିତି ବଢ଼ାନ୍ତୁ ଏବଂ ସୃଜନଶୀଳ ବ୍ୟକ୍ତିଙ୍କ ସହିତ ପରିଚିତି ବଢ଼ାନ୍ତୁ ।

୫. ମାତ୍ରାଧିକ ନିୟନ୍ତ୍ରଣ ଜାରୀ କରନ୍ତୁ ନାହିଁ ଏବଂ ମାତ୍ରାଧିକ ମେଡ଼ାଲ୍ ବା ପୁରସ୍କାର ଲୋଭର ମନୋବୃତ୍ତି ଗଠନ କରନ୍ତୁ ନାହିଁ ।

Digitized by srujanika@gmail.com

କିଶୋର ବୟସରେ ବିଶେଷ ଜ୍ଞାନ ବନାମ ମାମୁଲି ଜ୍ଞାନ

ବିଶେଷଜ୍ଞାନର (Expertise) ଅଧିକାରୀ ହେବା କେବଳ ପରିପକ୍ୱ ବୟସ ମଧ୍ୟରେ ସୀମିତ ନୁହେଁ । କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଶେଷ ଜ୍ଞାନର ଝଲକ ପ୍ରଦର୍ଶନ କରିବାରେ କେତେକ କିଶୋର କିଶୋରୀ ସାଫଲ୍ୟ ପ୍ରଦର୍ଶନ କରନ୍ତି । ବିଶ୍ୱନାଥ ଆନନ୍ଦଙ୍କ ଚେସ୍ ଖେଳର ଦକ୍ଷତା କିମ୍ବା ଆଜିକାଲି ଦୂରଦର୍ଶନରେ ଏକାଧିକ ସଂଗୀତ କାର୍ଯ୍ୟକ୍ରମରେ ଅଭୂତପୂର୍ବ ସଫଳତା ପ୍ରଦର୍ଶନ କରୁଥିବା କିଶୋର କିଶୋରୀମାନଙ୍କର ନୃତ୍ୟ ସଂଗୀତରେ ନିପୁଣତା ସହିତ ଅନେକଲୋକ ପରିଚିତ । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏପରି ବିଶେଷଜ୍ଞାନର ଅଧିକାରୀ ହେଉଥିବା କିଶୋର କିଶୋରୀମାନଙ୍କ ସମ୍ପର୍କରେ ଏବେ ଅଧିକରୁ ଅଧିକ ଅନୁଶୀଳନର ପର୍ବ ଆରମ୍ଭ ହୋଇଛି ।

ବିଶେଷ ଜ୍ଞାନର କ୍ଷେତ୍ର ଯାହା ହେଉନା କାହିଁକି, ମାମୁଲି ଜ୍ଞାନ ହାସଲ କରିଥିବା ସାଧାରଣ କିଶୋର କିଶୋରୀମାନଙ୍କ (Novice) ତୁଳନାରେ ବିଶେଷ ଜ୍ଞାନର ଅଧିକାରୀ ହୋଇଥିବା କିଶୋର କିଶୋରୀମାନେ କେତେକ ସ୍ୱତନ୍ତ୍ରତା ଦର୍ଶାଇଥାଆନ୍ତି । ବିଶେଷଜ୍ଞାନ ପିପାସୁ କିଶୋର କିଶୋରୀମାନେ ସେମାନଙ୍କ ପରିବେଶରୁ ଅର୍ଥପୂର୍ଣ୍ଣ (Meaningful) ସୂଚନାସବୁ ଠାବ କରନ୍ତି । ଅନ୍ୟ ଭାଷାରେ କହିଲେ ବାହ୍ୟଜଗତର ସମସ୍ତ କୋଳାହଳ ଓ ଅର୍ଥହୀନ ଆକର୍ଷଣ ମଧ୍ୟରେ ପ୍ରାସଙ୍ଗିକ ଓ ଅର୍ଥପୂର୍ଣ୍ଣ ସୂଚନାର ଚିହ୍ନଟ କରନ୍ତି । ପୁଣି ଏପରି ଜ୍ଞାନଗର୍ଭକ ସୂଚନାସବୁ ଅଧିକରୁ ଅଧିକ ସଂଗ୍ରହ କରନ୍ତି । ସଂଗୃହୀତ ସୂଚନାକୁ ସଂଗଠିତ କରନ୍ତି । ଏପରି ସଂଗଠନ (Organization) ବିଷୟଟିକୁ ଠିକରୂପେ ବୁଝିବାରେ ବିଶେଷ ସହାୟକ ହୁଏ । ଏହାବ୍ୟତୀତ ଏପରି ଜ୍ଞାନକୁ ସ୍ମୃତିଭଣ୍ଡାରରେ ସାଇତି ରଖିବା ଏବଂ ଆବଶ୍ୟକ ସମୟରେ ପ୍ରାୟ ବିନା ପ୍ରୟାସରେ ପୁନଃସ୍ମରଣ କରିବାର ଦକ୍ଷତା ଦର୍ଶାନ୍ତି ।

ବିଶେଷଜ୍ଞାନର ଅଧିକାରୀ ହୋଇଥିବା କିଶୋର କିଶୋରୀମାନଙ୍କର ସମ୍ପୃକ୍ତ କ୍ଷେତ୍ର ସମ୍ପର୍କୀୟ ସ୍ମୃତି ଅସାଧାରଣ ହୋଇଥାଏ । ସାଧାରଣ ଭାବେ ହୁଏତ ଯୁବକ ଯୁବତୀମାନଙ୍କ ତୁଳନାରେ ବହୁ କ୍ଷେତ୍ରରେ କମ୍ ସ୍ମରଣ ସାଫଲ୍ୟ ଦର୍ଶାନ୍ତି । ମାତ୍ର ନିଜର ବିଶେଷଜ୍ଞାନ କ୍ଷେତ୍ରର ସାମଗ୍ରୀସବୁ ଅଧିକ ସଫଳତାର ସହିତ ମନେରଖି ପାରନ୍ତି । ଗୋଟିଏ ସର୍ବେକ୍ଷଣରେ ଦେଖାଯାଇଛି ଯେ ଦଶବର୍ଷର ପିଲାମାନଙ୍କର ସ୍ମରଣ ସାମର୍ଥ୍ୟ ସାଧାରଣଭାବେ ବଡ଼ମାନଙ୍କର

Digitized by srujanika@gmail.com

ସ୍ମରଣ ଦକ୍ଷତାଠାରୁ କମ୍ ହୋଇଥିଲେ ମଧ୍ୟ ଚେସ୍ ଖେଳରେ ପାରଦର୍ଶିତା ହାସଲ କରିଥିବା ପିଲାମାନେ ଚେସ୍ ସମ୍ପର୍କରେ ଖୁବ୍ ବେଶୀ ମନେରଖି ପାରନ୍ତି ।

ଉନ୍ନତ ସ୍ମରଣ ସାମର୍ଥ୍ୟ ବ୍ୟତୀତ ମାମୁଲିଜ୍ଞାନର ଅଧିକାରୀ ହୋଇଥିବା କିଶୋର କିଶୋରୀମାନଙ୍କ ତୁଳନାରେ ବିଶେଷଜ୍ଞାନ ହାସଲ କରିଥିବା କିଶୋର କିଶୋରୀମାନେ ଅନ୍ୟ ଚାରୋଟି ବୈଶିଷ୍ଟ୍ୟ ପ୍ରଦର୍ଶନ କରନ୍ତି । ପ୍ରଥମଟି ହେଉଛି ମନନଶୀଳ ଅଭ୍ୟାସ । ଲକ୍ଷ୍ୟ କରିବାର କଥା ଯେ ଏଠାରେ ଯନ୍ତ୍ରବତ୍ ଅଭ୍ୟାସର (Practice) କଥା କୁହାଯାଉ ନାହିଁ । ମନନଶୀଳ ଅଭ୍ୟାସ ଉପାଦାନଟିର ତାତ୍ପର୍ଯ୍ୟ ହେଉଛି ଯେ ଏହା ଉନ୍ନତ ଧରଣର ଅଭ୍ୟାସ ଏବଂ ଏହା କାର୍ଯ୍ୟଟିର କଷ୍ଟସାଧ୍ୟତା ଅନୁପାତରେ ଖୁବ୍ ଉପଯୋଗୀ । ଗୋଟିଏ ପ୍ରଖ୍ୟାତ ସଂଗୀତ ଅନୁଷ୍ଠାନରେ ବୀଣାବାଦନ ଶିକ୍ଷାକରୁଥିବା ଶିକ୍ଷାର୍ଥୀମାନଙ୍କର ସର୍ବେକ୍ଷଣ କରାଯାଇ ଦେଖାଯାଇଛି ଯେ ବିଶେଷ ଦକ୍ଷତା ହାସଲ କରିଥିବା ଜଣେ କଳାକାର ଅଠରବର୍ଷ ବୟସବେଳକୁ ହାରାହାରି ୭୫୦୦ ଘଣ୍ଟା ଅଭ୍ୟାସ କରିଥିବା ସ୍ଥାନରେ ସାଧାରଣ ଭାବେ (ମୋଟାମୋଟି ଭଲ) କଳାକାରଟି ୫୩୦୦ ଘଣ୍ଟା ଅଭ୍ୟାସ କରିସାରିଛି । କହିବା ଅନାବଶ୍ୟକ ଯେ ମାମୁଲି ଜ୍ଞାନ ହାସଲ କରିବା ଏବଂ ବିଶେଷ ଜ୍ଞାନର ଅଧିକାରୀ ହେବା ମଧ୍ୟରେ ଯେଉଁ ତାରତମ୍ୟ ରହିଛି, ସେ କ୍ଷେତ୍ରରେ ଗଭୀର ଓ ଦୀର୍ଘକାଳୀନ ମନନଶୀଳ ଅଭ୍ୟାସର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଦ୍ୱିତୀୟ ଉପାଦାନଟି ହେଉଛି ଅଭିପ୍ରେରଣା (Motivation) । ଅନେକ ହୁଏତ ବିଶ୍ୱାସ କରନ୍ତି ଯେ ପ୍ରତିଭା (Talent) ଜନ୍ମଗତ । ମାତ୍ର ଏ ଉକ୍ତିଟିର ପରିସୀମତ୍ୱ ରହିଛି । ପ୍ରଚ୍ଛନ୍ନ ସମ୍ଭାବନାର ପରିବେଶ ପାଇଁ ଅଭିପ୍ରେରଣା ଆବଶ୍ୟକ । ସାଧନା ପାଇଁ ନିରବଚ୍ଛିନ୍ନତା ପ୍ରୟୋଜନ । ଅନେକ ହୁଏତ ବଡ଼ ଧରଣର ଯୋଜନା ନେଇ କାର୍ଯ୍ୟାରମ୍ଭ କରନ୍ତି । ମାତ୍ର ପ୍ରତିବନ୍ଧକର ସମ୍ମୁଖୀନ ହେଲେ ଓହରି ଯାଆନ୍ତି । ଦୀର୍ଘଦିନ ଧରି ଓ ଅଧ୍ୟବସାୟ ମନୋଭାବକୁ ଅତୁଟ ରଖିବା ସମ୍ଭବ ହୁଏ ନାହିଁ । ଅନ୍ୟପକ୍ଷରେ ବିଶେଷଜ୍ଞତାର ଅଧିକାରୀ ହେବା ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଆବଶ୍ୟକ ।

ତୃତୀୟ ଉପାଦାନଟି ଅପେକ୍ଷାକୃତ ସୂକ୍ଷ୍ମତର ଉପାଦାନ । ମନୋବିଜ୍ଞାନୀମାନେ ଏହାକୁ ଅଧିଜ୍ଞାନ (Metacognition) କହନ୍ତି । ସରଳ ଭାଷାରେ ଏହାକୁ "ଜ୍ଞାନ ସମ୍ପର୍କରେ ଜ୍ଞାନ" (Knowing about knowing) କୁହାଯାଇପାରେ । ଜ୍ଞାନ କିପରି ଆହରଣ କରାଯାଏ ଏପରି ଜ୍ଞାନ ସମସ୍ତଙ୍କର ସ୍ପଷ୍ଟ ନୁହେଁ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ସମସ୍ତେ ମନେରଖିବାକୁ ଚାହାନ୍ତି । ମାତ୍ର କେଉଁ କୌଶଳ ଅବଲମ୍ବନ କଲେ ମନେରଖିବା ଅପେକ୍ଷାକୃତ ସହଜ ହୁଏ, ସେ ବିଷୟରେ ସମସ୍ତଙ୍କର ସ୍ପଷ୍ଟ ଧାରଣା ନଥାଏ । କେତେକ ବ୍ୟକ୍ତିଙ୍କର ଏପରି ଧାରଣା ଅଧିକ ରହିଥାଏ । ଠିକ୍ ସେହିପରି ବିଶେଷ ଜ୍ଞାନର ଅଧିକାରୀ ହୋଇଥିବା କିଶୋର କିଶୋରୀମାନେ ଜ୍ଞାନ ଆହରଣର ସହଜ ଓ ସଫଳ କୌଶଳ ଜାଣନ୍ତି । ଅବଶ୍ୟ ଦକ୍ଷ ଶିକ୍ଷକ ଓ ପ୍ରଶିକ୍ଷକମାନେ ଏପରି କୌଶଳସବୁର ତାଲିମ ଦେଇପାରନ୍ତି ।

Digitized by srujanika@gmail.com

ପରିଶେଷରେ ଚତୁର୍ଥ ଉପାଦାନଟି ହେଉଛି ଆତ୍ମ-ନିୟନ୍ତ୍ରଣ ଶିକ୍ଷଣ କୌଶଳ । ଉଚ୍ଚତର ସଫଳତା ପ୍ରଦର୍ଶନ କରୁଥିବା କିଶୋର କିଶୋରୀମାନେ କୌଶଳସବୁର ଉପଯୋଗ କରିବା ସମୟରେ ଏକ ପ୍ରକାର ଆତ୍ମନିୟନ୍ତ୍ରଣ ପଦ୍ଧତିର ପ୍ରୟୋଗ କରନ୍ତି । ସେମାନେ ନିଜର ଲକ୍ଷ୍ୟବିନ୍ଦୁକୁ ସୁନିର୍ଦ୍ଦିଷ୍ଟ ଭାବରେ ସ୍ଥିର କରନ୍ତି ଏବଂ ଯୋଜନାବଦ୍ଧ ଭାବରେ ଅଗ୍ରସର ହୁଅନ୍ତି । "ଆତ୍ମ-ନିୟନ୍ତ୍ରଣ କୌଶଳ"ପରିଭାଷାଟି ପ୍ରୟୋଗ କରିବାର ଏକ ବିଶେଷ ତାତ୍ପର୍ଯ୍ୟ ହେଉଛି । ଧରାଯାଉ ଜଣେ କିଶୋର ବା କିଶୋରୀ ଲକ୍ଷ୍ୟ କଲେ ଯେ, ତାଙ୍କର ଜଣେ ସହଯୋଗୀ ଦିନକୁ ଆଠଘଣ୍ଟା ପରିଶ୍ରମ କରି କୌଣସି ଏକ କ୍ଷେତ୍ରରେ ପ୍ରଶଂସନୀୟ ସଫଳତା ହାସଲ କରିଛନ୍ତି । ଏ କ୍ଷେତ୍ରରେ ହୁଏତ ସେ ପ୍ରଥମରୁ ଦୈନିକ ଆଠଘଣ୍ଟା ପରିଶ୍ରମ କରିବାର ଯୋଜନା କରିପାରନ୍ତି । ମାତ୍ର ନିଜର ଶରୀର ଗଠନ ଓ ମାନସିକ ସ୍ଥିତିକୁ ଚାହିଁ ଏହା ତାଙ୍କ ପକ୍ଷେ ଉପଯୋଗୀ ନ ହୋଇପାରେ । ଏପରି ସ୍ଥଳେ ସେ ଭିନ୍ନ ଏକ ବିକଳ୍ପର ଉପଯୋଗ କରି ସମାନ ସଫଳତା ହାସଲ କରିପାରନ୍ତି । ମୋଟ ଉପରେ ନିଜର ଶାରୀରିକ ଓ ମାନସିକ ସ୍ଥିତିକୁ ଚାହିଁ କୌଶଳସବୁର ପ୍ରୟୋଗ କରିବାକୁ ହେବ । ପୁଣି ମଝିରେ ମଝିରେ ଏହାର ପରିଣତିର ମୂଲ୍ୟାୟନ କରିବାକୁ ହେବ । ଏପରି ସମନ୍ୱୟ କୌଶଳ ଆତ୍ମ ନିୟନ୍ତ୍ରଣ ପଦ୍ଧତିର ମୂଳ ମନ୍ତ୍ର । କହିବା ନିଷ୍ପ୍ରୟୋଜନ ଯେ ଆଲୋଚିତ ଉପାଦାନଗୁଡ଼ିକର ସଫଳ ପ୍ରୟୋଗ ବିଶେଷଜ୍ଞାନ ହାସଲର ସଫଳ ମାଧ୍ୟମରୂପେ କାର୍ଯ୍ୟକରିବ ।

ବିଶେଷଜ୍ଞାନ (Expertise) ହାସଲ ପାଇଁ କ'ଣ କରିବେ ?

୧. କେଉଁ କେଉଁ କୌଶଳସବୁ ସ୍ମରଣ ସାଫଲ୍ୟରେ ସହାୟକ, ତାହା ଚିହ୍ନଟ କରନ୍ତୁ ଏବଂ ତାହାର ଉପଯୋଗ କରନ୍ତୁ । ଏ କ୍ଷେତ୍ରରେ ଶିକ୍ଷକ-ଶିକ୍ଷୟତ୍ରୀ, ପ୍ରଶିକ୍ଷକ କିମ୍ବା ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ଲୋଡ଼ିପାରନ୍ତି ।

୨. ବିଶେଷ ଜ୍ଞାନ ହାସଲ ପାଇଁ ମନନଶୀଳ ଅଭ୍ୟାସ (Practice) ଅପରିହାର୍ଯ୍ୟ । ଆପଣଙ୍କର ଆଗ୍ରହ ଥିଲା କ୍ଷେତ୍ରରେ ପ୍ରଖ୍ୟାତି ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଲକ୍ଷ୍ୟ କରନ୍ତୁ ଏବଂ ସେମାନେ କେତେ ମାତ୍ରାର ଅଭ୍ୟାସ କରନ୍ତି, ତାହା ବୁଝିବୁ ଓ ଉପଯୋଗ କରନ୍ତୁ ।

୩. ପରିଶ୍ରମଶୀଳତାରେ ନିରବଚ୍ଛିନ୍ନତା ରକ୍ଷା କରନ୍ତୁ । ସଫଳତା ପାଇଁ ଅଭିପ୍ରେରଣା (Motivation) ନିତାନ୍ତ ଦରକାର ।

୪. ଜ୍ଞାନ ଲାଭ କରାଯାଏ କିପରି, ତାହାର ବିସ୍ତାରିତ ଜ୍ଞାନ ହାସଲ କରନ୍ତୁ । "ଜ୍ଞାନ ସମ୍ପର୍କରେ ଜ୍ଞାନ ସଫଳତାର ଏକ ରାଜମାର୍ଗ ।"

୫. *ନିଜକୁ ପରିଚାଳନା କରିବା ସମୟରେ ନିମ୍ନଲିଖିତ ଦିଗପ୍ରତି ଦୃଷ୍ଟି ଦିଅନ୍ତୁ ।*

(କ) ଆପଣଙ୍କ ଲକ୍ଷ୍ୟ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ହେବା ଆବଶ୍ୟକ ।

Digitized by srujanika@gmail.com

(ଖ) ବୃହତ୍ ଲକ୍ଷ୍ୟକୁ ଉପରେ ରଖି ତାହାର ଦୃଶ୍ୟମାନ ଲକ୍ଷ୍ୟସବୁ (Subgoals) ସ୍ଥିର କରନ୍ତୁ । (ଉଦାହରଣ – ପରୀକ୍ଷାରେ ସଫଳତା ଏକ ବଡ଼ ଲକ୍ଷ୍ୟ । ମାତ୍ର ଅଧିକ ସମୟ ପାଠପଢ଼ିବା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା, ପାଠାଗାର ଯିବା ଇତ୍ୟାଦି ଏହାର ଦୃଶ୍ୟମାନ ଲକ୍ଷ୍ୟ ।)

(ଗ) ନିଜର ଶରୀର ଓ ମନକୁ ଚାହିଁ କୌଶଳ ଅବଲମ୍ବନ କରନ୍ତୁ । ଅନ୍ଧ ଅନୁକରଣ କ୍ଷତିକାରକ ଏବଂ ବିଜ୍ଞ ଅନୁକରଣ ପ୍ରଶଂସନୀୟ ।

(ଘ) ମଝିରେ ମଝିରେ ନିଜର ଅଗ୍ରଗତିର ମୂଲ୍ୟାୟନ କରନ୍ତୁ ।

(ଙ) ନିଜ ଅଗ୍ରଗତିର ଆକଳନ ଅନୁଯାୟୀ ଅନୁସୃତ କୌଶଳସବୁର ସମୀକ୍ଷା କରନ୍ତୁ ଏବଂ ଆବଶ୍ୟକ ପରିବର୍ତ୍ତନ କରନ୍ତୁ ।

❑

Digitized by srujanika@gmail.com

ବୁଦ୍ଧିମତ୍ତା : ପୁରାତନ ଓ ନୂତନ ଧାରଣା

''ବୁଦ୍ଧି'' ଶବ୍ଦଟି ଆମର ଦୈନନ୍ଦିନ ଜୀବନରେ ଏକ ବହୁ-ବ୍ୟବହୃତ ପରିଭାଷା । ସ୍କୁଲ କଲେଜରେ ସାଫଲ୍ୟ, ନିତିଦିନିଆ ଜୀବନରେ ଓ ରାସ୍ତାଘାଟରେ ସଫଳତା ଏବଂ କର୍ମକ୍ଷେତ୍ରରେ ଦକ୍ଷତାର କାରଣ ଖୋଜିବା ସମୟରେ ଅଧିକାଂଶ ବ୍ୟକ୍ତି ବୁଦ୍ଧିମତ୍ତା (Intelligence) ଶବ୍ଦଟି ପ୍ରୟୋଗ କରନ୍ତି । ଉଚ୍ଚ **ବୁଦ୍ଧି ଅଙ୍କ** (Intelligence Quotient ବା IQ) ଏ ସବୁର କାରଣ ବୋଲି ଉଲ୍ଲେଖ କରନ୍ତି । କିଶୋର କିଶୋରୀମାନଙ୍କର ସଫଳତା ପରିପ୍ରେକ୍ଷୀରେ ମଧ୍ୟ ଏହାର ବହୁଳ ପ୍ରୟୋଗ ଘଟିଥାଏ । ଏ ସମସ୍ତ ପରିଚିତି ସତ୍ତ୍ୱେ ବିଜ୍ଞାନ-ସମ୍ମତ ଦୃଷ୍ଟିଭଙ୍ଗୀ ନେଇ ବୁଦ୍ଧିମତ୍ତାର ବ୍ୟାଖ୍ୟା କରିବାକୁ ହେବ । ବୁଦ୍ଧିମତ୍ତା ସମ୍ପର୍କରେ ଅତୀତରେ ଯେଉଁସବୁ ଧାରଣା ରହିଥିଲା, ତାହାର ପରିବର୍ତ୍ତନ ବିଷୟରେ ଜାଣିବାକୁ ହେବ ।

ବୁଦ୍ଧିମତ୍ତାର ସଂଜ୍ଞା ପୂରାପୂରି ସହମତିସୂଚକ ନୁହେଁ । କେତେକ ବିଶେଷଜ୍ଞ ଏହାକୁ ଉଚ୍ଚତର ଭାଷାଗତ ଦକ୍ଷତା ଓ ସମସ୍ୟା ସମାଧାନର ସାମର୍ଥ୍ୟ କହିବା ସ୍ଥଳେ ଅନ୍ୟ ବିଶେଷଜ୍ଞମାନେ ଏହାକୁ ସମନ୍ୱୟଶୀଳତା ଓ ଦୈନନ୍ଦିନ ଜୀବନରେ ଉପଯୁକ୍ତ ଶିକ୍ଷାଲାଭ କରିବାର ପାରଦର୍ଶିତା ବୋଲି ବିଚାର କରନ୍ତି । ତେବେ ଏ ଦୁଇଟି ଧାରାକୁ ମିଶାଇଦେଇ ମୋଟାମୋଟି ଭାବରେ ବୁଦ୍ଧିମତ୍ତାକୁ ବ୍ୟକ୍ତିର ସମସ୍ୟା ସମାଧାନ ଦକ୍ଷତା ଏବଂ ଦୈନନ୍ଦିନ ଜୀବନାନୁଭୂତିରୁ ଉପଯୋଗୀ ଶିକ୍ଷାଲାଭ କରିବାର ସାମର୍ଥ୍ୟ ରୂପେ ବିଚାର କରାଯାଇପାରେ । ପ୍ରକୃତରେ ବୁଦ୍ଧିମତ୍ତା ଆମେ ଦେଖି ନଥାଉ । ମାତ୍ର ବୁଦ୍ଧିଦୀପ୍ତ ବ୍ୟବହାର ଦେଖି ସାରିବା ପରେ ବ୍ୟକ୍ତିଟି ବୁଦ୍ଧିମାନ ବୋଲି ସିଦ୍ଧାନ୍ତ ଗ୍ରହଣ କରୁ । ସେହିପରି ବ୍ୟବହାର ଦେଖି ବୁଦ୍ଧିହୀନ ବୋଲି ନିଷ୍ପତ୍ତି ନେଇଥାଉ ।

ଅଧିକାଂଶ ଲୋକ ଜାଣନ୍ତି ଯେ ବୁଦ୍ଧିମତ୍ତାର ଆକଳନ ପାଇ ମନୋବିଜ୍ଞାନୀମାନେ ଅନେକଗୁଡ଼ିଏ ବୁଦ୍ଧି ପରିମାପକର (Intelligence Tests) ପରିକଳ୍ପନା ଓ ପ୍ରସ୍ତୁତି କରିଛନ୍ତି । ଏଗୁଡ଼ିକର ସ୍ୱରୂପ ଜାଣିବାକୁ ହେଲେ ବୁଦ୍ଧିମତ୍ତା ପରିମାପକସବୁର ବିକାଶ ମୂଳରେ ସମ୍ପୃକ୍ତ ଥିବା ଘଟଣାଟିକୁ ଜାଣିବାକୁ ହେବ ।

ବୁଦ୍ଧିଅଙ୍କର ପରିକଳ୍ପନା

ଫରାସୀ ସରକାରଙ୍କ ଶିକ୍ଷା ବିଭାଗ ୧୯୦୪ ମସିହାରେ ଏକ ସମସ୍ୟାର ସମାଧାନ ଚାହିଁଲେ । ବିଦ୍ୟାଳୟର ତଳ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କେଉଁମାନେ

Digitized by srujanika@gmail.com

ଶ୍ରେଣୀଗୃହରେ ଠିକ୍ ରୂପେ ବୁଝିପାରୁ ନାହାଁନ୍ତି, ସେମାନଙ୍କୁ ଚିହ୍ନଟ କରିବାର ଉପାୟ ଖୋଜିଲେ । ଉଦ୍ଦେଶ୍ୟ ଥିଲା ଯେ ଆଗୁଆ ପିଲା ଓ ପଛୁଆ ପିଲାମାନଙ୍କୁ ଚିହ୍ନଟ କରିପାରିଲେ ସେମାନଙ୍କୁ ପୃଥକ୍ ପୃଥକ୍ ଭାବରେ ଉପଯୋଗୀ ଶିକ୍ଷାଦାନ କରାଯାଇ ପାରିବ । ଏଥିପାଇଁ ସରକାର ମନୋବିଜ୍ଞାନୀ ଆଲଫ୍ରେଡ୍ ବିନେଙ୍କ ସହାୟତା ଲୋଡ଼ିଲେ ।

ବିନେ ତାଙ୍କର ଛାତ୍ର ସାଇମନ୍‌ଙ୍କ ସହଯୋଗରେ ଏକ ବୁଦ୍ଧିମାପକ ପ୍ରସ୍ତୁତ କଲେ । ଏଥିରେ ୩୦ ଟି ପ୍ରଶ୍ନ ଥିଲା । ନାକ ଓ କାନକୁ ଚିହ୍ନଟ କରିବା ବ୍ୟତୀତ କେତେକ ପ୍ରଶ୍ନ, ପୁନଃସ୍ମରଣର ସଫଳତା ଏବଂ କେତେକ ବିମୂର୍ତ୍ତ (Abstract) ଧାରଣାର ସଂଜ୍ଞାନିର୍ଦ୍ଦେଶ କରିବା ଭଳି ପ୍ରଶ୍ନସବୁ ରହିଥିଲା । ଏପରି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିନେ ଏକ ନୂଆ ଧାରଣା ଦେଲେ । ତାହା ହେଉଛି ମାନସିକ ବୟସ (Mental Age) ।

ଏହି ମାନସିକ ବୟସ କ'ଣ ? ମଣିଷର ଜନ୍ମ ତାରିଖକୁ ଭିତ୍ତି କରି ଯେଉଁ ବୟସ ନିର୍ଦ୍ଧାରଣ କରାଯାଏ, ତାହାକୁ ଜନ୍ମଗତ ବୟସ (Chronological Age) କୁହାଯାଏ । ମନେକରାଯାଉ ଜଣେ କିଶୋରର ଜନ୍ମଗତ ବୟସ ୧୨ ବର୍ଷ । ମାତ୍ର ବୌଦ୍ଧିକ ବିକାଶ ଦୃଷ୍ଟିରୁ କିଶୋରଟିର ବୟସ (ମାନସିକ ବୟସ) ୧୨ ହୋଇପାରେ କିମ୍ବା ୯ ହୋଇପାରେ । ଅନ୍ୟ କୌଣସି ମାନସିକ ବୟସ ମଧ୍ୟ ହୋଇପାରେ । ଜନ୍ମଗତ ବୟସ ଓ ମାନସିକ ବୟସ (ଉଦାହରଣରେ ଏ ଦୁଇଟି ୧୨ ବର୍ଷ) ସମାନ ସ୍ତରରେ ଥିଲେ ବୁଦ୍ଧିମତ୍ତା ସାଧାରଣ (ହାରାହାରି) ପର୍ଯ୍ୟାୟରେ ରହିଛି ବୋଲି ବୁଝିବାକୁ ହେବ । ବୁଦ୍ଧିଅଂକ ୧୦୦ ଧରାଯିବ । ଅନ୍ୟ ପକ୍ଷରେ ଜନ୍ମଗତ ବୟସ ୧୨ ହୋଇ ମାନସିକ ବୟସ ୯ ହୋଇଥିଲେ ବୁଦ୍ଧିର ମାତ୍ରା ନିମ୍ନ ସ୍ତରରେ ରହିଛି ବୋଲି ବିଚାର କରାଯିବ । ବୁଦ୍ଧିଅଂକ ୧୦୦ରୁ କମ୍ ବୋଲି ଧରାଯିବ । ସେହିପରି ଜନ୍ମଗତ ବୟସ ୧୨ ହୋଇ ମାନସିକ ବୟସ ୧୫ ହୋଇଥିଲେ କିଶୋରଟି ବୁଦ୍ଧିମତ୍ତା ୧୦୦ରୁ ବେଶୀ ଏବଂ ସେ ଆଗୁଆ ବୋଲି ବିବେଚନା କରାଯିବ ।

ବିନେ ଓ ଅନ୍ୟସବୁ ମନୋବିଜ୍ଞାନୀମାନେ ବୁଦ୍ଧିଅଂକ ସ୍ଥିର କରିବା ପାଇଁ ନିମ୍ନ ସୂତ୍ରଟିର ପ୍ରୟୋଗ କଲେ । ତାହା ହେଉଛି

ବୁଦ୍ଧିଅଂକ (Intelligence Quotient ବା IQ) =

$$\frac{\text{ମାନସିକ ବୟସ}}{\text{ଜନ୍ମଗତ ବୟସ}} \times ୧୦୦$$

ଏହି ସୂତ୍ରଟି ପ୍ରୟୋଗ କଲେ ଉପର ଉଦାହରଣରେ ୧୨ ବର୍ଷ ଜନ୍ମଗତ ବୟସର ଅଧିକାରୀ ହୋଇଥିବା କିଶୋରଟିର ମାନସିକ ବୟସ ୧୨ ହେଲେ ବୁଦ୍ଧିଅଂକ ହେବ ୧୦୦ । ଅନ୍ୟପକ୍ଷରେ ମାନସିକ ବୟସ ୯ ହେଲେ ବୁଦ୍ଧିଅଂକ ହେବ $\frac{୯}{୧୨} \times ୧୦୦ = ୭୫$ । ମାନସିକ ବୟସ ୧୫ ହେଲେ ବୁଦ୍ଧିଅଂକ ହେବ ୧୨୫ । କହିବା ଅନାବଶ୍ୟକ ଯେ ବୁଦ୍ଧଅଙ୍କ ୧୦୦

Digitized by srujanika@gmail.com

ସାଧାରଣ ବା ହାରାହାରିର ସୂଚକ ହୋଇଥିବାରୁ ୧୦୦ ରୁ ଯେତେ ବେଶୀ ହେବ, ବୁଦ୍ଧିମତ୍ତାର ସ୍ତର ସେତିକି ଉଚ୍ଚତର ବିଚାର କରାଯିବ । ପୁଣି ବୁଦ୍ଧିଅଂକର ମାତ୍ରା ୧୦୦ରୁ ଯେତେ କମ୍ ହେବ ବୁଦ୍ଧିମତ୍ତାର ସ୍ତର ସେହି ଅନୁପାତରେ ନିମ୍ନତର ବିଚାର କରାଯିବ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପ୍ରତି ସମାଜ-ସଂସ୍କୃତିରେ ବୟସୋଚିତ ସାମର୍ଥ୍ୟର ଏକ ପ୍ରତ୍ୟାଶା ରହିଛି । ଗୋଟିଏ ଦୁଇ ବର୍ଷର ଶିଶୁ ଏକ ନିର୍ଦ୍ଦିଷ୍ଟ ସମାଜରେ କେଉଁ କେଉଁ ଦକ୍ଷତା ଦର୍ଶାଇବ, ତାହା ସେ ସମାଜରେ ସ୍ପଷ୍ଟ । ସେହିପରି ୧୨ ବର୍ଷର କିଶୋରୀଟିଏ କେଉଁସବୁ ସାମର୍ଥ୍ୟର ଅଧିକାରୀ, ତାହାର ସୂଚନା ସେ ସମାଜରୁ ମିଳିଥାଏ । ସୁତରାଂ ଏପରି ସୂଚନାକୁ ଭିତ୍ତିକରି ସେ ଦେଶର ପିଲା, କିଶୋର କିଶୋରୀ ଏବଂ ତରୁଣ ତରୁଣୀମାନଙ୍କ ପାଇଁ ବୁଦ୍ଧିମତ୍ତାର ପରିମାପକ ପ୍ରସ୍ତୁତ କରାଯାଇଥାଏ । ଏହାକୁ ପ୍ରୟୋଗ କରି ମାନସିକ ବୟସ ସ୍ଥିର କରାଯାଏ ।

ଅବଶ୍ୟ ଆଜିକାଲି ସୂତ୍ର ପ୍ରୟୋଗ କରି ବୁଦ୍ଧିଅଂକ ନିରୂପଣ କରାଯାଉ ନାହିଁ । ତଥାପି ବୁଦ୍ଧିଅଂକ (IQ) ଶବ୍ଦଟି ବହୁପ୍ରଚଳିତ ପରିଭାଷାର ମର୍ଯ୍ୟାଦା ଲାଭ କରିଛି । ପରିମାପକସବୁ ପ୍ରୟୋଗ କରାଯାଇ ଫଳାଙ୍କ ବା Score ନିରୂପଣ କରାଯାଉଛି ଏବଂ ଏହାକୁ ଭିତ୍ତି କରି ବୁଦ୍ଧିମତ୍ତାର ସ୍ତର ସମ୍ପର୍କରେ ସିଦ୍ଧାନ୍ତ ନିଆଯାଉଛି ।

ବହୁ ପୁରାତନ ବିନେ-ସାଇମନ୍ ପରିମାପକ ଏବେ ଆମେରିକାର ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟ ଷ୍ଟାନ୍‌ଫୋର୍ଡ଼ ଦ୍ୱାରାର ସଂଶୋଧିତ ହେଉଥିବାରୁ ଏହାକୁ ଷ୍ଟାନ୍‌ଫୋର୍ଡ଼-ବିନେ ପରିମାପକ କୁହାଯାଉଛି । ୧୯୮୫ ମସିହାରୁ ସଂଶୋଧିତ ଓ ପରିମାର୍ଜିତ ରୂପ ଏକାଧିକ ବାର ପ୍ରକାଶ କରାଯାଇଛି । ୧୯୩୯ ମସିହାରେ ଅନ୍ୟ ଜଣେ ପ୍ରଖ୍ୟାତ ଆମେରିକାବାସୀ ମନୋବିଜ୍ଞାନୀ ଓ୍ୱେସ୍‌ଲର୍ ଶିଶୁ (୪ବର୍ଷରୁ ୬ ବର୍ଷ), ପିଲା ଓ କିଶୋର (୬ବର୍ଷରୁ ୧୬ବର୍ଷ) ଏବଂ ବଡ଼ମାନଙ୍କ ପାଇଁ (୧୬ବର୍ଷରୁ ଊର୍ଦ୍ଧ୍ୱ) ପୃଥକ୍ ପୃଥକ୍ ପରିମାପକ ପ୍ରସ୍ତୁତ କରିଛନ୍ତି । ଏସବୁ ପରିମାପକରେ କେବଳ ଭାଷାଭିତ୍ତିକ ପ୍ରଶ୍ନ ନାହିଁ । ଭାଷାବିହୀନ କାର୍ଯ୍ୟ ସମ୍ପାଦନମୁଖୀ ପ୍ରଶ୍ନସବୁ ମଧ୍ୟ ସ୍ଥାନ ପାଇଛି । ଭାରତରେ ଭାଟିଆ ବୁଦ୍ଧିମାପକ ଅଧିକ ପରିମାଣରେ ବ୍ୟବହାର କରାଯିବାର ଲକ୍ଷ୍ୟ କରାଯାଇଛି ।

ବୁଦ୍ଧିମାପକ ସାହାଯ୍ୟରେ ଯେଉଁସବୁ ସଫଳତା ବିଫଳତାର ଆକଳନ କରାଯାଉଛି, ତାହାର ଭିତ୍ତି ସମ୍ପର୍କରେ ଜିଜ୍ଞାସା ଏକ ସ୍ୱାଭାବିକ ପ୍ରକ୍ରିୟା । ବୁଦ୍ଧିମତ୍ତା ସମ୍ପର୍କରେ ଗବେଷଣା ଆରମ୍ଭ ହେବା ସମୟରେ ପ୍ରାଥମିକ ପର୍ଯ୍ୟାୟରେ ବୁଦ୍ଧିମତ୍ତାକୁ ଏକ "ସାଧାରଣ ଦକ୍ଷତା" (General ability ବା g-ability) ବିଚାର କରାଯାଉଥିଲା । ମନୋବିଜ୍ଞାନୀ ସ୍ପିଅର୍‌ମ୍ୟାନ ଏ ଧାରଣାଟି ଦେଇଥିଲେ । ତାଙ୍କ ମତରେ ଏପରି ସାଧାରଣ ଦକ୍ଷତା ବା ବୁଦ୍ଧିମତ୍ତାର ଅଧିକାରୀ ହୋଇଥିବା ବ୍ୟକ୍ତିମାନେ ଅନେକ ଗୁଡ଼ିଏ କାମ ସଫଳତାର ସହିତ କରିପାରିବେ ।

ମାତ୍ର ପରେ ପରେ ଏ ଧାରଣାର ପରିବର୍ତ୍ତନ ଘଟିଲା । ବୁଦ୍ଧିମତ୍ତା କେତୋଟି ମୌଳିକ ସାମର୍ଥ୍ୟର ସମାହାର ବୋଲି ବିଚାର କରାଗଲା । ମନୋବିଜ୍ଞାନୀ ଥର୍ସଷ୍ଟୋନ୍ ଏ ମତର

Digitized by srujanika@gmail.com

ପ୍ରବକ୍ତା ଥିଲେ । ତାଙ୍କ ମତରେ ସାତୋଟି ମୌଳିକ ମାନସିକ ସାମର୍ଥ୍ୟର ସମାହାର ହେଉଛି ବୁଦ୍ଧିମତ୍ତା । ସେଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଇଛି :

୧- ଭାଷାଗତ ଦକ୍ଷତା (ଭାଷା ବୁଝିବା ଓ ସଂପ୍ରସାରଣ କରିବା)

୨- ସଂଖ୍ୟାଗତ ଦକ୍ଷତା (ଗାଣିତିକ ଦକ୍ଷତା)

୩- ବାକ୍ପଟୁତା (ଶବ୍ଦ ସମ୍ଭାର)

୪- ସ୍ଥାନ ଓ ବସ୍ତୁସବୁର ଅବସ୍ଥିତି ସମ୍ପର୍କରେ ଜ୍ଞାନ

୫- ସ୍ମରଣ ସାଫଲ୍ୟ

୬- ଯୁକ୍ତିଯୁକ୍ତ ବିଚାର କରିବାର ଦକ୍ଷତା (Reasoning)

୭- ପ୍ରତ୍ୟେକ୍ଷଣର କ୍ଷିପ୍ରତା

ଲକ୍ଷ୍ୟ କରିବାର କଥା ଯେ ଆଲୋଚିତ ଉପାଦାନ ସମୂହ ବୁଦ୍ଧିମତ୍ତାର ଅଂଶ ବିଶେଷ । ଏସବୁ ବୁଦ୍ଧିମତ୍ତାର ପ୍ରକାରଭେଦ ନୁହେଁ । ଅନ୍ୟଭାଷାରେ କହିଲେ ଏସବୁ ଉପାଦାନର ସମଷ୍ଟିକୁ ଭିତ୍ତି କରି ବୁଦ୍ଧିମତ୍ତାର ମାତ୍ରା ବୃଦ୍ଧିପାଇଥାଏ ।

କିଶୋର କିଶୋରୀମାନଙ୍କର ବୁଦ୍ଧିମତ୍ତା ସହିତ ସେମାନଙ୍କ ଶିକ୍ଷାଗତ ସଫଳତା ଏବଂ ଅନ୍ୟ କେତେକ ସାଫଲ୍ୟ ସମ୍ବନ୍ଧିତ ହୋଇଥିବାରୁ ଦୀର୍ଘଦିନ ଧରି ଏ ସମ୍ପର୍କରେ ଚର୍ଚ୍ଚା ଓ ଗବେଷଣା ଅବ୍ୟାହତ ରହିଛି । ତେବେ ନିକଟ ଅତୀତରେ ବୁଦ୍ଧିମତ୍ତା ସମ୍ପର୍କରେ ଦୁଇଟି ଅନାଲୋଚିତ ଦିଗ ଆଲୋଚନାର ପରିସରକୁ ଆସିଛି । ପ୍ରଥମଟିକୁ ଏଠାରେ "ନୂତନ ରୂପରେଖ" ଉପଶୀର୍ଷକରେ ଆଲୋଚନା କରାଯିବା ସ୍ଥଳେ ଦ୍ୱିତୀୟ ଝଲକଟିକୁ ଭାବ-ବୁଦ୍ଧି (Emotional Intelligence) ପରିପ୍ରେକ୍ଷୀରେ ପରବର୍ତ୍ତୀ ପ୍ରବନ୍ଧରେ ଉପସ୍ଥାପନ କରାଯିବ ।

ନୂତନ ରୂପରେଖ : ବିବିଧ ବୁଦ୍ଧି

ବୁଦ୍ଧିମତ୍ତା ସମ୍ପର୍କରେ ଆଲୋଚନା କରିବା ପରିପ୍ରେକ୍ଷୀରେ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନର ବିଚାର କରାଯାଇପାରେ । ପ୍ରଶ୍ନଟି ହେଉଛି – ଜଳଭରା ଚିଲିକାରେ ନୌଯାତ୍ରୀମାନଙ୍କୁ ନୌକାରେ ନେଇ ହ୍ରଦ ମଝିରେ ନୌଚାଳନା କରୁଥିବା ନାଉରୀଟିର ବୁଦ୍ଧିମତ୍ତା କେଉଁ ପର୍ଯ୍ୟାୟରେ ? ଏହା ନିଶ୍ଚିତ ଯେ ନାଉରୀଟି ଆମର ଗତାନୁଗତିକ ବୁଦ୍ଧିପରିମାପକରେ ଖୁବ୍ ନମ୍ବର ରଖିବ । ମାତ୍ର ସେ କ'ଣ ବୁଦ୍ଧିହୀନ ? ଯାତ୍ରୀମାନଙ୍କୁ କୌଣସି ଦିଗ ଜଣାଯାଉ ନ ଥିବା ସ୍ଥଳେ ଦକ୍ଷତାର ସହିତ କୂଳକୁ ଠାବକରିବା ଏବଂ ନିର୍ଦ୍ଦିଷ୍ଟ ସ୍ଥାନକୁ ଫେରିଆସିବାର ଦକ୍ଷତା ଏକ ଉଚ୍ଚତର ସାମର୍ଥ୍ୟ ନୁହେଁ କି ? ସେହିପରି ସଂଗୀତଜ୍ଞ ବିଥୋଭେନ୍ଙ୍କ ବୁଦ୍ଧିମତ୍ତାର ସ୍ତର ଜାଣିବା ପାଇଁ ବୁଦ୍ଧିମାପକସବୁର ପ୍ରୟୋଗ କେତେଦୂର ସମୀଚୀନ ?

ଏପରି ଏକ ପରିପ୍ରେକ୍ଷୀ ମଧ୍ୟରେ କେତେକ ମନୋବିଜ୍ଞାନୀ ଏବେ ନୂଆ ଦିଗନ୍ତର ସନ୍ଧାନ ଦେଇଛନ୍ତି । ଗାର୍ଡ଼ନର ନାମକ ଜଣେ ମନୋବିଜ୍ଞାନୀ ବୁଦ୍ଧିମତ୍ତାର ବହୁବିଧ ରୂପରେଖ ପରିକଳ୍ପନା କରିଛନ୍ତି । ନିକଟ ଅତୀତରେ ସେ ଆଠ ପ୍ରକାର ବୁଦ୍ଧିମତ୍ତାର ପ୍ରମାଣ ଦେଇଛନ୍ତି । ଗୋଟିଏ ବାକ୍ସରେ ଏହାର ସୂଚନା ଦିଆଯାଇପାରେ ।

Digitized by srujanika@gmail.com

ବୁଦ୍ଧିମତ୍ତାର ପ୍ରକାର	ସଂଜ୍ଞା	କେଉଁମାନଙ୍କଠାରେ ଅଧିକ ପ୍ରତିଫଳିତ
୧. ଭାଷାଗତ ବୁଦ୍ଧି	ଚିନ୍ତନ ସାମର୍ଥ୍ୟ ଓ ଶବ୍ଦ ସମ୍ଭାର ପ୍ରୟୋଗର ଦକ୍ଷତା	ବକ୍ତା, ଲେଖକ, ସାମ୍ବାଦିକ
୨. ଗାଣିତିକ ବୁଦ୍ଧି	ସଂଖ୍ୟା ଓ ହିସାବଗତ ଦକ୍ଷତା	ବୈଜ୍ଞାନିକ, ଯନ୍ତ୍ରୀ, ହିସାବ-ରକ୍ଷକ
୩. ସ୍ଥାନ ଓ ବସ୍ତୁର ଅବସ୍ଥିତି ବୁଦ୍ଧି	ତ୍ରିମାତ୍ରିକ ବସ୍ତୁସବୁର ସମ୍ପର୍କରେ ଚିନ୍ତନ ଦକ୍ଷତା	ନାବିକ, ଚିତ୍ରଶିଳ୍ପୀ, ନିର୍ମାଣଯନ୍ତ୍ରୀ
୪. ଶାରୀରିକ ଅନୁଭବ ବୁଦ୍ଧି	ଶାରୀରିକ କୌଶଳର ଦକ୍ଷତା	ଶଲ୍ୟଚିକିତ୍ସକ , ନୃତ୍ୟଶିଳ୍ପୀ କ୍ରୀଡ଼ାବିତ୍
୫. ସଂଗୀତ ବୁଦ୍ଧି	ଶବ୍ଦ ନାଦ, ଛନ୍ଦ ପ୍ରତି ସମ୍ବେଦନ ସାମର୍ଥ୍ୟ	ଶିଳ୍ପୀ, ସଂଗୀତଜ୍ଞ, ସମ୍ବେଦୀ ଶ୍ରୋତା
୬. ପାରସ୍ପରିକତା ବୁଦ୍ଧି	ଅନ୍ୟକୁ ବୁଝିବା ଏବଂ ଅନ୍ୟ ସହିତ କ୍ରିୟା ଅନୁକ୍ରିୟାର ଦକ୍ଷତା	ଶିକ୍ଷକ, ମାନସିକ ସ୍ୱାସ୍ଥ୍ୟ ସଂସ୍ଥାର ବିଶେଷଜ୍ଞ
୭. ସ୍ୱବ୍ୟକ୍ତିକ ବୁଦ୍ଧି	ନିଜକୁ ବୁଝିବାର ଦକ୍ଷତା	ମନୋବିଜ୍ଞାନୀ
୮. ପ୍ରକୃତିନିଷ୍ଠତା ବୁଦ୍ଧି	ପ୍ରାକୃତିକ ଦୃଶ୍ୟର ଅନ୍ତରାଳରେ ରହିଥିବା ତାଆଁକୁ ବୁଝିବା ଏବଂ ପ୍ରକୃତି ପ୍ରତି ସମ୍ବେଦନଶୀଳତାର ଦକ୍ଷତା	ପରିବେଶବିତ୍, କୃଷକ ଉଦ୍ଭିଦ ବିଜ୍ଞାନୀ

ଗାର୍ଡ୍‌ନର୍‌ଙ୍କ ବିଶ୍ୱାସ ଯେ ପ୍ରତିଟି ଧରଣର ବୁଦ୍ଧିମତ୍ତା ସ୍ୱତନ୍ତ୍ର । ଜଣେ ପ୍ରତିଭାଶୀଳ କିଶୋର ବା କିଶୋରୀ ଏ ମଧ୍ୟରୁ ଯେ କୌଣସି ଗୋଟିଏ ବୁଦ୍ଧିରୂପର ଅସାଧାରଣ ପରିପ୍ରକାଶ ଦର୍ଶାଇପାରନ୍ତି । ଏପରିକି ପୂର୍ବ ଆଲୋଚିତ ସାଧାରଣ ବୁଦ୍ଧି ନ ଥାଇ ମଧ୍ୟ କୌଣସି ଏକ କିଶୋର କିଶୋରୀ ଏ ମଧ୍ୟରୁ ଗୋଟିକରେ ଅସାଧାରଣ ଦକ୍ଷତା ଦର୍ଶାଇ ପାରନ୍ତି । ପାଶ୍ଚାତ୍ୟ ଜଗତର ଲୋକପ୍ରିୟତା ହାସଲ କରିଥିବା ରେନ୍ ମ୍ୟାନ୍ (Rain Man) ଚଳଚ୍ଚିତ୍ରରେ ଗୋଟିଏ ଚରିତ୍ର ଅଟିଜିମ୍ (Autism) ବା କଳ୍ପନାଚାରଣ ବିକୃତିର ଶରବ୍ୟ । ଏପରି ମାନସିକ ଅନଗ୍ରସରତା ଦର୍ଶାଉଥିବା ପିଲାମାନେ ଠିକ୍ ରୂପେ ଅନ୍ୟ ସହିତ ଯୋଗାଯୋଗ ରକ୍ଷା କରିପାରନ୍ତି ନାହିଁ । ସେମାନେ ନିଜର ବ୍ୟକ୍ତିଗତ କଳ୍ପନା ଜଗତରେ ବନ୍ଦୀ ରୁହନ୍ତି । ଏହି ଚଳଚ୍ଚିତ୍ରରେ ଏହି ଚରିତ୍ରରେ ଅସାମାନ୍ୟ ଗାଣିତିକ ଦକ୍ଷତାର ପ୍ରଦର୍ଶନ କରାଯାଇଛି । ଯୁଆଖେଳର ତୀବ୍ର

Digitized by srujanika@gmail.com

ପ୍ରତିଯୋଗିତାରେ ସେ ନିଜର ଭାଇକୁ ସଫଳତାର ସହିତ ସାହାଯ୍ୟ କରିଛି । ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ କେତେକ ଅକ୍ଷମତା ସତ୍ତ୍ୱେ ଏକ ନିର୍ଦ୍ଦିଷ୍ଟ ଧରଣର ବୁଦ୍ଧିମତ୍ତା ପ୍ରକାଶ୍ୟ ରୂପ ନେଇପାରେ ।

ଅନୁରୂପ ଭାବରେ ଷ୍ଟର୍ଣ୍ଣବର୍ଗ ନାମକ ଅନ୍ୟ ଜଣେ ମନୋବିଜ୍ଞାନୀ ତ୍ରିକରଣ ବୁଦ୍ଧିମତ୍ତାର ପରିକଳ୍ପନା କରିଛନ୍ତି । ଧରାଯାଉ ମୋହନ ସ୍କୁଲରେ ଖୁବ୍ ଭଲ କରୁଛି । ତାହାର ଦକ୍ଷତା ଉଚ୍ଚମାନର । ଏପରି ଶିକ୍ଷାଗତ ସାଫଲ୍ୟ ପାଇଁ ମୁଖ୍ୟତଃ **ବିଶ୍ଳେଷଣାତ୍ମକ ବୁଦ୍ଧିମତ୍ତା** (Analytical Intelligence)କୁ ଦାୟୀ କରାଯିବ । ଉନ୍ନତ ସ୍ମରଣ ଶକ୍ତି, ନିଷ୍ପତ୍ତିଗ୍ରହଣର ସାମର୍ଥ୍ୟ, ଯୁକ୍ତିଯୁକ୍ତ ବିଚାର ଏବଂ ରୂପାନ୍ତର କରିବାର ଦକ୍ଷତାସବୁ ବିଶ୍ଳେଷଣାତ୍ମକ ବୁଦ୍ଧିମତ୍ତାର ଉପାଦାନ । ବ୍ୟବହାର କରାଯାଉଥିବା ବୁଦ୍ଧିମାପକରେ ମୋହନର ବୁଦ୍ଧିଅଂଶ ଉଚ୍ଚରେ ରହିବ ।

ଅନ୍ୟ ପକ୍ଷରେ ଗୀତାର ବୁଦ୍ଧିଅଂକ ହୁଏତ ଉଚ୍ଚତର ନୁହେଁ । ସ୍କୁଲ କାର୍ଯ୍ୟରେ ସଫଳତା, ସେପରି ଆଖିଦୃଶିଆ ନୁହେଁ । ମାତ୍ର ସେ ସମସ୍ୟା ସମାଧାନରେ ଦକ୍ଷ । ନୂଆ ନୂଆ ଧାରଣା ଦର୍ଶାଇବାରେ ପ୍ରଶଂସନୀୟ । ଏ କ୍ଷେତ୍ରରେ ଗୀତା **ସୃଜନାତ୍ମକ ବୁଦ୍ଧିମତ୍ତା** (Creative Intelligence)ର ଅଧିକାରୀ ବୋଲି କୁହାଯିବ । ତାହାର ଅନ୍ତର୍ଦୃଷ୍ଟି ଏବଂ କଳ୍ପନାପ୍ରବଣତା ଅଧିକ ବୋଲି ବିଚାର କରାଯିବ ।

ପୁଣି ‘‘ରବି’’ର କଥା ବିଚାର କରାଯାଉ । ସେ ହୁଏତ ସ୍କୁଲରେ ସେପରି ଉଲ୍ଲେଖଯୋଗ୍ୟ ସଫଳତା ଦର୍ଶାଇ ନ ଥାଏ । ମାତ୍ର ସେ ଅନ୍ୟମାନଙ୍କ ସହିତ ମିଳିମିଶି ଚଳିପାରେ । ରାସ୍ତାଘାଟରେ ଏବଂ ନିତିଦିନିଆ ଜୀବନରେ ସମସ୍ୟା ଏଡ଼ାଇ ଯାଏ । ଲୋକେ ତାକୁ ‘‘ଚାଲାକ୍’’ କୁହନ୍ତି । ଏ କ୍ଷେତ୍ରରେ ରବିର **ବ୍ୟବହାରିକ ବୁଦ୍ଧିମତ୍ତା** (Practical Intelligence) ଅଧିକ ବୋଲି କୁହାଯିବ ।

ବିଚାର କଲେ ଦେଖାଯିବ ଯେ କୌଣସି କାର୍ଯ୍ୟ ପୂର୍ଣ୍ଣ ମାତ୍ରାରେ ଗୋଟିଏ ପ୍ରକାର (ବିଶ୍ଳେଷଣାତ୍ମକ କିମ୍ବା ସୃଜନାତ୍ମକ କିମ୍ବା ବ୍ୟବହାରିକ) ବୁଦ୍ଧିମତ୍ତା ଉପରେ ପର୍ଯ୍ୟବେସିତ ନୁହେଁ । ପ୍ରତି କାର୍ଯ୍ୟରେ ଏଗୁଡ଼ିକ ଅଳ୍ପବହୁତ ରହିଥାଏ । ସୁତରାଂ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଶିକ୍ଷାଦେବା ସମୟରେ ତିନୋଟିର ବିକାଶ ପ୍ରତି ଦୃଷ୍ଟିଦେବା ଉଚିତ୍ । ଉଦାହରଣ ସ୍ୱରୂପ, ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ପୁସ୍ତକର ସମୀକ୍ଷା କରିବାକୁ କୁହାଯାଇପାରେ । ଲକ୍ଷ୍ୟକଲେ ଦେଖାଯିବ ଯେ ପୁସ୍ତକଟିର ସମାଲୋଚନା କାର୍ଯ୍ୟ ମୁଖ୍ୟତଃ ବିଶ୍ଳେଷଣାତ୍ମକ କାର୍ଯ୍ୟ । ପୁସ୍ତକଟି କିପରି ଅଧିକ ସୁନ୍ଦର ହୋଇପାରନ୍ତା, ସେ ବିଷୟରେ ମତବ୍ୟକ୍ତ କରିବା ସୃଜନାତ୍ମକ ଦକ୍ଷତା । ପୁଣି ଜୀବନ ଓ ସମାଜ ପାଇଁ ପୁସ୍ତକଟି କିପରି ଉପଯୋଗୀ, ତାହାର ବିଚାର ମୁଖ୍ୟତଃ ବ୍ୟବହାରିକ ଶିକ୍ଷାଦାନ ଓ ପ୍ରଶିକ୍ଷଣ ସମୟରେ ଏ ତିନୋଟି ରୂପର ବିକାଶ ପାଇଁ ଧ୍ୟାନଶୀଳ ହେବା କିଶୋର କିଶୋରୀ ତଥା ଅଭିଭାବକମାନଙ୍କର ବିଶିଷ୍ଟ କର୍ତ୍ତବ୍ୟ ।

❑

Digitized by srujanika@gmail.com

ଭାବବୁଦ୍ଧି : ବିକାଶର ଏକ ଅବହେଳିତ ଦିଗ

ପୂର୍ବରୁ ସୂଚନା ଦିଆଯାଇଛି ଯେ ବୁଦ୍ଧିମତ୍ତା ସମ୍ପର୍କରେ ଆଧୁନିକ ଗବେଷଣା ଦୁଇଟି ନୂତନ ଚିନ୍ତାଧାରାର ଝଲକ ଆଣିଦେଇଛି । ପ୍ରଥମଟି ହେଉଛି ବୁଦ୍ଧିମତ୍ତାର ବହୁବିଧ ରୂପ (Multiple Intelligence) । ଏ ପରିପ୍ରେକ୍ଷୀରେ ଗାର୍ଡ୍‌ନର ଏବଂ ଷ୍ଟର୍ଣ୍ଣବର୍ଗଙ୍କ ଚିନ୍ତାଧାରା ଆଲୋଚିତ ହୋଇଯାଇଛି । ନୂତନତ୍ୱର ଅନ୍ୟ ଦିଗଟି ହେଉଛି ଭାବ ବୁଦ୍ଧି (Emotional Intelligence) ।

ପୂର୍ବ ଆଲୋଚନା ଅନୁଯାୟୀ ସାଧାରଣ ବୁଦ୍ଧିମତ୍ତା କହିଲେ ଆମେ ମୁଖ୍ୟତଃ ଯୁକ୍ତିଯୁକ୍ତତାକେନ୍ଦ୍ରିତ ବୁଦ୍ଧିକୁ (Rational Intelligence) ବୁଝିଥାଉ । ପୂର୍ବରୁ ଆଲୋଚନା କରାଯାଇଥିବା ବୁଦ୍ଧିମାପକସବୁ ମୁଖ୍ୟତଃ ଏହି ଯୁକ୍ତିଯୁକ୍ତତାଧର୍ମୀ ବୁଦ୍ଧିମତ୍ତାକୁ ଆକଳନ କରିଥାନ୍ତି । ଅବଶ୍ୟ ଏଥିରେ ସ୍ମରଣ ଶକ୍ତି, ବସ୍ତୁ ଓ ଅବସ୍ଥିତି ସମ୍ପର୍କୀୟ ଜ୍ଞାନକୌଶଳ, ଭାଷାଜ୍ଞାନ ଇତ୍ୟାଦି ଉପାଦାନସମୂହ ଜଡ଼ିତ ଥାଏ । ପୁଣି ଏହି ବୁଦ୍ଧିମତ୍ତା ବିଶେଷ ଭାବରେ ଭାବନା ବା ଚିନ୍ତନ ଶକ୍ତିର ଅଭିବ୍ୟକ୍ତି ବୋଲି କୁହାଯାଇପାରେ । ବୁଦ୍ଧିଅଂକକୁ ଏହି ଭାବନା ସାମର୍ଥ୍ୟର ସୂଚକ କୁହାଯାଇପାରେ ।

ମାତ୍ର ଗତ ଦଶନ୍ଧିରେ ବୁଦ୍ଧିମତ୍ତାର ଅନ୍ୟ ଏକ ଦିଗ ପ୍ରବଳ ଆକର୍ଷଣ ସୃଷ୍ଟି କରିଛି । ଗୋଲ୍‌ମ୍ୟାନ୍ ନାମକ ଜଣେ ମନୋବିଜ୍ଞାନୀ "ଭାବଗତ ବୁଦ୍ଧି" (Emotional Intelligence) ଶୀର୍ଷକ ଏକ ପୁସ୍ତକ ପ୍ରକାଶନ ମାଧ୍ୟମରେ ଆଲୋଡ଼ନ ସୃଷ୍ଟି କରିଛନ୍ତି । ଅବଶ୍ୟ "ଭାବବୁଦ୍ଧି" ପରଭାଷାଟି ଲୋକପ୍ରିୟତା ଏବଂ ବୈଜ୍ଞାନିକ ସମର୍ଥନ ଲାଭ କରିବାରେ ଯଥେଷ୍ଟ କାରଣ ରହିଛି ।

ଏହା ସର୍ବସମ୍ମତ ଯେ ଆଧୁନିକ ଯୁଗରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ମନୁଷ୍ୟର ମସ୍ତିଷ୍କକୁ ଅଧ୍ୟୟନ କରିବା ପାଇଁ ଅଭିନବ କୌଶଳମାନ ଉଦ୍‌ଭାବିତ ହୋଇଛି । ଏହା ଫଳରେ ଅତୀତର ବହୁ ଅନାବିଷ୍କୃତ ଦିଗ ଲୋକଲୋଚନକୁ ଆସିଛି । ମନୋବିଜ୍ଞାନୀ ଏବଂ ସ୍ନାୟୁବିଜ୍ଞାନୀମାନଙ୍କର ସମ୍ମିଳିତ ଉଦ୍ୟମ ଫଳରେ କେତେକ ତଥ୍ୟ ପଦାକୁ ଆସିଛି ।

ସବୁଠାରୁ କୌତୂହଳର ବିଷୟ ହେଉଛି ଯେ ମନୁଷ୍ୟର ମସ୍ତିଷ୍କ ଗଠନ ଦୃଷ୍ଟିରୁ ଗୋଟିଏ ହେଲେ ମଧ୍ୟ କାର୍ଯ୍ୟ ଦୃଷ୍ଟିରୁ ଦୁଇଟି । "ଗୋଟିଏ ମସ୍ତିଷ୍କରେ ଦୁଇଟି ମନ ସକ୍ରିୟ ରହିଛି" ଏପରି ଏକ ଉକ୍ତି ବିବାଦୀୟ ନୁହେଁ । *ଦୁଇଟି ମନ କହିବାର ତାତ୍ପର୍ଯ୍ୟ ହେଉଛି ଭାବନା ମସ୍ତିଷ୍କ*

Digitized by srujanika@gmail.com

(Thinking Brain) ଏବଂ ଭାବ ମସ୍ତିଷ (Feeling Brain) । ପୁଣି କୌତୂହଳର ବିଷୟ ଯେ ଏ ଦୁଇଟି ମଧ୍ୟରୁ ଭାବ ମସ୍ତିଷ ଅଧିକ ପୁରାତନ ।

ପ୍ରାଣୀ ଜଗତର ବିବର୍ତ୍ତନ ସମୟରେ ସରୀସୃପ ଅବସ୍ଥା ସମୟରେ ବୃନ୍ତମସ୍ତିଷ (Brain stem) ପାଖରେ ମୁଦି ଆକୃତିର କିଛି ସ୍ନାୟୁ-ଅଂଶ ରୂପ ନେଲା । ବୃନ୍ତ ମସ୍ତିଷରେ ମେରୁମଜ୍ଜା (Spinal cord) ସରୁଛି ଏବଂ ପ୍ରକୃତ ମସ୍ତିଷ ଆରମ୍ଭ ହେଉଛି । ମୁଦିକୁ ଗ୍ରୀକ୍ ଭାଷାରେ ଲିମ୍ବସ୍ (Limbus) କୁହାଯାଉଥିବାରୁ ମୁଦିଆକାରର ଏହି ଅଂଶବିଶେଷକୁ ଲିମ୍ବିକ୍ ମଣ୍ଡଳ (Limbic System) କୁହାଗଲା । ଏହି ଲିମ୍ବିକ୍ ମଣ୍ଡଳ ପ୍ରାଣୀର ଭାବ ଓ ଆବେଗର କଥା ବୁଝେ । ବିବର୍ତ୍ତନର ପରବର୍ତ୍ତୀ ପର୍ଯ୍ୟାୟରେ ଭାବନା ମସ୍ତିଷ (Thinking Brain) ରୂପ ନେଲା । ଜୀବନର ସୁରକ୍ଷା ପାଇଁ ଘ୍ରାଣ (Smell) ସମ୍ବେଦନ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପ୍ରଥମେ ଘ୍ରାଣ ମସ୍ତିଷ (Nose brain) ରୂପ ନେଲା । ଘ୍ରାଣ ସମ୍ବେଦନ ନ ଥିଲେ ପଚା ମାଂସ ଖାଇ ମୃତ୍ୟୁ ମୁଖରେ ପଡ଼ିବାର ସମ୍ଭାବନା ଖୁବ୍ ଅଧିକ । ପରେ ପରେ ଅନ୍ୟସବୁ ସମ୍ବେଦନ ପାଇଁ ମସ୍ତିଷର କେନ୍ଦ୍ରମାନ ରୂପ ନେଲା । ଏ ଆଲୋଚନାର ତାତ୍ପର୍ଯ୍ୟ ହେଉଛି ଯେ ବିବର୍ତ୍ତନ ଧାରାରେ ଭାବ ଓ ଆବେଗର ଅନୁଭବ ପାଇଁ ପ୍ରଥମେ ସ୍ନାୟୁକେନ୍ଦ୍ର ରୂପ ନେଇଛି ଏବଂ ପରେ ଭାବନାକେନ୍ଦ୍ରସବୁ ତିଆରି ହୋଇଛି । ଏ ଦୃଷ୍ଟିରୁ ଭାବ ମସ୍ତିଷ (Feelling Brain) ଭାବନା ମସ୍ତିଷ (Thinking Brain) ତୁଳନାରେ ଅଧିକ ପୁରାତନ ।

କେବଳ ସେତିକି ନୁହେଁ, ଆମ ମସ୍ତିଷର ଦୁଇଟି ଗୋଲାର୍ଦ୍ଧ (Hemispheres) ମଧ୍ୟ ଭିନ୍ନ ଭିନ୍ନ କାର୍ଯ୍ୟ ସହିତ ସମ୍ବନ୍ଧିତ । ବାମ ଗୋଲାର୍ଦ୍ଧଟି ଅଧିକ ପରିମାଣରେ ଭାଷା ଓ ଯୁକ୍ତିଯୁକ୍ତ ବିଚାର ସହିତ ସମ୍ବନ୍ଧିତ । ଅନ୍ୟ ପକ୍ଷରେ ଦକ୍ଷିଣ ଭାଗଟି ଢାଞ୍ଚାସବୁର (Patterns) ପ୍ରତ୍ୟେକ୍ଷଣ ଓ ଆବେଗ ସହିତ ସମ୍ପୃକ୍ତ । ଚିକିତ୍ସାବିଜ୍ଞାନୀମାନେ ଲକ୍ଷ୍ୟ କରିଛନ୍ତି ଯେ ମନୁଷ୍ୟ ମସ୍ତିଷର ବାମ ଗୋଲାର୍ଦ୍ଧ ଦକ୍ଷିଣ ଗୋଲାର୍ଦ୍ଧ ତୁଳନାରେ ସାମାନ୍ୟ ବଡ଼ । ଆମେ ଦୈନନ୍ଦିନ ଜୀବନରେ ଯୁକ୍ତିଯୁକ୍ତତା ଓ ବାକ୍‌ପଟୁତାର ଅଧିକ ବ୍ୟବହାର କରୁଥିବାରୁ ଏପରି ପରିଣତି ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ଦକ୍ଷିଣ ଗୋଲାର୍ଦ୍ଧଟି ଢାଞ୍ଚାର (Patterns) ପ୍ରତ୍ୟେକ୍ଷଣ ପାଇଁ ଉଦ୍ଦିଷ୍ଟ । ଉଦାହରଣ ସ୍ୱରୂପ ଅନ୍ୟର ମୁଖାକୃତି ଦେଖି ବ୍ୟକ୍ତିକୁ ଚିହ୍ନିବା ସମୟରେ ଦୃଶ୍ୟଜଗତର ଢାଞ୍ଚା ଉପଯୋଗ କରାଯାଏ । ସେହିପରି ମଧୁର ଗୀତଟିଏ ଶୁଣିବା ସମୟରେ ଧ୍ୱନିସବୁର ଢାଞ୍ଚାର ପ୍ରତ୍ୟେକ୍ଷଣ (Perception) କରାଯାଏ । ଏହା ବ୍ୟତୀତ ଚିତ୍ରାଙ୍କନ ବା ଚିତ୍ରକଳାର ସମୀକ୍ଷା କରିବା ସମୟରେ ଏହାର ଉପଯୋଗ କରାଯାଏ । ଭାବ ଓ ଆବେଗର (Feeling & Emotion) ଅନୁଭବ ପାଇଁ ମଧ୍ୟ ଦକ୍ଷିଣ ଗୋଲାର୍ଦ୍ଧ ମୁଖ୍ୟ ଭୂମିକା ନିର୍ବାହ କରେ ।

ପୂର୍ବର ଏହି ଅନାବିଷ୍କୃତ ଦିଗଟି ସ୍ୱୀକୃତି ଲାଭ କରିବା ପରେ ଭାବ ବୁଦ୍ଧି (Emotional Intelligence) ସପକ୍ଷରେ ଦୃଢ଼ ସମର୍ଥନ ବୃଦ୍ଧି ପାଇଛି । ଗୋଲ୍‌ମ୍ୟାନ୍ ଏବଂ ଅନ୍ୟ ମନୋବିଜ୍ଞାନୀମାନେ ଦର୍ଶାଇଛନ୍ତି ଯେ କେବଳ ବିବର୍ତ୍ତନ ଦୃଷ୍ଟିକୋଣରୁ ନୁହେଁ, ବ୍ୟବହାରିକ

Digitized by srujanika@gmail.com

ଦୃଷ୍ଟିକୋଣରୁ ମଧ୍ୟ ଭାବ ବୁଦ୍ଧିର ଗୁରୁତ୍ୱ ଖୁବ୍ ବେଶୀ । ଭାବନା ବୁଦ୍ଧିର ଅଧିକାରୀ ହୋଇ ବ୍ୟକ୍ତି ଆଂଶିକ ସଫଳତା ହାସଲ କରିପାରେ । ମାତ୍ର ପୂର୍ଣ୍ଣାଙ୍ଗ ସଫଳତା ପାଇଁ ଭାବନା ବୁଦ୍ଧି ଏବଂ ଭାବ ବୁଦ୍ଧି ପ୍ରୟୋଜନ । ପରିବାର, ବିଦ୍ୟାଳୟ ଏବଂ ଜୀବନର ଅନ୍ୟସବୁ କ୍ଷେତ୍ରରେ ସଫଳତା ହାସଲ କରିବାକୁ ଭାବ ବୁଦ୍ଧିର ସାହାଯ୍ୟ ନେବାକୁ ହେବ । ବିଶେଷତଃ ଗୋଷ୍ଠୀଗତ ସାମୂହିକ ଜୀବନର ଶ୍ରୀବୃଦ୍ଧି ପାଇଁ ଭାବ ବୁଦ୍ଧି ନିତାନ୍ତ ପ୍ରୟୋଜନ ।

ବର୍ତ୍ତମାନ ଭାବବୁଦ୍ଧିର ଉପାଦାନଗୁଡ଼ିକ ସମ୍ପର୍କରେ ସୂଚନା ଦେବା ପୂର୍ବରୁ ଆଲୋଚିତ ହୋଇ ସାରିଥିବା ବହୁବିଧ ବୁଦ୍ଧିମତ୍ତା ସହିତ ଏହାର ସମାନ୍ତରତା ଦର୍ଶାଇବା ବିଜ୍ଞତା ହେବ । ଷ୍ଟର୍ଣ୍ଣବର୍ଗ ଏବଂ ଗାର୍ଡ଼ନର୍‌ଙ୍କ ମତବାଦ ସହିତ ଭାବବୁଦ୍ଧିର ସମ୍ପର୍କକୁ ନିମ୍ନ ବାକ୍ସରେ ସୂଚିତ କରାଯାଇପାରେ ।

ଷ୍ଟର୍ଣ୍ଣବର୍ଗ	ଗାର୍ଡ୍‌ନର	ଗୋଲମ୍ୟାନ୍
ବିଶ୍ଳେଷଣାତ୍ମକ ବୁଦ୍ଧି	ଭାଷାଗତ ଗାଣିତିକ	
ସୃଜନାତ୍ମକ ବୁଦ୍ଧି	ସ୍ଥାନ-ଅବସ୍ଥିତି ସମ୍ପର୍କିତ	
	ଗତିଶୀଳତା ଧର୍ମୀ	
	ସଂଗୀତଧର୍ମୀ	
ବ୍ୟବହାରିକ ବୁଦ୍ଧି	ପାରସ୍ପାରିକ ଦକ୍ଷତା	ଭାବବୁଦ୍ଧି
	ଅନ୍ତର୍ବ୍ୟକ୍ତିକ ଦକ୍ଷତା	
	ପ୍ରକୃତିନିଷ୍ଠତା	

ଭାବ ବୁଦ୍ଧି ସମ୍ପର୍କରେ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି – କେଉଁସବୁ ଉପାଦାନକୁ ନେଇ ଭାବବୁଦ୍ଧି ଗଠିତ ? ଏ କ୍ଷେତ୍ରରେ ମନୋବିଜ୍ଞାନୀମାନେ ଚିହ୍ନଟ କରିଥିବା ଉପାଦାନସମୂହ ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ଥିଲେ ମଧ୍ୟ ମୋଟାମୋଟି ଭାବରେ ସହମତି ରହିଛି । ସାଧାରଣ ଭାବରେ ପାଞ୍ଚୋଟି ଉପାଦାନ ସମ୍ପର୍କରେ ସୂଚନା ଦିଆଯାଇପାରେ ।

ଭାବବୁଦ୍ଧିର ଏକ ବିଶିଷ୍ଟ ଉପାଦାନ ହେଉଛି **ଆତ୍ମସଚେତନତା** (Self-Awareness) । ଉଚ୍ଚ ଭାବବୁଦ୍ଧିସମ୍ପନ୍ନ ବ୍ୟକ୍ତିମାନେ ନିଜକୁ ଠିକ୍ ରୂପେ ବୁଝିପାରନ୍ତି । ସେମାନେ ନିଜର ଦୋଷ ଓ ଗୁଣ ସମ୍ପର୍କରେ ସଚେତନ ଥାଆନ୍ତି । କେଉଁ ବିଷୟରେ ସବଳ ଏବଂ କେଉଁ ବିଷୟରେ ଦୁର୍ବଳ, ଏ ସମ୍ପର୍କରେ ସ୍ପଷ୍ଟ ଧାରଣା ଥାଏ । ନିଜର ଭାବ ଓ ଆବେଗସବୁ ଚିହ୍ନିପାରନ୍ତି । ଅନ୍ୟଭାଷାରେ ଏହାକୁ ଅନ୍ତର୍ବ୍ୟକ୍ତିକ (Intrapersonal) ଦକ୍ଷତା କୁହାଯାଇପାରେ ।

ଭାବବୁଦ୍ଧିର ଦ୍ୱିତୀୟ ଉପାଦାନଟି ହେଉଛି **ଆତ୍ମନିୟନ୍ତ୍ରଣ** (Self-Regulation) ଦକ୍ଷତା । ଏପରି ଦକ୍ଷତାପୂର୍ଣ୍ଣ ବ୍ୟକ୍ତିବିଶେଷ ସହନଶୀଳ । ଜୀବନର ବିବିଧତା ଭିତରେ ସେମାନେ ସ୍ଥିରତା ରକ୍ଷା କରନ୍ତି ଏବଂ ମାନସିକ ଚାପର ଉପଯୋଗୀ ପରିଚାଳନା କରନ୍ତି ।

Digitized by srujanika@gmail.com

ଅନମନୀୟ (Rigid) ନ ହୋଇ ନମନୀୟ (Fexible) ଦୃଷ୍ଟିଭଙ୍ଗୀ ଗ୍ରହଣ କରନ୍ତି । ଆମସଂଯମର ଏହି କଳା ଏମାନଙ୍କ ବ୍ୟବହାରରେ ପ୍ରତିଫଳିତ ।

ଭାବବୁଦ୍ଧିର ତୃତୀୟ ଉପାଦାନଟି ହେଉଛି **ଅଭିପ୍ରେରଣା** (Motivation) । ବାହ୍ୟ ପ୍ରତିବନ୍ଧକ ସତ୍ତ୍ୱେ ନିଜର ସଂକଳ୍ପସବୁକୁ କାର୍ଯ୍ୟକାରୀ କରିବାର ମାନସିକତା ଏମାନଙ୍କ ବ୍ୟବହାରରେ ପରିଦୃଷ୍ଟ ହୁଏ । ବାହ୍ୟ ପ୍ରୋତ୍ସାହନର ଅଭାବ ଥିଲେ ମଧ୍ୟ ଅନ୍ତର୍ଜଗତର ଆହ୍ବାନ ଗ୍ରହଣ କରି ଏମାନେ କର୍ମତତ୍ପର ଓ ଲକ୍ଷ୍ୟସାଧନମୁଖୀ ହେଇଥାଆନ୍ତି ।

ଚତୁର୍ଥ ଓ ପଞ୍ଚମ ଉପାଦାନ ଦୁଇଟିକୁ ଏକତ୍ର ଆଲୋଚନା କରାଯାଇପାରେ । ଏଥିମଧ୍ୟରୁ ଗୋଟିଏ ହେଉଛି ସାମାଜିକ ସଚେତନତା (Social Awareness) ଏବଂ ଅନ୍ୟଟି ହେଉଛି ସାମାଜିକ ଦକ୍ଷତା (Social Skil) । ସାମାଜିକ ସଚେତନତାର ଅର୍ଥ ହେଉଛି ଅନ୍ୟର ଭାବ ଓ ଆବେଗ୍‌କୁ ଠିକ୍ ରୂପେ ବୁଝିବାର ଦକ୍ଷତା । ଏପରି ଦକ୍ଷତାର ଅଧିକାରୀ ହୋଇ ବ୍ୟକ୍ତି ଅନ୍ୟମାନଙ୍କ ସହ ସୁସମ୍ପର୍କ ରକ୍ଷା କରିପାରେ । ଭଲରୂପେ ଅନ୍ୟମାନଙ୍କ ସହିତ ଚଳିପାରେ । ବୈଷମ୍ୟ ମଧ୍ୟରେ ଅନ୍ୟମାନଙ୍କ ସହିତ ଦଳରେ କାର୍ଯ୍ୟ କରିପାରେ । ପୁଣି ସାମାଜିକ ଦକ୍ଷତାର ଅଧିକାରୀ ହୋଇ ସେ ଦଳରେ, ଗୋଷ୍ଠୀରେ ଏବଂ ଯୌଥ ଜୀବନରେ ନିଜର ଅଭୀପ୍ସା ପୂରଣ କରିପାରେ ।

ଅନ୍ୟମାନଙ୍କର ସହାୟତାକୁ ଠିକ୍‌ରୂପେ ଲାଭ କରିବା ଏବଂ କାର୍ଯ୍ୟରେ ଲଗାଇବା ଏକପ୍ରକାର ବିଶେଷ ଧରଣର ସାମାଜିକ ଦକ୍ଷତା । ଏ ଦୁଇଟି ଉପାଦାନ ପରିପ୍ରେକ୍ଷୀରେ ଆଉ ଗୋଟିଏ ପରିଭାଷାର ବହୁଳ ପ୍ରୟୋଗ ଘଟିଥାଏ । ତାହା ହେଉଛି ସମାନାନୁଭୂତି (Empathy)। ସମାନାନୁଭୂତିର ଅର୍ଥ ସହାନୁଭୂତି ନୁହେଁ । ସମାନାନୁଭୂତିର ଅଧିକାରୀ ହେଇଥିବା ବ୍ୟକ୍ତିମାନେ ସାମାଜିକ ପରିବେଶରେ ପ୍ରଥମେ ମାନସିକ ସ୍ତରରେ ଅନ୍ୟର ସ୍ଥାନକୁ ଓହ୍ଲାଇ ଆସନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ସୁଖ ଦୁଃଖର ଅଂଶୀଦାର ହୁଅନ୍ତି । ଉଦାହରଣ ସ୍ୱରୂପ, ଜଣେ ଛୋଟ ପିଲା ବଡ଼ ପାଖରେ ନିଜର ଦୁଃଖ ବର୍ଣ୍ଣନା କରିବା ସମୟରେ ବଡ଼ପିଲାଟି ଶୁଣିବା ସମୟରେ ଛୋଟପିଲାର ସ୍ଥାନକୁ ଓହ୍ଲାଇ ଆସିପାରେ । "ମୁଁ ମଧ୍ୟ ଏପରି ଅସୁବିଧାର ସମ୍ମୁଖୀନ ହେଇଥାଆନ୍ତି" ଏପରି ଭାବନା ଆସିପାରେ । ଏହା ହେଉଛି ସମାନାନୁଭୂତି (Empathy)। ଗବେଷଣାରୁ ଦେଖାଯାଇଛି ଯେ ଉଚ୍ଚ ସମାନାନୁଭୂତିର ଅଧିକାରୀ ହୋଇଥିବା କିଶୋର କିଶୋରୀମାନେ ଅପେକ୍ଷାକୃତ ଅଧିକ ପରିମାଣରେ ଅନ୍ୟକୁ ସାହାଯ୍ୟ କରନ୍ତି ।

ଉପର ଆଲୋଚିତ ପାଞ୍ଚୋଟି ଉପାଦାନ ବ୍ୟତୀତ କେହି କେହି ବିଶେଷଜ୍ଞ ସକାରାତ୍ମକ ମିଜାଜକୁ ଅନ୍ୟତମ ଉପାଦାନର ମର୍ଯ୍ୟାଦା ଦେଇଛନ୍ତି । ସେମାନଙ୍କ ମତରେ ଉଚ୍ଚତର ଭାବବୁଦ୍ଧିର ଅଧିକାରୀ ହେଇଥିବା ବ୍ୟକ୍ତିବିଶେଷ ଖୁସିବାସିଆ ମିଜାଜ ଦର୍ଶାନ୍ତି । ସେମାନେ ନୈରାଶ୍ୟବାଦୀ ନ ହୋଇ ଆଶାବାଦୀ (Optimist) ହୁଅନ୍ତି । ସ୍ଥୂଳତଃ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜୀବନର ଶ୍ରୀବୃଦ୍ଧି ପାଇଁ ଭାବବୁଦ୍ଧିର ବିକାଶ ନିତାନ୍ତ ପ୍ରୟୋଜନ । ଏଥିରେ ପଛୁଆ ରହିଥିବା

Digitized by srujanika@gmail.com

କିଶୋର କିଶୋରୀମାନଙ୍କୁ ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ଏହାର ଅଭିବୃଦ୍ଧି ଘଟାଇବାକୁ ହେବ ।

ନିଜ ଭାବ ବୁଦ୍ଧି (Emotional Intelligence) ନିଜେ ଆକଳନ କରନ୍ତୁ ।

ନିମ୍ନରେ କେତେଗୁଡ଼ିଏ ବାକ୍ୟ ଦିଆଯାଇଛି । ପ୍ରତିଟି ବାକ୍ୟ ଭଲରୂପେ ପଢ଼ନ୍ତୁ । ଏହା କେତେ ପରିମାଣରେ ଆପଣଙ୍କ ପ୍ରତି ପ୍ରଯୁଜ୍ୟ, ତାହା ସ୍ଥିର କରି ଉପଯୁକ୍ତ ସଂଖ୍ୟାଟି ଅନ୍ୟ ଗୋଟିଏ କାଗଜରେ ଲେଖି ରଖନ୍ତୁ । ପ୍ରତି ବାକ୍ୟ ପାଇଁ ବାକ୍ୟର କ୍ରମିକ ନମ୍ବର ପାର୍ଶ୍ୱରେ ଏପରି ସଂଖ୍ୟା ଲେଖି ରଖନ୍ତୁ ।

ଆଦୌ ପ୍ରଯୁଜ୍ୟ ହୋଇ ନଥିଲେ — *୧ ଲେଖନ୍ତୁ*
ମୋଟାମୋଟି ପ୍ରଯୁଜ୍ୟ ହେଉଥିଲେ — *୨ ଲେଖନ୍ତୁ*
ସ୍ଥିର କରି ନ ପାରିଲେ — *୩ ଲେଖନ୍ତୁ*
ପ୍ରଯୁଜ୍ୟ ହୋଇଥିଲେ — *୪ ଲେଖନ୍ତୁ*
ବେଶ୍ ପ୍ରଯୁଜ୍ୟ ହୋଇଥିଲେ — *୫ ଲେଖନ୍ତୁ*

୧. ମୁଁ ମୋର ଭାବ ଓ ଆବେଗ (Feeling & Emotions) ଚିହ୍ନିପାରେ । ୧ ୨ ୩ ୪ ୫
୨. ମୋର ଭାବ ଓ ଆବେଗ ମାଧ୍ୟମରେ ମୁଁ ମୋ ବିଷୟରେ ବେଶ୍ କିଛି ଶିଖିଛି । ୧ ୨ ୩ ୪ ୫
୩. ମୋ ମିଜାସର କାରଣ ମୁଁ ଜାଣିପାରେ। ୧ ୨ ୩ ୪ ୫
୪. ମୋର ଭାବସବୁ ମୋ କାର୍ଯ୍ୟ ଉପରେ କିପରି ପ୍ରଭାବ ପକାଉଛି, ତାହା ମୁଁ ଜାଣିପାରେ । ୧ ୨ ୩ ୪ ୫
୫. ଲକ୍ଷ୍ୟ ଓ ମୂଲ୍ୟବୋଧ ସମ୍ପର୍କରେ ମୋର ସ୍ୱଷ୍ଟ ଧାରଣା ରହିଛି । ୧ ୨ ୩ ୪ ୫
୬. ମୋର ଦୋଷ ଓ ଗୁଣ ସମ୍ପର୍କରେ ମୁଁ ସଚେତନ । ୧ ୨ ୩ ୪ ୫
୭. ମୋର କାର୍ଯ୍ୟ ଓ ବ୍ୟବହାରଟି ଭଲ ହୋଇଛି କି ମନ୍ଦ ହୋଇଛି, ତାହା ଜାଣିବାର ଆଗ୍ରହ ରହିଥାଏ । ୧ ୨ ୩ ୪ ୫
୮. ମୋର ନିଜ ଉପରେ ଓ ନିଜର ନିଷ୍ପତ୍ତି ଉପରେ ଦୃଢ଼ ଭରସା ରହିଛି । ୧ ୨ ୩ ୪ ୫
୯. ଲୋକଙ୍କ ସହିତ ମିଶିବା ପାଇଁ ମୁଁ ଆଗଭର ହୁଏ । ୧ ୨ ୩ ୪ ୫
୧୦. ଦଳରେ ଆଲୋଚନା କରିବା ସମୟରେ ମୁଁ ଭାବେ ଯେ ଅନ୍ୟମାନଙ୍କ ପରି ମୋ ମତାମତର ବି ମୂଲ୍ୟ ରହିଛି । ୧ ୨ ୩ ୪ ୫
୧୧. ଅପ୍ରିୟ ହେବାର ଆଶଙ୍କା ଥିଲେ ମଧ୍ୟ ମୋର ମତ ଯଥାର୍ଥ ବୋଲି ମୁଁ ଅନୁଭବ କଲେ ସେଥିରେ ସ୍ଥିର ରହେ । ୧ ୨ ୩ ୪ ୫
୧୨. ଜୀବନରେ ମୁଁ କ'ଣ ଚାହେଁ, ସେ ବିଷୟରେ ମୋର ଧାରଣା ସ୍ୱଷ୍ଟ । ୧ ୨ ୩ ୪ ୫

Digitized by srujanika@gmail.com

୧୩. ମୋର ସଂକଳ୍ପ ଫଳରେ ମୁଁ ମୋର ଅଭିଳାଷ ପୂରଣ କରିପାରିବି ।	୧ ୨ ୩ ୪ ୫
୧୪. ବିଫଳତା ଆସିଲେ ବି ମୁଁ ହାର ମାନେନାହିଁ ।	୧ ୨ ୩ ୪ ୫
୧୫. ସମସ୍ୟାରେ ପଡ଼ି ମାନସିକ ଚାପ ଅନୁଭବ କଲେ ମୁଁ ଚାପମୁକ୍ତ ହେବା ପାଇଁ ଚେଷ୍ଟାକରେ, ଫଳରେ ମୁଁ ଅବସ୍ଥାଟିର ଠିକ୍ ସମୀକ୍ଷା କରିପାରିବି ।	୧ ୨ ୩ ୪ ୫
୧୬. ସମସ୍ୟାର ସମ୍ମୁଖୀନ ହେଲେ କ'ଣ କରାଯାଇ ପାରିବ, ସେ ଦିଗରେ ମୁଁ ଧ୍ୟାନ ଦିଏ ।	୧ ୨ ୩ ୪ ୫
୧୭. ନୂତନ ଧରଣର ସୂଚନା, ସମସ୍ୟା ଓ ଆହ୍ୱାନ ସହିତ ଶୀଘ୍ର ମୁଁ ନିଜକୁ ଖାପଖୁଆଇ ପାରେ ।	୧ ୨ ୩ ୪ ୫
୧୮. ପରିବେଶରେ କ'ଣ ଘଟୁଛି, ସେଥିପ୍ରତି ଧ୍ୟାନଶୀଳ ହୋଇ ମୁଁ ସୁଯୋଗସବୁ ଖୋଜିନିଏ ।	୧ ୨ ୩ ୪ ୫
୧୯. କେଉଁସବୁ ପରିବର୍ତ୍ତନର ସମ୍ଭାବନା ରହିଛି, ତାହାର ପୂର୍ବାନୁମାନ କରି ମୁଁ ସୁଯୋଗ ନେଇଥାଏ ।	୧ ୨ ୩ ୪ ୫
୨୦. ଦ୍ରୁତ ପରିବର୍ତ୍ତନ ଏବଂ ଅନ୍ୟମାନଙ୍କ ପ୍ରତ୍ୟାଶା ସହିତ ମୁଁ ଖାପଖୁଆଇ ନିଏ ।	୧ ୨ ୩ ୪ ୫
୨୧. ଜୀବନର ସମସ୍ୟା ସମାଧାନ କ୍ଷେତ୍ରରେ ମୁଁ ସହଜ ଓ କୋହଳ ମନୋବୃତ୍ତି ଗ୍ରହଣ କରେ ।	୧ ୨ ୩ ୪ ୫
୨୨. ସମସ୍ୟା ଉପୁଜିଲା ମାତ୍ରେ ସମାଧାନର ସୂତ୍ର ମୋତେ ଦିଶିଯାଏ ।	୧ ୨ ୩ ୪ ୫
୨୩. ସମସ୍ୟା ସମାଧାନର ଗୋଟିଏ ମାର୍ଗ ସଫଳ ନ ହେଲେ ମୁଁ ଅନ୍ୟ ପନ୍ଥାସବୁର ଚିନ୍ତାକରେ ।	୧ ୨ ୩ ୪ ୫
୨୪. ବିଭିନ୍ନ କ୍ଷେତ୍ରରୁ ନୂଆ ନୂଆ ଧାରଣା ଅନ୍ୱେଷଣ କରେ ।	୧ ୨ ୩ ୪ ୫
୨୫. ମୋ କାର୍ଯ୍ୟକୁଶଳତାର ବିକାଶ ପାଇଁ ପ୍ରଯତ୍ନ କରେ ।	୧ ୨ ୩ ୪ ୫
୨୬. ଅପେକ୍ଷାକୃତ କଷ୍ଟକର କାର୍ଯ୍ୟ ହାତକୁ ନିଏ ଏବଂ ସଫଳ ସମ୍ପାଦନ ପାଇଁ ପ୍ରୟାସ କରେ ।	୧ ୨ ୩ ୪ ୫
୨୭. ବର୍ତ୍ତମାନ ପାଇଁ ସହଜିଆ ପୁରସ୍କାର ପ୍ରାପ୍ତିର ଆଶା ନ ରଖି ଭବିଷ୍ୟତରେ ବଡ଼ ପୁରସ୍କାର ପାଇବାକୁ ଉଦ୍ୟମ କରେ ।	୧ ୨ ୩ ୪ ୫
୨୮. ପରିବେଶରେ କ'ଣ ସବୁ ସୁବିଧା ସୁଯୋଗ ରହିଛି, ସେସବୁର ଅନ୍ୱେଷଣ କରେ ।	୧ ୨ ୩ ୪ ୫
୨୯. ସମସ୍ୟା ଉପୁଜିବା ଆଗରୁ ପ୍ରତିଷେଧମୂଳକ କାର୍ଯ୍ୟକ୍ରମର ଯୋଜନା କରେ ।	୧ ୨ ୩ ୪ ୫

Digitized by srujanika@gmail.com

୩୦. ଉଦ୍ୟମ କରି ଅନନ୍ୟ ଉପାୟରେ ଅନ୍ୟମାନଙ୍କୁ ଏକଜୁଟ କରିବାର ଉଦ୍ୟମ କରେ ।	୧ ୨ ୩ ୪ ୫
୩୧. ନୂଆଯୋଜନା ପାଇଁ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିବାକୁ ଆଗଭର ହୁଏ ।	୧ ୨ ୩ ୪ ୫
୩୨. ମୋର ମତକୁ ଅନ୍ୟମାନେ ଗ୍ରହଣ କରନ୍ତୁ ବୋଲି ମୁଁ ଇଚ୍ଛାପୋଷଣ କରେ ।	୧ ୨ ୩ ୪ ୫
୩୩. କେବଳ ନିୟମର ଅନୁସରଣ କରିବା ଅପେକ୍ଷା କାର୍ଯ୍ୟ ସମ୍ପାଦନରେ ମୋର ଅଧିକ ଆସ୍ଥା ରହିଛି ।	୧ ୨ ୩ ୪ ୫
୩୪. ଇଚ୍ଛାଥିଲେ ଉପାୟ ବଳେ ବଳେ ଆସେ ବୋଲି ମୋର ବିଶ୍ୱାସ ।	୧ ୨ ୩ ୪ ୫
୩୫. ଶେଷ କରିବାର ସଂକଳ୍ପ ନେଇ ମୁଁ କାର୍ଯ୍ୟ ଆରମ୍ଭ କରେ ।	୧ ୨ ୩ ୪ ୫
୩୬. ଚାପ ଥିଲେ ବି ମୁଁ ଜାଣେ ଯେ ସମାଧାନ ନିଶ୍ଚୟ ଆସିବ ।	୧ ୨ ୩ ୪ ୫
୩୭. ଲୋକମାନେ କ'ଣ ଅନୁଭବ କରୁଛନ୍ତି, ତାହା ସେମାନଙ୍କୁ ମୋତେ କହିବାକୁ ପଡ଼ି ନଥାଏ, ମୁଁ ତାହା ଜାଣିପାରେ ।	୧ ୨ ୩ ୪ ୫
୩୮. ମୁଁ ଅନ୍ୟମାନଙ୍କର ସ୍ପନ୍ଦନ ଜାଣିପାରେ ଏବଂ ସେମାନଙ୍କର ଅକୁହା ଭାବ ଓ ଆବେଗ ଅନୁଭବ କରିପାରେ ।	୧ ୨ ୩ ୪ ୫
୩୯. ଲୋକମାନେ ମୋ ସହିତ କଥାବାର୍ତ୍ତା ହେଉଥିବା ସମୟରେ ସେମାନଙ୍କ ଭାବାବେଗ ଜାଣିପାରେ ।	୧ ୨ ୩ ୪ ୫
୪୦. ମୋ କୋଠରୀକୁ ପଶୁଥିବା ଲୋକମାନଙ୍କର ଭାବାବେଗ ମୁଁ ଚିହ୍ନିପାରେ ।	୧ ୨ ୩ ୪ ୫
୪୧. ଲୋକମାନଙ୍କର ଚାହିଦା ସବୁର (Needs) ମୁଁ ପୂର୍ବାନୁମାନ କରିପାରେ ଏବଂ ସେସବୁର ପୂରଣ ଦିଗରେ ଉଦ୍ୟମ କରେ ।	୧ ୨ ୩ ୪ ୫
୪୨. ଅନ୍ୟମାନଙ୍କର ମୋ ପ୍ରତି ପ୍ରତ୍ୟାଶା ବୁଝିପାରି ସେସବୁର ପୂରଣ ଦିଗରେ ଯତ୍ନବାନ ହୁଏ ।	୧ ୨ ୩ ୪ ୫
୪୩. ଲୋକମାନଙ୍କର ଚାହିଦା ସମ୍ପର୍କରେ ପଚାରି ବୁଝେ ଏବଂ ସେ ଦିଗରେ ସାହାଯ୍ୟ ପାଇଁ ଯତ୍ନକରେ ।	୧ ୨ ୩ ୪ ୫
୪୪. ଲୋକମାନଙ୍କର ଉପକାର କରିବା ପାଇଁ ମୁଁ ମୋ ପକ୍ଷରୁ ସେମାନଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରେ ।	୧ ୨ ୩ ୪ ୫
୪୫. ବିଭିନ୍ନ ପୃଷ୍ଠଭୂମିର ଲୋକମାନଙ୍କ ସହିତ କାର୍ଯ୍ୟ କରିବାରେ ମୁଁ ଆନନ୍ଦ ପାଏ ।	୧ ୨ ୩ ୪ ୫
୪୬. ଗୋଟିଏ ଦଳରେ ବା ସଂଗଠନରେ ପ୍ରକୃତରେ କାହାର ପ୍ରକୃତ କ୍ଷମତା ରହିଛି, ତାହା ମୁଁ ଜାଣିପାରେ ।	୧ ୨ ୩ ୪ ୫

Digitized by srujanika@gmail.com

୪୭. ଦଳରେ ପ୍ରଭାବଶାଳୀ ଲୋକମାନଙ୍କ ସହିତ ମୁଁ ସଂଯୋଗ ରକ୍ଷା କରିପାରେ । ୧ ୨ ୩ ୪ ୫
୪୮. ଉଚ୍ଚ ପଦବୀରେ ଥିବା ଲୋକମାନଙ୍କ ମତାମତକୁ ମୁଁ ପ୍ରଭାବିତ କରିପାରେ । ୧ ୨ ୩ ୪ ୫
୪୯. ମୁଁ ଅନ୍ୟମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ପାରେ । ୧ ୨ ୩ ୪ ୫
୫୦. ଅନ୍ୟମାନଙ୍କ ପାଖରେ ନିଜକୁ ସୁନ୍ଦର ଭାବରେ ଉପସ୍ଥାପନ କରିପାରେ । ୧ ୨ ୩ ୪ ୫
୫୧. ବାହ୍ୟ ଜଗତରୁ ସୂଚନା ଓ ଜ୍ଞାନସବୁ ଆହରଣ କରି ମୁଁ ନିଜକୁ ସମୟୋପଯୋଗୀ କରୁଥିବାରୁ ଲୋକଙ୍କୁ ପ୍ରଭାବିତ କରିପାରେ । ୧ ୨ ୩ ୪ ୫
୫୨. ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ କ'ଣ ଆବଶ୍ୟକତା ରହିଛି, ଏହା ଠିକ୍ ଭାବେ ଜାଣିପାରୁଥିବାରୁ ମୁଁ ପ୍ରଭାବ ସୃଷ୍ଟି କରିପାରେ । ୧ ୨ ୩ ୪ ୫
୫୩. ମୋର କଥାବାର୍ତ୍ତା ପ୍ରଭାବଶୀଳ । ୧ ୨ ୩ ୪ ୫
୫୪. ମୁଁ ଯାହା କହିବାକୁ ଚାହେଁ, ସେପରି ବାର୍ତ୍ତାର ସ୍ପଷ୍ଟ ପ୍ରଭାବ ରହିଛି । ୧ ୨ ୩ ୪ ୫
୫୫. ମୁଁ ଭାବପ୍ରକାଶ କଲାବେଳେ ଅଧିକ ସୁଫଳ ପାଇବାକୁ ଏକାଧିକ ମାଧ୍ୟମର ଉପଯୋଗ କରେ । ୧ ୨ ୩ ୪ ୫
୫୬. ଲୋକମାନଙ୍କର ଉତ୍ସାହ ବଢ଼ାଇବାର ଉପାୟ ମୁଁ ଜାଣେ । ୧ ୨ ୩ ୪ ୫
୫୭. ଗୋଳମାଳିଆ ଅବସ୍ଥାରେ ମୁଁ ନେତୃତ୍ୱ ନେଇପାରେ । ୧ ୨ ୩ ୪ ୫
୫୮. ପରିବର୍ତ୍ତନର ପ୍ରୟୋଜନୀୟତା ମୁଁ ବୁଝିପାରେ ଏବଂ ପ୍ରତିବନ୍ଧକ ଦୂର କରିବାରେ ପ୍ରୟାସ କରେ । ୧ ୨ ୩ ୪ ୫
୫୯. ଲୋକମାନେ ଖୁସିରେ ପରସ୍ପର ସହିତ କଥାବାର୍ତ୍ତା କଲାଭଳି ପରିବେଶ ସୃଷ୍ଟି ପାଇଁ ମୁଁ ଉଦ୍ୟମ କରେ । ୧ ୨ ୩ ୪ ୫
୬୦. ମୁଁ ଠିକ୍ ରୂପେ ଦଳଗଠନ କରି ଦଳର ସଦସ୍ୟମାନଙ୍କ ମଧ୍ୟରେ ଦଳଗତ ମନୋଭାବ (Team spirit) ସୃଷ୍ଟି କରିପାରେ । ୧ ୨ ୩ ୪ ୫

ଭାବବୁଦ୍ଧି ଫଳାଙ୍କର ବ୍ୟାଖ୍ୟା

ଆପଣ ବର୍ତ୍ତମାନ ୧ ନମ୍ବରଠାରୁ ଆରମ୍ଭ କରି ୧୨ ନମ୍ବର ବାକ୍ୟ ପର୍ଯ୍ୟନ୍ତ ଟିପି ରଖିଥିବା ନିଜର ଫଳାଙ୍କ (Score) ମିଶାଇ ଦିଅନ୍ତୁ । ତାହା ଆପଣଙ୍କର **ଆତ୍ମଚେତନାର** ମାତ୍ରା ।

ସେହିପରି ୧୩ରୁ ୨୪ନମ୍ବର ବାକ୍ୟର ଫଳାଙ୍କ ମିଶାଇଲେ **ଆତ୍ମନିୟନ୍ତ୍ରଣର** ମାତ୍ରା
୨୫ରୁ ୩୬ନମ୍ବର ବାକ୍ୟର ଫଳାଙ୍କ ମିଶାଇଲେ **ଅଭିପ୍ରେରଣାର** ମାତ୍ରା
୩୭ରୁ ୪୮ନମ୍ବର ବାକ୍ୟର ଫଳାଙ୍କ ମିଶାଇଲେ **ସାମାଜିକ ସଚେତନତାର** ମାତ୍ରା
୪୯ରୁ ୬୦ନମ୍ବର ବାକ୍ୟର ଫଳାଙ୍କ ମିଶାଇଲେ **ସାମାଜିକ ଦକ୍ଷତାର** ମାତ୍ରା

Digitized by srujanika@gmail.com

ଏ ପାଞ୍ଚୋଟି କ୍ଷେତ୍ରର ଫଳାଙ୍କ ମିଶାଇଲେ ତାହା ଆପଣଙ୍କ **ସାମଗ୍ରିକ ଭାବବୃଦ୍ଧିର** ମାତ୍ରା ସୂଚିତ କରିବ ।

ପ୍ରତିଟି କ୍ଷେତ୍ରରେ ଫଳାଙ୍କ ୧୨କିମ୍ୱା ତାଠାରୁ କମ୍ ହେଇଥିଲେ ଦକ୍ଷତା ନାହିଁ ବୋଲି ଧରାଯିବ ।

ଫଳାଙ୍କ ୧୩ରୁ ୨୪ମଧ୍ୟରେ ଥିଲେ ଦକ୍ଷତା ମାତ୍ରା କମ୍ ବିଚାର କରନ୍ତି

ଫଳାଙ୍କ ୨୫ରୁ ୩୬ ମଧ୍ୟରେ ଥିଲେ ଦକ୍ଷତା ସାଧାରଣ ବୋଲି ବିଚାର କରନ୍ତି

ଫଳାଙ୍କ ୩୭ରୁ ୪୮ମଧ୍ୟରେ ଥିଲେ ଦକ୍ଷତା ଭଲ ବୋଲି ବିଚାର କରନ୍ତି

ଫଳାଙ୍କ ୪୯ରୁ ୬୦ମଧ୍ୟରେ ଥିଲେ ଦକ୍ଷତାର ଖୁବ୍ ଭଲ ବୋଲି ବିଚାର କରନ୍ତି

ସାମଗ୍ରିକ ଫଳାଙ୍କ କ୍ଷେତ୍ରରେ

୬୦ କିମ୍ୱା କମ୍ ଦକ୍ଷତାର ଅଭାବ ବିଚାର କରନ୍ତୁ ।

୬୫ରୁ ୧୨୦ ମଧ୍ୟରେ ଥିଲେ ଦକ୍ଷତା କମ୍ ବିଚାର କରନ୍ତୁ ।

୧୨୧ରୁ ୧୮୦ ମଧ୍ୟରେ ଥିଲେ ଦକ୍ଷତା ସାଧାରଣ ବିଚାର କରନ୍ତୁ ।

୧୮୧ରୁ ୨୪୦ ମଧ୍ୟରେ ଥିଲେ ଦକ୍ଷତା ଭଲ ବିଚାର କରନ୍ତୁ ।

୨୪୧ରୁ ୩୦ ମଧ୍ୟରେ ଥିଲେ ଦକ୍ଷତା ଖୁବ୍ ଭଲ ବିଚାର କରନ୍ତୁ ।

ଦକ୍ଷତା ନ ଥିଲେ କିମ୍ୱା କମ୍ ହେଇଥିଲେ ଶିକ୍ଷକ ଶିକ୍ଷୟିତ୍ରୀ କିମ୍ୱା ବିଶେଷଜ୍ଞ ପରାମର୍ଶ ଆବଶ୍ୟକ ।

Digitized by srujanika@gmail.com

ଭାବଗତ ସାମର୍ଥ୍ୟ

ଆନନ୍ଦ ନିରାନନ୍ଦ ଅନୁଭବ ଜୀବନର ଏକ ସ୍ୱାଭାବିକ ପ୍ରକ୍ରିୟା । ଭାବ (Feeling) ଓ ଆବେଗ (Emotion) ଦୁଇଟି ସ୍ତରରେ କାର୍ଯ୍ୟକରେ । ପ୍ରଥମଟି ଅନୁଭବର ସ୍ତର ଓ ଦ୍ୱିତୀୟଟି ପରିପ୍ରକାଶର ସ୍ତର । ସବୁଲୋକ ପ୍ରତିଟି ଅନୁଭୂତ ଭାବ ଆବେଗକୁ ପ୍ରକାଶ୍ୟ ରୂପ ଦେଇ ନ ଥାନ୍ତି । ଏ କ୍ଷେତ୍ରରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭିନ୍ନତା ପରିଲକ୍ଷିତ ହୁଏ । କିଶୋର କିଶୋରୀମାନଙ୍କର ଭାବଗତ ଅନୁଭବ ଓ ପରିପ୍ରକାଶ କ୍ଷେତ୍ରରେ କିପରି ସ୍ୱାତନ୍ତ୍ୟ ରହିଛି, ସେ ସମ୍ପର୍କରେ କୌତୂହଳ ଜନ୍ମିବା ଏକ ସାଧାରଣ କଥା ।

କିଶୋର କିଶୋରୀମାନଙ୍କର ମିଜାସିଆ ହାବଭାବ ସହଜରେ ଆଖିରେ ପଡ଼େ । ସକାରାତ୍ମକ ଆବେଗ ହେଉ ବା ନକାରାତ୍ମକ ଆବେଗ ହେଉ, ଏମାନଙ୍କର ଆବେଗସବୁ ଉଚ୍ଚମାତ୍ରାର ହୋଇଥାଏ ଏବଂ ଅପେକ୍ଷାକୃତ ଘନଘନ ପରିବର୍ତ୍ତନଶୀଳ ହୋଇଥାଏ । ଗୋଟିଏ ସର୍ବେକ୍ଷଣରୁ ଦେଖାଯାଇଛି ଯେ ବୟସ୍କମାନଙ୍କ ତୁଳନାରେ କିଶୋର କିଶୋରୀମାନେ "ଖୁବ୍ ଖୁସି" ଏବଂ "ଖୁବ୍ ଖରାପ" ପରିଭାଷା ପ୍ରାୟ ପାଞ୍ଚଗୁଣ ଅଧିକ ପ୍ରୟୋଗ କରନ୍ତି ।

ଆବେଗର ଘନ ପରିବର୍ତ୍ତନ ମୂଳରେ ହର୍‌ମୋନ୍ ସ୍ତରର ଦ୍ରୁତ ପରିବର୍ତ୍ତନ କେତେକାଂଶରେ ଦାୟୀ । ବୟସର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ କିଶୋର କିଶୋରୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ହର୍‌ମୋନ ପରିବର୍ତ୍ତନ ସହିତ ସମନ୍ୱୟଶୀଳତା ଶିକ୍ଷା କରନ୍ତି ଏବଂ ପ୍ରୟୋଗ କରନ୍ତି ।

ଆବେଗ ପରିବର୍ତ୍ତନର କ୍ଷିପ୍ରତା କେବଳ ହର୍‌ମୋନ ସହିତ ସମ୍ବନ୍ଧିତ ନୁହେଁ । ସାମାଜିକ ପରିବେଶ ଦ୍ରୁତ ପରିବର୍ତ୍ତନର କାରଣ ମଧ୍ୟ ହୋଇଥାଏ । ବିଶେଷତଃ କିଶୋର କିଶୋରୀମାନେ ପରିବାରର ଅପେକ୍ଷାକୃତ ସୁରକ୍ଷା ବଳୟରୁ ବାହାରି ଧୀରେ ଧୀରେ ବିଦ୍ୟାଳୟର ଉଚ୍ଚ ଶ୍ରେଣୀକୁ ଯାଆନ୍ତି । ପରିବେଶ କ୍ରମଶଃ ଅଧିକରୁ ଅଧିକ ପ୍ରତିଯୋଗିତାମୂଳକ ହୁଏ । ଲକ୍ଷ୍ୟସାଧନ ପାଇଁ ଅଧିକରୁ ଅଧିକ ମାନସିକ ଚାପର ଶରବ୍ୟ ହେବାକୁ ପଡ଼େ । ପରିବାରର ଲୋକମାନେ ପୂର୍ବପରି ସୁରକ୍ଷା ଦେବାର ସମ୍ଭାବନା କମିଯାଏ । ନିଜକୁ ଆହ୍ୱାନସବୁର ମୁକାବିଲା କରିବାକୁ ହୁଏ । ଏପରି ସାମାଜିକ ପରିବେଶର ଭାବ ଓ ଆବେଗର ସ୍ଥିରତା ବାଧାପ୍ରାପ୍ତ ହେବା ସ୍ୱାଭାବିକ । ଏ ପର୍ଯ୍ୟାୟରେ କେତେକ କିଶୋର କିଶୋରୀ ସମନ୍ୱୟ ରକ୍ଷା କରିନପାରି

Digitized by srujanika@gmail.com

ଅବାଂଛନୀୟ ବ୍ୟବହାରର ଶିକାର ହୁଅନ୍ତି । ଧୂମପାନ, ମଦ୍ୟପାନ, ଯୁବ ଅପରାଧୀ ଓ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ହେବାର ପ୍ରବଣତା ବୃଦ୍ଧିପାଏ ।

ଆବେଗର ଦୋଳନ କ୍ଷେତ୍ରରେ ଆଉ ଗୋଟିଏ ଉପାଦାନ ମଧ୍ୟ ସକ୍ରିୟ ଭୂମିକା ଗ୍ରହଣ କରେ । ଶାରୀରିକ (ବିଶେଷତଃ ହରମୋନ୍‌ଗତ) ପରିବର୍ତ୍ତନ ସହିତ ସମାନ୍ତରତା ରକ୍ଷାକରି ଆସଙ୍ଗ ଲିପ୍‌ସା କେତେକ ପ୍ରବଣତା ସୃଷ୍ଟିକରେ । କେତେକ ଧରଣର ପ୍ରକୃତ କିମ୍ବା କାଳ୍ପନିକ ଯୌନ ଅନୁଭୂତି ମାନସିକ ଦୋଳନର କାରଣ ହୁଏ । ରୋମାଣ୍ଟିକ ସମ୍ପର୍କଜନିତ ବାସ୍ତବ କିମ୍ବା କଳ୍ପନାଭିତ୍ତିକ ଅନୁଭବ ଯେଉଁ ବିଚଳନ ସୃଷ୍ଟିକରେ, ସେଥିପାଇଁ ଏକ ପ୍ରକାର ସମନ୍ୱୟଶୀଳତାର ପ୍ରୟୋଜନ ହୁଏ ।

କେତେକ କିଶୋର କିଶୋରୀ ଏପରି ଆବେଗଚକ୍ର ସମ୍ପର୍କରେ ଧୀରେ ଧୀରେ ସଚେତନ ହୁଅନ୍ତି । କେତେ ମାତ୍ରାର ଆବେଗ ହିତକର ଏବଂ କେତେ ମାତ୍ରାର ଆବେଗ କ୍ଷତିକାରକ ତାହା ବୁଝନ୍ତି । ପୁଣି ନିଜର ଭାବ ଓ ଆବେଗକୁ କୌଶଳପୂର୍ଣ୍ଣ ଭାବରେ ଉପସ୍ଥାପନ କରିବାର ଆବଶ୍ୟକତା ରହିଛି ବୋଲି ଉପଲବ୍‌ଧି କରନ୍ତି । ସାମାଜିକ ପରିବେଶରେ ଏବଂ ଅନ୍ୟମାନଙ୍କ ଗହଣରେ ନିଜ ରାଗକୁ ଅନାବୃତ୍ତ ଭାବେ ପ୍ରକାଶ ନ କରି ଏହାକୁ ନିୟନ୍ତ୍ରଣରେ ରଖିବାକୁ ହେବ, ଏହା ବୁଝନ୍ତି । ରାଗ ସାମାଜିକ ସମ୍ପର୍କ ଓ ବନ୍ଧୁତ୍ୱ ନଷ୍ଟ କରେ ଏହା ଜାଣନ୍ତି । ପୁଣି ନିଜର ଆବେଗକୁ ସକାରାତ୍ମକ ଭାବରେ ପ୍ରକାଶ କରିବାର ଗୁରୁତ୍ୱ ଉପଲବ୍‌ଧି କରନ୍ତି । ଏସବୁର ଉପଯୋଗୀ ବ୍ୟବହାରକୁ ଲକ୍ଷ୍ୟ କରି ମନୋବିଜ୍ଞାନୀମାନେ ଭାବଗତ ସାମର୍ଥ୍ୟ (Emotional Competence) ପରିଭାଷାର ପ୍ରୟୋଗ କରାଯାଇଛି ।

ଭାବଗତ ସାମର୍ଥ୍ୟ ପରିପ୍ରେକ୍ଷୀର ଅନ୍ତତଃ ତିନୋଟି ଉପାଦାନ ସୁସ୍ପଷ୍ଟ । ଆବେଗ ସମ୍ପର୍କ ସ୍ଥାପନରେ ଆବେଗ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ, ଏ ବିଷୟରେ ସଚେତନତା ହେଉଛି ପ୍ରଥମ ଉପାଦାନ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଜଣେ ବନ୍ଧୁଙ୍କ ପ୍ରତି ବାରମ୍ବାର କ୍ରୋଧ ପ୍ରକାଶ କଲେ ବଂଧୁତ୍ୱ ନିଶ୍ଚୟ କ୍ଷତିଗ୍ରସ୍ତ ହେବ ।

ଦ୍ୱିତୀୟତଃ ନକାରାତ୍ମକ ଆବେଗକୁ (ଯଥା – ରାଗ) ସମ୍ପୂର୍ଣ୍ଣ ବିଲୋପ କରିବା ସମ୍ଭବ ନ ହେଲେ ମଧ୍ୟ ଏହାର ତୀବ୍ରତା (Intensity) ଓ ଦୀର୍ଘତା ବା ବ୍ୟାପ୍ତିକୁ (Duration) ହ୍ରାସ କରାଯାଇପାରେ, ଏପରି ଆତ୍ମନିୟନ୍ତ୍ରଣ କୌଶଳ ଖୁବ୍ ଉପଯୋଗୀ । ରାଗ କମାଇବା ପାଇଁ ରାଗ-ପ୍ରବଣ ପରିସ୍ଥିତିଠାରୁ ଦୂରକୁ ଚାଲିଯିବା ଏକ ବ୍ୟବହାରିକ କୌଶଳ । ସେହିପରି ଅନ୍ୟ କୌଣସି କାର୍ଯ୍ୟରେ ମନୋନିବେଶ କରିବାର ମାନସିକତା ଏକ ସୁନ୍ଦର ଆତ୍ମନିୟନ୍ତ୍ରଣ କୌଶଳ । ଅନ୍ୟ ଉପରେ ରାଗ ଆସୁଥିବା ସମୟରେ ବାଡ଼ି ବଗିଚାରେ ଦୈହିକ ପରିଶ୍ରମ କରି କେତେକ ନକାରାତ୍ମକ ଅବସ୍ଥା ଏଡ଼ାଇ ଯାଆନ୍ତି ।

ତୃତୀୟତଃ ଆଭ୍ୟନ୍ତରୀଣ ଆବେଗ ଅବସ୍ଥାକୁ ଚାପି ନ ଦିଆଯାଇପାରେ । ମାତ୍ର ଏହାର ବାହ୍ୟିକ ପରିପ୍ରକାଶକୁ ଏଡ଼ାଇବା ଅସମ୍ଭବ ନୁହେଁ । ରାଗ ଆସୁଥିଲେ ମଧ୍ୟ ନିଜର

Digitized by srujanika@gmail.com

ଆଖି ନାକ ଓ ମୁଖରେ ଅବିକଳ ପ୍ରତିଫଳନ ସୃଷ୍ଟି କରିବାରେ କୌଣସି ଯଥାର୍ଥତା ନାହିଁ । ଏକପ୍ରକାର ନିରପେକ୍ଷ ଭାବ ପ୍ରଦର୍ଶନ କରିବାର ଶୈଳୀ ହୁଏତ ଗୋଟିଏ ଦିନରେ ଶିକ୍ଷାକରିବା ସମ୍ଭବ ନୁହେଁ । ମାତ୍ର କ୍ରମାଗତ ଅଭ୍ୟାସ ଓ ମନନଶୀଳ ସଚେତନତା ଫଳରେ ଏହା ସମ୍ଭବ ହୋଇପାରିବ । ଭାବଗତ ସାମର୍ଥ୍ୟ କିଶୋର କିଶୋରୀମାନଙ୍କର ଶିକ୍ଷାଗତ ସାଫଲ୍ୟ ଓ ଅନ୍ୟସବୁ ବିକାଶ ସହିତ ସଂଶ୍ଳିଷ୍ଟ ହୋଇଥିବାରୁ ଏହାର ଶିକ୍ଷଣ ଓ ପରିବର୍ଦ୍ଧନ ଦିଗରେ ସେମାନେ ଯତ୍ନବାନ୍ ହେବା ଖୁବ୍ ଉପଯୋଗୀ ।

❐

Digitized by srujanika@gmail.com

ନିଜ ସମ୍ପର୍କରେ ଧାରଣା

ଉନବିଂଶ ଶତକର ଇଂରାଜୀ ଔପନ୍ୟାସିକା ଲୁଇସ୍ କ୍ୟାରୋଲଙ୍କ "ଆଲିଶ୍" ଚରିତ୍ର ସହିତ ସମସ୍ତେ ପରିଚିତ । ଗୋଟିଏ ସ୍ଥାନରେ ସଂବାଳୁଆ ଆଲିଶ୍‌କୁ ପ୍ରଶ୍ନ କରିଛି – "ତୁମେ କିଏ ?" ଆଲିଶ୍ ଲାଜୁଆ ହୋଇ ଥର ଥର କଣ୍ଠରେ କହିଛି – "ମହାଶୟ ! ମୁଁ ବୋଧହୁଏ ଜାଣି ନାହିଁ । ତେବେ ଅନ୍ତତଃ ଏହି ମୁହୂର୍ତ୍ତରେ ମୋତେ ଲାଗୁଛି ଯେ ସକାଳେ ବିଛଣାରୁ ଉଠିଲାବେଳେ ମୁଁ କିଏ, ତାହା ମୁଁ ଜାଣିଥିଲି । ସକାଳୁ ଏ ପର୍ଯ୍ୟନ୍ତ ମୁଁ ଅନେକ ଥର ବଦଳି ଗଲିଣି ।"

ଆଲିଶ୍‌ର ଉକ୍ତିରେ କିଶୋରକାଳୀନ ଭାବନା ସୁନ୍ଦର ଭାବରେ ପ୍ରତିଫଳିତ ହୋଇଛି । ବାଲ୍ୟକାଳ ଅତିକ୍ରମ କରି କୈଶୋରରେ ପଦାର୍ପଣ କଲାପରେ ଅଧିକ ଦୃଢ଼ଭାବରେ ମନରେ ପ୍ରଶ୍ନ ଉଠେ – ମୁଁ କିଏ ? କ'ଣ କରିବା ମୋ ପକ୍ଷେ ଠିକ୍ ହେବ ? ମୁଁ କେଉଁ ଦିଗରେ ଯିବି ?

ଏହିସବୁ ପ୍ରଶ୍ନର ଉତ୍ତର ଅନ୍ୱେଷଣ କରିବା ପରିପ୍ରେକ୍ଷୀରେ କିଶୋର କିଶୋରୀମାନେ ନିଜ ସମ୍ପର୍କରେ ଅନେକ ଧାରଣା ଗଠନ କରନ୍ତି । ଏ ଧାରଣାସବୁ ବାସ୍ତବ କିମ୍ବା କାଳ୍ପନିକ ହୋଇପାରେ । ଧାରଣାଗୁଡ଼ିକ ମଧ୍ୟରେ ବହୁ ଅସଂଗତି ଥାଇପାରେ । ତଥାପି ସେ କିଶୋର ବା କିଶୋରୀଟି ଯେ ଅନନ୍ୟ, ଏପରି ବ୍ୟକ୍ତିଗତ ବିଶ୍ୱାସ ତାଙ୍କୁ ସକ୍ରିୟ ରଖେ । ସେ ମାନସିକ ସ୍ତରରେ ନିଜ ସମ୍ପର୍କରେ ଏକ ଧାରଣାଗତ ଛବି ଅଙ୍କନ କରେ । ଏହି ଆତ୍ମବୋଧତାର (Self-understanding) କେତୋଟି ବୈଶିଷ୍ଟ୍ୟ ରହିଛି ।

ପ୍ରଥମତଃ କିଶୋର କିଶୋରୀମାନେ ନିଜ ସମ୍ପର୍କରେ ଯେଉଁ ଧାରଣା ଗଠନ କରନ୍ତି, ତାହାର କେନ୍ଦ୍ରବିନ୍ଦୁରେ ବିମୂର୍ତ୍ତ (Abstract) ଭାବନା ଓ କିଛିଟା ଆଦର୍ଶବୋଧ ସଂଶ୍ଳିଷ୍ଟ ଥାଏ । ଛୋଟ ପିଲାମାନେ ସାଧାରଣତଃ ନିଜର ଶାରୀରିକ ବୈଶିଷ୍ଟ୍ୟକୁ (ଯଥା – ମୁଁ ଡେଙ୍ଗା କିମ୍ବା ମୁଁ ଗେଡ଼ା) ଭିତ୍ତି କରି ଆତ୍ମବୋଧତା ଗଠନ କରନ୍ତି । ଆଉ ଟିକିଏ ବଡ଼ ହେଲେ ସେମାନେ ସମ୍ପର୍କଗତ ବୈଶିଷ୍ଟ୍ୟକୁ (ଯଥା – ମୋର ଦୁଇଟି ଭାଇ ଅଛନ୍ତି କିମ୍ବା ମୋର ବେଶୀ ସାଙ୍ଗ ଅଛନ୍ତି ।) ଭିତ୍ତି କରି ନିଜ ବିଷୟରେ ଧାରଣା ଗଠନ କରନ୍ତି । ମାତ୍ର କିଶୋରାବସ୍ଥାରେ ଅଧିକରୁ ଅଧିକ ବିମୂର୍ତ୍ତ ଧାରଣା ପ୍ରକାଶ ପାଏ । ଗୁଣାବଳୀର ସୂଚନା ଦେଉଥିବା ଶବ୍ଦସବୁର

Digitized by srujanika@gmail.com

ପ୍ରୟୋଗ କରାଯାଏ । ସେମାନେ ନିଜକୁ "ବନ୍ଧୁପ୍ରିୟ" ବା "ଉପକାରୀ" କହି ଆତ୍ମପରିଚୟ ଦେଇଥାଆନ୍ତି । ଅବଶ୍ୟ କିଶୋର ଅବସ୍ଥାରେ ମସ୍ତିଷ୍କଗତ ବିକାଶ ବିମୂର୍ତ୍ତ (Abstract) ଧାରଣାସବୁଚର ଉପଯୋଗ ଦିଗରେ ସହାୟକ ହୋଇଥିବାରୁ ଏପରି ପରିବର୍ତ୍ତନ ସ୍ୱାଭାବିକ ମନେହୁଏ ।

ନିଜ ସମ୍ପର୍କରେ ଧାରଣା ଗଠନ କ୍ଷେତ୍ରରେ କିଶୋରକାଳୀନ ଭାବନାର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଯେ କିଶୋର କିଶୋରୀମାନେ ପରିପ୍ରେକ୍ଷୀକୁ ଚାହିଁ ଏକାଧିକ ଆତ୍ମଚିତ୍ର ଉପସ୍ଥାପନ କରନ୍ତି । ସେମାନେ ଶ୍ରେଣୀଗୃହରେ ନିଜକୁ ଯେପରି ବର୍ଣ୍ଣନା କରନ୍ତି, ପରିବାରରେ ସେପରି ନିଜକୁ ବର୍ଣ୍ଣନା କରିନଥାନ୍ତି । ସେହିପରି ସେମାନେ ନିଜର ଅନ୍ତରଙ୍ଗ ବନ୍ଧୁ ବା ବାନ୍ଧବୀ ପାଖରେ ନିଜକୁ ଯେପରି ଉପସ୍ଥାପନ କରନ୍ତି, ଅପରିଚିତ ବ୍ୟକ୍ତିପାଖରେ ସେପରି କରିନଥାନ୍ତି । ବିଭିନ୍ନ ପରିବେଶ ଓ ପୃଥକ୍ ପରିପ୍ରେକ୍ଷୀରେ ସେମାନଙ୍କର ଭୂମିକା ମଧ୍ୟ ଅଲଗା, ଏପରି ଅନୁଭବ ସେମାନଙ୍କର ଆତ୍ମବୋଧକୁ ବହୁମୁଖୀ କରିଥାଏ ।

ପରିବେଶ ଓ ପରିସ୍ଥିତିକୁ ଚାହିଁ ସେମାନେ ନିଜ ଆତ୍ମଉପସ୍ଥାପନ ପରିବର୍ତ୍ତନ କରିବା ଫଳରେ ଅସଂଗତି ଓ ବିରୋଧାଭାସର ସମ୍ମୁଖୀନ ହେବା ସ୍ୱାଭାବିକ । ଉଦାହରଣସ୍ୱରୂପ ସେମାନେ ଗୋଟିଏ ସ୍ଥାନରେ ନିଜକୁ "ସୁନ୍ଦର" କହିବା ସ୍ଥଳେ ଅନ୍ୟ ସ୍ଥାନରେ "ଅସୁନ୍ଦର" କହିଦିଅନ୍ତି । ଗୋଟିଏ ପରିବେଶରେ ନିଜକୁ "ବୁଦ୍ଧିମାନ୍" କହିବା ସ୍ଥଳେ ଅନ୍ୟ କ୍ଷେତ୍ରରେ "ବୋକା" କହିଦିଅନ୍ତି ।

ନିଜର ଅନ୍ତର୍ଜଗତରେ ଦୁଇଟି ପରସ୍ପର ବିରୋଧୀ ଚରିତ୍ର ରହିଥିବାର ଅନୁଭବ କି ପ୍ରକାର ପରିଣତି ସୃଷ୍ଟିକରେ, ସେ ସମ୍ପର୍କରେ ପ୍ରଶ୍ନ ଉଠିପାରେ । ଅଧିକାଂଶ ବିଶେଷଜ୍ଞ ମତଦିଅନ୍ତି ଯେ କିଛି ପରିମାଣରେ ବିରୋଧାଭାସ ହୁଏତ କିଶୋର କିଶୋରୀମାନଙ୍କର ବିଶେଷ କ୍ଷତିସାଧନ କରିନଥାଏ । ପରିସ୍ଥିତି ଭିନ୍ନ ହେଲେ ଭୂମିକା ପୃଥକ୍ ହେଉଥିବାରୁ ସମନ୍ୱୟ ଶୈଳୀ ମଧ୍ୟ ଅଲଗା ହେବା ଉଚିତ, ଏପରି ଯୁକ୍ତିକରି ସେମାନେ ନିଜକୁ ଖାପଖୁଆଇ ନିଅନ୍ତି । ମାତ୍ର ନିଜ ସମ୍ପର୍କରେ ପରସ୍ପର ବିରୋଧୀ ଭାବନାର ମାତ୍ରା ଅଧିକ ହେଲେ ମାନସିକ ଚାପ ସୃଷ୍ଟି ହୁଏ ।

କିଶୋରକାଳୀନ ଆତ୍ମବୋଧତାର (Self- Understanding) ଅନ୍ୟ ଏକ ଦିଗ ହେଉଛି ସମ୍ଭାବ୍ୟ ରୂପ । ଗୋଟିଏ ଦିଗରେ ସେମାନେ କଣ ହେବାକୁ ଚାହାଁନ୍ତି ଏବଂ କ'ଣ ସେମାନଙ୍କୁ ଆନନ୍ଦ ଦେବ, ସେ ଦିଗରେ ଚିନ୍ତା କରନ୍ତି । ଏଥିପାଇଁ ଆକର୍ଷଣ ଅନୁଭବ କରନ୍ତି । ପୁଣି ଅନ୍ୟ ଦିଗରେ ଏପରି ନହୋଇପାରି ଅବାଂଛିତ ଭବିଷ୍ୟତ ଭାବି ଆଶଙ୍କାଗ୍ରସ୍ତ ମଧ୍ୟ ହୋଇପାରନ୍ତି । ଉଦାହରଣ ସ୍ୱରୂପ, ଭଲ କଲେଜରେ ସ୍ଥାନପାଇବା, ଅନ୍ୟମାନଙ୍କ ଦ୍ୱାରା ପ୍ରଶଂସିତ ହେବା ଏବଂ ମନୋମତ ଚାକିରି ପାଇବାର ଆଶା ଆକର୍ଷଣ ସୃଷ୍ଟିକରେ । ଅନ୍ୟ ପକ୍ଷରେ ଭଲ କଲେଜରେ ସ୍ଥାନ ନପାଇବା, ବନ୍ଧୁହୀନ ହୋଇଯିବା ଏବଂ ବେକାର ହେବାର ଭୟ ମନକୁ ଶଙ୍କାଗ୍ରସ୍ତ କରେ । ଅବଶ୍ୟ ଏଇ ଦୁଇ ବିରୋଧ ଶକ୍ତି ମଧ୍ୟରେ ସମନ୍ୱୟ ଆଣିପାରୁଥିବା କିଶୋର କିଶୋରୀମାନେ ସଫଳ ଜୀବନ ଯାପନ କରନ୍ତି ।

Digitized by srujanika@gmail.com

କିଶୋର କିଶୋରୀମାନଙ୍କର ଆତ୍ମ-ବୋଧତାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ଆତ୍ମରକ୍ଷାର କେତେକ କୌଶଳ । ଅନେକ ସମୟରେ ସେମାନେ ନିଜ ଚରିତ୍ରର ସକାରାତ୍ମକ ଦିଗ ଓ ନକାରାତ୍ମକ ଦିଗ ସମ୍ପର୍କରେ ସଚେତନ (Self-Conscious) ଥାଆନ୍ତି । ସେମାନେ ହୁଏତ ଜାଣନ୍ତି ଯେ ସେମାନେ ଯୁକ୍ତିପ୍ରିୟ ଓ ବଦ୍‌ରାଗୀ । ଏପରି ନକାରାତ୍ମକ ଦିଗ ବିଷୟରେ ଭାବିବାମାତ୍ରେ କିଛିଟା ଅସ୍ୱସ୍ତି ଆସିବା ସ୍ୱାଭାବିକ । ମାତ୍ର ନିଜକୁ ସୁରକ୍ଷିତ ରଖିବା ପାଇଁ ସେମାନେ ଧରିନିଅନ୍ତି ଯେ ଏପରି ବଦ୍‌ଗୁଣସବୁ ପ୍ରଧାନ (Central) ନୁହେଁ, ଅପ୍ରଧାନ (Peripheral) । ସେହିପରି ସେମାନେ ସ୍କୁଲ, କଲେଜରେ ଭଲ କରୁନଥିଲେ ସ୍କୁଲ, କଲେଜରେ ଭଲ କରିବା ସେପରି କିଛି ବଡ଼କଥା ନୁହେଁ ବୋଲି ନିଜ ପାଖରେ ଯୁକ୍ତି କରନ୍ତି । ମୋଟ ଉପରେ ସେମାନେ ହାସଲ କରିଥିବା ଭଲ ଗୁଣଗୁଡ଼ିକ ଅତି ଦରକାରୀ ଏବଂ ସେମାନଙ୍କର ଦୁର୍ବଳତାସବୁ ସେପରି କିଛି ମାରାତ୍ମକ ନୁହେଁ ବୋଲି ବିଚାର କରନ୍ତି । କିଶୋରକାଳୀନ ଆତ୍ମବୋଧତାର ଏହି ବୈଶିଷ୍ଟ୍ୟଗୁଡ଼ିକ ଚିହ୍ନଟ କରିପାରିଲେ ବୁଝାମଣାର ପ୍ରକ୍ରିୟା ସହଜ ହୁଏ ।

ସାରମର୍ମ

୧. ପ୍ରତ୍ୟେକ କିଶୋର କିଶୋରୀ ନିଜ ସମ୍ପର୍କରେ ଧାରଣା ଗଠନ କରିବା ସମୟରେ ଏପରି ଧାରଣା ବାସ୍ତବ କିମ୍ବା କାଳ୍ପନିକ ହୋଇପାରେ । ତଥାପି ସେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ, ଏପରି ଧାରଣା ପ୍ରତ୍ୟେକ କିଶୋର କିଶୋରୀ ମନରେ ବଳବତ୍ତର ଥାଏ ।

୨. କିଶୋର କିଶୋରୀମାନେ ମୁଖ୍ୟତଃ ବିମୂର୍ତ୍ତ (Abstract) ଭାବନା ଓ ଆଦର୍ଶଗତ ଭାଷାରେ ନିଜକୁ ବର୍ଣ୍ଣନା କରନ୍ତି ।

୩. ଆତ୍ମବୋଧତା (Self - Understanding) ସ୍ଥିର ଓ ଅପରିବର୍ତ୍ତିତ ନ ରହି ଭିନ୍ନ ଭିନ୍ନ ପରିପ୍ରେକ୍ଷୀରେ ପୃଥକ୍ ହୋଇଥାଏ । ଅନ୍ୟ ଭାଷାରେ କହିଲେ ସେମାନେ ନିଜକୁ ବହୁରୂପୀ ମନେକରନ୍ତି । ଏହା ଫଳରେ ଆତ୍ମବୋଧତାର କିଛିଟା ଅସଂଗତି ରହିବା ସ୍ୱାଭାବିକ ।

୪. କିଶୋର କିଶୋରୀମାନଙ୍କର ଧାରଣରେ ସେମାନେ ପ୍ରକୃତରେ କ'ଣ ଏବଂ ସେମାନେ କ'ଣ ହେବା ଉଚିତ, ଏହା ମଧ୍ୟରେ ଦ୍ୱନ୍ଦ୍ୱ ବା ବ୍ୟବଧାନ ଥାଏ । କିଛି ମାତ୍ରାର ବ୍ୟବଧାନ ବିଶେଷ ସମସ୍ୟା ଉପୁଜାଇ ନଥାଏ ।

୫. ସେମାନେ ହାସଲ କରିଥିବା ସୁଗୁଣସବୁକୁ ଜୀବନର ଅତି ଦରକାରୀ ବିଚାର କରିବା ସ୍ଥଳେ ସେମାନଙ୍କର ଦୁର୍ବଳତାସବୁ ମାରାତ୍ମକ ନୁହେଁ ବୋଲି ବିଚାର କରନ୍ତି । ଏପରି ବିଚାର ସେମାନଙ୍କୁ କିଛିଟା ମାନସିକ ସୁରକ୍ଷା ପ୍ରଦାନ କରେ ।

❑

Digitized by srujanika@gmail.com

ଆତ୍ମମର୍ଯ୍ୟାଦାବୋଧ ବୃଦ୍ଧି କରିବେ କିପରି

କିଶୋର କିଶୋରୀମାନେ କେବଳ ନିଜ ସମ୍ପର୍କରେ ଧାରଣା ଗଠନ କରନ୍ତି ନାହିଁ, ଏହିସବୁ ଧାରଣାର ମୂଲ୍ୟାୟନ ମଧ୍ୟ କରନ୍ତି । ଏପରି ମୂଲ୍ୟାୟନ କରିବା ଫଳରେ ସେମାନଙ୍କର ଆତ୍ମବୋଧତା ଏକ ସ୍ୱପ୍ରତ୍ୟୟର (Self - Concept) ରୂପ ନିଏ । ଏହା ବ୍ୟକ୍ତିତ୍ୱର ଏକ ମୂଲ୍ୟାଙ୍କନ କରାଯାଇଥିବା ଦିଗ ହୋଇଥିବାରୁ ଏହାକୁ ଆତ୍ମମର୍ଯ୍ୟାଦାବୋଧ (Self- Esteem) କୁହାଯାଏ । କେହି କେହି ଏହାକୁ ଆତ୍ମବିମ୍ବ (Self-Image) କିମ୍ବା ଆତ୍ମସମ୍ପଦ (Self-Worth) ମଧ୍ୟ କହିଥାନ୍ତି ।

ପ୍ରକୃତରେ ବିଚାର କରିବାକୁ ଗଲେ ଦେଖାଯିବ ଯେ ଆତ୍ମମର୍ଯ୍ୟାଦାବୋଧ ଏକ ସାମଗ୍ରିକ ମୂଲ୍ୟାୟନ । ଜୀବନର ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତି କେତେ ସଫଳତା ବା ବିଫଳତା ଅନୁଭବ କରିଛି, ତାହାର ଆକଳନ ଉପରେ ନିର୍ଭର କରି ଆତ୍ମମର୍ଯ୍ୟାଦାବୋଧ ଗଠିତ ହୁଏ । ଶାରୀରିକ, ବୌଦ୍ଧିକ, ବ୍ୟକ୍ତିଗତ, ସାମାଜିକ, ପାରିବାରିକ ଏବଂ ନୈତିକ କ୍ଷେତ୍ରରେ ନିଜ ସଫଳତା ବିଫଳତାର ଆକଳନ କରି ବ୍ୟକ୍ତି ସ୍ୱପ୍ରତ୍ୟୟ ନିର୍ମାଣ କରେ । ନିମ୍ନ ବାକ୍ସରେ ଦିଆଯାଇଥିବା କେତୋଟି ଉଦାହରଣ ଦ୍ୱାରା ତାହା ସ୍ପଷ୍ଟ ହେବ ।

ଆତ୍ମମର୍ଯ୍ୟାଦାବୋଧର କ୍ଷେତ୍ର	*ଉଦାହରଣ*
ଶାରୀରିକ	୧ ମୁଁ ସୁସ୍ଥ ସବଳ ୨ ମୁଁ ଅନ୍ୟକୁ ଆକର୍ଷଣ କରେ
ବୌଦ୍ଧିକ	୧ ମୁଁ ବୁଦ୍ଧିମାନ ୨ ମୁଁ ସହଜରେ ସମସ୍ୟାର ସମାଧାନ କରେ
ବ୍ୟକ୍ତିଗତ	୧ ମୋର ଆତ୍ମସଂଯମ ରହିଛି ୨ ମୁଁ ନିଜେ ଯାହା, ଠିକ୍ ତାହାହିଁ ରହିବାରେ ମୁଁ ସନ୍ତୁଷ୍ଟ
ପାରିବାରିକ	୧ ପାରିବାରିକ ମଙ୍ଗଳ ଲାଗି ମୁଁ ଆଗ୍ରହୀ ୨ ପରିବାରର ଲୋକଙ୍କ ସହିତ ମୋର ଭଲ ପଡ଼େ
ନୈତିକ	୧ ନୈତିକ କ୍ଷେତ୍ରରେ ମୁଁ ସଫଳ ୨ ମୁଁ ମାର୍ଜିତ ।

Digitized by srujanika@gmail.com

ଅବଶ୍ୟ କିଶୋର କିଶୋରୀମାନଙ୍କ ପରିପ୍ରେକ୍ଷୀରେ ଆତ୍ମମର୍ଯ୍ୟାଦାବୋଧର ଅନ୍ୟ କେତୋଟି କ୍ଷେତ୍ର ଅଧିକ ପ୍ରାସଙ୍ଗିକ ମନେହୋଇପାରେ । ତାହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବରେ ନିମ୍ନ ତାଲିକାରେ ସୂଚନା ଦିଆଯାଇଥିବାରୁ ସାତଟି କ୍ଷେତ୍ରର ପରିକଳ୍ପନା କରାଯାଇଛି । କିଶୋର କିଶୋରୀମାନେ ଏହିସବୁ କ୍ଷେତ୍ରରେ ଆତ୍ମମୂଲ୍ୟାୟନ (Self-Evaluation) କରିଥାନ୍ତି ।

୧. ସ୍କୁଲ କଲେଜଗତ ଦକ୍ଷତା

୨. ଖେଳକୁଦ (Athletic) ଦକ୍ଷତା

୩. ସାମାଜିକ ସ୍ୱୀକୃତି

୪. ଶାରୀରିକ ଆକର୍ଷଣଶୀଳତା

୫. ଆଚରଣଗତ ଔଚିତ୍ୟ

୬. ବନ୍ଧୁବାନ୍ଧବୀ ଅନ୍ତରଙ୍ଗତା

୭. ଉଚ୍ଚଧରଣର ବୃତ୍ତିଗତ ଯୋଗ୍ୟତା

କିଶୋର କିଶୋରୀମାନେ ଏହି ସାତଟି କ୍ଷେତ୍ରରେ ନିଜର ଆତ୍ମମୂଲ୍ୟାୟନ କରନ୍ତି । ଏହାକୁ ଭିତ୍ତି କରି ନିଜ ପାଇଁ ଏକ ସାମଗ୍ରିକ ଆତ୍ମମର୍ଯ୍ୟାଦାର ସ୍ତର ନିର୍ଦ୍ଧାରଣ କରନ୍ତି । ଲକ୍ଷ୍ୟ କରାଯାଇଛି ଯେ ଏହି ସାତଟି କ୍ଷେତ୍ରରେ ସେମାନେ ନିଜକୁ ମୂଲ୍ୟାୟନ କରୁଥିଲେ ମଧ୍ୟ ଶାରୀରିକ ଆକର୍ଷଣଶୀଳତା ପାଇଁ ସେମାନେ ଅଧିକ ପ୍ରାଧାନ୍ୟ ଦିଅନ୍ତି । ଅନ୍ୟ ଭାଷାରେ କହିଲେ ବୁଝାଯିବ ଯେ ଅନ୍ୟ ଛ'ଟି କ୍ଷେତ୍ର ତୁଳନାରେ ବ୍ୟକ୍ତିଗତ ଚେହେରା ସେମାନଙ୍କ ଆତ୍ମମର୍ଯ୍ୟାଦାବୋଧକୁ ଅପେକ୍ଷାକୃତ ଅଧିକ ପ୍ରଭାବିତ କରେ । ପୁଣି ବିଶ୍ୱର ସବୁ ସାମାଜିକ ସାଂସ୍କୃତିକ ପରିବେଶରେ ଏହାର ପ୍ରାଧାନ୍ୟ ପରିଲକ୍ଷିତ ହୁଏ ।

ଅନ୍ୟମାନେ (ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଉପଦେଶକମାନେ) କିଶୋର କିଶୋରୀମାନଙ୍କୁ ପ୍ରଶ୍ନ ପଚାରି ହୁଏତ ସେମାନଙ୍କ ଆତ୍ମମର୍ଯ୍ୟାଦାବୋଧର ସ୍ତର ଜାଣିପାରନ୍ତି । ଏତଦ୍‌ବ୍ୟତୀତ କିଶୋର କିଶୋରୀମାନଙ୍କର ମୁଖମଣ୍ଡଳର ଭାଷା ମଧ୍ୟ କିଛି ପରିମାଣରେ ଆଭାସ ଦେଇଥାଏ । ସମୟ ସମୟରେ କିଶୋର କିଶୋରୀମାନେ ଆତ୍ମପ୍ରଶଂସାର ଭାଷା କିମ୍ବା ଆତ୍ମନିନ୍ଦାର ଭାଷା ମଧ୍ୟ ପ୍ରୟୋଗ କରନ୍ତି । କେତେକ ସ୍ଥଳରେ କିଶୋର କିଶୋରୀମାନେ ପ୍ରଦର୍ଶନ କରୁଥିବା ଆଚରଣ ବା ବ୍ୟବହାର ମଧ୍ୟ ସେମାନଙ୍କ ଆତ୍ମସାମର୍ଥ୍ୟବୋଧର ସୂଚନା ଦେଇଥାଏ । ସକାରାତ୍ମକ ସୂଚନା ଉଚ୍ଚସ୍ତରୀୟ ଆତ୍ମସାମର୍ଥ୍ୟବୋଧ ପ୍ରକାଶ କରିବା ସ୍ଥଳେ ନକାରାତ୍ମକ ସୂଚନା ଆତ୍ମମର୍ଯ୍ୟାଦାବୋଧର ଅଭାବ ପ୍ରତିଫଳିତ କରିଥାଏ । ନିମ୍ନରେ କେତେକ ସୂଚନା ଦିଆଯାଇଛି ।

Digitized by srujanika@gmail.com

ସକାରୀ ସୂଚନା	ନକାରୀ ସୂଚନା
୧. ଅନ୍ୟମାନଙ୍କୁ କର୍ମକରିବା ପାଇଁ ନିର୍ଦ୍ଦେଶ ଦିଏ ।	୧. ଅନ୍ୟମାନଙ୍କୁ ସମାଲୋଚନା ବା ତିରସ୍କାର କରେ ।
୨. ପରିବେଶକୁ ଚାହିଁ ଅନୁରୂପ କଣ୍ଠସ୍ୱର ବ୍ୟବହାର କରେ ।	୨. ବିକୃତ ଅଙ୍ଗଭଙ୍ଗୀ ଦେଖାଏ ।
୩. ମତାମତ ପ୍ରକାଶ କରେ ।	୩. ଅନୁପଯୋଗୀ ଭାବଭଙ୍ଗୀ ଦେଖାଏ
୪. ସାମାଜିକ ଉତ୍ସବରେ ମିଳିମିଶି କାର୍ଯ୍ୟକରେ ।	୪. ନିଜର ବିଫଳତା ପାଇଁ ବାହାନା ଦେଖାଏ ।
୫. ଦଳରେ କାର୍ଯ୍ୟ କରିବା ସମୟରେ ସହଯୋଗୀଭାବାପନ୍ନ ମନୋଭାବ ଦେଖାଏ ।	୫. ନିଜ ସଫଳତାର ବଡ଼େଇ କରେ
୬. କଥାବାର୍ତ୍ତା କଲାବେଳେ ସ୍ୱାଭାବିକ ଭାବରେ ମୁହଁକୁ ଚାହିଁ କଥାକହେ	୬. ଅନାବଶ୍ୟକ ଭାବରେ ଜୋର୍‌ରେ କଥାକୁହେ ।
୭. ସ୍ପଷ୍ଟଭାବରେ କଥା କୁହେ ।	

ଗବେଷଣାରୁ ଦେଖାଯାଇଛି ଯେ ଆଦ୍ୟ କୈଶୋର ସମୟରେ ଆତ୍ମମର୍ଯ୍ୟାଦାବୋଧର ସାମାନ୍ୟ ହ୍ରାସ ଘଟେ । ବିଶେଷତଃ ବାଳକମାନଙ୍କ ତୁଳନାରେ ବାଳିକାମାନଙ୍କର ଅଧିକ ହ୍ରାସ ଘଟିଥାଏ । ସମ୍ଭବତଃ ବାଲ୍ୟଜୀବନରୁ ଅନ୍ୟ ଏକ ପର୍ଯ୍ୟାୟକୁ (କିଶୋରକୁ) ଯାତ୍ରା କରିବାର ନୂତନ ଆହ୍ୱାନ ଆତ୍ମମର୍ଯ୍ୟାଦାବୋଧ ପାଇଁ କିଛିଟା ପ୍ରତିବନ୍ଧକ ସୃଷ୍ଟିକରେ । ପରେ କିଶୋର କିଶୋରୀମାନେ ସମନ୍ୱୟଶୀଳତା ହାସଲ କରନ୍ତି ।

ଅନ୍ୟ ଗୋଟିଏ ଦିଗ ହେଉଛି ସାଙ୍ଗସାଥୀମାନଙ୍କ ପ୍ରଭାବ । କୈଶୋର ସମୟରେ ବନ୍ଧୁବାନ୍ଧବମାନଙ୍କ ପ୍ରଭାବ ବୃଦ୍ଧିପାଏ ଏବଂ ପିତାମାତାଙ୍କ ପ୍ରଭାବ ହ୍ରାସ ପାଏ, ଏହା ସତ । ତଥାପି ଉଚ୍ଚ ଆତ୍ମମର୍ଯ୍ୟାଦାବୋଧର ବିକାଶରେ ପିତାମାତାଙ୍କ ଭୂମିକା ଏବଂ ପରିବାରର ଦାୟିତ୍ୱ ପ୍ରାସଙ୍ଗିକତା ହରାଇନଥାଏ । କେତେକ ଗବେଷକ ସାଙ୍ଗସାଥୀଙ୍କ ଭୂମିକାକୁ ମାତ୍ରାଧିକ ଗୁରୁତ୍ୱ ଦେଇ ପରିବାରର ସମ୍ପୃକ୍ତିକୁ ନଗଣ୍ୟ କରିଥିଲେ ମଧ୍ୟ ଏପରି ମତବାଦ ଅନେକାଂଶରେ ଗବେଷଣା ସମର୍ଥିତ ହୋଇପାରି ନାହିଁ । ନିମ୍ନଲିଖିତ ପାରିବାରିକ ଉପାଦାନସମୂହ ଉଚ୍ଚତର ଆତ୍ମମର୍ଯ୍ୟାଦାବୋଧର ଅନୁକୂଳ ବୋଲି ପ୍ରମାଣ ମିଳିଛି ।

- କିଶୋର କିଶୋରୀମାନଙ୍କ ପ୍ରତି ସ୍ନେହଶ୍ରଦ୍ଧାର ସ୍ପଷ୍ଟ ପରିପ୍ରକାଶ
- ସେମାନଙ୍କର ସମସ୍ୟାପ୍ରତି ସମ୍ବେଦନଶୀଳତାର ପରିପ୍ରକାଶ.
- ପାରିବାରିକ ସଂହତି
- ପରିବାରର କାର୍ଯ୍ୟକ୍ରମରେ ସମବେତଭାବରେ ଅଂଶଗ୍ରହଣ

Digitized by srujanika@gmail.com

- ଆବଶ୍ୟକ ସମୟରେ କିଶୋର କିଶୋରୀମାନଙ୍କୁ ସଂଗଠିତ ସାହାଯ୍ୟ ପ୍ରଦାନ
- ସ୍ପଷ୍ଟ ଓ ନ୍ୟାୟୋଚିତ ପାରିବାରିକ ନୀତିନିୟମ
- କେତେକ ନିୟମର ଅନୁଶାସନ
- ସୁନିର୍ଦ୍ଦିଷ୍ଟ ସୀମା ମଧ୍ୟରେ କିଶୋର କିଶୋରୀମାନଙ୍କୁ ସ୍ୱାଧୀନତା ପ୍ରଦାନ

ଉପର ଆଲୋଚନାରୁ ସ୍ପଷ୍ଟ ଯେ କିଶୋର କିଶୋରୀମାନଙ୍କର ଉଚ୍ଚ ଆତ୍ମମର୍ଯ୍ୟାଦାବୋଧ ସେମାନଙ୍କର ମନସ୍ତାତ୍ତ୍ୱିକ ବିକାଶର ସହାୟକ ହେବା ସ୍ଥଳେ ଏପରି ମର୍ଯ୍ୟାଦାବୋଧର ଅଭାବ ପ୍ରତିକୂଳ ଅବସ୍ଥା ସୃଷ୍ଟି କରିଥାଏ । ଆତ୍ମମର୍ଯ୍ୟାଦାବୋଧର ଅଭାବ ମାନସିକ ବିକୃତି ଏବଂ ଅଳ୍ପ କେତେକ ସ୍ଥଳରେ ଆତ୍ମହତ୍ୟାର କାରଣ ହୋଇପାରେ । ଏ ଦୃଷ୍ଟିରୁ ଏହା ବିକାଶ ଦିଗରେ ତତ୍ପରତା ଏକ ବିଶେଷ ଧରଣର ପ୍ରୟୋଜନୀୟତା ।

ଆତ୍ମମର୍ଯ୍ୟାଦାବୋଧ ବୃଦ୍ଧି କରାଇବେ କିପରି

୧. ଆତ୍ମମର୍ଯ୍ୟାଦାବୋଧ ହ୍ରାସ ପାଇବାର କାରଣ ଚିହ୍ନଟ କରନ୍ତୁ । କିଶୋର କିଶୋରୀ ଜୀବନର ଯେଉଁ କ୍ଷେତ୍ରଟିକୁ (ଯଥା: ଶିକ୍ଷାଗତ ସଫଳତା, ଖେଳକୁଦ ସଫଳତା) ପ୍ରାଧାନ୍ୟ ଦିଅନ୍ତି, ତାହା ମଧ୍ୟ ଚିହ୍ନଟ କରନ୍ତୁ ।

୨. କିଶୋର କିଶୋରୀମାନଙ୍କୁ ଭାବଗତ (Emotional) ସମ୍ବେଦନଶୀଳତା ପ୍ରଦାନ କରନ୍ତୁ । ପରିବାର ମଧ୍ୟରେ ଏହାର ଉପଲବ୍ଧ ହେବାରେ ବାଧା ଥିଲେ ଆନୁଷ୍ଠାନିକ ବ୍ୟବସ୍ଥା (ଯଥା: ଶିକ୍ଷକ ଶିକ୍ଷୟିତ୍ରୀ, ସାଙ୍ଗସାଥୀ) ମାଧ୍ୟମରେ ଏହା ପ୍ରଦାନ କରାଯାଇପାରିବ ।

୩. କିଶୋର କିଶୋରୀମାନେ ଗୁରୁତ୍ୱପୂର୍ଣ୍ଣ ମନେକରୁଥିବା କ୍ଷେତ୍ରରେ କିପରି ଅଧିକ ସଫଳତା ହାସଲ କରିପାରିବେ, ସେ ଦିଗରେ ତାଲିମ ଦିଅନ୍ତୁ । ଆବଶ୍ୟକ କୌଶଳଜ୍ଞାନ ଓ ଆତ୍ମବିଶ୍ୱାସ ଗଠନର ତାଲିମ ଦିଅନ୍ତୁ । ଅଧିକ ସଫଳତା ଅଧିକ ଆତ୍ମମର୍ଯ୍ୟାଦାବୋଧ ସୃଷ୍ଟି କରେ ।

୪. ଅନେକ ସମୟରେ କିଶୋର କିଶୋରୀମାନେ ସମସ୍ୟାସବୁର ମୁକାବିଲା ନ କରି ଏଡ଼େଇଯିବାର ଉଦ୍ୟମ କରନ୍ତି । ଏହା ଫଳରେ ସମସ୍ୟା ଅଧିକ ଜଟିଳ ହୁଏ । ସମସ୍ୟା ସହିତ ମୁହାମୁହିଁ ମୁକାବିଲା କରିବାରେ କିଶୋର କିଶୋରୀମାନଙ୍କୁ ସାହାଯ୍ୟ କରନ୍ତୁ । ବାହାନା ନ କରି ସେମାନେ ଯେପରି ସିଧାସଳଖ ଏ ସବୁର ସମ୍ମୁଖୀନ ହେବେ ଏବଂ ନିଜର ସବଳତା ଦୁର୍ବଳତା ନିଜ ପାଖରେ ସ୍ୱୀକାର କରିବେ, ତାହାର ଶିକ୍ଷା ଦିଅନ୍ତୁ । ମନେରଖନ୍ତୁ ଯେ ସମନ୍ୱୟଶୀଳତା ଏକ ଶିକ୍ଷାକୃତ କୌଶଳ । ସୁତରାଂ ସମନ୍ୱୟ ଦକ୍ଷତା ବୃଦ୍ଧି କରିବାରେ ବିଶେଷ ବାଧା ନାହିଁ ।

❑

Digitized by srujanika@gmail.com

ଆଦ୍ୟ କୈଶୋରର ଭ୍ରମ ଭାବନା

ଆଦ୍ୟ କୈଶୋରର କେତୋଟି ପରିବର୍ତ୍ତନ ବେଶ୍ ସ୍ପଷ୍ଟ । ବାଲ୍ୟଜୀବନର ବସ୍ତୁଗତ ପରିବେଶର ଗଣ୍ଡି ମଧ୍ୟରୁ ବାହାରି ଯାଇ କିଶୋର କିଶୋରୀମାନେ ବିମୂର୍ତ୍ତ ଭାବନା ଓ ସମସ୍ୟା ସମାଧାନର ଚିନ୍ତନ ମଧ୍ୟରେ ଅଧିକ ମାତ୍ରାରେ ପ୍ରବେଶ କରନ୍ତି । ସମସ୍ୟାସବୁର ଗୋଟିଏ ଦିଗ ଦେଖିବା ପରିବର୍ତ୍ତେ ଏକାଧିକ ଦିଗ ସମ୍ପର୍କରେ ଭାବନା କରନ୍ତି । ଗୁଣାତ୍ମକ ଦୃଷ୍ଟିକୋଣରୁ ବାଲ୍ୟକାଳୀନ ଭାବନା ଓ କିଶୋରକାଳୀନ ଭାବନା ମଧ୍ୟରେ ପାର୍ଥକ୍ୟ ଦେଖାଯାଏ । ବିଭିନ୍ନ ବିକଳ୍ପସବୁର ସମ୍ଭାବ୍ୟ ପରିଣତି ଆକଳନ କରିବାରେ କିଶୋର କିଶୋରୀମାନଙ୍କ ଦକ୍ଷତା ରହିଯାଏ ।

ଏପରି ଭାବନାଗତ ବିକାଶ ସତ୍ତ୍ୱେ ପରିପକ୍ୱତା ହଠାତ୍ ଆସିନଥାଏ । ବିଶେଷତଃ କୈଶୋର ଜୀବନର ଆଦ୍ୟ ଭାଗରେ ଦୁଇଟି ବାସ୍ତବତା-ବିଚ୍ୟୁତି ପରିଲକ୍ଷିତ ହୁଏ । ଗୋଟିଏ ବାସ୍ତବତା-ବିଚ୍ୟୁତି ହେଉଛି କାଳ୍ପନିକ ଦର୍ଶକ ମଞ୍ଚର ଭାବନା । ଆଦ୍ୟ କୈଶୋରରେ ବହୁ ଭାବନା ବହୁ ଚିନ୍ତା ଆତ୍ମକେନ୍ଦ୍ରିତ । ସେମାନେ ମନେ କରନ୍ତି ଯେ, ସେମାନେ ଅନ୍ୟମାନଙ୍କର ଦୃଷ୍ଟିର କେନ୍ଦ୍ର ବିନ୍ଦୁରେ ଆତଯାତ ହେଉଛନ୍ତି । ଦର୍ଶକମାନେ ମଞ୍ଚ ଉପରେ ଅଭିନେତା ଅଭିନେତ୍ରୀଙ୍କ ଅଭିନୟ ନିରୀକ୍ଷଣ କଲାପରି ଅନ୍ୟମାନେ ସେମାନଙ୍କର କାର୍ଯ୍ୟକଳାପ ଦେଖୁଛନ୍ତି ବୋଲି ସେମାନେ ମନେ କରନ୍ତି ।

ଏପରି ଆତ୍ମକେନ୍ଦ୍ରୀ ଭାବନା ଫଳରେ ସେମାନେ ବହୁ ଦିବାସ୍ୱପ୍ନର ଶରବ୍ୟ ହୁଅନ୍ତି । ସେମାନଙ୍କର ପୋଷାକପତ୍ର ଦେଖି ଅନ୍ୟମାନେ ଟିପ୍‌ପଣୀ କରୁଥିବାର ସେମାନେ କଳ୍ପନା କରନ୍ତି । ସେମାନଙ୍କ ଚେହେରା ଅନ୍ୟମାନଙ୍କର ଆଲୋଚନାର ବିଷୟବସ୍ତୁ ବୋଲି ସେମାନେ ଭାବି ନିଅନ୍ତି । ସେମାନଙ୍କ ଚାଲିବାର ଭଙ୍ଗୀ, କଥା କହିବାର ଶୈଳୀ ଏବଂ ଖାଇବାର ଢଙ୍ଗ ଅନ୍ୟମାନେ ନିର୍ନିମେଷ ନୟନରେ ଦେଖୁଥିବାର ପରିକଳ୍ପନା କରନ୍ତି ।

ସମସ୍ତଙ୍କ ଦୃଷ୍ଟି ସେମାନଙ୍କ ଉପରେ କେନ୍ଦ୍ରୀଭୂତ, ଏପରି ଭ୍ରମ ଭାବନା ଫଳରେ କେତେକ ଅସ୍ୱାଭାବିକ ବ୍ୟବହାର ସୃଷ୍ଟି ହୁଏ । ଦର୍ପଣରେ ନିଜକୁ ବାରମ୍ବାର ଚାହିଁ ନିଜକୁ ସଜାଡ଼ି ନେବାର ଚେଷ୍ଟା ଦୀର୍ଘ ସମୟ ଚାଲିପାରେ । ନିଜର ପୋଷାକପତ୍ର ପ୍ରତି ଅଭିନିବେଶ ମାତ୍ରାଧିକ ହୋଇପାରେ । ସେମାନେ କେତେ ଭଲ ଏବଂ ସେମାନଙ୍କ ମୃତ୍ୟୁରେ ଅନ୍ୟମାନେ କେତେ ବେଶି ଶୋକାକୁଳ ହେବେ, ତାହାର ଦିବାସ୍ୱପ୍ନ ଦୀର୍ଘତର ହୁଏ ।

କିଶୋର କିଶୋରୀମାନଙ୍କର ଅନ୍ୟ ଗୋଟିଏ ଅବାସ୍ତବ ଭାବନା ହେଉଛି ବ୍ୟକ୍ତିନିଷ୍ଠ ଗଳ୍ପ ସୃଷ୍ଟି- ପ୍ରବଣତା । ସେମାନେ ଧରି ନିଅନ୍ତି ଯେ ସେମାନେ ଅନନ୍ୟ । ସୁତରାଂ ଅନ୍ୟମାନେ

Digitized by srujanika@gmail.com

ବିଶେଷତଃ ପିତାମାତା ସେମାନଙ୍କ ଅନୁଭବର ପ୍ରକୃତ ମୂଲ୍ୟାୟନ କରିପାରିବେ ନାହିଁ । ସେମାନଙ୍କ ଅନ୍ତରଙ୍ଗତା ଏତେ ବେଶି ଯେ ତାହା ଅନ୍ୟମାନେ ବୁଝିପାରିବେ ନାହିଁ । ସେମାନଙ୍କ ଆନ୍ତରିକତା ଏତେ ଅଧିକ ଯେ କେହି ଆକଳନ କରି ପାରିବେ ନାହିଁ । ସେମାନଙ୍କ ତ୍ୟାଗ ଓ ବଦାନ୍ୟତା ଏତେ ପ୍ରଚୁର ଯେ ତାହା କେହି କଳ୍ପନା କରିପାରିବେ ନାହିଁ ।

ଏପରି ଅନନ୍ୟତାର କଳ୍ପନା କରିବା ଫଳରେ କେତେକ ଅନିୟନ୍ତ୍ରିତ ବ୍ୟବହାର ଉପୁଜିପାରେ । ମାତ୍ରାଧିକ ବେଗରେ ଗାଡ଼ି ଚଳାଇବା, ଦୁଃସାହସିକ କାର୍ଯ୍ୟକ୍ରମରେ ଡେଇଁପଡ଼ିବା ଏବଂ ନିଜର ପରିସୀମତ୍ୱକୁ ଭୁଲିଯିବା ପରି ବିଚ୍ୟୁତି ପ୍ରକାଶ ପାଏ । ପୁଣି ଏପରି ଅବାସ୍ତବ ଆକଳନ ଫଳରେ ବିଫଳତା ସମୟରେ ବିଷାଦର ପରିମାଣ ମଧ୍ୟ ଖୁବ୍ ଅଧିକ ହୋଇଥାଏ । ଆତ୍ମହତ୍ୟା କରିବାର ମନୋଭାବ ଏପରି ଅବାସ୍ତବ କଳ୍ପନାର ଏକ ଦୁଃଖଦ ପରିଣତି ।

କିଶୋରକାଳୀନ ଅବାସ୍ତବ ଭାବନା ଫଳରେ ସେମାନେ ସମୟ ସମୟରେ କଳ୍ପନା କରନ୍ତି ଯେ ଅନ୍ୟମାନେ ମରଣଶୀଳ ହେଲେ ମଧ୍ୟ ସେମାନେ ଏପରି ସମ୍ଭାବନାଠାରୁ ବହୁ ଦୂରରେ । ଫଳରେ ବହୁ ସାହସର ପ୍ରବଣତା ବୃଦ୍ଧି ପାଏ । ଏହାର ପରିଣତି ସ୍ୱରୂପ କ୍ଷତ ଓ ଆଘାତର ସମ୍ଭାବନା ବଢ଼ିଯାଏ ।

ଅବଶ୍ୟ ଅବାସ୍ତବ କଳ୍ପନା ପରବର୍ତ୍ତୀ ପର୍ଯ୍ୟାୟରେ କମିବାକୁ ଲାଗେ । ସେମାନେ ନିଜର ସମବୟସୀ କିଶୋର କିଶୋରୀମାନଙ୍କ ସହିତ ଅଧିକରୁ ଅଧିକ ଯୋଗାଯୋଗ ଓ ବାର୍ତ୍ତାଳାପ କରିବା ଆରମ୍ଭ କଲେ ନିଜର ଅନୁଭୂତିକୁ ପରଖିନେବାର ସୁଯୋଗ ମିଳେ । ପୁଣି ଆଦ୍ୟ କିଶୋର ପାର ହୋଇ ଅଧିକ ଅଗ୍ରସର ହେବା ପରେ ସେମାନେ ଅନ୍ୟମାନଙ୍କର ଅନୁଭୂତି ଶୁଣିବା ଓ ବିଚାର କରିବାର ଅବକାଶ ପାଆନ୍ତି । ପାରସ୍ପରିକ ଭାବର ଆଦାନପ୍ରଦାନ ଫଳରେ ସେମାନେ ନିଜର ଓ ଅନ୍ୟମାନଙ୍କ ଅନୁଭୂତିରେ ସାମଞ୍ଜସ୍ୟ ଦେଖିପାରନ୍ତି । ଫଳତଃ ନିଜ ସମ୍ପର୍କରେ ଗଢ଼ି ଉଠିଥିବା ଅନନ୍ୟତା କଳ୍ପନା ହ୍ରାସ ପାଇବାକୁ ଲାଗେ । ଅଧିକରୁ ଅଧିକ ବାସ୍ତବବାଦୀ ଚିନ୍ତନ ମନରେ ସ୍ଥାନ ପାଏ ।

ମୋଟ ଉପରେ ଆଦ୍ୟ କୈଶୋରର ସ୍ୱପ୍ନିଳ ଅବାସ୍ତବ କଳ୍ପନାର ଦୁର୍ବଳ ହେବା ସଙ୍ଗେ ସଙ୍ଗେ ବାସ୍ତବମୁଖୀ ଭାବନାର ବିକାଶ ପ୍ରସାରିତ ହୁଏ । ଏ ପରିପ୍ରେକ୍ଷୀରେ ସମ୍ପର୍କ-ବଳୟ ଏବଂ ଆତ୍ମ-ଅଭିବ୍ୟକ୍ତିର ବିକାଶ ବେଶ୍ ସହାୟକ ହୋଇଥାଏ ।

❏

Digitized by srujanika@gmail.com

ଆତ୍ମ ପରିଚିତିର ସନ୍ଧାନରେ

ମୁଁ କିଏ ? ଏପରି ମୌଳିକ ପ୍ରଶ୍ନ ସମସ୍ତଙ୍କ ମନରେ ଅଳ୍ପ ବହୁତେ ଆଲୋଡ଼ନ ସୃଷ୍ଟି କରିଥାଏ । ମାତ୍ର କୈଶୋର ଜୀବନରେ ଏ ପ୍ରଶ୍ନଟି ଝଡ଼ର ରୂପନିଏ । କେଉଁପରି ଜୀବନଯାପନ କରିବା ମୋ ପକ୍ଷରେ ଶ୍ରେୟସ୍କର ହେବ ? କେଉଁପରି ଜୀବିକା ମୋ ପାଇଁ ଉପଯୋଗୀ ହେବ ? ମୁଁ କେଉଁମାନଙ୍କ ସହିତ କିପରି ଧରଣର ସମ୍ପର୍କ ରକ୍ଷା କରିବି ? କାହା ସହିତ ଅନ୍ତରଙ୍ଗତାର ବିକାଶ କରିବି ? ମୁଁ ଜୀବନଯାପନ କରିବା ସମୟରେ କେଉଁ ସବୁ ବିଶ୍ୱାସ ଓ ମୂଲ୍ୟବୋଧର ଅନୁଗତ ହେବି ? ଜୀବନର ପ୍ରତି ପର୍ଯ୍ୟାୟରେ ଏପରି ପ୍ରଶ୍ନସବୁ ଉଙ୍କି ମାରୁଥିଲେ ମଧ୍ୟ କୈଶୋର ଜୀବନର ଏହି ପ୍ରଶ୍ନଗୁଡ଼ିକ ଅଧିକ ବଳଶାଳୀ ହୋଇଉଠେ । ଏହି କାରଣରୁ କୈଶୋର ସୋପାନକୁ ଅନେକ ଚାପତାପର ସମୟ ବୋଲି ବିଚାର କରିଥାନ୍ତି ।

ଅବଶ୍ୟ ମାର୍ଗାରେଟ୍ ମିଡ୍‌ଙ୍କ ପରି ବିଶ୍ୱବିଖ୍ୟାତ ବିଜ୍ଞାନୀମାନେ ଏପରି ଅବସ୍ଥାକୁ ଯେ ଏଡ଼ାଇ ହେବନାହିଁ, ତାହା ବିଷୟରେ ଯୁକ୍ତି ବାଢ଼ନ୍ତି । ପ୍ରଶାନ୍ତ ମହାସାଗରର ଦକ୍ଷିଣ ଦ୍ୱୀପପୁଞ୍ଜରେ ବସବାସ କରୁଥିବା ସୋମୁଆ ସମ୍ପ୍ରଦାୟର କଥା ମିଡ୍ ଉଲ୍ଲେଖ କରିଛନ୍ତି । ଏହି ସମ୍ପ୍ରଦାୟରେ କିଶୋର କିଶୋରୀମାନଙ୍କର ଜୀବନ ଶୈଳୀ କଟକଣାହୀନ । ସେମାନଙ୍କ ବ୍ୟବହାର କ୍ଷେତ୍ରରେ ପ୍ରାୟ ପ୍ରତିବନ୍ଧକ ନାହିଁ । ଶାସ୍ତିବିଧାନର ପରମ୍ପରା ନାହିଁ । ଆଶ୍ଚର୍ଯ୍ୟର କଥା ଯେ ଏହି ସମାଜରେ କିଶୋରକାଳୀନ ସମସ୍ୟା ମଧ୍ୟ ନାହିଁ । କିଶୋର କିଶୋରୀମାନେ ଠିକ୍ ବୟସରେ କୈଶୋର ସୋପାନ ଅତିକ୍ରମ କରି ଯୌବନରେ ପଦାର୍ପଣ କରନ୍ତି । ଏପରି ଅତିକ୍ରମଣ ସମୟରେ କୌଣସି ଜଟିଳତା ଉପୁଜି ନଥାଏ । ଏହାର ଦୃଷ୍ଟାନ୍ତ ଦେଇ ମିଡ୍ ଯୁକ୍ତି କରିଛନ୍ତି ଯେ ସାମାଜିକ ସାଂସ୍କୃତିକ ବ୍ୟବସ୍ଥା ଦ୍ୱାରା କିଶୋରକାଳୀନ ସମସ୍ୟାକୁ ଏଡ଼ାଇଯିବା ସମ୍ଭବ ।

ଏପରି ଯୁକ୍ତିରେ କିଛି ପରିମାଣରେ ସତ୍ୟତା ଥିଲେ ମଧ୍ୟ ଏହାକୁ ଏକ ସବଳ ସିଦ୍ଧାନ୍ତର ସ୍ୱୀକୃତି ଦିଆଯାଇପାରିବ ନାହିଁ । କିଶୋର ଜୀବନରେ ଶାରୀରିକ ପରିବର୍ତ୍ତନ କିଛିଟା ଅସ୍ଥିରତା ସୃଷ୍ଟି କରେ । ଆବେଗ ଅପେକ୍ଷାକୃତ ଅଧିକ ଚାପ ସୃଷ୍ଟିକରେ । ସୁତରାଂ ଆବେଗର ଉତ୍‌ଥାନ ପତନ ସମନ୍ୱୟର ସମସ୍ୟା ସୃଷ୍ଟି କରିବା ସ୍ୱାଭାବିକ ।

ବିଭିନ୍ନ ବିଶେଷଜ୍ଞମାନେ ଏହି ଅସ୍ଥିରତାକୁ ବୁଝାଇବା ପାଇଁ ପୃଥକ ପୃଥକ୍ ପରିଭାଷା ବ୍ୟବହାର କରିଥିଲେ ମଧ୍ୟ ପରିଣତି ସମ୍ପର୍କରେ ପ୍ରାୟତଃ ସମାନ ରୂପରେଖ ଦେଇଛନ୍ତି । କେତେକଙ୍କ ମତରେ ଯୌନଗତ ପରିବର୍ତ୍ତନ ସମେତ ଶାରୀରିକ ପରିବର୍ତ୍ତନର ମାତ୍ରା ଅଧିକ

Digitized by srujanika@gmail.com

ହେଇଥାଏ । ଶାରୀରିକ ପରିବର୍ତ୍ତନ ସହିତ ଖାପ ଖୁଆଇବା କଷ୍ଟକର ହୋଇପଡ଼େ । ଏହା ସହିତ ଭାରସାମ୍ୟ ରକ୍ଷା କରିନପାରି କିଶୋର କିଶୋରୀମାନେ ଅସ୍ଥିରତା ଦର୍ଶାନ୍ତି ।

କିଶୋରକାଳୀନ ସମସ୍ୟା କ୍ଷେତ୍ରରେ ଶରୀରଭିତ୍ତିକ ପରିବର୍ତ୍ତନ ଏବଂ ସାମାଜିକ କଟକଣା (ପ୍ରତିବନ୍ଧକ) ଦୁଇଟି ଉପାଦାନ ଦାୟୀ – ଏ ସମ୍ପର୍କରେ ବିଶେଷଜ୍ଞମାନଙ୍କ ଚିନ୍ତାଧାରାରେ ସହମତ ରହିଛି । ମାତ୍ର କେଉଁ ଉପାଦାନଟି ଅଧିକ ଖଳନାୟକର ଭୂମିକା ଗ୍ରହଣ କରେ, ସେ ବିଷୟରେ ମତାନୈକ୍ୟ ରହିଛି । କେତେକ ବିଶେଷଜ୍ଞ ଶାରୀରିକ ଓ ହରମୋନଗତ ପରିବର୍ତ୍ତନକୁ କିଶୋରକାଳୀନ ଅସ୍ଥିରତାର ମୁଖ୍ୟ କାରଣ ବିଚାର କରନ୍ତି । ଅନ୍ୟମାନେ ସାମାଜିକ ବ୍ୟବସ୍ଥା କିଶୋର ମନରେ ଯେଉଁ ସଂଘର୍ଷ ସୃଷ୍ଟି କରେ, ତା' ଉପରେ ପ୍ରାଧାନ୍ୟ ଦିଅନ୍ତି ।

ବିଶିଷ୍ଟ ମନସମୀକ୍ଷକ ଫ୍ରଏଡ୍‌ଙ୍କ ମତରେ କିଶୋରକାଳୀନ ଆବେଗ ଏବଂ ଯୌନ ଇଚ୍ଛାରେ ଏକ ସଫଳ ସମାଧାନ ଆବଶ୍ୟକ । କୈଶୋର ଅବସ୍ଥାର ପୂର୍ବବର୍ତ୍ତୀ ସୋପାନରେ ପିଲାମାନେ ସାଙ୍ଗସାଥୀମାନଙ୍କ ସହିତ ଖେଳାଖେଳି କରିବା ମାଧ୍ୟମରେ ଏହି ଇଚ୍ଛାକୁ ନିୟନ୍ତ୍ରଣାଧୀନ ରଖିଥାନ୍ତି । ଏହା ସୁପ୍ତ ଭାବରେ ରହିଥାଏ । ମାତ୍ର କୈଶୋର ଅବସ୍ଥାରେ ଦୈହିକ ପରିବର୍ତ୍ତନ ଏପରି ଇଚ୍ଛାକୁ ଉଜ୍ଜୀବିତ କରେ । ଏହା ଅନୁମୋଦିତ ହୋଇନଥିବାରୁ କିଶୋର-କିଶୋରୀମାନେ ଅନ୍ୟ ପ୍ରତି ବୈରଭାବ ଦର୍ଶାନ୍ତି । ବୈରଭାବ ଏବଂ କ୍ରୋଧଭାବ ଅଧିକରୁ ଅଧିକ ପ୍ରକାଶ ପାଏ ।

ଫ୍ରଏଡ୍‌ଙ୍କ କନ୍ୟା ଏବଂ ଫ୍ରଏଡ୍‌ଙ୍କର ଅନୁଗତ ମନସମୀକ୍ଷକ ଆନ୍ନା ଫ୍ରଏଡ୍ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି । ଆନ୍ନା ଫ୍ରଏଡ୍‌ଙ୍କ ମତରେ ସମାଜର କଟକଣା ଯୋଗୁଁ କିଶୋର କିଶୋରୀମାନେ ସେମାନଙ୍କର ଯୌନ କାମନାକୁ ପ୍ରକାଶ କରିନପାରି ଉଦ୍‌ବେଗ ଅନୁଭବ କରନ୍ତି । ଏହି ଉଦ୍‌ବେଗର ମଧ୍ୟ ରୂପାନ୍ତର ଘଟେ । ଉଦ୍‌ବେଗ ପ୍ରଭାବରେ କେତେକ କିଶୋର କିଶୋରୀ ଅଯଥା ତାର୍କିକ ମନୋବୃତ୍ତି ନେଇ ଘଟଣାସବୁକୁ ବୁଝାଇବାବେଳେ ଅତିବେଶି ବୌଦ୍ଧିକତା ଆରୋପ କରନ୍ତି । ମାତ୍ରାଧିକ ବିଶ୍ଳେଷଣ କରିବାର ପ୍ରବଣତା ପ୍ରକାଶ ପାଏ । ଅନ୍ୟ ପକ୍ଷରେ ଆଉ କେତେକ କିଶୋର କିଶୋରୀ ଜାଗତିକ ପରିବେଶଠାରୁ ଦୂରେଇଯାଇ ଏକ ରକମ ସନ୍ନ୍ୟାସ ଜୀବନର ଉପକ୍ରମ କରନ୍ତି । ଦୁଇଟିଯାକ ବ୍ୟବହାର ଭଙ୍ଗୀ ଅପ୍ରାକୃତିକ ଜଣାପଡ଼େ ।

ଦୈହିକ ପରିବର୍ତ୍ତନ ଏବଂ ଏହାର ଫଳାଫଳକୁ ସମ୍ପୂର୍ଣ୍ଣ ଅସ୍ୱୀକାର ନକରି ଏରିକ୍‌ସନ୍ ମନସ୍ତାତ୍ତ୍ୱିକ-ସାମାଜିକ ବିଶ୍ଳେଷଣ ଦେଇଛନ୍ତି । ତାଙ୍କ ମତରେ ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଜୀବନରେ ବିଭିନ୍ନ ପର୍ଯ୍ୟାୟରେ ବ୍ୟକ୍ତି ଗୋଟିଏ ଗୋଟିଏ ମୁଖ୍ୟ ଦ୍ୱନ୍ଦ୍ୱର ଶରବ୍ୟ ହୁଏ । ଏହି ଦ୍ୱନ୍ଦ୍ୱକୁ ବ୍ୟକ୍ତି କିପରି ସମାଧାନ କରୁଛି, ତାହା ଉପରେ ମାନସିକ ବିକାଶ ନିର୍ଭର କରେ । ଜୀବନର ଆଠୋଟି ସୋପାନରେ ବ୍ୟକ୍ତି ଆଠଟି ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଏ ।

Digitized by srujanika@gmail.com

କିଶୋର ଅବସ୍ଥାରେ ଆତ୍ମ ପରିଚିତିର ନିର୍ଦ୍ଦିଷ୍ଟତା ଏବଂ ଆତ୍ମ ପରିଚିତିର ଅସ୍ପଷ୍ଟତା ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ଜୀବନରେ ସେ କେଉଁ ଭୂମିକା ଗ୍ରହଣ କରିବ, ଏହି ପ୍ରଶ୍ନର ପାହାଡ଼ ମୁଣ୍ଡ ଟେକେ ? ସେ କେଉଁ ବ୍ୟକ୍ତିଙ୍କ ଜୀବନକୁ ନିଜର ଆଦର୍ଶ ରୂପେ ଗ୍ରହଣ କରିବ, ଏହାର ସମାଧାନ ଖୋଜେ । କେଉଁ ବୃତ୍ତିର ଅବଲମ୍ବନ ତାକୁ ସନ୍ତୋଷ ଦେବ, ତାହାର ଉତ୍ତର ଅନ୍ୱେଷଣ କରେ । କେଉଁ ବିଶ୍ୱାସ ଓ ମୂଲ୍ୟବୋଧ ତା' ପାଇଁ ଉପଯୋଗୀ, ସେ ପ୍ରଶ୍ନର ଅନୁଶୀଳନ କରେ ।

ଜୀବନର ପ୍ରତିଟି ସୋପାନରେ ଦ୍ୱନ୍ଦ୍ୱ ବା ମାନସିକ ସଂଘର୍ଷ ସକ୍ରିୟ ଥିଲେ ମଧ୍ୟ କୈଶୋର ଅବସ୍ଥାରେ ମାନସିକ ସଂଘର୍ଷର ବିଶେଷତ୍ୱ ରହିଛି । ଏହି ମାନସିକ ସଂଘର୍ଷର ସଫଳ ସମାଧାନ ଭବିଷ୍ୟତର ଯୌବନ ସୋପାନକୁ ଉପଯୋଗୀ କରିବା ସ୍ଥଳେ ସମାଧାନର ବିଫଳତା ଯୌବନ କାଳ ପାଇଁ ଜଟିଳତା ସୃଷ୍ଟି କରେ ।

ଆତ୍ମପରିଚିତିର ଅନ୍ୱେଷଣ ପ୍ରକ୍ରିୟା

ଉପର ଆଲୋଚନା ଅନୁଯାୟୀ ଆତ୍ମ ପରିଚିତିର ଅନ୍ୱେଷଣ କୈଶୋର ଜୀବନର କେନ୍ଦ୍ରବିନ୍ଦୁ ହୋଇଥିବାରୁ ଏହାର ରୂପରେଖ ସମ୍ପର୍କରେ ଅନୁଶୀଳନ ଆବଶ୍ୟକ । ଏ କ୍ଷେତ୍ରରେ ଦୁଇ ତିନୋଟି ପ୍ରଶ୍ନ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରଥମତଃ ଏହି ଦ୍ୱନ୍ଦ୍ୱ ସହିତ ସମନ୍ୱୟ ରକ୍ଷା କରିବା ସମୟରେ କିଶୋର କିଶୋରୀମାନେ କ'ଣ କରନ୍ତି ? ଆତ୍ମ ପରିଚିତି ଅନ୍ୱେଷଣ କ୍ଷେତ୍ରରେ ସୁନିର୍ଦ୍ଦିଷ୍ଟ ଶୈଳୀର ପ୍ରମାଣ ରହିଛି କି ? ବିଭିନ୍ନ ଶୈଳୀମଧ୍ୟରୁ କେଉଁ ଶୈଳୀଟି ଜୀବନଚର୍ଯ୍ୟାରେ ଅଧିକ ଉପଯୋଗୀ ?

ପର୍ଯ୍ୟବେକ୍ଷଣରୁ ଲକ୍ଷ୍ୟ କରାଯାଇଛି ଯେ, କିଶୋର କିଶୋରୀମାନେ ପୂର୍ବରୁ ଆହରଣ କରିଥିବା କୌଶଳସବୁର ଉପଯୋଗ ପାଇଁ ପ୍ରଥମେ ଉଦ୍ୟମ କରନ୍ତି । ପୂର୍ବ କୌଶଳକୁ ଆଧାର କରି ବର୍ତ୍ତମାନର ଭୂମିକାଟି ବାଛି ନେବାର ଚେଷ୍ଟା କରନ୍ତି । ମାତ୍ର ସବୁବେଳେ ଏହା ସଫଳ ହୁଏ ନାହିଁ । ଏହା ଫଳରେ ମନରେ ଯେଉଁ ଅସ୍ଥିରତା ସୃଷ୍ଟି ହୁଏ, ତାହାର ମୁକାବିଲା ପାଇଁ ସେମାନେ ଦୁଇଟି ପନ୍ଥା ଅବଲମ୍ବନ କରନ୍ତି । ପ୍ରଥମତଃ ସେମାନେ ଅତୀତକୁ ଫେରିଗଲା ପରି ବ୍ୟବହାର କରନ୍ତି । ଛୋଟ ପିଲାପରି ଜିଦ୍ ଧରିବା (ଝୁଙ୍କ ଧରିବା) ଏବଂ ପିଲାଙ୍କ ପରି ବ୍ୟବହାର ଦର୍ଶାନ୍ତି । ଦ୍ୱିତୀୟତଃ ବିଦ୍ରୋହ ଭାବ ଦର୍ଶାଇ ପାରନ୍ତି । ସାମାଜୀକରଣର ନିୟମ ସବୁର ବିରୁଦ୍ଧାଚରଣ କରି ବିପରୀତ ଆଚରଣ ଦର୍ଶାନ୍ତି । ବେଳେବେଳେ ଯୁକ୍ତିତର୍କ ବା ଝଗଡ଼ା ନ କରି ଦୂରେଇଯାଇ ସନ୍ନ୍ୟାସ ଜୀବନର କାରବାର କରନ୍ତି । ମୋଟ ଉପରେ ଅନୁମୋଦନୀୟ ବ୍ୟବହାରର ପରିଧି ବାହାରକୁ ଚାଲିଯାଆନ୍ତି ଏବଂ ମାନସିକ ବିଦ୍ରୋହ ଘୋଷଣା କରନ୍ତି । ନୂଆ ଧାରାରେ ଆଉ ଥରେ ସାମାଜୀକରଣ ପ୍ରକ୍ରିୟାରେ ନିଜକୁ ଯୋଜନା କରିବାର ଆବହାୱା ସୃଷ୍ଟି ହୁଏ ।

Digitized by srujanika@gmail.com

ଏପରି ଏକ ପ୍ରକ୍ରିୟା ମଧ୍ୟରେ ସମ୍ପର୍କଗତ ଏକ ନିବିଡ଼ତା ଦୃଷ୍ଟିଗୋଚର ହୁଏ । ଏପରି ଅନ୍ତରଙ୍ଗତା କୌଣସି ବନ୍ଧୁ ବା ବାନ୍ଧବୀଙ୍କ ସହିତ ହୋଇପାରେ । ଏହି ନିବିଡ଼ ସମ୍ପର୍କ କୌଣସି ଅନୁଷ୍ଠାନ ଧର୍ମନୀତି କିମ୍ବା ରାଜନୀତି ସହିତ ମଧ୍ୟ ହୋଇପାରେ । ମୋଟ ଉପରେ ମା' ବାପ, ଆତ୍ମୀୟସ୍ୱଜନ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରି ସମାଜ ନିର୍ଦ୍ଦେଶିତ ବ୍ୟକ୍ତି ବିଶେଷଙ୍କଠାରୁ ନିଜକୁ ଦୂରେଇ ନେଇ କିଶୋର କିଶୋରୀ ଅନ୍ୟ ଏକ ବ୍ୟକ୍ତି କିମ୍ବା ବସ୍ତୁ କିମ୍ବା ଭାବନା ସହିତ ଅନ୍ତରଙ୍ଗତା ପ୍ରତିଷ୍ଠା କରନ୍ତି । ଏପରି ବସ୍ତୁ ଓ ଭାବନା ସେମାନଙ୍କର ଜୀବନର ଲକ୍ଷ୍ୟ ମଧ୍ୟ ହୋଇପାରେ ।

ଅନ୍ତରଙ୍ଗତା ପାଇଁ ଆବଶ୍ୟକ ବିଶ୍ୱସନୀୟତା ପ୍ରତିଷ୍ଠା କଲାବେଳେ ସେମାନେ କେବଳ ଅନ୍ୟକୁ ବିଶ୍ୱାସ କରନ୍ତି ନାହିଁ, ଅନ୍ୟର ବିଶ୍ୱାସଭାଜନ ହେବା ପାଇଁ ମଧ୍ୟ ପ୍ରଚେଷ୍ଟା କରନ୍ତି । କିଶୋରକାଳୀନ ପ୍ରେମ ଏହି ନିବିଡ଼ତା ପ୍ରତିଷ୍ଠାର ଏକ ମାନସିକ ଓ ସାମାଜିକ ପରିଣତି ।

ଆତ୍ମ ପରିଚିତି ଅନ୍ୱେଷଣ କରିବା ପ୍ରକ୍ରିୟାରେ କିଶୋର କିଶୋରୀମାନେ ଚାରୋଟି ଶୈଳୀ ଅବଲମ୍ବନ କରିବାର ଦେଖାଯାଏ । ଧରାଯାଉ 'ଗୀତା' ସ୍କୁଲ ପାଠ୍ୟକ୍ରମ ଆରମ୍ଭ କରିବା ସମୟରୁ କଲେଜରେ ବିଜ୍ଞାନ ଶ୍ରେଣୀରେ ଭର୍ତ୍ତି ହେବାର ପରିକଳ୍ପନା କରିଛି । ସେ ଏ ଦିଗରେ ସମସ୍ତ ବିକଳ୍ପର ତୁଳନାତ୍ମକ ବିଚାର କରିଛି । ଗଭୀର ଆଗ୍ରହ ଓ ମନନଶୀଳତାର ସହିତ ନିଜର ଲକ୍ଷ୍ୟ ବିନ୍ଦୁଟି ସ୍ଥିର ରଖିଛି । ଗୀତା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧତା ରହିଛି ଏବଂ ନିଷ୍ପତ୍ତି ମଧ୍ୟ ସଚେତନ ଭାବରେ ନିଆଯାଇଛି । ଗୀତାର ଆମ ପରିଚିତି ଅନ୍ୱେଷଣର ଶୈଳୀଟିକୁ ସଫଳ ଆତ୍ମପରିଚିତି କୁହାଯାଇପାରେ । ଏପରି ଶୈଳୀ ଅବଲମ୍ବନ କରୁଥିବା ପିଲାମାନଙ୍କର ଆତ୍ମମର୍ଯ୍ୟାଦାବୋଧ ଉଚ୍ଚ ରହିବ । ଏମାନେ ଖୁସି ରହିବେ । ଅନ୍ୟମାନଙ୍କ ସହିତ ସୁସମ୍ପର୍କ ରକ୍ଷା କରିବାରେ ସଫଳ ହେବେ । ଆତ୍ମପରିଚିତିର ସ୍ପଷ୍ଟତା ରହିବ । ଦ୍ୱନ୍ଦ୍ୱର ସମାଧାନ ସହଜ ହେବ ।

ଅନ୍ୟ ପକ୍ଷରେ କେତେକ ପିଲାଙ୍କର ସମନ୍ୱୟ କୌଶଳ ବଶମ୍ବଦ ଧରଣର ହୋଇପାରେ । ବିମଳ ସ୍କୁଲରେ ପାଠ ପଢୁଛି । ସେ ଜାଣେ ଯେ, ତା' ବାପାଙ୍କ ବ୍ୟବସାୟ ରହିଛି । ଉଚ୍ଚ ଶିକ୍ଷା ଶେଷ କରିବା ପରେ ସେ ବ୍ୟବସାୟ ଆବୋରି ନେବ । ପେସା ନିର୍ବାଚନ କରିବା ପାଇଁ ତାକୁ ପରିଶ୍ରମ କରିବାକୁ ହେବ ନାହିଁ । ସେ ପୂର୍ବରୁ ମନସ୍ଥିର କରି ନେଇଛି । ତା'ର ପ୍ରତିଶ୍ରୁତିବଦ୍ଧତା ରହିଛି । ମାତ୍ର ନିଜେ ନିଷ୍ପତ୍ତି ନେବାର ଆବଶ୍ୟକତା ହିଁ ନାହିଁ । ଏ କ୍ଷେତ୍ରରେ ସେ ସୁଖୀ ହେବାର ସମ୍ଭାବନା ଅଧିକ । ପାରିବାରିକ ସମ୍ବଳର ଅଧିକାରୀ ହେବାର ଆଶା ମଧ୍ୟ ବେଶି ।

ତୃତୀୟ ଧରଣର ଶୈଳୀଟି ବିଫଳ । ଏ କ୍ଷେତ୍ରରେ ପିଲାଟିର କୌଣସି ପ୍ରତିଶ୍ରୁତିବଦ୍ଧତା ନ ଥାଏ । ଖାମଖିଆଲୀ ଭାବରେ କାର୍ଯ୍ୟ କରେ । ସୁଧାଂଶୁ ହୁଏତ ଜାଣିଛି ଯେ ଲଗାମହୀନ ଜୀବନଯାପନ କରିବା ଖୁବ୍ ଭଲ । ତେଣୁ ତା'ର କୌଣସି ଲକ୍ଷ୍ୟ ନାହିଁ । କହିବା ନିଷ୍ପ୍ରୟୋଜନ

Digitized by srujanika@gmail.com

ଯେ, ଏପରି ପିଲାମାନେ ଅନ୍ୟ ସହିତ ସୁସମ୍ପର୍କ ପ୍ରତିଷ୍ଠା କରିବାରେ ବିଫଳ ହୁଅନ୍ତି । ସୁଖମୟ ଜୀବନର ମଧ୍ୟ କମ୍ ସମ୍ଭାବନା ରହିଥାଏ ।

ଚତୁର୍ଥ ଶୈଳୀଟିକୁ ଅପେକ୍ଷମାଣ କୁହାଯାଇପାରେ । ଏପରି ପିଲାମାନେ କୌଣସି ନିଷ୍ପତ୍ତି ନେଇନଥାନ୍ତି । ପରେ ଯାହା ଆସିବ ଦେଖାଯିବ ଏହି ମନୋଭାବ ନେଇ କାର୍ଯ୍ୟ କରନ୍ତି । ଏ ଦୃଷ୍ଟିରୁ ପ୍ରତିଶ୍ରୁତିବଦ୍ଧତା ଆଂଶିକ ବୋଲି କୁହାଯିବ । ବର୍ତ୍ତମାନ ଏମାନେ ସମସ୍ୟା ଘେରରେ ରହିଥିଲେ ମଧ୍ୟ ଭବିଷ୍ୟତରେ ଏ ଘେରରୁ ବି ବାହାରି ଯିବାର ସମ୍ଭାବନା ରହିଛି ।

ସ୍ଥୂଳତଃ ଆତ୍ମପରିଚିତି ଅନ୍ୱେଷଣ କ୍ଷେତ୍ରରେ ନିଷ୍ପତ୍ତି ଏକ ପ୍ରତିଶ୍ରୁତିବଦ୍ଧତାର ସମନ୍ୱୟପୂର୍ଣ୍ଣ ଶୈଳୀଟି ସବୁଠାରୁ ଅଧିକ ଉପଯୋଗୀ । ବଶମ୍ବଦ ଶୈଳୀକୁ ଦ୍ୱିତୀୟ ସ୍ଥାନ ଏକ ଅପେକ୍ଷମାଣ ଶୈଳୀକୁ ତୃତୀୟ ସ୍ଥାନ ଦିଆଯାଇପାରେ । ପ୍ରତିଶ୍ରୁତିବଦ୍ଧତା ନ ଥିଲେ ନିଷ୍ପତ୍ତି ଥାଉ ବା ନ ଥାଉ, ଆତ୍ମପରିଚିତିର ବିଫଳ ହୋଇଉଠେ । ଏହା ଏକ ଅନୁପଯୋଗୀ ଶୈଳୀ ।

ଆତ୍ମପରିଚିତିର ଅନ୍ୱେଷଣ ସମୟରେ ସମ୍ପର୍କ ରକ୍ଷାର ଗୁଣାତ୍ମକ ଦିଗ ବିଚାର୍ଯ୍ୟ । ବିଶେଷତଃ ପିତାମାତା ଏବଂ ବନ୍ଧୁବାନ୍ଧବମାନଙ୍କ ସହିତ ସମ୍ପର୍କର ରୂପରେଖ ଅନ୍ୱେଷଣକୁ ସହଜ କିମ୍ବା ଜଟିଳ କରିପାରେ ।

ସମ୍ପର୍କର ସମସ୍ୟା

ଅନେକଙ୍କର ଧାରଣା ଯେ, କିଶୋର କିଶୋରୀମାନେ ଏ ପର୍ଯ୍ୟାୟରେ ନୂତନ ପ୍ରିୟଜନର ସନ୍ଧାନ କରନ୍ତି ଏବଂ ଘନିଷ୍ଠତା ପ୍ରତିଷ୍ଠା କରନ୍ତି । ଅନ୍ୟପକ୍ଷରେ ପିତାମାତା ଏବଂ ଆତ୍ମୀୟସ୍ୱଜନଙ୍କ ପରି ପୂର୍ବର ପ୍ରିୟଜନଙ୍କ ସହିତ ଏକ ସଂଘର୍ଷପୂର୍ଣ୍ଣ ସମ୍ପର୍କକୁ ରୂପ ଦିଅନ୍ତି । ମାତ୍ର ଗବେଷଣାରୁ ଜଣାଯାଏ ଯେ, ପ୍ରଥମ ବାକ୍ୟଟି ସତ୍ୟ ହେଲେ ମଧ ଦ୍ୱିତୀୟ ବାକ୍ୟଟି ପୂରାପୂରି ସତ୍ୟ ନୁହେଁ । ଅବଶ୍ୟ କିଶୋର କିଶୋରୀମାନେ ସେମାନଙ୍କର ବନ୍ଧୁ, ବାନ୍ଧବ ସହିତ ଅଧିକରୁ ଅଧିକ ସମୟ କଟାନ୍ତି । ପିତାମାତାଙ୍କ ସହିତ କଟୁଥିବା ସମୟ ଧୀରେ ଧୀରେ କମିବାକୁ ଲାଗେ । ଏ ଦୃଷ୍ଟିରୁ ବନ୍ଧୁବର୍ଗର ପ୍ରଭାବ ବୃଦ୍ଧିପାଇବା ଏବଂ ପିତାମାତାଙ୍କ ପ୍ରଭାବ ହ୍ରାସ ପାଇବା ସ୍ୱାଭାବିକ । ମାତ୍ର ପିତାମାତାଙ୍କ ସହିତ କଥୋପକଥନ ଏବଂ ପାରସ୍ପରିକ କ୍ରିୟା ଅନୁକ୍ରିୟା କିଛି ନକାରାତ୍ମକ ମୋଡ଼ ନେଉଥିଲେ ମଧ ନୂଆକରି ସଂଘର୍ଷପୂର୍ଣ୍ଣ ପରିସ୍ଥିତି ଉପୁଜିବାର ଉଦାହରଣ ଅପେକ୍ଷାକୃତ କମ୍ । ପୂର୍ବରୁ ସଂପର୍କ ଭଲ ନଥିଲେ କିଶୋର କାଳରେ ସଂଘର୍ଷପୂର୍ଣ୍ଣ ହୋଇଥାଏ ।

ପିତାମାତା ବିଶେଷ କରି ମା' ସହିତ ଅଧିକ ଯୁକ୍ତିତର୍କ କରୁଥିବା କନ୍ୟା ସନ୍ତାନ ଅପେକ୍ଷାକୃତ ଶୀଘ୍ର ଯୌବନପ୍ରାପ୍ତିର ଅଧିକାରୀ ହୋଇଥାଏ । ଏପରି ପର୍ଯ୍ୟବେକ୍ଷଣରୁ ସୂଚନା ମିଳେ ଯେ, ଦ୍ୱନ୍ଦ୍ୱ ଓ ହରମୋନ୍ କ୍ଷରଣ ପରସ୍ପର ସମ୍ବନ୍ଧଶୀଳ । ଗୋଟିଏ ଅନ୍ୟଟିକୁ ପ୍ରଭାବିତ କରେ ।

Digitized by srujanika@gmail.com

କିଶୋର କିଶୋରୀମାନେ ପିତାଙ୍କ ତୁଳନାରେ ମା'ଙ୍କ ସହିତ ଅଧିକ ମାତ୍ରାରେ ମୁହାଁମୁହିଁ ସମ୍ମୁଖୀନ ହୁଅନ୍ତି । ସାଧାରଣତଃ ପାରିବାରିକ ପରିପ୍ରେକ୍ଷୀରେ ଜନନୀର ଅଭିନିବିଷ୍ଟତା ଅଧିକ । ବାଧା ସତ୍ତ୍ୱେ ଜନନୀ ଏହି ଭୂମିକାଟିକୁ ସହଜରେ ବର୍ଜନ କରନ୍ତି ନାହିଁ । ଫଳରେ ସନ୍ତାନ ସନ୍ତତି ସହିତ ଦ୍ୱନ୍ଦ୍ୱାକୁଳ ସମ୍ପର୍କ ଗଢ଼ି ଉଠିବାର ସମ୍ଭାବନା ଥାଏ । ଦ୍ୱିତୀୟରେ ପିତା ପିଲାମାନଙ୍କଠାରୁ ବିଶେଷକରି କିଶୋରୀ କନ୍ୟାଠାରୁ କିଛିଟା ଦୂରତ୍ୱ ରକ୍ଷା କରନ୍ତି । ପିତାଙ୍କର ଏପରି ଇଚ୍ଛାକୃତ ଓ ଅନିଚ୍ଛାକୃତ ଉଦାସୀନତା ଦ୍ୱନ୍ଦ୍ୱର ମାତ୍ରାକୁ କମାଇଥାଏ ।

ଯେଉଁସବୁ କାରଣରୁ ଦ୍ୱନ୍ଦ୍ୱ ଉପୁଜେ ତାହା ସହଜରେ ଅନୁମେୟ । ଅବଶ୍ୟ ସମାଜ ଓ ସଂସ୍କୃତି ଭେଦରେ ଏଥିରେ ପାର୍ଥକ୍ୟ ରହିଛି । ତଥାପି ସର୍ବେକ୍ଷଣ ଏବଂ କଳ୍ପନା ଉପରେ ନିର୍ଭର କରି କେତୋଟି ମୁଖ୍ୟ କାରଣ ଉଲ୍ଲେଖ କରାଯାଇପାରେ । ଡେରିରେ ବିଶେଷତଃ ସନ୍ଧ୍ୟା ପରେ ଘରକୁ ଫେରିବା, ଦୀର୍ଘ ସମୟ ଧରି ଫୋନ୍‌ରେ କଥାବାର୍ତ୍ତାରେ ମଜ୍ଜି ରହିବା, ସ୍କୁଲପାଠ ନ କରିବା, ପିତାମାତା ଅନୁମୋଦନ କରୁନଥିବା ପିଲାଙ୍କ ସହିତ ବନ୍ଧୁତ୍ୱ ଏବଂ ଟେଲିଭିଜନ ଦେଖିବା ପରି ମନୋରଞ୍ଜନ କାର୍ଯ୍ୟକ୍ରମରେ ମାତ୍ରାଧିକ ସମୟ ଦେବା ଅନେକ ସମୟରେ ଯୁକ୍ତିତର୍କର କାରଣ ହୋଇଥାଏ ।

ପିତାମାତାଙ୍କ ସହିତ ନକାରାତ୍ମକ ଯୋଗାଯୋଗର ସୂକ୍ଷ୍ମ କାରଣଟି ଅନୁଶୀଳନ କଲେ ଦେଖାଯାଏ ଯେ, କିଶୋର କିଶୋରୀମାନଙ୍କ ପରିପ୍ରେକ୍ଷୀରେ ପିତାମାତା ମଧ୍ୟ ଏକ ଦ୍ୱନ୍ଦ୍ୱାକୁଳ ସମୟ ଦେଇ ଗତି କରନ୍ତି । ସେମାନେ ପୁତ୍ରକନ୍ୟାଙ୍କୁ କେତେ ପରିମାଣରେ ସ୍ୱାଧୀନତା ଦେବେ ଏବଂ କେତେ ପରିମାଣରେ ନିୟନ୍ତ୍ରଣ ଜାରି କରିବେ, ସେ ବିଷୟରେ ଦ୍ୱନ୍ଦ୍ୱରେ ପଡ଼ନ୍ତି । ଏପରି ବିରୋଧାଭାସର ସମାଧାନ ପାଇଁ ଏ ଦୁଇଟି ମଧ୍ୟରେ ସମନ୍ୱୟ ଲୋଡ଼ନ୍ତି । ସମନ୍ୱୟ ଆଣି ପାରୁଥିବା ପିତାମାତା ଅପେକ୍ଷାକୃତ ସଫଳ ହେବା ସ୍ଥଳେ ସମନ୍ୱୟ ଆଣିବାରେ ବିଫଳ ହେଉଥିବା ପିତାମାତାଙ୍କ ସନ୍ତାନ-ସମ୍ପର୍କ ସମସ୍ୟା-ବିଜଡ଼ିତ ହୋଇଉଠେ ।

ଆଲୋଚିତ ପରିପ୍ରେକ୍ଷୀଟି ଅନୁସାରେ କେଉଁ ପ୍ରକାର ପରିଚାଳନା ଶୈଳୀ ପିତାମାତାଙ୍କ ପକ୍ଷେ ଉପଯୋଗୀ ହେବ, ତାହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ । ଏହାର ପରାମର୍ଶରେ କୁହାଯାଇପାରେ ଯେ ଗୁରୁତ୍ୱମୁଖୀ ପରିଚାଳନା ଭଙ୍ଗୀ ଏ କ୍ଷେତ୍ରର ଉପଯୋଗୀ । ଏ ପରିଚାଳନା ଭଙ୍ଗୀ ପ୍ରଭୁତ୍ୱମୁଖୀ ପରିଚାଳନା ଶୈଳୀଠାରୁ ସମ୍ପୂର୍ଣ୍ଣ ଭିନ୍ନ । ପ୍ରଭୁତ୍ୱମୁଖୀ ପରିଚାଳନା ଶୈଳୀରେ ପିତାମାତା ସନ୍ତାନ ସନ୍ତତି ଉପରେ ଅସଂଖ୍ୟ ବାଧାବନ୍ଧନ ଲଦି ଦିଅନ୍ତି । ସେମାନଙ୍କ କଥୋପକଥନରେ ଅଗଣିତ 'କର' ବା 'କରନାହିଁ' ସ୍ଥାନ ପାଏ । ପୁତ୍ରକନ୍ୟାଙ୍କ ସାମାନ୍ୟତମ ସ୍ୱାଧୀନତା ପାଇଁ ସେମାନଙ୍କ ଅନୁମୋଦନ ନଥାଏ । ଏହାର ଫଳାଫଳ ଜଟିଳ ହୁଏ । ଅନ୍ୟ ପକ୍ଷରେ ସର୍ବାନୁମୋଦନମୁଖୀ ଶୈଳୀରେ ପିତାମାତା କୌଣସି ନିୟନ୍ତ୍ରଣ ଜାରି କରନ୍ତି ନାହିଁ । ପାଶ୍ଚାତ୍ୟ ଦେଶମାନଙ୍କରେ ଅଧିକାଂଶ ପିତାମାତା ଏ ଧରଣର । ଏହାର ପରିଣତି ମଧ୍ୟ ଭଲ ହୋଇନଥାଏ । ବିଶେଷତଃ ଆମ ଦେଶରେ ଏହା ଅଧିକ କୁପରିଣତି ସୃଷ୍ଟି କରିବା ସ୍ୱାଭାବିକ ।

Digitized by srujanika@gmail.com

ଗୁରୁତ୍ୱମୁଖୀ ଶୈଳୀରେ ପିତାମାତା ବୁଦ୍ଧିମତ୍ତାର ସହ କାର୍ଯ୍ୟ କରନ୍ତି । କେଉଁ ଆଚରଣ ବ୍ୟବହାରଟିର ଗୁରୁତ୍ୱପୂର୍ଣ୍ଣ ଏବଂ କେଉଁଟି ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ତାହା ସେମାନେ ନିଷ୍ପତ୍ତି ନିଅନ୍ତି । ଏହି ନିଷ୍ପତ୍ତି ଅନୁଯାୟୀ ବହୁକ୍ଷେତ୍ରରେ (ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ, କ୍ଷେତ୍ରରେ) ପିଲାମାନଙ୍କୁ ସ୍ୱାଧୀନତା ଦିଆଯାଏ । ମାତ୍ର କିଶୋର କିଶୋରୀମାନଙ୍କର ଆବଶ୍ୟକ ପରିପକ୍ୱତା ନଥିବାରୁ ଅନ୍ୟ କେତେକ କ୍ଷେତ୍ରରେ ପିତାମାତା ନିୟନ୍ତ୍ରଣ ଜାରି କରନ୍ତି । ଏହା ଫଳରେ ସ୍ୱାଧୀନତା-ପ୍ରଦାନ ଏବଂ ନିୟନ୍ତ୍ରଣ ପରିଚାଳନା ମଧ୍ୟରେ ସମନ୍ୱୟ ପ୍ରତିଷ୍ଠିତ ହୁଏ । ସାମୟିକ ଭାବରେ କିଶୋର କିଶୋରୀମାନେ କିଛିଟା ଅସନ୍ତୋଷ ପ୍ରକାଶ କଲେ ମଧ୍ୟ ଦୀର୍ଘମିଆଦି ଲକ୍ଷ୍ୟ ଦୃଷ୍ଟିରୁ ଏହା ଉପଯୋଗୀ ହୋଇଥାଏ । ବନ୍ଧୁ ନିର୍ବାଚନ ଏବଂ ବନ୍ଧୁ ସମ୍ପର୍କକୁ ଏ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । କାହା ସହିତ ବନ୍ଧୁତ୍ୱ ପ୍ରତିଷ୍ଠା କରାଯିବ, ଏ ଦିଗରେ ପିତାମାତା ହସ୍ତକ୍ଷେପ ନ କରିପାରନ୍ତି । ମାତ୍ର ବନ୍ଧୁ ବା ବାନ୍ଧବୀଙ୍କ ସହିତ କଟାଉଥିବା ସମୟର ଗୁଣାତ୍ମକ ଦିଗ ଉପରେ ପିତାମାତା ମାର୍ଗଦର୍ଶନ କରିବାର ଔଚିତ୍ୟକୁ ସ୍ୱୀକାର କରିବାକୁ ହେବ ।

ପ୍ରତିଶ୍ରୁତିବଦ୍ଧତା

ନିଷ୍ପତ୍ତି	ହଁ	ନାହିଁ
ହଁ	ସଫଳ ଆତ୍ମପରିଚିତି	ଅପେକ୍ଷମାଣ
ନାହିଁ	ବଶମ୍ବଦ	ବିଫଳ ଆତ୍ମପରିଚିତି

❑

Digitized by srujanika@gmail.com

ଭୂମିକା ପରୀକ୍ଷଣ ଏବଂ ଆତ୍ମପରିଚିତି ଗଠନ

କିଶୋରକାଳୀନ ସଂକଟ ଓ ସମନ୍ୱୟଶୀଳତା ପରିପ୍ରେକ୍ଷୀରେ ଏରିକ୍‌ସନ୍‌ଙ୍କ ବିଶ୍ଳେଷଣକୁ ବାଦ୍ ଦିଆଯାଇପାରିବ ନାହିଁ । ପିଲାଦିନର ସୁରକ୍ଷା ଓ ଯୌବନର ସ୍ୱାଧୀନତାର ମଧ୍ୟଭାଗରେ ଯେଉଁ ବ୍ୟବଧାନ ସୃଷ୍ଟି ହୁଏ, କିଶୋରକାଳୀନ ଅନ୍ୱେଷଣ ସେ ସମୟରେ ଏକ ବୈଶିଷ୍ଟ୍ୟପୂର୍ଣ୍ଣ ଅବସ୍ଥା । ଅବଶ୍ୟ ଅଧିକାଂଶ ଆଧୁନିକ ମନୋବିଜ୍ଞାନୀ ଏହି ପର୍ଯ୍ୟାୟକୁ ସଂକଟର ସମୟ ନ କହି ଅନ୍ୱେଷଣର ସମୟ କହିଥାଆନ୍ତି । ଏରିକ୍‌ସନ୍ ନିଜେ ମଧ୍ୟ ସ୍ୱୀକାର କରିଛନ୍ତି ଯେ କିଶୋର କିଶୋରୀମାନେ ଏହି ସମୟରେ ବିଭିନ୍ନ ବ୍ୟକ୍ତିତ୍ୱର ପରୀକ୍ଷଣ କରନ୍ତି, ବିଭିନ୍ନ ଭୂମିକାର ପରୀକ୍ଷଣ (Experimentation) କରନ୍ତି । ଏହା ସଫଳ ହେଲେ ନୂତନ ଆତ୍ମପରିଚିତି ଗଠିତ ହୁଏ ଏବଂ କ୍ରମଶଃ ଏହା ଦୃଢ଼ ହୁଏ । ଅନ୍ୟ ପକ୍ଷରେ ବିଫଳ ହେଲେ ଆତ୍ମପରିଚିତିରେ ଅସ୍ପଷ୍ଟତା ରହେ । ଏହା ସମସ୍ୟାସଂକୁଳ ହୋଇଉଠେ । କିଶୋର କିଶୋରୀ ଠିକ୍ ଭାବରେ ଆତ୍ମପରିଚିତି ଗଠନ କରି ନ ପାରିଲେ ପରିବାର ଓ ସାଙ୍ଗସାଥୀଠାରୁ ନିଜକୁ ଦୂରେଇ ନେଇ ନିଭୃତ ଜୀବନ ଯାପନ କରନ୍ତି । ଏପରି ନକଲେ ବନ୍ଧୁବାନ୍ଧବ ମହଲରେ ନିଜକୁ ବୁଡାଇ ଦେଇ ଆତ୍ମ ପରିଚିତି ହଜାଇବାର ଚେଷ୍ଟା କରନ୍ତି । ଦୁଇ ପ୍ରକାର ଚେଷ୍ଟା ଅନୁପଯୋଗୀ ହୋଇଥାଏ ।

ଏରିକ୍‌ସନ୍ ଭୂମିକା ପରୀକ୍ଷଣର (Role Experimentation) ଯେଉଁ ଚିତ୍ର ଦେଇଛନ୍ତି, ତାହା ବାସ୍ତବରେ ଆମ୍ଭମାନଙ୍କ ଆଖିରେ ପଡ଼ିଥାଏ । ଏ ବୟସରେ କିଶୋର କିଶୋରୀମାନେ ପୋଷାକ ଦୋକାନରେ ବିଭିନ୍ନ ଜାମାପତ୍ର ପରୀକ୍ଷା କରି ନିଜର ମନୋମତ ପୋଷାକଟିଏ ଖୋଜିଲା ପରି ଜୀବନରେ ମଧ୍ୟ ଅନୁରୂପ ଆଚରଣ ଦର୍ଶାନ୍ତି । ଆଜି ହୁଏତ ସେମାନେ ସୁନ୍ଦର ପୋଷାକରେ ନିଜକୁ ସଜାନ୍ତି, ଅଥଚ ପରଦିନ ଯାହିତାହି ଜାମା ପିନ୍ଧି ବିଚିତ୍ର ଦିଶନ୍ତି । ଏ ସପ୍ତାହରେ ଜଣଙ୍କ ସହିତ ଅନ୍ତରଙ୍ଗତା ଦର୍ଶାଇବା ସ୍ଥଳେ ପର ସପ୍ତାହ ତା'ସହିତ କଳିଗୋଳ କରନ୍ତି । ଜଗତରେ ନିଜର ମନୋମତ ବ୍ୟକ୍ତିତ୍ୱ ଓ ଭୂମିକାଟିଏ ବଛାବଛି କରିବାର ପ୍ରକ୍ରିୟା ସେମାନଙ୍କ ଆଚରଣରେ ସ୍ପଷ୍ଟ ପ୍ରତିଫଳିତ ହୋଇଥାଏ ।

ଏ ପରିପ୍ରେକ୍ଷୀରେ ପିତାମାତା ଏବଂ ବୟସ୍କମାନଙ୍କର ସାଧାରଣତଃ ଧୈର୍ଯ୍ୟଚ୍ୟୁତି ଘଟିଥାଏ । ମାତ୍ର ବୁଝିବାକୁ ହେବ ଯେ କିଶୋର କିଶୋରୀମାନେ ଏକ ରକମର ପରୀକ୍ଷା ନିରୀକ୍ଷା ପର୍ଯ୍ୟାୟରେ ରହିଛନ୍ତି । ଏ ପ୍ରକ୍ରିୟାରେ ହୁଏତ ସେମାନେ କିଛି ଅବାଂଛିତ ଆଚରଣ

Digitized by srujanika@gmail.com

ଅବାଂଛିତ ଭୂମିକା ଆବୋରି ନେଉଛନ୍ତି । ମାତ୍ର ପରିଶେଷରେ ଅଧିକାଂଶ କିଶୋର କିଶୋରୀ ଅନୁପଯୋଗୀ ଭୂମିକାସବୁ ଛାଡ଼ିଦିଅନ୍ତି । ସୁତରାଂ ବୟସ୍କମାନଙ୍କୁ ଅପେକ୍ଷା କରିବାକୁ ହେବ ।

ଆଦ୍ୟ କିଶୋର ପାର ହେଇଯିବା ପରେ ପରବର୍ତ୍ତୀ ପର୍ଯ୍ୟାୟରେ କିଛିଟା ସ୍ଥିରତା ଆସେ । ବିଶେଷତଃ ସନ୍ତୋଷଜନକ ଓ ଆକର୍ଷଣୀୟ ବୃତ୍ତି ପାଇଁ ଯୋଗ୍ୟତା ହାସଲ କରିସାରିଥିବା କିଶୋର କିଶୋରୀମାନେ ମାନସିକ ସ୍ଥିରତା ଦର୍ଶାନ୍ତି । ସମସାମୟିକ ଶିଳ୍ପୋନ୍ନତ ଓ ପ୍ରଗତିଶୀଳ ଦେଶମାନଙ୍କରେ ବୈଷୟିକ ଶିକ୍ଷାରେ ଦକ୍ଷତା ହାସଲ କରିଥିବା କିଶୋର କିଶୋରୀମାନେ ବୃତ୍ତିଗତ ସଫଳତା ହାସଲ କରି ସ୍ଥିରତାପୂର୍ଣ୍ଣ ଜୀବନ ଯାପନ କରୁଛନ୍ତି ।

ଅବଶ୍ୟ ପରିଚିତ ଗଠନ (Identity Formation) ପରିପ୍ରେକ୍ଷୀରେ ମନେରଖିବାକୁ ହେବ ଯେ କିଶୋର କିଶୋରୀମାନେ ଏକ ନିର୍ଦ୍ଦିଷ୍ଟ ଆତ୍ମପରିଚିତି ମଧ୍ୟରେ ବନ୍ଦୀ ହୋଇ ନଥାନ୍ତି । ଗୋଟିଏ ସମୟରେ ଏକାଧିକ ଆତ୍ମପରିଚିତି ସକ୍ରିୟ ଥାଏ । ସେମାନଙ୍କର ରାଜନୈତିକ ବିଶ୍ୱାସ, ଧାର୍ମିକ ମନୋବୃତ୍ତି, ସାଂସ୍କୃତିକ ଚେତନା ଏବଂ ଆନୁଷ୍ଠାନିକ ଆନୁଗତ୍ୟକୁ କେନ୍ଦ୍ର କରି ଅନେକଗୁଡ଼ିଏ ପରିଚିତି ରହିଥାଏ । ଏଥିପାଇଁ ରାଜନୈତିକ, ଧାର୍ମିକ ସାଂସ୍କୃତିକ ଓ ଆନୁଷ୍ଠାନିକ ପରିଚିତିର ପରିଭାଷା ପ୍ରୟୋଗ କରାଯାଉଛି । ସେହିପରି ବ୍ୟକ୍ତିତ୍ୱ, ବୁଦ୍ଧିମତ୍ତା, ଶରୀର ଚେତନା ଓ ସମ୍ପର୍କର ବଳୟକୁ ଭିତ୍ତି କରି ଅନୁରୂପ ପରିଚିତି ଗଠିତ ହୋଇଥାଏ । ଗୋଟିଏ ସମୟରେ ଏକାଧିକ ପରିଚିତି ସକ୍ରିୟ ଥିଲେ ମଧ୍ୟ ସବୁଗୁଡ଼ିକର ପ୍ରଭାବ ସମାନ ନଥାଏ । କେତେ ପରିଚିତି ମୁଖ୍ୟ ପ୍ରଭାବ ବିସ୍ତାର କରୁଥିବା ସ୍ଥଳେ ଅନ୍ୟ ପରିଚିତି ଗୌଣ (Secondary) ପ୍ରଭାବ ବିସ୍ତାର କରିଥାଏ । କେଉଁ ପରିଚିତିଟି ମୁଖ୍ୟ ଏବଂ କେଉଁ ଗୁଡ଼ିକ ଗୌଣ, ତାହା ନିର୍ଦ୍ଦିଷ୍ଟ ବ୍ୟକ୍ତି ଉପରେ ନିର୍ଭର କରେ ।

ଏରିକ୍‌ସନ୍‌ଙ୍କ ମତବାଦ କେତେ ମାତ୍ରାରେ ସମର୍ଥିତ, ତାହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ । ବହୁଭାବରେ ଏରିକ୍‌ସନୀୟ ଚିନ୍ତାଧାରା ଗ୍ରହଣୀୟ ହେଲେ ମଧ୍ୟ ଆଧୁନିକ ମନୋବିଜ୍ଞାନୀମାନେ ଅଳ୍ପ କେତେକ ପରିବର୍ତ୍ତନର ସୂଚନା ଦେଇଛନ୍ତି ।

ପ୍ରଥମତଃ ଅଧିକାଂଶ ସାମ୍ପ୍ରତିକ ମନୋବିଜ୍ଞାନୀ ମତଦିଅନ୍ତି ଯେ କିଶୋରକାଳୀନ ଆତ୍ମପରିଚିତିର ଅନ୍ୱେଷଣ ପ୍ରକ୍ରିୟା ଜଟିଳ ହେଲେ ମଧ୍ୟ ଏହାକୁ ଏରିକ୍‌ସନ୍‌ଙ୍କ ପରି ସଂକଟଜନକ କହିବା ଯୁକ୍ତିଯୁକ୍ତ ନୁହେଁ । ଆତ୍ମପରିଚିତିର ଅନ୍ୱେଷଣ କହିବା ଯୁକ୍ତିଯୁକ୍ତ ନୁହେଁ । ଆତ୍ମପରିଚିତିର ଅନ୍ୱେଷଣ ପ୍ରକ୍ରିୟା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଏବଂ କିଶୋର ଅବସ୍ଥାରେ ଏହା ଆରମ୍ଭ ହୋଇ ନଥାଏ କି ଶେଷ ହୋଇ ନଥାଏ । ବାଲ୍ୟକାଳରେ ମୋଟାମୋଟି ଭାବରେ ରୂପ ନେଇଥିବା ପରିଚିତିକୁ କିଶୋର କିଶୋରୀମାନେ ସଂଶ୍ଳେଷଣ କରନ୍ତି । ଏହି ସଂଶ୍ଳେଷଣ ପ୍ରକ୍ରିୟା ଯୌବନ କାଳ ପର୍ଯ୍ୟନ୍ତ ଅବ୍ୟାହତ ରହେ । ଏପରିକି କେତେକ ମନୋବିଜ୍ଞାନୀଙ୍କ ମତରେ ଅନ୍ୱେଷଣ ପ୍ରକ୍ରିୟା ଧୀରେ ଧୀରେ ଗଠନ ଓ ପୁନର୍ଗଠନର ରୂପ ନିଏ । ଏହି ପୁନର୍ଗଠନର ପ୍ରକ୍ରିୟା ବାର୍ଦ୍ଧକ୍ୟରେ ମଧ୍ୟ ଅବ୍ୟାହତ ଥାଏ । ବିଶେଷତଃ ଜୀବନରେ ଭଲ ସମନ୍ୱୟ ଆଣିପାରୁଥିବା

Digitized by srujanika@gmail.com

ବ୍ୟକ୍ତିମାନେ ଏକ ଅନମନୀୟ (Rigid) ଓ ଅପରିବର୍ତ୍ତନୀୟ ପରିଚିତି ପରିବର୍ତ୍ତେ ନମନୀୟ ଆତ୍ମପରିଚିତିରେ ବିଶ୍ୱାସ ରଖନ୍ତି । ଅବଶ୍ୟ ଏହା ସତ୍ୟ ଯେ ଜୀବନର ଅନ୍ୟ ସୋପାନ ତୁଳନାରେ କୈଶୋର ଅବସ୍ଥାରେ "ମୁଁ କିଏ ?" ପ୍ରଶ୍ନ ଅପେକ୍ଷାକୃତ ଅଧିକ ଆଲୋଡ଼ନ ସୃଷ୍ଟିକରେ ।

ଦ୍ୱିତୀୟତଃ ଆଧୁନିକ ମନୋବିଜ୍ଞାନୀମାନେ କିଶୋରକାଳୀନ ଆତ୍ମପରିଚିତିର ସନ୍ଧାନର ଏକ ବିଶେଷ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ସେମାନଙ୍କ ମତରେ ପରିଚିତି ସନ୍ଧାନର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ସ୍ୱାଧୀନତା ଓ ସମ୍ପର୍କଶୀଳତା ମଧ୍ୟରେ ସମନ୍ୱୟ । କିଶୋର କିଶୋରୀମାନେ ଏହି ଦୁଇ ଦିଗର ଆକର୍ଷଣ ମଧ୍ୟରେ ନିଜକୁ ଖାପଖୁଆଇବାର ପ୍ରୟାସ କରନ୍ତି । ଅବଶ୍ୟ ଏ ପରିପ୍ରେକ୍ଷୀରେ କେତେକ ବିଶେଷଜ୍ଞ ମତଦିଅନ୍ତି ଯେ କିଶୋରୀମାନେ ସେମାନଙ୍କ ଆତ୍ମପରିଚିତି ଗଠନ ସମୟରେ ସମ୍ପର୍କଶୀଳତା ଉପରେ ଅଧିକ ପ୍ରାଧାନ୍ୟ ଦିଅନ୍ତି । ସମ୍ପର୍କଶୀଳତାକୁ (Relationship ବା Connectedness) ବାଦ୍ ଦେଇ ଆତ୍ମପରିଚିତି ଗଠନର ପରିକଳ୍ପନା କିଶୋରୀମାନଙ୍କ ପାଇଁ ଅସମ୍ଭବ ମନେହୁଏ ।

ଆତ୍ମପରିଚିତିର ଦୃଢ଼ ଗଠନ ପୂର୍ବରୁ ଏହା କିପରି ବିକାଶକାଳୀନ ପରିବର୍ତ୍ତନ ଦେଇ ଗତିକରେ, ସେ ସମ୍ପର୍କରେ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଅଧିକାଂଶ କ୍ଷେତ୍ରରେ ଆଦ୍ୟ କୈଶୋରରେ ଆତ୍ମପରିଚିତି ସାଧାରଣତଃ ସମସ୍ୟାମୁକ୍ତ ହୋଇନଥାଏ । ଏହା ସମସ୍ୟାଯୁକ୍ତ, ଅପେକ୍ଷମାଣ କିମ୍ବା ବଶମ୍ବଦ ଅବସ୍ଥାରେ ରହିଥାଏ । କିଶୋର କିଶୋରୀମାନଙ୍କର ଅନ୍ୱେଷଣ ଓ ପରୀକ୍ଷଣ ଫଳରେ ଏହା ସମସ୍ୟାମୁକ୍ତ ଦିଗରେ ଗତିକରେ । ସେମାନଙ୍କର ପରିଶ୍ରମଶୀଳତା ଏବଂ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଚିନ୍ତାମୂଳକ ଚର୍ଚ୍ଚା ଓ ଭାବନା ଆତ୍ମପରିଚିତିର ଗଠନ ଓ ଦୃଢ଼ୀକରଣ ଦିଗରେ ସହାୟକ ହୁଏ । ପୁଣି ପିତାମାତା ଏବଂ ଅନ୍ୟ ସବୁ ବୟସ୍କବ୍ୟକ୍ତିମାନଙ୍କର ସମ୍ବେଦନଶୀଳ ସହଯୋଗ ଏ ପ୍ରକ୍ରିୟାକୁ ସହଜ କରିଥାଏ ।

ପିତାମାତାଙ୍କର କେଉଁ ପ୍ରକାର ପାଳନଭଙ୍ଗୀ ଏ ଦିଗରେ ସହାୟକ ହେଇଥାଏ, ସେ ବିଷୟରେ ମଧ୍ୟ କୌତୂହଳ ଜନ୍ମିପାରେ । ଗବେଷଣାରୁ ଦେଖାଯାଇଛି ଯେ ଏକ ନିର୍ଦ୍ଦିଷ୍ଟ ସୀମାମଧ୍ୟରେ ପୁତ୍ରକନ୍ୟାକୁ ସ୍ୱାଧୀନତା ଦେଉଥିବା ପରିବେଶ ସମସ୍ୟାମୁକ୍ତ ଆତ୍ମପରିଚିତି ଗଠନରେ ସହାୟକ ହୁଏ । ଅନ୍ୟ ପକ୍ଷରେ ପ୍ରଭୁତ୍ୱମୁଖୀ ବା ଏକଛତ୍ରବାଦୀ ପିତାମାତା ସେମାନଙ୍କ କିଶୋର ସନ୍ତାନ ସନ୍ତତିମାନଙ୍କୁ ସ୍ୱାଧୀନତା ଦେଇନଥାନ୍ତି । 'ଉଚିତ, ଅନୁଚିତ'ର କଠିନ ବନ୍ଧନୀ ମଧ୍ୟରେ ସେମାନେ ପୁତ୍ରକନ୍ୟାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରନ୍ତି । ଏପରି ପାଳନଭଙ୍ଗୀ ବଶମ୍ବଦ ଆତ୍ମପରିଚିତି ଗଠନ କରିଥାଏ । ପୁଣି ସର୍ବାନୁମୋଦନମୁଖୀ (Permissive) ପିତାମାତାମାନେ କୌଣସି ଦିଗ ପ୍ରତି ଦୃଷ୍ଟି ଦେଇ ନଥାନ୍ତି । କିଶୋର କିଶୋରୀ ଯାହା କଲେ ମଧ୍ୟ କୌଣସି ପ୍ରକାର ମାର୍ଗଦର୍ଶନ କରି ନଥାନ୍ତି । ଏ କ୍ଷେତ୍ରରେ ସମସ୍ୟାଯୁକ୍ତ ଆତ୍ମପରିଚିତି ଗଠନ ହେବାର ସମ୍ଭାବନା ଖୁବ୍ ବେଶୀ ।

Digitized by srujanika@gmail.com

ଆଦ୍ୟ କୈଶୋରର ଅପେକ୍ଷାକୃତ ଜଟିଳ ସମୟ ଅତିକ୍ରମଣ କରିବା ପରେ କିଶୋର କିଶୋରୀମାନଙ୍କର ଆତ୍ମପରିଚିତି ଗଠିତ ହୋଇଥାଏ । କେତେକ ବିଶେଷଜ୍ଞ ମତରେ ଏପରି ଗଠନର ସ୍ପଷ୍ଟ ରୂପ କୈଶୋରରେ ସମ୍ଭବ ନ ହୋଇ ଆଦ୍ୟ ଯୌବନରେ ହିଁ ଘଟିଥାଏ ।

ଏପରି ବିରୋଧାଭାସ ଏଡ଼ାଇବାର ମୁଖ୍ୟ ସିଦ୍ଧାନ୍ତ ହେଉଛି ଆତ୍ମପରିଚିତିର ଗଠନ ପୁନର୍ଗଠନ ନୀତିକୁ ସ୍ୱୀକାର କରିନେବା । ପୂର୍ବରୁ ସୂଚନା ଦିଆଯାଇଛି ଯେ ଆତ୍ମପରିଚିତି ଗଠନ ପ୍ରକ୍ରିୟା ଏକ ଜଟିଳ ପ୍ରକ୍ରିୟା ଓ ନିରବଚ୍ଛିନ୍ନ ପ୍ରକ୍ରିୟା । ଏହା ମଧ୍ୟ ଏକ ଜୀବନବ୍ୟାପୀ ପ୍ରକ୍ରିୟା । ବିଶେଷତଃ ଅଧିକ ବିକଶିତ ବ୍ୟକ୍ତିତ୍ୱରେ ଏହି ଚକ୍ରର ପୁନରାବୃତ୍ତି ଦେଖିବାକୁ ମିଳିଥାଏ । ଏହାକୁ "ଅସଅସ" ଚକ୍ର କୁହାଯାଇପାରେ । 'ଅପେକ୍ଷମାଣ' ସ୍ଥିତିରୁ ସେମାନେ ସଫଳ ଆତ୍ମପରିଚିତିର ସ୍ତରକୁ ଉନ୍ନୀତ ହୁଅନ୍ତି ଏବଂ ସେ ସ୍ତରରେ କିଛି କାଳ ରୁହନ୍ତି । ପୁଣି ବୟସର ବୃଦ୍ଧି, ପରିବେଶର ପରିବର୍ତ୍ତନ ଏବଂ ଅନ୍ୟ କାରଣରୁ ଉପସ୍ଥିତ ପରିଚିତି ବଦଳରେ ଅନ୍ୟ ଏକ ଲକ୍ଷ୍ୟ, ଅନ୍ୟ ଏକ ଆଦର୍ଶ ଦୃଷ୍ଟି ଆକର୍ଷଣ କରେ । ଫଳରେ ପୁନଶ୍ଚ ଭୂମିକା ଅନ୍ୱେଷଣ ଆରମ୍ଭ ହୁଏ ଏବଂ ଅପେକ୍ଷମାଣ ସ୍ଥିତି ଦୃଷ୍ଟି ହୁଏ । ଅପେକ୍ଷମାଣରୁ ସଫଳତା ଏବଂ ସଫଳତାରୁ ଅପେକ୍ଷମାଣ ସ୍ଥିତି ଜୀବନସାରା ଲାଗି ରହିଥାଏ । ବିଶେଷତଃ ସଫଳ ଜୀବନର ପ୍ରୟାସ କରୁଥିବା ବ୍ୟକ୍ତିମାନେ ଏହି ଚକ୍ରଟିକୁ ଜୀବନସାରା ସକ୍ରିୟ ରଖନ୍ତି ।

ଅପେକ୍ଷମାଣ → ସଫଳତା → ଅପେକ୍ଷମାଣ → ସଫଳ

ସାରମର୍ମ

୧. ଆତ୍ମପରିଚିତିର ଗଠନ ପୂର୍ବରୁ ସବୁ କିଶୋର କିଶୋରୀ ବ୍ୟକ୍ତିତ୍ୱ ଓ ଭୂମିକାର ପରୀକ୍ଷଣ (Experiment) କରନ୍ତି । ଏପରି ପରୀକ୍ଷଣ ସମୟରେ କିଛି ମାତ୍ରାରେ ଅସ୍ଥିରତା ଓ ଆତ୍ମପାଗଳାମୀ ପ୍ରକାଶ ପାଇବା ସ୍ୱାଭାବିକ ।

୨. ପିତାମାତା ଓ ବୟସ୍କମାନେ ନିଜର ଧୈର୍ଯ୍ୟଚ୍ୟୁତି ନ ଘଟାଇ ଅପେକ୍ଷା କଲେ କିଶୋରକାଳୀନ ଅସ୍ଥିରତାର ବିଲୟ ଦେଖିଥାଆନ୍ତି । କୈଶୋରର ଶେଷ ଭାଗରେ କିମ୍ବା ସ୍ଥଳବିଶେଷରେ ଯୌବନର ଆଦ୍ୟ ଭାଗରେ ଆତ୍ମପରିଚିତି ଗଠିତ ହୋଇଥାଏ । ଏପରି ସମୟରେ ପୂର୍ବର ଅସ୍ୱଭାବୀ ବ୍ୟବହାର ତିରୋହିତ ହୁଏ ।

୩. ଉଚ୍ଚତର ବୃତ୍ତିଗତ ଯୋଗ୍ୟତା ଆଧୁନିକ ସମାଜରେ ଆତ୍ମପରିଚିତିଜନିତ ସମସ୍ୟା ସମାଧାନରେ ସହାୟକ ହୁଏ । ସୁତରାଂ କିଶୋର କିଶୋରୀମାନଙ୍କ ଆକାଂକ୍ଷିତ ବୃତ୍ତିସବୁ ଯୋଗାଇବା ପାଇଁ ଅନୁରୂପ ଶିକ୍ଷା ଓ ପ୍ରଶିକ୍ଷଣ ଦେବା ଖୁବ୍ ଉପଯୋଗୀ ।

Digitized by srujanika@gmail.com

୪. ଆତ୍ମପରିଚିତର ଗଠନ ଓ ପରିପକ୍ୱନ ଏକ ଜଟିଳ ଓ ଜୀବନବ୍ୟାପୀ ପ୍ରକ୍ରିୟା । ଅନ୍ୱେଷଣ ଓ ପରୀକ୍ଷଣ ପରେ ପରିଚିତି ଗଠନରେ ସଫଳତା ଆସେ ଏବଂ ପୁନଶ୍ଚ ଏହି ଗଠିତ ଆତ୍ମପରିଚିତିର ପରିମାର୍ଜନ ଆବଶ୍ୟକ ହୁଏ । ଫଳରେ ଅପେକ୍ଷମାଣରୁ ସଫଳତା ଏବଂ ସଫଳତାରୁ ଅପେକ୍ଷମାଣର ଚକ୍ର ଜୀବନ ସାରା ଚାଲିଥାଏ । ମନସ୍ତାତ୍ତ୍ୱିକ ବିକାଶର ଦୃଷ୍ଟିକୋଣରୁ ଏପରି ଚକ୍ର ଖୁବ୍ ଅନୁକୂଳ । ସୁତରାଂ ଏହାକୁ ନିରୁତ୍ସାହିତ ନ କରି ଉତ୍ସାହିତ କରିବାକୁ ହେବ ।

୫. ଏକ ନିର୍ଦ୍ଦିଷ୍ଟ ସୀମାମଧ୍ୟରେ କିଶୋର କିଶୋରୀମାନଙ୍କୁ ସ୍ୱାଧୀନତା ଦେବାର ପାଳନଭଙ୍ଗୀ ସଫଳ ଆତ୍ମପରିଚିତି ଗଠନରେ ସହାୟକ ହୋଇଥାଏ । ସୁତରାଂ ପିତାମାତା ଓ ବୟସ୍କମାନେ ଏପରି ଶୈଳୀର ଉପଯୋଗ କରିବା ବିଧେୟ ।

❑

Digitized by srujanika@gmail.com

ବିଳମ୍ବିତ କିଶୋରକାଳୀନ ଅନ୍ତରଙ୍ଗରତାର ପାଞ୍ଚୋଟି ରଙ୍ଗ

ଶୈଶବ, ବାଲ୍ୟ, କୈଶୋର, ଯୌବନ ଓ ବାର୍ଦ୍ଧକ୍ୟର ସୋପାନ ଦେଇ ପ୍ରତିଟି ମନୁଷ୍ୟ ଗତିକରେ । ପ୍ରତିଟି ସୋପାନରେ ଭିନ୍ନ ସାମର୍ଥ୍ୟ ଓ ପୃଥକ୍ ପୃଥକ୍ ସଫଳର ସମ୍ଭାବନା ରହିଥାଏ । ସେହିପରି ପ୍ରତିଟି ସୋପାନରେ ଦ୍ୱନ୍ଦ୍ୱର ସ୍ୱରୂପ ମଧ୍ୟ ସ୍ୱତନ୍ତ୍ର । ବିଳମ୍ବିତ କୈଶୋର ବା ଆଦ୍ୟ ଯୌବନରେ ଯେଉଁ ଦ୍ୱନ୍ଦ୍ୱ ମନୁଷ୍ୟକୁ ଆଚ୍ଛନ୍ନ କରେ, ତାହା ହେଉଛି ଅନ୍ତରଙ୍ଗତା ଓ ନିଃସଙ୍ଗତା ମଧ୍ୟରେ ଦ୍ୱନ୍ଦ୍ୱଜନିତ ଅନୁଭବ । ଅନ୍ୟ ସହିତ ସମ୍ପର୍କ ସ୍ଥାପନ କରିବା, ଏହି ସମ୍ପର୍କର ଗଭୀରତା ମଧ୍ୟରେ ପ୍ରବେଶ କରିବା ଏବଂ ଏହି ସମ୍ପର୍କ ପ୍ରତି ଅଙ୍ଗୀକାରବଦ୍ଧ ରହିବାର ପ୍ରବଣତା ଗୋଟିଏ ଦିଗରେ ସକ୍ରିୟ ରହେ । ଅନ୍ୟ ଦିଗରେ ସମ୍ପର୍କ ମଧ୍ୟକୁ ପ୍ରବେଶ ନକରି ନିଜକୁ ଏକାକୀ ଓ ପୃଥକ୍ ରଖିବାର କାମନା ମଧ୍ୟ ସକ୍ରିୟ ଥାଏ । ଏ ଦୁଇଟି ପରସ୍ପର ବିରୋଧୀ ଶକ୍ତିର ମୁକାବିଲା କରି ନିଜର ଆତ୍ମବିକାଶକୁ ଅବ୍ୟାହତ ରଖିବା ଏକ ବିଶେଷ ଧରଣର ଆହ୍ୱାନ ।

ଅନ୍ୟ ସହିତ ସମ୍ପର୍କ ଏକ ମାନସିକ ଆବଶ୍ୟକତା । ଏହାର ସ୍ୱରୂପକୁ ଲକ୍ଷ୍ୟ କରି ମନୋବିଜ୍ଞାନୀମାନେ ପାଞ୍ଚୋଟି ରୂପରେଖର ପରିକଳ୍ପନା କରିଛନ୍ତି । ଏଗୁଡ଼ିକର ବୈଶିଷ୍ଟ୍ୟ ଆମର ବ୍ୟବହାରକୁ ଗଭୀରଭାବରେ ପ୍ରଭାବିତ କରିଥାଏ ।

ପ୍ରଥମଟି ହେଉଛି ନିଚ୍ଛକ ଅନ୍ତରଙ୍ଗତା । ଏ କ୍ଷେତ୍ରରେ ବ୍ୟକ୍ତି ନିଜର ବନ୍ଧୁ ବା ବାନ୍ଧବୀ ସହିତ ନିଗୂଢ଼ ସମ୍ପର୍କ ସ୍ଥାପନ କରେ । ଏହା ମୁକ୍ତ ଓ ବାଧ୍ୟବାଧକତାବିହୀନ ହୋଇଥାଏ । ଏହାର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଅଙ୍ଗୀକାରବଦ୍ଧତା । ଏପରି ନିଚ୍ଛକ ଅନ୍ତରଙ୍ଗତାରେ ଆବଦ୍ଧଥିବା ବ୍ୟକ୍ତିବିଶେଷ ନିଜର ବ୍ୟକ୍ତିଗତ ଲକ୍ଷ୍ୟ ସମ୍ପର୍କରେ ସଚେତନ ନହୋଇ ସମ୍ପର୍କଗଠନ କରାଯାଇଥିବା ଦଳଟିର ଲକ୍ଷ୍ୟପ୍ରତି ଅଙ୍ଗୀକାରବଦ୍ଧ ରୁହନ୍ତି । "ମୋର ଲକ୍ଷ୍ୟ" ବଦଳରେ "ଆମର ଲକ୍ଷ୍ୟ" ତାଙ୍କ କର୍ମଧାରାକୁ ପ୍ରଭାବିତ କରେ । ବୁଝିବାକୁ ହେବ ନାହିଁ ଯେ, ଏପରି ସମ୍ପର୍କ କେବଳ ଅନୁରକ୍ତ ପତିପତ୍ନୀ ବା ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ସମ୍ଭବ । ଦୁଇ ବନ୍ଧୁ ବା ଦୁଇ ବାନ୍ଧବୀଙ୍କ ମଧ୍ୟରେ ଏପରି ଅନ୍ତରଙ୍ଗତାର ସମ୍ଭାବନା ରହିଛି ।

ଦ୍ୱିତୀୟ ଧରଣର ସ୍ଥିତିଟି ହେଉଛି ପ୍ରାକ୍‌ଅନ୍ତରଙ୍ଗତା । ଏ କ୍ଷେତ୍ରରେ ମନେହୁଏ ସତେଯେପରି ନିଚ୍ଛକ ଅନ୍ତରଙ୍ଗତାର ସମ୍ପର୍କ ଗୃହରେ ପ୍ରବେଶ କରିବା ପାଇଁ କିଶୋର

Digitized by srujanika@gmail.com

କିଶୋରୀମାନେ ଉଦ୍ୟତ ହେଉଛନ୍ତି । ପୂରାପୂରି ଅଙ୍ଗୀକାରବଦ୍ଧ (Committed) ହେବେ କି ନାହିଁ, ତାହାର ବିଚାର କରୁଛନ୍ତି । ଲାଭ କ୍ଷତିର ହିସାବ କରୁଛନ୍ତି । ମାତ୍ର ଏପରି ପ୍ରସ୍ତୁତି ପର୍ବର ଶେଷ ନ ହୋଇ ତାହା ସମଗ୍ର ଆଦ୍ୟ ଯୌବନଟିରେ ଏହିପରି ସ୍ଥିତି ରହିଥାଏ ।

ତୃତୀୟ ରଙ୍ଗଟି ହେଉଛି ଗତାନୁଗତିକ । ଏ କ୍ଷେତ୍ରରେ ଗଭୀରତା ନଥାଏ । ସମ୍ପର୍କର କେବଳ ବାହ୍ୟ ଆବରଣ ଥାଏ । ପୁରୁଷ ହୁଅନ୍ତୁ ବା ନାରୀ ହୁଅନ୍ତୁ, ସେମାନେ ସମ୍ପର୍କର ବଳୟରେ ରହିଥିବା ଅନ୍ୟ ପୁରୁଷ ବା ନାରୀଙ୍କୁ ଏକ ବସ୍ତୁ ରୂପେ ନିଜର ଲକ୍ଷ୍ୟ ସାଧନରେ ବ୍ୟବହାର କରନ୍ତି । ଭାବଗତ ସ୍ତରରେ ବିଶେଷ ଆଦାନପ୍ରଦାନ ନଥାଏ ।

ଚତୁର୍ଥ ଢାଞ୍ଚାଟି ହେଉଛି ଛଳନାପୂର୍ଣ୍ଣ ଅନ୍ତରଙ୍ଗତା । ଏ କ୍ଷେତ୍ରରେ ବ୍ୟକ୍ତି ବିଶେଷ ବାହ୍ୟିକ ଦୃଷ୍ଟିକୋଣରୁ ଅନ୍ତରଙ୍ଗ ମନେହେଉଥିଲେ ମଧ୍ୟ ସମ୍ପର୍କ ମୁଖ୍ୟତଃ ଗତାନୁଗତିକ ରହିଥାଏ । ଗୁଣାତ୍ମକ ଦୃଷ୍ଟିକୋଣରୁ ଏହା ମାମୁଲି ସମ୍ପର୍କର ରୂପରେଖ ନିଏ ।

ପଞ୍ଚମ ଶୈଳୀଟି ହେଉଛି ନିଃସଙ୍ଗତାର ବଳୟ । ଏ କ୍ଷେତ୍ରରେ ବ୍ୟକ୍ତି ହୁଏତ ସାମୟିକ ଭାବରେ କାହା ସହିତ କଥାବାର୍ତ୍ତା କରେ, ସମ୍ପର୍କ ରକ୍ଷା କରେ ଏବଂ ଯୋଗାଯୋଗର ଭାବ ଦର୍ଶାଏ । କିନ୍ତୁ ମାନସିକତା ଦୃଷ୍ଟିରୁ ନିଜକୁ ପୂରାପୂରି ଅଲଗା ରଖେ ।

ଆଲୋଚିତ ପାଞ୍ଚୋଟି ସ୍ଥିତି ମଧ୍ୟରୁ କେଉଁଟି ପୂରାପୂରି ଉପଯୋଗୀ ଏବଂ କେଉଁଟି ସମ୍ପୂର୍ଣ୍ଣ ଅନୁପଯୋଗୀ ତାହାର ବିଚାର ଅପେକ୍ଷା ଅନ୍ତରଙ୍ଗତା ଓ ନିଃସଙ୍ଗତା ମଧ୍ୟରେ ଉପୁଜୁଥିବା ଦ୍ୱନ୍ଦ୍ୱର ସମାଧାନ ଜୀବନ ପାଇଁ ଖୁବ୍ ପ୍ରୟୋଜନ । ସମାଧାନ ଉଦ୍ୟମ ପରିପ୍ରେକ୍ଷୀରେ ପୁରୁଷ ଓ ନାରୀମାନଙ୍କ ମଧ୍ୟରେ କେତେକ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ । ପୁରୁଷ ଓ ବୃତ୍ତିଗତ ସାଫଲ୍ୟ ସଚେତନ ନାରୀମାନେ ପ୍ରଥମେ ପ୍ରଥମେ ନିଜର ଶିକ୍ଷା ଓ ବୃତ୍ତିଗତ ପ୍ରସ୍ତୁତି ଶେଷ କଲାପରେ ହିଁ ଅନ୍ତରଙ୍ଗତାର ଗଭୀରତା ଓ ପ୍ରତିଶ୍ରୁତିବଦ୍ଧତା ମଧ୍ୟରେ ପ୍ରବେଶ କରିବାକୁ ପସନ୍ଦ କରନ୍ତି । ଅଳ୍ପ କିଛି ସଂଖ୍ୟକ ନାରୀ ପ୍ରଥମେ ବିବାହ ଓ ସନ୍ତାନ ପାଳନ ପରି ଅନ୍ତରଙ୍ଗତାପୂର୍ଣ୍ଣ ଦାୟିତ୍ୱ ନିର୍ବାହ କଲାପରେ ପରବର୍ତ୍ତୀ ପର୍ଯ୍ୟାୟରେ ବୃତ୍ତିଗତ ପ୍ରଶ୍ନସବୁର ଅନ୍ୱେଷଣ କରନ୍ତି । ଅନ୍ୟ କେତେକ ବ୍ୟକ୍ତି ଅନ୍ତରଙ୍ଗ ପ୍ରତିଶ୍ରୁତିବଦ୍ଧତା ଓ ବୃତ୍ତିଗତ ସଫଳତାକୁ ଏକ ସଙ୍ଗରେ ଧରି ରଖିବାର ପ୍ରୟାସ କରନ୍ତି । କେଉଁ ସମନ୍ୱୟ ଭଙ୍ଗୀଟି ଅଧିକ ସଫଳ ରୂପ ନେବ, ତାହା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ସମ୍ବଳ ଉପରେ ନିର୍ଭର କରେ ।

ବିଶେଷ କରି ନାରୀମାନଙ୍କ କ୍ଷେତ୍ରରେ ସମାଧାନର ଭଙ୍ଗୀଟି ଜଟିଳ ହୋଇଥାଏ । ଆଧୁନିକ ଯୁଗରେ ଗୋଟିଏ କାର୍ଯ୍ୟ କ୍ଷେତ୍ରରୁ ଅନ୍ୟ କାର୍ଯ୍ୟ କ୍ଷେତ୍ରକୁ ଗତି କରିବାର ମାତ୍ରା ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି । ତଥାପି ପୁରୁଷମାନଙ୍କ କ୍ଷେତ୍ରରେ ଏପରି ନିଷ୍ପତ୍ତି ବ୍ୟକ୍ତିଗତ । ପୁରୁଷମାନେ ନିଜେ ଇଚ୍ଛାକରି ଗୋଟିଏ କର୍ମସଂସ୍ଥାରୁ ଅନ୍ୟଟିକୁ ଯାଇଥାନ୍ତି । ମାତ୍ର ନାରୀମାନଙ୍କ କ୍ଷେତ୍ରରେ ବାହ୍ୟିକ ପରିବେଶ ଏପରି ଚାପ ପ୍ରଦାନ କରେ । ବିବାହ, ସନ୍ତାନଲାଭ ଏବଂ ପାରିବାରିକ ଦାୟିତ୍ୱ ବାଧ୍ୟବାଧକତା ସୃଷ୍ଟିକରେ । ଏ ଦୃଷ୍ଟିରୁ ଅନ୍ତରଙ୍ଗତା

Digitized by srujanika@gmail.com

ଓ ନିଃସଙ୍ଗତା ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଉଦ୍ୟମ ନାରୀମାନଙ୍କ କ୍ଷେତ୍ରରେ ଜଟିଳ, ରୂପ ନେଇଥାଏ ।

ସେହିପରି ବିବାହ, ପରିବାର ଓ ସାମାଜିକ ପରିବେଶ କିଛି ପରିମାଣରେ ଜଟିଳତା ସୃଷ୍ଟିକରେ । ନାରୀମାନଙ୍କ ତୁଳନାରେ ପୁରୁଷମାନଙ୍କର ହାରାହାରି ବିବାହ ବୟସ ଅଧିକ ହୋଇଥାଏ । ପୁଣି ଅବିବାହିତ ରହିବା କ୍ଷେତ୍ରରେ ନାରୀ ବେଶୀ ପରିମାଣରେ ସାମାଜିକ ବିରୋଧର ସମ୍ମୁଖୀନ ହୁଏ । ମାତୃତ୍ୱକୁ ଏଡ଼ାଇବା କ୍ଷେତ୍ରର ମଧ୍ୟ ବିରୋଧ ରହିଛି । ଏ ସମସ୍ତ ଉପାଦାନ ଯୋଗୁଁ ଅନ୍ତରଙ୍ଗତା ଓ ନିଃସଙ୍ଗତା ମଧ୍ୟରେ ସମନ୍ୱୟ ରକ୍ଷାକରିବାର ଉଦ୍ୟମ ନାରୀ ପାଇଁ ଅପେକ୍ଷାକୃତ ଜଟିଳ । ତଥାପି ପ୍ରତ୍ୟେକ ବ୍ୟକ୍ତିକୁ ଆଦ୍ୟଯୌବନରେ ଏହାର ସମାଧାନ କରିବାକୁ ହେବ ।

□

Digitized by srujanika@gmail.com

କିଶୋରକାଳୀନ ଆବେଗ

ଆବେଗ ହେଉଛି ଭାବଗତ ଅନୁଭବ । ଯେଉଁ ଅବସ୍ଥା ବା କାର୍ଯ୍ୟଟି ବ୍ୟକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ, ସେପରି ଅବସ୍ଥା କିମ୍ବା କାର୍ଯ୍ୟ ସମୟରେ ବ୍ୟକ୍ତିର ଭାବଗତ ଅନୁଭବକୁ ଆବେଗ କୁହାଯାଏ । ଏହା ଆନନ୍ଦ କିମ୍ବା ନିରାନନ୍ଦର ଅବସ୍ଥା ସୂଚିତ କରେ । ପୁଣି ଭୟ, କ୍ରୋଧ, ବିଷାଦ, ସୁଖାନୁଭୂତି ଓ ବିସ୍ମୟ ପରି ଆବେଗସବୁ ସୁନିର୍ଦ୍ଦିଷ୍ଟ ହୋଇପାରେ । ଅନ୍ୟ ପକ୍ଷରେ ଅସ୍ୱସ୍ତି ପରି ଆବେଗ ସାଧାରଣ (ମୋଟାମୋଟି) ହୋଇପାରେ । ପୁଣି ପ୍ରତି ଆବେଗର ମାତ୍ରା (Intensity) ରହିଥାଏ । ଏହା ଅଳ୍ପ ମାତ୍ରାର, ମଧ୍ୟମ ମାତ୍ରାର କିମ୍ବା ତୀବ୍ର ମାତ୍ରାର ହୋଇପାରେ ।

ଅନେକ କିଶୋର ସମୟକୁ ଝଡ଼ଝଞ୍ଜାର ସମୟ ରୂପେ ଚିତ୍ରଣ କରିଛନ୍ତି । ମାତ୍ର ଏହା ଗତାନୁଗତିକ ସରଳୀକୃତ ଏକସ୍ୱରୀ ଧାରଣା । ଜୀବନର ପ୍ରତିଟି ସୋପାନରେ କିଛି ଆହ୍ୱାନ ଓ ପ୍ରତିବନ୍ଧକ ରହିଛି । ଏ ଦୃଷ୍ଟିରୁ କିଶୋର ଅବସ୍ଥାରେ ମଧ ମାନସିକ ଚାପ ରହିବା ସ୍ୱାଭାବିକ । କିନ୍ତୁ ଜୀବନର ଅନ୍ୟସବୁ ସୋପାନ ତୁଳନାରେ ଏ ସମୟରେ ମାତ୍ରାଧିକ ଝଡ଼ଝଞ୍ଜାର ପରିକଳ୍ପନା ବାସ୍ତବବାଦୀ କୁହାଯିବ ନାହିଁ ।

ଅବଶ୍ୟ କିଶୋରାବସ୍ଥାରେ ମିଜାଜର ଘନ ଘନ ପରିବର୍ତ୍ତନ ହୁଏ । ଗୋଟିଏ ମୁହୂର୍ତ୍ତରେ କିଶୋର କିଶୋରୀମାନେ ଆବେଗର ଶୀର୍ଷସୋପାନରେ ଥିବା ବେଳେ ପରମୁହୂର୍ତ୍ତରେ ପାଦଦେଶରେ ବିଚରଣ କରନ୍ତି । କୌଣସି କାରଣ ନ ଥାଇ ହୁଏତ ସେମାନେ ନିଜର ପିତାମାତା କିମ୍ବା ଭାଇଭଉଣୀ କିମ୍ବା ଅନ୍ୟ ପ୍ରତି ଉଚ୍ଚସ୍ୱରରେ ଚିତ୍କାର କରନ୍ତି । ଉଚ୍ଚମାତ୍ରାର ଆବେଗ ଓ ବିଜୁଳିବେଗରେ ପରିବର୍ତ୍ତିତ ଆବେଗ କିଶୋର ସମୟର ଏକ ପ୍ରତ୍ୟାଶିତ ଛବି । ଗବେଷଣାରୁ ଦେଖାଯାଇଛି ଯେ କିଶୋର କିଶୋରୀମାନେ ସେମାନଙ୍କ ପିତାମାତାଙ୍କ ତୁଳନାରେ ପାଞ୍ଚଥରୁ ବେଶୀ ନିଜକୁ "ଖୁବ୍ ଖୁସୀ" କହିଥାନ୍ତି । ପିତାମାତାଙ୍କ ତୁଳନାରେ ତିନିଥରରୁ ଅଧିକ ନିଜକୁ "ଖୁବ୍ ଦୁଃଖୀ" ବୋଲି ବର୍ଣ୍ଣନା କରନ୍ତି । ଅବଶ୍ୟ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଏପରି ମିଜାଜୀପଣିଆ ଧୀରେ ଧୀରେ କମିଯାଏ ଏବଂ ସେମାନେ ସମନ୍ୱୟ ଶିକ୍ଷା କରିପାରନ୍ତି । ଅଳ୍ପ କେତେକଙ୍କ କ୍ଷେତ୍ରରେ ଉପଯୋଗୀ ପରିବର୍ତ୍ତନ ନ ଘଟି ବ୍ୟବହାରଗତ ଜଟିଳତା ସୃଷ୍ଟିହୁଏ । କିଶୋରମାନଙ୍କ ତୁଳନାରେ କିଶୋରୀମାନେ ଅଧିକ ମାତ୍ରାରେ ବିଷାଦ ଆବେଗର ଶରବ୍ୟ ହୁଅନ୍ତି ।

ପୂର୍ବରୁ ହରମୋନ୍ ଓ ବ୍ୟବହାରର ସମ୍ବନ୍ଧ ଆଲୋଚନା କରାଯିବା ପରିପ୍ରେକ୍ଷୀରେ ହରମୋନ୍ ଓ ଆବେଗର ସମ୍ପର୍କର ସୂଚନା ଦିଆଯାଇଛି । ହର୍‌ମୋନ୍ ବୟଃସନ୍ଧି (Puberty)

Digitized by srujanika@gmail.com

ସମୟରେ ଖୁବ୍ ପ୍ରଭାବଶୀଳ ରହିଥାଏ । ଫଳରେ ଆଦ୍ୟକୈଶୋର ସମୟରେ ଅସ୍ଥିରତା ଓ ମିଜାଜର ଘନ ଘନ ପରିବର୍ତ୍ତନ ସହଜରେ ଅନୁମେୟ । ବୟସ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କିଶୋର କିଶୋରୀମାନେ ହର୍‌ମୋନ୍‌ଜନିତ ପ୍ରଭାବ ସହିତ ଖାପଖୁଆଇବାର କୌଶଳ ଶିକ୍ଷା କରନ୍ତି । ଫଳରେ କୈଶୋରର ଶେଷଭାଗରେ ମାତ୍ରାଧିକ ଅସ୍ୱାଭାବିକତା ପରିଦୃଷ୍ଟ ହୁଏନାହିଁ ।

ପୂର୍ବରୁ କୁହାଯାଇଛି ଯେ ହର୍‌ମୋନ୍ ଏକ ସକ୍ରିୟ ଭୂମିକା ନିର୍ବାହ କରୁଥିଲେ ମଧ ଏହା ସ୍ୱାଧୀନ ଓ ପୃଥକୀକୃତ ଭାବରେ କାର୍ଯ୍ୟ କରି ନଥାଏ । ସାମାଜିକ ପରିବେଶ ଏବଂ ତଜ୍ଜନିତ ଅନୁଭବ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରେ । କେତେକ ବିଶେଷଜ୍ଞଙ୍କ ମତରେ ହର୍‌ମୋନ୍ ତୁଳନାରେ ସାମାଜିକ ଉପାଦାନସବୁ ଚାରିଗୁଣ ଅଧିକ ପ୍ରଭାବ ବିସ୍ତାର କରେ । ସାମାଜିକ ପରିବେଶ ତୀବ୍ର ଆବେଗ ସୃଷ୍ଟିର କାରଣ ହୋଇପାରେ ।

ମାନସିକ ଚାପପୂର୍ଣ୍ଣ ଏକ ବିଶେଷ ଧରଣର ଅନୁଭୂତି ହେଉଛି ଜୁନିଅର ସ୍କୁଲ ଜୀବନ । ପରିବାରର ବହୁ ସୁରକ୍ଷିତ ପରିବେଶ ଛାଡ଼ି କିଶୋର କିଶୋରୀମାନେ ଅପେକ୍ଷାକୃତ ସୁରକ୍ଷାହୀନ ପରିବେଶରେ ବିଦ୍ୟାଶିକ୍ଷା ଲାଭକରନ୍ତି । ନିୟମିତଭାବରେ ସ୍କୁଲକୁ ଯିବା, ସ୍କୁଲପଢ଼ା କରିବା ଏବଂ ଅନ୍ୟମାନଙ୍କର ପ୍ରତିଯୋଗୀ ହେବାର ଚାପ ଏକ କଷ୍ଟକର ପରିବେଶ ନିର୍ମାଣ କରେ । ବିଶେଷତଃ ଆଧୁନିକ ଯୁଗରେ ପ୍ରତିଯୋଗିତାର ତୀବ୍ରତା ଅଧିକ ମାତ୍ରାରେ ମାନସିକ ଚାପ ସୃଷ୍ଟି କରୁଛି ।

ସେହିପରି ବନ୍ଧୁବାନ୍ଧବ ସମ୍ପର୍କ, ଅନ୍ତରଙ୍ଗତାର ସଫଳତା ବିଫଳତା ଏବଂ ଯୌନ ସମ୍ପର୍କ ପରି ସାମାଜିକ ଅନୁଭୂତି ଜଟିଳତା ସୃଷ୍ଟିକରେ । ମୂଳତଃ ହରମୋନ୍‌ଗତ ପରିବର୍ତ୍ତନ ଆଭ୍ୟନ୍ତରୀଣ ଜଗତରେ ଯେଉଁ ବିଚଳନ ସୃଷ୍ଟିକରେ, ବାହ୍ୟଜଗତର ଜଟିଳତା ତାହାର ପ୍ରଭାବସବୁକୁ ବିସ୍ତାରିତ କରେ । ଜୈବିକ ପରିବର୍ତ୍ତନ ଏବଂ ପରିବେଶଗତ ଅନୁଭବର ସମ୍ମିଳିତ ପ୍ରଭାବ କିଶୋରକାଳୀନ ଆବେଗରେ ପ୍ରତିବିମ୍ବିତ ହୁଏ ।

କିଶୋର କିଶୋରୀମାନଙ୍କର ଭାବଗତ ଜଟିଳତା ସତ୍ତ୍ୱେ ସେମାନଙ୍କ ପକ୍ଷେ ଭାବଗତ ଦକ୍ଷତା (Emotional Competence) ହାସଲ କରିବା ଯେ ଅସମ୍ଭବ, ଏହା କୁହାଯାଉ ନାହିଁ । ଏ ବୟସରେ ସେମାନଙ୍କର ଭାବଗତ ସଚେତନତା (Awareness) ରହିଥାଏ । ଉଦାହରଣ ସ୍ୱରୂପ, ଅନେକ ସମୟରେ ବ୍ୟର୍ଥତାରୁ କ୍ରୋଧ ଜନ୍ମିବା କଥା ସେମାନେ ଜାଣିଥାନ୍ତି । ଫଳରେ ସେମାନଙ୍କ ମନରେ କ୍ରୋଧଭାବ ଜାତ ହେଲେ ଏହା ମୂଳରେ ବ୍ୟର୍ଥତା ରହିଥିବାର ଅନୁମାନ କରନ୍ତି । ଅଳ୍ପ ବୟସର ପିଲାମାନେ ଏପରି କ୍ରୋଧର ଉତ୍ପତ୍ତି ସମ୍ପର୍କରେ ଅଜ୍ଞ ରହନ୍ତି । ଏପରି ସଚେତନତା ସମନ୍ୱୟଶୀଳତାର ସହାୟକ ହୁଏ ।

ପୁଣି କିଶୋର କିଶୋରୀମାନେ ନିଜର ଆବେଗକୁ ସକାରାତ୍ମକ ଭାବରେ ପ୍ରକାଶ କରିବାର ଗୁରୁତ୍ୱ ବୁଝନ୍ତି । ଅନ୍ୟ ବ୍ୟକ୍ତିଉପରେ ରାଗ ହେଉଥିଲେ କଠିନ କାୟିକ ପରିଶ୍ରମ (ଯଥା-ବଗିଚାରେ ମାଟିହାଣିବା) କରି ରାଗର ରୂପାନ୍ତରଣ କରାଯାଇପାରେ, ଏପରି ସମ୍ଭାବନା ସହିତ ପରିଚିତ ଥାଆନ୍ତି । ଏପରି ପରିଚିତି ସମନ୍ୱୟ ରକ୍ଷା ଦିଗରେ ସହାୟକ ହୁଏ ।

Digitized by srujanika@gmail.com

ଅବଶ୍ୟ ସବୁ କିଶୋର କିଶୋରୀ ଏପରି ପରିଚାଳନାର କୌଶଳ ଜାଣି ନ ଥାନ୍ତି । ଆବେଗସବୁକୁ ଠିକ୍‌ବାଟରେ ପରିଚାଳନା ନକଲେ ତାହା ବହୁ କୁପରିଣତି ସୃଷ୍ଟିକରେ । ନାନାପ୍ରକାର ବିଶୃଙ୍ଖଳିତ ବ୍ୟବହାର ଉପୁଜିଥାଏ । କିଶୋର କିଶୋରୀମାନେ ମଦ୍ୟପାନ, ନିଶାଦ୍ରବ୍ୟ ସେବନ ଏବଂ ଅନ୍ୟସବୁ ଅପରାଧ ପ୍ରବଣତାର ଶିକାର ହୁଅନ୍ତି ।

ଭାବଗତ ଦକ୍ଷତାର ବିକାଶ ଓ ପ୍ରୟୋଗ ଦିଗରେ ମନୋବିଜ୍ଞାନୀମାନେ କେତେକ ସୁଚିନ୍ତିତ ପରାମର୍ଶ ଦେଇଛନ୍ତି । ନିମ୍ନରେ ଏହି ମାର୍ଗଦର୍ଶନର ସୂଚନା ଦିଆଯାଇଛି ।

ଭାବଗତ ଦକ୍ଷତା	ଉଦାହରଣ
୧. ମନେରଖନ୍ତୁ ଯେ ଆବେଗର ପ୍ରକାଶ ସମ୍ପର୍କରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ	୧. ବନ୍ଧୁ/ବାନ୍ଧବୀଙ୍କ ପ୍ରତି ରୀତିମତ କ୍ରୋଧ ପ୍ରକାଶ କରିବାର ହାବଭାବ ବନ୍ଧୁତା ନଷ୍ଟକରେ ।
୨. ନକାରାତ୍ମକ ଆବେଗର ମାତ୍ରା ଓ ଦୀର୍ଘତା କମାଇବାକୁ ଆତ୍ମନିୟନ୍ତ୍ରଣ କୌଶଳ ଅବଲମ୍ବନ କରନ୍ତୁ ।	୨. ନକାରାତ୍ମକ ଆବେଗପ୍ରବଣ ସ୍ଥଳରୁ ଚାଲିଯାଇ ପାରନ୍ତି କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ମନୋନିବେଶ କରିପାରନ୍ତି ।
୩. ସବୁବେଳେ ଯେ ଆଭ୍ୟନ୍ତରୀଣ ଆବେଗ ନିଶ୍ଚିତ ଭାବରେ ବାହ୍ୟିକ ପରିପ୍ରକାଶ ନେବ, ଏହା ଠିକ୍ କଥା ନୁହେଁ । ଅନ୍ତର୍ନିହିତ ନକାରାତ୍ମକ ଆବେଗର ପରିଚାଳନା ସମ୍ଭବପର ।	୩. ଜଣେ ହୁଏତ ଅନ୍ତରରେ ରାଗିପାରେ ମାତ୍ର ତାହାର ପ୍ରକାଶଭଙ୍ଗୀକୁ ଏପରି ରୂପଦିଆଯାଇପାରେ ଯେ ବ୍ୟକ୍ତି ରାଗିଥିବାର ଜଣାଯିବ ନାହିଁ ।
୪. ନିଜେ କିପରି ଆବେଗ ଅନୁଭବ କରୁଛନ୍ତି, ସେ ବିଷୟରେ ସଚେତନ ହୁଅନ୍ତୁ କିନ୍ତୁ ଆବେଗରେ ଭାସିଯାଆନ୍ତୁ ନାହିଁ ।	୪. ଆବେଗର ଅନୁଭବ ସମୟରେ ଆବେଗ କଥା ବେଶୀ ନ ଭାବି ସମନ୍ୱୟଶୀଳତାର ଚିନ୍ତା କଲେ ବିହ୍ୱଳତା ଆପେ ଆପେ କମିଯିବ ।
୫. ଅନ୍ୟର ଆବେଗ ଚିହ୍ନଟରେ ଏବଂ ସଚେତନ ହୁଅନ୍ତୁ ।	୫. ଜଣେ ବ୍ୟକ୍ତି ଭୟଭୀତ ଅବସ୍ଥାରେ ଅଛି କି ଖୁସୀ ଅଛି, ତାହା ଜାଣନ୍ତୁ ।

Digitized by srujanika@gmail.com

ବ୍ୟକ୍ତିତ୍ୱ ଓ ମିଜାଜ : କେତେ ସ୍ଥାୟୀ, କେତେ ପରିବର୍ତ୍ତନଶୀଳ

ପରିବେଶ ସହିତ ସମନ୍ୱୟ ରକ୍ଷା କରିବାର ଶୈଳୀକୁ ମୋଟାମୋଟି ଭାବରେ ବ୍ୟକ୍ତିତ୍ୱ କୁହାଯାଇପାରେ । ଅଙ୍ଗୁଳିର ଛାପ ପରି ପ୍ରତି ବ୍ୟକ୍ତିର ବ୍ୟକ୍ତିତ୍ୱ ଅନ୍ୟଠାରୁ ଭିନ୍ନ ଓ ସ୍ୱତନ୍ତ୍ର । ତଥାପି କେତେକ ସାମଞ୍ଜସ୍ୟକୁ ଆଧାର କରି ବ୍ୟକ୍ତିତ୍ୱ-ସୂଚକ ଗୁଣର (Traits) ଶବ୍ଦାବଳୀ ପ୍ରୟୋଗ କରାଯାଏ । ଉଦାହରଣ ସ୍ୱରୂପ, ବହିର୍ମୁଖୀ (Extrovert) ବ୍ୟକ୍ତିତ୍ୱ କହିଲେ ମୁଖ୍ୟତଃ ସମାଜ ବା ଲୋକମୁଖୀ ବ୍ୟକ୍ତିତ୍ୱ ବୁଝାଯାଏ । ଏପରି ବ୍ୟକ୍ତିମାନେ ସଙ୍ଗପ୍ରିୟ, ଲୋକସମାବେଶ ଭଲ ପାଆନ୍ତି ଏବଂ ହସଖୁସିରେ ଅନ୍ୟମାନଙ୍କ ସହ ଆଳାପ କରନ୍ତି । ସେହିପରି ଅନ୍ତର୍ମୁଖୀ (Introvert) ବ୍ୟକ୍ତିତ୍ୱ କହିଲେ ଭାବନାପ୍ରିୟ ବ୍ୟକ୍ତିତ୍ୱକୁ ବୁଝାଏ । ଏପରି ବ୍ୟକ୍ତିମାନେ ଏକାକୀ ସମୟ କାଟିବାକୁ ଭଲ ପାଆନ୍ତି, ଚିନ୍ତନକ୍ରିୟା ଉପଭୋଗ କରନ୍ତି ଏବଂ ବିଚାର ବିଶ୍ଳେଷଣରେ ଆନନ୍ଦ ପାଆନ୍ତି । କେଉଁଟି ଭଲ ଓ କେଉଁଟି ମନ୍ଦ, ତାହା ଏଠାରେ କୁହାଯାଉ ନାହିଁ । ମାତ୍ର ଏହି ବ୍ୟକ୍ତିତ୍ୱ ସୂଚକ ପରିଭାଷା ମାଧ୍ୟମରେ ଅନେକଗୁଡ଼ିଏ ସମ୍ଭାବିତ ବ୍ୟବହାରର ପୂର୍ବାନୁମାନ କରାଯାଇପାରେ, ତାହା ବେଶ୍ ସ୍ପଷ୍ଟ ।

କିଶୋର କିଶୋରୀମାନଙ୍କ ପରିପ୍ରେକ୍ଷୀରେ ପ୍ରଶ୍ନ ହେଉଛି – ପିଲା ଓ ବୟସ୍କମାନଙ୍କ ତୁଳନାରେ କିଶୋର କିଶୋରୀମାନେ ସ୍ୱତନ୍ତ୍ର ଧରଣର ବ୍ୟକ୍ତିତ୍ୱ ପ୍ରଦର୍ଶନ କରନ୍ତି କି ? ଅଧିକାଂଶ ନିର୍ଦ୍ଦିଷ୍ଟ ଗୁଣାବଳୀର ଚିହ୍ନଟ ପ୍ରାୟତଃ ଅସମ୍ଭବ । ତେବେ ମନୋବିଜ୍ଞାନର ଅଧ୍ୟୟନ କ୍ଷେତ୍ରରେ ପ୍ରୟୋଗ କରାଯାଉଥିବା ଅନେକଗୁଡ଼ିଏ ମାପକ ମଧ୍ୟରୁ ବୃହତ୍ ପଞ୍ଚଉପାଦାନ ବ୍ୟକ୍ତିତ୍ୱ ମାପକର ବ୍ୟବହାର କରାଯାଇ ଅଳ୍ପ କେତୋଟି ସିଦ୍ଧାନ୍ତ ଆଚରଣ କରାଯାଇଛି ।

ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଛନ୍ତି ଯେ ମନୁଷ୍ୟର ବ୍ୟକ୍ତିତ୍ୱକୁ ବିଭିନ୍ନ ଗୁଣାବଳୀ ମାଧ୍ୟମରେ ପ୍ରକାଶ କରାଯାଇପାରିଲେ ମଧ୍ୟ ନିମ୍ନପ୍ରଦତ୍ତ ପାଞ୍ଚୋଟି ଦିଗ ବୃହତ୍ ଉପାଦାନର (Five Big Factors of Personality) ଭୂମିକା ନିର୍ବାହ କରିଥାଏ ।

ଉନ୍ମୁକ୍ତତା	*ବିବେକିତା*	*ସମାଜମୁଖୀତା*
• କଳ୍ପନାପ୍ରବଣ କି ପ୍ରୟୋଗବାଦୀ • ବିବିଧତାରେ ଆଗ୍ରହୀ କି ଗତାନୁଗତିକତାରେ ଆଗ୍ରହୀ • ସ୍ୱାଧୀନଚେତା କି ସମାଜଅନୁମୋଦନମୁଖୀ	• ଶୃଙ୍ଖଳିତ କି ବିଶୃଙ୍ଖଳିତ • ସାବଧାନ କି ସାବଧାନତାହୀନ • ନିୟନ୍ତ୍ରିତ କି ଆବେଗଧର୍ମୀ	• ସାମାଜିକ କି ଉତ୍ସାହହୀନ • ଖୁସବାସିଆ କି ଗମ୍ଭୀର • ସ୍ନେହକାଙ୍ଗାଳ କି ଚୁପ୍‌ଚାପ୍

Digitized by srujanika@gmail.com

ସହମତମୁଖୀ	ଭାବଗତ ସ୍ଥିରତା
• କୋମଳମନା କି କଠୋର • ବିଶ୍ୱାସପ୍ରିୟ କି ସନ୍ଦେହୀ • ସହଯୋଗଭାବାପନ୍ନ କି ଉଦାସୀନ	• ଶାନ୍ତ କି ଅଶାନ୍ତ • ସୁରକ୍ଷାଭାବପୂର୍ଣ୍ଣ କି ଅସୁରକ୍ଷିତ ଭାବନାଗ୍ରସ୍ତ • ଆତ୍ମସନ୍ତୁଷ୍ଟ କି ଆତ୍ମନିନ୍ଦୁକ

ଉପର ବର୍ଣ୍ଣିତ ପାଞ୍ଚୋଟି ବ୍ୟକ୍ତିତ୍ୱସୂଚକ ଗୁଣାବଳୀ ପରିପ୍ରେକ୍ଷୀରେ କିଶୋର କିଶୋରୀମାନଙ୍କର ସ୍ୱତନ୍ତ୍ର ଓ ପୃଥକ ଗୁଣାବଳୀର ପ୍ରମାଣ ମିଳିନାହିଁ । ତେବେ ଉନ୍ମୁକ୍ତତା (Openness), ବିବେକିତା (Conscientiousness) ଏବଂ ଭାବଗତ ସ୍ଥିରତା (Emotional Stability) ଦର୍ଶାଉଥିବା କିଶୋର କିଶୋରୀମାନେ ସ୍କୁଲରେ ଏବଂ ସ୍କୁଲ କାର୍ଯ୍ୟରେ ଅପେକ୍ଷାକୃତ କମ୍ ଅନୁପସ୍ଥିତି ଓ ଅନିୟମିତତା ଦର୍ଶାଇବାର ପ୍ରମାଣ ମିଳିଛି ।

ଅନେକ ଭାବନ୍ତି ଯେ କିଶୋର କିଶୋରୀମାନେ ଯେଉଁ ବ୍ୟକ୍ତିତ୍ୱର ଅଧିକାରୀ ହେଉଥାଆନ୍ତି, ତାହା ଖୁବ୍ ପରିବର୍ତ୍ତନଶୀଳ । ଏ ପର୍ଯ୍ୟାୟରେ ନୂତନ ପରିଚିତି ଗଠନର ପ୍ରୟାସ ଚାଲୁରହିଥିବାରୁ ଦ୍ରୁତ ପରିବର୍ତ୍ତନଶୀଳତା ପରିଦୃଷ୍ଟ ହୁଏ । ତେବେ ଜୀବନର ଅନ୍ୟସବୁ ପର୍ଯ୍ୟାୟରେ (ଯଥା – ଶୈଶବ ଓ ବାଲ୍ୟ ସମୟରେ) ମଧ୍ୟ ପରିବର୍ତ୍ତଶୀଳତା ରହିଥାଏ । ପଚାଶବର୍ଷ ବୟସବେଳକୁ ଉଲ୍ଲେଖଯୋଗ୍ୟ ସ୍ଥିରତା ପରିଦୃଷ୍ଟ ହୁଏ ।

କେତେକ ବିଶେଷଜ୍ଞମାନଙ୍କ ମତରେ କେତେକ ଗୁଣାବଳୀ ଅନ୍ୟସବୁ ଗୁଣ ତୁଳନାରେ ଅପେକ୍ଷାକୃତ ଅଧିକ ସ୍ଥିର । କିଶୋର କିଶୋରୀମାନଙ୍କର ବାଲ୍ୟକାଳରେ ଗଠିତ ହୋଇଥିବା ଆକ୍ରମଣାତ୍ମକ ମନୋଭାବ (Aggression), ଆଧିପତ୍ୟ ମନୋଭାବ (Dominance), ନିର୍ଭରଶୀଳତା, ସାମାଜିକତା ଏବଂ ଲଜ୍ଜାଶୀଳତା ଅପେକ୍ଷାକୃତ ଅପରିବର୍ତ୍ତିତ ରହେ । ଅନ୍ୟ କେତେକ ପରିବର୍ତ୍ତନ କିଶୋର କିଶୋରୀମାନଙ୍କର ଅଧିକ ପରିପକ୍ୱତା ଦିଗରେ ସହାୟକ ହୁଏ । ଅବଶ୍ୟ ପରିବର୍ତ୍ତନ ଓ ସ୍ଥିରତାର ମାତ୍ରା ପରିବେଶ ଓ ପରିସ୍ଥିତି ଦ୍ୱାରା ବହୁଭାବରେ ନିୟନ୍ତ୍ରିତ ହେଉଥାଏ ।

ବ୍ୟକ୍ତିତ୍ୱ ବ୍ୟତୀତ ମିଜାଜ (Temperament) ସମ୍ପର୍କରେ ଅଧିକ ଗବେଷଣା କରାଯାଇଛି । ମିଜାଜ ଭାବଗତ ପ୍ରତିକ୍ରିୟା ଓ ବ୍ୟବହାରିକ ଶୈଳୀର ପ୍ରତିଫଳନ । ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ମନୋବିଜ୍ଞାନୀମାନେ ସେମାନଙ୍କୁ ତିନୋଟି ମିଜାଜ ଶ୍ରେଣୀରେ ବିଭକ୍ତ କରିଥାନ୍ତି ।

ସହଜ ପିଲା — ଏମାନେ ସକାରାତ୍ମକ ମନୋଭାବ ଦର୍ଶାନ୍ତି । ପ୍ରାୟତଃ ହସହସ ମୁଖ, ନିତିଦିନିଆ ଜୀବନର ଶୃଙ୍ଖଳାକୁ ସହଜରେ ଆଦରି ନିଅନ୍ତି । ନୂତନ ପରିସ୍ଥିତି ସହିତ ସହଜରେ ଖାପଖୁଆଇ ନିଅନ୍ତି ।

Digitized by srujanika@gmail.com

କଠିନ ପିଲା	ଏମାନେ ନକାରାତ୍ମକ ମନୋଭାବ ଦେଖାନ୍ତି । ନୂଆ ଅବସ୍ଥା ସହିତ ସହଜରେ ଖାପଖୁଆଇ ପାରନ୍ତି ନାହିଁ ।
ଧୀରଗତିର ପିଲା	ଏମାନଙ୍କର ସକ୍ରିୟତାର ସ୍ତର ନିମ୍ନରେ ରହିଥାଏ । କିଛି ମାତ୍ରାର ନକାରାତ୍ମକ ମନୋଭାବ ଦର୍ଶାନ୍ତି ।

ବର୍ତ୍ତମାନ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି – ପିଲାଦିନର ମିଜାଜ କୈଶୋର ସମୟପାଇଁ କିପରି ସମ୍ଭାବନା ସୃଷ୍ଟି କରିଥାଏ । ଏହି ତିନୋଟି ଶୈଳୀର ମିଜାଜର ଅଧିକାରୀ ହୋଇଥିବା ପିଲାମାନଙ୍କର ବିକାଶ ଲକ୍ଷ୍ୟ କରି କେତେକାଂଶରେ ପୂର୍ବାନୁମାନ କରାଯାଇପାରିଛି । ଜନ୍ମର ଏକବର୍ଷ ବୟସରେ "ସହଜ ଶୈଳୀ" ଦର୍ଶାଉଥିବା ପିଲାମାନେ ପ୍ରାୟ ୧୭ବର୍ଷ ବୟସବେଳକୁ ଉପଯୋଗୀ ଅଭିବୃଦ୍ଧି ଦେଖାଉଥିବାର ପ୍ରମାଣ ମିଳିଛି । ବିଶେଷତଃ ଏପରି କିଶୋର କିଶୋରୀମାନେ ବୌଦ୍ଧିକ ଓ ବ୍ୟବହାରିକ କ୍ଷେତ୍ରରେ ପ୍ରଶଂସନୀୟ ବିକାଶ ଦର୍ଶାଇଥାଆନ୍ତି । ଅନ୍ୟ ପକ୍ଷରେ ବାଲ୍ୟକାଳରେ "କଠିନ ପିଲା"ର ପର୍ଯ୍ୟାୟଭୁକ୍ତ ହୋଇଥିବା କିଶୋର କିଶୋରୀମାନଙ୍କ ଜୀବନରେ ମାତ୍ରାଧିକ ଦ୍ୱନ୍ଦ୍ୱର ପ୍ରମାଣ ମିଳିଥାଏ । ଏମାନେ ନିଜର ଦ୍ୱନ୍ଦ୍ୱାକୁଳ ବ୍ୟବହାରକୁ ବାହ୍ୟରୂପ ଦେବାର ଚେଷ୍ଟା କରିବା ସମୟରେ ଏପରି ବ୍ୟବହାରସବୁ ସମସ୍ୟାଜଡ଼ିତ ହୋଇପଡ଼େ । ଆଚରଣଗତ ସମସ୍ୟା ଏବଂ ଆଡ଼ପାଗଳାମି ପରିଦୃଷ୍ଟ ହୁଏ ।

ଆଧୁନିକ ଗବେଷଣାରେ ଦେଖାଯାଉଛି ଯେ ଅନ୍ୟ ତିନୋଟି ଉପାଦାନ ମଧ୍ୟ ମିଜାଜ ପରିପ୍ରେକ୍ଷୀରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେଗୁଡ଼ିକ ହେଉଛି ସକାରାତ୍ମକ ଆବେଗପ୍ରବଣତା, ନକାରାତ୍ମକ ଆବେଗ ପ୍ରବଣତା ଏବଂ ଆତ୍ମନିୟନ୍ତ୍ରଣ କୌଶଳ । ବହିର୍ମୁଖୀ ବ୍ୟକ୍ତିତ୍ୱ ପରି ସମାଜମୁଖୀତା, ହସଖୁସିଆ ମନୋଭାବ ଏବଂ ସମ୍ପର୍କଶୀଳତା ପରି ସକାରାତ୍ମକ ଆବେଗ ପ୍ରବଣତା ଦର୍ଶାଉଥିବା ପିଲା ଓ କିଶୋର କିଶୋରୀ ଉନ୍ନତ ସମନ୍ୱୟଶୀଳତା ପ୍ରଦର୍ଶନ କରନ୍ତି । ଅନ୍ୟ ପକ୍ଷରେ ନକାରାତ୍ମକ ଆବେଗପ୍ରବଣତା ଦର୍ଶାଉଥିବା ପିଲା ଓ କିଶୋର କିଶୋରୀ ଅଳ୍ପ ପ୍ରତିବନ୍ଧକ ମଧ୍ୟରେ ବିଷାଦଗ୍ରସ୍ତ ହୋଇପଡ଼ନ୍ତି । ଏମାନେ ଅଧିକ କାନ୍ଦନ୍ତି ଏବଂ ସମନ୍ୱୟହୀନତା ଦେଖାନ୍ତି । ଆତ୍ମନିୟନ୍ତ୍ରଣତାର କୌଶଳ ହାସଲ କରିଥିବା ପିଲାମାନେ ଓ କିଶୋର କିଶୋରୀମାନେ ସେମାନଙ୍କର ଆବେଗକୁ ଏକ ସୀମା ମଧ୍ୟରେ ରଖନ୍ତି । ଆବେଗ ପରିପ୍ରେକ୍ଷୀରେ ଅତି ଉପରକୁ ଉଠିବା କିମ୍ବା ଅଧିକ ତଳକୁ ଖସିବାର ପ୍ରାୟତଃ ଦେଖାଯାଏ ନାହିଁ ।

ଅବଶ୍ୟ ପରିବେଶ ମୋଟାମୋଟି ଭାବରେ ସାଧାରଣ ରହିଛି, ଏହା କଳ୍ପନା କରାଯାଇ ଏପରିସବୁ ସିଦ୍ଧାନ୍ତର ଅବତାରଣା କରାଯାଇଛି । ମାତ୍ରାଧିକ ପ୍ରତିବନ୍ଧକପୂର୍ଣ୍ଣ ପରିବେଶରେ ଆଲୋଚିତ ପୂର୍ବାନୁମାନଗୁଡ଼ିକ କାର୍ଯ୍ୟକାରୀ ନ ହେବାର ଆଶଂକାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । ତେବେ ସ୍ୱାଭାବିକ ପରିବେଶରେ ବାଲ୍ୟକାଳୀନ ବ୍ୟକ୍ତିତ୍ୱ ଓ ମିଜାଜ ଏବଂ ପରବର୍ତ୍ତୀ କିଶୋରକାଳୀନ ବ୍ୟକ୍ତିତ୍ୱ ଓ ମିଜାଜ ମଧ୍ୟରେ ପରିଦୃଷ୍ଟ ମଧ୍ୟମମାତ୍ରାର କ୍ରମଗତି ଓ ସଂଗତିକୁ ସ୍ୱୀକାର କରିବାକୁ ହେବ ।

Digitized by srujanika@gmail.com

ସାରମର୍ମ

୧. କିଶୋରକାଳୀନ ବ୍ୟକ୍ତିତ୍ୱକୁ ନିର୍ଦ୍ଦିଷ୍ଟଭାବେ ସ୍ପଷ୍ଟ କରୁଥିବା ସ୍ୱତନ୍ତ୍ର ଗୁଣାବଳୀର ଚିହ୍ନଟ ଓ ତାଲିକା କଷ୍ଟକର । ତେବେ ଆତ୍ମପରିଚିତିର ଅନ୍ୱେଷଣ ଏ ସମୟରେ ସ୍ୱତନ୍ତ୍ର ଧରଣର ବୈଶିଷ୍ଟ୍ୟ ବୋଲି କୁହାଯାଇପାରେ ।

୨. ଜୀବନର ଅନ୍ୟସବୁ ସୋପାନ ପରି କୈଶୋର ସମୟରେ ମଧ୍ୟ ବ୍ୟକ୍ତିତ୍ୱର ପରିବର୍ତ୍ତନ ସଂଘଟିତ ହୁଏ । ପ୍ରାୟ ୫୦ବର୍ଷ ବୟସ ବେଳକୁ ଅପେକ୍ଷାକୃତ ସ୍ଥିରତା ସମ୍ଭବ ହୁଏ ।

୩. ପିଲାମାନଙ୍କର ଭାବଗତ ପ୍ରତିକ୍ରିୟା (Emotional Response) ଓ ବ୍ୟବହାର ଭଙ୍ଗୀ ଲକ୍ଷ୍ୟ କରି ତିନୋଟି ମିଜାଜ ଶୈଳୀର (ସହଜ ପିଲା, କଠିନ ପିଲା ଓ ଧୀରଗତିର ପିଲା) ଅବତାରଣା କରାଯାଇଛି । ମୋଟାମୋଟି ଭାବରେ ଏପରି ଶୈଳୀ ମଧ୍ୟ କିଶୋରକାଳରେ ଅବ୍ୟାହତ ରହେ । ସହଜ ଶୈଳୀର ସମନ୍ୱୟଶୀଳତା ଉପଯୋଗୀ ହେବା ସ୍ଥଳେ କଠିନ ଶୈଳୀର ସମନ୍ୱୟଶୀଳତା ବାଧାପ୍ରାପ୍ତ ହୁଏ ।

୪. ପିଲାମାନଙ୍କର ସକାରାତ୍ମକ ଆବେଗପ୍ରବଣତା ନକାରାତ୍ମକ ଆବେଗପ୍ରବଣତା ଏବଂ ଆତ୍ମନିୟନ୍ତ୍ରଣ କୌଶଳ କିଶୋର ଜୀବନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କହିବା ଅନାବଶ୍ୟକ ଯେ ସକାରାତ୍ମକ ଆବେଗପ୍ରବଣତା କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହେବା ସ୍ଥଳେ ନକାରାତ୍ମକ ଆବେଗପ୍ରବଣତା କ୍ଷେତ୍ରରେ ଏହା ବାଧାପ୍ରାପ୍ତ ହୁଏ ।

୫. ଭାବଗତ ପରିପ୍ରକାଶ ଓ ନିୟନ୍ତ୍ରଣ କ୍ଷେତ୍ରରେ ବାଲ୍ୟକାଳୀନ ଓ କିଶୋରକାଳୀନ ଅଭିବ୍ୟକ୍ତି ମଧ୍ୟରେ ସମ୍ବନ୍ଧ ରହୁଥିବାରୁ ବାଲ୍ୟକାଳୀନ ପରିବେଶ ଓ ସାମାଜୀକରଣ (Socialization) ମାଧ୍ୟମରେ ଅନୁକୂଳ ଅବସ୍ଥା ମୂଳରୁ ସୃଷ୍ଟିକରିବାର ଉଦ୍ୟମ ଆବଶ୍ୟକ ।

❑

Digitized by srujanika@gmail.com

କିଶୋର କିଶୋରୀ ପାର୍ଥକ୍ୟ : କେତେ ଶାରୀରିକ, କେତେ ସାମାଜିକ

ବାଳକ ବାଳିକା କିମ୍ବା କିଶୋର କିଶୋରୀମାନଙ୍କ ମଧ୍ୟରେ ଶରୀର ଗଠନ ବ୍ୟବହାର ଓ ମନୋବୃତ୍ତିରେ ପାର୍ଥକ୍ୟ ସବୁ ସ୍ଥଳ ହୋଇଥିବାରୁ ତାହା ଆଖିରେ ପଡ଼ିବା ଖୁବ୍ ସ୍ୱାଭାବିକ । ଅତୀତ ତୁଳନାରେ ପାର୍ଥକ୍ୟର ମାତ୍ରା ଆଧୁନିକ ଯୁଗରେ ବେଶ୍ ପରିମାଣରେ ହ୍ରାସ ପାଇଛି ସତ, ତଥାପି ସବୁ ପାର୍ଥକ୍ୟ ତିରୋହିତ ହୋଇନାହିଁ । ପାର୍ଥକ୍ୟସବୁର କାରଣ ଓ ପରିଣତି ଆଲୋଚନା କରିବା ପୂର୍ବରୁ ଦୁଇଟି ଦିଗକୁ ପୃଥକ କରିବାକୁ ହେବ । ପ୍ରଥମ ଦିଗଟି ହେଉଛି ଶାରୀରିକ । ଶରୀର ଗଠନ ଦୃଷ୍ଟିକୋଣରୁ ଜଣେ କିଶୋର ବା କିଶୋରୀ ଏପରି ସଚେତନତାରୁ କିଛି ପରିମାଣରେ ଲିଙ୍ଗଭିତ୍ତିକ ପାର୍ଥକ୍ୟ (Sex Difference) ସୃଷ୍ଟି ହୁଏ । ପୁଣି ମନସ୍ତାତ୍ତ୍ୱିକ ଓ ସାମାଜିକ ଉପାଦାନକୁ ଭିତ୍ତି କରି କିଛି ପରିମାଣରେ ଲିଙ୍ଗଭିତ୍ତିକ ପାର୍ଥକ୍ୟ (Gender Difference) ଉପୁଜିଥାଏ ।

ଲିଙ୍ଗଭିତ୍ତିକ ପାର୍ଥକ୍ୟ କ୍ଷେତ୍ରରେ ଯେଉଁ କାରଣଟି ସ୍ଥୂଳରୂପ ନେଇ ଲୋକମନରେ ପ୍ରବେଶ କରେ, ତା ହେଉଛି ଦୈହିକ ଗଠନର ଭିନ୍ନତା । ଅତୀତରେ ଫ୍ରଏଡ୍ ଏବଂ ଏରିକ୍ସନ୍‌ଙ୍କ ପରି ମନୋବିଜ୍ଞାନୀମାନେ ଶରୀରର ଗଠନକୁ ଭାଗ୍ୟ ନିର୍ଦ୍ଧାରକ ଭୂମିକା ଦେଇଥିଲେ । ଫ୍ରଏଡ୍ ବିଶ୍ୱାସ କରୁଥିଲେ ବ୍ୟବହାର ବହୁମାତ୍ରାରେ ପ୍ରଜନନ ପ୍ରକ୍ରିୟା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ବାଳକ ବା କିଶୋରର ଜନନେନ୍ଦ୍ରିୟ ତାକୁ ଏକପ୍ରକାର ବ୍ୟକ୍ତିତ୍ୱର ଅଧିକାରୀ କରିବା ସ୍ଥଳେ ବାଳିକା ବା କିଶୋରୀର ଯୌନେନ୍ଦ୍ରିୟ ତାକୁ ଭିନ୍ନ ବ୍ୟକ୍ତିତ୍ୱର ଅଧିକାରୀ କରେ । ଏରିକ୍ସନ୍ ମଧ୍ୟ ଅନୁରୂପ ମତପୋଷଣ କରିଥିଲେ । କିଶୋରମାନଙ୍କର ଯୌନେନ୍ଦ୍ରିୟର ସେମାନଙ୍କୁ ବହିର୍ମୁଖୀ ଓ ଅଗ୍ରଧର୍ଷୀ କରିବା ସ୍ଥଳେ କିଶୋରୀମାନଙ୍କର ଜନନେନ୍ଦ୍ରିୟ ସେମାନଙ୍କୁ ଅନ୍ତର୍ମୁଖୀ ଓ ଅପେକ୍ଷାକୃତ ନିଷ୍କ୍ରିୟ କରିଥାଏ । ଅବଶ୍ୟ ଏରିକ୍ସନ୍ ସୂଚାଇଛନ୍ତି ଯେ ଆଧୁନିକ ଜଗତରେ କିଶୋରୀମାନେ କ୍ରମଶଃ ଅତୀତର ଏହି ବନ୍ଧନ ମଧ୍ୟରୁ ଧୀରେ ଧୀରେ ମୁକୁଳିବାରେ ଲାଗିଛନ୍ତି ।

ଫ୍ରଏଡ୍ ଓ ଏରିକ୍ସନୀୟ ଚିନ୍ତାଧାରା କେତେକ ଦୃଷ୍ଟିରୁ ଅତିଶୟତାର ଦୋଷରେ ସମାଲୋଚିତ ହୋଇଥାଏ । ଚିକିତ୍ସାବିଜ୍ଞାନୀ ଓ ଜୀବବିଜ୍ଞାନୀମାନେ କିଶୋରକାଳୀନ ପାର୍ଥକ୍ୟକୁ ହରମୋନ୍‌ଜନିତ ପାର୍ଥକ୍ୟଭିତ୍ତିରେ ବୁଝାଇବାର ଉଦ୍ୟମ କରିଛନ୍ତି । ଆଦ୍ୟ କୈଶୋରରେ

Digitized by srujanika@gmail.com

କିଶୋରମାନଙ୍କ କ୍ଷେତ୍ରରେ ଅପେକ୍ଷାକୃତ ଆଣ୍ଡ୍ରୋଜେନ୍ (ପୁରୁଷ) ହରମୋନ୍ କ୍ଷରଣ ଏବଂ କିଶୋରୀମାନଙ୍କ କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ପରିମାଣର ଏଷ୍ଟ୍ରୋଜେନ୍ (ନାରୀ) ହର୍‌ମୋନ୍‌ର କ୍ଷରଣ ପାର୍ଥକ୍ୟ ସୃଷ୍ଟିର କାରଣ ହୋଇଥାଏ । ଏହାର ପରିଣତି ସ୍ୱରୂପ କିଶୋରମାନେ ଅପେକ୍ଷାକୃତ ଜୋରଜବରଦସ୍ତ ଭାବାପନ୍ନ ହେବା ସ୍ଥଳେ କିଶୋରୀମାନେ ସ୍ୱାଭିମାନୀ, କୋମଳମନା ଏବଂ ସୌନ୍ଦର୍ଯ୍ୟମୟୀ ହୋଇଥାଆନ୍ତି । କୌତୂହଳର ବିଷୟ ଯେ ହରମୋନ୍ ଦ୍ୱାରା କିଶୋରୀମାନେ ଅପେକ୍ଷାକୃତ ଅଧିକ ପ୍ରଭାବିତ ହେବାର ଲକ୍ଷ୍ୟ କରାଯାଇଛି । ଉଚ୍ଚ ମାତ୍ରାର ଆଣ୍ଡ୍ରୋଜେନ୍ (Androgen) କିଶୋର ବ୍ୟବହାରକୁ ଅଧିକ ପ୍ରଭାବିତ କରିବା ସ୍ଥଳେ ଏ ବୟସରେ ବାନ୍ଧବୀମାନଙ୍କର ପ୍ରଭାବ କିଶୋରୀମାନଙ୍କ କ୍ଷେତ୍ରରେ ଅଧିକ ସକ୍ରିୟ ରହେ ।

ଆଧୁନିକ କାଳରେ ଆଉ ଗୋଟିଏ ଦୃଷ୍ଟିଭଙ୍ଗୀ କିଶୋର କିଶୋରୀ ପାର୍ଥକ୍ୟ ସମ୍ପର୍କରେ ଆଲୋକପାତ କରିଛି । ତାହା ହେଉଛି ବିବର୍ତ୍ତନବାଦୀ (Evolutionary) ଚିନ୍ତାଧାରା । ଏପରି ଚିନ୍ତାଧାରାରେ ବିଶ୍ୱାସ କରୁଥିବା ବିଶେଷଜ୍ଞମାନେ ଅନେକଗୁଡ଼ିଏ ପ୍ରଭେଦ ବିବର୍ତ୍ତନ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରୁଛନ୍ତି । ସେମାନଙ୍କ ଯୁକ୍ତିରେ ଯେଉଁ ଗୁଣଟି ଯେଉଁ ଗୋଷ୍ଠୀ ପାଇଁ ବିବର୍ତ୍ତନ ଦୃଷ୍ଟିକୋଣରୁ ସହାୟକ, ସେହି ଗୁଣଟି ସେ ଗୋଷ୍ଠୀରେ ବିକଶିତ ହେବ । ବଂଶବିସ୍ତାର, ଯୋଗ୍ୟତମର ଉଦ୍‌ବର୍ତ୍ତନ ଓ ପ୍ରଜନନ ବିବର୍ତ୍ତନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଜିନ୍‌ସବୁକୁ ଅଧିକରୁ ଅଧିକ ବିସ୍ତାର କରିବାକୁ ପୁରୁଷମାନଙ୍କ ପକ୍ଷେ ସ୍ୱଳ୍ପମିଆଦୀ ସମ୍ପର୍କ ଅଧିକ ଉପଯୋଗୀ । ଅନ୍ୟ ପକ୍ଷରେ ନାରୀମାନଙ୍କ ପକ୍ଷରେ ଗର୍ଭଧାରଣ, ଗର୍ଭସ୍ଥଶିଶୁର ବିକାଶ ପାଇଁ ଯତ୍ନଶୀଳତା ଏବଂ ଶିଶୁର ରକ୍ଷଣାବେକ୍ଷଣ ପାଇଁ ଦୀର୍ଘମିଆଦୀ ଯୋଜନା ଓ ମନନଶୀଳତା ପ୍ରୟୋଜନ । ଏଥିପାଇଁ ସେମାନଙ୍କୁ ବଳିଷ୍ଠ ଓ ସମ୍ବଳଯୁକ୍ତ ପୁରୁଷ ଉପରେ ନିର୍ଭର କରିବାକୁ ହେବ । ଏ ଦୃଷ୍ଟିରୁ ନାରୀମାନେ ସମ୍ବେଦନଶୀଳ ହେବା ସଙ୍ଗେ ସଙ୍ଗେ ଦୀର୍ଘମିଆଦୀ ସମ୍ପର୍କର ଅନ୍ୱେଷଣ କରନ୍ତି । ବିବର୍ତ୍ତନର ଏହି ଯୁକ୍ତିକୁ ଆଶ୍ରୟ କରି ବିଶେଷଜ୍ଞମାନେ କିଶୋର ସମ୍ପ୍ରଦାୟ ପ୍ରତିଯୋଗୀ ଭାବାପନ୍ନ ଓ ସମ୍ବଳଅନ୍ୱେଷୀ ହେବାର ସ୍ୱାଭାବିକତା ଦର୍ଶାନ୍ତି । ସେହିପରି କିଶୋରୀମାନେ ଅଭିମାନୀ, ଦାୟିତ୍ୱସମ୍ପନ୍ନ ଓ ଆଜ୍ଞାଧୀନ ହେବାର ସ୍ୱାଭାବିକତା ପ୍ରମାଣ କରନ୍ତି ।

ଆଲୋଚିତ କାରଣସବୁ ପାର୍ଥକ୍ୟ ସୃଷ୍ଟି ସହିତ ସମ୍ବନ୍ଧିତ ହେଲେ ମଧ୍ୟ ଏ ପରିପ୍ରେକ୍ଷୀରେ ସାମାଜିକ ସାଂସ୍କୃତିକ ଉପାଦାନ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ବିଶ୍ୱର ପ୍ରାୟ ପ୍ରତି ସମାଜରେ ଅଳ୍ପ ବହୁତେ ବାଳିକା ଓ ନାରୀମାନଙ୍କର ସାମାଜିକ ଭୂମିକା ଭିନ୍ନ ଧରଣର । ବାଳକ ଓ ପୁରୁଷମାନେ ଅଧିକ ଶକ୍ତିଶାଳୀ ଭୂମିକା ନିର୍ବାହ କରନ୍ତି । ନାରୀମାନେ ଅପେକ୍ଷାକୃତ କମ୍ ସମୟ ପାଇଁ ପାରିଶ୍ରମିକଯୁକ୍ତ ନିଯୁକ୍ତିସବୁର ସୁଯୋଗ ପାଆନ୍ତି । ଅପେକ୍ଷାକୃତ କମ୍ ପରିମାଣର ବେତନ ପାଆନ୍ତି । ପୁଣି ଉଚ୍ଚତର ପଦପଦବୀଯୁକ୍ତ ଚାକିରିର ସୁଯୋଗ ପାଇନଥାନ୍ତି । ମୋଟ ଉପରେ ପଦପଦବୀ ଓ ଶକ୍ତିପ୍ରୟୋଗ ଦୃଷ୍ଟିରୁ ନାରୀମାନେ ପଛୁଆ । ଏପରି ସାମାଜିକ ପରିପ୍ରେକ୍ଷୀରେ ସାମାଜୀକରଣ (Socialization) ପ୍ରକ୍ରିୟା ମଧ୍ୟ ଭିନ୍ନ ହୁଏ ।

Digitized by srujanika@gmail.com

ପିତାମାତା ବାଳିକା ଓ କନ୍ୟା ସନ୍ତାନ ପାଇଁ ଦାୟିତ୍ୱଶୀଳତା, ସେବାକାର୍ଯ୍ୟ ଓ ଆଜ୍ଞାଧୀନତାର ଗୁରୁତ୍ୱ ଦେବା ସ୍ଥଳେ ପୁତ୍ର ସନ୍ତାନ ପାଇଁ ସ୍ୱାଧୀନତା, ଆତ୍ମନିର୍ଭରଶୀଳତା ଓ ଲକ୍ଷ୍ୟସାଧନର ପ୍ରାଧାନ୍ୟ ସୂଚାଇଥାଆନ୍ତି । କନ୍ୟାକୁ ରୋଗୀର ସେବା, ବିଛଣା ପରିଷ୍କାର ଓ ଘରକାମ କରିବାକୁ ଉତ୍ସାହ ଦିଆଯିବା ସ୍ଥଳେ ପୁତ୍ର ସନ୍ତାନକୁ ବଜାର କରିବା ଏବଂ ବାହାର କାମରେ ପ୍ରୋତ୍ସାହନ ଦିଆଯାଏ । କିଶୋରୀ କନ୍ୟାର ସୁରକ୍ଷା ସମ୍ପର୍କରେ ପିତାମାତା ଅପେକ୍ଷାକୃତ ଅଧିକ ଚିନ୍ତାଗ୍ରସ୍ତ ହୁଅନ୍ତି । ସନ୍ଧ୍ୟାପୂର୍ବରୁ ଝିଅ ଘରକୁ ନ ଫେରିଲେ ପିତାମାତା ଉତ୍କଣ୍ଠା (Anxiety) ପ୍ରକାଶ କରନ୍ତି । ଏପରି ଭିନ୍ନତା କିଶୋର କିଶୋରୀମାନଙ୍କ ପାଇଁ ପୃଥକ୍ ପୃଥକ୍ ପ୍ରଭାବ ସୃଷ୍ଟି କରେ ।

ପରିବାର ମଧ୍ୟରେ ପିତାମାତାଙ୍କ ବ୍ୟତୀତ ବଡ଼ ଭାଇ ଭଉଣୀଙ୍କୁ ପର୍ଯ୍ୟବେକ୍ଷଣ କରି କିଶୋର କିଶୋରୀମାନେ ଅନୁରୂପ ଅନୁସରଣ କରନ୍ତି । ବଡ଼ ଭାଇ ଭଉଣୀଙ୍କର କେଉଁ କେଉଁ ବ୍ୟବହାର ପ୍ରୋତ୍ସାହିତ ହେଉଛି ଏବଂ କେଉଁସବୁ ବ୍ୟବହାର ତିରସ୍କୃତ ହେଉଛି, ତାହାର ପର୍ଯ୍ୟବେକ୍ଷଣ ନିଜ ବ୍ୟବହାରକୁ ପ୍ରଭାବିତ କରେ ।

ବିଦ୍ୟାଳୟ ପରିବେଶ ମଧ୍ୟ ସମାଜୀକରଣ ପ୍ରକ୍ରିୟାକୁ ଅଧିକ ଦୃଢ଼ କରେ । ଶିକ୍ଷକ ଶିକ୍ଷୟିତ୍ରୀମାନେ କିଶୋରମାନଙ୍କଠାରୁ ଏକ ପ୍ରକାର ଆଚରଣର ପ୍ରତ୍ୟାଶା ରଖିବା ସ୍ଥଳେ କିଶୋରୀମାନଙ୍କଠାରୁ ଭିନ୍ନ ଧରଣର ଆଚରଣ ଆଶା କରନ୍ତି । ''ବାଳିକାମାନେ ବାଧ୍ୟ ଓ ବଶମ୍ବଦ''– ଏହା ଏକ ଗତାନୁଗତିକ ବଦ୍ଧମୂଳ ଧାରଣା । ସେହିପରି ସମସ୍ୟାଜଡ଼ିତ (ସମାଜବିରୋଧୀ) ବ୍ୟବହାର କେବଳ କିଶୋରମାନଙ୍କଠାରୁ ପ୍ରତ୍ୟାଶା କରାଯାଏ । କିଶୋରୀଟିଏ ବିଫଳ ହେଲେ ହୁଏତ ଶିକ୍ଷକ ବା ଶିକ୍ଷୟିତ୍ରୀ କୁହନ୍ତି – ''ତୁମ ଦ୍ୱାରା ଏ କାମ ହେବନି'' । ଏହାର ତାତ୍ପର୍ଯ୍ୟ ହେଉଛି ଯେ କିଶୋରୀମାନଙ୍କର ସାମର୍ଥ୍ୟ ସନ୍ଦେହ ବିଜଡ଼ିତ । ଅଥଚ କିଶୋରଟିଏ ସ୍କୁଲରେ ବିଫଳ ହେଲେ ଶିକ୍ଷକ ବା ଶିକ୍ଷୟିତ୍ରୀ କୁହନ୍ତି – ''ତୁମେ ଠିକ୍ ରୂପେ ପରିଶ୍ରମ ନ କରିବାରୁ ଏପରି ଘଟିଲା ।'' ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ପ୍ରତ୍ୟାଶା କିପରି କିଶୋର କିଶୋରୀ ଭିତ୍ତିରେ ଭିନ୍ନ ହୋଇଥାଏ, ତାହା ଏଥିରୁ ସ୍ପଷ୍ଟ ।

ସାମାଜୀକରଣର ଅନ୍ୟତମ ଶକ୍ତିଶାଳୀ ମାଧ୍ୟମ ହେଉଛି ଦୂରଦର୍ଶନ ଓ ତାହାର କାର୍ଯ୍ୟକ୍ରମ । ଦୂରଦର୍ଶନର କାର୍ଯ୍ୟକ୍ରମରେ କିଶୋରୀମାନଙ୍କୁ କିପରି ଉପସ୍ଥାପନ ଓ ଚିତ୍ରଣ କରାଯାଉଛି ତାହା ସହଜରେ ଜାଣିହେବ । ଆକର୍ଷଣଶୀଳତାର ''କେବଳ ମାଧ୍ୟମ'' ରୂପେ ଅତିଚିତ୍ରଣର ପରମ୍ପରାରେ ଆମ ଟେଲିଭିଜନ ଅପସଂସ୍କୃତି ଦୋଷରେ ଦୋଷଯୁକ୍ତ । ଏପରି ସବୁ ପ୍ରଦର୍ଶନ ଫଳରେ କିଶୋର କିଶୋରୀମାନେ ପୃଥକ ପୃଥକ୍ ନକାରାତ୍ମକ ନମୁନା ବା ମଡ଼େଲର ଶିକାର ହେଇ ପୃଥକ ପୃଥକ ରାସ୍ତାରେ ଆଗେଇ ଯାଉଛନ୍ତି । କିଶୋରୀଟିଏ ଅଲିଅଳ ରାଜକୁମାରୀର ଗ୍ଲାମର ଆକାଂକ୍ଷା କରିବା ସ୍ଥଳେ କିଶୋରଟିଏ ଦୁର୍ଦ୍ଧର୍ଷ ତାରଜାନ୍‌ର ଭୂମିକାକୁ ଶ୍ରେୟ ମନେକରୁଛି ।

Digitized by srujanika@gmail.com

ପରିଶେଷରେ କୁହାଯାଇପାରେ ଯେ ଆଦ୍ୟ କୈଶୋରର ଶରୀରଭିତ୍ତିକ ଓ ସାମାଜିକ ସାଂସ୍କୃତିକ ଉପାଦାନସବୁ ଧୀରେ ଧୀରେ ମାନସିକ ସ୍ତରରେ ଜ୍ଞାନଗତ ସଂଗଠନର ରୂପ ନିଏ । "ମୁଁ ଜାଣେ କିଶୋର" – ଏପରି ଭାବନା ବାଳକର ମନ ଓ ବ୍ୟବହାରକୁ ଆଚ୍ଛନ୍ନ କରେ । ସେହିପରି "ମୁଁ ଜଣେ କିଶୋରୀ" – ଏପରି ଭାବନା ବାଳିକାର ମନ ଓ ଆଚରଣକୁ ପ୍ରଭାବିତ କରେ । ଏହି ଭାବନା ସହିତ ଜଣେ ନିର୍ଦ୍ଦିଷ୍ଟ କିଶୋର ବା କିଶୋରୀ କେତେ ସମ୍ପୃକ୍ତ ରହିବ ଏବଂ କେତେ ଏହାଠାରୁ ଦୂରେଇଯିବ ତାହାର ନିଷ୍ପତ୍ତି ବ୍ୟକ୍ତିଗତ । ଏହି ନିଷ୍ପତ୍ତି ଉପରେ ନିର୍ଭର କରି ତାହାର ବ୍ୟକ୍ତିତ୍ୱ ଓ ଆଚରଣ ନିର୍ଦ୍ଧାରିତ ହୁଏ । ଏହି ନିଷ୍ପତ୍ତିର ସାମଗ୍ରିକ ପରିଣତି ପର ପ୍ରବନ୍ଧଟିରେ ଆଲୋଚନା କରାଯିବ ।

ସମାଜୀକରଣ ପ୍ରକ୍ରିୟାରେ ଲିଙ୍ଗଭିତ୍ତିକ ଗୁରୁତ୍ୱ : ଗୋଟିଏ ଗବେଷଣାରୁ ବ୍ୟକ୍ତିତ୍ୱର ଉପାଦାନ କେତେ ପ୍ରତିଶତ ସଂସ୍କୃତିରେ ଗୁରୁତ୍ୱ ଦିଆଯାଏ ?

ବ୍ୟକ୍ତିତ୍ୱର ଉପାଦାନ	*ବାଳକ ଦିଗରେ*	*ବାଳିକା ଦିଗରେ*	*କୌଣସି ନିର୍ଦ୍ଦିଷ୍ଟ ଦିଗରେ ଦିଆଯାଏ ନାହିଁ*
ଆଜ୍ଞାଧୀନତା	୩୫	୩	୬୨
ଦାୟିତ୍ୱଶୀଳତା	୬୧	୧୧	୨୮
ସେବାଯତ୍ନ	୮୨	୦	୧୮
ଲକ୍ଷ୍ୟସାଧନ	୩	୮୭	୧୦
ଆତ୍ମନିର୍ଭରଶୀଳତା	୦	୮୫	୧୫

❑

Digitized by srujanika@gmail.com

ସମାନତା ଅସମାନତା କ୍ଷେତ୍ର

କିଶୋର କିଶୋରୀମାନଙ୍କ ସମ୍ପର୍କରେ ସାମାଜିକ ପ୍ରତ୍ୟାଶା ଓ ଧାରଣା ଯାହା ହେଉନା କାହିଁକି, ବିଜ୍ଞାନସମ୍ମତ ଭାବରେ ସମାନତା ଓ ପାର୍ଥକ୍ୟର ଏକ ପୁଷ୍କଳ ଚିତ୍ର ଅଙ୍କନ କରିବା ଏକ ପ୍ରକାର ବିଜ୍ଞାନଧର୍ମୀ ଦାୟିତ୍ୱ । ସମାନତା ବେଶୀ କି ଅସମାନତା ବେଶୀ, ତାହାର ଏକ ସହଜ ଉତ୍ତର ସମ୍ଭବ ନୁହେଁ । ଲୋକ ବିଶ୍ୱାସକୁ ବାଦ୍ ଦେଲେ 'ଗ୍ରେ'ଙ୍କ (Gray, 1992) ଲିଖିତ ଜନପ୍ରିୟ ପୁସ୍ତକ (Men are from Mars, Women are from Venus) ପାର୍ଥକ୍ୟର ପରିମାଣକୁ ଆଖିଦୃଶିଆ ଯୁକ୍ତିକରିବା ସ୍ଥଳେ ଅନ୍ୟ କେତେକ ଲେଖକ ଓ ଗବେଷକ ପାର୍ଥକ୍ୟର ପରିମାଣକୁ ମାମୁଲି ବୋଲି ଚିତ୍ରଣ କରିଛନ୍ତି । ପୁଣି କିଶୋର କିଶୋର ମଧ୍ୟରେ ଏକ କିଶୋରୀ କିଶୋରୀ ମଧ୍ୟରେ ପରିଦୃଷ୍ଟ ହେଉଥିବା ପାର୍ଥକ୍ୟର ମାତ୍ରା କିଶୋର-କିଶୋରୀ ଭିନ୍ନତାଠାରୁ ଅଧିକ ବୋଲି ଯୁକ୍ତ କରିଛନ୍ତି । ସମତା ଓ ବୈଷମ୍ୟ ତର୍କ ବାହାରେ ଏହା ସ୍ୱୀକାର କରାଯାଇଛି ଯେ ଅସମାନତାର ମାତ୍ରା ନିଶ୍ଚିତଭାବରେ କମିବାରେ ଲାଗିଛି । ବୈଷୟିକ ପ୍ରଗତି, ଆଧୁନିକୀକରଣ ଏବଂ ନାରୀମାନଙ୍କର ସଶକ୍ତିକରଣ ପ୍ରକ୍ରିୟା ବୈଷମ୍ୟର ମାତ୍ରାକୁ ଖୁବ୍ କମାଇଛି । ତଥାପି ମୋଟାମୋଟି ଭାବରେ ସମତା ଅସମାନତାର ରୂପରେଖ ବେଶ୍ କୌତୂହଳପୂର୍ଣ୍ଣ ।

ଯୌନେନ୍ଦ୍ରିୟକୁ ବାଦ୍ ଦେଲେ ଶରୀରଗଠନ କ୍ଷେତ୍ରରେ କେତେକ ଅସମାନତା ପରିଲକ୍ଷିତ ହୁଏ । କିଶୋରମାନଙ୍କ ତୁଳନାରେ କିଶୋରୀମାନଙ୍କ ଶରୀରରେ ଚର୍ବିଅଂଶ ପ୍ରାୟ ଦୁଇଗୁଣ ହୋଇଥାଏ ଏବଂ ଏ ସମସ୍ତ ଚର୍ବିଅଂଶ ମୁଖ୍ୟତଃ ସ୍ତନ୍ୟ ଓ ନିତମ୍ବରେ କେନ୍ଦ୍ରୀଭୂତ ଥାଏ । ଅନ୍ୟ ପକ୍ଷରେ କିଶୋରମାନଙ୍କ ଶରୀରର ଚର୍ବିଅଂଶ ମୁଖ୍ୟତଃ ତଳିପେଟରେ କେନ୍ଦ୍ରିତ ଥାଏ । ମୋଟାମୋଟି ଭାବରେ ବାଳିକାମାନଙ୍କ ଉଚ୍ଚତାର ଅଭିବୃଦ୍ଧି ଘଟୁଥିଲେ ମଧ୍ୟ ଆଦ୍ୟ କୈଶୋରରେ ଏହା ପ୍ରାୟ ବନ୍ଦ ହୋଇଯାଏ । ପୁରୁଷମାନଙ୍କର ଉଚ୍ଚତା ନାରୀ ଉଚ୍ଚତାର ପ୍ରାୟ ୧୦ ପ୍ରତିଶତ ଅଧିକ ହୋଇଥାଏ । ପୁରୁଷ ହରମୋନ୍ ଆଣ୍ଡ୍ରୋଜେନ୍ (Androgen) ଅସ୍ଥିସବୁର ଅଭିବୃଦ୍ଧିରେ ସହାୟକ ହୁଏ ।

ସ୍ୱାସ୍ଥ୍ୟ କ୍ଷେତ୍ରରେ କିଶୋରୀମାନଙ୍କର କିଛି ପରିମାଣରେ ଅଧିକ ସୁବିଧା ରହିଥାଏ । ଏମାନଙ୍କର ପରମାୟୁ ଅପେକ୍ଷାକୃତ ଅଧିକ । ଶାରୀରିକ ଓ ମାନସିକ ବିପର୍ଯ୍ୟୟର ସମ୍ଭାବନା କମ୍ । କିଶୋରମାନଙ୍କ ତୁଳନାରେ କିଶୋରୀମାନଙ୍କର ରୋଗ ସଂକ୍ରମଣ ପ୍ରତିରୋଧ ସାମାନ୍ୟ

Digitized by srujanika@gmail.com

ବେଶୀ ଏବଂ ଶରୀରର ରକ୍ତପେଟିକା ଅପେକ୍ଷାକୃତ ଅଧିକ ସଂକୋଚନ-ପ୍ରସାରଣଶୀଳ । ପୁରୁଷମାନଙ୍କର ଅଧିକ ମାତ୍ରାର ମାନସିକ ଚାପ ବୃଦ୍ଧିକରେ ରକ୍ତ ଜମାଟବାନ୍ଧିବା ଓ ରକ୍ତଚାପର ଆଶଙ୍କା ରହିଥାଏ ।

ନାରୀ ମସ୍ତିଷ୍କ ଓ ପୁରୁଷ ମସ୍ତିଷ୍କ ମଧ୍ୟରେ ପାର୍ଥକ୍ୟ ଅଛି କି ? ଏହା ଏକ କୌତୂହଳପୂର୍ଣ୍ଣ ପ୍ରଶ୍ନ । ମୋଟାମୋଟି ଭାବରେ ନାରୀ ମସ୍ତିଷ୍କ ଓ ପୁରୁଷ ମସ୍ତିଷ୍କ ଏକ ପ୍ରକାର ହେଇଥିଲେ ମଧ୍ୟ ଆଧୁନିକ ଗବେଷକମାନେ ଚାରୋଟି ପାର୍ଥକ୍ୟ ଆବିଷ୍କାର କରିଛନ୍ତି । ମସ୍ତିଷ୍କର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ହାଇପୋଥାଲାମସ୍ । ଏହା ମନୁଷ୍ୟର ଆବେଗ (Emotion) କ୍ଷେତ୍ରରେ ସକ୍ରିୟ ଭୂମିକା ନିଏ । ଲକ୍ଷ୍ୟ କରାଯାଇଛି ଯେ ହାଇପୋଥାଲାମସ୍‌ର ଏକ ନିର୍ଦ୍ଦିଷ୍ଟ ଅଂଶ ଯୌନ ବ୍ୟବହାର (Sexual Behaviour) ସହିତ ସମ୍ବନ୍ଧିତ । ଏହି ଅଂଶଟି ପୁରୁଷମାନଙ୍କର ସାମାନ୍ୟ ବଡ଼ ।

ଦ୍ୱିତୀୟ ପାର୍ଥକ୍ୟଟି ବେଶ୍ ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ସୂଚନା ଦିଆଯାଇଛି ଯେ ଆମ ମସ୍ତିଷ୍କର ଦୁଇଟି ଗୋଲାର୍ଦ୍ଧ ରହିଛି । ବାମ ଗୋଲାର୍ଦ୍ଧ ଓ ଦକ୍ଷିଣ ଗୋଲାର୍ଦ୍ଧ । ପୁଣି ବାମ ଗୋଲାର୍ଦ୍ଧଟି ଆମର ଭାଷାଗତ ବ୍ୟବହାର ଓ ଯୁକ୍ତିଯୁକ୍ତ ବିଚାର ସହିତ ସମ୍ବନ୍ଧିତ ହେବା ସ୍ଥଳେ ଦକ୍ଷିଣ ଗୋଲାର୍ଦ୍ଧ ଆବେଗ ଓ ଢାଞ୍ଚାସବୁର (Patterns) ପ୍ରତ୍ୟେକ୍ଷଣ ସହିତ ସମ୍ପୃକ୍ତ । କର୍ପୋସ୍ କିଲୋସମ୍ (Corpus Collosum) ନାମକ ତନ୍ତୁର ଏକ ବହଳ ଆସ୍ତରଣ ଏହି ଦୁଇ ଗୋଲାର୍ଦ୍ଧକୁ ଦୁଇଭାଗ କରିଥାଏ । ନାରୀମାନଙ୍କ କ୍ଷେତ୍ରରେ ଏହି ଆସ୍ତରଣଟି ଅପେକ୍ଷାକୃତ ବହଳ । ଏହି ବହଳତା ଫଳରେ ବାମ ଗୋଲାର୍ଦ୍ଧର କୌଣସି ଅଂଶ ବିଶେଷରେ ସକ୍ରିୟତାର ପ୍ରକାଶ ପାଇଲେ ତାହା ଦକ୍ଷିଣ ମସ୍ତିଷ୍କକୁ ସ୍ନାୟୁବାହିତ ହେବାର ସମ୍ଭାବନା ରହେ । ସେହିପରି ନାରୀର ଦକ୍ଷିଣ ମସ୍ତିଷ୍କର କୌଣସି ଅଂଶ ବିଶେଷରେ ସକ୍ରିୟ ହେଲେ ତାହାର ସ୍ନାୟୁତରଙ୍ଗ ବାମ ମସ୍ତିଷ୍କକୁ ଗତିକରେ । ଏହାର ତାତ୍ପର୍ଯ୍ୟ ହେଉଛି ଯେ ପୁରୁଷମାନଙ୍କ କ୍ଷେତ୍ରରେ ଭାବ (ଦକ୍ଷିଣ ମସ୍ତିଷ୍କର କାମ ଏବଂ ଭାବନା ବାମ ମସ୍ତିଷ୍କର କାମ) ମିଶାମିଶି ହୋଇନଯିବା ସ୍ଥଳେ ନାରୀମାନଙ୍କ କ୍ଷେତ୍ରରେ ଏ ଦୁଇଟି ମିଶାମିଶି ହେଇଯିବାର ଆଶଙ୍କା ଥାଏ । ପୁରୁଷମାନେ ଏ ଦୃଷ୍ଟିରୁ ମସ୍ତିଷ୍କର କାର୍ଯ୍ୟକଳାପରେ ଅଧିକ ମାତ୍ରାରେ ନିର୍ଦ୍ଦିଷ୍ଟତା (Specificity) ବଜାୟ ରଖିବା ସ୍ଥଳେ ନାରୀମାନେ କିଛିଟା ନିର୍ଦ୍ଦିଷ୍ଟତା ହରାଇ ବସନ୍ତି ।

ପୁଣି ଦେଖାଯାଇଛି ଯେ ପୁରୁଷ ମସ୍ତିଷ୍କରେ ପେରିୟାଟାଲ ଲୋବ୍‌ଟି (Parietal Lobe) ନାରୀମାନଙ୍କର ଏହି ଅଂଶ ତୁଳନାରେ ସାମାନ୍ୟ ବଡ଼ । ମସ୍ତିଷ୍କର ଏହି ଅଂଶଟି ସ୍ଥାନ ଓ ବସ୍ତୁର ଅବସ୍ଥିତି ସମ୍ପର୍କୀୟ ଦୃଷ୍ଟିଗତ ସାମର୍ଥ୍ୟ (Spatial - Visual) ସହିତ ସମ୍ବନ୍ଧିତ । ଫଳରେ ପୁରୁଷ ଓ କିଶୋରମାନେ ତୁଳନାତ୍ମକଭାବରେ ନାରୀ ଓ କିଶୋରୀମାନଙ୍କଠାରୁ ଏ ଧରଣର ଉନ୍ନତ ଦକ୍ଷତା ପ୍ରଦର୍ଶନ କରନ୍ତି । ଘର ବା ଅନ୍ୟସବୁ ସ୍ଥାନର ଅବସ୍ଥିତି ଜାଣିବାରେ ଏବଂ ଗାଡ଼ିଚାଳନା ସମୟରେ ଦିଗବିଦିଗର ଜ୍ଞାନ କ୍ଷେତ୍ରରେ କିଶୋର ଓ ପୁରୁଷମାନଙ୍କ

Digitized by srujanika@gmail.com

ଦକ୍ଷତା ସହଜରେ ଆଖିରେ ପଡ଼ିଥାଏ । ଅନ୍ୟ ପକ୍ଷରେ କିଶୋରୀ ଓ ନାରୀମାନେ ଗୋଟିଏ ସ୍ଥାନକୁ ପୂର୍ବରୁ ଯାଇଥିଲେ ମଧ୍ୟ ପୁନର୍ବାର ବାଟ ଭୁଲିଯିବାର ନଜିର୍ ଆମ ଦୃଷ୍ଟିକୁ ଆସିଥାଏ ।

ଅତୀତରେ କରାଯାଇଥିବା ଗବେଷଣା କିଶୋରୀମାନଙ୍କ ଅପେକ୍ଷାକୃତ ଅଧିକ ଭାଷାଗତ ଦକ୍ଷତାର ପ୍ରମାଣ ଦେଇଥିଲା । ମାତ୍ର ଧୀରେ ଧୀରେ ଭାଷାକ୍ଷେତ୍ରରେ କିଶୋର କିଶୋରୀ ବ୍ୟବଧାନ ହ୍ରାସ ପାଇଛି ଏବଂ ବର୍ତ୍ତମାନ ପ୍ରାୟତଃ ବ୍ୟବଧାନ ନାହିଁ ବୋଲି ସ୍ୱୀକାର କରାଯାଇଛି ।

ଗାଣିତିକ ଓ ବିଜ୍ଞାନ ଦକ୍ଷତା କିଶୋରମାନଙ୍କର ଅପେକ୍ଷାକୃତ ଅଧିକ ପରିମାଣରେ ରହିଥିବାର ପୂର୍ବ ପ୍ରମାଣ ରହିଥିଲା । ଏବେ ବ୍ୟବଧାନ ହ୍ରାସ ପାଇଥିଲେ ମଧ୍ୟ କିଶୋରମାନେ ଏବେ ମଧ୍ୟ ଅଳ୍ପ ପରିମାଣରେ ଆଗୁଆ ରହିଛନ୍ତି ବୋଲି ପ୍ରମାଣ ମିଳୁଛି । ଅବଶ୍ୟ ସାମଗ୍ରିକ ଭାବରେ ଛାତ୍ରୀମାନେ ବିଦ୍ୟାଳୟର ଶ୍ରେଣୀରେ ଅପେକ୍ଷାକୃତ ଭଲ କରନ୍ତି ଏବଂ ପଠନ ଓ ଲିଖନ କାର୍ଯ୍ୟରେ ଆଗୁଆ ରୁହନ୍ତି । ଶ୍ରେଣୀରେ ଅଭିନିବେଶ (Attention) ରକ୍ଷାକରିବା, ଅଂଶଗ୍ରହଣ କରିବା ଏବଂ ସଫଳତା ପ୍ରଦର୍ଶନରେ ମଧ୍ୟ କିଶୋରୀମାନେ ଅଧିକ ଆଗୁଆ ରୁହନ୍ତି ।

ସାମାଜିକ ଓ ଆବେଗିକ କ୍ଷେତ୍ରରେ କେତେକ ପାର୍ଥକ୍ୟ ସୁସ୍ପଷ୍ଟ । ତଥାପି ସମାଜ ଓ ସଂସ୍କୃତି ଭେଦରେ ଏହି ପାର୍ଥକ୍ୟର ମାତ୍ରା କମ୍ ବେଶୀ ହୋଇଥାଏ । ଆକ୍ରମଣାତ୍ମକ (Aggressive Behaviour) ବ୍ୟବହାର ସ୍ପଷ୍ଟଭାବରେ କିଶୋରମାନଙ୍କଠାରେ ଅଧିକ ପ୍ରକାଶ୍ୟ ରୂପ ନିଏ । ଅବଶ୍ୟ ଚିତ୍କାର କରିବା, ଗାଳିକରିବା ଏବଂ ପାଟିକରିବା ପରି ଭାଷାଗତ ଆକ୍ରମଣାତ୍ମକ (ଅଗ୍ରଧର୍ଷୀ) ବ୍ୟବହାର କ୍ଷେତ୍ରରେ କିଶୋରୀମାନେ ସମାନ ସ୍ତରକୁ ଆସନ୍ତି କିମ୍ବା ସମୟ ସମୟରେ ଆଗେଇ ଯାଆନ୍ତି । ପୁଣି କିଶୋରୀମାନଙ୍କ କ୍ଷେତ୍ରରେ ଅଧିକ ପରିମାଣର ସମ୍ପର୍କଗତ ଆକ୍ରମଣାତ୍ମକ ବ୍ୟବହାର (Relational Aggression) ଦେଖାଯାଏ । ସେମାନେ କୌଣସି ପିଲା ଓ ଅନ୍ୟ ପ୍ରତି ଆକ୍ରମଣ ଦର୍ଶାଇବାକୁ ଯାଇ ଅଧିକ ପରିମାଣରେ କୁତ୍ସାରଟନା କରନ୍ତି ଯେପରିକି କି ଅନ୍ୟମାନେ ମଧ୍ୟ ତାକୁ ଘୃଣା କରିବେ ।

ଅନ୍ୟ ପକ୍ଷରେ ଅନ୍ୟକୁ ସାହାଯ୍ୟ କରିବା କ୍ଷେତ୍ରରେ ଏକ ବୈଶିଷ୍ଟ୍ୟ ପରିଦୃଷ୍ଟ ହୁଏ । ନିଜ ଲୋକମାନଙ୍କ ମଧ୍ୟରେ (ଯଥା-ପାରିବାରିକ ପରିପ୍ରେକ୍ଷୀରେ) କିଶୋରୀମାନେ ଅଧିକ ସାହାଯ୍ୟ କରନ୍ତି । ମାତ୍ର ବିପଦ କିମ୍ବା ଅନ୍ୟର ପ୍ରତିଆକ୍ରମଣତାର ସମ୍ଭାବନା ଥିଲେ ସାହାଯ୍ୟ କରନ୍ତି ନାହିଁ । ବିପଦ ଓ କ୍ଷତିର ସମ୍ଭାବନା ଥିଲେ ମଧ୍ୟ କିଶୋରମାନେ ଅଧିକ ସାହାଯ୍ୟ କରନ୍ତି ।

ଯୋଗାଯୋଗ ଓ ଭାବର ଆଦାନପ୍ରଦାନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଗୋଟିଏ ଦୃଷ୍ଟିରୁ କଥାବାର୍ତ୍ତା ସୂଚନାଧର୍ମୀ କିମ୍ବା ସମ୍ପର୍କଧର୍ମୀ ହୋଇପାରେ । ସୂଚନାଧର୍ମୀ କଥାବାର୍ତ୍ତା ସମୟରେ ଆମେ ତଥ୍ୟ, ଖବର କିମ୍ବା ସୂଚନା ଦେଇଥାଉ । ବିବରଣୀ ଦେଇଥାଉ । ଅନ୍ୟ ପକ୍ଷରେ ସମ୍ପର୍କଧର୍ମୀ କଥାବାର୍ତ୍ତା ସମୟରେ ଆମେ ମୁଖ୍ୟତଃ ପାରସ୍ପରିକତା ଉପରେ

Digitized by srujanika@gmail.com

ଗୁରୁତ୍ୱ ଦେଉ । ପ୍ରୀତିପ୍ରଦ ଓ ସହାନୁଭୂତିଶୀଳ ସମ୍ପର୍କ ସ୍ଥାପନ କିମ୍ବା ସମ୍ପର୍କର ଅଭିବୃଦ୍ଧି କାମନା କରୁ । ଲକ୍ଷ୍ୟ କରାଯାଇଛି ଯେ କିଶୋରମାନେ ଅଧିକ ମାତ୍ରାରେ ସୂଚନାଧର୍ମୀ କଥାବାର୍ତ୍ତା ଓ ଯୋଗାଯୋଗର ପ୍ରୟୋଗ କରିବା ସ୍ଥଳେ କିଶୋରୀମାନେ ବେଶୀ ପରିମାଣରେ ସମ୍ପର୍କମୁଖୀ ଯୋଗାଯୋଗର ଉପଯୋଗ କରନ୍ତି ।

ସାମାଜିକ ବଳୟର ଭିନ୍ନତା ଏପରି ପାର୍ଥକ୍ୟ ସୃଷ୍ଟି କରିବାର ମନେହୁଏ । ବାଳିକା ଓ କିଶୋରୀମାନେ ପ୍ରାୟତଃ ଛୋଟ ଛୋଟ ଦଳରେ ମିଶନ୍ତି ଓ ଖେଳନ୍ତି । ସମ୍ପର୍କ ଓ ଅନ୍ତରଙ୍ଗତା ଏପରି ଦଳର ମୁଖ୍ୟ ଉପାଦାନ । ଅନ୍ୟପକ୍ଷରେ ବାଳକ ଓ କିଶୋରମାନେ ବଡ଼ ବଡ଼ ଦଳରେ ମିଶନ୍ତି ଓ ଖେଳନ୍ତି । ଖେଳରେ ହାର୍ ଜିତ୍‌କୁ ନେଇ ଯୁକ୍ତିତର୍କ ହୁଏ ଏବଂ କଳିଗୋଳ ହୁଏ । ସୁତରାଂ ଯୋଗାଯୋଗର ଶୈଳୀର ଭିନ୍ନତା ସ୍ୱାଭାବିକ ।

ଆବେଗର ନିୟନ୍ତ୍ରଣ କ୍ଷେତ୍ରରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । କିଶୋରମାନେ ମାନସିକ ଦୁଃଖ ପରି ନକାରାତ୍ମକ ଆବେଗ ପ୍ରକାଶ ନ କରି ଚାପି ରଖନ୍ତି । କିଶୋରୀମାନେ ଅନ୍ୟ ମନରେ ଦୁଃଖ ସୃଷ୍ଟି କରିବାର ସମ୍ଭାବନା ଥିବା ଆବେଗସବୁକୁ ଚାପି ରଖନ୍ତି । କିଶୋରୀସବୁ ସ୍ୱୀକାର କରନ୍ତି ଯେ ସେମାନଙ୍କର ଦୁଃଖ ଓ ଅପରାଧବୋଧ ରହିଛି । ମାତ୍ର ଏପରି ସ୍ୱୀକାର କିଶୋରମାନଙ୍କ କ୍ଷେତ୍ରରେ ଅପେକ୍ଷାକୃତ କମ୍ । ଆବେଗର ନିୟନ୍ତ୍ରଣ କ୍ଷେତ୍ରରେ କିଶୋରୀମାନେ ଅଧିକ ସଫଳତା ଦର୍ଶାନ୍ତି । ସମ୍ଭବତଃ ଆବେଗ ନିୟନ୍ତ୍ରଣର ଅଭାବ କିଶୋରମାନଙ୍କର ଆଚରଣଗତ ସମସ୍ୟାର ଏକ ମୁଖ୍ୟ କାରଣ ହୋଇଥାଏ ।

ସାମଗ୍ରିକ ଦୃଷ୍ଟିକୋଣରୁ କିଶୋର କିଶୋରୀମାନଙ୍କ ମଧ୍ୟରେ ପାର୍ଥକ୍ୟସବୁ ଆଲୋଚନା କରାଯାଇଛି । ଏହାର ଅର୍ଥ ନୁହେଁ ଯେ କୌଣସି ଏକ କିଶୋରୀ ବା କିଶୋର ଏହାର ବ୍ୟତିକ୍ରମ ନୁହେଁ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ କିଶୋରମାନଙ୍କର ବସ୍ତୁ ଓ ସ୍ଥାନର ଅବସ୍ଥିତି ସମ୍ପର୍କୀୟ ଜ୍ଞାନକୌଶଳ ଅଧିକ ହେଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ କିଶୋର ଏ କ୍ଷେତ୍ରରେ ପଛୁଆ ରହିପାରେ କିମ୍ବା ଏକ ନିର୍ଦ୍ଦିଷ୍ଟା କିଶୋରୀ ଆଗୁଆ ରହିପାରେ । ତଥାପି ମୋଟାମୋଟି ଭାବରେ ପରିଦୃଷ୍ଟ ହେଉଥିବା ଭିନ୍ନତାକୁ ଲକ୍ଷ୍ୟ କରି କିଛି ସିଦ୍ଧାନ୍ତ ଗଠନ କରିବା ଅପ୍ରାସଙ୍ଗିକ ନୁହେଁ ।

ତୁଳନାତ୍ମକ ଦୃଷ୍ଟିକୋଣରୁ ସଫଳସମୂହ

କିଶୋର	*କିଶୋରୀ*
• ଆଣ୍ଡ୍ରୋଜେନ କ୍ଷରଣ ଅସ୍ଥିଗଠନ ଓ ପେଶୀବହୁଳତାର ସହାୟକ • ମସ୍ତିଷ୍କର ଦୁଇ ଗୋଲାର୍ଦ୍ଧ ମଧ୍ୟରେ ଗତିକରିଥିବା ତନ୍ତୁର ଆସ୍ତରଣ ବହଳ	• ଶ୍ରେଣୀ ଓ ବିଦ୍ୟାଳୟ ପରିପ୍ରେକ୍ଷୀରେ କିଶୋରୀମାନେ ଅଧିକ ପରିମାଣରେ ଅଭିନିବେଶ (Affertion), ଅଂଶଗ୍ରହଣ ଓ ସଫଳତା ଦର୍ଶାନ୍ତି ।

Digitized by srujanika@gmail.com

ହୋଇଥିବାରୁ କିଶୋରମାନେ ଭାବ ଓ ଭାବନା ମଧ୍ୟ ସ୍ୱାତନ୍ତ୍ର୍ୟ ରକ୍ଷାକରିପାରନ୍ତି । ଏ ଦୁଇଟି ମିଶାମିଶି ହୋଇଯାଇ ନଥାଏ ।

- ବସ୍ତୁ ଓ ଅବସ୍ଥାନ ସମ୍ପର୍କୀୟ ଅଧିକ ଜ୍ଞାନକୌଶଳ (Spatial Visual) ଗାଡ଼ିଚାଳନା ପରି କେତେକ କାର୍ଯ୍ୟରେ ସହାୟକ ହୁଏ ।
- ଅନ୍ୟକୁ ସାହାଯ୍ୟ କରିବା କ୍ଷେତ୍ରରେ କିଶୋରମାନେ କ୍ଷତି ଓ ବିପଦର ସମ୍ଭାବନା ଥିଲେ ମଧ୍ୟ ଆଗଭର ହୁଅନ୍ତି ।
- ସାମାଜିକ ସ୍ତରରେ ପ୍ରତିଯୋଗିତା ଓ ଲକ୍ଷ୍ୟ ସାଧନ କ୍ଷେତ୍ରରେ ଆଗୁଆ ରୁହନ୍ତି ।
- ଲିଖନ ଓ ପଠନ କାର୍ଯ୍ୟରେ ଅପେକ୍ଷାକୃତ ଅଧିକ ସଫଳତା ଲକ୍ଷ୍ୟ କରାଯାଇଛି ।
- ପରିଚିତ ଓ ସମ୍ପର୍କଯୁକ୍ତ ପରିବେଶରେ ଅନ୍ୟକୁ ସାହାଯ୍ୟ କରନ୍ତି (କ୍ଷତିର ସମ୍ଭାବନା ନ ଥିଲେ)
- ଅନ୍ତରଙ୍ଗତା ଓ ସମ୍ବେଦନଶୀଳତା ଦର୍ଶାନ୍ତି
- ଆବେଗର ନିୟନ୍ତ୍ରଣ କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ସଫଳତା ଥିବାରୁ ଆଚରଣଗତ ସମସ୍ୟାରୁ ଅପେକ୍ଷାକୃତ ମୁକ୍ତ ରୁହନ୍ତି ।

❑

Digitized by srujanika@gmail.com

ଗତାନୁଗତିକ କିଶୋରତ୍ୱ ଓ କିଶୋରୀତ୍ୱର ଊର୍ଦ୍ଧ୍ୱରେ ସମନ୍ୱିତ ବ୍ୟକ୍ତିତ୍ୱ

ଅତୀତରେ ''ଉତ୍ତମ କିଶୋର''ଟିଏ କହିଲେ ସ୍ୱାଧୀନ, ଅଗ୍ରଧର୍ଷୀ ଓ ପ୍ରତିଯୋଗିତାଭାବ ସମ୍ପନ୍ନ ବାଳକଟିକୁ ବୁଝାଉଥିଲା । ସେହିପରି ''ଉତ୍ତମ କିଶୋରୀ''ଟିଏ କହିଲେ ଶାନ୍ତ, ସହନଶୀଳ ଓ ସମ୍ବେଦନଶୀଳ ବାଳିକାକୁ ବୁଝାଉଥିଲା । ମାତ୍ର ବିଗତ ଦଶକମାନଙ୍କରେ ବିଶ୍ୱରେ ବହୁ ପରିବର୍ତ୍ତନ ଘଟିଛି । ଉତ୍ତମ କିଶୋର ଓ ଉତ୍ତମ କିଶୋରୀର ସଂଜ୍ଞା ପୂର୍ଣ୍ଣମାତ୍ରାରେ ନ ହେଲେ ମଧ୍ୟ ଉଲ୍ଲେଖଯୋଗ୍ୟ ପରିମାଣରେ ପରିବର୍ତ୍ତିତ ହୋଇଛି । ସମନ୍ୱିତ ବ୍ୟକ୍ତିତ୍ୱ ସମ୍ପର୍କରେ ନୂତନ ଧାରଣାର ଉନ୍ମେଷ ଓ ବିକାଶ ଘଟିଛି ।

ଏହା ସତ ଯେ ବିଶ୍ୱର ପ୍ରତିଟି ସମାଜରେ କିଶୋର ଓ କିଶୋରୀମାନଙ୍କ ସମ୍ପର୍କରେ କେତେକ ଗତାନୁଗତିକ ବଦ୍ଧମୂଳ ଧାରଣା (Stereolypes) ରହିଛି । ପ୍ରତି ସମାଜରେ କିଶୋର ସମ୍ପର୍କରେ ମାନସିକ ଛବି ଅଙ୍କନ କରିବା ସମୟରେ କେତୋଟି ନିର୍ଦ୍ଦିଷ୍ଟ ଗୁଣାବଳୀର କଥା ମନକୁ ଆସେ । ସେହିପରି ''କିଶୋରୀ'' ବିଷୟରେ ମାନସିକ ଛବି ଅଙ୍କନ କଲାବେଳେ ଅନ୍ୟ କେତୋଟି ବୈଶିଷ୍ଟ୍ୟ ମନକୁ ଆସେ । ଜଣେ କିଶୋର କିଶୋରୋଚିତ ଗୁଣାବଳୀର ଯେତେ ନିକଟବର୍ତ୍ତୀ, ସେ ସେତିକି ପ୍ରୋତ୍ସାହନ ଲାଭ କରେ । ଏହାଠାରୁ ସେ ଯେତେ ଦୂରେଇଯାଏ, ସେହି ଅନୁପାତରେ ତିରସ୍କୃତ ହୁଏ । ଠିକ୍ ସେହିପରି କିଶୋରୀଟିଏ ମଧ୍ୟ ସମାଜ-ଅନୁମୋଦିତ ଗୁଣାବଳୀର ଅଧିକାରୀ ହେଲେ ପ୍ରୋତ୍ସାହନ ପାଏ । ଦୂରେଇଗଲେ ପ୍ରୋତ୍ସାହନ ହରାଏ । ଉଦାହରଣ ସ୍ୱରୂପ ସେହିପରି କିଛି ଗତାନୁଗତିକ ଗୁଣର ତାଲିକା ନିମ୍ନରେ ପ୍ରଦତ୍ତ କରାଯାଇଛି ।

କିଶୋର ପାଇଁ ଉଦ୍ଦିଷ୍ଟ	*କିଶୋରୀ ପାଇଁ ଉଦ୍ଦିଷ୍ଟ*
ଜୋରଜବରଦସ୍ତ	ସ୍ନେହପ୍ରବଣ
ଆକ୍ରମଣାତ୍ମକ ଭାବ ସମ୍ପନ୍ନ	କଠୋର ଭାଷାପ୍ରୟୋଗ କରେ ନାହିଁ
ପ୍ରତିଯୋଗିତାଭାବସମ୍ପନ୍ନ	ଶାନ୍ତ
ଆଧିପତ୍ୟବିସ୍ତାରକାମୀ	ଛୋଟପିଲା ପ୍ରିୟ

Digitized by srujanika@gmail.com

ଅତୀତରେ କିଶୋର କିଶୋରୀମାନେ ଏପରି ଗତାନୁଗତିକ ସାମାଜିକ ଚିହ୍ନକୁ ଆବୋରି ନେଉଥିଲେ ମଧ୍ୟ ଆଧୁନିକ କାଳରେ ଏକ ବିରାଟ ପରିବର୍ତ୍ତନ ଘଟିଛି । ସାଣ୍ଡ୍ରା ବେମ୍ ନାମକ ଜଣେ ମନୋବିଜ୍ଞାନୀ ଲକ୍ଷ୍ୟ ଯେ ଜଣେ ଆଦର୍ଶ ବ୍ୟକ୍ତି ଏପରି ପରମ୍ପରାଗତ ବର୍ଣ୍ଣନାରୁ ମୁକ୍ତ । ଅନ୍ୟ ଭାଷାରେ କହିଲେ ବୁଝାଯିବ ଯେ ଆଦର୍ଶ ବ୍ୟକ୍ତିତ୍ୱର କିଶୋର କିଶୋରୀମାନଙ୍କର ଭଲ ଭଲ ଗୁଣର ସମନ୍ୱୟ ଘଟିଯାଏ । ଏପରି ସମନ୍ୱିତ ବ୍ୟକ୍ତିତ୍ୱସମ୍ପନ୍ନ କିଶୋର ବା କିଶୋରୀ କେବଳ କିଶୋରସୁଲଭ କିମ୍ବା କେବଳ କିଶୋରୀସୁଲଭ ଗୁଣର ଅଧିକାରୀ ନ ହୋଇ ଦୁଇପ୍ରକାର ବୈଶିଷ୍ଟ୍ୟର ସମନ୍ୱୟ ଘଟାଇଥାଆନ୍ତି । ସେ ଯେପରି କିଶୋରମାନଙ୍କ ଭଳି ସ୍ୱାଧୀନ, ସେହିପରି କିଶୋରୀମାନଙ୍କ ପରି ସ୍ନେହଶୀଳ । ସେ ଯେପରି କିଶୋରମାନଙ୍କ ପରି ପ୍ରତିଯୋଗିତାଭାବାପନ୍ନ, ସେହିପରି କିଶୋରୀମାନଙ୍କ ପରି ସହାନୁଭୂତିଶୀଳ । ଅବଶ୍ୟ ଉତ୍ତମ ଧରଣର କିଶୋରତ୍ୱ ଓ କିଶୋରୀତ୍ୱର ପରିମାଣ ପର୍ଯ୍ୟାପ୍ତ ହେବା ଆବଶ୍ୟକ । ନିମ୍ନ ସାରଣୀରେ ସେହିପରି ସମନ୍ୱିତ ବ୍ୟକ୍ତିତ୍ୱକୁ ପ୍ରକାଶ କରାଯାଇଛି ।

କିଶୋରତ୍ୱ

	କମ୍	ବେଶୀ
କମ୍	ମାମୁଲି	ଗତାନୁଗତିକ କିଶୋର
ବେଶୀ	ଗତାନୁଗତିକ କିଶୋରୀ	ସମନ୍ୱିତ

ଲକ୍ଷ୍ୟ କରିବାର କଥା ଯେ କିଶୋରମାନଙ୍କର ଭଲ ଗୁଣ ଓ କିଶୋରୀମାନଙ୍କର ଭଲ ଗୁଣକୁ ମାନସିକସ୍ତରରେ ଏକତ୍ରକରି ସମନ୍ୱିତ ବ୍ୟକ୍ତିତ୍ୱର ଅଧିକାରୀ ହେବାକୁ ପଡ଼ିବ । ଏପରି ସମନ୍ୱୟ ହାସଲ କରିଥିବା କିଶୋର କିଶୋରୀମାନେ ଜୀବନରେ ଅନେକ ପ୍ରକାର ସଫଳତା ହାସଲ କରିବାର ପ୍ରମାଣ ରହିଛି । ସମନ୍ୱିତ ବ୍ୟକ୍ତିତ୍ୱର ଅଧିକାରୀ କିଶୋର କିଶୋରୀମାନେ ଉନ୍ନତ ମାନସିକ ସ୍ୱାସ୍ଥ୍ୟ ହାସଲ କରିବାର ପ୍ରମାଣ ରହିଛି ।

ଆଧୁନିକ ଜୀବନଶୈଳୀ ଓ ପ୍ରଗତି ଏପରି ସମନ୍ୱିତ ବ୍ୟକ୍ତିତ୍ୱର ଅନୁକୂଳ । କହିବା ଅନାବଶ୍ୟକ ଯେ ପିତାମାତା ସେମାନଙ୍କର ସମାଜୀକରଣ ମାଧ୍ୟମରେ ନିଜର ପୁତ୍ରକନ୍ୟାମାନଙ୍କର ସମନ୍ୱିତ ବ୍ୟକ୍ତିତ୍ୱକୁ ବିକଶିତ କରିପାରନ୍ତି କିମ୍ବା ପଶ୍ଚାଦ୍‌ଗାମୀ କରାଇପାରନ୍ତି । ପୁତ୍ରକୁ କେବଳ ପୂର୍ବର ବାଳକୋଚିତ କାର୍ଯ୍ୟ ଓ ଦାୟିତ୍ୱ ଦେଲେ ଏବଂ କନ୍ୟାକୁ କେବଳ ପୂର୍ବର ବାଳିକାସୁଲଭ କାର୍ଯ୍ୟ ଦେଲେ ସମନ୍ୱିତ ବ୍ୟକ୍ତିତ୍ୱବିକାଶ ବାଧାପ୍ରାପ୍ତ ହେବ । ଉଦାହରଣ ସ୍ୱରୂପ, କେବଳ ଝିଅକୁ ରୋଗୀ ଓ ବୃଦ୍ଧବୃଦ୍ଧାଙ୍କ ସେବା ପାଇଁ ଆଦେଶ ଦେବା ଏବଂ ପୁଅକୁ ବାହାର କାମରେ (ଯଥା – ପରିବାପତ୍ର କିଣିବା) ଦାୟିତ୍ୱ ଏ ଧରଣର ହୋଇଥାଏ । ଅନ୍ୟ ପକ୍ଷରେ ପୁତ୍ର ମଧ୍ୟ ରୋଗୀର ଯତ୍ନନେବ ଏବଂ ଝିଅ ମଧ୍ୟ ବଜାର କରିବ – ଏପରି ମାନସିକତା ସମନ୍ୱିତ ବ୍ୟକ୍ତିତ୍ୱ-ବିକାଶରେ ସହାୟକ ହୁଏ ।

Digitized by srujanika@gmail.com

ସୌଭାଗ୍ୟବଶତଃ ଏବେ ସାମାଜିକ ବାତାବରଣ ଏପରି ସମନ୍ୱୟ ବ୍ୟକ୍ତିତ୍ୱ-ବିକାଶର ସହାୟକ ହୋଇପାରିଛି । ଅତୀତରେ କେବଳ ବାଳକ ଓ ପୁରୁଷମାନେ ହକି, କ୍ରିକେଟ ଓ ଫୁଟବଲ ପରି ଖେଳସବୁ ଖେଳୁଥିଲେ ଏବଂ ପ୍ରତିଯୋଗିତାରେ ଭାଗ ନେଉଥିଲେ । ସେହିପରି କେବଳ ବାଳିକା ଓ ନାରୀମାନେ କେତେକ କାର୍ଯ୍ୟର ଦାୟିତ୍ୱ ନେଉଥିଲେ । ମାତ୍ର ବର୍ତ୍ତମାନ ବାଳିକା ଓ ନାରୀମାନେ ହକି, ଫୁଟବଲ ଓ କ୍ରିକେଟ୍ ପରି ଖେଳସବୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଖେଳିବାର ସୁଯୋଗ ପାଉଛନ୍ତି । ଚିରାଚରିତ ବନ୍ଧନୀମଧ୍ୟରୁ ମୁକ୍ତ ହୋଇ ଭିନ୍ନ କାର୍ଯ୍ୟ, ଭିନ୍ନ ବୃତ୍ତି ଏବଂ ଭିନ୍ନ କ୍ରୀଡ଼ାସବୁ ଆବୋରି ନେଉଛନ୍ତି । ଏପରି କାର୍ଯ୍ୟଗତ ସମ୍ପ୍ରସାରଣ ବାଳକମାନଙ୍କୁ କେତେକ କିଶୋରୀସୁଲଭ ଗୁଣର (ଯଥା – ସମ୍ବେଦନଶୀଳତା) ଅଧିକାରୀ କରୁଛି । ସେହିପରି ବାଳିକାମାନେ ମଧ୍ୟ କିଶୋରସୁଲଭ ଗୁଣର (ଯଥା – ଆତ୍ମନିର୍ଭରଶୀଳତା) ଅଧିକାରୀ ହେଉଛନ୍ତି । ଏହା ଏକ ଶୁଭ ଲକ୍ଷଣ । ତଥାପି ପରିବାର ଓ ସାମାଜିକ ସ୍ତରରେ ଅଧିକ କୋହଳ ମନୋବୃତ୍ତିର ବିକାଶ ଆବଶ୍ୟକ । ବ୍ୟକ୍ତିତ୍ୱର ଗଣ୍ଡିମଧ୍ୟରେ କିଶୋରତ୍ୱ ଓ କିଶୋରୀତ୍ୱର ସମ୍ମିଳିତ ଧାରା ଜୀବନକୁ ଅଧିକ ସରସ ଓ ସାଫଲ୍ୟମଣ୍ଡିତ କରିପାରିବ ।

ଆପଣଙ୍କ ବ୍ୟକ୍ତିତ୍ୱ କେତେ ମାତ୍ରାରେ ସମନ୍ୱିତ ?
(କିଶୋର କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ)

ନିମ୍ନରେ କେତେଗୁଡ଼ିଏ ଗୁଣର ତାଲିକା ଦିଆଯାଇଛି । ଏପରି ସ୍ୱଭାବ ଆପଣଙ୍କର କେତେ ପରିମାଣରେ ରହିଛି, ତାହା ସ୍ଥିର କରନ୍ତୁ । ପରିମାଣର ମାତ୍ରାକୁ କାଗଜରେ ଟିପି ରଖନ୍ତୁ । ପ୍ରତି ଗୁଣର କ୍ରମିକ ସଂଖ୍ୟା ଓ ତାହାର ପାର୍ଶ୍ୱରେ ପରିମାଣ ଟିପନ୍ତୁ ।

ପ୍ରାୟ ନ ଥିଲେ	୧ ଲେଖନ୍ତୁ
ଖୁବ୍ ଅଳ୍ପ ଥିଲେ	୨ ଲେଖନ୍ତୁ
କିଛି ପରିମାଣରେ ଥିଲେ	୩ ଲେଖନ୍ତୁ
ବେଶୀ ଥିଲେ	୪ ଲେଖନ୍ତୁ
ଖୁବ୍ ବେଶୀ ଥିଲେ	୫ ଲେଖନ୍ତୁ

୧. ସ୍ୱାଧୀନଚେତା
୨. ସମ୍ବେଦନଶୀଳ
୩. ପ୍ରତିଯୋଗୀଭାବାପନ୍ନ
୪. ଶାନ୍ତିପ୍ରିୟ
୫. ଉଚ୍ଚାଭିଳାଷୀ
୬. ସ୍ନେହପ୍ରବଣ
୭. କର୍ମଠ
୧୧. ଆଧିପତ୍ୟବିସ୍ତାରରେ ଇଚ୍ଛୁକ
୧୨. ସୌନ୍ଦର୍ଯ୍ୟପ୍ରିୟ
୧୩. ନେତୃତ୍ୱଗୁଣର ଅଧିକାରୀ
୧୪. ଦୟାଳୁ
୧୫. ବାଳକସୁଲଭ
୧୬. ଛୋଟପିଲାପ୍ରିୟ
୧୭. ସାହସୀ

Digitized by srujanika@gmail.com

୮. କୋମଳମନା
୯. ଅଗ୍ରଧର୍ଷୀ (ଆକ୍ରମଣଭାବାପନ୍ନ)
୧୦. ବାଳିକାସୁଲଭ
୧୮. ନମ୍ର
୧୯. ବାସ୍ତବବାଦୀ
୨୦. ଅନ୍ୟକୁ କଠୋର କଥା ନ କହିବାର ମନୋବୃତ୍ତି

ବର୍ତ୍ତମାନ ଆପଣ ଅଯୁଗ୍ମ (ଯଥା – ୧, ୩, ୫, ୭.... ଇତ୍ୟାଦି) କ୍ରମିକ ସଂଖ୍ୟାର ଗୁଣମାନଙ୍କ ପାଇଁ ନିଜର ମାତ୍ରା (ପରିମାଣ) ସବୁକୁ ମିଶାଇ ଦିଅନ୍ତୁ । ଏହି ମିଶାଣଫଳ ଆପଣଙ୍କ କିଶୋରତ୍ୱର ସୂଚକ । ଏପରି ଫଳାଙ୍କ ୧୦ରୁ ୫୦ ମଧ୍ୟରେ ନିଶ୍ଚିତ ଭାବରେ ରହିଥିବ । ପୁଣି ଯୁଗ୍ମ କ୍ରମିକ ସଂଖ୍ୟାର (ଯଥା –୨, ୪, ୬, ...ଇତ୍ୟାଦି) ପୁଣି ସବୁ ପାଇଁ ଆପଣଙ୍କର ମାତ୍ରା (ପରିମାଣ) ମିଶାଇ ଦିଅନ୍ତୁ । ଏହା ମଧ୍ୟ ୧୦ରୁ ୫୦ ମଧ୍ୟରେ ରହିବ । ଏହା ଆପଣଙ୍କ କିଶୋରୀତ୍ୱର ସୂଚକ ।

ଆପଣଙ୍କ ସମନ୍ୱିତ ବ୍ୟକ୍ତିତ୍ୱ ପାଇଁ ବାହାର କରିଥିବା ଫଳାଙ୍କ ଦୁଇଟିର ବିୟୋଗଫଳ ସ୍ଥିର କରନ୍ତୁ । ସ୍ଥିର କରିଥିବା କିଶୋରତ୍ୱର ମାତ୍ରା ବେଶୀ ହୋଇଥିଲେ ସେଥିରୁ କିଶୋରୀତ୍ୱର ଫଳାଙ୍କ ବିୟୋଗ କରନ୍ତୁ । ଅନ୍ୟ ପକ୍ଷରେ କିଶୋରୀତ୍ୱର ଫଳାଙ୍କ ବେଶୀ ହୋଇଥିଲେ ସେଥିରୁ କିଶୋରତ୍ୱର ମାତ୍ରା ବିୟୋଗ କରନ୍ତୁ ।

ବର୍ତ୍ତମାନ ବିୟୋଗ ଫଳଟି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା '୦' (ଶୂନ୍ୟ)ରୁ ୪୦ ମଧ୍ୟରେ ରହିବ । ଏହି ବିୟୋଗଫଳ ଯେତେ କମ୍ ହେବ ଆପଣ ସେତିକି ମାତ୍ରାରେ ସମନ୍ୱିତ । ବିୟୋଗ ଫଳ ୧୦ ମଧ୍ୟରେ ରହିଲେ ଆପଣ ବେଶ୍ ସମନ୍ୱିତ ।

ବିୟୋଗ ଫଳ ୧୧ରୁ ୨୦ ମଧ୍ୟରେ ରହିଲେ ଆପଣ ମଧ୍ୟମ ମାତ୍ରାର ସମନ୍ୱିତ ।

ଅବଶ୍ୟ କିଶୋରତ୍ୱ ଓ କିଶୋରୀତ୍ୱର ମାତ୍ରା ଉଚ୍ଚ (ଯଥା –୨୦ରୁ ଉର୍ଦ୍ଧ୍ୱ) ଥାଇ ବିୟୋଗଫଳ କମ୍ ରହିଲେ ସମନ୍ୱିତ ବ୍ୟକ୍ତିତ୍ୱର ସଂଜ୍ଞା ସମୀଚୀନ ହୋଇଥାଏ ।

ବିୟୋଗ ଫଳ ୨୧ରୁ ୩୦ ହେଲେ ଆପଣ ଗତାନୁଗତିକ କିଶୋରତ୍ୱ କିମ୍ବା କିଶୋରୀତ୍ୱର ଅଧିକାରୀ ।

ବିୟୋଗ ଫଳ ୩୧ରୁ ବେଶୀ ହେଲେ ଆପଣ ମାତ୍ରାଧିକ ଗତାନୁଗତିକ କିଶୋରତ୍ୱ ବା କିଶୋରୀତ୍ୱର ଅଧିକାରୀ ।

କହିବା ଆବଶ୍ୟକ ଯେ ଆପଣ ବିୟୋଗ କରୁଥିବା ସମୟରେ ଯେଉଁ ଫଳାଙ୍କରୁ ବିୟୋଗ କରୁଛନ୍ତି, ସେହି ଫଳାଙ୍କଟି ଉପରେ ନିର୍ଭର କରି ଆପଣ ଗତାନୁଗତିକ କିଶୋରତ୍ୱ ବା କିଶୋରୀତ୍ୱର ଅଧିକାରୀ ବୋଲି ବିଚାର କରାଯିବ ।

❑

Digitized by srujanika@gmail.com

ବୟଃସନ୍ଧିରେ କିଶୋରୀର ସଂକଟ

ଆଦ୍ୟ କୈଶୋରରେ କିଶୋରମାନଙ୍କ ମଧ୍ୟରେ ପୁରୁଷସୁଲଭ ଏବଂ କିଶୋରୀମାନଙ୍କ ମଧ୍ୟରେ ନାରୀସୁଲଭ ଗୁଣାବଳୀର ବିକାଶ ପାଇଁ ସାମାଜୀକରଣ ପ୍ରକ୍ରିୟାର ମାତ୍ରା ବଢ଼ିଯାଏ । ଜନ୍ମ ସମୟରୁ ଆରମ୍ଭ କରି ପିତାମାତା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବୟସ୍କମାନେ ଏ ଧରଣର ସାମାଜୀକରଣ ଅନୁସରଣ କରୁଥିଲେ ମଧ୍ୟ ପିଲାମାନଙ୍କର ପ୍ରାୟ ଏଗାର ବାର ବର୍ଷ ବୟସ ବେଳକୁ ଏହାକୁ ତୀବ୍ରତର କରନ୍ତି । ଆଗାମୀ ଯୌବନର ଏକ ସଂକେତ ରୂପେ ଏ ଦିଗରେ ଅଧିକ ତତ୍ପରତା ପ୍ରକାଶ କରନ୍ତି । ଗୋଟିଏ ସର୍ବେକ୍ଷଣରେ ଲକ୍ଷ୍ୟ କରାଯାଇଛି ଯେ ଷଷ୍ଠ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବା କିଶୋର କିଶୋରୀମାନଙ୍କ ମଧ୍ୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ତୁଳନାରେ ବାଳକ ବାଳିକାଭିତ୍ତିକ ପାର୍ଥକ୍ୟ ଅପେକ୍ଷାକୃତ ବେଶୀ ।

ସାମାଜୀକରଣ ପ୍ରକ୍ରିୟାରେ କିଛିଟା ଦୋଳନ ସୃଷ୍ଟି ହେବା ଏକ ସ୍ୱାଭାବିକ କଥା । ମାତ୍ର ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି କିଶୋରୀମାନଙ୍କ ପାଇଁ ଏହା ସ୍ୱତନ୍ତ୍ରଧରଣର ସଂକଟ ସୃଷ୍ଟି କରେ କି ? କେତେକ ମନୋବିଜ୍ଞାନୀ ଏ ଦିଗରେ ସୂକ୍ଷ୍ମତର ଅଧ୍ୟୟନ କରି ବୟଃସନ୍ଧି (Puberty) ସମୟରେ କିଶୋରୀମାନଙ୍କର ସ୍ୱତନ୍ତ୍ର ଧରଣର ସଂକଟ ସମ୍ପର୍କରେ ଆଲୋକପାତ କରିଛନ୍ତି । ଏହା ସ୍ୱୀକାର୍ଯ୍ୟ ଯେ ଆଧୁନିକ ଯୁଗରେ ମନୋବୃତ୍ତିର ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଏବଂ ଉଦାରୀକରଣ ଘଟିଥିଲେ ମଧ୍ୟ ବିଶ୍ୱର ଅଧିକାଂଶ ସମାଜ ପୁରୁଷ-ପ୍ରଧାନ । ପାଶ୍ଚାତ୍ୟଜଗତରେ ପ୍ରଗତିଶୀଳ ଦେଶମାନେ ମଧ୍ୟ ଏଥିରୁ ପୂର୍ଣ୍ଣଭାବରେ ମୁକ୍ତ ନୁହଁନ୍ତି । ବୟଃସନ୍ଧି (ପ୍ରାୟ ୧୧/୧୨ବର୍ଷ ବୟସବେଳକୁ) ସମୟରେ ମସ୍ତିଷ୍କର ବିକାଶ ଘଟି ଭାବନା ସାମର୍ଥ୍ୟରେ ଉନ୍ନତି ଘଟୁଥିବାରୁ କିଶୋରୀମାନେ ପୁରୁଷ-ପ୍ରାଧାନ୍ୟ ବାତାବରଣ ସମ୍ପର୍କରେ ସଚେତନ ହୁଅନ୍ତି । ସେମାନେ ଅନୁଭବ କରନ୍ତି ଯେ ଗୋଟିଏ ଦିଗରେ ସମାଜ ସେମାନଙ୍କ ସେବାଯତ୍ନର ଓ ପରୋପକାର ମନୋଭାବକୁ ଗୁରୁତ୍ୱ ଦେଉଛି, ଅଥଚ ସେମାନଙ୍କର ସ୍ୱାଧୀନତା ଆତ୍ମନିର୍ଭରଶୀଳତାକୁ ପ୍ରାଧାନ୍ୟ ଦେଉନାହିଁ ।

ଏପରି ଏକ ପ୍ରତ୍ୟେକ୍ଷଣ ଏକ ଦ୍ୱିଧା ସୃଷ୍ଟିକରେ । ସେମାନେ ପୂରାପୂରି ସ୍ୱାଧୀନ ଓ ସ୍ୱାର୍ଥପର ହେବେ କି ସମ୍ପର୍କମୁଖୀ ଓ ନିଃସ୍ୱାର୍ଥପର ହେବେ, ଏପରି ଏକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଅନ୍ତି । ଏପରି ଏକ ଦ୍ୱନ୍ଦ୍ୱର ସମାଧାନ ସହଜ ନୁହେଁ । ଏହି ଦ୍ୱନ୍ଦ୍ୱର ସମାଧାନ କରିବା ପ୍ରକ୍ରିୟାରେ ସେମାନଙ୍କୁ ମାନସିକ ଶକ୍ତିର ପ୍ରୟୋଗ କରିବାକୁ ହୁଏ । ବିପରୀତ ଦିଗକୁ ଆକର୍ଷଣ

Digitized by srujanika@gmail.com

କରୁଥିବା ଏହି ଦୁଇଟି ପରସ୍ପରବିରୋଧୀ ମାନସିକତା ମଧ୍ୟରେ ସେମାନେ କିଛିଟା ଭାରସାମ୍ୟ ହରାଇ ବସନ୍ତି ।

ଗୋଟିଏ ପ୍ରବଣତାକୁ କାଟିବାକୁ ହୁଏ । ଫଳରେ କିଛି ପରିମାଣରେ ଆତ୍ମ-ବିଶ୍ୱାସ ହ୍ରାସପାଏ । କୌଣସି ଏକ ବିଷୟରେ ମତାମତ ଦେବାକୁ ଗଲାବେଳେ ସେମାନେ ସେଥିର ନିଶ୍ଚିତ ନିଷ୍ପତ୍ତି ନ ନେଇ କାମଚଳା ଅସ୍ଥାୟୀ (Tentative) ମତାମତ ବ୍ୟକ୍ତ କରନ୍ତି । କିଛି ଗୋଟିଏ ଦୃଢ଼ସ୍ୱରରେ ବ୍ୟକ୍ତ କରିବାର ସାହସ ହରାଇ ବସନ୍ତି । ଏପରି ଆତ୍ମସନ୍ଦେହ ଆଦ୍ୟକୈଶୋରରେ ଆରମ୍ଭ ହୋଇ ଯୌବନ କାଳରେ ମଧ୍ୟ ଅବ୍ୟାହତ ରହିପାରେ । ଏହାର କବଳିତ ହେଇ କେତେକ କିଶୋରୀ କିଛି ମାତ୍ରାରେ ବିଷାଦର ଶରବ୍ୟ ହୋଇପାରନ୍ତି । ପୁଣି ଅନ୍ୟ କେତେକ କିଶୋରୀ ଏପରି ଦ୍ୱନ୍ଦ୍ୱାକୁଳ ପରିବେଶରେ ଅନ୍ୟ ଆଚରଣଗତ ଅସ୍ୱାଭାବିକତା ଦର୍ଶାନ୍ତି । ଅନିୟନ୍ତ୍ରିତ ଖାଦ୍ୟ ଗ୍ରହଣ କିମ୍ବା ଖାଦ୍ୟବର୍ଜ୍ଜନ ଏ ଧରଣର ଅସ୍ୱଭାବୀ ବ୍ୟବହାର । ଏପରି କିଶୋରୀମାନେ ଆତ୍ମନିୟନ୍ତ୍ରଣ ହରାଇ ହୁଏତ ଅନାବଶ୍ୟକ ଭାବରେ ମାତ୍ରାଧିକ ଖାଦ୍ୟ ଖାଆନ୍ତି । ଭୋକ ନଥିଲେ ମଧ୍ୟ ସୁସ୍ୱାଦୁ ଖାଦ୍ୟର ଆକର୍ଷଣ ଏଡ଼ାଇ ପାରନ୍ତି ନାହିଁ । ପୁଣି ମାତ୍ରାଧିକ ଖାଇସାରି ହୁଏତ ବାନ୍ତିକରି ବାହାର କରିଦେବାର ପ୍ରୟାସ କରନ୍ତି । ଅନ୍ୟ ପକ୍ଷରେ ଖାଦ୍ୟ ନ ଖାଇ ନିଜକୁ ଅଧିକରୁ ଅଧିକ ପତଳା କରିବାର ଅପଚେଷ୍ଟା କରନ୍ତି ।

ଅବଶ୍ୟ ସମ୍ମୁଖୀନ ହୋଇଥିବା ସଂକଟର ଯେ ସମାଧାନ ନାହିଁ, ଏ କଥା କୁହାଯାଉ ନାହିଁ । ସମନ୍ୱିତ ବ୍ୟକ୍ତିତ୍ୱ (Androgynous Personality) ସଦାସର୍ବଦା ବାଞ୍ଛନୀୟ । ଲିଙ୍ଗଭିତ୍ତିକ (Sex-linked Socialization) ସାମାଜୀକରଣର ଚାପ ସତ୍ତ୍ୱେ ବାଳକ ବାଳିକାମାନେ ଗତାନୁଗତିକ ପୁରୁଷୋଚିତ ଓ ନାରୀଜନୋଚିତ ଗୁଣାବଳୀର ଊର୍ଦ୍ଧ୍ୱକୁ ଯାଇ ସମନ୍ୱିତ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବେ । ଲକ୍ଷ୍ୟ କରାଯାଇଛି ଯେ ଗତାନୁଗତିକତା-ପ୍ରଭାବିତ କିଶୋରୀଟିଏ ସର୍ବସାଧାରଣ ପରିପ୍ରେକ୍ଷୀରେ (ଯଥା-ବିଦ୍ୟାଳୟ କିମ୍ବା ଲୋକଗହଣରେ) ନରମ ସ୍ୱରରେ କଥା କୁହେ, ମାତ୍ର ପରିବାର ପରି ଘରୋଇ ପରିବେଶରେ ଦୃଢ଼ ଓ ଉଚ୍ଚସ୍ୱରରେ କଥା କହିଥାଏ । ଅନ୍ୟ ପକ୍ଷରେ ନିଜର ବ୍ୟକ୍ତିତ୍ୱରେ କିଶୋରତ୍ୱ ଓ କିଶୋରୀତ୍ୱର ସମାବେଶ ଘଟାଇଥିବା ସମନ୍ୱିତ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥିବା କିଶୋରୀ ସବୁ ପରିବେଶରେ ସମାନ ପରିମାଣର ଦୃଢ଼ତା ରକ୍ଷାକରେ ।

ପରିଶେଷରେ କୁହାଯାଇପାରେ ଯେ ବର୍ତ୍ତମାନ କ୍ରମଶଃ ଉଦାର ମନୋଭାବପୂର୍ଣ୍ଣ ବାତାବରଣର ବିକାଶ ଘଟୁଥିବାରୁ ଆଗାମୀ ବଂଶଧରର କିଶୋରୀମାନେ ଏ ଧରଣର ସଂକଟ ଅନୁଭବ ନ କରି ପାରନ୍ତି । ତଥାପି ସଚେତନ ଭାବରେ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟମାନଙ୍କୁ ଅନମନୀୟ (Rigid) ସାମାଜୀକରଣ ପରିବର୍ତ୍ତେ ଏକ ସମନ୍ୱିତ ବ୍ୟକ୍ତିତ୍ୱ ବିକାଶ-ଅନୁକୂଳ ସାମାଜୀକରଣ ପ୍ରତି ଦୃଷ୍ଟିଦେବାକୁ ପଡ଼ିବ ।

Digitized by srujanika@gmail.com

ଯୌନ ଆଚରଣ : ଜଟିଳତାର କେତୋଟି ରୂପ

କିଶୋରଜୀବନରେ ଯୌନ ଆଚରଣ ଏକ ସ୍ୱାଭାବିକ ପରିପ୍ରକାଶ । କିଶୋର କିଶୋରୀମାନେ ନିଜ ସମ୍ପର୍କରେ ଯେଉଁ ଆତ୍ମପରିଚିତି ଗଠନ କରନ୍ତି, ସେଥିରେ ଯୌନ ଭାବକଳ୍ପ ଏକ ଅବିଚ୍ଛେଦ୍ୟ ଅଂଶ ଗ୍ରହଣ କରିଥାଏ । ଶରୀରର ଦ୍ରୁତ ପରିବର୍ତ୍ତନ ସହିତ ସମତାଳ ଦେଇ ଯୌନଇଚ୍ଛା ସମ୍ପର୍କୀୟ ଅନ୍ୱେଷଣ ମଧ୍ୟ କ୍ଷିପ୍ରହୁଏ । ଏ ଦିଗରେ ଅନୁସନ୍ଧିତ୍ସା ଖୁବ୍ ବୃଦ୍ଧିପାଏ । ମନରେ ବହୁ ପ୍ରଶ୍ନ ଦୃଢ଼ ହୁଏ । ସେମାନଙ୍କର ଯୌନ ଆକର୍ଷଣଶୀଳତା ରହିଛି କି ? ଆଗାମୀ ଯୌନଜୀବନର ରୂପରେଖ କ'ଣ ହେବ ? ଏ ଇଲାକାରେ ସେମାନେ କେତେ ମାତ୍ରାରେ ସଫଳ ହୋଇପାରିବେ ? ଆଦ୍ୟ କୈଶୋରରେ ମୁଣ୍ଡ ଟେକିଥିବା ଏହିସବୁ ପ୍ରଶ୍ନ ଧୀରେ ଧୀରେ ସମାହିତ ହୁଏ । ଅଧିକାଂଶ କିଶୋର କିଶୋରୀ ଧୀରେ ଧୀରେ ପରିପକ୍ୱତା ଲାଭ କରି ସମସ୍ୟାର ସମାଧାନ କରନ୍ତି । ମାତ୍ର କେତେକ କିଶୋର କିଶୋରୀ ପରିପକ୍ୱତା ଅଭାବରୁ କୁପ୍ରଭାବଗ୍ରସ୍ତ ହୋଇପଡ଼ନ୍ତି ।

ଯୌନଗତ ଆଚରଣର ବିକାଶରେ କେତେକ ସ୍ୱାଭାବିକ ପ୍ରକ୍ରିୟା ରହିଛି । କିଶୋରୀମାନଙ୍କର ଅନ୍ୟ ସବୁ ବ୍ୟବହାର ତୁଳନାରେ ଏ ଦିଗଟି ପ୍ରତି ସମାଜରେ ଦୃଷ୍ଟି ଆକର୍ଷଣ କରେ । କିଶୋରମାନଙ୍କ କ୍ଷେତ୍ରରେ ପୁରୁଷ ହର୍‌ମୋନ୍ ଆଣ୍ଡ୍ରୋଜେନ ଏବଂ କିଶୋରୀମାନଙ୍କ କ୍ଷେତ୍ରରେ ନାରୀ ହରମୋନ୍ ଏଷ୍ଟ୍ରୋଜେନ୍‌ର ଦ୍ରୁତ କ୍ଷରଣ ଫଳରେ ଯୌନଗତ ସକ୍ରିୟତା ବୃଦ୍ଧିପାଏ । ପୁଣି କୈଶୋରକାଳୀନ ବିକାଶର ଏକ ସୁସ୍ପଷ୍ଟ ମାନସିକତା ହେଉଛି ଅହଂକେନ୍ଦ୍ରତା (Egocentrism) । ଏହାର ଶରବ୍ୟ ହେବା ଫଳରେ କିଶୋର କିଶୋରୀମାନଙ୍କ ମନରେ ଏକପ୍ରକାର ଅନନ୍ୟତାର ଭାବନା ତୀବ୍ର ହୁଏ । ସେମାନେ ପ୍ରକୃତରେ ଅନନ୍ୟ- ଏପରି ଏକ ଭାବନା ଆସେ । "ସେ ଯେପରି ଗାଡ଼ିଚଲାଇ ପାରିବ, ଅନ୍ୟ କେହି ତାହା ପାରିବେ ନାହିଁ" – ଏପରି ଚିନ୍ତା ଶକ୍ତ ହୁଏ ।" "ସେ ଯେପରି ଗୀତ ଗାଇ ପାରିବ, ଅନ୍ୟ କେହି ପାରିବେ ନାହିଁ"– ଏପରି ଭାବନା ଶକ୍ତିଶାଳୀ ହୁଏ । ଏପରି ଅହଂକେନ୍ଦ୍ରୀ ଭାବନା ଫଳରେ କିଶୋର କିଶୋରୀମାନେ ନିଜର ପ୍ରକୃତ ସାମର୍ଥ୍ୟର ଯଥାର୍ଥ ଆକଳନ ହରାଇ ବସନ୍ତି । ଫଳରେ ବିପଦଗ୍ରସ୍ତ ହେବାର ସମ୍ଭାବନା ବୃଦ୍ଧିପାଏ । ଗର୍ଭନିରୋଧର ପ୍ରତିକାର ନ କରି ମଧ୍ୟ ଗର୍ଭସଞ୍ଚାର ହେବ ନାହିଁ, ଏପରି ଭ୍ରମ ଭାବନା ଏ ସମୟର ଅହଂକେନ୍ଦ୍ରୀ ଭାବନାର ପରିଣତି ।

Digitized by srujanika@gmail.com

ଅବଶ୍ୟ ଦେଶ ବିଦେଶରେ କରାଯାଇଥିବା ଗବେଷଣାରୁ ଲକ୍ଷ୍ୟ କରାଯାଇଛି ଯେ ପିତାମାତାଙ୍କ ସହିତ ସୁସମ୍ପର୍କ ବହୁ ପରିମାଣରେ ଦୁଃସାହସିକ ପଦକ୍ଷେପକୁ ସଂଯମର ପରିଧି ମଧ୍ୟରେ ରଖିବାରେ ସହାୟକ ହୋଇଥାଏ ।

ଯୌନଗତ ଆଚରଣର ପରିପ୍ରକାଶରେ ସାମାଜିକ ସାଂସ୍କୃତିକ ପରିପ୍ରେକ୍ଷୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ, ଏହା ଏକ ସର୍ବସ୍ୱୀକୃତ ସିଦ୍ଧାନ୍ତ । ଯୁକ୍ତରାଷ୍ଟ୍ର ଆମେରିକା ପରି ସର୍ବ-ଅନୁମୋଦନ ପରିବେଶରେ କିଶୋର କିଶୋରୀମାନେ ବିଭିନ୍ନ ଧରଣର ଯୌନଗତ ବ୍ୟବହାର ଅପେକ୍ଷାକୃତ କମ୍ ବୟସରେ ଦେଖାଇବା ଏକ ସାଧାରଣ ପ୍ରତ୍ୟାଶା । ଗବେଷଣାରୁ ଦେଖାଯାଇଛି ଯେ ଯୁକ୍ତରାଷ୍ଟ୍ରରେ କିଶୋରମାନେ ବିଭିନ୍ନ ଧରଣର ଯୌନ ଅନୁଭୂତି ପ୍ରଥମ ଥର ପାଇଁ ୧୩ବର୍ଷରୁ ୧୫ବର୍ଷ ବୟସ ମଧ୍ୟରେ ଲାଭ କରିବା ସ୍ଥଳେ କିଶୋରୀମାନେ ପ୍ରଥମଥର ପାଇଁ ଏପରି ଅନୁଭବ ୧୫ବର୍ଷରୁ ୧୭ବର୍ଷ ମଧ୍ୟରେ ପାଇଥାନ୍ତି । କୌତୂହଳର ବିଷୟ ପ୍ରଥମ ଅନୁଭୂତିର ହାରାହାରି ବୟସସ୍ତର ସେ ଦେଶରେ ମଧ୍ୟ ଯେ ସମ୍ପ୍ରଦାୟ ଭିନ୍ନତାରେ ପୃଥକ୍ ହୋଇଥାଏ । ଯୁକ୍ତରାଷ୍ଟ୍ରର ଶ୍ୱେତାଙ୍ଗ କିଶୋର କିଶୋରୀମାନେ ୧୪ବର୍ଷରୁ ୧୭ବର୍ଷ ମଧ୍ୟରେ ପ୍ରଥମ ଅନୁଭବର ଅଧିକାରୀ ହେବା ସ୍ଥଳେ କୃଷ୍ଣକାୟ କିଶୋର କିଶୋରୀମାନେ ୧୩ବର୍ଷରୁ ୧୫ବର୍ଷ ବୟସରେ ଏହା ଅନୁଭବ କରନ୍ତି । ପୁଣି ଦକ୍ଷିଣ ଆମେରିକାରୁ ଆସିଥିବା କିଶୋର କିଶୋରୀମାନଙ୍କର ଏପରି ବୟସ ସୀମା ୧୪ବର୍ଷରୁ ୧୭ବର୍ଷ ହେବା ସ୍ଥଳେ ଏସିଆ ଦେଶସମୂହ ଆସିଥିବା କିଶୋର କିଶୋରୀମାନଙ୍କର ଏହି ସୀମା ୧୫ ବର୍ଷରୁ ୧୮ବର୍ଷ ହୋଇଥାଏ ।

ଗବେଷଣା ଅଭାବରୁ ଆମ ଦେଶର ଏ ସମ୍ବନ୍ଧୀୟ ପରିସଂଖ୍ୟାନ ଉପଲବ୍ଧ ନ ହେଲେ ମଧ୍ୟ ଏପରି ବୟସ ସୀମା ଉପର ବୟସ ସୀମା ହେବାର ଅନୁମାନ କରାଯାଇପାରେ । ଅବଶ୍ୟ ଆମର ଦୂରଦର୍ଶନ, ଗୀତ, ବିଜ୍ଞାପନ ଓ ଚଳଚ୍ଚିତ୍ରରେ ସଂଯମହୀନତାର ଯେଉଁ ବିସ୍ତାର ଘଟୁଛି, ସେ ପରିପ୍ରେକ୍ଷୀରେ ପାଶ୍ଚାତ୍ୟଜଗତର ପରିସଂଖ୍ୟାନକୁ ସ୍ପର୍ଶ କରିବାର ସମ୍ଭାବନା ଖୁବ୍ ବେଶୀ ।

ଯୌନବ୍ୟବହାର ପରିପ୍ରେକ୍ଷୀରେ ଯେଉଁ ଦୁଇଟି ନିର୍ଦ୍ଦିଷ୍ଟ ବିଷୟ ଜଟିଳତା ବିଜଡ଼ିତ ହୋଇଛି, ସେ ଦୁଇଟି ହେଉଛି ସମଲିଙ୍ଗୀ ଆକର୍ଷଣ ଏବଂ ଯୌନକ୍ରିୟା ଜଡ଼ିତ ସଂକ୍ରମଣ (ଯଥା AIDS – ଏଡ୍‌ସ୍) । ଅବଶ୍ୟ କେତେକ ଦୃଷ୍ଟିରୁ ଏ ଦୁଇଟି ମଧ୍ୟ ସମ୍ବନ୍ଧିତ ।

ସମଲିଙ୍ଗୀ ଆକର୍ଷଣ

୧୯୭୦ ମସିହା ପୂର୍ବରୁ ଆମେରିକା ଯୁକ୍ତରାଷ୍ଟ୍ରର ମନୋବିଜ୍ଞାନୀ ପରିଷଦ ଓ ମନୋଚିକିତ୍ସକ ପରିଷଦ ସମ୍ମିଳିତ ଭାବରେ ସମଲିଙ୍ଗୀ ବ୍ୟବହାରକୁ (Homosexuality) ଅସ୍ୱାଭାବୀ ବ୍ୟବହାର (Abnormal Behaviour) ଅନ୍ତର୍ଭୁକ୍ତ କରିଥିଲେ । ମାତ୍ର ୧୯୭୦ ମସିହା ବେଳକୁ ଏହା ବିରୋଧିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା । ସମଲିଙ୍ଗକାମୀ ପୁରୁଷ ଓ ମହିଳାମାନେ

Digitized by srujanika@gmail.com

ସମଲିଙ୍ଗୀ ଆକର୍ଷଣକୁ ଏକ ଭିନ୍ନ ଧରଣର ଯୌନ ଆଭିମୁଖ୍ୟ (Sexual Orientation) ରୂପେ ଯୁକ୍ତି କଲେ । ବିଭିନ୍ନ ପ୍ରତିବାଦ ଓ ଘଟଣା ମଧ୍ୟରେ ସମଲିଙ୍ଗୀ ବ୍ୟବହାରକୁ ଏବେ ଉତ୍ତର ଆମେରିକାରେ ଏକ ଅସ୍ୱାଭାବୀ ବ୍ୟବହାର ବା ମାନସିକ ବିକୃତିର ସ୍ଥାନ ଦିଆଯାଉ ନାହିଁ । କିନ୍ତୁ ଜଣେ ବ୍ୟକ୍ତି (ପୁରୁଷ କିମ୍ବା ମହିଳା) ଏପରି ସମଲିଙ୍ଗୀ ଆକର୍ଷଣ ଅନୁଭବ କରିବା ସଙ୍ଗେ ସଙ୍ଗେ ଗ୍ଲାନି, ମାନସିକ ଉତ୍କଣ୍ଠା ଏବଂ ଅପରାଧବୋଧର ଅନୁଭୂତି ପାଉଥିଲେ ତାକୁ ମନସ୍ତତ୍ତ୍ୱବିଦ୍ କିମ୍ବା ମନୋଚିକିତ୍ସକଙ୍କ ପରାମର୍ଶ ନେବା ପାଇଁ ଉପଦେଶ ଦିଆଯାଉଛି । ସୁତରାଂ ସମଲିଙ୍ଗୀ ଆକର୍ଷଣ (Same Sex Attraction) ସ୍ୱାଭାବିକ କି ଅସ୍ୱାଭାବିକ, ତାହା ନିର୍ଭର କରିବ ସମନ୍ୱୟଶୀଳତା ଉପରେ । ସମନ୍ୱୟର ବିପର୍ଯ୍ୟୟ ଘଟିଲେ ତାହାକୁ ମାନସିକ ବିକୃତି କୁହାଯିବ ।

ସମଲିଙ୍ଗୀ ଆକର୍ଷଣ ପରିପ୍ରେକ୍ଷୀରେ ଅନ୍ୟ ଗୋଟିଏ ସୂଚନା ଏଠାରେ ଦିଆଯିବା ନିତାନ୍ତ ପ୍ରୟୋଜନ । ମାନସିକ ବିକୃତିର (ଅସ୍ୱାଭାବୀ ବ୍ୟବହାର) ସଂଜ୍ଞା ନିର୍ଦ୍ଦେଶ ସମୟରେ ସାମାଜିକ-ସାଂସ୍କୃତିକ ପରିବେଶର ବିଚାର ଖୁବ୍ ଗୁରୁତ୍ୱପୂର୍ଣ୍ଣ । *ଗୋଟିଏ ସମାଜ ସଂସ୍କୃତିରେ ଯାହା ଗ୍ରହଣୀୟ, ଅନ୍ୟ ସମାଜ ସଂସ୍କୃତିରେ ତାହା ବିକୃତିର ପର୍ଯ୍ୟାୟଭୁକ୍ତ ହୋଇପାରେ ।* ସୁତରାଂ ସମଲିଙ୍ଗୀ ଆକର୍ଷଣ ଯୁକ୍ତରାଷ୍ଟ୍ର ଆମେରିକା ପରି ଏକ ଯୌନମୁଖୀ ସଂସ୍କୃତିରେ (Sexual Culture) ବିକୃତିସୂଚକ ନ ହେଲେ ମଧ୍ୟ ଭାରତ ପରି ଅନ୍ୟ ଦେଶରେ ସମସ୍ୟାଜଡ଼ିତ ବୋଲି ବିଚାର କରାଯାଇପାରେ । ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଏପରି ଆଚରଣ ଦର୍ଶାଉଥିବା ନାରୀ ଓ ପୁରୁଷ ସଂଖ୍ୟାଲଘୁ ସମ୍ପ୍ରଦାୟ । ପ୍ରାୟ ୨.୩%ରୁ ୨.୭% ପୁରୁଷ ଏବଂ ୧.୧%ରୁ ୧.୩% ନାରୀ ସେ ଦେଶରେ ସମଲିଙ୍ଗୀ ଆକର୍ଷଣଜନିତ ବ୍ୟବହାର ଦର୍ଶାନ୍ତି ।

ଏପରି ଯୌନ ଆଚରଣର ବିଜ୍ଞାନସମ୍ମତ କାରଣ ଏ ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇନାହିଁ । ତେବେ ତିନୋଟି ସମ୍ଭାବ୍ୟ କାରଣର ଆଭାସ ମିଳିଛି । ପ୍ରଥମ କାରଣଟି ହର୍ମୋନ୍‌ଗତ ଏବଂ ଏହା ଏକ ଜଟିଳ ପ୍ରକ୍ରିୟା କେତେକ ବିଶେଷଜ୍ଞ ଲକ୍ଷ୍ୟ କରିଛନ୍ତି ଯେ ସନ୍ତାନସମ୍ଭବା ନାରୀର ଗର୍ଭସ୍ଥ ଭ୍ରୁଣଶିଶୁ ଗର୍ଭସଞ୍ଚାରର ଦୁଇମାସରୁ ପାଞ୍ଚମାସମଧ୍ୟରେ ନାରୀ ହର୍ମୋନ୍‌ର ସମଧର୍ମୀ ହର୍ମୋନ୍‌ର ସଂସର୍ଗରେ ଆସିଲେ ଏପରି ଭ୍ରୁଣଶିଶୁ ସେହି ସମୟରୁ ପୁରୁଷ ପ୍ରତି ଆକର୍ଷିତ ହେବାର ପ୍ରବଣତା ଲାଭ କରେ । ଲକ୍ଷ୍ୟ କରିବାର କଥା ଯେ ଏପରି ଭ୍ରୁଣଶିଶୁ କନ୍ୟା ହୋଇ ଜନ୍ମ ହେଲେ ତାହାର ଭିନ୍ନଲିଙ୍ଗୀ ଆକର୍ଷଣ ପ୍ରବଣତା ଆସେ । ମାତ୍ର ପୁତ୍ର ହୋଇ ଜନ୍ମ ହେଲେ ସମଲିଙ୍ଗୀ ଆକର୍ଷଣ ପ୍ରବଣତା ଗ୍ରହଣ କରେ । ମୋଟ ଉପରେ ଗର୍ଭସଞ୍ଚାରର ଦୁଇମାସରୁ ପାଞ୍ଚମାସ ମଧ୍ୟରେ ଜନନୀର ହର୍ମୋନ୍ ସ୍ତର ଏକ ନିର୍ଣ୍ଣାୟକ ଅବସ୍ଥା । ପୁଣି ଏହି ସମୟ (ଦୁଇମାସରୁ ପାଞ୍ଚମାସ) ଏକ ଚରମ କାଳ (Critical Period) । ଏହି ପ୍ରକଳ୍ପକୁ ଭିତ୍ତି କରି ଅନେକ ଯୁକ୍ତି କରନ୍ତି ଯେ ଏପରି ଏକ ଚରମ କାଳ ନିର୍ଣ୍ଣାୟକ ଅବସ୍ଥା ସୃଷ୍ଟି କରୁଥିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ୟାଗ୍ରସ୍ତ ସମଲିଙ୍ଗୀ ଆକର୍ଷଣ ବଦଳାଇବା

Digitized by srujanika@gmail.com

ଅସମ୍ଭବ ନ ହେଲେ ମଧ୍ୟ ବେଶ୍ କଷ୍ଟକର ହୋଇପଡ଼େ । ମନୋଚିକିତ୍ସକମାନେ ଏ କ୍ଷେତ୍ରରେ ସଫଳତା ପାଇବା ଖୁବ୍ କଷ୍ଟ ହୁଏ ।

ଦ୍ୱିତୀୟ କାରଣଟି ସ୍ନାୟୁଗତ । ୧୯୯୧ ମସିହାର ଲିଭେ ନାମକ ଜଣେ ସ୍ନାୟୁ ବିଶେଷଜ୍ଞ ଗବେଷଣା କରି ଗୋଟିଏ କୌତୂହଳପୂର୍ଣ୍ଣ ପାର୍ଥକ୍ୟ ଆବିଷ୍କାର କଲେ । ମସ୍ତିଷ୍କରେ ଥିବା ହାଇପାଥାଲାମସ୍‌ର ଏକ କ୍ଷୁଦ୍ର ଅଂଶ ଆମର ଯୌନ ବ୍ୟବହାରକୁ ପ୍ରଭାବିତ କରେ । ଲିଭେ ଲକ୍ଷ୍ୟ କଲେ ଯେ ସମଲିଙ୍ଗକାମୀ ପୁରୁଷମାନଙ୍କର ମସ୍ତିଷ୍କର ଏହି ଅଂଶଟି ତୁଳନାରେ ଭିନ୍ନଭିଙ୍ଗକାମୀ ପୁରୁଷମାନଙ୍କର ଏହି ଅଂଶଟି ଦୁଇଗୁଣ । ସମଲିଙ୍ଗକାମୀ ପୁରୁଷମାନଙ୍କର ଏହି ଅଂଶଟି ଭିନ୍ନଲିଙ୍ଗକାମୀ ନାରୀ ମସ୍ତିଷ୍କର ଏହି ଅଂଶଟିର ଆକାର ସହିତ ପ୍ରାୟ ସମାନ ।

ତୃତୀୟ କାରଣଟିକୁ ବଂଶାନୁଗତି ସହିତ ସମ୍ବନ୍ଧିତ କରାଯାଇଛି । ଏହା ଜଣାଶୁଣା କଥା ଯେ ଯମଜ ସନ୍ତାନମାନେ ଦୁଇପ୍ରକାର ହୁଅନ୍ତି । ସମରୂପୀ ଯମଜ ଓ ଭ୍ରାତୃରୂପୀ ଯମଜ । ସମରୂପୀ ଯମଜ କ୍ଷେତ୍ରରେ ଗୋଟିଏ ଡିମ୍ବକୋଷରୁ ସନ୍ତାନଦୁଇଟି ଜନ୍ମ ନେଉଥିବାରୁ ଗୋଟିଏ ପ୍ରକାର ବଂଶାନୁଗତି ଜଡ଼ିତ ଥାଏ । ଅନ୍ୟ ପକ୍ଷରେ ଭ୍ରାତୃରୂପୀ ଯମଜମାନେ ଦୁଇଟି ପୃଥକ୍ ଅଣ୍ଡରୁ ଜନ୍ମ ନିଅନ୍ତି । ଯେଉଁ ଯେଉଁ ଯମଜମାନଙ୍କର ସମଲିଙ୍ଗୀ ଆକର୍ଷଣ ରହିଛି, ସେମାନଙ୍କୁ ଚିହ୍ନଟ କରାଗଲା । ଦେଖାଗଲା ଯେ ଏପରି ସମଲିଙ୍ଗୀ ଆକର୍ଷଣ ଥିବା କିଶୋର କିଶୋରୀମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସମରୂପୀ (Identical Twins) ଗୋଷ୍ଠୀରୁ ହୋଇଥିବା ସ୍ଥଳେ ଭ୍ରାତୃରୂପୀ ଯମଜଗୋଷ୍ଠୀର (Fraternal Twins) ଏକ ତୃତୀୟାଂଶ ସମଲିଙ୍ଗୀ ଆକର୍ଷଣଥିବା କିଶୋର କିଶୋରୀ ରହିଥିଲେ । ଏ ଦୃଷ୍ଟିରୁ ବଂଶାନୁଗତିର (Heredity) ଭୂମିକାକୁ ଅସ୍ୱୀକାର କରିହେବ ନାହିଁ ।

ଆଲୋଚିତ କାରଣ ତିନୋଟି ମଧ୍ୟରୁ କୌଣସି ଗୋଟିଏ ଉପାଦାନ ପୂର୍ଣ୍ଣ ସମର୍ଥିତ ହୋଇନାହିଁ । ସମ୍ଭବତଃ ଏ ସବୁ ଉପାଦାନ ସମ୍ମିଳିତ ଭାବରେ କାର୍ଯ୍ୟ କରିଥାଏ । ତେବେ ନିଶ୍ଚିତଭାବରେ ପର୍ଯ୍ୟବେକ୍ଷଣ କରାଯାଇଛି ଯେ ସମଲିଙ୍ଗୀ ଆକର୍ଷଣ ଅନୁଭବ କରୁଥିବା ପିତା ମାତାଙ୍କର ସନ୍ତାନମାନେ ଏ ଧରଣର ହେବାର କୌଣସି ଆଶଙ୍କା ନାହିଁ ।

ଯୌନବ୍ୟବହାର ପରିପ୍ରେକ୍ଷୀରେ ଅନ୍ୟ ଏକ ବିଶେଷ ଜଟିଳତା ହେଉଛି ଯୌନକ୍ରିୟାବାହିତ ସଂକ୍ରମଣ (Sexually Transimitted Infections ବା STI).

ଯୌନକ୍ରିୟାବାହିତ ସଂକ୍ରମଣ

ଯୌନସଂସର୍ଗ କେତେକ ଧରଣର ସଂକ୍ରମଣର କାରଣ ହୋଇଥାଏ । କିଶୋର କିଶୋରୀମାନେ ଏ ସମ୍ପର୍କରେ ସଚେତନ ରହିବା ଖୁବ୍ ପ୍ରୟୋଜନ । ଏପରି ସଂକ୍ରମଣ କେବଳ ସ୍ୱାଭାବିକ ଯୌନକ୍ରିୟା ସହିତ ସମ୍ବନ୍ଧିତ ନୁହେଁ, ଏହା ଅପ୍ରାକୃତିକ ଯୌନକ୍ରିୟା ସହିତ ମଧ୍ୟ ସମ୍ବନ୍ଧିତ ।

କେତେକ ସଂକ୍ରମଣ ଭୂତାଣୁ (Virus) ଜନିତ । ଏପରି ଭୂତାଣୁଜନିତ ସଂକ୍ରମଣ ମଧ୍ୟରେ ଏଡ୍‌ସ (AIDS ବା Acquired Immunity Deficiency Syndrome) ମୁଖ୍ୟ

Digitized by srujanika@gmail.com

ହେଲେ ମଧ୍ୟ ଯୌନାଙ୍ଗରେ ଅନ୍ୟ କେତୋଟି ଯନ୍ତ୍ରଣାଦାୟକ ସଂକ୍ରମଣ ଏହାର ଅର୍ନ୍ତଭୁକ୍ତ । ଅନ୍ୟ କେତୋଟି ସଂକ୍ରମଣ ଜୀବାଣୁଜନିତ । ଗନେରିଆ, ସିଫିଲସ୍ ଓ କ୍ଲାମିଡ଼ିଆ ପରି କେତେକ ସଂକ୍ରମଣ ଏହାର ଅନ୍ତର୍ଭୁକ୍ତ । ଆଧୁନିକ ବିଶ୍ୱରେ ଏଡ୍‌ସ ସର୍ବାଧିକ ଅଧିକ ଭୟାବହତା ସୃଷ୍ଟି କରିଥିବାରୁ ଏ ବିଷୟରେ କିଛିଟା ସୂଚନା ପ୍ରାସଙ୍ଗିକ ହେବ ।

ଏଡସ୍ ଏକ ଯୌନକ୍ରିୟା-ବାହିତ ସଂକ୍ରମଣ । ଏହା ଶରୀରର ରୋଗପ୍ରତିରୋଧ ଶକ୍ତିକୁ (Immuno System) ବିପନ୍ନ କରେ । ଏହା ଏକ ଭୂତାଣୁଜନିତ ସଂକ୍ରମଣ ଏବଂ ଏହି ଭୂତାଣୁକୁ Human Immuno deficiency Virus ବା HIV କୁହାଯାଏ । ଏହି ଭୂତାଣୁର ଆକ୍ରମଣରେ ଶରୀରର ରୋଗ ପ୍ରତିରୋଧ ନଷ୍ଟ ହେଉଥିବାରୁ ସ୍ୱାଭାବିକ ଅବସ୍ଥାରେ ଶରୀରର ରକ୍ଷାକରୀ କୋଷସବୁ ଯେଉଁ ସୁରକ୍ଷା କାର୍ଯ୍ୟ କରିବାର କଥା, ତାହା ସମ୍ଭବ ହୁଏନାହିଁ । ଫଳରେ ବ୍ୟକ୍ତି ବହୁତଗୁଡ଼ିଏ ରୋଗର ଶରବ୍ୟ ହୁଏ ।

ସମଗ୍ର ବିଶ୍ୱରେ ସାହାରା-ଆଫ୍ରିକା ଭୂଖଣ୍ଡରେ ଏହା ସବୁଠାରୁ ଅଧିକ ମାରାତ୍ମକ ରୂପ ନେଇଛି । ୟୁନିସେଫ (UNICEF) ୨୦୦୪ ବିବରଣୀ ଅନୁଯାୟୀ ଆଫ୍ରିକା ମହାଦେଶର ବହୁସଂଖ୍ୟକ କିଶୋରୀ ଏହି ସଂକ୍ରମଣର ଶରବ୍ୟ ହୋଇଛନ୍ତି ଏବଂ ଭବିଷ୍ୟତରେ ଆଶଙ୍କା ମଧ୍ୟ ରହିଛି । କିଶୋରମାନଙ୍କ ତୁଳନାରେ ପ୍ରାୟ ଛ'ଗୁଣ କିଶୋରୀ ଏହାର ଶିକାର ହୋଇଛନ୍ତି । କେନିୟାରେ ୧୫ ବର୍ଷରୁ ୧୯ବର୍ଷ ବୟସ ମଧ୍ୟରେ ୨୫ପ୍ରତିଶତ କିଶୋରୀ ଏହାର ଶରବ୍ୟ ହେବା ସ୍ଥଳେ ୪ ପ୍ରତିଶତ କିଶୋର ଏହାର ଶିକାର ହୋଇଛନ୍ତି । ସେହିପରି ବଟ୍‌ସ୍ୱାନାରେ ସନ୍ତାନସମ୍ଭବା ଥିବା କିଶୋରୀମାନଙ୍କ ମଧ୍ୟରୁ ୩୦ ପ୍ରତିଶତ କିଶୋରୀଙ୍କ ଶରୀର ଏହି ଭୂତାଣୁରେ ସଂକ୍ରମିତ ।

ଏପରି ସଂକ୍ରମଣର ଶରବ୍ୟ ହୋଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ସମ୍ପୃକ୍ତି ଅନୁସନ୍ଧାନ କରିବା ପରେ ଜଟିଳତାର ସୂଚକସବୁ ଜଣାପଡୁଛି । ପାଶ୍ଚାତ୍ୟ ଦେଶମାନଙ୍କରେ ସମଲିଙ୍ଗକାମୀ କିଶୋର ଓ ଯୁବକମାନେ ଏପରି ସଂକ୍ରମଣର ଶିକାର ହୋଇଛନ୍ତି । ନିଶାଦ୍ରବ୍ୟ ଗ୍ରହଣ ପାଇଁ ବ୍ୟବହାର କରାଯାଉଥିବା ଛୁଞ୍ଚି ଏବଂ ଅନିୟନ୍ତ୍ରିତ ବହୁ ଯୌନସହଚର ଏସବୁ ସ୍ଥଳରେ ସକ୍ରିୟ ରହିଛି । ମୋଟାମୋଟି ଭାବରେ ଅସୁରକ୍ଷିତ ଯୌନକ୍ରିୟାକୁ ଏହାର ମୁଖ୍ୟ କାରଣ ରୂପେ ନିର୍ଦ୍ଦିଷ୍ଟ କରାଯାଇଛି ।

ବିଶେଷଜ୍ଞମାନେ ସୂଚାଇଛନ୍ତି ଯେ ଅନିୟନ୍ତ୍ରିତ ଯୌନସଂସର୍ଗ, ନିଶାଦ୍ରବ୍ୟ ଗ୍ରହଣ ପାଇଁ ଅନ୍ୟମାନେ ବ୍ୟବହାର କରିଥିବା ଛୁଞ୍ଚିର ବ୍ୟବହାର ଏବଂ ତ୍ରୁଟିପୂର୍ଣ୍ଣ ଉପାୟରେ ରକ୍ତଗ୍ରହଣ ଏହି ଭୟାବହ ସଂକ୍ରମଣର ମୁଖ୍ୟ କାରଣ । ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରାୟ ୯୦ ପ୍ରତିଶତ ଏଡ୍‌ସରୋଗୀ ସମଲିଙ୍ଗକାମୀ ପୁରୁଷ ଓ ନିଶାଦ୍ରବ୍ୟ ଗ୍ରହଣ କରିବା ସମୟରେ ଛୁଞ୍ଚି ବ୍ୟବହାର କରୁଥିବା ଗୋଷ୍ଠୀର ଅନ୍ତର୍ଭୁକ୍ତ ।

ଭାରତ ସମେତ ବିଶ୍ୱର ସବୁ ଦେଶରେ ଏହା ବିରୁଦ୍ଧରେ ସଂଗ୍ରାମ ଆରମ୍ଭ ହୋଇଛି । ଯୌନ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବାର ଆଭିମୁଖ୍ୟ ଗ୍ରହଣ କରାଯାଉଛି ।

Digitized by srujanika@gmail.com

ତେବେ ଏହି ଶିକ୍ଷା ଓ ପ୍ରଶିକ୍ଷଣର ରୂପରେଖ କ'ଣ ହେବାର ବିଧେୟ ସେ ବିଷୟରେ ପୂର୍ଣ୍ଣ ସହମତି ସମ୍ଭବ ହୋଇନାହିଁ । ''ସଂଯମ'' ଭାରତୀୟ ସାମାଜିକ ଓ ସାଂସ୍କୃତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଏହାର ପୂର୍ଣ୍ଣ ଉପଯୋଗ ପ୍ରାସଙ୍ଗିକ ହେବ ।

ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶର ଗବେଷଣାରୁ ସ୍ପଷ୍ଟ ଦେଖାଯାଇଛି ଯେ କିଶୋର କିଶୋରୀମାନଙ୍କର ପିତାମାତାଙ୍କ ସହିତ ସମ୍ପର୍କ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରେ । ବିଶେଷତଃ ବାଲ୍ୟକାଳରୁ ଆରମ୍ଭ କରି ଜନନୀ କେବଳ ଏକ ଉପଦେଷ୍ଟା ନୁହନ୍ତି, ଜଣେ ବନ୍ଧୁ ବା ବାନ୍ଧବୀର ଭୂମିକା ନିର୍ବାହ କରନ୍ତି । ପୁତ୍ରକନ୍ୟା ଅନ୍ତରଙ୍ଗତାର ସହିତ ମା' ପାଖରେ ଅନେକ ବ୍ୟକ୍ତିଗତ କଥା ପ୍ରକାଶ କରନ୍ତି । ଏପରି ଯୋଗାଯୋଗର ମାଧ୍ୟମକୁ ଉପଯୋଗୀ କରାଯାଇ କିଶୋର କିଶୋରୀମାନଙ୍କର ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରାଯାଇପାରେ । କିଶୋର କିଶୋରୀମାନେ ଅନିୟନ୍ତ୍ରିତ ଏବଂ ଅବୈଜ୍ଞାନିକ ପଦ୍ଧତିରେ ସୂଚନା ସଂଗ୍ରହ କରିବା ପରିବର୍ତ୍ତେ ପରିବାରର ଆତ୍ମୀୟତାପୂର୍ଣ୍ଣ ପରିବେଶ ମଧ୍ୟରେ ଅନେକ ତଥ୍ୟ ସଂଗ୍ରହ କରିପାରନ୍ତି । ପିତାମାତାଙ୍କର ଉନ୍ମୁକ୍ତ ମନ ଏବଂ କିଶୋର କିଶୋରୀମାନଙ୍କର ଗ୍ରହଣଶୀଳତା ଅନେକଗୁଡ଼ିଏ ଜଟିଳତାର ସମାଧାନ ଦିଗରେ ସହାୟକ ହୋଇପାରିବ, ଏଥିରେ ସନ୍ଦେହ ନାହିଁ ।

❑

Digitized by srujanika@gmail.com

ନୈତିକ ବିକାଶ

ବୌଦ୍ଧିକ ଓ ଜ୍ଞାନଗତ ବିକାଶ ସହିତ ନୈତିକ ବିଚାରର ଅଭିବୃଦ୍ଧି ଘନିଷ୍ଠଭାବେ ସମ୍ପୃକ୍ତ । ଭାବ, ଭାବନା ଓ ବ୍ୟବହାରସବୁ ଉଚିତ କି ଅନୁଚିତ, ତାହା ପ୍ରତ୍ୟେକ ବ୍ୟକ୍ତି ଆକଳନ କରିଥାନ୍ତି । ମାତ୍ର ଏହି ବିଚାରର ମାନଦଣ୍ଡ ଆକସ୍ମିକ ଭାବେ ବିକଶିତ ହୋଇ ନଥାଏ । ଏହି ବିକାଶର ଏକ ଧାରା ରହିଥାଏ । କୈଶୋର ଅବସ୍ଥାରେ ଏହି ଧାରାଟି ଯେଉଁ ମୋଡ଼ ନିଏ, ସେ ବିଷୟରେ କୌତୂହଳ ଜନ୍ମ ହେବା ସ୍ୱାଭାବିକ ।

ଜ୍ଞାନ ଓ ବୁଦ୍ଧିର ବିକାଶ ପରିପ୍ରେକ୍ଷୀରେ ଜାଁ ପିଆଜେଙ୍କ ଅବଦାନ ପୂର୍ବରୁ ବର୍ଣ୍ଣନା କରାଯାଇଛି. । ତାଙ୍କର ପ୍ରଖ୍ୟାପିତ ବୌଦ୍ଧିକ ବିକାଶ ସହିତ ସମାନ୍ତରତା ରକ୍ଷାକରି ସେ ନୈତିକ ବିକାଶର ମଧ ଅବତାରଣା କରିଛନ୍ତି । ତାଙ୍କ ମତରେ ନୈତିକ ବିକାଶର ଦୁଇଟି ସୋପାନ ରହିଛି । ବିଷମ ନିୟମୀ ନୈତିକତା (Heteronomous morality) ଏବଂ ସ୍ୱାୟତ୍ତ ନୈତିକତା (Autonomous morality) । ଶିଶୁର ୪ବର୍ଷରୁ ୯ବର୍ଷ ବୟସ ମଧ୍ୟରେ ଭଲ ମନ୍ଦର ବିଚାର ସମ୍ପର୍କରେ ସ୍ପଷ୍ଟ ଧାରଣା ଆସି ନଥାଏ । ନ୍ୟାୟ ଓ ନିୟମ କ'ଣ ତାହା ଠିକ୍ ରୂପେ ବୁଝି ନ ଥାଏ । ପରିଣତି ବା ଫଳାଫଳକୁ ଆଧାର କରି ଶିଶୁ ଭଲ ମନ୍ଦର ଧାରଣା କରେ । କାର୍ଯ୍ୟର ଫଳାଫଳ ଭଲ ବା ଲାଭଜନକ ହୋଇଥିଲେ, ତାହା ନୈତିକ ବିଚାର କରାଯାଏ । ଅନ୍ୟ ପକ୍ଷରେ କାର୍ଯ୍ୟର ପରିଣତି ଖରାପ ବା କ୍ଷତିକାରକ ହୋଇଥିଲେ ତାହା ଅନୈତିକ ବିଚାର କରାଯାଏ । ରାଗରେ ଗୋଟିଏ କାଚଗ୍ଲାସ ଭାଙ୍ଗିଥିବା ପିଲା ତୁଳନାରେ ଆଚାର କାଢୁ କାଢୁ ଦୈବାତ୍ ବାରୋଟି ଗ୍ଲାସ ଭାଙ୍ଗିଥିବା ପିଲାର କାର୍ଯ୍ୟକୁ ଏପରି ଶିଶୁ ଅଧିକ ଅନୈତିକ ବିଚାର କରେ । ବାରୋଟି ଗ୍ଲାସର କ୍ଷତି ଗୋଟିଏ ଗ୍ଲାସର କ୍ଷତି ଅପେକ୍ଷା ବେଶି ହୋଇଥିବାରୁ ଏପରି ବିଚାର ସ୍ଥାନ ପାଏ । ଲକ୍ଷ୍ୟ କରିବାର କଥା ଯେ ବିଷମ ନିୟମୀ ନୈତିକତା ଦର୍ଶାଉଥିବା ପିଲା ଅନ୍ୟର ମନୋଭାବକୁ ଭିତ୍ତି କରି ଭଲ ମନ୍ଦର ବିଚାର କରି ନଥାଏ ।

ଅନ୍ୟ ପକ୍ଷରେ କୈଶୋର ପର୍ଯ୍ୟାୟରେ ପ୍ରବେଶ କରୁଥିବା ସମୟରେ ସ୍ୱାୟତ୍ତ ନୈତିକତାର (Autonomous morality) ଉନ୍ମେଷ ଓ ବିକାଶ ଘଟେ । କିଶୋର କିଶୋରୀମାନେ ଅନୁଭବ କରନ୍ତି ଯେ ନିୟମ ଓ ଆଇନ୍‌ସବୁ ଲୋକମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଛି । ସହଜ ସାମାଜିକ ଚଳଣି ପାଇଁ ଏସବୁ ଆବଶ୍ୟକ । ପ୍ରୟୋଜନ ହେଲେ

Digitized by srujanika@gmail.com

ଏସବୁର ପରିବର୍ତ୍ତନ କରାଯାଇପାରେ । ଏ ଦୃଷ୍ଟିରୁ ବ୍ୟକ୍ତିର ବ୍ୟବହାର ନୈତିକ କି ଅନୈତିକ, ଏହାର ବିଚାର କଲାବେଳେ ମନୋଭାବର ସମୀକ୍ଷା କରିବାକୁ ହେବ । ବ୍ୟବହାର ଦର୍ଶାଉଥିବା ବ୍ୟକ୍ତିର ଅଭିପ୍ରାୟ (ଉଦ୍ଦେଶ୍ୟ) ଖରାପ ହେଲେ ବ୍ୟବହାର ଅନୈତିକ, ଏହା ବିଚାର କରାଯିବ ଦଶବର୍ଷ ଓ ତା'ଠାରୁ ଉର୍ଦ୍ଧ୍ୱ ବୟସର ପିଲାମାନେ ଏପରି ସ୍ୱାୟତ୍ତ ନୈତିକତା ଦର୍ଶାନ୍ତି ।

ସାତବର୍ଷରୁ ଦଶବର୍ଷ ବୟସ ମଧ୍ୟରେ ପିଲାମାନେ ପ୍ରଥମ ସୋପାନରୁ ଦ୍ୱିତୀୟ ସୋପାନକୁ ଗତିକରନ୍ତି । ପ୍ରଥମ ସୋପାନରେ ଥିବା ପିଲାମାନେ କାର୍ଯ୍ୟ ବା ବ୍ୟବହାରର ପରିଣତିକୁ (ଭଲ ମନ୍ଦ ବା ଲାଭକ୍ଷତି) ପ୍ରାଧାନ୍ୟ ହେଉଥିବାରୁ ସେମାନେ ଦୋଷଟିଏ କରିଦେଇ ଏଣେତେଣେ ଚାହାନ୍ତି । ତତ୍‌କ୍ଷଣାତ୍ ଦଣ୍ଡ ମିଳିବାର ଆଶଙ୍କା ସେମାନଙ୍କର ଦୃଢ଼ ଥାଏ । ମାତ୍ର ଦ୍ୱିତୀୟ ସୋପାନରେ (ସ୍ୱାୟତ୍ତ ନୈତିକତା) ଥିବା କିଶୋର କିଶୋରୀମାନେ ପରିଣତି ପ୍ରତି ମାତ୍ରାଧିକ ଗୁରୁତ୍ୱ ଦେଉ ନଥିବାରୁ ସେମାନେ ବିଶେଷ ଆଶଙ୍କାଗ୍ରସ୍ତ ହୁଅନ୍ତି ନାହିଁ । ଦଣ୍ଡ ମିଳିବ କି ନାହିଁ, ତାହା ଅନ୍ୟ ସବୁ ପରିସ୍ଥିତି ଉପରେ ନିର୍ଭର କରିବ ବୋଲି ସେମାନେ ଜାଣନ୍ତି ।

ପିଆଜେଙ୍କ ପ୍ରଖ୍ୟାପିତ ଏହି ସୋପାନ-ଭିତ୍ତିକ ନୈତିକ ବିକାଶର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରୟୋଗାତ୍ମକ ଦିଗ ରହିଛି । ଏହା ସ୍ପଷ୍ଟ ଯେ ଆଦ୍ୟ-କୈଶୋରାବସ୍ଥାରେ (ପ୍ରାୟ ୧୦/୧୧ ବର୍ଷ ବୟସ) ବାଳକ ବାଳିକାମାନେ ସ୍ୱାୟତ୍ତ ନୈତିକ ବିକାଶ ସୋପାନରେ ପ୍ରବେଶ କରନ୍ତି । କ୍ରମଶଃ ଏହି ବିକାଶର ଧାରା ଅନ୍ୟ ଗୋଟିଏ ମୋଡ଼ରେ ପ୍ରବେଶ କରେ । ହଫ୍‌ମ୍ୟାନ୍ ନାମକ ଜଣେ ମନୋବିଜ୍ଞାନୀ ଏହାକୁ ସାମାଜିକ ଭାରସାମ୍ୟହୀନତାର ପର୍ଯ୍ୟାୟ ବୋଲି କହିଛନ୍ତି । ବିଦ୍ୟାଳୟ ଜୀବନର ଆରମ୍ଭ ବେଳକୁ ବାଳକ ବାଳିକାମାନେ ଅପେକ୍ଷାକୃତ ସମାନ ଧରଣର ପରିବେଶ ମଧ୍ୟରେ ଗତିକରନ୍ତି । ମାତ୍ର ବିଦ୍ୟାଳୟର ଉପର ଶ୍ରେଣୀ ଏବଂ କଲେଜଜୀବନର ଆରମ୍ଭ ବେଳକୁ ସେମାନେ ପରିବେଶର ବିବିଧତା ଅନୁଭବ କରନ୍ତି । ବିଭିନ୍ନ ଧରଣର ମତାମତ ଏବଂ ଅନେକ ପ୍ରକାର ପରସ୍ପର ବିରୋଧୀ ମନୋବୃତ୍ତିର ପରିଚୟ ପାଆନ୍ତି । ଏପରି ଏକ ପରିବେଶ ମାନସିକ ସ୍ତରରେ ବେଶ୍ ଅସ୍ଥିରତା ସୃଷ୍ଟି କରେ । ଏପରି ସାମାଜିକ ଭାରସାମ୍ୟହୀନତାର (Social Disequilibrium) ସମ୍ମୁଖୀନ ହେବା ପାଇଁ ସେମାନେ ନିଜର ମତାମତ ଓ ବିଚାରଧାରାରେ ବିକାଶ ଘଟାନ୍ତି । ନୈତିକ ବିଚାର ଏକ ବ୍ୟକ୍ତିନିଷ୍ଠ ରୂପେ ଗ୍ରହଣ କରେ ।

ପିଆଜେଙ୍କ ସୋପାନ-ଭିତ୍ତିକ ନୈତିକ ବିକାଶର ତତ୍ତ୍ୱକୁ କୋହଲ୍‌ବର୍ଗ ଅଧିକ ସଂପ୍ରସାରିତ ରୂପରେଖ ଦେଇଛନ୍ତି । କୋହଲ୍‌ବର୍ଗଙ୍କ ବିଚାର ବେଶ୍ ସ୍ୱୀକୃତି ଲାଭ କରିଛି । ତାଙ୍କ ବିଶ୍ଳେଷଣରେ ନୈତିକ ବିକାଶର ତିନୋଟି ସ୍ତର ରହିଛି ଏବଂ ପ୍ରତି ସ୍ତରରେ ଦୁଇଟି ସୋପାନ ରହିଛି । ଏ ଦୃଷ୍ଟିରୁ ନୈତିକ ବିକାଶର ଛ'ଟି କ୍ରମିକ ସୋପାନ କରିଛି । ତିନୋଟି ସ୍ତର ହେଉଛି ପ୍ରାକ୍‌ଗତାନୁଗତିକ, ଗତାନୁଗତିକ ଏବଂ ଗତାନୁଗତିକତା-ପରବର୍ତ୍ତୀସ୍ତର ।

Digitized by srujanika@gmail.com

ମୂଲ୍ୟବୋଧସବୁ କେତେ ପରିମାଣରେ ଅନ୍ତରୀଣ କରାଯାଇଛି, ତାହା ଉପରେ ନିର୍ଭର କରି ସ୍ତର ତିନୋଟିର ପରିକଳ୍ପନା କରାଯାଇଛି । ପ୍ରଥମ ସ୍ତରରେ ଆଦୌ ଅନ୍ତରୀଣତା (Internalization) ଘଟି ନ ଥିବା ସ୍ଥଳେ ଦ୍ୱିତୀୟ ସ୍ତରରେ କିଛି ମାତ୍ରାରେ ଏବଂ ତୃତୀୟ ସ୍ତରରେ ବେଶ୍ ପରିମାଣରେ ଅନ୍ତରୀଣତା ଘଟିଥାଏ ।

ପ୍ରଥମ ସ୍ତରକୁ କୋହଲ୍‌ବର୍ଗ ପ୍ରାକ୍‌ଗତାନୁଗତିକ (Preconventional) ସ୍ତର ଆଖ୍ୟା ଦେଇଛନ୍ତି । ୯ବର୍ଷ ବୟସ ପୂର୍ବରୁ ଏ ସ୍ତରଟିର ଉନ୍ମେଷ ଘଟେ । ଏ ସ୍ତରରେ ଶିଶୁ ନୀତି ସମ୍ବନ୍ଧୀୟ ଭାବଧାରାକୁ ଅନ୍ତରୀଣତ (Internalized) କରିନଥାଏ । ପୂର୍ବ ଆଲୋଚିତ ବିଷମ ନିୟମୀ ନୈତିକତାସ୍ତରରେ ଥିବା ପିଲାମାନଙ୍କର ବର୍ଣ୍ଣନା ପରି ବାହ୍ୟ ମାନଦଣ୍ଡ ଭିତ୍ତିରେ ଏ ସ୍ତରର ପିଲାମାନେ ନୀତି ଅନୀତି ବିଚାର କରନ୍ତି । କେଉଁ କାର୍ଯ୍ୟ ଫଳରେ ପ୍ରୋତ୍ସାହନ ମିଳିବ ଏବଂ କେଉଁ କାର୍ଯ୍ୟରେ – ଶାସ୍ତି ମିଳିବ, ସେପରି ବିଚାରଧାରା ମୁଖ୍ୟତଃ ମନରେ ସ୍ଥାନପାଏ ।

ପ୍ରଥମ ସ୍ତର
ପ୍ରାକ୍‌ଗତାନୁଗତିକ ସ୍ତର ଅନ୍ତରୀଣତା ଘଟି ନଥାଏ **ପ୍ରଥମ ସୋପାନ** ବିଷମ ନିୟମୀ ନୈତିକତା ବଡ଼ମାନଙ୍କ କହିବା ଅନୁଯାୟୀ ସେମାନେ କରଣୀୟ ଅକରଣୀୟ ବିଚାର କରନ୍ତି । ଯେଉଁ କାର୍ଯ୍ୟରେ ଶାସ୍ତି ମିଳିବ ତାହା ଅନୈତିକ ଏବଂ ଯେଉଁ କାର୍ଯ୍ୟରେ ପୁରସ୍କାର ମିଳିବ, ତାହା ନୈତିକ ବିଚାର କରାଯାଏ । **ଦ୍ୱିତୀୟ ସୋପାନ** ଉଦ୍ଦେଶ୍ୟ ଓ ପାରସ୍ପରିକତାର ବିକାଶ ପିଲାମାନେ ନିଜର ଉଦ୍ଦେଶ୍ୟ ପ୍ରତି ସଚେତନ ଥାଆନ୍ତି । କିନ୍ତୁ ପାରସ୍ପରିକତାର ବିକାଶ ଘଟେ । ଅନ୍ୟମାନେ ଭଲ ବ୍ୟବହାର କଲେ ସେମାନଙ୍କୁ ଭଲ ବ୍ୟବହାର କରିବାକୁ ହେବ, ଏପରି ବିଚାରବୋଧ ଜନ୍ମେ ।

Digitized by srujanika@gmail.com

ଏ ସ୍ତରର ପ୍ରଥମ ସୋପାନରେ ଶାସ୍ତି ଓ ପୁରସ୍କାରର ବିଚାର ଏବଂ ଦ୍ୱିତୀୟ ସୋପାନରେ ପାରସ୍ପରିକତା ପ୍ରକାଶ ପାଏ ।

ଦ୍ୱିତୀୟ ସ୍ତରଟି ଗତାନୁଗତିକତାର ସ୍ତର । ଏ ସ୍ତରରେ ମୂଲ୍ୟବୋଧର କିଛିଟା ଅନ୍ତରୀଣତା ଘଟିଥାଏ । ଆଦ୍ୟ କୈଶୋରାବସ୍ଥାରେ ଏ ସ୍ତରଟି ପରିଦୃଷ୍ଟ ହୁଏ । ଏହାର ମଧ୍ୟ ଦୁଇଟି ସୋପାନ ରହିଛି । ବିକାଶର ଏହି ତୃତୀୟ ସୋପାନରେ ପାରସ୍ପରିକ ବିକାଶ, ସମ୍ବେଦନଶୀଳତା

ଦ୍ୱିତୀୟ ସ୍ତର
ଗତାନୁଗତିକ ସ୍ତର ଆଂଶିକ ଅନ୍ତରୀଣତା **ତୃତୀୟ ସୋପାନ** ପାରସ୍ପରିକତା ଓ ସମ୍ପର୍କକୁ ଭିତ୍ତିକରି ଆଜ୍ଞାଧୀନତା ଓ ନିୟମାନୁବର୍ତ୍ତୀତା ଆସେ । "ଭଲପିଲା"ର ଆଖ୍ୟା ପାଇଲେ ଇଚ୍ଛା ସ୍ପଷ୍ଟ ହୁଏ । **ଚତୁର୍ଥ ସୋପାନ** ସମାଜ ସଂସ୍ଥା-ପ୍ରଦତ୍ତ ନୀତିବୋଧ ସାମାଜିକ ଦାୟିତ୍ୱ, ଶୃଙ୍ଖଳା, ନ୍ୟାୟ ଓ ଆଇନ୍ ସମ୍ପର୍କିତ ଧାରଣାରୁ ନୀତି ଅନୀତିର ବିଚାର

ଓ ଆନୁଗତ୍ୟକୁ ନୀତିବୋଧର ମୂଳଭିତ୍ତି ବିଚାର କରାଯାଏ । କିଶୋର କିଶୋରୀମାନେ ପିତାମାତା, ଶିକ୍ଷକଶିକ୍ଷୟିତ୍ରୀ ଏବଂ ବୟସ୍କମାନଙ୍କର ଉପଦେଶକୁ ଭିତ୍ତି କରି "ଭଲପିଲା" ହେବାର ପ୍ରୟାସ କରନ୍ତି । ପରବର୍ତ୍ତୀ ସୋପାନରେ (ଚତୁର୍ଥ ସୋପାନ) ବୃହତ୍ତର ସାମାଜିକ ସଂସ୍ଥା ଓ ବିଧିବିଧାନର ମାନଦଣ୍ଡ ନୈତିକ ବିକାଶର ମୂଳ ଭିତ୍ତି ହୋଇଥାଏ । ଉଦାହରଣ ସ୍ୱରୂପ, ଏ ସୋପାନରେ ସେମାନେ ଯୁକ୍ତି କରନ୍ତି ଯେ ସାମାଜିକ ମଙ୍ଗଳ ପାଇଁ ସମାଜର ସମସ୍ତେ ନିୟମ ଓ ଆଇନ୍‌କାନୁନ୍ ମାନିବା ଉଚିତ ।

ନୈତିକ ବିକାଶର ଶେଷ ଓ ତୃତୀୟ ସ୍ତରଟି ହେଉଛି ଗତାନୁଗତିକତା – ପରବର୍ତ୍ତୀ ସ୍ତର । ଏ ସ୍ତରରେ ମାନଦଣ୍ଡଗୁଡ଼ିକର ଅନ୍ତରୀଣତା ଘଟିଥାଏ । କୈଶୋରର ଶେଷ ଭାଗ ଏବଂ ଯୌବନର ଆରମ୍ଭ ସମୟରେ ଏ ସ୍ତରଟି ରୂପ ନିଏ । ଏହାର ମଧ୍ୟ ଦୁଇଟି ସୋପାନ ରହିଛି ।

Digitized by srujanika@gmail.com

ତୃତୀୟ ସ୍ତର
ଗତାନୁଗତିକତା ପରବର୍ତ୍ତୀ ସ୍ତର ପ୍ରାୟ ପୂର୍ଣ୍ଣଅନ୍ତରୀଣତା ଘଟିଥିବା ସ୍ତର **ପଞ୍ଚମ ସୋପାନ** ସାମାଜିକ ଚୁକ୍ତି ଓ ଉପଯୋଗିତା ଭିତ୍ତିକ ସାମୂହିକ ଜୀବନର ବିକାଶ ପାଇଁ ମୂଲ୍ୟବୋଧସବୁ ସାମାଜିକ ଚୁକ୍ତି ଓ ବୁଝାମଣା ମାଧ୍ୟମରେ ଗଠିତ ହୋଇଛି ଏପରି ବିଶ୍ୱାସ ସ୍ଥାନପାଏ । **ଷଷ୍ଠ ସୋପାନ** ସାର୍ବଜନୀତ ନୈତିକ ମୂଲ୍ୟବୋଧ ବିବେକାନୁମୋଦିତ ବିଚାର ନେଇ ବ୍ୟକ୍ତି ନୀତି ଅନୀତିର ବିଚାର କରେ ।

ତୃତୀୟ ସ୍ତରରେ ପଞ୍ଚମ ସୋପାନରେ କିଶୋର କିଶୋରୀମାନେ ସାମାଜିକ ଉପଯୋଗିତାକୁ ମୁଖ୍ୟ ନିର୍ଣ୍ଣାୟକ ରୂପେ ଗ୍ରହଣ କରନ୍ତି । ସମସ୍ତଙ୍କ ସହମତିଭିତ୍ତିକ କେତେକ ନୀତି ଅନୀତିର ଖସଡ଼ା ପ୍ରସ୍ତୁତ ହୋଇଛି ଏବଂ ଆବଶ୍ୟକ ହେଲେ ଏହାର ପରିବର୍ତ୍ତନ କରାଯାଇପାରେ, ଏପରି ବିଚାରଧାରା ମନରେ ସ୍ଥାନ ପାଏ । ଅନ୍ତିମ ଓ ଶେଷ (ଷଷ୍ଠ) ସୋପାନରେ ମୂଲ୍ୟବୋଧର ସାର୍ବଜନୀନତ୍ୱ ପ୍ରକାଶ ପାଏ । କୌଣସି ଏକ କ୍ଷେତ୍ରରେ ଉଚିତ ଅନୁଚିତର ସଂଶୟ ଆସିଲେ ବ୍ୟକ୍ତି ବିବେକର ନିର୍ଦ୍ଦେଶ ଗ୍ରହଣ କରିବାକୁ ଠିକ୍ ମନେକରେ ।

ନୈତିକ ବିକାଶର ଏହି ସୋପାନଗୁଡ଼ିକର ସଠିକତା ସମ୍ପର୍କରେ ପ୍ରମାଣ ଯୋଗାଇବାକୁ କୋହଲ୍‌ବର୍ଗ ଏକ ନିର୍ଦ୍ଦିଷ୍ଟ ପଦ୍ଧତିର ଉପଯୋଗ କରୁଥିଲେ । ଦୈନନ୍ଦିନଜୀବନ ଉପରେ ଆଧାରିତ ସେ ଗୋଟିଏ ଛୋଟ ଗପ ଶୁଣାଉଥିଲେ । ଗପଟିର ଶେଷରେ ଗୋଟିଏ ମୂଲ୍ୟବୋଧଭିତ୍ତିକ ଦ୍ୱନ୍ଦ୍ୱ ରହୁଥିଲା । ଏହାକୁ କେନ୍ଦ୍ର କରି ସେ ପିଲା ଓ ବଡ଼ମାନଙ୍କୁ ସମାଧାନର ପ୍ରଶ୍ନ ପଚାରୁଥିଲେ । ତା'ପରେ ସେ ନିର୍ବାଚିତ ସମାଧାନଟିର ଯୁକ୍ତିଯୁକ୍ତତା ସମ୍ପର୍କରେ କାରଣ ସୂଚାଇବାକୁ ନିର୍ଦ୍ଦେଶ ଦେଉଥିଲେ । ଜଣେ କେଉଁ ସମାଧାନଟି ଉଲ୍ଲେଖ କରୁଛି, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ମାତ୍ର ଏହାକୁ ପ୍ରତିଷ୍ଠିତ କରିବା ପାଇଁ କେଉଁ ଯୁକ୍ତିର ଆଶ୍ରୟ ନିଆଯାଉଛି, ତାହା ତାତ୍ପର୍ଯ୍ୟପୂର୍ଣ୍ଣ । କୋହଲବର୍ଗଙ୍କ ବହୁ-ବ୍ୟବହୃତ ଗଳ୍ପ ମଧ୍ୟରୁ ନିମ୍ନ ଗଳ୍ପଟି ସର୍ବାଧିକ ଥର ବ୍ୟବହାର କରାଯାଇଥିଲା । ଏଠାରେ କେବଳ ନାମ ଓ ସେହିପରି କିଛି ଅଂଶ ପରିବର୍ତ୍ତନ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଛି ।

Digitized by srujanika@gmail.com

''ଜଣେ ମହିଳା କର୍କଟ (କ୍ୟାନ୍ସର) ରୋଗଗ୍ରସ୍ତ ଥିଲେ । ତାଙ୍କର ଚିକିତ୍ସକ ମତଦେଲେ ଯେ କେବଳ ଏକ ସ୍ୱତନ୍ତ୍ର ଧରଣର ଔଷଧ ଜୀବନ ରକ୍ଷା କରିପାରେ । ଔଷଧଟି ସଦ୍ୟ-ଆବିଷ୍କୃତ । ଏହାକୁ ପ୍ରସ୍ତୁତ କରୁଥିବା ଔଷଧ ପ୍ରସ୍ତୁତକାରୀ ଏଥିପାଇଁ ଦଶଗୁଣ ଅଧିକ ମୂଲ୍ୟ ଦାବି କରୁଥିଲେ । ପ୍ରକୃତ ମୂଲ୍ୟ ୨୦୦୦ଟଙ୍କା ହେବା ସ୍ଥଳେ ସେ ୨୦,୦୦୦ ଟଙ୍କା ମାଗୁଥିଲେ । ମହିଳାଙ୍କ ପତି ଅଶୋକ ଧାରମାଗିବାକୁ ଯାଇ କେବଳ ୧୦,୦୦୦ଟଙ୍କା ଯୋଗାଡ଼ କରିପାରିଲା । ସେ ବିକ୍ରୟକାରୀକୁ ଅନୁରୋଧ କଲା ଯେ ସେ ବହୁ କଷ୍ଟରେ କେବଳ ଅଧା ଯୋଗାଡ଼ କରି ପାରିଛି, ତାହାର ସ୍ତ୍ରୀ ମୃତ୍ୟୁ ସହିତ ସଂଗ୍ରାମ କରୁଛି । ସେ ଅଧା ଦାମ୍‌ରେ ଔଷଧଟିକୁ ଦେଉ । ଅନ୍ୟଥା ଉଧାରରେ ଦେଲେ ଅଶୋକ ପରେ ଅଧା ଟଙ୍କା ଦେଇଦେବ । ଲୋକଟି କହିଲା – ''ମୁଁ ବ୍ୟବସାୟ କରୁଛି । ଦାନ ଦକ୍ଷିଣା ପାଇଁ ମୋର ସମୟ ନାହିଁ ।'' ନିରାଶ ହୋଇ ଅଶୋକ ରାତିରେ ଦୋକାନର କବାଟ ଭାଙ୍ଗି ନିଜର ସ୍ତ୍ରୀ ପାଇଁ ଔଷଧ ଆଣିଲା ।

ବର୍ତ୍ତମାନ ପିଲା ଓ ବଡ଼ମାନଙ୍କୁ ପଚରାଯାଇପାରେ – ''ଅଶୋକ ଠିକ୍ କଲା କି ଭୁଲ୍ କଲା ?'' ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି – ଅଶୋକର କାର୍ଯ୍ୟ କାହିଁକି ଠିକ୍ ? କିମ୍ବା ''ଅଶୋକର କାର୍ଯ୍ୟ କାହିଁକି ଭୁଲ୍ ?''

ଏ କ୍ଷେତ୍ରରେ ସ୍ପଷ୍ଟ ଦେଖାଯିବ ଯେ ନୈତିକ ବିକାଶର ପ୍ରଥମ ସ୍ତରରେ ଥିବା ପିଲାମାନେ ଅଶୋକର କାର୍ଯ୍ୟକୁ ''ଭୁଲ'' କହିବା ସମୟରେ ପୋଲିସ୍‌ର ଗିରଫଦାରୀର ଯୁକ୍ତି ଦେଉଛନ୍ତି । ସେହିପରି ''ଠିକ୍'' କହିବା ସମୟରେ ''ସେ ତା'ର ସ୍ତ୍ରୀକୁ ମରିବାକୁ ଛାଡ଼ିଦେବା ଉଚିତ ହେବ ନାହିଁ'' ଉଲ୍ଲେଖ କରୁଛନ୍ତି । ଗତାନୁଗତିକତାର ସ୍ତରରେ ରହିଥିବା ପିଲାମାନେ ''ଚୋରି କାର୍ଯ୍ୟ ଖରାପ ବୋଲି ବାପା କହିଛନ୍ତି'' କହିପାରନ୍ତି । ଅଶୋକର କାର୍ଯ୍ୟକୁ ଠିକ୍ ବିଚାର କରୁଥିବା ଦ୍ୱିତୀୟ ସ୍ତରର ପିଲା ଏହାକୁ ଏକ ''ଉତ୍ତମ ପତି''ର କାର୍ଯ୍ୟ ବୋଲି ପ୍ରକାଶ କରିବ । ଗତାନୁଗତିକର ପରବର୍ତ୍ତୀ ସୋପାନରେ ଥିବା କିଶୋର କିଶୋରୀ ବା ଯୁବକ ଯୁବତୀମାନେ ''ଚୋରି ନକରିବାର ଜାଗତିକ ମୂଲ୍ୟବୋଧ'' କିମ୍ବା ''ଜୀବନ ରକ୍ଷା କରିବାର ମାନବ ଧର୍ମ'' ପ୍ରତି ଦୃଷ୍ଟି ଆକର୍ଷଣ କରିବେ ।

ପିଆଜେ ଓ କୋହଲ୍‌ବର୍ଗ ନୈତିକ ବିକାଶର ଏକ ସୋପାନ-ଭିତ୍ତିକ ଏବଂ ବୟସ-ସଂଶ୍ଳିଷ୍ଟ ଚିତ୍ର ଦେଇଛନ୍ତି । ଅବଶ୍ୟ ବୟସ ସହିତ ନୈତିକ ବିକାଶର ସମ୍ପୃକ୍ତିକୁ ଏକ କଠୋର ଓ ଅନମନୀୟ (Inflexible) ମନୋବୃତ୍ତି ନେଇ ବିଚାର କରାଯାଇ ନାହିଁ । ଅନ୍ୟ ଭାଷାରେ କହିଲେ କେତେକ ସ୍ଥଳରେ ବିକାଶର ସୋପାନ ଅପେକ୍ଷାକୃତ ସହଳ ଆରମ୍ଭ ହୋଇପାରେ । ଅନ୍ୟ କେତେକ କ୍ଷେତ୍ରରେ ଏହା ବିଳମ୍ବିତ ହୋଇପାରେ । ପୁଣି କେତେକ ଗୋଷ୍ଠୀର ସର୍ବଶେଷ ସ୍ତର (ଗତାନୁଗତିକତା ପରବର୍ତ୍ତୀ ପର୍ଯ୍ୟାୟ) ଆଦୌ ସଂଘଟିତ ନ ହୋଇପାରେ । ତେବେ

Digitized by srujanika@gmail.com

ସୋପାନସବୁର କ୍ରମାନ୍ୱୟତା (Sequence) ଅତୁଟ ରହିବ, ଏହା ପିଆଜେ ଏବଂ କୋହଲବର୍ଗଙ୍କ ମତ ।

କେତେକ ପରୀକ୍ଷଣରେ ଦେଖାଯାଇଛି ଯେ ଶିକ୍ଷଣ ଓ ପ୍ରଶିକ୍ଷଣ ମାଧ୍ୟମରେ ଗୋଟିଏ ପିଲା ପରବର୍ତ୍ତୀ ସୋପାନକୁ ଅପେକ୍ଷାକୃତ ଶୀଘ୍ର ଉନ୍ନୀତ ହୋଇପାରେ । ଏ ଦୃଷ୍ଟିରୁ ନୈତିକ ବିକାଶରେ ପ୍ରଶିକ୍ଷଣର ଭୂମିକାକୁ ଅସ୍ୱୀକାର କରିହେବ ନାହିଁ । ପୁଣି ଦେଖାଯାଇଛି ଯେ ନିଜର ସାଙ୍ଗସାଥୀମାନଙ୍କ ସହିତ ବିଭିନ୍ନ ନୀତିବିଷୟ ଚର୍ଚ୍ଚା କରୁଥିବା କିଶୋର କିଶୋରୀ-ମାନଙ୍କର ଏ ଦିଗରେ ସଚେତନତା ତ୍ୱରାନ୍ୱିତ ହୁଏ । ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କଲାବେଳେ ବାଦବିସମ୍ବାଦ ଓ ମତାନୈକ୍ୟ ମଧ୍ୟ ହୋଇପାରେ । ତଥାପି ନିରବ ରହୁଥିବା ପିଲାମାନଙ୍କ ତୁଳନାରେ ଏମାନଙ୍କର ମାନସିକ ବିକାଶ କ୍ଷିପ୍ରତର ହୁଏ ।

ନୈତିକ ବିକାଶ ପରିପ୍ରେକ୍ଷୀରେ ପିତାମାତାଙ୍କ ସହିତ ଆଲୋଚନା ଓ ଭାବର ଆଦାନପ୍ରଦାନ ମଧ୍ୟ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥାଏ । ଉନ୍ମୁକ୍ତ ମନ ନେଇ ଆଲୋଚନା କରୁଥିବା ଏବଂ ଯୁକ୍ତିତର୍କ କରୁଥିବା ବ୍ୟକ୍ତିମାନେ ଅଧିକ ସଚେତନ ହୁଅନ୍ତି । ନିଜର ବ୍ୟକ୍ତିଗତ ଦର୍ଶନ ଓ ଆଭିମୁଖ୍ୟର ଉନ୍ମେଷ ଓ ବିକାଶ ଦିଗରେ ଏହା ଖୁବ୍ ସହାୟକ ହୁଏ ।

ନୀତିଗତ ବିକାଶସାଧନ ଦିଗରେ :

୧. ନୈତିକ ବିକାଶ କ୍ଷେତ୍ରରେ ବୟସର ବୃଦ୍ଧି ଏକ ନିର୍ଦ୍ଦିଷ୍ଟ ଭୂମିକା ନେଲେ ମଧ୍ୟ ଉପଯୋଗୀ ଶିକ୍ଷା ଓ ପ୍ରଶିକ୍ଷଣ ଏହାକୁ ତ୍ୱରାନ୍ୱିତ କରିବ । ଏହାର ସୁଯୋଗ ନିଅନ୍ତୁ ।

୨. ନୀତିସମ୍ବନ୍ଧୀୟ ମାନସିକ ଦ୍ୱନ୍ଦ୍ୱ ବନ୍ଧୁବାନ୍ଧବୀମାନଙ୍କ ସହିତ ଆଲୋଚନା କରନ୍ତୁ । ଅନ୍ୟ ସହିତ ମତାନୈକ୍ୟ ସୃଷ୍ଟିହେବାର ଭୟ ଓ ଆଶଙ୍କା ରଖନ୍ତୁ ନାହିଁ । ମତାନୈକ୍ୟ ସତ୍ତ୍ୱେ ଆପଣ ବିକଶିତ ହେବାର ସମ୍ଭାବନା ରହିଛି ।

୩. ପରିବାରରେ ପିତାମାତାଙ୍କ ସହିତ ମୁକ୍ତମନରେ ଆଲୋଚନା କରନ୍ତୁ । ଅନ୍ୟର ଦୃଷ୍ଟିଭଙ୍ଗୀ ବିଚାର କରନ୍ତୁ । ନିଜସ୍ୱ ମତ ଓ ଗ୍ରହଣଶୀଳତା ମଧ୍ୟରେ ସମନ୍ୱୟ ରଖନ୍ତୁ ।

୪. ନିଜର ବ୍ୟକ୍ତିଗତ ବିବେକିତାର ବିକାଶ ସାଧନ କରନ୍ତୁ । ନୀତିସମ୍ବନ୍ଧୀୟ ଦ୍ୱନ୍ଦ୍ୱର ସମ୍ମୁଖୀନ ହେଲେ ବିବେକର ଅନ୍ତଃସ୍ୱର ଶୁଣିବାର ପ୍ରୟାସ କରନ୍ତୁ ଏବଂ ଏହାର ଉପଯୋଗ କରନ୍ତୁ ।

❑

Digitized by srujanika@gmail.com

ନୈତିକ ବିକାଶର କେତୋଟି ସୂକ୍ଷ୍ମ ଦିଗ

ନୈତିକ ବିକାଶର ସୋପାନସବୁର ଆଲୋଚନା ସମୟରେ ଏହା ଏକ ସରଳ ପ୍ରକ୍ରିୟା ପରି ମନେ ହୋଇପାରେ । ପିଲାମାନେ ଏବଂ କିଶୋର କିଶୋରୀମାନେ ଏକ ନିର୍ଦ୍ଦିଷ୍ଟ ବୟସରେ ଗୋଟିଏ ନିମ୍ନ ସୋପାନ ଅତିକ୍ରମ କରି ଉପର ସୋପାନକୁ ଗତିକରନ୍ତି ଏବଂ ନୈତିକତାର ଭିନ୍ନ ମାନଦଣ୍ଡ ପ୍ରଦର୍ଶନ କରନ୍ତି, ଏହା ପିଆଜେ ଏବଂ କୋହଲବର୍ଗଙ୍କ ତତ୍ତ୍ୱର ମୂଳମନ୍ତ୍ର । ମାତ୍ର ଏହି ବିକାଶ ଧାରାର ସବିଶେଷ ସମୀକ୍ଷା କଲେ କେତୋଟି ସୂକ୍ଷ୍ମ ଦିଗ ସମ୍ପର୍କରେ ଆମେ ସଚେତନ ହୋଇଥାଉ ।

ପ୍ରଥମତଃ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ହେଉଛି ନୈତିକ ଭାବନା ଏବଂ ନୈତିକ ବ୍ୟବହାର ମଧ୍ୟରେ ପରିଦୃଷ୍ଟ ସମ୍ବନ୍ଧ । ପିଆଜେ ଏବଂ କୋହଲବର୍ଗ ନୈତିକ ସୋପାନର ପ୍ରମାଣ ଦେବାକୁ ଯାଇ ଗଳ୍ପର ସାମଗ୍ରୀ ବ୍ୟବହାର କରିଥିଲେ । ପିଲା ଓ କିଶୋର କିଶୋରୀମାନେ କିପରି ଯୁକ୍ତି କରୁଛନ୍ତି, ତାହାର ରୂପରେଖ ସ୍ଥିର କରିଥିଲେ । ସୁତରାଂ ଏପରି ପଦ୍ଧତିରେ ନୀତିସମ୍ବନ୍ଧୀୟ ଯୁକ୍ତିଯୁକ୍ତ ବିଚାର ହିଁ ମୁଖ୍ୟତଃ ଆକଳନ କରାଯାଉଥିଲା । ଅନ୍ୟ ଭାଷାରେ କହିଲେ ବ୍ୟବହୃତ ପଦ୍ଧତି ମାଧ୍ୟମରେ ଯୁକ୍ତିଯୁକ୍ତ ବିଚାରର ଆକଳନ ସମ୍ଭବ । ମାତ୍ର ଏହା ପ୍ରକୃତରେ ନୈତିକ ବ୍ୟବହାରର ସୂଚକ କି ?

ଆମେମାନେ ଦୈନନ୍ଦିନ ଜୀବନରେ ଲକ୍ଷ୍ୟକରୁ ଯେ ଧର୍ମନେତା, ରାଜନୈତିକ ପଦପଦବୀର ଅଧିକାରୀ, ବିଜ୍ଞାପନଦାତା ଏବଂ ଅନ୍ୟମାନେ ଖୁବ୍ ଯୁକ୍ତିଯୁକ୍ତତାର ସହିତ ନିଜର ମତ ଉପସ୍ଥାପନ କରନ୍ତି । ମାତ୍ର ନିଜର ବ୍ୟକ୍ତିଗତ ଜୀବନରେ ଏମାନେ ଅନୈତିକ ବ୍ୟବହାରଠାରୁ ମୁକ୍ତ କି ? ଏପରିକି ସେକ୍ସପିଅରଙ୍କ ସାହିତ୍ୟରେ ଏକ ଆକର୍ଷଣୀୟ ଉକ୍ତି ପଢ଼ିବାକୁ ମିଳେ – A devil can cite the scripture for his own purpose.

ବାନ୍ଦୁରାଙ୍କ ପରି ପ୍ରଖ୍ୟାତ ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଛନ୍ତି ଯେ ବୁଦ୍ଧିମାନ୍ ମଣିଷ ନିଜ କାମର ଔଚିତ୍ୟ ଦର୍ଶାଇବାକୁ ଯାଇ ବହୁ ଯୁକ୍ତିସମ୍ବଳିତ ତର୍କ ଉପସ୍ଥାପନ କରେ । ଏପରିକି ବର୍ତ୍ତମାନ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତଥିବା କୁପଥଗାମୀ କିଶୋର କିଶୋରୀମାନେ ମଧ୍ୟ ଯୁକ୍ତି କରୁଛନ୍ତି ଯେ ସେମାନେ ଧର୍ମଯୁଦ୍ଧ ବା ଜିହାଦ୍ ପାଇଁ ଏସବୁ କରୁଛନ୍ତି । ସେମାନଙ୍କ କାର୍ଯ୍ୟ ବିଶ୍ୱର ଅଶେଷ ମଙ୍ଗଳ ସାଧନ କରୁଛି ଏହା ଘୋଷଣା କରୁଛନ୍ତି ।

Digitized by srujanika@gmail.com

ସୁତରାଂ ନୀତିଗତ ଯୁକ୍ତି ଏବଂ ନୀତିଗତ ବ୍ୟବହାର ମଧ୍ୟରେ ବିରାଟ ବ୍ୟବଧାନର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ ।

ଦ୍ୱିତୀୟତଃ ନୀତିଗତ ବିକାଶ କ୍ଷେତ୍ରରେ ସୋପାନ-ଭିତ୍ତିକ ପର୍ଯ୍ୟାୟ କାମକରୁଥିଲେ ମଧ୍ୟ ସାଂସ୍କୃତିକ ପରିପ୍ରେକ୍ଷୀକୁ ବିଚାର କରିବାକୁ ହେବ । ନୈତିକ ଅନୈତିକର ବିଚାର ବହୁପରିମାଣରେ ସଂସ୍କୃତିନିଷ୍ଠ । ଉଦାହରଣ ସ୍ୱରୂପ, ନୈତିକ ବିକାଶ ଆଲୋଚନା କରିବା ପରିପ୍ରେକ୍ଷୀରେ ଭାରତୀୟମାନଙ୍କର ସମସ୍ତ ପ୍ରାଣୀଜଗତର ଏକତ୍ୱ ଓ ପବିତ୍ରତାର ମୌଳିକ ଧାରଣାଟିକୁ କେନ୍ଦ୍ରୀୟ ଧାରଣା ବୋଲି ବିଚାର କରିବାକୁ ହେବ । ସେହିପରି ଇସ୍ରାଏଲ୍‌ରେ ଗୋଷ୍ଠୀଜୀବନର ସୁଖ ଏବଂ ନୂଆଗିନିରେ ବ୍ୟକ୍ତି ଓ ସମାଜ ସମ୍ପର୍କକୁ ବାଦ୍‌ଦେଇ ନୈତିକତାର ଧାରଣା କରିହେବ ନାହିଁ । ଗୋଟିଏ ସର୍ବେକ୍ଷଣରେ ଦେଖାଯାଇଛି ଯେ ନେପାଳର ତରୁଣ ବୌଦ୍ଧସନ୍ୟାସୀମାନଙ୍କ ମଧ୍ୟରେ ନୈତିକତାର ମୂଳମନ୍ତ୍ର ହେଉଛି କରୁଣା ଏବଂ ଯନ୍ତ୍ରଣାହୀନତା ।

ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଗବେଷଣା କରିଥିବା ନୃତତ୍ତ୍ୱବିଦ୍ ରିଚାର୍ଡ୍ ସ୍ୱେଡ଼ରଙ୍କ ମତରେ ନୈତିକତାର ତିନୋଟି ସାଂସ୍କୃତିକ ଦିଗ ରହିଛି । ପାଶ୍ଚାତ୍ୟଦେଶ ଭଳି କେତେକ ସମାଜରେ ନୈତିକତା କହିଲେ ମୁଖ୍ୟତଃ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତାକୁ ବୁଝାଇଥାଏ । ପୂର୍ବ ଇଉରୋପୀୟ ଦେଶ ସମୂହରେ ନୈତିକତା ବିଶେଷଭାବରେ ସମାଜମଙ୍ଗଳ ଭାବନା ସହିତ ସଂଶ୍ଳିଷ୍ଟ । ଭାରତ ପରି ପରମ୍ପରାଧର୍ମୀ ଦେଶରେ ନୈତିକତାର ଭିତ୍ତିଭୂମି ହେଉଛି ଧର୍ମନୀତି ଓ ଆଧ୍ୟାତ୍ମିକତା । ସୁତରାଂ ସାମାଜିକ ସାଂସ୍କୃତିକ ପୃଷ୍ଠଭୂମିକୁ ବାଦ୍‌ଦେଇ ସବୁଦେଶର କିଶୋର କିଶୋରୀମାନଙ୍କର ନୈତିକ ବିକାଶକୁ ଗୋଟିଏ ମାନଦଣ୍ଡରେ ମୂଲ୍ୟାୟନ କରିବା ସମ୍ଭବପର ନୁହେଁ ।

ଭାରତରେ କିଶୋର କିଶୋରୀମାନଙ୍କର ନୈତିକ ବିକାଶର ସମୀକ୍ଷା କରିବା ସମୟରେ ଧର୍ମନୀତି ଓ ଆଧ୍ୟାତ୍ମିକତା ସମ୍ବନ୍ଧୀୟ ବିଚାରଧାରା ପ୍ରାସଙ୍ଗିକ ହୋଇଥାଏ । ଏହା ବ୍ୟତୀତ ସାମାଜିକ ଦାୟିତ୍ୱ (Social Responsibility) ଅନ୍ୟ ଏକ ମୁଖ୍ୟ ମାନଦଣ୍ଡର ସ୍ଥାନ ନେବାର ବହୁ ଗବେଷକ ଲକ୍ଷ୍ୟ କରିଛନ୍ତି । ଏପରିକି ପାଶ୍ଚାତ୍ୟ ଦେଶରେ ବସବାସ କରୁଥିବା ଭାରତୀୟ ବଂଶୋଦ୍‌ଭବ କିଶୋର କିଶୋରୀମାନେ ମଧ୍ୟ ନିଜ ଚିନ୍ତାଧାରାର ସାମାଜିକ ଦାୟିତ୍ୱର ଗୁରୁତ୍ୱ ସୂଚାଇଥାଆନ୍ତି ।

ତୃତୀୟତଃ କିଶୋରମାନଙ୍କର ନୈତିକ ବିଚାର ଏବଂ କିଶୋରୀମାନଙ୍କର ନୈତିକ ବିଚାର ମଧ୍ୟରେ ଗୋଟିଏ ସୂକ୍ଷ୍ମ ପାର୍ଥକ୍ୟ ଅନେକ ଗବେଷକ ଲକ୍ଷ୍ୟ କରିଛନ୍ତି । ବିଶେଷତଃ ଗିଲିଗାନ୍ ନାମକ ଜଣେ ମନୋବିଜ୍ଞାନୀ ପର୍ଯ୍ୟବେକ୍ଷଣ କଲେ ଯେ କିଶୋରମାନେ ନୈତିକ ଅନୈତିକର ପରିକଳ୍ପନା କରିବା ସମୟରେ ବିଶେଷଭାବରେ "ନ୍ୟାୟ" (Justice) ଭାବନା ଦ୍ୱାରା ପ୍ରଭାବିତ ହେଉଛନ୍ତି । ଯେଉଁ କାର୍ଯ୍ୟ ଦ୍ୱାରା ବ୍ୟକ୍ତିର ବ୍ୟକ୍ତିଗତ ଅଧିକାର ସୁରକ୍ଷିତ ଏବଂ ବ୍ୟକ୍ତିକୁ ନ୍ୟାୟ ମିଳିବ, ତାହା ନୈତିକ ବିଚାର କରାଯାଉଛି । ଯେଉଁ ବ୍ୟବହାର ଫଳରେ

Digitized by srujanika@gmail.com

ଜଣେ ବ୍ୟକ୍ତିର ଅଧିକାର ବାଧାପ୍ରାପ୍ତ ଓ ଅପହୃତ ହେଉଛି, ତାହା ଅନୈତିକ ବିଚାର କରାଯାଉଛି । ଅନ୍ୟପକ୍ଷରେ କିଶୋରୀମାନେ ଯତ୍ନଶୀଳତାର (Care) ଆଭିମୁଖ୍ୟ ଗ୍ରହଣ କରୁଛନ୍ତି । ଯେଉଁ ବ୍ୟବହାର ଫଳରେ ବ୍ୟକ୍ତି ଗୋଷ୍ଠୀ ସହିତ ସମ୍ବନ୍ଧିତ ରହିବ ଏବଂ ତାହାକୁ ସେବାଯତ୍ନ ମିଳିପାରିବ, ତାହା ନୈତିକ ବିଚାର କରାଯାଉଛି । ମାନବିକ ସମ୍ପର୍କ କିଶୋରୀମାନଙ୍କ ବିଚାରଧାରାରେ ମୁଖ୍ୟ ସ୍ଥାନ ନେଉଛି । କୋହଲ୍‌ବର୍ଗ ଏ ଦିଗଟି ପ୍ରତି ସଚେତନ ନ ଥିଲେ ବୋଲି ଅନେକ ସମାଲୋଚକଙ୍କର ମତ । ଏଠାରେ କୁହାଯାଇପାରେ ଯେ କେବଳ କିଶୋର କିଶୋରୀ ପାର୍ଥକ୍ୟ ନୁହେଁ, ସଂସ୍କୃତି ଭେଦରେ ମଧ୍ୟ ଏ ଦୁଇଟି ଉପାଦାନର (ନ୍ୟାୟ ବନାମ ସମ୍ପର୍କ) ତୁଳନାତ୍ମକ ଗୁରୁତ୍ୱ ପରିଲକ୍ଷିତ ହୁଏ । କେତେକ ସମାଜରେ (ଯଥା – ପାଶ୍ଚାତ୍ୟ ଦେଶସମୂହ) ବ୍ୟକ୍ତିଗତ ନ୍ୟାୟ ଓ ଅଧିକାର କେନ୍ଦ୍ରୀୟ ସ୍ଥାନ ନେବା ସ୍ଥଳେ ଭାରତୀୟ ସମାଜ ପରି ପ୍ରାଚ୍ୟ ଦେଶମାନଙ୍କରେ ମାନବିକ ସମ୍ପର୍କ ଭିତ୍ତିଭୂମିର ମର୍ଯ୍ୟାଦା ପାଇଥାଏ ।

ନୈତିକ ବିକାଶର ସାରମର୍ମ

୧. ଯୁକ୍ତିଯୁକ୍ତ ନୈତିକ ବିଚାରର (Moral Reasoning) ବିକାଶର ନିର୍ଦ୍ଦିଷ୍ଟ ସୋପାନ ରହିଛି । ପ୍ରଥମେ ଲାଭକ୍ଷତିର ହିସାବ, ତା'ପରେ ସାମାଜିକ ମାନଦଣ୍ଡ ଏବଂ ଶେଷରେ ବିଶ୍ୱଜାଗତିକ ମୂଲ୍ୟବୋଧ ମୂଳ ଭିତ୍ତି ଗଠନ କରିଥାଏ । ସୁତରାଂ ଆପଣ ନିଜର ବିକାଶ ସ୍ତର ନିଜେ ଆକଳନ କରନ୍ତୁ ଏବଂ ପରବର୍ତ୍ତୀ ବିକାଶ ପ୍ରତି ଧ୍ୟାନ ଦିଅନ୍ତୁ ।

୨. ନୀତିବିଷୟକ ଚର୍ଚ୍ଚା ବିକାଶ ସାଧନରେ ସହାୟକ । ସୁତରାଂ ସାଙ୍ଗସାଥୀ ଏବଂ ପିତାମାତାଙ୍କ ସହିତ ଆଲୋଚନା କରନ୍ତୁ । ଆଲୋଚନା ସମୟରେ ମତାନ୍ତର ହେଲେ ମଧ୍ୟ ଆଲୋଚନାକୁ ଏଡ଼ାଇ ଦିଅନ୍ତୁ ନାହିଁ ।

୩. ଯୁକ୍ତିଯୁକ୍ତ ନୈତିକ ବିଚାର ସବୁବେଳେ ନୈତିକ ବ୍ୟବହାରର ସୂଚକ ନୁହେଁ । ନୈତିକ ବ୍ୟବହାର ଅଧିକ କାମ୍ୟ ହୋଇଥିବାରୁ ବିଚାର ଓ ବ୍ୟବହାରର ସଂଗତି ପ୍ରତି ଧ୍ୟାନ ଦିଅନ୍ତୁ ।

୪. ନୈତିକ ବିକାଶ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମାଜ ଓ ସଂସ୍କୃତିର ଭୂମିକା ରହିଛି । ସୁତରାଂ ପୂରାପୂରି ଅନାପେକ୍ଷିକ (Absolute) ମାନଦଣ୍ଡ ନ ନେଇ ଆପେକ୍ଷିକ (Relative) ମାନଦଣ୍ଡ ପ୍ରତି ସଚେତନ ରୁହନ୍ତୁ ।

୫. ନୈତିକ ବିକାଶ କ୍ଷେତ୍ରରେ ଶିକ୍ଷଣ (Learnig) ଏବଂ ପ୍ରଶିକ୍ଷଣର (Training) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏ ଦୁଇଟିର ଯଥାର୍ଥ ଉପଯୋଗ କରନ୍ତୁ ।

❑

Digitized by srujanika@gmail.com

ନୈତିକ ବିକାଶରେ ଅନୁଶାସନର ଶୈଳୀ : ପିତାମାତା ଓ ସ୍କୁଲ

ନୈତିକ ବିକାଶ ପରିପ୍ରେକ୍ଷୀରେ ଯେଉଁ ସୋପାନର ଅବତାରଣା କରାଯାଇଛି, ସେ କ୍ଷେତ୍ରରେ ସୋପାନଗୁଡ଼ିକର କ୍ରମାନ୍ୱୟତା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏପରି କ୍ରମାନ୍ୱୟତା ପ୍ରାୟ ପ୍ରତି ସମାଜ ସଂସ୍କୃତିରେ କାର୍ଯ୍ୟକରେ । କିନ୍ତୁ ପରିବେଶର ଗୁଣାତ୍ମକ ଦିଗ ବିକାଶର ସୋପାନକୁ ତ୍ୱରାନ୍ୱିତ କିମ୍ବା ବିଳମ୍ବିତ କରିପାରେ । ଆମର ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଜୀବନର ସୁଖ ଓ ସୌନ୍ଦର୍ଯ୍ୟ ଗୋଷ୍ଠୀରେ ବସବାସ କରୁଥିବା ଲୋକମାନଙ୍କର ନୈତିକ ବିକାଶ ଉପରେ ନିର୍ଭର କରୁଥିବାରୁ ବିକାଶ ସାଧନର କ୍ଷିପ୍ରତା ନିଶ୍ଚିତ ଭାବରେ ବାଞ୍ଛନୀୟ । କିଶୋର କିଶୋରୀମାନଙ୍କ ପରିବେଶରେ ପିତାମାତା ବିଦ୍ୟାଳୟ ଓ କଲେଜର ଭୂମିକାର ପ୍ରାଧାନ୍ୟକୁ ସ୍ୱୀକାର କରିବାକୁ ହେବ । ଏ ଦୁଇଟି ଦିଗରୁ ଉପଯୋଗୀ ସହାୟତା ନୈତିକ ବିକାଶକୁ ଋଦ୍ଧିମନ୍ତ କରେ ।

ପିତାମାତାଙ୍କ ଅନୁଶାସନ

ଏହା ସ୍ୱୀକାର୍ଯ୍ୟ ଯେ ପିତାମାତାଙ୍କର ନିଜସ୍ୱ ଶୃଙ୍ଖଳାବୋଧ ଏବଂ ଅନୁଶାସନ ଶୈଳୀ ବହୁ ପରିମାଣରେ ପ୍ରଭାବ ବିସ୍ତାର କରେ । କିଶୋର କିଶୋରୀମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ପିତାମାତା ଯେଉଁସବୁ ଅନୁଶାସନର ଶୈଳୀ ଉପଯୋଗ କରନ୍ତି, ବିଶେଷଜ୍ଞମାନେ ତାହାର ତିନୋଟି ମୁଖ୍ୟ ଢାଞ୍ଚା ଲକ୍ଷ୍ୟ କରିଛନ୍ତି ।

ପ୍ରଥମ ଶୈଳୀଟିକୁ ପ୍ରତ୍ୟାହାର (Withdrawal) ଶୈଳୀ କୁହାଯାଇପାରେ । ଏ ଶୈଳୀରେ ପିତାମାତା ସନ୍ତାନସନ୍ତତି ମନରେ ଶାସ୍ତି ମିଳିବାର ଭୟ ସଞ୍ଚାର କରିପାରନ୍ତି କିମ୍ବା ପିତାମାତାଙ୍କର ଭଲପାଇବା ହରାଇବାର ଆଶଙ୍କା ଉପୁଜାଇ ଥାଆନ୍ତି । କିଶୋର କିଶୋରୀମାନଙ୍କ ସହିତ କଥାବାର୍ତ୍ତା ନ କରିବା କିମ୍ବା ନିଜର ନାପସନ୍ଦ ସ୍ପଷ୍ଟ ଭାବେ ବ୍ୟକ୍ତ କରିବା ଏ ଧରଣର ଶୈଳୀ ।

ଦ୍ୱିତୀୟ ଶୈଳୀଟି ହେଉଛି କ୍ଷମତା ଜାହିରର ଦୃଢ଼କଥନ ଶୈଳୀ । ଗାଳିଦେବା, ଧମକାଇବା ଏବଂ ପୂର୍ବରୁ ମିଳୁଥିବା ସୁବିଧା ସୁଯୋଗ ଦୂରେଇନେବା ଏ ଶୈଳୀର ଉଦାହରଣ । ପିତାମାତା ହୁଏତ କହିପାରନ୍ତି – ''ଏପରି ବୁଲାବୁଲି କଲେ ପକେଟ ଖର୍ଚ୍ଚ ଦିଆଯିବ ନାହିଁ ।'' କିଶୋର କିଶୋରୀମାନଙ୍କର ସମ୍ବଳସବୁକୁ ନିୟନ୍ତ୍ରଣାଧୀନ କରିବା ଏହି ଶୈଳୀର ଲକ୍ଷ୍ୟ ।

Digitized by srujanika@gmail.com

ତୃତୀୟ ଶୈଳୀଟି ପ୍ରରୋଚନା-ଧର୍ମୀ ଶୈଳୀ । ନୈତିକ ବ୍ୟବହାରର ବିକାଶ ପାଇଁ ପିତାମାତା କରଣୀୟ ବ୍ୟବହାର ପ୍ରତି ଦୃଷ୍ଟି ଆକର୍ଷଣ କରନ୍ତି ଏବଂ ଏହାର ଔଚିତ୍ୟର କାରଣ ବୁଝାଇ ଦିଅନ୍ତି । ନୀତିବିହୀନ ବ୍ୟବହାରଟିର କୁପରିଣତି କେଉଁ ରୂପ ନେବ, ତାହା ସ୍ପଷ୍ଟ କରନ୍ତି । ଅନ୍ୟକୁ କଥାରେ ଆହତ କରୁଥିବା କିଶୋରଟିକୁ ସେ ହୁଏତ କୁହନ୍ତି – "ତାଙ୍କ ଉପରେ କାହିଁକି ବିରକ୍ତ ହେଉଛୁ ? ସେ ତ ସବୁବେଳେ ତୋର ମଙ୍ଗଳ ଚିନ୍ତା କରନ୍ତି ।"

ଲକ୍ଷ୍ୟ କରିବାର କଥା ଯେ ପ୍ରତିଟି ଶୈଳୀର ଉପଯୋଗ ସମୟରେ କିଶୋର କିଶୋରୀ ଉଚ୍ଚକିତ ହୁଅନ୍ତି । ପ୍ରତ୍ୟାହାର ଶୈଳୀରେ ସମ୍ବେଦନକରଣର ମାତ୍ରା ଅଧିକ, ମାତ୍ର କିଶୋର କିଶୋରୀଙ୍କ ମନରେ ଉଦ୍‌ବେଗ (Anxiety) ସୃଷ୍ଟି ହୁଏ । ସେହିପରି ପିତାମାତାଙ୍କ ଦୃଢ଼କଥନ ଶୈଳୀର ମଧ୍ୟ ଉଚ୍ଚ ମାତ୍ରାର ସମ୍ବେଦନକରଣ ଘଟିଥାଏ । କିନ୍ତୁ କିଶୋର କିଶୋରୀଙ୍କ ମନରେ ରାଗ ଜନ୍ମେ । ଅନ୍ୟ ପକ୍ଷରେ ପ୍ରରୋଚନା ଶୈଳୀରେ ସମ୍ବେଦନକରଣର ମାତ୍ରା ମଧ୍ୟମ ଧରଣର ହେଲେ ମଧ୍ୟ କିଶୋର କିଶୋରୀମାନଙ୍କର ଦୃଷ୍ଟି ନୈତିକ ବିଚାର ପ୍ରତି ଅଭିନିବିଷ୍ଟ ହୋଇଥାଏ । ଏ ଦୃଷ୍ଟିରୁ ଏ ପ୍ରକାର ଶୈଳୀ ନୈତିକ ବିକାଶ ସହିତ ଅଧିକ ସମ୍ବନ୍ଧିତ । ବିଶେଷତଃ ଅଳ୍ପ ବୟସର ପିଲାମାନଙ୍କ ତୁଳନାରେ କିଶୋର କିଶୋରୀମାନଙ୍କ ପାଇଁ ଏହା ଅଧିକ ପ୍ରଭାବଶୀଳ ହୁଏ । ପୁଣି ନିମ୍ନ ଆର୍ଥିକ ଶ୍ରେଣୀର କିଶୋର କିଶୋରୀମାନଙ୍କ ତୁଳନାରେ ମଧ୍ୟମ ଆର୍ଥିକ ଶ୍ରେଣୀର କିଶୋର କିଶୋରୀମାନଙ୍କ ପାଇଁ ଏହା ଅଧିକ ଉପଯୋଗୀ ଶୈଳୀ ହିସାବରେ କାର୍ଯ୍ୟ କରେ ।

ପିତାମାତାଙ୍କ ପ୍ରରୋଚନା ଶୈଳୀ ବ୍ୟତୀତ ସେମାନଙ୍କର ଅନୁକରଣୀୟ ବ୍ୟକ୍ତିତ୍ୱ କିଶୋର କିଶୋରୀମାନଙ୍କର ଜ୍ଞାତସାରରେ ଏବଂ ଅଜ୍ଞାତସାରରେ ବେଶ୍ ପ୍ରଭାବ ପକାଇଥାଏ । ଉଚ୍ଚ ନୈତିକ ବ୍ୟବହାର ପ୍ରଦର୍ଶନ କରୁଥିବା କିଶୋର କିଶୋରୀମାନଙ୍କର ନିମ୍ନଲିଖିତ ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଇଛି :

- *ସେମାନେ ଶାସ୍ତିବିଧାନ ଅଭିମୁଖୀ ନ ହୋଇ ସହାୟତା-ଅନୁରାଗୀ*
- *ଶୃଙ୍ଖଳା ରକ୍ଷା ପାଇଁ ପ୍ରରୋଚନା ଦିଅନ୍ତି*
- *ଅନ୍ୟର ଦୃଷ୍ଟିକୋଣ ଓ ଅନୁଭବକୁ ବୁଝିବା ପାଇଁ କିଶୋର କିଶୋରୀମାନଙ୍କୁ ସୁଯୋଗ ଦିଅନ୍ତି ।*
- *ପାରିବାରିକ ନିଷ୍ପତ୍ତି ଗ୍ରହଣ ସମୟରେ ଏବଂ ନୈତିକ ଅନୈତିକ ବିଚାର ସମୟରେ ପୁତ୍ରକନ୍ୟାଙ୍କୁ ଅଂଶୀଦାର କରନ୍ତି ।*
- *ନିଜେ ଚିନ୍ତା, କଥା ଓ ବ୍ୟବହାରରେ ନୈତିକତା ଦର୍ଶାନ୍ତି ।*
- *ପିଲାମାନଙ୍କଠାରୁ କି ପ୍ରକାର ବ୍ୟବହାର ଆଶା କରାଯାଇଛି, ତାହାର ସ୍ପଷ୍ଟ ରୂପରେଖ ଓ* କାରଣ ଜଣାନ୍ତି ।
- ନୈତିକତା କ୍ଷେତ୍ରରେ ବାହ୍ୟମାନଦଣ୍ଡ ଅପେକ୍ଷା ଅନ୍ତଃମାନଦଣ୍ଡ ଉପରେ ଗୁରୁତ୍ୱ ଦିଅନ୍ତି ।

Digitized by srujanika@gmail.com

ପିତାମାତା କିମ୍ବା ପରିବାରର ଅନ୍ୟ ବୟସ୍କବ୍ୟକ୍ତି କିପରି ଆଦର୍ଶ ନାୟକ (Role model) ହୁଅନ୍ତି, ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସୁଧା ମୂର୍ତ୍ତି (ପ୍ରଖ୍ୟାତ ଆଇଟି. ଅନୁଷ୍ଠାନର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପତ୍ନୀ) ଗୋଟିଏ ସୁନ୍ଦର କଥା ଉଲ୍ଲେଖ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ସେ ଛୋଟଥିବା ସମୟରେ ତାଙ୍କର ଜେଜେମା'ଙ୍କର ଗୋଟିଏ କଥା ତାଙ୍କର ସ୍ପଷ୍ଟ ମନେ ରହିଛି । ତାଙ୍କ ଘରେ ଦୁଇଟି ବଡ଼ ଆକାରର ଚାଉଳର ପାତ୍ର ଥିଲା । ଗୋଟିକରେ ବଗଡ଼ା ଚାଉଳ ରହୁଥିଲା ଏବଂ ଅନ୍ୟଟିରେ ଦାମୀ ସରୁ ଚାଉଳ ରହୁଥିଲା । ତାଙ୍କ ଘରେ ବଗଡ଼ା ଚାଉଳର ଭାତ ରନ୍ଧା ଯାଉଥିଲା । ମାତ୍ର ଜେଜେମା'ଙ୍କର ସ୍ପଷ୍ଟ ନିର୍ଦ୍ଦେଶ ଥିଲା ଯେ ବାହାରେ ଦାନ ଖଇରାତ କିମ୍ବା ଭିକାରୀକୁ ଦେବା ସମୟରେ ଭଲ ଚାଉଳ ଦିଆଯିବ । ଦିନ ପରେ ଦିନ ଏପରି ମନୋଭାବର ପୁନରାବୃତ୍ତି ତାଙ୍କର କୈଶୋର ମନରେ ଏକ ଛାପ ସୃଷ୍ଟି କରିଥିଲା ।

ବିଦ୍ୟାଳୟର ଭୂମିକା

କିଶୋର କିଶୋରୀମାନଙ୍କର ନୈତିକ ବିକାଶରେ ବିଦ୍ୟାଳୟର ପ୍ରକାଶ୍ୟ ଭୂମିକା ବହୁଚର୍ଚ୍ଚିତ ହେବା ପୂର୍ବରୁ ଏ ସମ୍ପର୍କରେ "ଲୁକ୍କାୟିତ ପାଠ୍ୟକ୍ରମ" ପରିଭାଷାଟି ବହୁ ପୂର୍ବରୁ ଆଲୋଚିତ ହେଉଥିଲା । ପ୍ରତ୍ୟକ୍ଷଭାବରେ ନୈତିକ ଶିକ୍ଷାର ପାଠ୍ୟକ୍ରମ ପ୍ରଚଳନ ନ କରାଯାଇ ମଧ୍ୟ ସ୍କୁଲର ପରିବେଶ ନୈତିକ ବିକାଶର ବେଶ୍ ଅନୁକୂଳ ହୋଇପାରେ । ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଆଦର୍ଶ ବ୍ୟବହାର ଏ ପରିବେଶର ଏକ ମୁଖ୍ୟ ଅଂଶ । ସେହିପରି ମିଛକହିବା, ଚୋରିକରିବା, ଠକିବା ଇତ୍ୟାଦି ବଦ୍‌ଗୁଣ ପ୍ରତି ଛାତ୍ରଛାତ୍ରୀମାନଙ୍କର କିପରି ମନୋବୃତ୍ତି ରହିଛି, ତାହା ଏପରି ପରିବେଶର ମୌଳିକ ଉପାଦାନ ।

ଅବଶ୍ୟ ସାମ୍ପ୍ରତିକ ଜଗତରେ ମୂଲ୍ୟବୋଧ-ଭିତ୍ତିକ ଶିକ୍ଷା ଉପରେ ପ୍ରକାଶ୍ୟ ଗୁରୁତ୍ୱ ଆରୋପ କରାଯାଉଛି । ଏ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ କିପରି ବ୍ୟବହାର ଦର୍ଶାଇବା ନିତାନ୍ତ ଦରକାର, ସେ ସମ୍ପର୍କରେ ଆଚରଣ ବିଧି (Code of conduct) ସ୍ପଷ୍ଟ ଭାବରେ ବିଜ୍ଞାପିତ କରିବାକୁ ପରାମର୍ଶ ଦିଆଯାଇଛି । ପୁଣି ଏପରି ଆଚରଣ ବିଧିର ଉଲ୍ଲଘଂନ କରାଗଲେ ସ୍କୁଲ କର୍ତ୍ତୃପକ୍ଷ କି କି ଶାସ୍ତିବିଧାନର ବ୍ୟବସ୍ଥା କରୁଛନ୍ତି, ତାହା ମଧ୍ୟ ଜଣାଇ ଦିଆଯାଉଛି । ସତ୍ୟବାଦିତା, ସାଧୁତା ଓ ପରୋପକାର ପରି ଚାରିତ୍ରିକ ମୂଲ୍ୟବୋଧର ଉପାଦେୟତା ସମ୍ପର୍କରେ ବୁଝାଇବା ପାଇଁ ଶିକ୍ଷାବ୍ୟବସ୍ଥା ରହିବାର ଆବଶ୍ୟକତା ଉପରେ ପ୍ରାଧାନ୍ୟ ଦିଆଯାଉଛି ।

ନୈତିକ ଶିକ୍ଷା ସମ୍ପର୍କରେ ଗବେଷଣା କରୁଥିବା ଅନେକ ମନୋବିଜ୍ଞାନୀ ମତଦିଅନ୍ତି ଯେ କିଶୋର କିଶୋରୀମାନେ ନୀତିସମ୍ବନ୍ଧୀୟ କେତେକ ଧାରଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବାର ସୁଯୋଗ ପାଇବା ଉଚିତ । କେତେକ ନୀତିଗତ ପ୍ରଶ୍ନ ବିତର୍କ ସୃଷ୍ଟି କରୁଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଏ ବିଷୟରେ ତର୍କବିତର୍କ କରିବାର ସୁଯୋଗ ପାଇବା ଉଚିତ । ଏପରି ଆୟୋଜନ କେତେକ ମୌଳିକ ନୀତିକୁ ସହମତି ସ୍ତରକୁ ଆଣିବାରେ ସାହାଯ୍ୟ କରିବ ।

Digitized by srujanika@gmail.com

ଅନ୍ୟ କେତେକ କ୍ଷେତ୍ରରେ କିଶୋର କିଶୋରୀମାନେ ନିଜର ବ୍ୟକ୍ତିଗତ ଜୀବନଦର୍ଶନ ଓ ମୂଲ୍ୟବୋଧର ଗଠନ କରିପାରିବେ । ହୁଏତ ସବୁକ୍ଷେତ୍ରରେ ସହମତି ସମ୍ଭବ ହୋଇନପାରେ । ତଥାପି ବ୍ୟକ୍ତିନିଷ୍ଠ ମୂଲ୍ୟବୋଧ ବୃହତ୍ତର ଦୃଷ୍ଟିକୋଣରୁ ଉପଯୋଗୀ ହେବ ।

ପାଠ୍ୟକ୍ରମ ବାହାରେ ପରୋକ୍ଷଭାବରେ ନୈତିକ ବିକାଶ କ୍ଷେତ୍ରରେ ବିଧିବଦ୍ଧ ପଦକ୍ଷେପ ନିଆଯାଇପାରେ । ଉଦାହରଣ ସ୍ୱରୂପ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ସମୟରେ ନୀତିସମ୍ପର୍କିତ ବିଷୟବସ୍ତୁର ଆଲୋଚନା ପ୍ରତିଯୋଗିତାର ବିଷୟ ହୋଇପାରେ । ଜୀବନୀ ଆଲୋଚନା ସମୟରେ ଏବଂ ପରିବେଶ ସମ୍ପର୍କୀୟ ଆଲୋଚନା ସମୟରେ ନୈତିକ ଦିଗପ୍ରତି ଦୃଷ୍ଟି ଆକର୍ଷଣ କରାଯାଇପାରେ ।

ଶିକ୍ଷାୟତନର ପରିପ୍ରେକ୍ଷୀରେ ନୈତିକ ବିକାଶ କ୍ଷେତ୍ରରେ ଯେଉଁ ଉପାଦାନଟି ସବୁଠାରୁ ଅଧିକ ସହାୟକ ହେବା, ତାହା ହେଉଛି ସେବା ଶିକ୍ଷା (Service Learning) । ଭାରତବର୍ଷର ଆଶ୍ରମସବୁରେ ଏ ପରମ୍ପରା ବହୁକାଳରୁ ପ୍ରଚଳିତ ଥିଲା । ଏ ପରମ୍ପରାରେ ସ୍ଥାପିତ ଓ ବିକଶିତ ହୋଇଥିବା ଶିକ୍ଷାନୁଷ୍ଠାନରେ ଅନ୍ତେବାସୀମାନେ କେବଳ ବିଦ୍ୟା ଅଧ୍ୟୟନ କରନ୍ତି ନାହିଁ, ସେମାନେ ସେବାମୂଳକ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତି । ଏହା ଆଶ୍ରମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏବେ ପାଶ୍ଚାତ୍ୟ ଦେଶର ସ୍କୁଲମାନଙ୍କରେ ଏପରି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । କେତେକ ସ୍କୁଲରେ ସେବାଶିକ୍ଷା ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ ହିସାବରେ ଗ୍ରହଣ କରାଯାଉଛି । କିଶୋର କିଶୋରୀମାନେ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ସହିତ ମିଶି ଆବର୍ଜ୍ଜନା ସଫା କରିବା, ରୋଗୀର ସେବା କରିବା, ଚିକିତ୍ସାଳୟର ପରିବେଶ ପରିଷ୍କାର କରିବା, ବୃକ୍ଷରୋପଣ କରିବା ଏବଂ ଛୋଟ ପିଲାମାନଙ୍କୁ ପଢ଼ାଇବା ପରି ସେବାମୂଳକ କାର୍ଯ୍ୟ କରୁଛନ୍ତି । କହିବା ଅନାବଶ୍ୟକ ଯେ ଏପରି କାର୍ଯ୍ୟକ୍ରମ କେବଳ ସେମାନଙ୍କର ଶିକ୍ଷାଗତ ସଫଳତାର (ଯଥା ଅଙ୍କରେ ଅଧିକ ନମ୍ବର ରଖିବା) ସାହାଯ୍ୟ କରି ନଥାଏ । ସେମାନଙ୍କର ସ୍ୱାର୍ଥପରତା କମାଇବା ସଙ୍ଗେ ସଙ୍ଗେ ସାମାଜିକ ସଚେତନତା ବୃଦ୍ଧି କରିଥାଏ । ଏପରି ଯୋଜନା ସେବାକାରୀ ଏବଂ ସେବାଗ୍ରହଣକାରୀ ଲୋକମାନଙ୍କର ଉପକାରରେ ଲାଗିଥାଏ । ଏପରି ଯୋଜନାର କାର୍ଯ୍ୟକାରିତା ନିଶ୍ଚିତ ଭାବରେ ହିତକର ।

ସ୍ୱତନ୍ତ୍ର ଗବାକ୍ଷ

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟ୍‌ଲର ଏବଂ ନାଜିମାନଙ୍କର ଅକଥନୀୟ ଅତ୍ୟାଚାରର ଶରବ୍ୟ ହୋଇ ପ୍ରାୟ ଷାଠିଏ ଲକ୍ଷ୍ୟ ଇହୁଦୀ ପ୍ରାଣତ୍ୟାଗ କରିଥିଲେ । ପରିତାପର ବିଷୟ ଯେ ଏପରି ଘୃଣା ଓ ଅତ୍ୟାଚାର ପ୍ରକ୍ରିୟାରେ କେତେକ ବିଶେଷଜ୍ଞ ଓ ସାଧାରଣ ଲୋକ ମଧ ନାଜୀମାନଙ୍କୁ ସାହାଯ୍ୟ କରିଥିଲେ । ଜର୍ମାନୀର ଏହି ଦମନଲୀଳା ସକ୍ରିୟ ଥିବା ସମୟରେ କେତେକ ଜର୍ମାନ ଲୋକମାନଙ୍କର ଯେ ସହୃଦୟତା ନ ଥିଲା, ଏହା ମଧ୍ୟ ଠିକ୍ ନୁହେଁ ।

Digitized by srujanika@gmail.com

ନିଜ ଜୀବନକୁ ବିପଦାପନ୍ନ କରି କେତେକ ଜର୍ମାନବାସୀ ସେମାନଙ୍କ ଘରେ ଗୁପ୍ତଭାବରେ ଇହୁଦୀମାନଙ୍କୁ ଆଶ୍ରୟ ଦେଇଥିଲେ । ଏପରି ଇହୁଦୀମାନେ ବର୍ତ୍ତି ଯାଇଥିଲେ ।

ବିଶ୍ୱଯୁଦ୍ଧ ଶେଷ ହେବା ପରେ ଇହୁଦୀମାନେ ବଞ୍ଚିଥିବା ଅତ୍ୟାଚାରକମାନଙ୍କୁ ଠାବ କରିବା ଏବଂ ସେମାନଙ୍କୁ ନ୍ୟାୟାଳୟକୁ ଆଣିବାର ପଣ କରିଥିଲେ । ଠିକ୍ ସେହିପରି ଉପକାରୀ ଜର୍ମାନ୍‌ବାସୀ ମଧ୍ୟ ଠାବ କରିଥିଲେ । ଦେଖାଗଲା ଯେ ଏପରି ଜର୍ମାନ୍‌ମାନେ ନିଜକୁ ବିପଦରେ ପକାଇ ଇହୁଦୀମାନଙ୍କ ଆଶ୍ରୟ ଦେଉଥିବା ସମୟରେ କେତେକ ଜର୍ମାନ ବ୍ୟକ୍ତିଙ୍କର ପିଲା ଓ କିଶୋର କିଶୋରୀ ଏସବୁ ଦୃଶ୍ୟ ଗୋପନରେ ଦେଖିଥିଲେ । ବର୍ତ୍ତମାନ ଇହୁଦୀମାନଙ୍କର ଯୁଦ୍ଧ ପରବର୍ତ୍ତୀ ଅନୁସନ୍ଧାନ ସମୟରେ ଏପରି ପିଲା ଓ କିଶୋର କିଶୋରୀ ତରୁଣ ତରୁଣୀ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଥିଲେ । ଅନୁସନ୍ଧାନକାରୀ ଇହୁଦୀମାନେ ଲକ୍ଷ୍ୟ କଲେ ଯେ ଏପରି ତରୁଣତରୁଣୀ ଯେଉଁ ସ୍ଥାନରେ ସେମାନଙ୍କର କର୍ମକ୍ଷେତ୍ର ବାଛି ଥାଆନ୍ତୁ ନା କାହିଁକି, ସେମାନଙ୍କର ବ୍ୟକ୍ତିଗତ ଜୀବନ ସେପରି ସମ୍ବେଦନଶୀଳତାରେ ପରିପୂର୍ଣ୍ଣ । ସେମାନେ ପରୋପକାରୀ ଓ ସହାନୁଭୂତିଶୀଳ ।

ଏ ପର୍ଯ୍ୟବେକ୍ଷଣରେ ଏକ ବିଶେଷ ତାତ୍ପର୍ଯ୍ୟ ରହିଛି । ଆମର ପ୍ରତ୍ୟକ୍ଷ ଶିକ୍ଷାଠାରୁ ଆମର ଆଦର୍ଶ (ଅନୁକରଣୀୟ) ନାୟକ (Role Model) ଅଧିକ ପ୍ରଭାବ ସୃଷ୍ଟି କରନ୍ତି । ଏପରି ତରୁଣ ତରୁଣୀଙ୍କର ଜୀବନରେ ପୂର୍ବରୁ କୈଶୋରକାଳୀନ ଅନୁଭବ ଏବଂ ସେମାନଙ୍କ ପିତାମାତାଙ୍କ ତ୍ୟାଗପୂତ ମନୋଭାବର ଛାପ ଦୃଢ଼ ପ୍ରଭାବ ସୃଷ୍ଟି କରିଥିଲା । ସୁତରାଂ ନୈତିକ ବ୍ୟବହାରର ଉନ୍ମେଷ ଓ ବିକାଶ କ୍ଷେତ୍ରର ଆଦର୍ଶ ନମୁନାର (Role model) ମହତ୍ତ୍ୱକୁ ପ୍ରାଧାନ୍ୟ ଦେବାକୁ ହେବ ।

❒

Digitized by srujanika@gmail.com

ମୂଲ୍ୟବୋଧ ଓ ଧାର୍ମିକ ଭାବନାର ବିକାଶ

କିଶୋର କିଶୋରୀମାନଙ୍କର ଭାବ, ଭାବନା ଓ କାର୍ଯ୍ୟଧାରା ସହିତ ସେମାନଙ୍କର ବ୍ୟକ୍ତିଗତ ମୂଲ୍ୟବୋଧ ସଂଶ୍ଳିଷ୍ଟ । ବିଶ୍ୱର ବସ୍ତୁ ଓ ଘଟଣାସବୁ କିପରି ହେବା ଉଚିତ ଏ ସମ୍ପର୍କରେ ବିଶ୍ୱାସ ଓ ମନୋବୃତ୍ତି ହିଁ ମୂଲ୍ୟବୋଧ । ଆମେ ଆମ ଜଗତର ପ୍ରତ୍ୟେକ ବସ୍ତୁ ଓ ଘଟଣା ସହିତ "ଉଚିତ" "ଅନୁଚିତ" ବିଚାର ଯୋଡ଼ିଥାଉ । ଧର୍ମନୀତି, ରାଜନୀତି, ପରିବାର ଶିକ୍ଷାବ୍ୟବସ୍ଥା, ପାରସ୍ପରିକ ସମ୍ପର୍କ ଏବଂ ଯୌନ ବ୍ୟବହାର ପରି ପ୍ରତ୍ୟେକ ବିଷୟକୁ ଉଚିତ ଅନୁଚିତ ଦୃଷ୍ଟିକୋଣର ବିଚାର କରୁ । ଏହା ଆମ ବ୍ୟକ୍ତିତ୍ୱର ଏକ ଅନ୍ତର୍ନିହିତ ଦିଗ ।

ବିଗତ ଦୁଇ ଦଶକ ମଧ୍ୟରେ କିଶୋର କିଶୋରୀମାନଙ୍କର ମୂଲ୍ୟବୋଧରେ ଏକ ଆଖିଦୃଶିଆ ପରିବର୍ତ୍ତନ ଘଟିଛି । ପ୍ରାୟ ସପ୍ତମ ଦଶକରୁ ଏପରି ପ୍ରବଣତା ଲକ୍ଷ୍ୟ କରାଯାଇଛି । ଆଜିର କିଶୋର କିଶୋରୀମାନେ ଅଧିକରୁ ଅଧିକ ଆର୍ଥିକ ସ୍ୱଚ୍ଛଳତା ପ୍ରତି ଅଭିନିବିଷ୍ଟ ହେଉଛନ୍ତି । ଅନ୍ୟ ପକ୍ଷରେ ଏହା ପୂର୍ବରୁ କିଶୋର କିଶୋରୀମାନେ ଜୀବନର ଏକ ଅର୍ଥବୋଧ ସମ୍ପର୍କରେ ସଚେତନ ହେବା ପାଇଁ ଅଧିକ ଆଗ୍ରହୀ ଥିଲେ । ବ୍ୟକ୍ତିଗତ ଆର୍ଥିକ ସ୍ୱଚ୍ଛଳତା ପ୍ରତି ଆସକ୍ତ ହେବା ଫଳରେ ସମାଜରେ ଅନ୍ୟମାନଙ୍କର ମଙ୍ଗଳ ବିଶେଷତଃ ଆର୍ଥିକ ଦୁର୍ବଳଶ୍ରେଣୀର ଲୋକମାନଙ୍କର ଉନ୍ନତି ପ୍ରତି ସଚେଷ୍ଟ ହେବାର ମାନସିକତା ହ୍ରାସ ପାଇବା ସ୍ୱାଭାବିକ ।

ଅନ୍ୟ ଭାଷାରେ କହିଲେ ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱବିକାଶ ଓ ସ୍ୱପରିପ୍ରକାଶ ମୁଖ୍ୟ ସ୍ଥାନ ଅଧିକାର କରିଛି । କେବଳ ପରିବାର କିମ୍ବା ସେବାମୂଳକ ଅନୁଷ୍ଠାନ ଦ୍ୱାରା ସ୍ୱତନ୍ତ୍ର ଭାବରେ ପ୍ରଶିକ୍ଷଣ ପାଉଥିବା କିଶୋର କିଶୋରୀମାନେ ଅନ୍ୟର ଯତ୍ନ, ପାରିବାରିକ ସୌହାର୍ଦ୍ଦ୍ୟ ଓ ସାମାଜିକ ଦାୟିତ୍ୱ ପରି ମୂଲ୍ୟବୋଧ ବିକାଶରେ ଯତ୍ନଶୀଳ ହେଉଛନ୍ତି । କିଶୋର କିଶୋରୀମାନଙ୍କର ଦୈନନ୍ଦିନ କଥାବାର୍ତ୍ତା ଓ ଯୋଗାଯୋଗର ସାମଗ୍ରୀକୁ ଲକ୍ଷ୍ୟ କଲେ ସ୍ପଷ୍ଟ ଜାଣି ହେବ ଯେ ସାମାଜିକ ଦାୟିତ୍ୱ ଅପେକ୍ଷା ନିଜର ଅଧିକାର ଓ ସୁବିଧା ସୁଯୋଗ ସମ୍ପର୍କରେ ସଚେତନତା ଅଧିକ ମାତ୍ରାରେ ପ୍ରତିଫଳିତ ହେଉଛି ।

ମୂଲ୍ୟବୋଧ ସହିତ ଧାର୍ମିକ ଭାବନାର ଉନ୍ମେଷ ଓ ବିକାଶର ଧାରାକୁ ମଧ୍ୟ ଲକ୍ଷ୍ୟ କରାଯାଇପାରେ । ମୋଟାମୋଟି ଭାବରେ ସର୍ବେକ୍ଷଣ କଲେ ଦେଖାଯିବ ଯେ ଅଧିକାଂଶ କିଶୋର କିଶୋରୀଙ୍କର ଈଶ୍ୱର ବିଶ୍ୱାସ ରହିଛି ବୋଲି ଉତ୍ତର ଦେବେ । ତେର ବର୍ଷରୁ ଅଠର

Digitized by srujanika@gmail.com

ବର୍ଷ ବୟସର କିଶୋର କିଶୋରୀମାନଙ୍କ ଉପରେ କରାଯାଇଥିବା ଗୋଟିଏ ଗବେଷଣାରେ ଦେଖାଗଲା ଯେ ପ୍ରାୟ ୯୫ ପ୍ରତିଶତ କିଶୋର କିଶୋରୀ ସେମାନଙ୍କର ଈଶ୍ୱର ବିଶ୍ୱାସର କଥା ସ୍ୱୀକାର କଲେ । ପ୍ରାୟ ୭୫ ପ୍ରତିଶତ ପ୍ରାର୍ଥନା କରନ୍ତି ବୋଲି କହିଲେ ଏବଂ ପ୍ରାୟ ୫୦ ପ୍ରତିଶତ ଧାର୍ମିକ ଉତ୍ସବସବୁରେ ଯୋଗଦେବାର ଘଟଣା ପ୍ରକାଶ କଲେ । ଏଥିରୁ ମୋଟାମୋଟି ଧାରଣା କରାଯାଇପାରେ ତେବେ ଅଧିକାଂଶ କିଶୋର କିଶୋରୀ ପ୍ରକାଶ୍ୟ ଭାବରେ କହିବୁଲନ୍ତି ଯେ ସେମାନେ ଧର୍ମ ଓ ଆଧ୍ୟାତ୍ମିକତାର ବିଶ୍ୱାସ କରନ୍ତି, ମାତ୍ର ନିର୍ଦ୍ଦିଷ୍ଟ ଧରଣର ଧର୍ମାନୁଷ୍ଠାନରେ ସେମାନଙ୍କର ଆସ୍ଥା ନାହିଁ ।

କହିବା ଅନାବଶ୍ୟକ ଯେ ଧାର୍ମିକ ବିଶ୍ୱାସ ଓ ନୈତିକ ବିକାଶ ମଧ୍ୟରେ ପ୍ରତ୍ୟାଶିତ ସମ୍ବନ୍ଧ ରହିଛି । ପ୍ରତି ଧର୍ମନୀତିରେ ଅଧ୍ୟୟନ, ଉତ୍ତମ ଆଚରଣ, ଦୁଃସ୍ଥ ବ୍ୟକ୍ତିର ସେବା ଏବଂ ସମାଜ ମଙ୍ଗଳକୁ ଗୁରୁତ୍ୱ ଦିଆଯାଏ । ପୁଣି ନିଶାସେବନ, ମଦ୍ୟପାନ ଓ ଅନିୟନ୍ତ୍ରିତ ଯୌନ ବ୍ୟବହାରରୁ ନିବୃତ୍ତ ରହିବା ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଏ । ସୁତରାଂ ଧର୍ମବିଶ୍ୱାସର ଅନୁଗତ କିଶୋର କିଶୋରୀମାନେ ଶିକ୍ଷାଗତ ସଫଳତା ସହିତ ବାଂଛିତ ବ୍ୟବହାର ପ୍ରଦର୍ଶନ କରିବାର ସମ୍ଭାବନା ଅଧିକ ।

ଧାର୍ମିକ ଭାବନାର ଗୁରୁତ୍ୱ ଦୃଷ୍ଟିରୁ ଏହାର ବିକାଶ ସମ୍ପର୍କରେ ମନୋବିଜ୍ଞାନୀମାନେ ଗବେଷଣା କରିଛନ୍ତି । ବୌଦ୍ଧିକ ବିକାଶର ସ୍ତର ବା ସୋପାନ ସହିତ ସମାନ୍ତରତା ରକ୍ଷାକରି ଜାଁ ପିଆଜେ ଧାର୍ମିକ ବିଶ୍ୱାସ-ବିକାଶର ମଧ୍ୟ ସୋପାନ ସୁନିର୍ଦ୍ଦିଷ୍ଟ କରିଛନ୍ତି । ତାଙ୍କ ମତରେ ସାତ ଆଠବର୍ଷର ପିଲାଟି ମନ ବେଶ୍ ଅପରିପକ୍ୱ ଥାଏ । ସେ ପ୍ରାକ୍-କ୍ରିୟାତ୍ମକ (Preoperational) ସୋପାନରେ ରହିଥାଏ । ଏ ସୋପାନରେ ତାର ଧର୍ମ ଭାବନା ବିଖଣ୍ଡିତ ରହିଥାଏ । ଆମେ ଶ୍ରୀ ଦୁର୍ଗାଙ୍କୁ କାହିଁକି ପୂଜା କରିବା ? ହୁଏତ ଏପରି ଏକ ପ୍ରଶ୍ନ ପଚାରିଲେ ପିଲାଟି କହିବ - "ଦୁର୍ଗାଙ୍କ ମୂର୍ତ୍ତି ଓ ସିଂହ ଦେଖିଲେ ଡର ଲାଗେ ।"

ପିଆଜେଙ୍କ ଅନୁଶୀଳନ ଅନୁଯାୟୀ ଆଠବର୍ଷରୁ ପ୍ରାୟ ବାର ତେର ବର୍ଷ ମଧ୍ୟରେ ପିଲାଟି ଦ୍ୱିତୀୟ ସୋପାନରେ ରହିଥାଏ । ଏହା ଏକ କ୍ରିୟାତ୍ମକ ସୋପାନ । ସେ ପରୀକ୍ଷା ନିରୀକ୍ଷା କରେ । ସାମାଜିକ ମାନଦଣ୍ଡସବୁ ଲକ୍ଷ୍ୟ କରେ । ସୁତରାଂ ତାର ଧାର୍ମିକ ଭାବର ମଧ୍ୟ ଅନୁରୂପ ହୋଇଥାଏ । ଦୁର୍ଗପୂଜା ସମ୍ପର୍କରେ ପ୍ରଶ୍ନଟିଏ ପଚାରିଲେ ସେ ହୁଏତ ଉତ୍ତର ଦେବ ଯେ ବହୁଲୋକ ଏବଂ ବହୁଗୋଷ୍ଠୀରେ ମାତୃଶକ୍ତିର ଆରାଧନା କରାଯାଏ । ତୃତୀୟ ସୋପାନରେ କିଶୋର କିଶୋରୀମାନେ ଅଧିକ ପରିପକ୍ୱତା ଦର୍ଶାନ୍ତି । ଏ ସମୟରେ ସେମାନେ ବିମୂର୍ତ୍ତ (Abstract) ଭାବନାର ସାମର୍ଥ୍ୟ ହାସଲ କରିଥିବାରୁ ଧାର୍ମିକ ଭାବନାର ବିକାଶ କ୍ଷେତ୍ରରେ ମଧ୍ୟ ଅନୁରୂପ ଦକ୍ଷତା ଦର୍ଶାନ୍ତି । ସମ୍ଭାବ୍ୟ ବିମୂର୍ତ୍ତ କାରଣସବୁ ଉଲ୍ଲେଖ କରିପାରନ୍ତି ।

ଧର୍ମଗତ ଭାବନାର ବିକାଶ କ୍ଷେତ୍ରରେ ଫାଉଲର୍ (Fowler) ନାମକ ଜଣେ ମନୋବିଜ୍ଞାନୀ ଅଧିକ ବିସ୍ତାରିତ ଓ ବେଶୀ ଗ୍ରହଣୀୟ ଚିତ୍ର ପ୍ରଦାନ କରିଛନ୍ତି । ସେ ୬ ସୋପାନ

Digitized by srujanika@gmail.com

ବିଶିଷ୍ଟ ବିକାଶଧାରାର ପରିକଳ୍ପନା କରିଛନ୍ତି । ତାହାର ଆଲୋଚନା ଆମର ଜ୍ଞାନକୁ ଅଧିକ ପ୍ରସାରିତ କରିବ ।

ସୋପାନ	ସମୟକ୍ରମ	ବୈଶିଷ୍ଟ୍ୟ
ପ୍ରଥମ ସୋପାନ : କାଳ୍ପନିକ ବିଶ୍ୱାସ	ଆଦ୍ୟ ବାଲ୍ୟକାଳ	ଶିଶୁ ପିତାମାତା ଓ ଯତ୍ନକାରୀଙ୍କୁ ବିଶ୍ୱାସ କରେ । ସୁତରାଂ ଏହି ମର୍ମରେ ଈଶ୍ୱରଙ୍କ ମାନସିକ ଛବି ଅଙ୍କନ କରେ । କଳ୍ପନା ଓ ବାସ୍ତବତା ମଧ୍ୟରେ ପ୍ରଭେଦ ନଥାଏ । ଈଶ୍ୱରଙ୍କୁ ସଫଳତା କିମ୍ବା ଶାସ୍ତିକର୍ତ୍ତା ରୂପେ ବିଚାର କରେ ।
ଦ୍ୱିତୀୟ ସୋପାନ: ଆକ୍ଷରିକ ବିଶ୍ୱାସ	ମଧ୍ୟ ଓ ଶେଷ ବାଲ୍ୟକାଳ	ବିଚାରରେ କିଛିଟା ଯୁକ୍ତିଯୁକ୍ତତା ଆସେ । ପୌରାଣିକ ଗଳ୍ପସବୁକୁ ଆକ୍ଷରିକ ଅର୍ଥରେ ବିଶ୍ୱାସ କରେ । ଈଶ୍ୱର ପିତାମାତା ସ୍ୱରୂପ-ଏପରି ବିଶ୍ୱାସ ଆସେ ।
ତୃତୀୟ ସୋପାନ:	ବାଲ୍ୟକାଳ ଅତିକ୍ରମ କରି କୈଶୋରରେ ପ୍ରବେଶ ସମୟ	ବିଚାରରେ କିଛି ପରିମାଣର ବିମୂର୍ତ୍ତ (Abstract) ଭାବନା ଆସେ । ତଥାପି ପିତାମାତା ଓ ଅନ୍ୟସବୁ ବୟସବ୍ୟକ୍ତିଙ୍କ ପ୍ରଭାବରୁ ମୁକ୍ତ ହୋଇଥାଏ । "ମୋ ପାଇଁ ଭଗବାନ ସବୁବେଳେ ଅଛନ୍ତି"– ଏପରି ଭାବନା ଜନ୍ମନିଏ ।
ଚତୁର୍ଥସୋପାନ ବ୍ୟକ୍ତିନିଷ୍ଠ ଚିନ୍ତାମୂଳକ ବିଶ୍ୱାସ	କୈଶୋର ଏବଂ ଆଦ୍ୟ ଯୌବନ	ବିମୂର୍ତ୍ତ ଭାବନା ପ୍ରକାଶ ପାଏ । "ମୋର ବିଶ୍ୱାସଟି ନିଜସ୍ୱ"– ଜନ୍ମେ । ଏହାର ଫଳାଫଳ ପାଇଁ ମୁଁ ଦାୟୀ – ଏପରି ଚିନ୍ତା ରୂପ ନିଏ । ଅନେକ ବ୍ୟକ୍ତି

Digitized by srujanika@gmail.com

		ହୁଏତ ଏହି ସୋପାନରେ ରହି ଯାଆନ୍ତି । ପରବର୍ତ୍ତୀ ସୋପାନକୁ ଯାଇପାରନ୍ତି ନାହିଁ ।
ପଞ୍ଚମ ସୋପାନ ସଂଯୁକ୍ତି ମୂଳକ	ମଧ୍ୟ ଯୌବନ ଯୌବନ	ବିଭିନ୍ନ ପ୍ରକାର ଦୃଷ୍ଟିକୋଣରୁ ବିଚାର କରିବାର ବିଶ୍ୱାସ ମାନସିକ ଉନ୍ନତତା ପ୍ରକାଶ ପାଏ । ନିଜସ୍ୱ ମତାମତର ପରିସୀମତ୍ୱ ସମ୍ପର୍କରେ ଚେତନା ଆସେ । ଏ ସମୟର ସାଧାରଣ ଉକ୍ତି ହେଉଛି – "ଆପଣ ତାଙ୍କୁ ଭଗବାନ କୁହନ୍ତୁ କିମ୍ବା ଯୀଶୁ କୁହନ୍ତୁ ଅଥବା ପ୍ରେମ ବା ଜାଗତିକ ନିୟମ କୁହନ୍ତୁ ସେ ସଦାସର୍ବଦା ବିଦ୍ୟମାନ ।" ଏପରି ମନୋବୃତ୍ତି ପ୍ରକାଶ ପାଏ ।
ଷଷ୍ଠ ସୋପାନ ସାର୍ବଜନୀନ ବିଶ୍ୱାସ	ପରବର୍ତ୍ତୀ ଯୌବନ	ଶେଷ ସୋପାନରେ ବ୍ୟକ୍ତି ନିଜର ବ୍ୟକ୍ତିଗତ ବିଶ୍ୱାସର ଊର୍ଦ୍ଧ୍ୱକୁ ଚାଲିଯାଏ । ସମସ୍ତ ବିବିଧତା ମଧ୍ୟରେ ସେ ଏକତ୍ୱ ଅନୁଭବ କରେ । ଏପରି ଏକତ୍ୱର ଉପଲବ୍ଧି ଫଳରେ କୃତ୍ରିମ ବାଧା ଓ ବିଭେଦକାରୀ ସୀମାସବୁ ଅତିକ୍ରମ କରି ସମଗ୍ର ମାନବ ଓ ପ୍ରାଣୀ ଜଗତର ମଙ୍ଗଳ ପାଇଁ ନିଷ୍ଠା ଦୃଢ଼ ହୁଏ । ମହାତ୍ମାଗାନ୍ଧି ଓ ମଦର ଟେରେସାଙ୍କ ପରି ବ୍ୟକ୍ତିତ୍ୱର ପ୍ରଭାବ ଏପରି ବିଶ୍ୱାସବୋଧର ପ୍ରତିଫଳିତ । ନଗଣ୍ୟ ସଂଖ୍ୟକ ଲୋକ ଏ ସ୍ତରକୁ ଆସିପାରନ୍ତି ।

Digitized by srujanika@gmail.com

ମୂଲ୍ୟବୋଧ ଓ ଧାର୍ମିକ ଭାବନାର ବିକାଶ ପାଇଁ ଅନୁକୂଳ ପରିବେଶର ଭୂମିକା ସଦାସ୍ୱୀକୃତ । ପରିବାର ମଧ୍ୟରେ ପିତାମାତା ଉଚ୍ଚ ଆଦର୍ଶ ଓ ଧାର୍ମିକ ଚେତନାର ଅଧିକାରୀ ହୋଇଥିଲେ ମଧ୍ୟ ତାହା ଅନୁସୃତ ହେବ କି ନାହିଁ, ତାହା ପିତାମାତା-ସନ୍ତାନ ପାରସ୍ପରିକ କ୍ରିୟା ଅନୁକ୍ରିୟାର ଗୁଣାତ୍ମକ ଦିଗ ଉପରେ ନିର୍ଭର କରେ । ସମ୍ପର୍କ ସହାନୁଭୂତିଶୀଳ ଓ ସୁରକ୍ଷା ପ୍ରଦାନକାରୀ ହୋଇଥିଲେ କିଶୋର କିଶୋରୀମାନେ ପିତାମାତାଙ୍କ ଧାର୍ମିକ ବିଶ୍ୱାସ ଗ୍ରହଣ କରନ୍ତି । ମାତ୍ର ତିକ୍ତ ସମ୍ପର୍କ ଓ ମାନସିକ ସୁରକ୍ଷାର ଅଭାବ ଥିଲେ କିଶୋର କିଶୋରୀମାନେ ଭିନ୍ନ ପନ୍ଥା ଅନୁସରଣ କରନ୍ତି ।

ଧାର୍ମିକ ଅନୁଷ୍ଠାନ ଓ ଧାର୍ମିକ ସମ୍ପ୍ରଦାୟସବୁରେ ପରିଚାଳିତ ନୀତିଶିକ୍ଷାର ଅନୁଷ୍ଠାନସବୁ ଏ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ସରକାରଙ୍କ ପରିଚାଳିତ ଏବଂ ସରକାରୀ ସାହାଯ୍ୟରେ ପରିଚାଳିତ ଶିକ୍ଷାନୁଷ୍ଠାନରେ ଧର୍ମଶିକ୍ଷାର ଆଇନଗତ ଅନୁମୋଦନ ନାହିଁ । କିନ୍ତୁ ବେସରକାରୀ ଉଦ୍ୟମ ପରିଚାଳିତ ଓ ଧର୍ମ ସଂସ୍ଥାର ଅନୁଷ୍ଠାନସବୁର ନୀତିଶିକ୍ଷାର ବନ୍ଦୋବସ୍ତ ଥାଏ । ଛୁଟିଦିନ (ରବିବାର ସମେତ)ମାନଙ୍କରେ ନୀତିଶିକ୍ଷା ସମ୍ପର୍କୀୟ ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରାଯାଏ । ସର୍ବସାଧାରଣଙ୍କ ପାଇଁ ପ୍ରବଚନ ଦେଉଥିବା ଧର୍ମନୀତିଜ୍ଞମାନେ ମଧ୍ୟ କୈଶୋର ଜୀବନ ସମ୍ବନ୍ଧୀୟ ଉଚ୍ଚ ମୂଲ୍ୟବୋଧ ଓ ଧାର୍ମିକ ଚେତନାର କଥା ପ୍ରବଚନ ମାଧ୍ୟମରେ ବ୍ୟକ୍ତ କରନ୍ତି ।

କୈଶୋର ଜୀବନରେ ଏପରି ବିଶ୍ୱାସବୋଧକୁ କେତେ ପରିମାଣରେ ଅଙ୍ଗୀଭୂତ କରିବାକୁ ହେବ, ତାହା କିଶୋର କିଶୋରୀମାନଙ୍କୁ ସ୍ଥିର କରିବାକୁ ହେବ । ଏହା ସତ ଯେ ଉନ୍ମୁକ୍ତ ମନ ନେଇ ଅନେକଗୁଡ଼ିଏ ବିଶ୍ୱାସଧାରା ସହିତ ପରିଚିତି ବୃଦ୍ଧିକରିବା ଶ୍ରେୟସ୍କର । ମାତ୍ର ଦୀର୍ଘଦିନ ଏକ ଦ୍ୱନ୍ଦ୍ୱାକୁଳ ସଂଘର୍ଷପୂର୍ଣ୍ଣ ବଳୟ ମଧ୍ୟରେ ନିଜକୁ ରଖିବା ପରିବର୍ତ୍ତେ ଏକ ସୁସଂହତ ଆତ୍ମପରିଚିତି (Indentity Integrity) ଗଠନର ପରମ ଲକ୍ଷ୍ୟ ସାଧନ କରିବାକୁ ହେବ, ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ସମାଜୀକରଣ : ପାରିବାରିକ ବଳୟ

ସମାଜୀକରଣ ପ୍ରକ୍ରିୟାର କଥା କହିଲେ ଶିଶୁ ଲାଳନପାଳନ ଭଙ୍ଗୀର ଚିତ୍ର ଆମର ଭାବନା ଜଗତକୁ ଆସିଥାଏ । ମାତ୍ର କିଶୋର କିଶୋରୀମାନଙ୍କ ପରିପ୍ରେକ୍ଷୀରେ ସମାଜୀକରଣର (Socialization) ସ୍ୱରୂପ ସମ୍ପୂର୍ଣ୍ଣ ଭିନ୍ନ । ପିଲାମାନଙ୍କୁ ଲାଳନ ପାଳନ କରିବା ସମୟରେ ପିଲାମାନେ ପିତାମାତାଙ୍କ ଉପରେ କିଛିଟା ପ୍ରଭାବ ପକାଇଲେ ମଧ୍ୟ ପିତାମାତା ମୁଖ୍ୟତଃ ଉଚ୍ଚସ୍ଥାନରେ ରହିଥାନ୍ତି । ସେମାନେ ନିଜର ପ୍ରଭାବ ଓ ପ୍ରତିପତ୍ତି ବିସ୍ତାର କରନ୍ତି । ଏ ଦୃଷ୍ଟିରୁ ପ୍ରଭାବଶୀଳତାର ଦିଗ ମୋଟାମୋଟି ଭାବରେ ଏକମୁଖୀ ରାସ୍ତା ରୂପେ କାର୍ଯ୍ୟ କରିଥାଏ । ମାତ୍ର କିଶୋର କିଶୋରୀମାନେ ଉଚ୍ଚତର ଭାବନା ସାମର୍ଥ୍ୟର ଅଧିକାରୀ ହୋଇଥିବାରୁ ପ୍ରଭାବର ଦିଗ ଏକମୁଖୀ ନ ହୋଇ ଦ୍ୱିମୁଖୀ ହୁଏ । ପିତାମାତାମାନେ କିଶୋର କିଶୋରୀ ସନ୍ତାନ ସନ୍ତତିମାନଙ୍କୁ ପ୍ରଭାବିତ କରନ୍ତି ଏବଂ କିଶୋର କିଶୋରୀ ମଧ୍ୟ ସେମାନଙ୍କ ପିତାମାତାଙ୍କୁ ପ୍ରଭାବିତ କରନ୍ତି । ଏହାକୁ ପାରସ୍ପରିକ ସମାଜୀକରଣ (Reciprocal Socialization) କୁହାଯାଇପାରେ ।

ସମାଜୀକରଣ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ସମ୍ପର୍କ । ବିକାଶର ବିଭିନ୍ନ ପର୍ଯ୍ୟାୟରେ କିଶୋର କିଶୋରୀମାନେ ସମ୍ପର୍କ ଗଠନ କରନ୍ତି । ଅନ୍ୟମାନଙ୍କ ସହିତ ଯେଉଁ ସମ୍ପର୍କ ଗଠିତ ହୁଏ, ତାହାକୁ ଦୁଇଟି ଦୃଷ୍ଟିକୋଣରୁ ବିଚାର କରାଯାଇଛି । କେତେକ ବିକାଶ ବିଶେଷଜ୍ଞ ଏହାକୁ କ୍ରମଶୀଳତା (Continuity) ଦୃଷ୍ଟିକୋଣରୁ ବିଚାର କରିବା ସ୍ଥଳେ ଅନ୍ୟ ବିଶେଷଜ୍ଞମାନେ ଏହାକୁ କ୍ରମହୀନତା (Discontinuity) ଦୃଷ୍ଟିଭଙ୍ଗୀରୁ ବିଚାର କରିଛନ୍ତି ।

କ୍ରମଶୀଳତା ଦୃଷ୍ଟିକୋଣରୁ ବାଲ୍ୟ ଅନୁଭୂତି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଶୈଶବ ଓ ଆଦ୍ୟ ବାଲ୍ୟକାଳରେ ଶିଶୁଟି ପିତାମାତାଙ୍କ ସହିତ ଯେଉଁ ସମ୍ପର୍କର ଅନୁଭବ ପାଏ, ତାହା ଭିତ୍ତିଭୂମି ରୂପେ କାର୍ଯ୍ୟକରେ । ପରବର୍ତ୍ତୀ ଜୀବନର ସବୁ ସମ୍ପର୍କ ଏହି ବାଲ୍ୟକାଳୀନ ଅନୁଭବ ଦ୍ୱାରା ପ୍ରଭାବିତ ହୁଏ । ପିତାମାତାଙ୍କ ସହିତ ଅନ୍ତରଙ୍ଗତାପୂର୍ଣ୍ଣ ଓ ସୁରକ୍ଷାଦାୟକ ସମ୍ପର୍କ ଗଠିତ ହୋଇଥିଲେ କିଶୋର କାଳ ସମେତ ପରବର୍ତ୍ତୀ ସମ୍ପର୍କସବୁର ଗୁଣାତ୍ମକ ଦିଗ ମଧ୍ୟ ଏହିପରି ହୋଇଥାଏ । ବିଶ୍ୱାସବୋଧର ମୂଳମଞ୍ଜି ଅତୀତରେ ହିଁ ଅଙ୍କୁରିତ ହୋଇଥାଏ ।

ଅନ୍ୟ ପକ୍ଷରେ କ୍ରମହୀନତା ଦୃଷ୍ଟିଭଙ୍ଗୀ ସପକ୍ଷରେ ଯୁକ୍ତିକରୁଥିବା ବିଶେଷଜ୍ଞମାନେ ଭିନ୍ନ ମତପୋଷଣ କରନ୍ତି । ପିତାମାତାଙ୍କ ସହିତ ଗଢ଼ିଉଠିଥିବା ଶୈଶବକାଳୀନ ଓ ବାଲ୍ୟକାଳୀନ ଅନୁଭବର ପ୍ରଭାବ ଯେ ଭବିଷ୍ୟତରେ ସତ୍ତା ହରାଏ ସେ କଥା ନୁହେଁ, କିନ୍ତୁ

Digitized by srujanika@gmail.com

ଭବିଷ୍ୟତରେ ପିତାମାତା, ସାଙ୍ଗସାଥୀ ଓ ଅନ୍ତରଙ୍ଗ ବନ୍ଧୁବାନ୍ଧବୀ ସହିତ ରୂପ ନେଉଥିବା ସମ୍ପର୍କ ଭିନ୍ନ ଭିନ୍ନ ହୋଇଥିବାରୁ ଅଧିକ କୁଶଳତାପୂର୍ଣ୍ଣ ସମ୍ପର୍କଗଠନର ଶୈଳୀ ଆବଶ୍ୟକ ହୁଏ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଅତୀତରେ ପିତାମାତା ଉଚ୍ଚ ପଦବୀରେ ଥାଇ ପ୍ରଭାବର ଉତ୍ସ ରୂପେ କାର୍ଯ୍ୟ କରୁଥିଲେ । କମ୍ ବୟସର ପିଲାମାନେ ସେସବୁ ପ୍ରଭାବକୁ ଗ୍ରହଣ କରୁଥିଲେ । ମାତ୍ର କୈଶୋର ବୟସରେ ଏପରି ଏକପାଖିଆ ଗ୍ରହଣଶୀଳତା ସମ୍ଭବ ନୁହେଁ । କିଶୋର କିଶୋରୀମାନେ ମଧ୍ୟ ନିଜର ପ୍ରଭାବ ବିସ୍ତାର କରିବାର ପ୍ରୟାସ କରନ୍ତି । ଫଳରେ ସମ୍ପର୍କ ଗଠନର ବିନ୍ୟାସ ନୂଆ ନୂଆ ରୂପ ନିଏ । ଅତୀତର ବିକାଶ ପର୍ଯ୍ୟାୟମଧ୍ୟରୁ ଆହରଣ କରାଯାଇଥିବା କୌଶଳସବୁ ଏ ସମୟରେ ପ୍ରୟୋଗ କରାଯାଏ । ଏ ଦୃଷ୍ଟିରୁ ସମ୍ପର୍କ ଗଠନ ନିରବଚ୍ଛିନ୍ନ ଭାବରେ ପୂର୍ବଶୈଳୀ ନିର୍ଦ୍ଧାରିତ ନ ହୋଇ ନୂଆ ନୂଆ ଢାଞ୍ଚାର ଉପଯୋଗ ହୁଏ ।

କିଶୋର କିଶୋରୀ ଏବଂ ପିତାମାତା ଉଭୟେ ପରିବର୍ତ୍ତିତ ହୁଅନ୍ତି । ପରସ୍ପରକୁ ପ୍ରଭାବିତ କରିବାର ପ୍ରୟାସ ମଧ୍ୟରେ କିଛି ପରିମାଣରେ ଦ୍ୱନ୍ଦ ଓ ସଂଘର୍ଷ ଉପୁଜିଥାଏ । ବିଶେଷତଃ ବୟଃସନ୍ଧି (Puberty) ସମୟରେ ମା' ଓ ପୁତ୍ର ସନ୍ତାନ ମଧ୍ୟରେ ସଂଘର୍ଷ ଅପେକ୍ଷାକୃତ ଅଧିକ ତିକ୍ତକର ହୁଏ ।

କିଶୋର କିଶୋରୀମାନେ ଅଧିକ ଯୁକ୍ତିଯୁକ୍ତତାର ସହିତ ତର୍କ କରନ୍ତି । ପିତାମାତା ଅନୁଶାସନର ପ୍ରୟାସ କରୁଥିବା ସମୟରେ ସେମାନେ କାରଣ ଲୋଡ଼ନ୍ତି । ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ବିନା ବାଧାରେ ଗ୍ରହଣ କରିନେବେ, ତାହାର ଯୁକ୍ତିଯୁକ୍ତତା ଦାବି କରନ୍ତି । ଏହା ବାଲ୍ୟକାଳୀନ ଅନୁଶାସନଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଅତୀତରେ ପିତାମାତାଙ୍କ ଅନୁଶାସନ ପ୍ରାୟତଃ ବିନା ପ୍ରତିବାଦରେ ଗ୍ରହଣ କରାଯାଉଥିଲା । ମାତ୍ର ପିଲାଦିନର ସୀମା ଡେଇଁ କୈଶୋର ସ୍ପର୍ଶ କଲେ ପ୍ରତିବାଦର ସ୍ୱର ଧୀରେ ଧୀରେ ଦୃଢ଼ ହୋଇଥାଏ ।

କିଶୋର କିଶୋରୀମାନଙ୍କର ମନର ଆଉ ଏକ ସୂକ୍ଷ୍ମ ଦିଗ ସମ୍ପର୍କରେ ଜଟିଳତା ସୃଷ୍ଟି କରେ । ସେମାନେ ନିଜର ପିତାମାତାଙ୍କୁ "ଆଦର୍ଶ ପିତାମାତା" କିମ୍ବା "ବାଂଛନୀୟ ପିତାମାତାଙ୍କ ସହିତ ମାନସିକ ସ୍ତରରେ ତୁଳନା କରନ୍ତି । ସାମ୍ପ୍ରତିକ ପରିବେଶରେ କେତେକ ପରିବାରରେ ଦେଖାଯାଉଛି ଯେ ପିତାମାତା ସେମାନଙ୍କର ପୁତ୍ର କନ୍ୟାଙ୍କ ବିଜ୍ଞାନ ଓ ବୈଷୟିକ ଶିକ୍ଷା ଶ୍ରେଣୀରେ ଭର୍ତ୍ତି କରିନଥିଲେ କିଶୋର କିଶୋରୀମାନେ ପ୍ରଚ୍ଛନ୍ନ ଅସନ୍ତୋଷ ପ୍ରକାଶ କରୁଛନ୍ତି । ପିତାମାତା ଭବିଷ୍ୟତ ପାଇଁ ସେମାନଙ୍କର ବିକାଶର ସମ୍ଭାବନା ରଖିନାହାନ୍ତି ବୋଲି ଅଭିଯୋଗ କରୁଛନ୍ତି । ପୁଣି ପରିବାରର ଗୋଟିଏ ପିଲା ଏପରି ସୁଯୋଗ ପାଇଥିବା ସ୍ଥଳେ ଅନ୍ୟ ସନ୍ତାନଟି ପାଇନଥିଲେ ଅସନ୍ତୋଷର ତୀବ୍ରତା ବୃଦ୍ଧି ପାଉଛି ।

କିଶୋର କିଶୋରୀମାନଙ୍କର ପିତାମାତାଙ୍କଠାରୁ ପ୍ରତ୍ୟାଶା ଏବଂ ପିତାମାତାଙ୍କର କିଶୋର କିଶୋରୀ ସନ୍ତାନସନ୍ତତିଠାରୁ ପ୍ରତ୍ୟାଶା ସମ୍ପର୍କ ଗଠନକୁ ଜଟିଳ କରେ । ଅନେକ ସମୟରେ ପିତାମାତା ବାହ୍ୟଜଗତରେ ଅନ୍ୟମାନଙ୍କର ସଫଳତାର କାହାଣୀ ଶୁଣି ଅନୁରୂପ ମାନସିକ

Digitized by srujanika@gmail.com

ଛବି ଅଙ୍କନ କରନ୍ତି । ନିଜ ପୁତ୍ରକନ୍ୟାଙ୍କ ସଫଳତା ବିଫଳତା ସହିତ ତାହାର ତୁଳନା କରନ୍ତି । ବେଳେ ବେଳେ ବାସ୍ତବତାଠାରୁ ମଧ୍ୟ ବେଶ୍ ଦୂରେଇ ଯାଆନ୍ତି । ଏପରି ମନୋଭାବ ସମ୍ପର୍କକୁ ଜଟିଳ କରେ ।

ପରିପକ୍ୱତା ଓ ପରିବର୍ତ୍ତନ କେବଳ କିଶୋର କିଶୋରୀମାନଙ୍କ ମାନସିକ ବଳୟରେ ସକ୍ରିୟ ଥାଏ, ଏପରି ଭାବିବା ଏକ ଭ୍ରମ ଧାରଣା । ପିତାମାତା ମଧ୍ୟ ପରିବର୍ତ୍ତନର ଶରବ୍ୟ ହୁଅନ୍ତି । ଜୀବନର ଅଭିଳଷିତ ଲକ୍ଷ୍ୟସବୁ ପୂରଣ କରିବା ପାଇଁ ଆଉ କେତେ ବର୍ଷ ବାକୀ ରହିଛି, ଏପରି ଚିନ୍ତା ଆଲୋଡ଼ନ ସୃଷ୍ଟିକରେ । ସ୍ୱାସ୍ଥ୍ୟାବସ୍ଥାର ପରିବର୍ତ୍ତନ, ଆକର୍ଷଣଶୀଳତାର ବିଲୟ, ଆର୍ଥିକ ସଂକଟ ଏବଂ ପେସାଗତ ସ୍ଥାଣୁତ୍ୱ ମାନସିକ ସଂକଟର କାରଣ ହୁଏ । ଏହାର ପ୍ରଭାବ ସମ୍ପର୍କ ଗଠନରେ ପ୍ରତିଫଳିତ ହୁଏ ।

❒

Digitized by srujanika@gmail.com

ଭାଇଭଉଣୀଙ୍କ ସହିତ ସମ୍ପର୍କ

ଆଜିକାଲି ପରିବାରର ଆକାର କ୍ରମଶଃ କମିବାରେ ଲାଗିଛି । ଅନେକ ପରିବାରରେ ଏକମାତ୍ର ପୁତ୍ର କିମ୍ବା କନ୍ୟା ଥିବା ଜୀବନ ଶୈଳୀ ପ୍ରସାରିତ ହେବାରେ ଲାଗିଛି । ତଥାପି ଭାରତପରି ବିକାଶମୁଖୀ ଦେଶରେ ଏକାଧିକ କିଶୋର କିଶୋରୀ ଥିବା ପରିବାରର ସଂଖ୍ୟା କମ୍ ନୁହେଁ । ବିଶେଷତଃ ଗ୍ରାମାଞ୍ଚଳରେ ଏକାଧିକ ସନ୍ତାନ ସନ୍ତତିଥିବା ପିତାମାତା କେତେକ ବିଶେଷ ଧରଣର ପରିବେଶର ସମ୍ମୁଖୀନ ହୁଅନ୍ତି । ସମାଜୀକରଣ ପ୍ରକ୍ରିୟାରେ ପରିବାରରେ ପିଲାମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଏକ ବିଶେଷ ରୂପ ନିଏ । ଭାଇ-ଭାଇ ମଧ୍ୟରେ କିମ୍ବା ଭାଇ-ଭଉଣୀ କିମ୍ବା ଭଉଣୀ-ଭଉଣୀ ମଧ୍ୟରେ ସମ୍ପର୍କର ରୂପରେଖ ସମାଜୀକରଣକୁ ପ୍ରଭାବିତ କରେ ।

ସନ୍ତାନ ସନ୍ତତିଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଯେ କଳହ ଓ ସଂଘର୍ଷପ୍ରଣୋଦିତ, ଏ କଥା କୁହାଯାଉ ନାହିଁ । ବରଂ ଅଧିକାଂଶ ସମୟରେ ଏପରି ସମ୍ପର୍କ ସକାରାତ୍ମକ ହୋଇଥାଏ । ପରସ୍ପରକୁ ଶିକ୍ଷାଦେବା, ସାହାଯ୍ୟ କରିବା, ସେବା କରିବା, ଭାବର ଆଦାନପ୍ରଦାନ କରିବା ଏବଂ ଖେଳାଖେଳି ମାଧ୍ୟମରେ ସମାଜୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ । ନିକଟ ଅତୀତରେ କରାଯାଇଥିବା ଗୋଟିଏ ସର୍ବେକ୍ଷଣରୁ ଜଣାଯାଇଛି ଯେ ଭାଇଭଉଣୀ (କିମ୍ବା ଭାଇଭାଇ) ସପ୍ତାହରେ ଅନ୍ତତଃ ୧୦ ଘଣ୍ଟା ଏକତ୍ର କଟାନ୍ତି । ଏହି ସମୟରୁ ପ୍ରାୟ ୧୨ ପ୍ରତିଶତ ସମୟ ସେମାନେ ଏକତ୍ର ସୃଜନାତ୍ମକ କାର୍ଯ୍ୟକଳାପରେ କଟାନ୍ତି । ଏପରି କାର୍ଯ୍ୟ ନୃତ୍ୟଗୀତ, ଚିତ୍ରାଙ୍କନ, ଅଧ୍ୟୟନ କିମ୍ବା ସେହିପରି କିଛି ହବି (Hobby) ବା ପ୍ରିୟକାର୍ଯ୍ୟ ହୋଇପାରେ । ଖେଳାଖେଳି, ଧାର୍ମିକ ରୀତିନୀତି କିମ୍ବା ଗଠନମୂଳକ ଆଲୋଚନା ହୋଇପାରେ । ପ୍ରାୟ ୨୫ ପ୍ରତିଶତ ସମୟ ସେମାନେ ଏକତ୍ର ଦୂରଦର୍ଶନର କାର୍ଯ୍ୟକ୍ରମ ଦେଖିବା, ବୁଲିବା କିମ୍ବା ଗପସପ କରିବାରେ କଟାନ୍ତି ।

କେତେକ ଦୃଷ୍ଟିକୋଣରୁ ପିତାମାତାଙ୍କ ତୁଳନାରେ ଜଣେ ଭାଇ ବା ଭଉଣୀ ତାର ଭାଇ କିମ୍ବା ଭଉଣୀର ସମାଜୀକରଣ ପ୍ରକ୍ରିୟାରେ ଅଧିକ ପ୍ରଭାବଶାଳୀ ହୋଇପାରେ । ପିତାମାତାଙ୍କୁ କୁହାଯାଇ ପାରୁନଥିବା କେତେକ କଥା ସେମାନେ ପରସ୍ପର ମଧ୍ୟରେ ଆଲୋଚନା କରନ୍ତି ଏବଂ ସମାଧାନର ପନ୍ଥା ବାହାର କରନ୍ତି । କୌଣସି ବନ୍ଧୁ ବା ବାନ୍ଧବୀ ସହିତ ମତାନ୍ତର ଘଟିଲେ ପରସ୍ପର ମଧ୍ୟରେ ଆଲୋଚନା କରି ବନ୍ଧୁ ବା ବାନ୍ଧବୀଙ୍କ ସହିତ କିପରି

Digitized by srujanika@gmail.com

ସୁସମ୍ପର୍କ ରକ୍ଷାକରାଯିବ, ତାହାର ମାର୍ଗ ଖୋଜନ୍ତି । ସେହିପରି ବିଦ୍ୟାଳୟ ବା କଲେଜରେ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀଙ୍କୁ କେନ୍ଦ୍ର କରି ସମସ୍ୟା ଉପୁଜିଲେ ତାହାର ମଧ୍ୟ ସମାଧାନର ସୂତ୍ର ଆଲୋଚନା କରନ୍ତି । ଯୌନସମ୍ବନ୍ଧୀୟ ଆଲୋଚନା ପରି ମୁକ୍ତ ଓ ପ୍ରକାଶ୍ୟଭାବରେ କଥାବାର୍ତ୍ତା କରାଯାଉ ନଥିବା ବିଷୟଗୁଡ଼ିକ ସମ୍ପର୍କରେ ଗୋପନରେ ଚର୍ଚ୍ଚା କରନ୍ତି । ଏ ଦୃଷ୍ଟିରୁ ଭାଇଭଉଣୀମାନଙ୍କ ମଧ୍ୟରେ ପାରସ୍ପରିକ ସୁସମ୍ପର୍କ ଏକ ବିଶେଷ ଧରଣର ସାମାଜିକ ସମ୍ବଳ ରୂପେ କାର୍ଯ୍ୟକରେ । ଏପରି ସମ୍ବଳର ଅଧିକାରୀ ହୋଇଥିବା କିଶୋର କିଶୋରୀମାନେ ଶିକ୍ଷାୟତନରେ ମଧ୍ୟ ସାଫଲ୍ୟ ଦର୍ଶାନ୍ତି ।

ଅବଶ୍ୟ ସ୍ଥଳ ବିଶେଷରେ କଳହ ଓ ସଂଘର୍ଷ ଯେ ଉପୁଜି ନଥାଏ, ଏହା କୁହାଯିବ ନାହିଁ । ବିଶେଷତଃ ପିତାମାତାଙ୍କ ପରିଚାଳନା ଶୈଳୀ ଦୁର୍ବଳ ଓ ପ୍ରଭାବହୀନ ହୋଇଥିଲେ ଭାଇଭଉଣୀଙ୍କ ମଧ୍ୟରେ କଳହ ଓ ବିବାଦ ଅଧିକ କ୍ଷତିକାରକ ହୁଏ । ସାମୟିକ ଭାବରେ ଗାଳିମନ୍ଦ ଏବଂ ମାର୍‌ପିଟ୍ ହୁଏତ ବିଶେଷ କ୍ଷତିକାରକ ହୋଇ ନଥାଏ । ମାତ୍ର କ୍ରମାଗତ ବିବାଦ ଓ ବିଦ୍ୱେଷ ସହିତ ପିତାମାତାଙ୍କ ନିଷ୍କ୍ରିୟତା ଖୁବ୍ କ୍ଷତିକାରକ ହୋଇଥାଏ ।

ଭାଇଭଉଣୀ ମଧ୍ୟରେ ପାରସ୍ପରିକ ସମ୍ପର୍କ ଆଲୋଚନା କଲାବେଳେ ଜଣେ ନିର୍ଦ୍ଦିଷ୍ଟ କିଶୋର ବା କିଶୋରୀର ଜନ୍ମକ୍ରମିକତାକୁ (Birth Order) ଏଡ଼ାଇ ଯିବା ସମ୍ଭବ ନୁହେଁ । ସାଧାରଣତଃ ପ୍ରଥମଜନ୍ମିତ ସନ୍ତାନ (ପୁଅ କିମ୍ବା ଝିଅ) ଅଧିକ ପରିପକ୍ୱତା ଦର୍ଶାଇଥାଏ । କମ୍ କ୍ରୋଧୀ ହେବା, ଆଜ୍ଞାଧୀନ, ଉପକାରୀ ଓ ଆତ୍ମସଂଯମୀ ହେବାର ଲକ୍ଷ୍ୟ କରାଯାଏ । ପିତାମାତା ଏପରି ପ୍ରଥମ-ଜନ୍ମିତ ସନ୍ତାନଠାରୁ ଅଧିକ ଆଶା ରଖୁଥିବାରୁ ସେ ସାଧାରଣତଃ ସ୍କୁଲ କଲେଜରେ ଅପେକ୍ଷାକୃତ ଭଲ ସଫଳତା ଦର୍ଶାଏ । ଅବଶ୍ୟ କେତେକ ସ୍ଥଳରେ ପିତାମାତାଙ୍କର ମାତ୍ରାଧିକ ଉଚ୍ଚ ପ୍ରତ୍ୟାଶା ଏକ ପ୍ରକାର ମାନସିକ ଚାପ ସୃଷ୍ଟିକରେ । ଫଳରେ ପ୍ରଥମ ଜନ୍ମିତ ସନ୍ତାନ ଉଦ୍‌ବେଗର ଶରବ୍ୟ ହୋଇ ବିଫଳ ହେବାର ଉଦାହରଣ ମଧ୍ୟ ରହିଛି ।

ପ୍ରଥମ-ଜନ୍ମିତ ସନ୍ତାନ ସହିତ ଅନ୍ୟମାନଙ୍କର ସମ୍ପର୍କ କିପରି ରୂପରେଖ ନେବ, ତାହା ନିର୍ଧାର୍ଯ୍ୟ ଭାବରେ କହିବା କଷ୍ଟକର । ଅନେକଗୁଡ଼ିଏ ଉପାଦାନ ଏହାକୁ ପ୍ରଭାବିତ କରିବ । ପରିବାରରେ ଭାଇଭଉଣୀଙ୍କ ସଂଖ୍ୟା, ସେମାନଙ୍କର ବୟସର ସ୍ତର, ପରସ୍ପର ମଧ୍ୟରେ ବୟସର ବ୍ୟବଧାନ ଏବଂ ସର୍ବୋପରି କେତୋଟି ଭାଇ ଓ କେତୋଟି ଭଉଣୀ, ଏସବୁ ଭିନ୍ନ ଭିନ୍ନ ପ୍ରଭାବ ସୃଷ୍ଟି କରିବ । ଉଦାହରଣ ସ୍ୱରୂପ, ଗୋଟିଏ ସର୍ବେକ୍ଷଣରେ ଲକ୍ଷ୍ୟ କରାଯାଇଛି ଯେ ଦୁଇଭାଇଙ୍କ ମଧ୍ୟରେ ଥିବା ସମ୍ପର୍କ ଭାଇ-ଭଉଣୀ କିମ୍ବା ଭଉଣୀ-ଭଉଣୀ ସମ୍ପର୍କ ତୁଳନାରେ ଅଧିକ ପ୍ରୀତିପ୍ରଦ ।

ଭାଇ-ଭଉଣୀ ସମ୍ପର୍କ ପରିପ୍ରେକ୍ଷୀରେ "ଏକମାତ୍ର ସନ୍ତାନ" ଥିବା ପରିବାର ସମ୍ପର୍କରେ କୌତୂହଳ ଜନ୍ମିପାରେ । ସାଧାରଣତଃ ଲୋକ ବିଶ୍ୱାସ ରଖିଛି ଯେ ଗୋଟିଏ ମାତ୍ର ସନ୍ତାନ ଏକ "ନଷ୍ଟ ସନ୍ତାନ" । ସେ ମାତ୍ରାଧିକ ଗେହ୍ଲା ପାଇ ନଷ୍ଟ ହୋଇଯାଏ । ଏପରି ପୁତ୍ର ବା

Digitized by srujanika@gmail.com

କନ୍ୟା ଅହଂକେନ୍ଦ୍ରୀ, ସ୍ୱାର୍ଥପର, ଅତିନିର୍ଭରଶୀଳ ଓ ଆତ୍ମସଂଯମହୀନ ହୋଇଥାଏ । ମାତ୍ର ଏପରି ଲୋକ ବିଶ୍ୱାସ ଗବେଷଣା-ସମର୍ଥିତ ନୁହେଁ । ଗବେଷଣାରୁ ଏକମାତ୍ର ସନ୍ତାନ ସମ୍ପର୍କରେ ସକାରାତ୍ମକ ଛବି ମିଳିଥାଏ । ଏପରି ସନ୍ତାନ ଲକ୍ଷ୍ୟ-ସାଧନମୁଖୀ ଏବଂ ବାଂଛନୀୟ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାଏ ।

ଅବଶ୍ୟ ଆଲୋଚିତ ସିଦ୍ଧାନ୍ତସବୁ ପରିବାର ଅନ୍ୟ କେତେକ ଦିଗ ଉପରେ ନିର୍ଭର କରେ । କିଶୋର କିଶୋରୀମାନଙ୍କର ମିଜାଜ, ପିତାମାତାଙ୍କର ନିର୍ଦ୍ଦିଷ୍ଟ ସନ୍ତାନ ପ୍ରତି ମାତ୍ରାଧିକ ଅନୁକୂଳ କିମ୍ୱା ପ୍ରତିକୂଳ ମନୋଭାବ, ବନ୍ଧୁବାନ୍ଧବୀମାନଙ୍କ ପ୍ରଭାବ, ବିଦ୍ୟାଳୟର ପ୍ରଭାବ, ସାମାଜିକ ଆର୍ଥିକ ଅବସ୍ଥା ଏବଂ ନିର୍ଦ୍ଦିଷ୍ଟ ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷୀ ବେଶ୍ ପ୍ରଭାବ ବିସ୍ତାର କରେ । ଦୈନନ୍ଦିନ ଜୀବନରେ ପିତାମାତା ନିଜକୁ ଅଜ୍ଞ କି ବିଜ୍ଞ, ପାରଙ୍ଗମ କି ଅପାରଗ, କେଉଁପରି ନମୁନା ରୂପେ ନିଜକୁ ଉପସ୍ଥାପନ କରୁଛନ୍ତି – ତାହା ଏକ ନିର୍ଣ୍ଣାୟକ ଭୂମିକା ନିଏ ।

(ପ୍ରବନ୍ଧଟିରେ ବ୍ୟବହାର କରାଯାଇଥିବା "ଭାଇଭଉଣୀ" ପରିଭାଷାଟି ଭାଇ-ଭାଇ ଏବଂ ଭଉଣୀ-ଭଉଣୀ ପ୍ରତି ମଧ୍ୟ ପ୍ରଯୁଜ୍ୟ ।)

❒

Digitized by srujanika@gmail.com

ପିତାମାତାଙ୍କ ସହିତ ସମ୍ପର୍କ

ବାଲ୍ୟକାଳରୁ ଯୌବନ ପର୍ଯ୍ୟନ୍ତ ଯାତ୍ରାପଥ ଖୁବ୍ ଦୀର୍ଘ । ଏହି ଯାତ୍ରାପଥରେ କିଶୋର କିଶୋରୀମାନଙ୍କୁ ବହୁ ପର୍ବତ ବହୁ ଉପତ୍ୟକା ଅତିକ୍ରମ କରିବାକୁ ହୁଏ । ଅନୁଭୂତି ସବୁବେଳେ ସୁଖକର ହୋଇନଥାଏ । କେତେକ ପିତାମାତା କିଶୋର ବୟସର ପୁତ୍ରକନ୍ୟାମାନଙ୍କଠାରୁ ତତ୍‌କ୍ଷଣାତ୍ ଆଜ୍ଞାଧୀନତା ଆଶା କରିବାର ସ୍ଥଳେ ଅନ୍ୟ କେତେକ ପିତାମାତା ସେମାନଙ୍କ ଉପରେ କୌଣସି ନିୟନ୍ତ୍ରଣ ନ ରଖି ପୂରାପୂରି ଛାଡ଼ି ଦିଅନ୍ତି । ଏ ଦୁଇଟି କ୍ଷେତ୍ରରେ ଭବିଷ୍ୟତରେ ସମସ୍ୟା ସୃଷ୍ଟି ହୁଏ ।

ଲକ୍ଷ୍ୟ କରାଯାଇଛି ଯେ କିଶୋର କିଶୋରୀମାନଙ୍କର ପିତାମାତାଙ୍କ ସହିତ ଅଳ୍ପ ପରିମାଣରେ ଯୁକ୍ତିତର୍କ ବା ମତାନ୍ତର କ୍ଷତିକାରକ ନୁହେଁ । ବରଂ ଏ ଗୁଡ଼ିକର ସମାଧାନ ସମୟରେ ଉଭୟ ଗୋଷ୍ଠୀ ସମନ୍ୱୟର କୌଶଳ ଶିକ୍ଷା କରନ୍ତି ଏବଂ ଅଧିକ ପରିପକ୍ୱତା ହାସଲ କରନ୍ତି । ମାନସିକ ବିକାଶ ପାଇଁ ଏ ଗୁଡ଼ିକର ସକାରାତ୍ମକ ଭୂମିକା ଥିଲା ପରି ମନେ ହୁଏ ।

ପ୍ରଥମତଃ ବୁଝିବାକୁ ହେବ ଯେ ପିତାମାତାଙ୍କର ଭୂମିକା ବହୁ ଦୃଷ୍ଟିରୁ ପରିଚାଳକର (Manager) କାର୍ଯ୍ୟ ସହିତ ସମପର୍ଯ୍ୟାୟଭୁକ୍ତ । ବିଶେଷତଃ ଜଣେ ସୁଦକ୍ଷ ଜନନୀ ଉତ୍ତମ ପରିଚାଳକର ସବୁ ବୈଶିଷ୍ଟ୍ୟ ପ୍ରଦର୍ଶନ କରନ୍ତି । ସୁଦକ୍ଷ ପରିଚାଳକ ହେବାକୁ ହେଲେ ସୂଚନା ଓ ତଥ୍ୟସବୁ ସଂଗ୍ରହ କରିବାକୁ ହେବ, ଅନ୍ୟମାନଙ୍କ ସହିତ ସଂଯୋଗ ରକ୍ଷା କରିବାକୁ ହେବ, ବିକଳ୍ପଗୁଡ଼ିକର ଚିହ୍ନଟ କରିବାକୁ ହେବ ଏବଂ ମାର୍ଗଦର୍ଶନ ଯୋଗାଇବାକୁ ହେବ ।

ପିତାମାତା ବିଶେଷତଃ ମାତା ଏ ସବୁ କାର୍ଯ୍ୟ କରିଥାନ୍ତି । ଶୈଶବକାଳରୁ ଆରମ୍ଭ କରି ରୋଗ ସମୟରେ ଡାକ୍ତରଙ୍କ ପାଖକୁ ନେଇଯିବା, ସ୍କୁଲରେ ଭର୍ତ୍ତିକରିବା ଏବଂ ସାଙ୍ଗସାଥୀ ଚୟନ କରିବା ମାଧ୍ୟମରେ ପରିଚାଳକର ଭୂମିକା ନିର୍ବାହ କରନ୍ତି । ପୁଅଝିଅ କେଉଁ ପରିବେଶରେ ସମୟ କାଟିବେ, ସାଙ୍ଗସାଥୀମାନଙ୍କ ସହିତ କେଉଁସବୁ କାର୍ଯ୍ୟରେ ସାମିଲ ହେବେ ଏବଂ କେଉଁମାନଙ୍କ ସହିତ ଅନ୍ତରଙ୍ଗତାପୂର୍ଣ୍ଣ ବନ୍ଧୁତ୍ୱ ରକ୍ଷାକରିବେ, ଏସବୁ ନିଷ୍ପତ୍ତି ଗ୍ରହଣ ସମୟରେ ପିତାମାତା ଦକ୍ଷ ପରିଚାଳକ ରୂପେ ମାର୍ଗଦର୍ଶନ ଦିଅନ୍ତି ।

ବାଲ୍ୟକାଳରେ ପିଲାମାନଙ୍କୁ ଲାଳନ ପାଳନ କରିବାର ପୃଥକ ପୃଥକ ଶୈଳୀ ଥିଲା ପରି କିଶୋର କିଶୋରୀମାନଙ୍କର ପିତାମାତାମାନେ ମଧ୍ୟ ପରିଚାଳନାର ଭିନ୍ନ ଭିନ୍ନ ଶୈଳୀ ପ୍ରୟୋଗ କରନ୍ତି । ସେଗୁଡ଼ିକର ତୁଳନାତ୍ମକ ଉପଯୋଗିତା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।

Digitized by srujanika@gmail.com

ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଛନ୍ତି ଯେ ପରିଚାଳନ ପ୍ରକ୍ରିୟାରେ ମୁଖ୍ୟତଃ ଦୁଇଟି ଉପାଦାନ ସକ୍ରିୟ ଥାଏ । ସେ ଦୁଇଟି ହେଉଛି ନିୟନ୍ତ୍ରଣର ମନୋଭାବ ଏବଂ ଗ୍ରହଣଶୀଳତାର ମନୋବୃତ୍ତି । ନିୟନ୍ତ୍ରଣ ଇଚ୍ଛା ଖୁବ୍ କମ୍ କିମ୍ବା ପରିମିତ ହୋଇପାରେ । ସେହିପରି ଗ୍ରହଣଶୀଳତାର ମାତ୍ରା ମଧ୍ୟ କମ୍ କିମ୍ବା ବେଶୀ ହୋଇପାରେ । ଏ ଦୃଷ୍ଟିରୁ ନିମ୍ନ ଚିତ୍ରରେ ଦେଖାଯାଇଥିବା ଭଳି ଚାରୋଟି ଶୈଳୀର ସମ୍ଭାବନା ରହିଛି ।

	ଗ୍ରହଣଶୀଳତା	*ଗ୍ରହଣହୀନତା*
ନିୟନ୍ତ୍ରଣଶୀଳତା	ଗୁରୁତ୍ୱମୁଖୀ	ପ୍ରଭୁତ୍ୱମୁଖୀ
ନିୟନ୍ତ୍ରଣହୀନତା	ସର୍ବାନୁମୋଦନମୁଖୀ	ବର୍ଜନମୁଖୀ

ପ୍ରଥମ ଶୈଳୀଟିକୁ **ଗୁରୁତ୍ୱମୁଖୀ** (Authoritative) କିଶୋର-ପରିଚାଳନା ଶୈଳୀ କୁହାଯାଇପାରେ । ଏ କ୍ଷେତ୍ରରେ ପିତାମାତା ସନ୍ତାନସନ୍ତତି ପ୍ରତି ଗ୍ରହଣଶୀଳ (Accepting) ମନୋବୃତ୍ତି ଦର୍ଶାନ୍ତି । ପିଲାମାନଙ୍କର କୃତିତ୍ୱ ଦେଖିଲେ ପ୍ରଶଂସା କରନ୍ତି ଏବଂ ନିଜର ଆନନ୍ଦ ପ୍ରକାଶ କରନ୍ତି । ପର୍ଯ୍ୟାପ୍ତ ପରିମାଣରେ କଥାବାର୍ତ୍ତା କରନ୍ତି । ପୁଅ ଝିଅ ଭୁଲ କରିଥିଲେ ମଧ୍ୟ ମାତ୍ରାଧିକ ବିରକ୍ତି ପ୍ରକାଶ ନ କରି ଉଚିତ ମାର୍ଗଦର୍ଶନ ଦିଅନ୍ତି । ସେ ହୁଏତ କହନ୍ତି – "ତୋର ଜାଣିବା ଉଚିତ ଯେ ଏପରି କରିବା ଠିକ୍ ହୋଇନାହିଁ । ତେବେ ଏ ବିଷୟରେ ଆମେ ଆଲୋଚନା କରିବା । ଭବିଷ୍ୟତରେ ଯେପରି ଠିକ୍ ଭାବରେ ପରିସ୍ଥିତି ସହିତ ଖାପଖୁଆଇ ପାରିବୁ, ତାହା ଦେଖିବା ।" ଏପରି ପରିଚାଳନା ଭଙ୍ଗୀ ମୁଖ୍ୟତଃ ସନ୍ତାନ-କେନ୍ଦ୍ରିକ ହୋଇଥାଏ ଏବଂ ସୁଫଳ ଦିଏ । ପିତାମାତା ନିଜର ସନ୍ତାନ ସନ୍ତତିମାନଙ୍କୁ ଦୈନନ୍ଦିନ ଜୀବନର ବହୁ କାମରେ ସ୍ୱାଧୀନତା ଦିଅନ୍ତି । ତଥାପି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁରେ ନିଜର ନିୟନ୍ତ୍ରଣ ଜାରୀ ରଖନ୍ତି । ଏଥିପାଇଁ ଏହାକୁ ଗୁରୁତ୍ୱମୁଖୀ ଶୈଳୀ କୁହାଯାଇଛି ।

କେତେକ ପିତାମାତାଙ୍କର ଆଦୌ ନିୟନ୍ତ୍ରଣତାର ଇଚ୍ଛା ନଥାଏ । ସେମାନେ ପିଲାମାନଙ୍କୁ ତାଙ୍କ ବାଟରେ ଛାଡ଼ି ଦିଅନ୍ତି । ସେମାନେ ଧରିନିଅନ୍ତି ଯେ କିଶୋର କିଶୋରୀମାନଙ୍କୁ ତାଙ୍କ ବାଟରେ ଛାଡ଼ିଦେଲେ ସେମାନେ ସୃଜନଶୀଳ ପାରଦର୍ଶୀ ହେବେ । ଏହାକୁ **ସର୍ବାନୁମୋଦନମୁଖୀ** (Indulgent) କୁହାଯାଇପାରେ । ଏପରି ପରିଚାଳନା ଭଙ୍ଗୀ ଅନୁଭବ କରୁଥିବା କିଶୋର କିଶୋରୀମାନେ ଆତ୍ମନିୟନ୍ତ୍ରଣ (Self-Control) ଶିକ୍ଷା କରିପାରନ୍ତି ନାହିଁ, ଫଳରେ ଆଚରଣଗତ ସମସ୍ୟା ସୃଷ୍ଟି ହେବାର ବହୁ ସମ୍ଭାବନା ଥାଏ ।

ତୃତୀୟ ଶୈଳୀଟି **ପ୍ରଭୁତ୍ୱମୁଖୀ** (Authoritarian) । ଏ କ୍ଷେତ୍ରରେ ପିତାମାତା ମାତ୍ରାଧିକ ନିୟନ୍ତ୍ରଣ ଜାରୀ କରନ୍ତି । ପୁଣି ଗ୍ରହଣଶୀଳତା ଆଦୌ ନଥାଏ । ପୁତ୍ରକନ୍ୟା ନିଜର କିଛି କୃତିତ୍ୱ ଜଣାଇଲେ ରୁକ୍ଷ ସ୍ୱର ଫୁଟି ଉଠେ – "*ଅନ୍ୟମାନେ ରେକର୍ଡ଼ କରୁଛନ୍ତି । ତୁମେ ତୃତୀୟ ସ୍ଥାନ ଅଧିକାର କରି କ'ଣ ଗୋଟାଏ କରିଦେଲ ?*" ସମ୍ବେଦନଶୀଳତାର

Digitized by srujanika@gmail.com

ସ୍ପର୍ଶ ନ ଥାଇ ଏପରି ବକ୍ତବ୍ୟ କିଶୋର କିଶୋରୀମାନଙ୍କୁ ହତୋତ୍ସାହ କରେ । ପିତାମାତା ନିଜର ରୁଚି ପିଲାମାନଙ୍କ ଉପରେ ଲଦି ଦିଅନ୍ତି । ଆଲୋଚନାର ସମ୍ଭାବନା ନଥାଏ । କହିବା ଅନାବଶ୍ୟକ ଯେ ଏପରି ବାତାବରଣ ମଧ୍ୟରେ ପ୍ରତିପାଳିତ କିଶୋର କିଶୋରୀମାନେ ମାନସିକ ଉଦ୍‌ବେଗର ଶରବ୍ୟ ହୁଅନ୍ତି । ନୂଆ କରି କିଛି ଆରମ୍ଭ କରିବାରେ ଆଗ୍ରହ ନଥାଏ । ଭଲରୂପେ ଯୋଗାଯୋଗ କରିବାରେ ମଧ୍ୟ ଏମାନଙ୍କର ଅସୁବିଧା ହୁଏ ।

ନିୟନ୍ତ୍ରଣର ଇଚ୍ଛା ନ ଥାଇ ପିଲାମାନଙ୍କ ପ୍ରତି ଦୂର୍ ଦୂର୍ ମନୋଭାବ ପୋଷଣ କଲେ ତାହା **ବର୍ଜନମୁଖୀ (Rejecting)** ପରିଚାଳନା ଶୈଳୀର ରୂପ ନିଏ । ଏପରି ପିତାମାତାଙ୍କର କିଶୋର କିଶୋରୀ ପୁତ୍ରକନ୍ୟାଙ୍କର କୌଣସି କାର୍ଯ୍ୟ ପ୍ରତି ଆଗ୍ରହ ନଥାଏ । ସେମାନେ ପୁତ୍ରକନ୍ୟାଙ୍କ ସମ୍ପର୍କରେ କୌଣସି ପ୍ରଶ୍ନ ଉତ୍ତର ଦେଇପାରନ୍ତି ନାହିଁ । କହିବା ଅନାବଶ୍ୟକ ଯେ ଏପରି ପିତାମାତା ନିଜେ ସମସ୍ୟାଗ୍ରସ୍ତ ହେବା ସଙ୍ଗେ ସଙ୍ଗେ କିଶୋର କିଶୋରୀଙ୍କୁ ମଧ୍ୟ ସଂକଟମୟ ପରିବେଶକୁ ଠେଲିଦିଅନ୍ତି ।

ଆଲୋଚିତ ଚାରୋଟି ଶୈଳୀ ମଧ୍ୟରୁ ଗୁରୁତ୍ୱମୁଖୀ ପରିଚାଳନା ଭଙ୍ଗୀ ବେଶ୍ ଉପାଦେୟ ବୋଲି ପୂର୍ବରୁ ସୂଚନା ଦିଆଯାଇଛି । ଏହାର ସଫଳତା ପାଇଁ ତିନୋଟି କାରଣ ରହିଛି । ପ୍ରଥମତଃ ଏପରି ପିତାମାତା ନିୟନ୍ତ୍ରଣ ଜାରୀ କରିବା ଏବଂ ସ୍ୱାଧୀନତା ଦେବା ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି । କେଉଁ କେଉଁ କ୍ଷେତ୍ରରେ ସ୍ୱାଧୀନତା ଦିଆଯିବା ବାଞ୍ଛନୀୟ ଏବଂ କେଉଁ କେଉଁ କ୍ଷେତ୍ରର ସୀମାଙ୍କନର ପ୍ରୟୋଜନ ରହିଛି, ତାହା ସ୍ଥିର କରନ୍ତି । ଦ୍ୱିତୀୟ, ଏପରି ପିତାମାତା ପାରସ୍ପରିକ ଆଲୋଚନାର ଉପଯୋଗ କରନ୍ତି । କଥାବାର୍ତ୍ତା ମାଧ୍ୟମରେ ଛୋଟ ଛୋଟ ସମସ୍ୟାର ସହଜ ସମାଧାନ ସମ୍ଭବ ହୁଏ । ତୃତୀୟତଃ, କିଶୋର କିଶୋରୀମାନଙ୍କର କାର୍ଯ୍ୟକ୍ରମରେ ପିତାମାତାଙ୍କ ଆଗ୍ରହ ଓ ଆନ୍ତରିକତା ସକାରାତ୍ମକ ଭୂମିକା ନିଏ । ପିତାମାତାଙ୍କ କଥା ଶୁଣିବା ପାଇଁ ସେମାନେ ଇଚ୍ଛା ପ୍ରକଟ କରନ୍ତି ।

ପିତାମାତା ଓ କିଶୋର କିଶୋରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଅପ୍ରତ୍ୟାଶିତ ନୁହେଁ । ପୂର୍ବରୁ ସୂଚନା ଦିଆଯାଇଛି ଯେ ସାମୟିକ ଦ୍ୱନ୍ଦ୍ୱ ଏକ ସ୍ୱାଭାବିକ ପ୍ରକ୍ରିୟା । ପିତାମାତା ଏବଂ କିଶୋର କିଶୋରୀଙ୍କର ପରିପକ୍ୱତା ପରିବର୍ତ୍ତିତ ହୁଏ । କିଶୋର କିଶୋରୀମାନେ ଅଧିକରୁ ଅଧିକ ଯୁକ୍ତିପ୍ରବଣ ହୁଅନ୍ତି । ବ୍ୟକ୍ତିଗତ ଆଦର୍ଶ ଓ ମୂଲ୍ୟବୋଧ ଧୀରେ ଧୀରେ ପ୍ରକାଶ୍ୟ ରୂପ ନିଏ । ବ୍ୟକ୍ତିଗତ ସ୍ୱାଧୀନତା ପାଇଁ ଇଚ୍ଛା ବଳବତୀ ହୁଏ । ସ୍ଥଳ ବିଶେଷରେ ବ୍ୟକ୍ତିଗତ ଅଭିଳାଷ ଚରିତାର୍ଥ ହୋଇ ନଥାଏ । ସୁତରାଂ ଦ୍ୱନ୍ଦ୍ୱ ଓ ଯୁକ୍ତିତର୍କ ଉପୁଜିବା ସ୍ୱାଭାବିକ ।

କୌତୂହଳର ବିଷୟ ଯେ ଅନେକ ସମୟରେ ପିତାମାତା ଓ ପୁତ୍ରକନ୍ୟାଙ୍କ ମଧ୍ୟରେ ଉପୁଜୁଥିବା ଦ୍ୱନ୍ଦ୍ୱ ମୂଳରେ ଏକ ଜଟିଳ କିମ୍ବା ବିରାଟ ପ୍ରଶ୍ନ ନଥାଏ । ଦୈନନ୍ଦିନ ଜୀବନର ଛୋଟ ଛୋଟ ଘଟଣାକୁ କେନ୍ଦ୍ର କରି ଦ୍ୱନ୍ଦ୍ୱ ଉପୁଜେ । ଶୋଇବା ଘର ପରିଷ୍କାର ପରିଚ୍ଛନ୍ନ ନ ରଖିବା, ରୁଚିପୂର୍ଣ୍ଣ ପୋଷାକପତ୍ର ନ ପିନ୍ଧିବା, ଠିକ୍ ସମୟରେ ଘରକୁ ନ ଫେରିବା, ସେଲ୍

Digitized by srujanika@gmail.com

ଫୋନ୍‌ରେ ଘଣ୍ଟା ଘଣ୍ଟା ଧରି କଥାବାର୍ତ୍ତା ହେବା ଏବଂ ଘରକାମ ନ କରିବା ପରି ଛୋଟ ଛୋଟ ଘଟଣା ବାକ୍‌ବିତଣ୍ଡାର ସାମଗ୍ରୀ ହୋଇଥାଏ । ମା'ଙ୍କ ସହିତ ଝିଅର ବେଶୀ ଦ୍ୱନ୍ଦ୍ୱ ଉପୁଜେ । ପୁଅ ମଧ୍ୟ ନିଜର ସାଙ୍ଗସାଥୀ ଓ ବାପାଙ୍କ ତୁଳନାରେ ମା' ସହିତ ଅଧିକ ଯୁକ୍ତିତର୍କ କରିଥାଏ । ପାଶ୍ଚାତ୍ୟ ଦେଶ ତୁଳନାରେ ଜାପାନ ଓ ଭାରତରେ ଏପରି ଦ୍ୱନ୍ଦ୍ୱର ମାତ୍ରା ଯଥେଷ୍ଟ କମ୍ ।

ପିତାମାତା ଓ କିଶୋର କିଶୋରୀଙ୍କ ମଧ୍ୟରେ ସୁସମ୍ପର୍କ ଗଠନ କ୍ଷେତ୍ରରେ ବାଲ୍ୟକାଳୀନ ଅନ୍ତରଙ୍ଗତାକୁ (Attachment) ବହୁ ମନୋବିଜ୍ଞାନୀ ଗୁରୁତ୍ୱ ଦେଇଛନ୍ତି । ସେମାନଙ୍କ ମତରେ ଅଳ୍ପ ବୟସରୁ ପିତାମାତା ନିଜର ଅନ୍ତରଙ୍ଗତା ମାଧ୍ୟମରେ ପିଲାଦିନରୁ ଏକ ସୁରକ୍ଷାର (Secure Attachment) ଭାବ ସୃଷ୍ଟି କରିପାରିଥିଲେ ଭବିଷ୍ୟତରେ ମଧ୍ୟ ତାହା ବେଶ ଉପଯୋଗୀ ହେବ । କିଶୋର କିଶୋରୀମାନେ ପିତାମାତାଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରକ୍ଷାକରିବେ । ଅନେକ ସମୟରେ ମୁକ୍ତମନରେ ନିଜର ସମସ୍ୟା ପିତାମାତାଙ୍କ ପାଖରେ ଉପସ୍ଥାପନ କରିବେ ଏବଂ ପରାମର୍ଶ ଲୋଡ଼ିବେ । ଅନ୍ୟ ପକ୍ଷରେ ଅନ୍ତରଙ୍ଗତା ନଥାଇ ସୁରକ୍ଷା ଭାବର ଅଭାବ ଥିଲେ କିଶୋର କିଶୋରୀ ଛାଡ଼୍ ଛାଡ଼୍ ଭାବ ଦେଖାଇବେ । ଏ ଦୃଷ୍ଟିରୁ ସମ୍ପର୍କର ସେତୁ ନିର୍ମାଣ ପାଇଁ ଅନ୍ତରଙ୍ଗତା ବିଶେଷ ପ୍ରୟୋଜନ ।

❒

Digitized by srujanika@gmail.com

ସାଙ୍ଗସାଥୀଙ୍କ ସମ୍ପର୍କ

ସାଙ୍ଗସାଥୀଙ୍କ ସହିତ ସାମାଜିକ ସମ୍ପର୍କ କୈଶୋର ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ । ଏହାର ଅନୁଭୂତି କେବଳ ବିସ୍ତୃତ ନୁହେଁ, ପ୍ରଭାବଶାଳୀ ମଧ୍ୟ । ଗୋଟିଏ ଗବେଷଣାରୁ ଦେଖାଯାଇଛି ଯେ ଶିଶୁମାନେ ଦୁଇବର୍ଷ ବୟସବେଳକୁ ସେମାନଙ୍କର ସମୟର ପ୍ରାୟ ଦଶ ପ୍ରତିଶତ ସାଙ୍ଗସାଥୀମାନଙ୍କ ସହିତ କଟାନ୍ତି । ଚାରିବର୍ଷ ବୟସ ବେଳକୁ ଏହା ୨୦ ପ୍ରତିଶତ ହୋଇଥାଏ । ମାତ୍ର ସାତ ବର୍ଷରୁ ଏଗାର ବର୍ଷ ବୟସ ମଧ୍ୟରେ ଏହା ବୃଦ୍ଧିପାଇ ୪୦ ପ୍ରତିଶତ ସମୟ ସୀମା ସ୍ପର୍ଶ କରେ । ପିତାମାତାଙ୍କ ସହିତ ଅତିବାହିତ କରୁଥିବା ସମୟର ପ୍ରାୟ ଦୁଇଗୁଣ ସମୟ କିଶୋର କିଶୋରୀମାନେ ସେମାନଙ୍କର ସହପାଠୀ ଏବଂ ସମବୟସ୍କ ସାଙ୍ଗସାଥୀମାନଙ୍କ ସହିତ ଅତିବାହିତ କରନ୍ତି ।

ନିୟନ୍ତ୍ରିତ ଗବେଷଣାଗାର ପରିପ୍ରେକ୍ଷୀରେ ଲକ୍ଷ୍ୟ କରାଯାଇଛି ଯେ ମାଙ୍କଡ଼ଛୁଆମାନଙ୍କୁ ସେମାନଙ୍କର ସାଙ୍ଗସାଥୀରୁ ପୃଥକ କରିଦେଲେ ସେମାନେ ବିଷାଦଗ୍ରସ୍ତ ହୋଇପଡ଼ନ୍ତି । ସାମାଜିକ ବ୍ୟବହାରର ସୁସମଞ୍ଜସ ବିକାଶ ପାଇଁ ସାଙ୍ଗସାଥୀମାନଙ୍କ ସହିତ ସୁସମ୍ପର୍କ ଆବଶ୍ୟକ । କିଶୋରାବସ୍ଥାରେ ଏପରି ସୁସମ୍ପର୍କ ଲକ୍ଷ୍ୟ କରାଯାଇଥିବା ପିଲାମାନଙ୍କର ପରବର୍ତ୍ତୀ ଯୌବନାବସ୍ଥାରେ ଏହାର ସୁପ୍ରଭାବ ଲକ୍ଷ୍ୟ କରାଯାଏ । ସାଙ୍ଗସାଥୀମାନଙ୍କ ସହିତ ସମ୍ପର୍କ ରକ୍ଷା ମାଧ୍ୟମରେ କିଶୋର କିଶୋରୀମାନେ ପାରସ୍ପରିକତା ଶିକ୍ଷା କରନ୍ତି । ପାରସ୍ପରିକତାରେ କିପରି ଭାରସାମ୍ୟ ରକ୍ଷା କରାଯିବ, ତାହା ମଧ୍ୟ ଜାଣନ୍ତି । କେତେ ପରିମାଣର ସମ୍ବଳ ଦେଲେ କେତେ ପରିମାଣର ସମ୍ବଳ (ଉପହାର, ଭଲପାଇବା, ଲାଭ ଇତ୍ୟାଦି) ମିଳିବ, ତାହାର ଏକ ଧାରଣା ଜନ୍ମେ । ସମତ୍ୱ ଓ ନ୍ୟାୟୋଚିତ ବ୍ୟବହାର ସମ୍ପର୍କରେ ମଧ୍ୟ କିଛିଟା ଧାରଣା ହୁଏ । କିଶୋର କିଶୋରୀମାନେ ଅନ୍ତରଙ୍ଗତାର କୌଶଳ ଶିକ୍ଷା କରନ୍ତି ଏବଂ ଏପରି କୌଶଳ ଆଗାମୀ ଜୀବନ ପାଇଁ ବେଶ୍ ସହାୟକ ହୁଏ ।

ସାଙ୍ଗସାଥୀ ସମ୍ପର୍କ ସମସ୍ୟାଜଡ଼ିତ ହୋଇପଡ଼ିଲେ ତାହାର କୁପରିଣତି ସୃଷ୍ଟି ହେବା ସ୍ୱାଭାବିକ । ସାଙ୍ଗସାଥୀମାନଙ୍କ ଦ୍ୱାରା ପରିତ୍ୟକ୍ତ ଓ ଅବହେଳିତ କିଶୋର କିଶୋରୀ ଏକାକୀତ୍ୱ ଅନୁଭବ କରନ୍ତି । ଫଳରେ ଏମାନେ ହିଂସ୍ର ହୋଇପାରନ୍ତି । ମାନସିକ ସ୍ୱାସ୍ଥ୍ୟର ସମସ୍ୟା ଓ ଅପରାଧ ପ୍ରବଣତା ବୃଦ୍ଧି ପାଇବାର ଆଶଙ୍କା ଜନ୍ମେ । ନକାରାତ୍ମକ ସମ୍ପର୍କ ପିତାମାତାଙ୍କ ନିୟନ୍ତ୍ରଣ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ବିରୋଧ କରିପାରେ ।

Digitized by srujanika@gmail.com

ସାଙ୍ଗସାଥୀମାନଙ୍କ ସମ୍ପର୍କ ଏବଂ ପିତାମାତାଙ୍କ ସହିତ ସମ୍ପର୍କ ଯେ ପରସ୍ପରର ପ୍ରତିକୂଳ ହେବ, ଏପରି ଭାବିବା ଠିକ୍ ନୁହେଁ । ସାଧାରଣତଃ ଲକ୍ଷ୍ୟ କରାଯାଇଛି ଯେ କିଶୋର କିଶୋରୀମାନଙ୍କର ଜୀବନର କେତେକ କ୍ଷେତ୍ରରେ ପିତାମାତାଙ୍କ ପ୍ରଭାବ ଅଧିକ ଅନୁଭୂତ ହୁଏ । ସେମାନଙ୍କର ଶିକ୍ଷା, ନୈତିକତା ଓ ଧାର୍ମିକଭାବନା କ୍ଷେତ୍ରରେ ପିତାମାତା ଅଧିକ ପ୍ରଭାବ ବିସ୍ତାର କରନ୍ତି । ବ୍ୟକ୍ତିଗତ ପସନ୍ଦ ନାପସନ୍ଦ କ୍ଷେତ୍ରରେ ସାଙ୍ଗସାଥୀମାନଙ୍କ ପ୍ରଭାବ ରହିଥାଏ । ଏ ଦୁଇଟି ସମ୍ପର୍କର ବଳୟ ପୂରାପୂରି ବିଚ୍ଛିନ୍ନ ନ ହୋଇ ଦୁଇଟିରେ ସମ୍ପୃକ୍ତି ରହିଥାଏ ।

ପିତାମାତାଙ୍କର କେତେକ ନିଷ୍ପତ୍ତି ଦୁଇ ସମ୍ପର୍କର ବଳୟର ସମ୍ପୃକ୍ତିକୁ କମ୍ ବେଶୀ କରିପାରେ । ପିତାମାତା କେଉଁ ସ୍ଥାନରେ ଘର କରିବେ, କେଉଁଠାରେ ଚାକିରୀ କରିବେ ଏବଂ ପିଲାମାନଙ୍କୁ କେଉଁ ସ୍କୁଲରେ ପଢ଼ାଇବେ – ଏପରିସବୁ ନିଷ୍ପତ୍ତି ସାଙ୍ଗସାଥୀଚୟନକୁ ପରୋକ୍ଷ ଭାବରେ ପ୍ରଭାବିତ କରେ । ଜନଗହଳି ଥିବା ବସତିରେ ସେମାନଙ୍କର ପୁତ୍ରକନ୍ୟା ଅଧିକ ସଂଖ୍ୟକ ସାଙ୍ଗସାଥୀ ପାଇବାର ସମ୍ଭାବନା ଥିବା ସ୍ଥଳେ ଅନ୍ୟତ୍ର ସେପରି ସମ୍ଭାବନା କମ୍ ହୋଇପାରେ । ପୁଣି ସାଙ୍ଗସାଥୀମାନଙ୍କୁ କିପରି ଚୟନ କରିବାକୁ ହୁଏ ଏବଂ ସେମାନଙ୍କ ସହିତ ସମ୍ପର୍କର ପରିଚାଳନା କିପରି କରିବାକୁ ହୁଏ, ପିତାମାତା ତାହା ତାଲିମ ଦେଇପାରନ୍ତି । ଯୋଜନାବଦ୍ଧ ଭାବରେ ପିତାମତାଙ୍କ ସହିତ ଏପରି ଭାବଗତ ସମ୍ପର୍କ ରକ୍ଷାକରୁଥିବା କିଶୋର କିଶୋରୀମାନେ ପିତାମାତାଙ୍କ ସହିତ ସାଙ୍ଗସାଥୀ – ସମ୍ପର୍କଜନିତ ସମସ୍ୟା ମଧ୍ୟ ଆଲୋଚନା କରନ୍ତି । ପିତାଙ୍କ ତୁଳନାରେ ମା' ସହିତ ଏପରି ଆଲୋଚନାର ମାତ୍ରା ପ୍ରାକ୍-କିଶୋରାବସ୍ଥାରେ ଅଧିକ ହୋଇଥାଏ ।

ସାଙ୍ଗସାଥୀମାନଙ୍କ ସହିତ ସମ୍ପର୍କ ରକ୍ଷା କଲାବେଳେ ଏହି ବନ୍ଧୁଜଗତରେ ବୁଡ଼ିଯିବାର ଅଭିଳାଷ ଲକ୍ଷ୍ୟ କରାଯାଏ । ଏହି ସାଙ୍ଗସାଥୀର ଗୋଷ୍ଠୀ ସହିତ ଏକପ୍ରକାର ଏକାତ୍ମତା ଗଠିତ ହୁଏ । ଏକାପରି ପୋଷାକ ପିନ୍ଧିବା, ଏକାଠି ବୁଲିବା ଏବଂ ଏକାପରି କଥା କହିବାର ପ୍ରବଣତା ଲକ୍ଷ୍ୟ କରାଯାଏ । ଗୋଟିଏ ସର୍ବେକ୍ଷଣରେ ବିଭିନ୍ନ ବୟସର ପିଲାମାନଙ୍କୁ ତିନି ପ୍ରକାର ପ୍ରଶ୍ନ ପଚରା ଗଲା । ପ୍ରଥମ ପ୍ରକାର ପ୍ରଶ୍ନଟି ପିତାମାତାଙ୍କ ମୂଲ୍ୟବୋଧ-ସମ୍ବନ୍ଧିତ (ଯଥା ବାପା କହିଲେ ତୁମେ ଅନ୍ୟ ଗୋଟିଏ ଛୋଟ ପିଲାକୁ ଅଙ୍କକଷିବାରେ ସାହାଯ୍ୟ କରିବ କି ?) । ଦ୍ୱିତୀୟ ପ୍ରକାର ପ୍ରଶ୍ନଟି ସାଙ୍ଗସାଥୀଙ୍କ ପରାମର୍ଶ-ଜନିତ (ଯଥା – ସାଙ୍ଗ କହିଲେ ତୁମେ ଘରୁ ଗୋଟିଏ ଜିନିଷ ଲୁଚାଇ ନେଇ ଆସିବ କି ?) । ତୃତୀୟ ପ୍ରଶ୍ନଟି ପିତାମାତା କିମ୍ବା ସାଙ୍ଗସାଥୀଙ୍କ ସହିତ ସମ୍ବନ୍ଧିତ ନଥିଲା (ଯଥା – ତୁମର ଇଚ୍ଛା ନଥିଲେ ବି ସିନେମା ଦେଖିବାକୁ ଯିବ କି ?) ।

ଅନେକଗୁଡ଼ିଏ ପିଲାଙ୍କୁ ପଚରା ଯାଇଥିବା ଏହି ତିନିପ୍ରକାର ପ୍ରଶ୍ନର ଉତ୍ତର ବିଶ୍ଳେଷଣ କରି ଫଳାଫଳ ବିଚାର କରାଗଲା । ଦେଖାଗଲା ଯେ ପିଲାମାନେ ତୃତୀୟ ଶ୍ରେଣୀରେ ଥିବା

Digitized by srujanika@gmail.com

ବେଳେ ପିତାମାତାଙ୍କ ପ୍ରଭାବ ଓ ସାଙ୍ଗସାଥୀଙ୍କ ପ୍ରଭାବ ପରସ୍ପରର ପ୍ରତିକୂଳ ରହିଛି । ଏ ସମୟରେ ପିତାମାତାଙ୍କ ପ୍ରଭାବ ଅପେକ୍ଷାକୃତ ଶକ୍ତିଶାଳୀ ରହିଛି ଏବଂ ପିଲାମାନେ ସେସବୁ ନୀତି ଅନୁସରଣ କରୁଛନ୍ତି । ମାତ୍ର ସେମାନେ ଷଷ୍ଠଶ୍ରେଣୀକୁ ଆସିବା ପରେ ଲକ୍ଷ୍ୟ କରାଯାଉଛି ଯେ ପିତାମାତା ଓ ସାଙ୍ଗସାଥୀଙ୍କ ପ୍ରରୋଚନାରେ ସିଧାସଳଖ ବିରୋଧ ନାହିଁ । ଏହା ଅର୍ଥ ହେଉଛି ଯେ ପିତାମାତା କେତେକ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିବା ସ୍ଥଳେ ସାଙ୍ଗସାଥୀମାନଙ୍କ ପ୍ରରୋଚନା ଜୀବନର ଅନ୍ୟ ସବୁ କ୍ଷେତ୍ରରେ ଅନୁସୃତ ହେଉଛି । ନବମ ଶ୍ରେଣୀ ବେଳକୁ ସାଙ୍ଗସାଥୀଙ୍କ ପ୍ରରୋଚନା ଅଧିକ ଶକ୍ତିଶାଳୀ । ଉଚ୍ଚ ମାଧ୍ୟମିକ ଶ୍ରେଣୀ ବେଳକୁ କିଶୋର କିଶୋରୀମାନେ ଅପେକ୍ଷାକୃତଭାବରେ ପିତାମାତା ଓ ସାଙ୍ଗସାଥୀଙ୍କ ପ୍ରଭାବରୁ କିଛିଟା ମୁକ୍ତ ହୋଇ ନିଜସ୍ୱ ମତ ଗଠନ କରୁଛନ୍ତି ଏବଂ ତାହାର ଅନୁସରଣ କରୁଛନ୍ତି ।

ସାଙ୍ଗସାଥୀମାନଙ୍କ ପରିପ୍ରେକ୍ଷୀରେ ଏକ ନିର୍ଦ୍ଦିଷ୍ଟ କିଶୋର ବା କିଶୋରୀର କେଉଁପରି ସ୍ଥିତି ରହିଛି, ତାହାର ସୂଚନା ଦେବାପାଇଁ ପାଞ୍ଚପ୍ରକାର ପରିଭାଷା ବ୍ୟବହାର କରାଯାଇପାରେ । ସେଗୁଡ଼ିକ ହେଉଛି ବନ୍ଧୁବାନ୍ଧବୀ ପ୍ରିୟ, ସାଧାରଣ, ଅବହେଳିତ, ବର୍ଜିତ, ଏବଂ ବିତର୍କିତ । ବନ୍ଧୁ ବା ବାନ୍ଧବୀ ପ୍ରିୟ କିଶୋର ବା କିଶୋରୀ ଅଧିକାଂଶର ପ୍ରିୟ ବନ୍ଧୁ ବା ବାନ୍ଧବୀର ସମ୍ମାନ ପାଏ । ପ୍ରାୟ କେହି ନାପସନ୍ଦ କରନ୍ତି ନାହିଁ । କହିବା ଅନାବଶ୍ୟକ ଯେ ଏପରି କିଶୋର ବା କିଶୋରୀଙ୍କ ସମନ୍ୱୟଶୀଳତା ଉଚ୍ଚ ଧରଣର ହୋଇଥାଏ । ସାଧାରଣ କିଶୋର ବା କିଶୋରୀଟିଏ ଅନ୍ୟମାନଙ୍କଠାରୁ ହାରାହାରି ପସନ୍ଦ ନାପସନ୍ଦ ପାଇଥାଏ । ଅବହେଳିତ କିଶୋର ବା କିଶୋରୀ ଖୁବ୍ କମ୍ ସମୟରେ ଅନ୍ୟମାନଙ୍କର ପସନ୍ଦର ଅଧିକାରୀ ହୋଇଥାଏ ।, ତଥାପି ଅନ୍ୟମାନେ ତାକୁ ନାପସନ୍ଦ ବ୍ୟକ୍ତ କରି ନଥାନ୍ତି । ଅନ୍ୟ ପକ୍ଷରେ ବର୍ଜିତ କିଶୋର ବା କିଶୋରୀ କମ୍ ସମୟରେ ଅନ୍ୟମାନଙ୍କର ପସନ୍ଦର ଅଧିକାର ହେବା ସଙ୍ଗେ ସଙ୍ଗେ ବହୁ ସମୟରେ ଅନ୍ୟମାନଙ୍କର ନାପସନ୍ଦର ଶରବ୍ୟ ହୋଇଥାଏ । ବିତର୍କିତ କିଶୋର କିଶୋରୀମାନେ ବହୁ ସମୟରେ ପସନ୍ଦ ଲାଭ କରନ୍ତି, ଅଥଚ ନାପସନ୍ଦର ମଧ୍ୟ ଶିକାର ହୁଅନ୍ତି ।

ବନ୍ଧୁ/ବାନ୍ଧବୀପ୍ରିୟ କିଶୋର କିଶୋରୀମାନେ ଉଚ୍ଚସ୍ତରର ସାମାଜିକ ଦକ୍ଷତା ପ୍ରଦର୍ଶନ କରନ୍ତି । ସେମାନେ ଧୈର୍ଯ୍ୟ ଓ ମନନଶୀଳତାର ସହିତ ଅନ୍ୟମାନଙ୍କର କଥା ଶୁଣନ୍ତି । ଅନ୍ୟମାନଙ୍କୁ ପ୍ରଶଂସା କରନ୍ତି । ମୁକ୍ତଭାବରେ ଯୋଗାଯୋଗ ରକ୍ଷା କରନ୍ତି । ନିଜର ନକାରାତ୍ମକ ଆବେଗ କୌଶଳପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରନ୍ତି । ଖୁସି ମିଜାସ ବଜାୟ ରଖନ୍ତି । ଅନ୍ୟମାନଙ୍କର ଦୁଃଖରେ ସମ୍ବେଦନଶୀଳତା ଦର୍ଶାନ୍ତି । ଏମାନଙ୍କର ଶିକ୍ଷାଗତ ସଫଳତା ମଧ୍ୟ ପ୍ରଶଂସନୀୟ ହୋଇଥାଏ । ଲକ୍ଷ୍ୟ କରାଯାଇଛି ଯେ ଏପରି କିଶୋର କିଶୋରୀମାନଙ୍କର ପିତାମାତାଙ୍କ ସହିତ ସମ୍ପର୍କ ମଧ୍ୟ ପ୍ରୀତିପ୍ରଦ । ଅନ୍ତରଙ୍ଗତାର ସୁରକ୍ଷାଭାବର ବୈଭବ ଏମାନେ ପିତାମାତାଙ୍କଠାରୁ ହାସଲ କରିଥାଆନ୍ତି ।

ଅବହେଳିତ କିଶୋର୍ କିଶୋରୀମାନେ କମ୍ ପରିମାଣରେ ଯୋଗାଯୋଗ ରକ୍ଷାକରନ୍ତି । ପାରସ୍ପରିକ କ୍ରିୟା ଅନୁକ୍ରିୟାର (Interaction) ପରିମାଣ ସୀମିତ । ଅନେକ ସମୟରେ

Digitized by srujanika@gmail.com

ଏମାନେ ଲାଜୁଆଭାବ ଦର୍ଶାନ୍ତି । ଅବହେଳିତ କିଶୋର କିଶୋରୀମାନଙ୍କ ତୁଳନାରେ ବର୍ଜିତ କିଶୋର କିଶୋରୀମାନେ ସମସ୍ୟାଜଡ଼ିତ ବ୍ୟବହାର ଦର୍ଶାନ୍ତି । ବିଦ୍ୟାଳୟରେ ଠିକ୍ ରୂପେ ପାଠ ନ ପଢ଼ିବା, ବିଶୃଙ୍ଖଳିତ ବ୍ୟବହାର ଦର୍ଶାଇବା ଏବଂ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ହେବା ଏ ଧରଣର ବ୍ୟବହାରଗତ ସମସ୍ୟା । ଏମାନଙ୍କ ଆଚରଣରେ ହିଂସାତ୍ମକ ବ୍ୟବହାର ପରିଦୃଷ୍ଟ ହୁଏ ।

ଅବହେଳିତ ଓ ବର୍ଜିତ କିଶୋର କିଶୋରୀମାନଙ୍କ ପାଇଁ ଯେ ସାମାଜିକ ବ୍ୟବହାର ବିକାଶର ସମସ୍ତ ରାସ୍ତା ରୁଦ୍ଧ, ଏହା କୁହାଯାଇ ପାରିବ ନାହିଁ । ଯୋଜନାବଦ୍ଧ ଭାବରେ କେତେକ ପ୍ରଶିକ୍ଷଣ କାର୍ଯ୍ୟକାରୀ କରାଯାଇପାରେ । ସମସ୍ୟାବିଜଡ଼ିତ କିଶୋର କିଶୋରୀମାନଙ୍କୁ ଉପଯୋଗୀ ସାମାଜିକ ବ୍ୟବହାରର ତାଲିମ ଦେଲାବେଳେ ନିମ୍ନଲିଖିତ ପଦକ୍ଷେପଗୁଡ଼ିକର ପ୍ରୟୋଗ କରାଯାଇପାରେ ।

୧. ତୁମର କାର୍ଯ୍ୟ ବନ୍ଦ କରି ଧୀର ସ୍ଥିର ହୋଇ କିଛି ସମୟ ବସ । ଯେଉଁ କାର୍ଯ୍ୟଟି କରିବ, ସେ ବିଷୟରେ କିଛି ସମୟ ଚିନ୍ତା କର ।

୨. କାର୍ଯ୍ୟଟି ଆରମ୍ଭ କର । କାର୍ଯ୍ୟଟି କରିବା ସମୟରେ ତୁମର କି ଅନୁଭବ ଆସୁଛି, ତାହା ଲକ୍ଷ୍ୟ କର ।

୩. ତୁମ କାର୍ଯ୍ୟର କ'ଣ ଉଦ୍ଦେଶ୍ୟ ବା ଲକ୍ଷ୍ୟ ତାହା ଜାଣ କି ? ଲକ୍ଷ୍ୟଟି ଅନୁପଯୋଗୀ ହୋଇଥିଲେ ତାହା ତ୍ୟାଗ କର । ଉପଯୋଗୀ (ସକାରାତ୍ମକ) ଲକ୍ଷ୍ୟଟିଏ ଚିନ୍ତାକର ।

୪. ଏପରି ଉପଯୋଗୀ ବା ସକାରାତ୍ମକ ଲକ୍ଷ୍ୟ ଥିବା କାର୍ଯ୍ୟର ସମାଧାନ ପାଇଁ ବହୁ ପନ୍ଥା ବା ବିକଳ୍ପ ରହିଛି । ଯଥାସଂଖ୍ୟକ ବିକଳ୍ପ ଚିନ୍ତା କର ।

୫. କେଉଁ ପନ୍ଥାଟି ସବୁଠାରୁ ଅଧିକ ଉପଯୋଗୀ ଏବଂ ତାହା ତୁମ ଦ୍ୱାରା ସମ୍ଭବ ହେବ, ସେଇଟି ନିର୍ବାଚନ କର ।

୬. ଚୟନ କରିଥିବା ପନ୍ଥାଟି କାର୍ଯ୍ୟକାରୀ କରି ତୁମର ଲକ୍ଷ୍ୟ ସାଧନ କର ।

ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ଅନ୍ୟ କେହି ଅଭିଜ୍ଞ ପ୍ରଶିକ୍ଷକଙ୍କ ସହାୟତାରେ ବାରମ୍ବାର ଅଭ୍ୟାସ କଲେ ଉପଯୋଗୀ ସାମାଜିକ ବ୍ୟବହାର ଓ କାର୍ଯ୍ୟଧାରା ବିକଶିତ ହେବ ।

ବିଶେଷ ଗବାକ୍ଷ

ପିତାମାତା କିମ୍ବା ଅନ୍ୟ କୌଣସି ବୟସ୍କ ବ୍ୟକ୍ତିମାନଙ୍କର ସହାୟତା ଲାଭ କରି ନ ଥିବା ପିଲା ଓ କିଶୋର କିଶୋରୀମାନେ ଉଚ୍ଚତର ସାମାଜିକ ଦକ୍ଷତା ହାସଲ କରିବାର ସମ୍ଭାବନା ରହିଛି କି ? କେତେକ ବିଶେଷ ଧରଣର ଘଟଣା ଏ ପ୍ରଶ୍ନର ଉତ୍ତର ଦେଉଥାଏ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବହୁ ଇହୁଦୀ ବାଳକ ବାଳିକା ଅତି ଅଳ୍ପ ବୟସରେ ସେମାନଙ୍କର ପିତାମାତାଙ୍କୁ ହରାଇଥିଲେ । ହିଟଲର ଓ ଦୁର୍ଦ୍ଦାନ୍ତ ନାଜୀ ଜେନେରାଲମାନଙ୍କର ପତନ ପରେ ଉଦ୍ଧାର କରାଯାଇଥିବା ବହୁ ଅନାଥ ଶିଶୁଙ୍କର ଥଇଥାନ କରାଯାଇଥିଲା ।

Digitized by srujanika@gmail.com

ଫ୍ରଏଡ଼ଙ୍କ କନ୍ୟା ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଆନା ଫ୍ରଏଡ୍ ସେହିପରି ୬ଟି ପିଲାଙ୍କର ପରବର୍ତ୍ତୀ ଜୀବନର ଘଟଣା ଲିପିବଦ୍ଧ କରିଛନ୍ତି । ସାଙ୍ଗସାଥୀଙ୍କ ନିବିଡ଼ ବନ୍ଧୁତା ଓ ଅନ୍ତରଙ୍ଗତା କିପରି ସୁଦୃଢ଼ ସାମାଜିକ ବଳୟ ସୃଷ୍ଟି କରିପାରେ, ତାହା ଏହି ବର୍ଣ୍ଣନାରେ ପ୍ରତିଫଳିତ ।

ପିତୃମାତୃହୀନ ଏହି ୬ଟି ପିଲାଙ୍କୁ ଗୋଟିଏ ବିଦ୍ୟାଳୟରେ ଭର୍ତ୍ତି କରାଯାଇଥିଲା । ପିଲାମାନେ ସେମାନଙ୍କ ଯନ୍ତ୍ରଣା ଶିବିରରେ କେତେକ ନାରକୀୟ ଦୃଶ୍ୟ ଦେଖିଥିବାରୁ ବଡ଼ମାନଙ୍କ ପ୍ରତି ଖୁବ୍ ଘୃଣା ରହିଥିଲା । କିନ୍ତୁ ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ବେଶ୍ ନିବିଡ଼ ଥିଲା । ସେମାନେ ପରସ୍ପରକୁ କେତେକ ବ୍ୟବହାର୍ଯ୍ୟ ଶିକ୍ଷା ଦେଉଥିଲେ । ଦରକାର ବେଳେ ସାହାଯ୍ୟ କରୁଥିଲେ । ଏପରିକି ଥରେ ସେମାନଙ୍କ ମଧ୍ୟରୁ ଗୋଟିଏ ପିଲା ଡିସେମ୍ବରର ଅକଥନୀୟ ଶୀତରେ ଥରୁଥିବା ସମୟରେ ଅନ୍ୟ ପିଲାଟି ନିଜ ହାତରୁ ଗ୍ଲୋଭସ୍ କାଢ଼ି ତାକୁ ପିନ୍ଧାଇଦେଲା । ଆଉ ଥରେ ଗୋଟିଏ ପିଲା ରୁଟି ଖାଇସାରି ପେଟ ନ ପୂରିବାରୁ କାନ୍ଦିବାକୁ ଲାଗିଲା । ଅନ୍ୟ ପିଲାଟି ନିଜ ରୁଟିରୁ ଅଧାଅଧି ଦେଇଥିଲା । ସମ୍ଭବତଃ ଏ ପିଲାଟି ପେଟ ନିଶ୍ଚୟ ସେଦିନ ପୂରିନଥିବ ।

ଆଶ୍ରୟସ୍ଥଳୀର ଜୀବନଯାତ୍ରାରେ ଏ ଘଟଣା ଗପ ନୁହେଁ । ଏହାର ପ୍ରାମାଣିକତା ଆନା ଫ୍ରଏଡ୍ ଲିପିବଦ୍ଧ କରିଛନ୍ତି । ସାଙ୍ଗସାଥୀଙ୍କ ବଳୟରେ ଯେଉଁ ସମାଜୀକରଣର ବୈଭବ ବିଚ୍ଛୁରିତ ହୁଏ, ତାହାର ସୌନ୍ଦର୍ଯ୍ୟରେ କିଶୋର ଜୀବନ ସମୃଦ୍ଧ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

❐

Digitized by srujanika@gmail.com

ବନ୍ଧୁତ୍ୱ ଓ ଅନ୍ତରଙ୍ଗତା

ବନ୍ଧୁତା କୈଶୋର ଜୀବନର ଏକ ବିଶିଷ୍ଟ ସମ୍ବଳ । ସାଙ୍ଗସାଥୀମାନଙ୍କ ମଧ୍ୟରୁ ସୀମିତ ସଂଖ୍ୟକ କିଶୋର କିଶୋରୀଙ୍କ ସହିତ ବ୍ୟକ୍ତିଗତ ଭାବନାର ଆଦାନପ୍ରଦାନ ଘଟିଥାଏ । ଏଥିରେ ସମ୍ପୃକ୍ତିର ମାତ୍ରା ଅଧିକ, ନିବିଡ଼ତାର ମାତ୍ରା ମଧ୍ୟ ଅଧିକ । ସଖ୍ୟଭାବର ବଳୟ ମଧ୍ୟରେ ପାରସ୍ପରିକ ଭାବର ଆଦାନ ପ୍ରଦାନ ଘଟିଲେ ଏବଂ ସାହାଯ୍ୟ ସହାନୁଭୂତିର ବିନିମୟ ଘଟିଲେ ବନ୍ଧୁତ୍ୱର ପରିପ୍ରକାଶ ହୋଇଥାଏ ।

ବହୁ ଦୃଷ୍ଟିରୁ ବଂଧୁତ୍ୱ ଗୁରୁତ୍ୱପୂର୍ଣ୍ଣ । ପ୍ରଥମତଃ ବନ୍ଧୁତ୍ୱର ପରିଧି ମଧ୍ୟରେ ଜଣେ ପରିଚିତ ସାଥୀ ମିଳେ । ବନ୍ଧୁ ବା ବାନ୍ଧବୀ ସହିତ ସମୟ କଟେ । କେତେକ କାର୍ଯ୍ୟ ସମ୍ମିଳିତ ଭାବରେ କରାଯାଏ । ଦ୍ୱିତୀୟତଃ ଏହା ଉଦ୍ଦୀପନାର ଏକ ଉତ୍ସ ହୁଏ । ଆକର୍ଷଣୀୟ ଖବର, ମନୋରଞ୍ଜନ ଓ ଆନନ୍ଦ ଉତ୍ସବର ଅନୁଭବ ପାଇଁ ବନ୍ଧୁତ୍ୱ ଏକ ପରିପ୍ରେକ୍ଷୀ ଯୋଗାଏ । ତୃତୀୟତଃ, ଏହାର ଭୌତିକ ଗୁରୁତ୍ୱ ମଧ୍ୟ ରହିଛି । ଆବଶ୍ୟକ ସମୟରେ ଅର୍ଥ, ସମ୍ବଳ ଓ ସାହାଯ୍ୟ ପ୍ରାପ୍ତିର ସମ୍ଭାବନା ଅଧିକ ହୁଏ । ଚତୁର୍ଥରେ ବନ୍ଧୁତ୍ୱ ମାନସିକ ସହାୟତା ଯୋଗାଏ । ମାନସିକ ସ୍ତରରେ ସାହାଯ୍ୟ କରିବା ପାଇଁ ବନ୍ଧୁର ଗୁରୁତ୍ୱ ଖୁବ୍ ବେଶୀ । ପ୍ରଥମତଃ ବନ୍ଧୁତ୍ୱ ପରିପ୍ରେକ୍ଷୀରେ କିଶୋର କିଶୋରୀମାନେ ନିଜ ସମ୍ପର୍କରେ ଏକ ତୁଳନାତ୍ମକ ଚିତ୍ର ପାଇପାରନ୍ତି । ସମବୟସୀ ଓ ସହପାଠୀଙ୍କ ତୁଳନାରେ ପୋଷାକପତ୍ର, ହାବଭାବ ଏବଂ ବିଦ୍ୟାବୁଦ୍ଧି ଠିକ୍ ଅଛି କି ଆଗୁଆ ରହିଛି କି ପଛୁଆ ରହିଛି ବନ୍ଧୁ ବା ବାନ୍ଧବୀ ବିନା ଦ୍ୱିଧାରେ ଏହା ପ୍ରକାଶ କରନ୍ତି । ଅନ୍ୟମାନଙ୍କ ତୁଳନାରେ ଭଲ କି ମନ୍ଦ ତାହା ଜାଣିହୁଏ । ବନ୍ଧୁତ୍ୱର ସର୍ବଶ୍ରେଷ୍ଠ ଉପଯୋଗିତା ହେଉଛି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା, ନିବିଡ଼ ଓ ବିଶ୍ୱାସଭରା ସମ୍ପର୍କ ବନ୍ଧୁତ୍ୱକୁ ମହତ୍ୱପୂର୍ଣ୍ଣ କରିଥାଏ ।

ବନ୍ଧୁତ୍ୱର ଉପଯୋଗିତା ଆଲୋଚନା କଲାବେଳେ ଏକଦେଶଦର୍ଶୀ ନ ହୋଇ ଅପର ପାର୍ଶ୍ୱଟିକୁ ମଧ୍ୟ ଦେଖିବାକୁ ହେବ । ସାଧାରଣତଃ କିଶୋର କିଶୋରୀମାନଙ୍କର ଗୁଣ ଓ ଅବଗୁଣ ସେମାନଙ୍କର ବନ୍ଧୁ ବାନ୍ଧବୀ ଦ୍ୱାରା ପ୍ରୋତ୍ସାହିତ ହୋଇଥାଏ । ଜଣେ ସୁଗୁଣସମ୍ପନ୍ନ କିଶୋରୀ ବା ସୁଗୁଣସମ୍ପନ୍ନ କିଶୋରୀ ନିଜର ଗୁଣ ବା ଭଲ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ପାଇଥାଏ । ସେହିପରି ଅବାଂଛନୀୟ ବ୍ୟବହାର ଦର୍ଶାଉଥିବା କିଶୋର ଓ କିଶୋରୀଟି ମଧ୍ୟ ଖରାପ ଦଳର କିଶୋର କିଶୋରୀଙ୍କ ଅନୁମୋଦନ ଲାଭ କରେ । ବହୁ ସମୟରେ ଦଳଗତ ଅନୁମୋଦନ ଲାଭ କରିବା ପାଇଁ କିଶୋର ବା କିଶୋରୀଟିଏ ଅସାମାଜିକ କାର୍ଯ୍ୟକ୍ରମରେ ଲିପ୍ତ ହୁଏ ଏବଂ ଅଶୋଭନୀୟ ବ୍ୟବହାର ଦର୍ଶାଏ ।

Digitized by srujanika@gmail.com

ବର୍ତ୍ତମାନ ବୈଜ୍ଞାନିକ ସ୍ୱୀକୃତି ଲାଭ କରିଥିବା କେତୋଟି କଥା ପ୍ରାୟ ପଚାଶ ଷାଠିଏ ବର୍ଷ ତଳେ ସଲିଭାନ୍ ନାମକ ଜଣେ ମନୋବିଜ୍ଞାନୀ ପ୍ରଖ୍ୟାପନ କରିଥିଲେ । ସଲିଭାନ୍‌ଙ୍କ ମତରେ କୋମଳତା ବା ସୁରକ୍ଷାପୂର୍ଣ୍ଣ ଅନ୍ତରଙ୍ଗତା (Secure attachment), ଆମୋଦପୂର୍ଣ୍ଣ ସଂଗସୁଖ, ସାମାଜିକ ସ୍ୱୀକୃତି ଏବଂ ଅନ୍ତରଙ୍ଗତା ପରି ସାମାଜିକ ଚାହିଦା ପ୍ରତ୍ୟେକ ମନୁଷ୍ୟ ପାଇଁ ଏକ ମୌଳିକ ଆବଶ୍ୟକତା । ବିଶେଷତଃ କିଶୋର କିଶୋରୀମାନଙ୍କ ପାଇଁ ଏଗୁଡ଼ିକ ଅତ୍ୟାବଶ୍ୟକ । ଏ ଗୁଡ଼ିକ ଆବଶ୍ୟକ ପରିମାଣରେ ପରିପୂରିତ ହେଲେ ଭାବଗତ ସୁସ୍ଥତା (Emotional Well-bering) ସୃଷ୍ଟି ହୁଏ । ଅନ୍ୟ ପକ୍ଷରେ ଏଗୁଡ଼ିକର ପରିପୂରଣ ବାଧାପ୍ରାପ୍ତ ହେଲେ ଜଟିଳତା ଜନ୍ମେ । ପରିପୂରଣର ଅଭାବରେ କିପରି ଜଟିଳତା ଜନ୍ମେ, ତାହା ନିମ୍ନ ବାକ୍ସରେ ସୂଚିତ କରାଯାଇଛି ।

ଚାହିଦା	*ପରିପୂରଣ ଅଭାବରେ କୁପରିଣତି*
ସୁରକ୍ଷାପୂର୍ଣ୍ଣ ଅନ୍ତରଙ୍ଗତା	ଆତ୍ମବିଶ୍ୱାସର ଅଭାବ
ଆମୋଦପୂର୍ଣ୍ଣ ସଙ୍ଗସୁଖ	ବିରକ୍ତି, କ୍ଳାନ୍ତି ଓ ବିଷାଦ
ସାମାଜିକ ସ୍ୱୀକୃତି	ଆତ୍ମମର୍ଯ୍ୟାଦାବୋଧର ଅଭାବ
ଅନ୍ତରଙ୍ଗତା (Intimacy)	ମାନସିକ ଯନ୍ତ୍ରଣା ଓ ଏକାକୀତ୍ୱ

ଆଦ୍ୟ କିଶୋରାବସ୍ଥାରେ ଏହିସବୁ ସାମାଜିକ ଚାହିଦା ଅପେକ୍ଷାକୃତ ତୀବ୍ର ଥାଏ । ଏଗୁଡ଼ିକ ପରିପୂରିତ ନ ହେଲେ କୁପରିଣତି ସୃଷ୍ଟି ହୁଏ । ଲକ୍ଷ୍ୟ କରିବାର କଥା ଯେ କିଶୋରାବସ୍ଥାରେ ବନ୍ଧୁତ୍ୱର ସଂଜ୍ଞା ମଧ୍ୟ ନୂଆ ମୋଡ଼ ନିଏ । ପିଲାଦିନେ ଭଲ ବନ୍ଧୁଟିଏ କହିଲେ ଭଲ ଖେଳସାଥୀକୁ ବୁଝାଏ । ଖେଳ ଓ ଅନ୍ୟସବୁ କାମରେ ସହଯୋଗ କରୁଥିବା ସାଥୀ ବନ୍ଧୁ ବା ବାନ୍ଧବୀର ମର୍ଯ୍ୟାଦା ପାଏ । ମାତ୍ର କିଶୋର କିଶୋରୀମାନେ ଉତ୍ତମ ବନ୍ଧୁ ବା ବାନ୍ଧବୀ କହିଲେ ମୁଖ୍ୟତଃ ତିନୋଟି ସାମର୍ଥ୍ୟକୁ ବୁଝିଥାଆନ୍ତି । ପ୍ରଥମତଃ ଭଲ ବନ୍ଧୁ ବା ବାନ୍ଧବୀ ଯଥୋଚିତ ଭାବରେ ବ୍ୟକ୍ତିଗତ ବା ଗୋପନୀୟ କଥା ପ୍ରକାଶ କରେ । ଆତ୍ମ ଅଭିବ୍ୟକ୍ତି (Self-disclosure) ଏକ ନୈପୁଣ୍ୟଭରା କଳା । ଏହା ସମସ୍ତଙ୍କର ଉଚିତ ପରିମାଣରେ ନଥାଏ । ସମସ୍ତେ ନିଜର ବ୍ୟକ୍ତିଗତ ଓ ଗୋପନୀୟ କଥାକୁ ଠିକ୍ ଭାବେ ପ୍ରକାଶ କରିପାରନ୍ତି ନାହିଁ । ଜଣେ କିଶୋର ବା କିଶୋରୀ ନିଜର ବନ୍ଧୁ ବା ବାନ୍ଧବୀଠାରୁ ଉଚ୍ଚସ୍ତରର ଆତ୍ମ ଅଭିବ୍ୟକ୍ତି ପ୍ରତ୍ୟାଶା କରେ ।

ଦ୍ୱିତୀୟତଃ କିଶୋର କିଶୋରୀମାନେ ନିଜର ବନ୍ଧୁ ବା ବାନ୍ଧବୀ ଆବଶ୍ୟକ ସମୟରେ ଭାବଗତ ସହାୟତା (Emotional support) ଦେଇପାରିବାର ପ୍ରତ୍ୟାଶା ରଖନ୍ତି । ଦୁଃଖ ସମୟରେ ସମଦୁଃଖୀ ହେବା ଏବଂ ଆନନ୍ଦ ସମୟରେ ସୁଖର ଅଂଶୀଦାର ହେବା ବନ୍ଧୁତ୍ୱର ଆଉ ଏକ ବିଶିଷ୍ଟ ସୂଚକ । ତୃତୀୟତଃ ମନୋମାଳିନ୍ୟ ସମୟରେ ଅନ୍ତରଙ୍ଗତାକୁ ବ୍ୟାହତ ନ କରି ଏପରି ମନୋମାଳିନ୍ୟ ଦୂରକରିବାର ସାମର୍ଥ୍ୟକୁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଏ । ଦୈନନ୍ଦିନ ଜୀବନ ଯାତ୍ରାରେ ସାମୟିକ ଭାବେ ବିରୋଧ ଓ ମତାନ୍ତର ଉପୁଜିବା ସ୍ୱାଭାବିକ । ମାତ୍ର ମତାନ୍ତର ଦୂର କରିବା ପାଇଁ ଆଲୋଚନା କଲାବେଳେ ସତର୍କତା ଆବଶ୍ୟକ ହୁଏ । ସତର୍କତା ଅବଲମ୍ବନ ନ କଲେ ମତାନ୍ତରର ମାତ୍ରା ବଢ଼ି ଯାଇପାରେ । ସୁତରାଂ ପ୍ରତିଟି କିଶୋର

Digitized by srujanika@gmail.com

କିଶୋରୀ ପ୍ରତ୍ୟାଶା ରଖନ୍ତି ଯେ ତାଙ୍କର ବନ୍ଧୁ ବା ବାନ୍ଧବୀ କୁଶଳତାର ସହିତ ଅନ୍ତରଙ୍ଗତାକୁ ବିପନ୍ନ ନ କରି ଖୋଲାଖୋଲି ଆଲୋଚନା କରନ୍ତୁ । ମୋଟ ଉପରେ ପିଲାଦିନରେ ବନ୍ଧୁତ୍ୱର ସଂଜ୍ଞା କୈଶୋର କାଳରେ ଏକ ବିବର୍ତ୍ତିତ ରୂପ ନିଏ ।

ବନ୍ଧୁତ୍ୱର ନିବିଡ଼ ଓ ଗଭୀରତମ ପ୍ରଦେଶରେ ଆଉ ଗୋଟିଏ ଅନ୍ତରଙ୍ଗତାର ପରିକଳ୍ପନା କରାଯାଇଛି । ଏହା ହେଉଛି ରୋମାଣ୍ଟିକ୍ ପ୍ରେମ (Romantic Love) । ଏହା ବିଶେଷ ଭାବରେ କାମନାପ୍ରଣୋଦିତ । କହିବା ଅନାବଶ୍ୟକ ଯେ ଏଥିରେ ଯୌନ କାମନାର ମାତ୍ରା ସୁସ୍ପଷ୍ଟ । ବିଶେଷତଃ ପ୍ରାକ୍ କୈଶୋର ଅବସ୍ଥାରେ ଏହା ତୀବ୍ର ରୂପ ନେଇପାରେ ।

ପରବର୍ତ୍ତୀ ପର୍ଯ୍ୟାୟରେ ଏହା ବିବର୍ତ୍ତିତ ହୋଇ ସଖ୍ୟଭାବାତ୍ମକ (Companionate) ପ୍ରେମର ରୂପ ନିଏ । ଏପରି ଅନ୍ତରଙ୍ଗତା ଫଳରେ ନିକଟରେ ରହିବାର ଇଚ୍ଛା ତୀବ୍ର ହୁଏ । ପ୍ରେମପ୍ରେରିତ ବ୍ୟକ୍ତି ପ୍ରତି ଶ୍ରଦ୍ଧା ଓ ଯତ୍ନଶୀଳ ମନୋଭାବ ରହିଯାଏ । ନିବିଡ଼ତା ଅଧିକ ଗଭୀର ହୁଏ । ଅନେକ ବିଶ୍ୱାସ କରନ୍ତି ଯେ ରୋମାଣ୍ଟିକ ପ୍ରେମ କିଶୋରକାଳୀନ ଅନ୍ତରଙ୍ଗତାର ବୈଶିଷ୍ଟ୍ୟ ହେବା ସ୍ଥଳେ ସଖ୍ୟଭାବାତ୍ମକ ପ୍ରେମ ଯୌବନକାଳୀନ ପ୍ରେମର ବୈଶିଷ୍ଟ୍ୟ ।

ପ୍ରେମାତ୍ମକ ବ୍ୟବହାର ପରିପ୍ରେକ୍ଷୀରେ ମନୋବିଜ୍ଞାନୀମାନଙ୍କର ଆଉ ଗୋଟିଏ ବିଶେଷଣ ଅର୍ଥପୂର୍ଣ୍ଣ ମନେହୁଏ । ସେମାନଙ୍କ ମତରେ ଏ ଧରଣର ବ୍ୟବହାରରେ ତିନୋଟି ଉପାଦାନ ରହିଛି । ସେଗୁଡ଼ିକ ହେଉଛି କାମନା (Passion), ନିବିଡ଼ତା ବା ଅନ୍ତରଙ୍ଗତା (Intimacy) ଏବଂ ପ୍ରତିଶ୍ରୁତିବଦ୍ଧତା ବା ଅଙ୍ଗୀକାରବଦ୍ଧତା (Commitment) । କୌଣସି ଏକ କ୍ଷେତ୍ରରେ ଗୋଟିଏ ଉପାଦାନ ଅଧିକ ଥାଇ ଅନ୍ୟଟି କମ୍ ପରିମାଣରେ ଥାଇପାରେ । କାମନା ବିଶେଷ ଭାବରେ ଦେହଜ ଓ ଶାରୀରିକ । ନିବିଡ଼ତା ଅନେକାଂଶରେ ଭାବଗତ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ଯେତେ ବଢ଼େ ନିବିଡ଼ତା ସେତିକି ବୃଦ୍ଧିପାଏ । ତୃତୀୟ ଉପାଦାନ ଅଙ୍ଗୀକାରବଦ୍ଧତା ବିଶ୍ୱାସନୀୟତାର ସୂଚକ । ପାରସ୍ପରିକ ଆସ୍ଥା ଓ ବିଶ୍ୱସନୀୟତାକୁ ସମ୍ବଳ କରି ଏହା ଋଦ୍ଧିମନ୍ତ ହୁଏ । ଏହି ତିନୋଟି ଉପାଦାନକୁ ଭିତ୍ତି କରି ପାଶ୍ଚାତ୍ୟଦେଶୀୟ ସମ୍ପର୍କ ଏବଂ ପ୍ରାଚ୍ୟଦେଶୀୟ ସମ୍ପର୍କର ତୁଳନା କରାଯାଇପାରେ । ଦୁଇଟି ବା ଅଧିକ ପରିସ୍ଥିତିରେ ପରିଦୃଷ୍ଟ ସମ୍ପର୍କର ମଧ୍ୟ ତୁଳନାତ୍ମକ ବିଚାର କରାଯାଇପାରେ ।

ବିଚାର କରାଯାଇପାରେ :



Digitized by srujanika@gmail.com

ବିଦ୍ୟାଳୟ ଓ କଲେଜ : ଅବସ୍ଥାନ୍ତରର ଅନୁଭବ

ମଧ୍ୟ ବିଦ୍ୟାଳୟର ଶିକ୍ଷା ଶେଷ କରି ଉଚ୍ଚ ବିଦ୍ୟାଳୟରେ ପ୍ରବେଶ କରିବା ସମୟରେ ପିଲାମାନେ କୈଶୋର ପର୍ଯ୍ୟାୟରେ ପ୍ରବେଶ କରନ୍ତି । ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ଭର୍ତ୍ତି ହୋଇଥିବା କିଶୋର କିଶୋରୀମାନେ ସ୍କୁଲ ପରିପ୍ରେକ୍ଷୀରେ ସମାଜୀକରଣ ପ୍ରକ୍ରିୟାର ଅନୁଭବ ପାଆନ୍ତି । ପୂର୍ବରୁ ପିତାମାତା ଓ ପରିବାର ସମାଜୀକରଣରେ ଯେଉଁ ସକ୍ରିୟ ଭୂମିକା ନେଉଥିଲେ ତାହା ଅବ୍ୟାହତ ରହିଲେ ମଧ୍ୟ ସ୍କୁଲ ସାଙ୍ଗସାଥୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଅନ୍ୟତମ ପ୍ରଭାବର-ଉତ୍ସ ହୋଇପଡ଼େ ।

ଭାରତର ବହୁ ସ୍ଥାନରେ ବିଦ୍ୟାଳୟମାନଙ୍କରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥା ଥାଏ । ଛାତ୍ରଛାତ୍ରୀମାନେ ପ୍ରଥମ ଶ୍ରେଣୀରେ ପ୍ରବେଶ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସେଠାରେ ଅଧ୍ୟୟନ କରନ୍ତି । କେତେକ ବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ଶିକ୍ଷାର (ଏକାଦଶ ଓ ଦ୍ୱାଦଶ ଶ୍ରେଣୀ) ମଧ୍ୟ ବ୍ୟବସ୍ଥା ଥାଏ । ଅନ୍ୟ କେତେକ କ୍ଷେତ୍ରରେ ଉଚ୍ଚ ମାଧ୍ୟମିକ ଶ୍ରେଣୀର ଶିକ୍ଷା ବ୍ୟବସ୍ଥା ପୃଥକ୍ ଅନୁଷ୍ଠାନ କିମ୍ବା କଲେଜରେ ରହିଥାଏ । ମୋଟଉପରେ କ୍ରମାଗତ ଭାବରେ ଗୋଟିଏ ଶ୍ରେଣୀରୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ଗୋଟିଏ ବିଦ୍ୟାଳୟରେ ମାଧ୍ୟମିକ କିମ୍ବା ଉଚ୍ଚ ମାଧ୍ୟମିକ ଶିକ୍ଷା ଶେଷ କରୁଥିବା କିଶୋର କିଶୋରୀମାନେ ପିଲାଦିନରୁ କିଶୋରାବସ୍ଥାକୁ ଗତିକରିବାର ପରିବର୍ତ୍ତନଜନିତ ଅନୁଭବର ବିଶେଷତା ହୁଏତ ପାଇ ନଥାନ୍ତି । ମାତ୍ର ମଧ୍ୟ ବିଦ୍ୟାଳୟ ତ୍ୟାଗ କରି ଅନ୍ୟତ୍ର ଉଚ୍ଚ ବିଦ୍ୟାଳୟରେ ପ୍ରବେଶ କରିବା କିମ୍ବା ଉଚ୍ଚ ବିଦ୍ୟାଳୟ ତ୍ୟାଗ କରି ଅନ୍ୟତ୍ର କଲେଜରେ ପ୍ରବେଶ କରିବାର ଅବସ୍ଥାନ୍ତର ଅନୁଭବର ଏକ ବିଶେଷତ୍ୱ ଥାଏ । ଏହି ଅନୁଭବକୁ **ବ୍ୟାଘ୍ରମୂଷିକ ଅନୁଭବ** କୁହାଯାଇପାରେ ।

ପୂର୍ବରୁ ସେମାନେ ମଧ୍ୟ ବିଦ୍ୟାଳୟର ଉଚ୍ଚଶ୍ରେଣୀରେ (ସପ୍ତମ ଶ୍ରେଣୀରେ) ଥାଆନ୍ତି । ବରିଷ୍ଠ ଛାତ୍ରଛାତ୍ରୀ ରୂପେ ସେମାନେ କନିଷ୍ଠ ଛାତ୍ରଛାତ୍ରୀମାନଙ୍କ ତୁଳନାରେ ଅଧିକ ସୁବିଧା ସୁଯୋଗ ଓ କ୍ଷମତାର ଅଧିକାରୀ ହୋଇଥାନ୍ତି । ତଳ ଶ୍ରେଣୀର ଛାତ୍ରଛାତ୍ରୀମାନେ ସେମାନଙ୍କୁ ସମ୍ମାନ କରନ୍ତି । ମାତ୍ର ମଧ୍ୟ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ସେମାନେ ଉଚ୍ଚ ବିଦ୍ୟାଳୟର ତଳ ଶ୍ରେଣୀକୁ (ଅଷ୍ଟମ ଶ୍ରେଣୀ) ଯିବା ପରେ ଏ ସମସ୍ତ ସୁବିଧା ସୁଯୋଗ ହରାନ୍ତି । ସେଠାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଧିକାର ସାବ୍ୟସ୍ତ କରନ୍ତି । ସୁତରାଂ ଉଚ୍ଚତର

Digitized by srujanika@gmail.com

କ୍ଷମତା ସ୍ତରରୁ ନିମ୍ନ ସ୍ତରକୁ ଖସି ଆସିବାର ପ୍ରକ୍ରିୟାକୁ ବ୍ୟାଘ୍ରମୂଷିକ ପ୍ରକ୍ରିୟା କହିବା ଯୁକ୍ତିଯୁକ୍ତ । ଠିକ୍ ସେହିପରି ଛାତ୍ରଛାତ୍ରୀମାନେ ସ୍କୁଲ ଛାଡ଼ି ଅନ୍ୟତ୍ର କଲେଜରେ ଭର୍ତ୍ତିହେବା ସମୟରେ ଅନୁରୂପ ଅନୁଭବ ଆସେ । କ୍ଷମତା ଓ ଅଧିକାରର ଏହି ହଠାତ୍ ବିଲୟ ସହିତ ସମନ୍ୱୟ ରକ୍ଷାକରିବା ପାଇଁ କିଛି ସମୟ ଆବଶ୍ୟକ ହୁଏ ।

ସୁବିଧା ସୁଯୋଗର ପରିବର୍ତ୍ତନ ସହିତ ଅନ୍ୟ ଗୋଟିଏ ପରିବର୍ତ୍ତନର ବିଶେଷ ଉପାଦାନ ହେଉଛି ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ଚରିତ୍ର ଓ ବ୍ୟବହାର ଶୈଳୀ । କେଉଁପ୍ରକାର ଶିକ୍ଷକ ଶୈଳୀ କିଶୋର କିଶୋରୀମାନଙ୍କର ସମନ୍ୱୟ ସହାୟକ ହେବା ସଙ୍ଗେ ସଙ୍ଗେ ସେମାନଙ୍କୁ ଶିକ୍ଷାକ୍ଷେତ୍ରରେ ସାହାଯ୍ୟ କରିଥାଏ, ସେ ସମ୍ପର୍କରେ ବହୁ ଗବେଷଣା କରାଯାଇଛି । ଦେଖାଯାଇଛି ଯେ ଏପରି ଶିକ୍ଷକ ଶିକ୍ଷୟିତ୍ରୀ ଖୁବ୍ ଉତ୍ସାହପ୍ରଦାନକାରୀ । ସେମାନେ ଶିକ୍ଷାମୂଳକ କାର୍ଯ୍ୟକ୍ରମଗୁଡ଼ିକ ଯୋଜନାବଦ୍ଧ ଭାବରେ ପ୍ରସ୍ତୁତ କରନ୍ତି । ସକ୍ରିୟତାର ସହ କାର୍ଯ୍ୟ କରନ୍ତି । କିଶୋର କିଶୋରୀମାନଙ୍କ ବିକାଶରେ ନିଜର ଆଗ୍ରହ ଦର୍ଶାନ୍ତି ଏବଂ ସବୁବେଳେ କଠୋର ଓ ଅନମନୀୟ (Inflexible) ନୀତି ଗ୍ରହଣ ନ କରି ପରିସ୍ଥିତିଭେଦରେ କିଛିଟା ପରିବର୍ତ୍ତନ କରନ୍ତି । ଶ୍ରେଣୀରେ ଅଧ୍ୟୟନ କରୁଥିବା ସବୁ ଛାତ୍ରଛାତ୍ରୀଙ୍କର ବ୍ୟକ୍ତିତ୍ୱ ଓ ସାମର୍ଥ୍ୟ ଯେ ଏକାପରି ନୁହେଁ, ଏ ସମ୍ପର୍କରେ ସଚେତନ ଥାଆନ୍ତି । ଏପରି ଶିକ୍ଷକ ଶୈଳୀ କିଶୋର କିଶୋରୀମାନଙ୍କର ବିଦ୍ୟାଳୟଗତ ସମନ୍ୱୟଶୀଳତାରେ ବେଶ୍ ସହାୟକ ହୋଇଥାଏ ।

ସେହି ବିଦ୍ୟାଳୟ ତଥା ମହାବିଦ୍ୟାଳୟର ସମାଜୀକରଣ ପ୍ରକ୍ରିୟାରେ ପିତାମାତାଙ୍କର ମଧ୍ୟ ଅନୁକୂଳ ସହଯୋଗ ଆବଶ୍ୟକ । ପରିବାରଟି ସୁପରିଚାଳିତ ହେଉଥିଲେ ସ୍କୁଲର ଭଲ ଭଲ ପ୍ରଭାବ କିଶୋର କିଶୋରୀମାନଙ୍କ ଜୀବନରେ ଅଙ୍ଗୀଭୂତ ହୋଇପାରେ । ଅନେକ ସମୟରେ ପିତାମାତା ସେମାନଙ୍କର ପୁତ୍ରକନ୍ୟାଙ୍କୁ ସ୍କୁଲ କିମ୍ବା କଲେଜକୁ ପଠାଇଦେଇ ନିଶ୍ଚିନ୍ତ ମନୋଭାବ ପୋଷଣ କରନ୍ତି । ସେମାନଙ୍କ ସମୟରେ ଏକ ବିଶିଷ୍ଟ ଅଂଶ ଉଦ୍‌ବେଗହୀନ ରହିବା ବୋଲି ଖୁସି ହୁଅନ୍ତି । ମାତ୍ର ଏ ଏକ ନକାରାତ୍ମକ ମନୋବୃତ୍ତି ।

ଅନ୍ୟ ପକ୍ଷରେ ପିଲାମାନଙ୍କର ଶିକ୍ଷାଦୀକ୍ଷା ତଥା ସ୍କୁଲକଲେଜର କାର୍ଯ୍ୟକ୍ରମରେ ଆଗ୍ରହ ଦର୍ଶାଉଥିବା ପିତାମାତା ଉପଯୋଗୀ ଭୂମିକା ନିର୍ବାହ କରନ୍ତି । ଶ୍ରେଣୀରେ ଦିଆଯାଇଥିବା କାର୍ଯ୍ୟସବୁ ପିଲାମାନେ ଘରେ ଠିକ୍‌ଭାବେ କରୁଛନ୍ତି କି ନାହିଁ, ତାହାର ତଦାରଖ କରନ୍ତି । ଅବସର ସମୟରେ କିଶୋର କିଶୋରୀ ପୁତ୍ରକନ୍ୟାଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ସ୍କୁଲର ସୁଖକର ଏବଂ ଏପରିକି ବିବାଦୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରନ୍ତି । ଜଣେ ଉଚ୍ଚ ଧରଣର ପରିଚାଳକ ରୂପେ ବୟସ୍କମାନଙ୍କର ଏପରି ଭୂମିକା ସ୍କୁଲ ସମାଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ।

ବିଦ୍ୟାଳୟ ଓ ମହାବିଦ୍ୟାଳୟର ସମାଜୀକରଣ ପ୍ରକ୍ରିୟାରେ ସାଙ୍ଗସାଥୀମାନଙ୍କ ପ୍ରଭାବ ବେଶ୍ ଗୁରୁତ୍ୱପୂର୍ଣ୍ଣ । ସାଙ୍ଗସାଥୀଙ୍କ ଆକର୍ଷଣ ଏ ବୟସରେ ଅନତିକ୍ରମ୍ୟ । ସୁତରାଂ ଏପରି

Digitized by srujanika@gmail.com

ପ୍ରଭାବ ଅନୁକୂଳ ହେଲେ ଫଳାଫଳ ଯେପରି ହିତକର ହୋଇଥାଏ, ଏମାନେ ଖରାପ ଦିଗକୁ ଆକର୍ଷଣ କରେ ଫଳାଫଳ ସେପରି କ୍ଷତିକାରକ ହୋଇଥାଏ ।

ଖରାପ ପରିଣତିର ଏକ ଉଦାହରଣ ହେଉଛି କେତେକ ଅସାମାଜିକ ପିଲାମାନଙ୍କର ଧମକଚମକପୂର୍ଣ୍ଣ ଅଶାଳୀନ ବ୍ୟବହାର (Bulllying) । ଆଜିକାଲି ଏହାର ମାତ୍ରା ବୃଦ୍ଧି ପାଉଥିବାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ପିତାମାତାମାନଙ୍କୁ ସତର୍କପୂର୍ଣ୍ଣ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଉଛି । ଏପରି ଅସାମାଜିକ ପିଲାମାନେ ଅନ୍ୟର ଧର୍ମ ବା ଭାଷାକୁ ଆକ୍ଷେପ କରି କଟୂମନ୍ତବ୍ୟ କରିପାରନ୍ତି । ଅନ୍ୟର ପୋଷାକପତ୍ର କିମ୍ୱା କଥନଶୈଳୀ ପ୍ରତି ବିଦ୍ରୂପ କରିପାରନ୍ତି । ଅନ୍ୟକୁ ମାରଧର କରିପାରନ୍ତି । ଅନ୍ୟ ନାମରେ କୁପ୍ରଚାର କରିପାରନ୍ତି । ଅନ୍ୟ ପ୍ରତି ଅଶ୍ଳୀଳ ମନ୍ତବ୍ୟ ଓ ଇଙ୍ଗିତ ଦର୍ଶାଇ ପାରନ୍ତି ।

ବ୍ୟକ୍ତିଗତ କିମ୍ୱା ଦଳଗତ ଭାବରେ ଏପରି ଅଶାଳୀନ ବ୍ୟବହାର ଦର୍ଶାଉଥିବା କିଶୋର କିଶୋରୀ କିମ୍ୱା ସେମାନଙ୍କର ଦଳ ବିରୁଦ୍ଧରେ ପ୍ରତିରୋଧ ବ୍ୟବସ୍ଥା ନିତାନ୍ତ ପ୍ରୟୋଜନ । ଏହାର ପରିରୋଧ ନିମିତ୍ତ କେତୋଟି ସୁଚିନ୍ତିତ ପରାମର୍ଶ ଦିଆଯାଇଛି ।

ଅଶୋଭନୀୟ ବ୍ୟବହାର ବିରୁଦ୍ଧରେ

୧. *ଉଚ୍ଚଶ୍ରେଣୀରେ ଅଧ୍ୟୟନ କରୁଥିବା କେତେକ ଛାତ୍ରଛାତ୍ରୀଙ୍କ ସଂଗଠିତ କିଛି ପ୍ରତିରୋଧ ପରିଷଦ ଗଠନ କରିବା ଉଚିତ ।*

୨. *ଶିକ୍ଷାୟତନର ବିଶିଷ୍ଟ ନିୟମ ଓ ସେସବୁ ଭଙ୍ଗ କଲେ କି ଶାସ୍ତି ମିଳିବ, ତାହା ପ୍ରକାଶ୍ୟଭାବରେ ବିଦ୍ୟାଳୟର ମୁଖ୍ୟ ସ୍ଥାନମାନଙ୍କରେ ବିଜ୍ଞପିତ କରାଯାଇପାରେ ।*

୩. *ରୀତିମତ ଭାବରେ ଅଶୋଭନୀୟ ବ୍ୟବହାରର ଶରବ୍ୟ ହେଉଥିବା କିଶୋର କିଶୋରୀମାନେ ଦଳଗଠନ କରି ପ୍ରତିରୋଧ କରିବେ ।*

୪. *ବିଦ୍ୟାଳୟ ବାହାରେ ଗୋଷ୍ଠୀଗତ କାର୍ଯ୍ୟ ହେଉଥିବା ଏବଂ କିଶୋର କିଶୋରୀମାନେ ଯୋଗ ଦେଉଥିବା ସ୍ଥାନମାନଙ୍କରେ ଏ ସମ୍ପର୍କରେ ବୟସ୍କମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସମ୍ଭବପର ।*

୫. *ପିତାମାତାମାନେ ପୁତ୍ରକନ୍ୟାଙ୍କର ଶୋଭନୀୟ ବ୍ୟବହାରକୁ ନିଶ୍ଚିତ ଭାବରେ ପ୍ରକାଶ୍ୟ ପ୍ରୋତ୍ସାହନ ଦେବେ ।*

୬. *ପିତାମାତା ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ।*

୭. *ଛାତ୍ରଛାତ୍ରୀ ଓ ସମାଜର ଅନ୍ୟମାନେ ସ୍କୁଲ କଲେଜର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ।*

❑

Digitized by srujanika@gmail.com

ସମସ୍ୟାର ବଳୟ

ବହୁ ଆକାଂକ୍ଷିତ ମାନସିକ ସ୍ୱାସ୍ଥ୍ୟ, ସୁଖ ଓ ଶାନ୍ତିଲାଭ ପାଇଁ କୈଶୋର ଜୀବନର ଉଦ୍ୟମ ବାଧାହୀନ ହୋଇ ନଥାଏ । ଶରୀରଭିତ୍ତିକ, ସାମାଜିକ ଓ ମାନସିକ ସଂଘାତ ବେଶ୍ ପରିମାଣରେ ପ୍ରତିବନ୍ଧକ ସୃଷ୍ଟିକରେ । କେତେକ କିଶୋର କିଶୋରୀ ସମସ୍ୟାର ବଳୟ ମଧ୍ୟରୁ ନିଜକୁ ମୁକ୍ତ କରି ସଫଳ ଜୀବନଚର୍ଯ୍ୟାର ଅଧିକାରୀ ହେଲେ ମଧ୍ୟ ଅନ୍ୟ କେତେକ ସମସ୍ୟାର କବଳିତ ହୁଅନ୍ତି । କିଶୋର କିଶୋରୀମାନେ ଅନୁଭବ କରୁଥିବା ସମସ୍ୟା ସବୁ ଦୁଇ ଶ୍ରେଣୀର ହୋଇଥାଏ । କେତେକ ସମସ୍ୟାର ଅନ୍ତର୍ମୁଖୀକରଣ (Internalization) ଘଟିବା ସ୍ଥଳେ ଅନ୍ୟ କେତେକ ସମସ୍ୟାର ବହିଃକରଣ (Externalization) ଘଟିଥାଏ । ଉଦାହରଣ ସ୍ୱରୂପ, ମାନସିକ ଉତ୍‌କଣ୍ଠା (Anxiely) ଓ ବିଷାଦ (Depression) ପରି ଆବେଗିକ ସମସ୍ୟାକୁ ସେମାନେ ନିଜ ମଧ୍ୟକୁ ଟାଣିନିଅନ୍ତି । ଅନ୍ୟ ପକ୍ଷରେ ଯୁବ ଅପରାଧ (Juvenile Delinquency) ଓ ସମାଜବିରୋଧୀ ବ୍ୟବହାର କ୍ଷେତ୍ରରେ ବ୍ୟବହାରସବୁ ବାହ୍ୟରୂପ ନେଇଥାଏ ।

କିଶୋରକାଳୀନ ସମସ୍ୟାର କେତେକ ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଇଛି । କେତେକ ସମସ୍ୟା ଅପେକ୍ଷାକୃତ ଅସ୍ଥାୟୀ ହେବା ସ୍ଥଳେ ଅନ୍ୟ କେତେକ ସମସ୍ୟା ଦୀର୍ଘସ୍ଥାୟୀ ହୋଇଥାଏ । କେତେକ ସମସ୍ୟାଜଡ଼ିତ ଆଚରଣ ପ୍ରାକ୍‌କୈଶୋର ସମୟରେ ଦେଖାଯାଏ, ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ତିରୋହିତ ହୋଇଯାଏ । ଦ୍ୱିତୀୟତଃ, କେତେକ ସମସ୍ୟା କେବଳ ଏକ ନିର୍ଦ୍ଦିଷ୍ଟ ବିକାଶ ସୋପାନରେ ପରିଦୃଷ୍ଟ ହୋଇଥାଏ । ଉଦାହରଣ ସ୍ୱରୂପ, ଭୟଜନିତ ସମସ୍ୟା ବାଲ୍ୟକାଳରେ ଉପୁଜିବା ସ୍ଥଳେ ନିଶାସେବନ ପରି ସମସ୍ୟାର ଆବିର୍ଭାବ କୈଶୋର ସମୟରେ ଅଧିକ ଦେଖାଯିବାର ସମ୍ଭାବନା ରହିଛି । ସେହିପରି ବିତଣ୍ଡା ଯୁକ୍ତିତର୍କ, ମାଡ଼ଗୋଳ ଓ ପାଟିତୁଣ୍ଡ କରିବାର ବହୁ ଆଚରଣର ପରିପ୍ରକାଶ ଆଦ୍ୟକୈଶୋର ସମୟରେ ଅଧିକ ହୋଇଥିବା ସ୍ଥଳେ ବିଷାଦ ଓ ଯୁବଅପରାଧର ସମ୍ଭାବନା ବିଳମ୍ବିତ କୈଶୋର ପର୍ଯ୍ୟାୟରେ ଅଧିକ ହୋଇଥାଏ ।

ଦାରିଦ୍ର୍ୟ ଓ ସାମାଜିକ-ଆର୍ଥିକ ଅବସ୍ଥା ସହିତ କେତେକ ସମସ୍ୟା ସମ୍ବନ୍ଧିତ । ନିମ୍ନ-ଆର୍ଥିକବର୍ଗର ଲୋକମାନେ ବସବାସ କରୁଥିବା ଗୋଷ୍ଠୀରେ ସମସ୍ୟାର ପରିମାଣ ଅଧିକ ହୋଇଥାଏ । ପୁଣି ନିମ୍ନ ଆର୍ଥିକବର୍ଗର କିଶୋର କିଶୋରୀମାନଙ୍କ ମଧ୍ୟରେ ଯୁବ ଅପରାଧ ଓ ସମାଜ ବିରୋଧୀ ଆଚରଣର ମାତ୍ରା ଅଧିକ ହେବା ସ୍ଥଳେ ମଧ୍ୟମ ଆର୍ଥିକ ଶ୍ରେଣୀର କିଶୋର

Digitized by srujanika@gmail.com

କିଶୋରୀମାନଙ୍କ ମଧ୍ୟରେ ବିଷାଦ ଓ ଉଦ୍‌କଣ୍ଠା ପରି ମାନସିକ ବିପର୍ଯ୍ୟୟର ମାତ୍ରା ବେଶୀ ହୋଇଥାଏ ।

ପ୍ରତିଟି ସମସ୍ୟା କ୍ଷେତ୍ରରେ କିଛି ନା କିଛି ସମ୍ଭାବ୍ୟ କାରଣ ରହିଛି । ପୂର୍ବରୁ ସୂଚନାଦିଆଯାଇଛି ଯେ ତିନୋଟି ମୁଖ୍ୟ ଶ୍ରେଣୀର କାରଣ ସକ୍ରିୟ ରହିପାରେ । ଜୀବତାତ୍ତ୍ୱିକ ଦୃଷ୍ଟିକୋଣରୁ ବଂଶାନୁଗତ ଓ ମସ୍ତିଷ୍କଗତ ସମସ୍ୟା ଜଟିଳତାର କାରଣ ହୋଇପାରେ । ଦାରିଦ୍ର୍ୟ, ବେକାରୀ ଅବସ୍ଥା, ସାମାଜିକ ବାଛବିଚାର, ସାମାଜିକ ଅନ୍ୟାୟ ଏବଂ ଏପରିସବୁ ସାମାଜିକ ସାଂସ୍କୃତିକ ପ୍ରତିବନ୍ଧକ ସମସ୍ୟା ଉପୁଯାଏ । ପୁଣି ବ୍ୟକ୍ତିଗତସ୍ତରରେ ମାନସିକ ଚାପ, ବ୍ୟର୍ଥତା, ଆଶାହୀନତା ଏବଂ ମାନସିକ ସଂଘର୍ଷ କୁପରିଣତି ସୃଷ୍ଟିକରେ । ଅଧିକ ସୁନିର୍ଦ୍ଦିଷ୍ଟଭାବରେ ଅନୁଶୀଳନ କଲେ ପିତାମାତାଙ୍କର ପ୍ରଭାବହୀନତା ଏକ ମୁଖ୍ୟ କାରଣ ରୂପେ ଚିହ୍ନିତ ହୋଇଥାଏ । ପିତାମାତାଙ୍କର କଳହ, ବିଚ୍ଛେଦ ଓ ସଂଘର୍ଷ କିଶୋର କିଶୋରୀ ପୁତ୍ରକନ୍ୟାଙ୍କ ପାଇଁ ସମସ୍ୟା ଆଣିଥାଏ । ପିତାମାତାଙ୍କର ମାନସିକ ଅସୁସ୍ଥତା ସେମାନଙ୍କ ପୁତ୍ରକନ୍ୟାଙ୍କ ମାନସିକ ସୁସ୍ଥତାକୁ ବିପନ୍ନ କରେ ।

ଅନ୍ୟ ପକ୍ଷରେ କେତେକ ବିକାଶ ସମ୍ବଳ ସୁରକ୍ଷାର ବଳୟ ତିଆରି କରେ । ମନୋବୈଜ୍ଞାନିକ ଗବେଷଣାରୁ ଏପରି ୨୦ଟି ବାହ୍ୟିକ ସମ୍ବଳ ଓ ୨୦ଟି ଅନ୍ତର୍ନିହିତ ସମ୍ବଳ ଚିହ୍ନଟ କରାଯାଇଛି । କହିବା ଅନାବଶ୍ୟକ ଯେ ଏସବୁ ସମ୍ବଳର ଅଭାବ ମାନସିକ ସୁସ୍ଥତାକୁ ହ୍ରାସ କରେ । ଏଗୁଡ଼ିକର ଉପସ୍ଥିତି ସମସ୍ୟା ବିରୁଦ୍ଧରେ ସୁରକ୍ଷା ଯୋଗାଇବା ସଙ୍ଗେ ସଙ୍ଗେ ଆତ୍ମବିକାଶରେ ସହାୟକ ହୋଇଥାଏ । କେତୋଟି ବିକାଶ ସମ୍ବଳର ଦୃଷ୍ଟାନ୍ତ ନିମ୍ନ ବାକ୍ସରେ ଦିଆଯାଉଛି ।

ବିକାଶ ସମ୍ବଳର ଦୃଷ୍ଟାନ୍ତ

ବାହ୍ୟିକ ସମ୍ବଳ	*ଅନ୍ତର୍ନିହିତ ସମ୍ବଳ*
୧. ପରିବାର ଓ ପ୍ରତିବେଶୀଙ୍କ ସାହାଯ୍ୟ ସହଯୋଗ ଓ ସମ୍ବେଦନଶୀଳତା ।	୧. ଶିକ୍ଷଣ ପ୍ରତିଶ୍ରୁତିବଦ୍ଧତା (ବିଦ୍ୟାଳୟରେ ଶିକ୍ଷା ପାଇଁ ଅଭିପ୍ରେରଣା, ଘରେ ଅନ୍ତତଃ ଦୈନିକ ଘଣ୍ଟାଏ ପଢ଼ିବାର ମାନସିକତା)
୨. ସଶକ୍ତିକରଣ (କିଶୋର କିଶୋରୀମାନେ ଯେ ଗୋଷ୍ଠୀ ପାଇଁ ଖୁବ୍ ଦରକାରୀ, ଏପରି ଭାବନା ଜନ୍ମାଇବାର ଉଦ୍ୟମ । ସେମାନଙ୍କୁ ଗୋଷ୍ଠୀର ଦାୟିତ୍ୱପୂର୍ଣ୍ଣ ଭୂମିକା ଦେବାର କାର୍ଯ୍ୟକ୍ରମ)	୨. ମୂଲ୍ୟବୋଧଭିତ୍ତିକ ଆଚରଣ (ଯଥା–ଅନ୍ୟନ ସାହାଯ୍ୟ କରିବାର ମନୋଭାବ) ।
୩. ସମୟର ଗଠନମୂଳକ ଉପଯୋଗ (ସପ୍ତାହରେ ଅନ୍ତତଃ ତିନିଥର ସୃଜନାତ୍ମକ କାର୍ଯ୍ୟରେ ଯୋଗଦାନ) ।	୩. ଯୋଜନାବଦ୍ଧ ଭାବରେ ଅଗ୍ରସର ହେବାର ଦକ୍ଷତା ।

Digitized by srujanika@gmail.com

୪. ପରିସୀମତ୍ୱ ଓ ପ୍ରତ୍ୟାଶା (ପରିବାର ଓ ଅନ୍ୟମାନେ କିଶୋର କିଶୋରୀମାନଙ୍କ ଠାରୁ କ'ଣ ଆଶା କରୁଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ଓ ବାସ୍ତବମୁଖୀ ଧାରଣା ଦେବେ । କେଉଁ ସବୁ କିଶୋର କିଶୋରୀ କାର୍ଯ୍ୟ ସୀମାରେ ଅନ୍ତର୍ଭୁକ୍ତ, ତାହା ମଧ୍ୟସୂଚାଇବେ । ସୀମା ଲଂଘନ କଲେ କିପରି କୁପରିଣତି ସୃଷ୍ଟି ହୁଏ ତାହା (ବୁଝାଇବେ ।)	୪. ପାରସ୍ପରିକ ଦକ୍ଷତା (ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳତା ଓ ସମାନାନୁଭୂତି Empathy) ୫. ନିଜ ସମ୍ପର୍କରେ ସକାରାତ୍ମକ ସ୍ୱପ୍ରତ୍ୟୟ (ଉଚ୍ଚମାତ୍ରାର ଆତ୍ମବିଶ୍ୱାସ)

ବିକାଶ ସମ୍ବଳର ଅଧିକାରୀ ହୋଇଥିବା କିଶୋର କିଶୋରୀମାନେ ସମସ୍ୟାମୁକ୍ତ ରହିବାର ସମ୍ଭାବନା ଖୁବ୍ ବେଶୀ ।

ନିଶାସେବନ ଓ ମଦ୍ୟପାନ

ସଭ୍ୟତାର ଆରମ୍ଭ ସମୟରୁ ମନୁଷ୍ୟ ଆନନ୍ଦାନୁଭୂତି ପ୍ରଦାନ କରୁଥିବା ବସ୍ତୁସବୁର ଅନ୍ୱେଷଣ କରିଆସିଛି । କେଉଁ ପଦାର୍ଥ ଖାଇଲେ, ପିଇଲେ, ବା ସେହିପରି କିଛି କରିପାରିଲେ ଆନନ୍ଦ ମିଳିବ ତାହାର ପୁନରାବୃତ୍ତି କରିଛି । କିଶୋର କିଶୋରୀମାନେ ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି । ସାଙ୍ଗସାଥୀଙ୍କ ଚାପ ଓ ପ୍ରରୋଚନାର କବଳିତ ହୋଇ ସେମାନେ ନିଶାଦ୍ରବ୍ୟ ସେବନ କରନ୍ତି । ସାମୟିକ ବ୍ୟକ୍ତିଗତ ସୁଖ ଦେଉଥିବା ପଦାର୍ଥ ଧୀରେ ଧୀରେ ସମସ୍ୟାର କାରଣ ହୁଏ ।

ମାଦକଦ୍ରବ୍ୟ ସେବନ କ୍ଷେତ୍ରରେ ଏକ **ସହନତାର (Tolelarnce) ସମସ୍ୟା** ଉପୁଜେ । ପ୍ରଥମେ ଯେଉଁ ମାତ୍ରାର ମାଦକଦ୍ରବ୍ୟ ଉତ୍ତେଜନା ଓ ଆନନ୍ଦାନୁଭୂତି ଦେଉଥିଲା, ପରବର୍ତ୍ତୀ ପର୍ଯ୍ୟାୟରେ ସମାନ ପରିମାଣର ଅନୁଭବ ପାଇଁ ଅଧିକ ପରିମାଣର ନିଶାଦ୍ରବ୍ୟ ଆବଶ୍ୟକ ହୁଏ । ଉଦାହରଣ ସ୍ୱରୂପ, ପ୍ରଥମେ ୫ ମିଲିଗ୍ରାମର ଭାଲିୟମ (Valium) କ୍ଳାନ୍ତିହୀନତା ସୃଷ୍ଟିକରିବା ସ୍ଥଳେ ୬ମାସର ନିଶାଦ୍ରବ୍ୟ ସେବନ ପରେ ଏଥିପାଇଁ ୧୦ ମିଲିଗ୍ରାମର ଭାଲିୟମ ପ୍ରୟୋଜନ ହୁଏ ।

ନିଶାଦ୍ରବ୍ୟ ସେବନ କ୍ଷେତ୍ରରେ ଦ୍ୱିତୀୟ ସମସ୍ୟାଟି ହେଉଛି ଅପସାରଣ **କଷ୍ଟ** (Withdrawal symptoms) । ଶରୀର ଓ ମନ ନିର୍ଭରଶୀଳତାର ଗଣ୍ଡି ମଧ୍ୟରେ ବାନ୍ଧି ହୋଇପଡ଼େ । ସୁତରାଂ ପରବର୍ତ୍ତୀ ପର୍ଯ୍ୟାୟରେ ମାଦକଦ୍ରବ୍ୟ ତ୍ୟାଗ କରିବାର ଉପକ୍ରମ କଲେ ସମଗ୍ର ମନ ଓ ଶରୀର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରେ । ଏପରି ଅସ୍ୱସ୍ତିକର ଅନୁଭୂତିକୁ ଅତିକ୍ରମ କରିବା ସହଜ ନୁହେଁ ।

ମଦ୍ୟପାନ କ୍ଷେତ୍ରରେ ମଧ୍ୟ ଅନୁରୂପ ସମସ୍ୟା ସୃଷ୍ଟି ହୁଏ । ମାନସିକ ଅବସନ୍ନତା ଓ ଅବସାଦ ଦୂର କରି ସତେଜ ଅନୁଭବ କରିବା ପାଇଁ କିଶୋର କିଶୋରୀମାନେ ଏହା ଆରମ୍ଭ

Digitized by srujanika@gmail.com

କରନ୍ତି । ପ୍ରଥମେ ପ୍ରଥମେ ଏହାର ପ୍ରଭାବରେ ପ୍ରଗଳ୍ଭ ହୋଇଉଠନ୍ତି ଏବଂ କିଛିଟା ଆତ୍ମବିଶ୍ୱାସର ଅଧିକାରୀ ହେଲାପରି ଅନୁଭବ କରନ୍ତି । ମାତ୍ର କ୍ରମଶଃ ଏହାର ବିଷାଦ-ବିରୋଧୀ ଭୂମିକା ମସ୍ତିଷ୍କର କ୍ରିୟାକଳାପକୁ ଶିଥିଳ କରିଦିଏ । ମାଂସପେଶୀ ଓ ମସ୍ତିଷ୍କର ସ୍ନାୟୁକେନ୍ଦ୍ରକୁ କ୍ଷତିଗ୍ରସ୍ତ କରେ ।

ଯୁକ୍ତରାଷ୍ଟ୍ର ଆମେରିକା ପରି ପ୍ରଗତିଶୀଳ ଦେଶରେ କିଶୋର କିଶୋରୀମାନଙ୍କ ମୃତ୍ୟୁର ଏହା ତୃତୀୟ ବୃହତ୍ତମ କାରଣ । ମହିଳାମାନଙ୍କ ପ୍ରତି ଅସଦାଚରଣ କ୍ଷେତ୍ରରେ ଯେଉଁସବୁ କାରଣ ରହିଛି, ସେଥିମଧ୍ୟରୁ ୬୫ ପ୍ରତିଶତ ଘଟଣାରେ ମଦ୍ୟପ କିଶୋରମାନେ ସଂଶ୍ଳିଷ୍ଟ ରହିଥିବାର ପ୍ରମାଣ ମିଳିଛି । ଦୁର୍ଭାଗ୍ୟବଶତଃ ଆମ ଦେଶରେ ଯୁବଗୋଷ୍ଠୀ ମଧ୍ୟରେ ମଦ୍ୟପାନ ଓ ନିଶାସେବନର ମାତ୍ରା ଦିନକୁଦିନ ବୃଦ୍ଧିପାଇବାରେ ଲାଗିଛି । ଏହା ସହିତ ଅପରାଧପ୍ରବଣତା ମଧ୍ୟ ବୃଦ୍ଧିପାଉଛି ।

ଯୁବ ଅବରୋଧ

ଯୌନ ଅପରାଧ ସମେତ ଅନ୍ୟସବୁ ଅପରାଧ ପ୍ରବଣତା କିଶୋର କିଶୋରୀମାନଙ୍କ ମଧ୍ୟରେ ବୃଦ୍ଧି ପାଉଛି । ଏଥିପାଇଁ ଏକାଧିକ କାରଣ ସଂଶ୍ଳିଷ୍ଟ ଥିଲେ ମଧ୍ୟ କେଉଁସବୁ ଉପାଦାନକୁ ଭିତ୍ତିକରି ଅପରାଧର ପୂର୍ବାନୁମାନ ସମ୍ଭବପର, ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇପାରେ । ନିମ୍ନରେ କେତୋଟି ପୂର୍ବସୂଚକର ବର୍ଣ୍ଣନା (Antecedents) ଦିଆଯାଉଛି ।

ପୂର୍ବସୂଚକ	*ଅପରାଧ ସହିତ ସମ୍ପର୍କ*	*ସଂକ୍ଷିପ୍ତ ସୂଚନା*
କର୍ତ୍ତୃପକ୍ଷଙ୍କ ସହିତ ସଂଘର୍ଷ	ଉଚ୍ଚମାତ୍ରାର ସଂଘର୍ଷ	ପ୍ରାୟ ୧୨ ବର୍ଷ ପୂର୍ବରୁ ଏପରି କିଶୋର କିଶୋରୀମାନେ ଏକଛିଦିଆ ମନୋଭାବ ଦର୍ଶାନ୍ତି । ସେମାନେ ଉଚ୍ଚକର୍ତ୍ତୃପକ୍ଷ ଓ ବୟସ୍କ-ମାନଙ୍କୁ ତୀବ୍ର ବିରୋଧ କରନ୍ତି ।
ଲୁଚାଛପା କାରବାର	ଅଧିକାଂଶ ସମୟରେ	ମିଛ କହିବା, ଚୋରି କରିବା ଏବଂ ଧନସମ୍ପତ୍ତି ନଷ୍ଟ କରିବା ଭଳି ଛୋଟକାଟିଆ ଅସାମାଜିକ ବ୍ୟବହାର ଲୁଚାଇ କରିଥାନ୍ତି ।
ଅସ୍ମିତା (ସ୍ୱପ୍ରତ୍ୟୟ)	ନକାରାତ୍ମକ	ସ୍ୱପ୍ରତ୍ୟୟ ଗଠନ ତ୍ରୁଟିଯୁକ୍ତ ହୋଇଥାଏ ।
ଭାବନା ବିପର୍ଯ୍ୟୟ	ଉଚ୍ଚମାତ୍ରାର	ଅହଂକେନ୍ଦ୍ରୀ ଭାବନା, ଅନ୍ୟକୁ ଅଯଥା ବେଶୀ

Digitized by srujanika@gmail.com

		ଦୋଷାରୋପ କରିବା ଭଳି ଭ୍ରମପୂର୍ଣ୍ଣ ଭାବନା ଦେଖାଯାଏ ।
ଆତ୍ମନିୟନ୍ତ୍ରଣ	ନିମ୍ନମାତ୍ରାର	ଆତ୍ମନିୟନ୍ତ୍ରଣର ଅଭାବ ସ୍ପଷ୍ଟ ଦେଖାଯାଏ ।
ବୟସ	ଅଳ୍ପ ବୟସରୁ ଆରମ୍ଭ ହୁଏ	ସମାଜବିରୋଧୀ କାର୍ଯ୍ୟକଳାପ ଅଳ୍ପ ବୟସରୁ ଆରମ୍ଭ ହୁଏ । ଧୀରେ ଧୀରେ ଏହା ଅଧିକ ଆକ୍ରମଣାତ୍ମକ ରୂପ ନିଏ । ଅବଶ୍ୟ ବାହାରକୁ ଅସାମାଜିକ ମନେହେଉଥିବା ସବୁ କିଶୋର ଅସାମାଜିକ କିଶୋରୀ ଯୁବ ଅପରାଧୀ ହୋଇନଥାନ୍ତି ।
ବାଳକ/ବାଳିକା	ବେଶୀଭାଗ ବାଳକ	କିଶୋରମାନେ ଅପେକ୍ଷାକୃତ ଅଧିକ ସମାଜବିରୋଧୀ ବ୍ୟବହାର ଦର୍ଶାନ୍ତି । ବାଳିକାମାନେ ଲୁଚି ପଳାନ୍ତି ।
ବିଦ୍ୟାଳୟ	ବିଦ୍ୟାଳୟରେ ଏମାନଙ୍କର ସଫଳତା କମ୍	ଭାଷାଗତଦକ୍ଷତା ମଧ୍ୟ କମ୍ ହେବାର ଦେଖାଯାଏ ।
ପିତାମାତାଙ୍କ ଲାଳନପାଳନ	ପରିବୀକ୍ଷଣର (Monitoing) ଅଭାବ, ସହାୟତା କମ୍, ପ୍ରଭାବହୀନ ପିତୃତ୍ୱ-ମାତୃତ୍ୱ	
ଭାଇଭଉଣୀ ସମ୍ପର୍କ	ପରିବାରରେ ଅନ୍ୟ ଭାଇ ବା ଭଉଣୀ ଯୁବ ଅପରାଧୀ ହୋଇଥିବାର ସମ୍ଭାବନା ଅଧିକ	
ସାଙ୍ଗସାଥୀଙ୍କ ପ୍ରଭାବ	ମାତ୍ରାଧିକ ପ୍ରତିରୋଧର ସ୍ୱର ଦୁର୍ବଳ	
ଆର୍ଥିକସ୍ଥିତି	ନିମ୍ନ	
ପଡ଼ା ପ୍ରତିବେଶୀ ପରିବେଶ	ସହରାଞ୍ଚଳ ଅଧିକ ଅପରାଧପ୍ରବଣ ଅଞ୍ଚଳ	

Digitized by srujanika@gmail.com

ବିଷାଦ (Depression)

କିଶୋର କିଶୋରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ମଧ୍ୟରୁ ବିଷାଦ ବା ଅବସାଦ ଅନ୍ୟତମ । ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ନିମ୍ନଲିଖିତ ୯ଟି ଲକ୍ଷଣକୁ ବିଷାଦର ସୂଚକ ବୋଲି ବିଚାର କରିଛନ୍ତି । ଏଥିମଧ୍ୟରୁ ଅନ୍ତତଃ ପାଞ୍ଚୋଟି ଲକ୍ଷଣ ଦୁଇ ସପ୍ତାହରୁ ଅଧିକ ସମୟ ଲାଗିରହିଲେ ସେହି କିଶୋର ବା କିଶୋରୀଙ୍କୁ ଅବସାଦଗ୍ରସ୍ତ (Depressed) ବୋଲି ବିଚାର କରାଯିବ ।

୧. *ଦିନର ଅଧିକାଂଶ ସମୟରେ ଅବସାଦଗ୍ରସ୍ତ ମିଜାସ ।*

୨. *ପ୍ରାୟ ସବୁ କିମ୍ବା ଅଧିକାଂଶ କାର୍ଯ୍ୟରେ ଆଗ୍ରହଶୂନ୍ୟତା ।*

୩. *ଓଜନ ବେଶ୍ ପରିମାଣରେ କମିଯିବା କିମ୍ବା ବଢ଼ିଯିବା, କ୍ଷୁଧା ବେଶ୍ କମିଯିବା କିମ୍ବା ବଢ଼ିଯିବା ।*

୪. *ନିଦ ଲାଗିବାରେ ଅସୁବିଧା ହେବା କିମ୍ବା ଅତିବେଶୀ ନିଦ ଲାଗିବା ।*

୫. *ଶରୀର ମାନ୍ଦାଲାଗିବା କିମ୍ବା ଅତିବେଶୀ ଅସ୍ଥିର ଲାଗିବା ।*

୬. *କ୍ଳାନ୍ତି ଓ ଶକ୍ତିହୀନତା ।*

୭. *କାରଣ ନଥାଇ ନିଜକୁ ଦୋଷୀ ମନେହେବା କିମ୍ବା ନିଜକୁ ଅଦରକାରୀ ମନେହେବା ।*

୮. *ଏକାଗ୍ରତାର ଅଭାବ କିମ୍ବା ନିଷ୍ପତ୍ତିଗ୍ରହଣରେ ଅସୁବିଧା ।*

୯. *ମୃତ୍ୟୁଚିନ୍ତା କିମ୍ବା ଆତ୍ମହତ୍ୟାର ବାରମ୍ବାର ଚିନ୍ତା ।*

କିଶୋର କିଶୋରୀମାନଙ୍କର ବିଷାଦ ବିଭିନ୍ନ ଭାବରେ ପ୍ରକାଶ୍ୟ ରୂପ ନିଏ । ହୁଏତ ସେମାନେ ବିଷାଦଗ୍ରସ୍ତ ହେଇ କଳା ପୋଷାକପତ୍ର ପିନ୍ଧନ୍ତି । ଶୋକାତ୍ମକ ଭାବନା ପୂରିଥିବା କବିତା ଲେଖନ୍ତି । କରୁଣର ରସ ଭରାଥିବା ସଂଗୀତ ଦୀର୍ଘସମୟ ଧରି ଶୁଣିଥାନ୍ତି । ସ୍କୁଲ କଲେଜକୁ ଠିକ୍ ସମୟରେ ଯାଇପାରି ନଥାନ୍ତି । ଦିନରେ ଶୋଇ ରୁହନ୍ତି । କୌଣସି କାମରେ ଆଗ୍ରହ ଦର୍ଶାଇ ନ ଥାନ୍ତି । ସାଙ୍ଗସାଥୀମାନଙ୍କଠାରୁ ଦୂରେଇ ରୁହନ୍ତି ଏବଂ ଏକୁଟିଆ ରହିବାକୁ ପସନ୍ଦ କରନ୍ତି ।

ଗବେଷଣାରୁ ଦେଖାଯାଇଛି ଯେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ତୁଳନାରେ ଅଧିକସଂଖ୍ୟକ କିଶୋର କିଶୋରୀମାନେ ବିଷାଦଗ୍ରସ୍ତ ହୁଅନ୍ତି । ପ୍ରାୟ ପନ୍ଦରବର୍ଷ ବୟସ ବେଳକୁ କିଶୋରମାନଙ୍କ ତୁଳନାରେ ଦୁଇଗୁଣ କିଶୋରୀ ବିଷାଦଗ୍ରସ୍ତ ହୁଅନ୍ତି । କିଶୋରୀମାନେ ଅଧିକ ସଂଖ୍ୟାରେ, ବିଷାଦଗ୍ରସ୍ତ ହେବାର କେତେକ କାରଣ ରହିଛି । ପ୍ରଥମତଃ ବାଳିକାମାନଙ୍କର ଯୌନ ହର୍‌ମୋନ୍ ସେମାନଙ୍କୁ ବିଷାଦଗ୍ରସ୍ତ କରିବାରେ କିଛିଟା ପ୍ରବଣତା ଜନ୍ମାଇଥାଏ । ଦ୍ୱିତୀୟତଃ କିଶୋରମାନଙ୍କ ତୁଳନାରେ କିଶୋରୀମାନଙ୍କ ସ୍ୱପ୍ରତ୍ୟୟରେ (Self-concept) ଜଟିଳତା ଥାଏ । କିଶୋରୀମାନେ ନିଜର ଶରୀର ସମ୍ପର୍କରେ କିଛି ପରିମାଣରେ ନକାରାତ୍ମକ ଭାବନା ରଖିଥାନ୍ତି । ଏହା ବିଷାଦର ସମ୍ଭାବନାକୁ ବୃଦ୍ଧିକରେ । ତୃତୀୟତଃ ସମସ୍ୟାର ସମ୍ମୁଖୀନ

Digitized by srujanika@gmail.com

ହେଲେ କିଶୋରୀମାନେ ସାଧାରଣତଃ ରୋମନ୍ଥନଧର୍ମୀ (Ruminative) ସମନ୍ବୟଶୈଳୀ ବ୍ୟବହାର କରନ୍ତି (ଯଥା – ମୁଁ କ'ଣ କରିବି ? ମୁଁ କ'ଣ କରିବି ?) । ଅନ୍ୟ ପକ୍ଷରେ କିଶୋରମାନେ ସମସ୍ୟାସବୁର ମୁକାବିଲା କରିବାର ପ୍ରଯତ୍ନ କରନ୍ତି । ପୁଣି କିଶୋରୀମାନେ ସମାଜରେ ଅଧିକ ମାତ୍ରାରେ ଭେଦଭାବର ଶରବ୍ୟ ହୁଅନ୍ତି । ଏସବୁ କାରଣରୁ କିଶୋରୀମାନଙ୍କର ବିଷାଦ ଅଧିକ ହେବା ସ୍ୱାଭାବିକ ମନେହୁଏ ।

ବିଷାଦର ଅନେକ କାରଣ ରହିଥିଲେ ମଧ୍ୟ ବଂଶାନୁଗତିର ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ । ପିତାମାତା ଦୁହେଁ ବିଷାଦଗ୍ରସ୍ତ ହୋଇଥିଲେ କିମ୍ବା ଏମାନଙ୍କ ମଧ୍ୟରୁ ଜଣେ କେହି ବିଷାଦଗ୍ରସ୍ତ ହୋଇଥିଲେ ଏହାର କୁପରିଣତି ସନ୍ତାନସନ୍ତତିକୁ କ୍ଷତିଗ୍ରସ୍ତ କରିବାର ଆଶଙ୍କା ରହିଛି । ପୁଣି ପିତାମାତାଙ୍କ ମଧ୍ୟରେ ଦାମ୍ପତ୍ୟ କଳହ ଓ ଅସଂଗତି ରହିଥିଲେ ତାହା ମଧ୍ୟ କୁପ୍ରଭାବ ସୃଷ୍ଟି କରିଥାଏ । ସାଙ୍ଗସାଥୀଙ୍କ ଅଭାବ ଏବଂ ଅନ୍ତରଙ୍ଗ ବନ୍ଧୁ ବା ବାନ୍ଧବୀ ସହିତ ମତାନ୍ତର ଜଟିଳତା ବୃଦ୍ଧିକରେ । ସର୍ବୋପରି ସ୍କୁଲ ଛାଡ଼ି କଲେଜରେ ପ୍ରବେଶ କରିବା କିମ୍ବା କଲେଜ ଛାଡ଼ି କର୍ମସଂସ୍ଥାରେ ପ୍ରବେଶ କରିବା ସମୟରେ କେତେକ ନୂତନ ଅବସ୍ଥା ଓ ନୂତନ ଆହ୍ୱାନର ମୁକାବିଲା କରିବାକୁ ହୁଏ । ଏପରି ପରିବର୍ତ୍ତନ ସହ ସମନ୍ୱୟ ରକ୍ଷା କରିପାରୁନଥିବା କିଶୋର କିଶୋରୀମାନେ ଅବସାଦଗ୍ରସ୍ତ ହୋଇପାରନ୍ତି ।

ସାଧାରଣତଃ ଅବସାଦବିରୋଧୀ ଔଷଧ ପ୍ରୟୋଗ ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରାଯାଇଛି । ମନୋଚିକିତ୍ସକମାନେ ଉପଯୁକ୍ତ ଔଷଧ ଚିକିତ୍ସା ମାଧ୍ୟମରେ ୬୦ରୁ ୭୦ ପ୍ରତିଶତ ସଫଳତା ହାସଲ କରିଥାନ୍ତି । ତଥାପି ମୂଳରୁ ଔଷଧ ଚିକିତ୍ସା ଆରମ୍ଭ ନ କରି ମନୋବିଜ୍ଞାନୀମାନେ କିଶୋର କିଶୋରୀମାନଙ୍କର ତ୍ରୁଟିପୂର୍ଣ୍ଣ ଭାବନାସବୁର ପରିବର୍ତ୍ତନ ପାଇଁ ସଂଜ୍ଞାନାତ୍ମକ ଚିକିତ୍ସା କୌଶଳର ଉପଯୋଗ କରନ୍ତି । ସମସ୍ୟା ଉତ୍କଟତର ହୋଇଥିଲେ ଏହା ଭୟାନକ ରୂପ ନେଇ ଆତ୍ମହତ୍ୟାର ଚିନ୍ତା କିମ୍ବା ଆତ୍ମହତ୍ୟାର ଚେଷ୍ଟା ପରି ଅସ୍ୱାଭାବୀ ବ୍ୟବହାର ପ୍ରକାଶ ପାଏ ।

ଆତ୍ମହତ୍ୟା

ଯୁକ୍ତରାଷ୍ଟ୍ର ଆମେରିକା ପରି ପ୍ରଗତିଶୀଳ ଦେଶରେ ଆତ୍ମହତ୍ୟା କିଶୋର କିଶୋରୀମାନଙ୍କ ମୃତ୍ୟୁର ତୃତୀୟ ମୁଖ୍ୟ କାରଣ । ଗୋଟିଏ ସର୍ବେକ୍ଷଣ ଅନୁଯାୟୀ ୨୦୦୫ ମସିହାରେ ପ୍ରତି ୧୨ଜଣରେ ଅନ୍ତତଃ ଜଣେ ସ୍କୁଲ ଛାତ୍ର କିମ୍ବା ଛାତ୍ରୀ ଏ ଦେଶରେ ଆତ୍ମହତ୍ୟା କରିବାକୁ ଗଭୀରଭାବେ ଚିନ୍ତା କରିଥିଲେ । ମାତ୍ରାଧିକ ଆତ୍ମହେୟତା ଓ ଆଶାଶୂନ୍ୟତା ଆତ୍ମହତ୍ୟାର ଭାବନା, ଚେଷ୍ଟା ଓ କାର୍ଯ୍ୟ ମୂଳରେ ସକ୍ରିୟ ରହିଥାଏ ।

ବାଲ୍ୟକାଳରେ ଏପରି ମାନସିକ ବିକୃତିର ମାତ୍ରା ପ୍ରାୟ ବିରଳ । କୈଶୋର ଅବସ୍ଥାରେ ବିଷାଦ ଓ ଆଶାହୀନତାର (Hopelessness) ମାତ୍ରା ଅଧିକ ହୋଇ ଏପରି ସମସ୍ୟା ଉପୁଜିଥାଏ । ଯେତେ ସଂଖ୍ୟକ କିଶୋର କିଶୋରୀ ଆତ୍ମହତ୍ୟାର କଳ୍ପନାଜଳ୍ପନା କରନ୍ତି,

Digitized by srujanika@gmail.com

ତାହାଠାରୁ କମ୍ ସଂଖ୍ୟକ ଆତ୍ମହତ୍ୟା କରନ୍ତି । କିଶୋରୀମାନେ ବେଶୀ ସଂଖ୍ୟାରେ ଚେଷ୍ଟା କରନ୍ତି, କିଶୋରୀମାନେ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରନ୍ତି ।

ଦୀର୍ଘଦିନ ଧରି ପରିବାରରେ ଅସନ୍ତୋଷ ଓ ଅସ୍ଥିରତା ଲାଗି ରହିଲେ ଆତ୍ମହତ୍ୟାର ଚିନ୍ତା ବଳବତୀ ହୁଏ । ପିତାମାତା ଓ ପରିବାରର ଅନ୍ୟମାନଙ୍କର ସ୍ନେହଶ୍ରଦ୍ଧା ନ ପାଇ ଘୃଣା, ରାଗ ଓ ଅତ୍ୟାଚାରର ଶୀକାର ହେବା ଫଳରେ ଏପରି ସମ୍ଭାବନା ବୃଦ୍ଧିପାଏ । ପୁଣି ଅନ୍ତରଙ୍ଗ ସାଙ୍ଗସାଥୀଙ୍କ ଅଭାବ ଅଧିକ ଜଟିଳତା ସୃଷ୍ଟିକରେ । ନିଜ ଉପରେ ଆତ୍ମବିଶ୍ୱାସର ଅଭାବ, ଆତ୍ମଗ୍ଲାନି, ଅପରାଧବୋଧ ଓ ଆଶାହୀନତା ଏପରି ନକାରାତ୍ମକ ମନୋଭାବ ମୂଳରେ ତୀବ୍ର ରହିଥାଏ ।

କହିବା ଅନାବଶ୍ୟକ ଯେ ଆତ୍ମହତ୍ୟାର ଚିନ୍ତନ ଓ ଚେଷ୍ଟା ଏଡ଼ାଇବା ଦିଗରେ ପରିବାରର ଭୂମିକା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ସୁରକ୍ଷାପୂର୍ଣ୍ଣ ଓ ସମ୍ବେଦନଶୀଳ ପାରିବାରିକ ପରିବେଶ ଖୁବ୍ ଉପଯୋଗୀ । କୌଣସି କିଶୋର ବା କିଶୋରୀଙ୍କ ହାବଭାବ ଓ ଆଚରଣରେ ନକାରାତ୍ମକ ସୂଚକ ଦେଖିବା ମାତ୍ରେ ଏ ଦିଗରେ ସତର୍କତାପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ହେବ । କିଶୋର କିଶୋରୀମାନେ ନିଜକୁ ଯେପରି ପରିତ୍ୟକ୍ତ ଓ ଅବହେଳିତ ମନେ ନ କରନ୍ତି, ସେ ଦିଗରେ ପ୍ରଯତ୍ନ କରିବାକୁ ହେବ ।

ବହୁ ଗୋଷ୍ଠୀର ସାମାଜିକ ସାଂସ୍କୃତିକ ପରିପ୍ରେକ୍ଷୀ ମଧ୍ୟରେ ଧାର୍ମିକ ଓ ଆଧ୍ୟାତ୍ମିକ ବିଶ୍ୱାସ ମାନସିକ ବଳ ସୁଦୃଢ଼ କରିଥାଏ । ସୁତରାଂ ଅନ୍ତର୍ବାଧା ନ ଥିଲେ କିଶୋର କିଶୋରୀମାନେ ଏପରି ଧାର୍ମିକ ବିଶ୍ୱାସର ପରମ୍ପରା ମଧ୍ୟରେ ନିଜର ମାନସିକ ସମ୍ବଳ ଦୃଶ୍ୟ କରିପାରନ୍ତି । ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ଗୋଷ୍ଠୀ ଏସବୁ କ୍ଷେତ୍ରରେ ସଫଳତାର ସହିତ କାର୍ଯ୍ୟ କରୁଛନ୍ତି । ବିଷାଦଗ୍ରସ୍ତ କିଶୋର କିଶୋରୀମାନଙ୍କ ମଧ୍ୟରେ ଅସହାୟତାର ସ୍ରୋତ କାଟି ଏମାନେ ଆଶାବାଦର ସମ୍ଭାବନା ସୃଷ୍ଟି କରନ୍ତି । ଏ ସବୁର ଉପଯୋଗ ସକାରାତ୍ମକ ଭାବରେ କରାଯାଇପାରେ । ତଥାପି କେତେକ 'କରଣୀୟ' ଓ 'ଅକରଣୀୟ' ପଦକ୍ଷେପ ସମ୍ପର୍କରେ ସଜାଗ ରହିବା ବାଂଛନୀୟ ।

କ'ଣ କରିବେ	*କ'ଣ କରିବେ ନାହିଁ*
୧. କୌଣସି କିଶୋର କିଶୋରୀଙ୍କଠାରେ ଆତ୍ମହତ୍ୟା ଭାବନାର ସାମାନ୍ୟତମ ସଂକେତ ଦେଖିଲେ ଶାନ୍ତମନରେ ସିଧାସଳଖ ପ୍ରଶ୍ନ ପଚାରନ୍ତୁ – ''ତୁମେ ନିଜ ଜୀବନ ନଷ୍ଟ କରିବାର ଚିନ୍ତା କରୁଛ କି ?''	୧. ଆତ୍ମହତ୍ୟା ଭାବନା କିମ୍ବା ଚେଷ୍ଟାର ସଂକେତ ଦେଖିଲେ ତାହାକୁ ଏଡ଼ାଇ ଯାଆନ୍ତୁ ନାହିଁ ୨. ଥଟ୍ଟା ମଜାକରି ଏପରି କିଶୋର ବା

Digitized by srujanika@gmail.com

୨. ଆତ୍ମହତ୍ୟା ଚିନ୍ତାର ଗଭୀରତା ଆକଳନ କରନ୍ତୁ । ସୁରକ୍ଷାର ବନ୍ଦୋବସ୍ତ/ସମ୍ଭାବନା ଆସିବା ପର୍ଯ୍ୟନ୍ତ ଯଥାସମ୍ଭବ ପାଖରେ ରୁହନ୍ତୁ ।	କିଶୋରୀର ଭାବନାକୁ ଗୌଣ କରିଦିଅନ୍ତୁ ନାହିଁ ।
୩. ଧୈର୍ଯ୍ୟଧରି ସବୁ କଥା ଶୁଣନ୍ତୁ । ଅଯଥାରେ ନିର୍ଭରତା ଦିଅନ୍ତୁ ନାହିଁ । "ତୋର କିଛି ହେବ ନାହିଁ"– ଏପରି କୁହନ୍ତୁ ନାହିଁ ।	୩. ଏପରି କିଶୋର ବା କିଶୋରୀ ଆତ୍ମହତ୍ୟା ସମ୍ପର୍କରେ ଆପଣଙ୍କ ସହିତ କଥାବାର୍ତ୍ତା କରିବାକୁ ଚାହିଁଲେ ମନା କରନ୍ତୁ ନାହିଁ ।
୪. ଅନ୍ୟମାନଙ୍କର ସାହାଯ୍ୟ ସହଯୋଗ ନେବା ପାଇଁ ପ୍ରରୋଚନା ଦିଅନ୍ତୁ । ବିଶେଷତଃ ବିଶେଷଜ୍ଞଙ୍କ ସହିତ ପରାମର୍ଶ ପାଇଁ ପ୍ରବର୍ତ୍ତନା ଦିଅନ୍ତୁ । ସମ୍ଭବ ହେଲେ ନିଜେ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ ।	୪. ଅଯଥା ନିର୍ଭରତା ଦିଅନ୍ତୁ ନାହିଁ । "ସବୁ ଠିକ୍ ହୋଇଯିବ ।"– ଏପରିସବୁ କଥା କୁହନ୍ତୁ ନାହିଁ ।
	୫. ବିପଦର ସମ୍ଭାବନା ଦୂର ନ ହେବା ପର୍ଯ୍ୟନ୍ତ କିଶୋର ବା କିଶୋରୀକୁ ଏକୁଟିଆ ଛାଡ଼ିଦିଅନ୍ତୁ ନାହିଁ ।

❑

Digitized by srujanika@gmail.com

ଭିନ୍ନକ୍ଷମ କିଶୋର କିଶୋରୀ

ଭିନ୍ନକ୍ଷମ ପରିଭାଷାଟିର ପ୍ରୟୋଗ ଆମ ମନୋବୃତ୍ତିର ଏକ ବିଶିଷ୍ଟ ଦିଗକୁ ସୂଚିତ କରିଥାଏ । ପୂର୍ବର ଶାରୀରିକ ଅକ୍ଷମ (The Physically troubled), ମାନସିକ ଅନଗ୍ରସର (The Mentally Retarded) ଏବଂ ଦୃଷ୍ଟିହୀନ କିମ୍ବା ବାକ୍‌ହୀନ ପ୍ରଭୃତି ଶବ୍ଦାବଳୀ ପରିବର୍ତ୍ତେ ବର୍ତ୍ତମାନ ଭିନ୍ନକ୍ଷମ (The Differrentially Abled) ପରିଭାଷା ବ୍ୟବହାର କରାଯାଉଛି । କେତେକ ଅସୁବିଧା ଓ ଦୁର୍ବିପାକର ଶରବ୍ୟ ହୋଇଥିବା ପିଲା ଓ କିଶୋର କିଶୋରୀମାନଙ୍କୁ ସେମାନଙ୍କର ବିପର୍ଯ୍ୟୟ ଲାଗି ହୀନ ଦୃଷ୍ଟିରେ ନ ଦେଖି ମୁଖ୍ୟ ସ୍ରୋତକୁ ଆଣିବାର ପ୍ରୟାସ କରାଯାଉଛି । ସୁତରାଂ ଏ ପରିପ୍ରେକ୍ଷୀରେ ଭିନ୍ନକ୍ଷମ ପରିଭାଷାଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।

ଭିନ୍ନକ୍ଷମ ଏକ ବଡ଼ ଧରଣର ବିଭାଗୀକରଣ । ଏହି ବର୍ଗୀକରଣ ମଧ୍ୟରେ ବିଭିନ୍ନ ପିଲା ଓ କିଶୋର କିଶୋରୀ ଅନ୍ତର୍ଭୁକ୍ତ । ତେବେ ଏଥିରୁ ପ୍ରାୟ ଅର୍ଦ୍ଧେକ କିଶୋର କିଶୋରୀ ଶିକ୍ଷାଗତ ଅକ୍ଷମତାର (Learning Disability) ଶିକାର । ଏହାକୁ ବାଦ୍ ଦେଲେ କଥା ଓ ଭାଷାଗତ ବିପର୍ଯ୍ୟୟ ଏବଂ ମାନସିକ ଅନଗ୍ରସରତାର ଶରବ୍ୟ ହୋଇଥିବା ପିଲାମାନଙ୍କର ଅନୁପାତ କମ୍ ନୁହେଁ । ଭିନ୍ନକ୍ଷମ ପିଲା ଓ କିଶୋର କିଶୋରୀମାନଙ୍କ ମଧରେ ଅଳ୍ପ ଅନୁପାତରେ ଅନ୍ୟ କେତେକ ଉପବିଭାଗ ରହିଛି । ସେସବୁ ହେଉଛି ବିକାଶକାଳୀନ ମାତ୍ରାଧିକ ବିଳମ୍ବତା, କଳ୍ପନାଚାରଣ ବା ଅଟିଜିମ୍ (Autism), ଦୃଷ୍ଟିଗତ ଓ ଶ୍ରବଣଗତ ବିପର୍ଯ୍ୟୟ, ଭାବଗତ ବିପର୍ଯ୍ୟୟ, ଶାରୀରିକ ଅସୁବିଧା, ବହୁବିଧ ଅକ୍ଷମତା ଏବଂ ଅନ୍ୟ କେତେକ ସ୍ୱାସ୍ଥ୍ୟଗତ ଦୁରବସ୍ଥା ।

ଶିକ୍ଷାରଗତ ଅକ୍ଷମତା ଏକ ବଡ଼ ଧରଣର ଉପବିଭାଗ ହୋଇଥିବାରୁ ଏହା ସମ୍ପର୍କରେ ଆଲୋଚନା ବିଶେଷ ପ୍ରୟୋଜନ । ଶିକ୍ଷାଗତ ଅକ୍ଷମତା ଦର୍ଶାଉଥିବା କିଶୋର କିଶୋରୀମାନେ ଅନ୍ତତଃ ଗୋଟିଏ କିମ୍ବା ଏକାଧିକ ଶିକ୍ଷାଗତ ବିଷୟରେ ମାତ୍ରାଧିକ ପଛୁଆ ରୁହନ୍ତି । ଏମାନଙ୍କର ବୁଦ୍ଧିମତ୍ତା ସାଧାରଣ ହୋଇଥାଇ ପାରେ । ମାତ୍ର ଏମାନେ ଶିକ୍ଷାଗତ ବିଷୟରେ ସାଧାରଣ ପିଲାଙ୍କ ତୁଳନାରେ ବେଶ୍ ପଛୁଆ ରୁହନ୍ତି । ଏହି ଅକ୍ଷମତାର କାରଣ ସହଜରେ ନିର୍ଣ୍ଣିତ ହୋଇ ନଥାଏ ।

ଶିକ୍ଷାଗତ ଅକ୍ଷମତା ଦର୍ଶାଉଥିବା କିଶୋର କିଶୋରୀମାନେ ଠିକ୍ ରୂପେ ଶୁଣିବା, ଏକାଗ୍ରତା ରକ୍ଷାକରିବା, ଶୃଙ୍ଖଳିତଭାବରେ କହିବା ଏବଂ ଚିନ୍ତା କରିବାରେ ଅସାମର୍ଥ୍ୟ ଦର୍ଶାନ୍ତି । ସାଧାରଣତଃ ବାଳିକାମାନଙ୍କ ତୁଳନାରେ ପ୍ରାୟ ତିନିଗୁଣ ବାଳକ ଏପରି ଅକ୍ଷମତା ଦର୍ଶାନ୍ତି ।

Digitized by srujanika@gmail.com

ଗୋଟିଏ କାରଣ ହେଉଛି ଜୀବତାତ୍ତ୍ୱିକ ଦୃଷ୍ଟିରୁ ବାଳକସନ୍ତାନ କୁପ୍ରଭାବଗ୍ରସ୍ତ ହେବାର ସମ୍ଭାବନା । କେତେକ ଶରୀରବିଜ୍ଞାନୀ ଲକ୍ଷ୍ୟ କରିଛନ୍ତି ଯେ ପୁତ୍ରସନ୍ତାନଟି ମାତୃଗର୍ଭରେ ଥିବା ସମୟରେ ଆଭ୍ୟନ୍ତରୀଣ ପରିବେଶ ଅପେକ୍ଷାକୃତ କମ୍ ଅନୁକୂଳ ରହିଥାଏ । ତୁଳନାତ୍ମକଭାବରେ ପୁତ୍ରସନ୍ତାନ ଜନ୍ମ ସମୟରେ ଜନନୀ ଅଧିକ ପ୍ରସବକଷ୍ଟ ଅନୁଭବ କରନ୍ତି । ଜନ୍ମକାଳୀନ ଅସ୍ତ୍ରୋପଚାର ସମୟରେ ପୁତ୍ରସନ୍ତାନଟି ଆଘାତପ୍ରାପ୍ତ ହେବାର ଅଧିକ ସମ୍ଭାବନା ଥାଏ । ପ୍ରତିକୂଳ ଅବସ୍ଥାର ମାତ୍ରା ପୁତ୍ରସନ୍ତାନ ପାଇଁ ଅଧିକ ହୋଇଥାଏ । ଏ ପରିପ୍ରେକ୍ଷୀରେ କେତେକ କୁପରିଣତି ସୃଷ୍ଟି ହେବାର ଆଶଙ୍କା ଅଧିକ ।

ଶିକ୍ଷାଗତ ଅକ୍ଷମତା କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଥମେ ଆପତ୍ତି ଅଭିଯୋଗ କରି ପିଲାମାନଙ୍କୁ ଚିହ୍ନଟ କରନ୍ତି । ସାଧାରଣତଃ ପ୍ରତି ସମାଜରେ ଏ ସମ୍ବନ୍ଧରେ କିଶୋରମାନଙ୍କ ପ୍ରତି ଅପେକ୍ଷାକୃତ ଅଧିକ ଅଭିଯୋଗ ରହିଥାଏ । କିଶୋରମାନେ ଦୁଷ୍ଟ, ଆକ୍ରମଣାତ୍ମକ ଭାବସମ୍ପନ୍ନ ଏବଂ ଅନିୟନ୍ତ୍ରିତ – ଏପରି ପକ୍ଷପାତ ଧାରଣା ଅନେକ ସମୟରେ "ଶିକ୍ଷାଗତ ଅକ୍ଷମ" ତାଲିକାରେ ସେମାନଙ୍କ ସଂଖ୍ୟା ବୃଦ୍ଧି କରିଦିଏ ।

ଶିକ୍ଷାଗତ ଅକ୍ଷମତା ପଠନ, ଲିଖନ, ଭାଷା ଓ ଗାଣିତିକ ସମସ୍ୟା ମାଧ୍ୟମରେ ପ୍ରତିଫଳିତ ହୁଏ । ପଠନରେ ସମସ୍ୟା ଉପୁଜିବା ସମୟରେ ଅନେକ କିଶୋର କିଶୋରୀ ବର୍ଣ୍ଣ ବା ଅକ୍ଷରର ଧ୍ୱନିଗତ ସ୍ୱରୂପ ଜାଣିପାରନ୍ତି ନାହିଁ । 'କ'କୁ କିପରି ଉଚ୍ଚାରଣ କରାଯିବ ଏବଂ 'ଖ'କୁ କିପରି ଉଚ୍ଚାରଣ କରାଯିବ, ତାହା ଜାଣିପାରନ୍ତି ନାହିଁ । ପ୍ରାଥମିକ ସ୍ତରରେ ଏପରି ଜାଣିପାରୁଥିଲେ ମଧ୍ୟ ଏକାଧିକ ଅକ୍ଷରକୁ ମିଶାଇ ଯେଉଁ ଶବ୍ଦଟି ଗଠିତ, ତାହାର ଉଚ୍ଚାରଣ ଓ ଅର୍ଥ ହୁଏତ ଜାଣି ନଥାନ୍ତି । ପୁଣି ଶବ୍ଦସବୁର ସମାବେଶରେ ଯେଉଁ ବାକ୍ୟଟି ଗଠିତ ହୋଇଛି, ତାହାର ଉଚ୍ଚାରଣ ଓ ଅର୍ଥ ଜାଣିପାରନ୍ତି ନାହିଁ ।

ଏପରି ଭାଷାଗତ ଅକ୍ଷମତା କେବଳ ବର୍ଣ୍ଣ, ଶବ୍ଦ ଓ ବାକ୍ୟ ମଧ୍ୟରେ ସୀମିତ ନ ରହି ବନାନ୍ ଓ ଅନୁଚ୍ଛେଦସବୁ ପଢ଼ିବା, ଲେଖିବା ଓ ବୁଝିବାର କ୍ରିୟାକଳାପରେ ପ୍ରତିଫଳିତ ହୁଏ । ଲେଖା ଅକ୍ଷର ମଧ୍ୟ ବିକୃତ ଓ ଅସ୍ପଷ୍ଟ ହୋଇପାରେ । ହସ୍ତାକ୍ଷର ମାତ୍ରାଧିକ ତ୍ରୁଟିପୂର୍ଣ୍ଣ ହୋଇପାରେ ।

ଶିକ୍ଷାଗତ ଅକ୍ଷମତାର ସମାଧାନ ଦିଗରେ ନିରବଚ୍ଛିନ୍ନ ପରିଶ୍ରମ ଆବଶ୍ୟକ । ଯୋଜନାବଦ୍ଧଭାବରେ ଅଭ୍ୟାସ ଦ୍ୱାରା ହିଁ ବହୁ ତ୍ରୁଟିର ସଂଶୋଧନ ସମ୍ଭବ । ବିଶେଷତଃ ଏ କ୍ଷେତ୍ରରେ ଜଣେ ଅଭିଜ୍ଞ ଶିକ୍ଷକ ବା ପ୍ରଶିକ୍ଷକଙ୍କ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ପିଲାର ଦୁର୍ବଳତାର ପରିସରକୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ଯୋଜନାବଦ୍ଧ ଉପାୟରେ ପ୍ରଶିକ୍ଷଣ ମାଧ୍ୟମରେ ଶିକ୍ଷକ ଅକ୍ଷମତା ବହୁପରିମାଣରେ ହ୍ରାସ କରିପାରନ୍ତି ।

ଶିକ୍ଷାଗତ ଅକ୍ଷମତା ବ୍ୟତୀତ ଆଉ ଗୋଟିଏ ଅକ୍ଷମତା ବେଶ୍ ପରିଦୃଷ୍ଟ ହୁଏ । ତାହା ହେଉଛି ଅସ୍ଥିରତା ଓ ଅତିଚଞ୍ଚଳତା (Allention Deficit Hyperactivity Disorder) । ଏପରି କିଶୋର କିଶୋରୀମାନେ କିଛି ମିନିଟ୍‌ରୁ ଅଧିକ ସମୟ କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁରେ

Digitized by srujanika@gmail.com

ଅଭିନିବେଶ (Attention) ରକ୍ଷା କରିପାରନ୍ତି ନାହିଁ । ଅତିଚଞ୍ଚଳତା ମଧ୍ୟ ପରିଦୃଷ୍ଟ ହୁଏ । ସମଗ୍ର ଶରୀର ବା ଶରୀରର ଅଂଶବିଶେଷ ହଲୁଥାଏ । ପୁଣି ଆବେଗପ୍ରବଣ ହେଇ ଅତି ତରବରିଆ କାର୍ଯ୍ୟ କରନ୍ତି । କାର୍ଯ୍ୟ କରିବା ପୂର୍ବରୁ ଭାବନା କରିବାର ପ୍ରବଣତା ଦେଖାଯାଏ ନାହିଁ ।

କିଶୋରୀମାନଙ୍କ ତୁଳନାରେ କିଶୋରମାନଙ୍କ କ୍ଷେତ୍ରରେ ବହୁଗୁଣରେ ଏହା ଦେଖାଯାଏ । ଏହାର କାରଣ ସମ୍ପର୍କରେ ସବିଶେଷ ତଥ୍ୟ ମିଳିନାହିଁ । କେତେକ ବିଶେଷଜ୍ଞଙ୍କ ମତରେ ମସ୍ତିଷ୍କରେ କେତେକ ସ୍ନାୟୁସଞ୍ଚାଳକର ଅଭାବ ଏପରି ଅକ୍ଷମତା ସୃଷ୍ଟିକରେ । ଅନ୍ୟ କେତେକ ବିଶେଷଜ୍ଞ ମତରେ ଜରାୟୁକାଳୀନ ତଥା ଜନ୍ମର ଠିକ୍ ପରେ ପରେ କେତେକ ଅସ୍ୱାଭାବିକ ଅବସ୍ଥା ଏପରି ପରିସ୍ଥିତି ସୃଷ୍ଟି କରିଥାଏ । ପରିବେଶରେ କେତେକ ବିଷାକ୍ତ ପ୍ରଭାବ ମଧ୍ୟ ସମସ୍ୟାର କାରଣ ହୋଇପାରେ । ପରିଶେଷରେ ବଂଶାନୁଗତ କାରଣର ଭୂମିକା ମଧ୍ୟ ଲକ୍ଷ୍ୟ କରାଯାଇଛି । ଏପରି ସମସ୍ୟା ଦର୍ଶାଉଥିବା କିଶୋର କିଶୋରୀମାନଙ୍କ ମଧ୍ୟରୁ ପ୍ରାୟ ୩୦ରୁ ୫୦ ପ୍ରତିଶତ କିଶୋର କିଶୋରୀମାନଙ୍କର ପିତାମାତା କିମ୍ବା ଭାଇଭଉଣୀ ଅସ୍ଥିରତା ଓ ଅତିଚଞ୍ଚଳତା ଲକ୍ଷଣ ଦର୍ଶାନ୍ତି ।

ଅସ୍ଥିରତା ଓ ଅତିଚଞ୍ଚଳତା ଦର୍ଶାଉଥିବା କିଶୋର କିଶୋରୀମାନଙ୍କୁ ସାଧାରଣତଃ ରିଟାଲିନ୍ ନାମକ ଏକ ଔଷଧ ସେବନ ମାଧ୍ୟମରେ ଚିକିତ୍ସା କରାଯାଇଥିବା । ଅଭିନିବେଶ, ନିୟନ୍ତ୍ରଣ ଓ ଯୋଜନା ବ୍ୟବହାରକୁ ପ୍ରଭାବିତ କରୁଥିବା ଅଗ୍ରମସ୍ତିଷ୍କର ଅଂଶ ବିଶେଷକୁ ଏହି ଔଷଧ ସକ୍ରିୟ କରେ । ଏହି ଅଂଶର ସକ୍ରିୟତା ଫଳରେ ଅଭିନିବେଶ (Attention) ବୃଦ୍ଧିପାଏ ଏବଂ ଆବେଗପ୍ରବଣତା (Impulsivity) ହ୍ରାସପାଏ । ତେବେ ହଠାତ୍ ହଠାତ୍ ଔଷଧ ସେବନର ପରାମର୍ଶ ନ ଦେଇ ପ୍ରଥମେ ପ୍ରଶିକ୍ଷଣ ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ମନୋବିଜ୍ଞାନୀମାନେ ପରାମର୍ଶ ଦିଅନ୍ତି ।

ଉପବିଭାଗସବୁରେ ପରିଦୃଷ୍ଟ ପାର୍ଥକ୍ୟ ସତ୍ତ୍ୱେ ସବୁ ପ୍ରକାର ଭିନ୍ନକ୍ଷମ ପିଲାମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଏକ ଜାତୀୟ ଲକ୍ଷ୍ୟ । ପୂର୍ବରୁ ଭିନ୍ନକ୍ଷମ ପିଲା ଓ କିଶୋର କିଶୋରୀମାନଙ୍କ ପୃଥକ୍ ଓ ସ୍ୱତନ୍ତ୍ର ଅନୁଷ୍ଠାନରେ ଭର୍ତ୍ତି କରାଯାଉଥିଲା । ସେମାନଙ୍କର ଅକ୍ଷମତାକୁ ପୁରୋଭାଗରେ ରଖି ଅନୁରୂପ ଶିକ୍ଷାଦୀକ୍ଷାର ବ୍ୟବସ୍ଥା କରାଯାଉଥିଲା । ମାତ୍ର ବର୍ତ୍ତମାନ ଏପରି ବିଚାରକୁ ଗ୍ରହଣଯୋଗ୍ୟ ମନେ କରାଯାଉ ନାହିଁ । ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନସବୁ ଯଥାସମ୍ଭବ ସାଧାରଣ ପିଲାମାନଙ୍କ ପାଇଁ ଅଭିପ୍ରେତ ଶିକ୍ଷାୟତନ ସହିତ ସମାନ ହେବା ଉଚିତ । ଏପରି ହେଲେ ସେମାନଙ୍କ ମନରେ ହୀନମନ୍ୟତା ଆସିବ ନାହିଁ । ସେମାନେ ଯେ ଅକ୍ଷମ ଏବଂ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ୍ ଏପରି ଭାବନାର ପୁନରାବୃତ୍ତି ସେମାନଙ୍କର କ୍ଷତିସାଧନ କରିବ । ଦ୍ୱିତୀୟତଃ ଅନ୍ୟମାନଙ୍କ ସହିତ ମିଳିମିଶି ସେମାନେ ସମନ୍ୱୟଶୀଳତା ଶିଖିବେ । ଅବଶ୍ୟ ଅଭିଜ୍ଞ ଓ ସମ୍ବେଦନଶୀଳ ଶିକ୍ଷକ ଶିକ୍ଷୟିତ୍ରୀ ସେହି ସାଧାରଣ ବାତାବରଣ

Digitized by srujanika@gmail.com

ମଧ୍ୟରେ ସେମାନଙ୍କର ସ୍ୱତନ୍ତ୍ର ଧରଣର ଆବଶ୍ୟକତାକୁ (Special Needs) ଚାହିଁ ନମନୀୟ (Flexible) ମନୋବୃତ୍ତି ଏବଂ ଶୈଳୀର ଉପଯୋଗ କରିବେ । ମୁଖ୍ୟ ସ୍ରୋତ ସହିତ ସେମାନଙ୍କୁ ସାମିଲ କରିବାର ଯୋଜନାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଶେଷ ଭୂମିକା ବେଶ୍ ମହତ୍ୱପୂର୍ଣ୍ଣ (*ଶିକ୍ଷାଗତ ଅକ୍ଷମତା ଓ ମାନସିକ ଅନଗ୍ରସରତା ସମ୍ପର୍କରେ ଲେଖକଙ୍କର ଅନ୍ୟତମ ପୁସ୍ତକ ଶିଶୁମନର ବିଜ୍ଞାନରେ ବିସ୍ତୃତଭାବେ ଆଲୋଚିତ ହୋଇଥିବାରୁ ଏଠାରେ ସଂକ୍ଷେପ ବର୍ଣ୍ଣନା ଦିଆଯାଇଛି ।*)

❑

Digitized by srujanika@gmail.com

ଅଭେଦ୍ୟ କିଶୋର

ସୁବିକଶିତ ପରିବେଶ ମଧ୍ୟରେ ଲାଳିତପାଳିତ ହେଉଥିବା ଶିଶୁ ଓ କିଶୋର କିଶୋରୀମାନେ ଦୁଃସ୍ଥ ଓ ସୁଦକ୍ଷ ଜୀବନ ଯାପନ କରିବାରେ ବିଶେଷ ବୈଚିତ୍ର୍ୟ ନାହିଁ । ମାତ୍ର ଦୁଃସ୍ତ ଓ ପ୍ରତିକୂଳ ପରିବେଶ ମଧ୍ୟରେ ଲାଳିତପାଳିତ ହେବା ସତ୍ତ୍ୱେ ସୁସ୍ଥ ଓ ସମର୍ଥ ବ୍ୟକ୍ତିତ୍ୱର ନିଦର୍ଶନ ଦର୍ଶାଇବା ଏକ ବିଚିତ୍ର ପ୍ରକ୍ରିୟା । ଅନେକ ଲୋକଙ୍କର ଧାରଣା ଯେ ପ୍ରତିକୂଳ ପରିବେଶ ମଧ୍ୟରେ ଏପରି ଦକ୍ଷ ବ୍ୟକ୍ତିତ୍ୱର ବିକାଶ କେବଳ କାଁ ଭାଁ ଦେଖାଯାଏ ଏବଂ ଏହାକୁ ବ୍ୟତିକ୍ରମ ବୋଲି ଧରାଯାଇପାରେ । ମାତ୍ର ଗବେଷଣାରୁ ଦେଖାଯାଇଛି ଯେ ଏପରି ପିଲା ଓ କିଶୋର କିଶୋରୀମାନଙ୍କ ସଂଖ୍ୟା ଖୁବ୍ କମ୍ ନୁହେଁ । ପାଶ୍ଚାତ୍ୟ ଦେଶମାନଙ୍କରେ କରାଯାଇଥିବା ଗବେଷଣାରୁ ଜଣାଯାଏ ଯେ ପ୍ରାୟ ୩୦ ପ୍ରତିଶତ କିଶୋର କିଶୋରୀ ଏ ଧରଣର ଅଭେଦ୍ୟତା ବା (Resilience ବା Invulnerability) ଦର୍ଶାନ୍ତି । ଏମାନଙ୍କୁ ଅଭେଦ୍ୟ କିଶୋର (Resilient ବା Invulnerable Adolescent) କୁହାଯାଇପାରେ । ବସ୍ତି ବା ଖରାପ ପରିବେଶରେ ପ୍ରତିପାଳିତ ହେଲେ ମଧ୍ୟ ଏମାନେ ସାଧାରଣ ପିଲାଙ୍କ ତୁଳନାରେ ଅଧିକ ଅଗ୍ରସରତା ଦର୍ଶାନ୍ତି । ଆମେରିକାର ଜାଜ୍ ସଂଗୀତର ପ୍ରତିଷ୍ଠାତା ଆର୍ମଷ୍ଟ୍ରଙ୍ଗଙ୍କ ପାରିବାରିକ ଜୀବନ ଖୁବ୍ ଦୁଃସ୍ଥ ଥିଲା । ତାଙ୍କର ମା ଏକ ପ୍ରକାର ଗଣିକା ଥିଲେ ଏବଂ ବାପା ଜଣେ କୁଖ୍ୟାତ ଅପରାଧୀ ଥିଲେ । ଏହା ସତ୍ତ୍ୱେ ଆର୍ମଷ୍ଟ୍ରଙ୍ଗ ଜଣେ ସୃଜନଶୀଳ ଶିଳ୍ପୀ ରୂପେ ଅପୂର୍ବ ପ୍ରଖ୍ୟାତି ଲାଭ କରିପାରିଥିଲେ । ଭାରତରେ ମଧ୍ୟ ଏପରି ଜୀବନର ଉଦାହରଣ ବିରଳ ନୁହେଁ । ଏମାନଙ୍କର ହାରାହାରି ସଂଖ୍ୟା ନିର୍ଦ୍ଧାରଣ କରାଯାଇ ନଥିଲେ ମଧ୍ୟ ଏମାନଙ୍କର ସ୍ଥିତି ଓ ବିକାଶକୁ ଅନୁଧ୍ୟାନ କରିବାକୁ ହେବ ।

ପ୍ରତିକୂଳ ପରିବେଶର କ୍ଷତିକାରକ ପ୍ରଭାବରୁ ନିଜକୁ ମୁକ୍ତ ରଖିବା କମ୍ ବଡ଼ କଥା ନୁହେଁ । ଅପରାଧପ୍ରବଣ ପରିବେଶରେ ଶିଶୁ ଅପରାଧର କୌଶଳ ଶିଖେ । ଦୁଃଖ ଓ ଅସାମାଜିକ ବାତାବରଣ ମଧ୍ୟରେ ପିଲାମାନେ ସମାଜ ବିରୋଧୀ କାର୍ଯ୍ୟକଳାପର ପ୍ରବଣତା ଶିକ୍ଷା କରନ୍ତି । କ୍ଷତିକାରକ ପ୍ରଭାବରୁ ନିଜକୁ ମୁକ୍ତ କରି ମହତ୍ତର ଜୀବନ ସ୍ତରକୁ ଅଗ୍ରଗତି କରିବାର କୌଶଳ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଟି ହେଉଛି ଅଭେଦ୍ୟ କିଶୋର ଏପରି ଦକ୍ଷତା ହାସଲ କରେ କିପରି ?

ପ୍ରଥମତଃ ଗବେଷଣାରୁ ଜଣାଯାଇଛି ଯେ, କେତେ ସଂରକ୍ଷକ (Projective Factors) ଉପାଦାନ ଏପରି ସାମର୍ଥ୍ୟ ଜନ୍ମାଇଥାଏ । ଏହି ସଂରକ୍ଷକ ଉପାଦନାଗୁଡ଼ିକ ତିନି ଶ୍ରେଣୀର

Digitized by srujanika@gmail.com

ଅନ୍ତର୍ଭୁକ୍ତ । ସେ ଗୁଡ଼ିକ ହେଉଛି ବ୍ୟକ୍ତିଗତ, ପାରିବାରିକ ଏବଂ ଗୋଷ୍ଠୀଗତ ଉପାଦାନ । କିଶୋର କିଶୋରୀମାନଙ୍କର କେତେକ ବ୍ୟକ୍ତିଗତ ଅନ୍ତର୍ନିହିତ ଗୁଣ ସେମାନଙ୍କୁ କୁପ୍ରଭାବମୁକ୍ତ ରଖିଥାଏ । ସେମାନଙ୍କର ସକାରାତ୍ମକ ଗୁଣ ଓ ମିଜାଜ ଏପରି ରୂପନିଏ ଯେ ସେମାନଙ୍କର ଯତ୍ନକାରୀ ବୟସ୍କମାନେ ମଧ୍ୟ ଭଲ ବ୍ୟବହାର ଦର୍ଶାଇବା ପାଇଁ ପ୍ରରୋଚିତ ହୁଅନ୍ତି । ଏପରି କିଶୋର କିଶୋରୀମାନେ କର୍ମଠ, ସ୍ନେହଶୀଳ ଓ ଭଲ ପ୍ରକୃତିର ବ୍ୟକ୍ତିତ୍ୱସଂପନ୍ନ । ସେମାନଙ୍କ ସହିତ କାରବାର କରିବାରେ ବିଶେଷ ଅସୁବିଧା ହୁଏନାହିଁ ।

ଅଭେଦ୍ୟ କିଶୋର କିଶୋରୀମାନେ ନିଜର ଉତ୍ତମ ଆଚରଣ ଫଳରେ ସେମାନଙ୍କ ପରିପାର୍ଶ୍ୱରେ ଥିବା ଦକ୍ଷ ବୟସ୍କ ବ୍ୟକ୍ତିମାନଙ୍କଠାରୁ ଆବଶ୍ୟକ ସହାୟତା ହାସଲ କରନ୍ତି । ଏପରି କିଶୋର କିଶୋରୀମାନଙ୍କର ବୁଦ୍ଧିମତ୍ତା (Intelligence) ଉଚ୍ଚସ୍ତରୀୟ । ଉଚ୍ଚ ବୁଦ୍ଧିମତ୍ତା ଫଳରେ ପରିସ୍ଥିତି ସହିତ ସମନ୍ୱୟ ରକ୍ଷା କରିବାରେ ବେଶ୍ ସଫଳ ହୁଅନ୍ତି । ଦୈନନ୍ଦିନ ଜୀବନର ସମସ୍ୟା ସମାଧାନର ପାରଦର୍ଶିତା ଦେଖାଇଥାନ୍ତି । କଥାବାର୍ତ୍ତା ଏବଂ ଭାବର ଆଦାନ ପ୍ରଦାନ ଶୈଳୀ (Communication Skills) ମଧ୍ୟ ଉନ୍ନତ । ବୁଦ୍ଧିମତ୍ତା ଓ ଆଦାନ ପ୍ରଦାନ ଶୈଳୀର ଉପଯୋଗ ଫଳରେ ଅନ୍ୟମାନଙ୍କ ସହିତ ମିଳିମିଶି ଚଳିବା ସହଜ ହୁଏ । ବନ୍ଧୁତ୍ୱର ସୁଯୋଗ ମିଳେ । ମୋଟଉପରେ ଭଲ ମିଜାଜ, ଉଚ୍ଚ ବୁଦ୍ଧିମତ୍ତା ଉନ୍ନତ ଯୋଗାଯୋଗର ଶୈଳୀ ଏବଂ ଉପଯୋଗୀ ସାମାଜିକ ଦକ୍ଷତା ଏମାନଙ୍କ ଅଭେଦ୍ୟତ୍ୱ ବିକାଶରେ ସହାୟକ ହୁଏ ।

ଦ୍ୱିତୀୟତଃ ଅଭେଦ୍ୟ ପିଲା ଏବଂ କିଶୋର କିଶୋରୀମାନେ ପାରିବାରିକ ପରିପ୍ରେକ୍ଷୀ ମାଧ୍ୟମରେ କେତେକ ସଂରକ୍ଷକ ଉପାଦାନର ପ୍ରୟୋଗ କରନ୍ତି । ପ୍ରତିକୂଳ ପରିବେଶ ସତ୍ତ୍ୱେ ସେମାନେ ଅନ୍ତତଃ ଜଣକ ସହିତ ନିବିଡ଼ ସଂପର୍କ ସ୍ଥାପନ କରନ୍ତି । ନିବିଡ଼ ସଂପର୍କର ଅନ୍ୱେଷଣ ଶେଷରେ ଯେଉଁ ବ୍ୟକ୍ତିଙ୍କ ସହିତ ଏପରି ଅନ୍ତରଙ୍ଗତା ଜନ୍ମେ, ସେ ଦକ୍ଷ ଓ ସମ୍ବେଦନଶୀଳ ବ୍ୟକ୍ତି । ଏପରି ବ୍ୟକ୍ତିଙ୍କର ନିଜ ଭାବ ଓ ଆଦର୍ଶ ଉପରେ ନିୟନ୍ତ୍ରଣ ରହିଥାଏ । କିଶୋରୀ କିଶୋରୀମାନଙ୍କର ମରୁ ପରିବେଶରେ ଏ ହେଉଛନ୍ତି ମରୁଦ୍ୟାନ । ଏପରି ବ୍ୟକ୍ତି ଜଣକ ପିଲା ବା କିଶୋର କିଶୋରୀମାନଙ୍କର ବିଶ୍ୱାସବୋଧ ଜନ୍ମାନ୍ତି । ସେମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ବିକାଶ ଦିଗରେ ମାର୍ଗ ଦର୍ଶନ କରନ୍ତି ।

ବହୁ କ୍ଷେତ୍ରରେ ଅଭେଦ୍ୟ କିଶୋର ପାଇଁ ମରୁଦ୍ୟାନର ଭୂମିକା ନିର୍ବାହ କରୁଥିବା ଏହି ବ୍ୟକ୍ତି ତାହାର ପିତା କିମ୍ବା ମାତା ହୋଇନଥାନ୍ତି । ସେ ହୁଏତ ପରିବାରର ଅନ୍ୟ ଏକ ବୟସ୍କ ବ୍ୟକ୍ତି ହୋଇପାରନ୍ତି । ମଉସା, ପିଇସା ବା ମାମୁଁ ହୋଇପାରନ୍ତି । ପିଉସୀ, ମାଉସୀ କିମ୍ବା ମାଇଁ ହୋଇପାରନ୍ତି । ଏପରି ବ୍ୟକ୍ତି ପରିବାର ବାହାରେ ଏକ ଅନ୍ୟ କୌଣସି ବୟସ୍କ ବ୍ୟକ୍ତି ହୋଇପାରନ୍ତି । ଗ୍ରାମର କୌଣସି ବ୍ୟକ୍ତି, ମନ୍ଦିରର ପୂଜକ, ପାଠାଗାରର ପରିଚାଳକ କିମ୍ବା ସେହିପରି କୌଣସି ଏକ ସମ୍ବେଦନଶୀଳ ଲୋକ ହୋଇପାରନ୍ତି । ଶିକ୍ଷକ ଏପରି ଭୂମିକା

Digitized by srujanika@gmail.com

ନିର୍ବାହ କରିବାର ବହୁ ଉଦାହରଣ ରହିଛି । ମୋଟଉପରେ ଏପରି ବ୍ୟକ୍ତିଙ୍କ ସହିତ ଜନ୍ମଗତ ସଂପର୍କ ଥାଇପାରେ କିମ୍ବା ନଥାଇପାରେ । କିନ୍ତୁ ସେ ବ୍ୟକ୍ତି ଜଣକ ଅଭେଦ୍ୟ କିଶୋର ପାଇଁ ଆଦର୍ଶ ବ୍ୟକ୍ତିତ୍ୱର ସ୍ଥାନ ନିଅନ୍ତି ।

ଲକ୍ଷ୍ୟ କରାଯାଇପାରିବ ଯେ, ଅଭେଦ୍ୟ କିଶୋର କିଶୋରୀ କୌଣସି ସଫଳତା ବା ବିଶେଷ କୃତିର ଅଧିକାରୀ ହେଲେ ସେମାନେ ନିଜର ପିତାମାତାଙ୍କୁ ପ୍ରଥମେ ନଜଣାଇ ଏପରି ବ୍ୟକ୍ତିଙ୍କୁ ଜଣାନ୍ତି । ସ୍କୁଲରେ ପୁରସ୍କାର ପାଇଲେ ଦୌଡ଼ିଯାଇ ଏପରି ବ୍ୟକ୍ତି ପାଖରେ ପ୍ରଥମେ ପ୍ରକାଶ କରନ୍ତି । ସେମାନେ ନିଜର ମନ ଦୁଃଖ ମଧ୍ୟ ଏଠାରେ ପ୍ରଥମେ ପ୍ରକାଶ କରି ନିଜକୁ ହାଲୁକା କରନ୍ତି । ସୁତରାଂ ପିତାମାତା ତଥା ନିକଟସ୍ଥ ପରିବେଶର ଜଣେ ବ୍ୟକ୍ତିଙ୍କ ସହିତ ଆତ୍ମିକ ସଂପର୍କ ସଂରକ୍ଷକ ଉପାଦାନର କାର୍ଯ୍ୟକରେ ।



Digitized by srujanika@gmail.com

ଅନନ୍ୟ ସାଧାରଣ କିଶୋର କିଶୋରୀ

ପ୍ରତି ସମାଜରେ ସ୍କୁଲ, କଲେଜରେ ଯେଉଁ ଶିକ୍ଷା ବ୍ୟବସ୍ଥାର ଆୟୋଜନ କରାଯାଇଥାଏ, ତାହା ମୁଖ୍ୟତଃ ସାଧାରଣ ବର୍ଗର ପିଲା ଓ କିଶୋର କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ । ସାଧାରଣ ସାମର୍ଥ୍ୟର ବାହାରେ ରହିଯାଉଥିବା ଭିନ୍ନକ୍ଷମ କିଶୋର କିଶୋରୀମାନଙ୍କ ପାଇଁ ଆମକୁ ଯେପରି ଏହି ସାଧାରଣ ଶିକ୍ଷା ବ୍ୟବସ୍ଥାର କିଛିଟା ପରିବର୍ତ୍ତନ କରିବାକୁ ହୁଏ, ପ୍ରତିଭାଶାଳୀ କିଶୋର କିଶୋରୀମାନଙ୍କ ପାଇଁ ସେହିପରି ଭିନ୍ନ ଧରଣର ଆୟୋଜନ ଆବଶ୍ୟକ ହୁଏ ।

ପ୍ରତିଭାଶାଳୀ କିଶୋର କିଶୋରୀମାନଙ୍କର ବୁଦ୍ଧିମତ୍ତା ଅନନ୍ୟ ସାଧାରଣ । ମନୋବୈଜ୍ଞାନିକ ପରିଭାଷାରେ ୧୩୦ ବା ତାହାଠାରୁ ଅଧିକ ବୁଦ୍ଧିଅଙ୍କ ଦର୍ଶାଉଥିବା ପିଲା ଓ କିଶୋର କିଶୋରୀମାନଙ୍କୁ ଅନନ୍ୟ ସାଧାରଣ କୁହାଯାଏ । ଏହା ସହିତ ଏମାନେ କଳା, ସାହିତ୍ୟ, ଚିତ୍ରଶିଳ୍ପ, ବିଜ୍ଞାନ, ଗଣିତ ବା ଅନ୍ୟ କୌଣସି କ୍ଷେତ୍ରମଧ୍ୟରୁ ଅନ୍ତତଃ ଗୋଟିଏ କିମ୍ବା ଏକାଧିକ କ୍ଷେତ୍ରରେ ଗଭୀର ପାରଦର୍ଶିତା ପ୍ରଦର୍ଶନ କରନ୍ତି । ବୁଦ୍ଧିଅଙ୍କ ୧୩୦ ବା ତାହାଠାରୁ ଅଧିକ ଏକ ନିର୍ଣ୍ଣାୟକ ସୂଚକ ହୋଇଥିବାରୁ ଏହାର ବ୍ୟବହାରିକ ତାତ୍ପର୍ଯ୍ୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେବା ପ୍ରାସଙ୍ଗିକ ହେବ । ବୁଦ୍ଧିଅଙ୍କ ୧୦୦ କହିବାର ତାତ୍ପର୍ଯ୍ୟ ହେଉଛି ଯେ ପିଲାଟିର ବୁଦ୍ଧି ସେ ସମାଜ ଓ ସାଂସ୍କୃତିକ ପରିପ୍ରେକ୍ଷୀରେ ପୂରାପୂରି ସାଧାରଣ । ଦଶ ବର୍ଷର ପିଲାଟି ସମାଜର ଦଶବର୍ଷର ପିଲାମାନଙ୍କର ସାମର୍ଥ୍ୟ ଦର୍ଶାଉଥିଲେ ବୁଦ୍ଧିଅଙ୍କ ୧୦୦ ବିଚାର କରାଯିବ । ସତର ବର୍ଷର କିଶୋରଟି ସେ ସମାଜର ସତର ବର୍ଷର କିଶୋରମାନଙ୍କର ସାମର୍ଥ୍ୟ ଦର୍ଶାଇଲେ ବୁଦ୍ଧିଅଙ୍କ ୧୦୦ ରହିବ । ସେହିପରି ପନ୍ଦର ବର୍ଷର କିଶୋରୀଟି ସେ ସମାଜର ପନ୍ଦରବର୍ଷର କିଶୋରୀମାନଙ୍କର ଦକ୍ଷତା ପ୍ରଦର୍ଶନ କଲେ ବୁଦ୍ଧିଅଙ୍କ ୧୦୦ ଧରାଯିବ ।

ଏ ପରିପ୍ରେକ୍ଷୀରେ ବୁଦ୍ଧିଅଙ୍କ ୧୩୦ କହିବାର ତାତ୍ପର୍ଯ୍ୟ ହେଉଛି ଯେ ପିଲାଟି ଦଶବର୍ଷର ହେଲେ ମଧ୍ୟ ସେ ୧୩ ବର୍ଷ ବୟସର ପିଲାମାନଙ୍କର ଦକ୍ଷତା ଦର୍ଶାଏ । ସେହିପରି ୨୦ ବର୍ଷର ତରୁଣଟିଏ ୨୬ବର୍ଷର ଯୁବକର ସାମର୍ଥ୍ୟ ଦର୍ଶାଇଲେ ବୁଦ୍ଧିଅଙ୍କ ୧୩୦ ବୋଲି ଗୃହୀତ ହେବ । ମୋଟଉପରେ ନିଜର ଜନ୍ମଗତ ବୟସ ତୁଳନାରେ ଉଚ୍ଚତର ବୟସ ବିଶିଷ୍ଟ କିଶୋର କିଶୋରୀଙ୍କ ସାମର୍ଥ୍ୟ ପ୍ରଦର୍ଶନ କରିବା ହେଉଛି ସାଧାରଣ ଦକ୍ଷତାର ଉର୍ଦ୍ଧ୍ୱକୁ ଯିବାର ଏକ ସ୍ପଷ୍ଟ ସୂଚନା । ଏହି ବ୍ୟବଧାନ ଯେତେ ବେଶୀ ବୃଦ୍ଧିପାଇବ, ଅନନ୍ୟତାର ମାତ୍ରା ସେତେ ଅଧିକ ପ୍ରତିଫଳିତ ହେବ ।

Digitized by srujanika@gmail.com

ଅତୀତରେ ପ୍ରତିଭା ଓ ଅନନ୍ୟତାର ମୁଖ୍ୟ ସୂଚକ ରୂପେ ଉଚ୍ଚ ବୁଦ୍ଧିମତ୍ତାର ସ୍ତରକୁ ଗ୍ରହଣ କରାଯାଉଥିଲେ ମଧ୍ୟ ଆଧୁନିକ ଯୁଗରେ ମନୋବିଜ୍ଞାନୀମାନେ ଆଉ ଦୁଇଟି ଉପାଦାନ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି । ପ୍ରଥମଟି ହେଉଛି ସୃଜନଶୀଳତା (Creativity) । ବିଶେଷତଃ ଅତୀତରେ ବୁଦ୍ଧିମତ୍ତା କହିଲେ ମୁଖ୍ୟତଃ ଯୁକ୍ତିଯୁକ୍ତ କାରଣ ନିର୍ଦ୍ଦେଶ କରିବାର ଦକ୍ଷତାକୁ ବୁଝାଯାଉଥିଲା । ଏ ପ୍ରକାର ଯୁକ୍ତିଯୁକ୍ତତାଧର୍ମୀ ବୁଦ୍ଧିମତ୍ତା (Rational Intelligence) ଏବେ ମଧ୍ୟ ବହୁ ବୁଦ୍ଧି ମାପକରେ ମାପ କରାଯାଏ । କିନ୍ତୁ ଅଧିକରୁ ଅଧିକ ବିଶେଷଜ୍ଞମାନେ ବର୍ତ୍ତମାନ ବୁଦ୍ଧିମତ୍ତାର ବହୁରୂପକୁ (Multiple Inteligece) ସ୍ୱୀକାର କଲେଣି । କଳା, ସାହିତ୍ୟ, ସଙ୍ଗୀତ, ଶରୀର କୌଶଳ ଏବଂ ଗଣିତ ପରି ବହୁ କ୍ଷେତ୍ରରେ ଭିନ୍ନ ଭିନ୍ନ ଧରଣର ସାମର୍ଥ୍ୟକୁ ବୁଦ୍ଧିମତ୍ତାର ପରିପ୍ରକାଶ ବୋଲି କ୍ରମଶ ସ୍ୱୀକାର କରାଯାଉଛି । ଏ ଦୃଷ୍ଟିରୁ କେବଳ ଯୁକ୍ତିଯୁକ୍ତତାକୁ (Reasoning) ଏକମାତ୍ର ସୂଚକ ରୂପେ ଗ୍ରହଣ ନକରି ପ୍ରତିଭାର ବହୁସୂଚକ ତତ୍ତ୍ୱକୁ ସ୍ୱୀକାର କରାଯାଉଛି ।

ଦ୍ୱିତୀୟତଃ ଅନନ୍ୟତାର ଅନ୍ୟତମ ସୂଚକ ରୂପେ ଅଙ୍ଗୀକାରବଦ୍ଧତାକୁ (Commitment) ସ୍ୱୀକୃତି ଦିଆଯାଉଛି । ଅନନ୍ୟ ସାଧାରଣ ପିଲା ଓ କିଶୋର କିଶୋରୀ ନିଜର ପ୍ରିୟ କାର୍ଯ୍ୟରେ ଦୀର୍ଘସମୟ ନିମଜ୍ଜିତ ରୁହନ୍ତି । ତଲ୍ଲୀନତାର ଭାବ ସେମାନଙ୍କୁ ଆଚ୍ଛନ୍ନ ରଖେ । କାର୍ଯ୍ୟରେ ମଜ୍ଜି ରହିଥିବା ସମୟରେ ସମୟର ପ୍ରବାହ ଓ ସମୟର ଦୀର୍ଘତା ସେମାନେ ଅନୁଭବ କରି ନ ଥାନ୍ତି । ସୁତରାଂ ବୁଦ୍ଧିମତ୍ତା ସହିତ ସୃଜନଶୀଳତା ଏବଂ ଅଙ୍ଗୀକାରବଦ୍ଧତାକୁ ପ୍ରତିଭାର ସ୍ୱାକ୍ଷର ରୂପେ ଗ୍ରହଣ କରିବା ସମୀଚୀନ ହେବ ।

ଅନନ୍ୟ ସାଧାରଣ କିଶୋର କିଶୋରୀମାନଙ୍କର ଚାରୋଟି ବ୍ୟବହାରିକ ବୈଶିଷ୍ଟ୍ୟ ସୁସ୍ପଷ୍ଟ । ପ୍ରଥମତଃ ଏମାନଙ୍କର ଦକ୍ଷତାର ପରିପ୍ରକାଶ କ୍ଷେତ୍ରରେ ଏକପ୍ରକାର ସ୍ୱତଃସ୍ଫୂର୍ତ୍ତ ବିକାଶ ଲକ୍ଷ୍ୟ କରାଯାଏ । ଉପଯୋଗୀ ପରିବେଶ ସଂସର୍ଗରେ ଆସିବା ମାତ୍ରେ ଏମାନଙ୍କର ସ୍ୱଭାବସୁଲଭ ଗୁଣ ସହଜରେ ବିକଶିତ ହୋଇଉଠେ । ଏଥିପାଇଁ ଦୀର୍ଘ ଓ ଗଭୀର ପ୍ରଶିକ୍ଷଣ ଆବଶ୍ୟକ ହୁଏ ନାହିଁ । ଅନ୍ୟମାନଙ୍କ ତୁଳନାରେ ଏମାନେ କ୍ଷିପ୍ରଗତିରେ ଶିକ୍ଷା କରନ୍ତି । ସହଜ ସାବଲୀଳ ଭଙ୍ଗୀରେ ପଲ୍ଲବନ ପ୍ରକ୍ରିୟା ରୂପ ନିଏ ।

ଦ୍ୱିତୀୟତଃ ଏମାନଙ୍କ କାର୍ଯ୍ୟକଳାପରେ ଗୁଣାତ୍ମକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ସାଧାରଣ କିଶୋର କିଶୋରୀମାନେ ଯେଉଁ ସବୁ ଶୈଳୀରେ କାର୍ଯ୍ୟ ସମ୍ପାଦନ କରନ୍ତି, ସେମାନଙ୍କର ରୀତି ସମ୍ପୂର୍ଣ୍ଣ ଭିନ୍ନ ଧରଣର ହୋଇଥାଏ । ଅନ୍ୟମାନଙ୍କର ସାହାଯ୍ୟର ପ୍ରୟୋଜନ କମ୍ ଏବଂ ବିସ୍ତୃତ ତାଲିମ ବା ପ୍ରଶିକ୍ଷଣର ଆବଶ୍ୟକତା ମଧ୍ୟ ଏମାନଙ୍କ ପାଇଁ କମ୍ ହୋଇଥାଏ ।

ଏକ ଗଭୀର ଓ ଅଦମ୍ୟ ପିପାସା ଏମାନଙ୍କ କାର୍ଯ୍ୟ ପ୍ରଣାଳୀରେ ପରିଦୃଷ୍ଟ ହୁଏ । ଏମାନଙ୍କର ଆଗ୍ରହ ଅସୀମ ଓ ପରିଶ୍ରମ କ୍ଳାନ୍ତିହୀନ । ବାହ୍ୟ ଆକର୍ଷଣ ଦ୍ୱାରା ବିକ୍ଷିପ୍ତତା ଅନୁଭବ ନ କରି ମୂଳ ଲକ୍ଷ୍ୟଟି ପ୍ରତି ଅଭିନିବିଷ୍ଟ ରହନ୍ତି । କାମଟି ପାଇଁ ଆଗକୁ ଠେଲିବାର

Digitized by srujanika@gmail.com

ଆବଶ୍ୟକତା ପିତାମାତା ଅନୁଭବ କରି ନଥାନ୍ତି । ଏମାନଙ୍କର ଅଭିପ୍ରେରଣା (Motivation) ମୁଖ୍ୟତଃ ଆଭ୍ୟନ୍ତରୀଣ । ବାହ୍ୟ ପ୍ରଲୋଭନ ବା ପୁରସ୍କାର ପରିବର୍ତ୍ତେ ଅନ୍ତର୍ନିହିତ ଆନନ୍ଦ ଏମାନଙ୍କୁ ସକ୍ରିୟ ରଖେ ।

ଚତୁର୍ଥତଃ, ଏମାନଙ୍କର ସୂଚନା ଗ୍ରହଣ, ସଜ୍ଜୀକରଣ ଏବଂ ଉପଯୋଗରେ ନୂତନତ୍ୱ ରହିଥାଏ । ଏମାନେ ଯଥାସମ୍ଭବ ଅଧିକ ଜ୍ଞାନ ଓ ସୂଚନା ସଂଗ୍ରହ କରନ୍ତି । ସେସବୁକୁ ମସ୍ତିଷ୍କରେ ସଂଗଠିତ ଭାବରେ ସାଇତି ରଖନ୍ତି । ଅଭିନବ କୌଶଳ ପ୍ରୟୋଗ କରି ସେସବୁ ସୂଚନାର ଉପଯୋଗ କରନ୍ତି ।

କହିବା ଅନାବଶ୍ୟକ ଯେ ଏପରି ଅନନ୍ୟ ସାଧାରଣ କିଶୋର କିଶୋରୀମାନଙ୍କର ପରିଚାଳନା ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ । ପରିବାର, ବିଦ୍ୟାଳୟ ବା ମହାବିଦ୍ୟାଳୟ ଏବଂ ପରିବେଶରେ ଏମାନେ ସମ୍ମୁଖୀନ ହେଉଥିବା କାର୍ଯ୍ୟସବୁ ଆହ୍ୱାନପୂର୍ଣ୍ଣ (Challenging) ହେବା ବିଧେୟ । ଏପରି ଆହ୍ୱାନ ଓ ସମ୍ବେଦନର ଅଭାବ ଘଟିଲେ ବିରକ୍ତି, ହତାଶା ଓ ବିଷାଦର କବଳିତ ହେବାର ଆଶଙ୍କା ରହିଛି । ଏମାନଙ୍କର ଉଚ୍ଚଆକାଂକ୍ଷା ସହିତ ସମତାଳ ଦେଇ ଉପଯୋଗ ପରିବେଶ ଗଠନ କରିବାକୁ ହେବ । ଏହାର ଅଭାବରେ ସମସ୍ୟା ଉପୁଜିବାର ଆଶଙ୍କା ରହିଛି । ସେଥିପାଇଁ ସାଧାରଣ ପିଲାଙ୍କ ସଂଖ୍ୟା ତୁଳନାରେ ସାଧାରଣ ବର୍ଗରୁ ଆତ୍ମହତ୍ୟା କରୁଥିବା କିଶୋର କିଶୋରୀଙ୍କ ଅନୁପାତରେ ଅନନ୍ୟ ସାଧାରଣ କିଶୋର କିଶୋରୀମାନେ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରନ୍ତି । ସୁତରାଂ ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀ ସାଧାରଣ ପିଲା ଓ କିଶୋର କିଶୋରୀମାନଙ୍କୁ ଯେଉଁସବୁ ନିତ୍ୟ ନୈମିତ୍ତିକ ପ୍ରଶିକ୍ଷଣ ଦିଅନ୍ତି, ସେସବୁ ତାଲିମଦେବାର ଆବଶ୍ୟକତା ନ ଥିଲେ ମଧ ଉଚ୍ଚତର ସଂକଳ୍ପ ଓ ଅଭୀପ୍ସାର ପରିପୂରଣ ପାଇଁ ଆହ୍ୱାନମୂଳ କର୍ମଯୋଜନା ଓ ପରିବେଶଗଠନ ଉପରେ ଗୁରୁତ୍ୱ ଆରୋପ କରିବାର ଯଥେଷ୍ଟ ପ୍ରୟୋଜନୀୟତା ରହିଛି ।

❑

Digitized by srujanika@gmail.com

ଲକ୍ଷ୍ୟସାଧନର ଅନ୍ତରାଳେ

ଆଧୁନିକ ଜୀବନଶୈଳୀରେ ସଫଳତାର ମାପକାଠି ଏକ ବିଚାରକର ଭୂମିକା ନେଇ ଆମର ବାଟରେ ଠିଆ ହେଲା ପରି ମନେହୁଏ । ଅନ୍ୟମାନଙ୍କ ତୁଳନାରେ ଆମର ସଫଳତାର ମାତ୍ରା କମ୍ କି ବେଶୀ, ତାହାର ବିଚାରକୁ ଏଡ଼ାଇଯିବା ଅନେକଙ୍କ ପକ୍ଷେ ସମ୍ଭବ ନୁହେଁ । ବିଶେଷତଃ କୈଶୋର ଜୀବନରେ ସଫଳତାର ପ୍ରଶ୍ନ ସହିତ ଜୀବନର ସୁଖଦୁଃଖ ବେଶ୍ ସମ୍ବନ୍ଧିତ । ଆଜିର ସାମାଜିକ ବ୍ୟବସ୍ଥା ଏବଂ ଶିକ୍ଷାୟତନର ନୂଆ ନୂଆ ଆହ୍ୱାନ କିଶୋର କିଶୋରୀମାନଙ୍କୁ ଅଧିକ ଭୂମିକା ଅର୍ପଣ କରିଛି । ଆକର୍ଷଣୀୟ ବୃତ୍ତିମାଧ୍ୟମରେ ନିଜର ଆତ୍ମପରିଚିତିକୁ ପ୍ରକାଶ୍ୟ ରୂପ ଦେବାର ଇଚ୍ଛା ବଳବତୀ ହେବାରେ ଲାଗିଛି । ଏ ପରିପ୍ରେକ୍ଷୀରେ କିଶୋର କିଶୋରୀମାନେ ଅନୁଭବ କରିବାକୁ ଆରମ୍ଭ କରନ୍ତି ଯେ ବର୍ତ୍ତମାନ ହିଁ ଜୀବନର ଖେଳ ଖେଳିବାର ପ୍ରକୃଷ୍ଟ ସମୟ ।

ସଫଳତାର ସ୍ୱାଦୁ ଆସ୍ୱାଦନ କରିବାର ଇଚ୍ଛା ତୀବ୍ରତର ହେଉଥିବା ସମୟରେ ଲକ୍ଷ୍ୟସାଧନର କ୍ଷେତ୍ରସବୁ ବିସ୍ତାରିତ ହେବାକୁ ଲାଗେ । ସମୟ ସମୟରେ ବିଭିନ୍ନ ଲକ୍ଷ୍ୟ ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘର୍ଷ ମଧ୍ୟ ଉପୁଜେ । କିଶୋର ବା କିଶୋରୀଟି ନିଜର ବିଦ୍ୟାଳୟର ଶିକ୍ଷାଗତ କାର୍ଯ୍ୟକ୍ରମରେ ଅଭିନିବିଷ୍ଟ ରହିବ କି ସଂଗୀତକଳାରେ ପାରଦର୍ଶୀ ହେବ, ତାହାର ଦ୍ୱନ୍ଦ୍ୱ ତା'ମନରେ ଅସ୍ଥିରତା ସୃଷ୍ଟି କରେ । ଏ କ୍ଷେତ୍ରରେ କେବଳ ଉଚ୍ଚ ବୁଦ୍ଧିମତ୍ତା ସହାୟକ ହୋଇ ନଥାଏ । ଅନେକ ସମୟରେ ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ କିଶୋର କିଶୋରୀ ସ୍ଥିରତା ରକ୍ଷା କରି ନ ପାରି ପଥଭ୍ରଷ୍ଟ ହୁଅନ୍ତି । ଅନ୍ୟ ପକ୍ଷରେ ସାଧାରଣ ବୁଦ୍ଧିସମ୍ପନ୍ନ କିଶୋର କିଶୋରୀ ଅଭିପ୍ରେରଣାର (Motivation) ଉଚିତ ପରିଚାଳନା ଫଳରେ ଲକ୍ଷ୍ୟସାଧନମୁଖୀ ହୁଅନ୍ତି ଏବଂ ଉନ୍ନତମାନର କାର୍ଯ୍ୟ ସମ୍ପାଦନ କରନ୍ତି । ଉଚ୍ଚମାନର କର୍ମସମ୍ପାଦନ ଏବଂ ସଫଳତା ହାସଲ କରୁଥିବା କିଶୋର କିଶୋରୀମାନଙ୍କର ବୈଶିଷ୍ଟ୍ୟ ଆଲୋଚନା କରିବାକୁ ହେବ । ଏ ପରିପ୍ରେକ୍ଷୀରେ ଅଭିପ୍ରେରଣାର (Motivation) ତାତ୍ପର୍ଯ୍ୟ ଖୁବ୍ ପ୍ରାସଙ୍ଗିକ ।

ଅଭିପ୍ରେରଣା ପ୍ରକ୍ରିୟା

ଅଭିପ୍ରେରଣା (Motivation) ପ୍ରକ୍ରିୟାଟିକୁ ଠିକ୍ ରୂପେ ବୁଝିବା ପାଇଁ **ବାହ୍ୟିକ ଅଭିପ୍ରେରଣା** (External Motivation) ଏବଂ **ଅନ୍ତର୍ନିହିତ ଅଭିପ୍ରେରଣା** ମଧ୍ୟରେ ପାର୍ଥକ୍ୟ ଜାଣିବାକୁ ହେବ । ଏହା ସର୍ବସ୍ୱୀକୃତ ଯେ ଆମର କାର୍ଯ୍ୟ, ଆଚରଣ ଓ ବ୍ୟବହାର ମୂଳରେ କିଛି

Digitized by srujanika@gmail.com

ପ୍ରୋତ୍ସାହନ (Reinforcement) ସକ୍ରିୟ ଥାଏ । ଆମେ ଚାହିଦା ପୂରଣ ପାଇଁ କିଛି କାର୍ଯ୍ୟକରୁ କିମ୍ବା ବ୍ୟବହାର ଦର୍ଶାଇଥାଉ । ପୁରସ୍କାର ପ୍ରାପ୍ତି ଆଶାରେ କିଛି କରୁ କିମ୍ବା ଶାସ୍ତି ବା ତିରସ୍କାର ଏଡ଼ାଇବା ପାଇଁ କିଛି କରୁ । ପୁରସ୍କାର ବା ଶାସ୍ତିବିଧାନ ପରି ଅବସ୍ଥା ବାହ୍ୟଜଗତରୁ ଆସିଥାଏ । ତେଣୁ ଏଗୁଡ଼ିକ ବାହ୍ୟିକ ଅଭିପ୍ରେରଣା । ସେହିପରି ଶ୍ରେଣୀରେ କିମ୍ବା ପରୀକ୍ଷାରେ କୃତିତ୍ୱ ଦର୍ଶାଇ ଭଲ ନମ୍ବର ପାଇବା କିମ୍ବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶଂସା ପାଇଁ ପାଇବା ମଧ୍ୟ ବାହ୍ୟିକ ଅଭିପ୍ରେରଣା । ଅନ୍ୟ ପକ୍ଷରେ ଗୋଟିଏ ଆହ୍ୱାନମୂଳକ (Challenging) କାର୍ଯ୍ୟ ଶେଷକରି ଯେଉଁ ମାନସିକ ତୃପ୍ତି ମିଳେ, ତାହା ଅନ୍ତର୍ନିହିତ ଅଭିପ୍ରେରଣା । "ମୁଁ କାମଟି ଠିକ୍ ସମୟରେ ଶେଷ କରିପାରିଛି" – ଏପରି ଏକ ସନ୍ତୋଷଭାବ ମଧ୍ୟ ଅନ୍ତର୍ନିହିତ ଅଭିପ୍ରେରଣା । ଏହା ବାହାରୁ ନ ଆସି ଆନ୍ତର୍ଜଗତରୁ ଆସୁଥିବାରୁ ତାହାର ଏପରି ନାମକରଣ କରାଯାଇଛି ।

ଉଚ୍ଚତର ଏବଂ ଦୀର୍ଘକାଳୀନ ସଫଳତା ପ୍ରଦର୍ଶନ କରୁଥିବା କିଶୋର କିଶୋରୀମାନେ ଅନ୍ତର୍ନିହିତ ଅଭିପ୍ରେରଣା ଦ୍ୱାରା ଅଧିକ ସକ୍ରିୟତା ଲାଭ କରନ୍ତି । ବାହ୍ୟଜଗତର ପ୍ରଶଂସା, ପାରିତୋଷିକ ଓ ପୁରସ୍କାର ପରିବର୍ତ୍ତେ ଆତ୍ମସଂକଳ୍ପ, ଅନୁସନ୍ଧିତ୍ସା, କାର୍ଯ୍ୟକରିବାର ତୃପ୍ତି ଏବଂ ଆହ୍ୱାନକୁ ମୁକାବିଲା କରିବାର ଦୃଢ଼ ମାନସିକତା ଅନ୍ତର୍ନିହିତ ଅଭିପ୍ରେରଣାର କାର୍ଯ୍ୟ କରେ ।

ଅନ୍ତର୍ନିହିତ ଅଭିପ୍ରେରଣା କ୍ଷେତ୍ରରେ ତିନୋଟି ଉପାଦାନ ସଂଶ୍ଳିଷ୍ଟ ଥାଏ । ପ୍ରଥମତଃ ଅନ୍ତର୍ନିହିତ ଅଭିପ୍ରେରଣାରେ ଚାଳିତ ହେଉଥିବା କିଶୋର କିଶୋରୀମାନେ ଏକ ପ୍ରକାର ଆତ୍ମସଂକଳ୍ପର ଅନୁଭବ ପାଆନ୍ତି । ସେମାନେ ଅନୁଭବ କରନ୍ତି ଯେ କାର୍ଯ୍ୟଟି ତାଙ୍କ ଉପରେ ଲଦି ଦିଆଯାଇନାହିଁ । ନିଜ ଇଚ୍ଛାରେ ସେମାନେ ଏ କାର୍ଯ୍ୟ କରୁଛନ୍ତି । କାର୍ଯ୍ୟଟିର ଚୟନ ସେମାନେ ଇଚ୍ଛାପୂର୍ବକ କରିଛନ୍ତି ।

ଦ୍ୱିତୀୟ ଉପାଦାନଟି ରୁଚି ଆଗ୍ରହ (Interest) । ଅନ୍ତର୍ନିହିତ ପ୍ରେରଣାରେ ପ୍ରେରିତ ହୋଇଥିବା କିଶୋର କିଶୋରୀମାନେ ପୁନଶ୍ଚ ଉପଲବ୍ଧି କରନ୍ତି ଯେ ସେମାନେ ତାଙ୍କର ରୁଚି ଥିବା କାର୍ଯ୍ୟଟି କରୁଛନ୍ତି । ଏଥିରେ ତାଙ୍କର ଆଗ୍ରହ ରହିଛି ।

ତୃତୀୟ ଉପାଦାନଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମନୋବୈଜ୍ଞାନିକ ପରିଭାଷାରେ ଏହାକୁ ତଲ୍ଲୀନତା (Flow) କୁହାଯାଉଛି । ଏହା ହେଉଛି କାର୍ଯ୍ୟରେ ନିମଜ୍ଜିତ ରହିବାର ମନୋଭାବ । *ତଲ୍ଲୀନତା* (Flow Experience) *ଅନୁଭବ କରୁଥିବା କିଶୋର କିଶୋରୀ କାର୍ଯ୍ୟଟିରେ ଏପରି ମଗ୍ନ ରୁହନ୍ତି ଯେ ସମୟର ପ୍ରବାହ ସହଜରେ ଜାଣିହୁଏ ନାହିଁ ।* ଅବଶ୍ୟ ଯେ କୌଣସି କାର୍ଯ୍ୟରେ ଏପରି ନିମଗ୍ନତା ଆସିବା ସମ୍ଭବ ନୁହେଁ । ନିମଗ୍ନତାଭାବ ପାଇଁ କାର୍ଯ୍ୟଟି ଆହ୍ୱାନମୂଳକ ହେବା ସଙ୍ଗେ ସଙ୍ଗେ କାର୍ଯ୍ୟକରୁଥିବା ବ୍ୟକ୍ତିର ଏ ଦିଗରେ ଉଚ୍ଚ ଆତ୍ମସାମର୍ଥ୍ୟବୋଧ ରହିଥିବା ଆବଶ୍ୟକ । ଚିତ୍ରରେ ତାହାକୁ ସ୍ପଷ୍ଟରୂପେ ପ୍ରକାଶ କାରାଯାଇପାରେ ।

Digitized by srujanika@gmail.com

ନିଜର ସାମର୍ଥ୍ୟ ସମ୍ପର୍କରେ ଧାରଣା

	ନୀଚ	ଉଚ୍ଚ
ଆହ୍ୱାନର ମାତ୍ରା	ଉଦାସୀନତା	ବିରକ୍ତି
	ଉଦ୍‌ବେଗ	ତଲ୍ଲୀନତା

ଲକ୍ଷ୍ୟ କରିବାର କଥା ଯେ କାର୍ଯ୍ୟଟି ଆହ୍ୱାନମୂଳକ ହୋଇଥିଲେ ମଧ୍ୟ ବ୍ୟକ୍ତିର ଉଚ୍ଚ ଆତ୍ମସାମର୍ଥ୍ୟବୋଧ ନ ଥିଲେ ତାହା କେବଳ ଉଦ୍‌ବେଗ ବା ଉତ୍‌କଣ୍ଠା (Anxiety) ଜନ୍ମାଇବ । ଅନ୍ୟ ପକ୍ଷରେ କିଶୋର କିଶୋରୀମାନଙ୍କର ଉଚ୍ଚ ଆତ୍ମସାମର୍ଥ୍ୟବୋଧର ଅଧିକାରୀ ହୋଇ ଆହ୍ୱାନମୂଳକ କାର୍ଯ୍ୟର ସମ୍ମୁଖୀନ ନ ହେଲେ ବିରକ୍ତି ଉପୁଜିବ । ଆହ୍ୱାନମୂଳକ କାର୍ଯ୍ୟର ଅଭାବ ଏବଂ ଆତ୍ମସାମର୍ଥ୍ୟବୋଧର ଅଭାବ ଉଦାସୀନତା ସୃଷ୍ଟି କରିବ । ସୁତରାଂ ସଫଳତାକାମୀ କିଶୋର କିଶୋରୀମାନେ ନିଜର ଆତ୍ମସାମର୍ଥ୍ୟବୋଧକୁ ଉଚ୍ଚ ସ୍ତରରେ ରଖିବା ସଙ୍ଗେ ସଙ୍ଗେ ଆହ୍ୱାନମୂଳକ କାର୍ଯ୍ୟକ୍ରମର ସନ୍ଧାନ କରନ୍ତି । ଏ ଦୁଇଟିର ସମାବେଶ ତଲ୍ଲୀନତାର ସୁଯୋଗ ସୃଷ୍ଟିକରେ ଏବଂ ସଫଳତାର ସମ୍ଭାବନା ବୃଦ୍ଧିକରେ ।

ଆତ୍ମସାମର୍ଥ୍ୟବୋଧ ପୂର୍ବରୁ ସୂଚନା ଦିଆଯାଇଛି ଯେ ଉଚ୍ଚ ବୁଦ୍ଧିମତ୍ତାସମ୍ପନ୍ନ ବ୍ୟକ୍ତିମାନେ ସବୁବେଳେ ସଫଳତାର ଅଧିକାରୀ ହୋଇ ନଥାନ୍ତି । ଠିକ୍ ସେହିପରି ଉପଯୋଗୀ ଜ୍ଞାନ ଓ କୌଶଳ ଆହରଣ କରିଥିବା ସବୁ ପିଲା କିମ୍ବା କିଶୋର କିଶୋରୀ ସଫଳତାର ଅଧିକାରୀ ହୋଇ ନଥାନ୍ତି । କୌଶଳ ଆହରଣ (Skill Acquisition) ଏବଂ କୌଶଳର କାର୍ଯ୍ୟକରଣ ମଧ୍ୟରେ ଏକ ସ୍ପଷ୍ଟ ବ୍ୟବଧାନ ରହିଛି । ମନୋବୈଜ୍ଞାନିକ ଗବେଷଣାରୁ ଦେଖାଯାଇଛି ଯେ କୌଶଳ ସମ୍ପାଦନ ବା କାର୍ଯ୍ୟର ସୁସମ୍ପାଦନ ପାଇଁ ଏକ ଉପଯୋଗୀ ବିଶ୍ୱାସବୋଧ ଆବଶ୍ୟକ । *"ମୁଁ ଏ କାର୍ଯ୍ୟଟିକୁ ସଫଳତାର ସହିତ କରିପାରିବି " ଏପରି ବିଶ୍ୱାସ ହେଉଛି ଆତ୍ମସାମର୍ଥ୍ୟବୋଧ* ।

ବାନ୍ଦୁରା ନାମକ ଜଣେ ପ୍ରଖ୍ୟାତ ମନୋବିଜ୍ଞାନୀ ଏହି ଆତ୍ମସାମର୍ଥ୍ୟବୋଧର ଗୁରୁତ୍ୱ ଦର୍ଶାଇଛନ୍ତି । ସେ ପ୍ରାମାଣିକ ତଥ୍ୟ ପ୍ରଦାନ କରି ପ୍ରଖ୍ୟାପନ କରିଛନ୍ତି ଯେ ଉଚ୍ଚ ଆତ୍ମସାମର୍ଥ୍ୟ-ବୋଧର ଅଧିକାରୀ ବ୍ୟକ୍ତି ଓ କିଶୋର କିଶୋରୀମାନେ ସେମାନଙ୍କର ନିଜ ନିଜ କ୍ଷେତ୍ରରେ ଅପୂର୍ବ କାର୍ଯ୍ୟନୈପୁଣ୍ୟ ଓ ସଫଳତା ପ୍ରଦର୍ଶନ କରନ୍ତି ।

ଉଚ୍ଚତର ଆତ୍ମସାମର୍ଥ୍ୟବୋଧର ଉତ୍ସ (Sources) ସମ୍ପର୍କରେ ମନରେ ଅନୁସନ୍ଧିତ୍ସା ଜାତ ହେବା ସ୍ୱାଭାବିକ । ବାନ୍ଦୁରା ଏହାର ଚାରି ପାଞ୍ଚୋଟି ଉତ୍ସ ସୂଚାଇଛନ୍ତି । ସଫଳକାମୀ ଜୀବନ ଗଠନ ପାଇଁ ଏଗୁଡ଼ିକ ଖୁବ୍ ଉପାଦେୟ ।

ପ୍ରଥମତଃ ଉଚ୍ଚତର ଆତ୍ମସାମର୍ଥ୍ୟବୋଧର ବିକାଶ ପାଇଁ ନିଜ ଅନୁଭବର ପରିସରକୁ ବିସ୍ତୃତ କରିବାକୁ ହେବ । ନୂଆ ପରିବେଶ, ନୂତନ ଅଭିଜ୍ଞତା, ଅପରିଚିତ ସମ୍ଭାବନା ଏବଂ

Digitized by srujanika@gmail.com

ଆହ୍ୱାନମୂଳକ ପରିସ୍ଥିତିକୁ ସ୍ୱାଗତ କରିବାକୁ ହେବ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଉଚ୍ଚତର ସଫଳତା କାମନା କରୁଥିବା କିଶୋର କିଶୋରୀମାନେ ବିଭିନ୍ନ ଶିକ୍ଷାମୂଳକ କାର୍ଯ୍ୟକ୍ରମରେ (ଯଥା – ସମ୍ମାନ ବା ଆଲୋଚନାଚକ୍ର) ଯୋଗଦେବାକୁ ଦୂର ଓ ଅପରିଚିତ ଜାଗାକୁ ଯାଆନ୍ତି । ମନରେ ଭୟ ଓ ସଂକୋଚ ଥିଲେ ମଧ୍ୟ ନୂଆ ପରିବେଶରେ ସାମିଲ ହେବାର ସାହସ ବାନ୍ଧନ୍ତି । ଏପରି ସାହସିକତା ଆତ୍ମବିଶ୍ୱାସ ବୃଦ୍ଧି କରେ ।

ଦ୍ୱିତୀୟତଃ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ସମୟରେ ପ୍ରାଥମିକ ପର୍ଯ୍ୟାୟରେ ମଧ୍ୟମମାତ୍ରାର କଷ୍ଟକର କାମ ହାତକୁ ନେବାକୁ ହେବ । ମୂଳରୁ ଖୁବ୍‌ବେଶୀ କଷ୍ଟକର କାମର ଦାୟିତ୍ୱ ନେଲେ ବିଫଳତାର ସମ୍ଭାବନା ଅଧିକ । କ୍ରମାଗତ ବିଫଳତା ମନରେ ଅସହାୟତାବୋଧ (Helplessness) ଉପୁଜାଇବ । ପୁଣି ଅତି ସହଜ କାମର ଦାୟିତ୍ୱ ନେଲେ ସଦାସର୍ବଦା ସଫଳତା ମନରେ ସହଜିଆଭାବ ସୃଷ୍ଟିକରିବ । ପରବର୍ତ୍ତୀ ପର୍ଯ୍ୟାୟରେ କଷ୍ଟକାମରେ ବିଫଳତା ବ୍ୟର୍ଥମନୋଭାବ ଆଣିବ । ସୁତରାଂ ପ୍ରଥମେ ପ୍ରଥମେ ମଧ୍ୟମ ମାତ୍ରାର କଷ୍ଟକର କାର୍ଯ୍ୟ ହାତକୁ ନେଇ ଆତ୍ମବିଶ୍ୱାସ ଦୃଢ଼ କରିବାକୁ ହେବ । ଆତ୍ମସାମର୍ଥ୍ୟବୋଧ ଦୃଢ଼ ହେଲା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ କଷ୍ଟକର କାମ ହାତକୁ ନେବା ଉଚିତ ହେବ ।

ତୃତୀୟତଃ ନିଜର ନିକଟସ୍ଥ ପରିବେଶର ସୁଦକ୍ଷ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ସେମାନଙ୍କୁ ଅନୁକରଣୀୟ ନାୟକ ବା ମଡ଼େଲ (Role Model) ରୂପେ ଗ୍ରହଣ କରିବାକୁ ହେବ । ସାଧାରଣତଃ କିଶୋର କିଶୋରୀମାନେ ନିଜର ପରିବେଶରେ ଏପରି ବ୍ୟକ୍ତିମାନଙ୍କର ସନ୍ଧାନ ପାଇଲେ ମଧ୍ୟ ସେମାନଙ୍କୁ ଭକ୍ତି ଓ ସମ୍ମାନ କରନ୍ତି, ମାତ୍ର ଅନୁକରଣ କରିବାରେ ପ୍ରବୃତ୍ତ ହୁଅନ୍ତି ନାହିଁ । ଏହାର କାରଣ ହେଉଛି ଯେ ସେମାନେ ଏପରି ବ୍ୟକ୍ତିତ୍ୱ ଓ ନିଜ ମଧ୍ୟରେ ସାମଞ୍ଜସ୍ୟ ନ ଦେଖି ବୈଷମ୍ୟ ଦେଖନ୍ତି । "ତାଙ୍କ ଘରେ ସୁବିଧା ଥିବାରୁ ସେ ଏପରି କରିପାରୁଛନ୍ତି" – ଏପରି ଭାବନା ଅନୁକରଣ ପ୍ରବୃତ୍ତିକୁ ଦୁର୍ବଳ କରେ । ଅନ୍ୟ ପକ୍ଷରେ ସାମଞ୍ଜସ୍ୟ ଦେଖିବା ଅଧିକ ଉଚିତ ହେବ । "ତାଙ୍କର ସୁବିଧା ଥିଲେ ଅସୁବିଧା ମଧ୍ୟ ରହିଥିବ । ମୋର ମଧ୍ୟ ସୁବିଧା ଅସୁବିଧା ରହିଛି"– ଏପରି ମାନସିକତା ଫଳରେ ବ୍ୟକ୍ତି ସାମଞ୍ଜସ୍ୟ ଦେଖେ ଏବଂ ଅନୁକରଣ ପାଇଁ ଅଭିପ୍ରେରିତ ହୁଏ । ମୋଟ ଉପରେ ସଫଳକାମୀ କିଶୋର କିଶୋରୀମାନେ ଆଦର୍ଶ ନମୁନା (Role Model) ଏବଂ ସେମାନଙ୍କ ମଧ୍ୟରେ ବୈଷମ ପ୍ରତି ଗୁରୁତ୍ୱ ନ ଦେଇ ସାମଞ୍ଜସ୍ୟ ପ୍ରତି ପ୍ରାଧାନ୍ୟ ଦେବା ଉଚିତ ହେବ ।

ଅନୁକରଣୀୟ ବ୍ୟକ୍ତିଙ୍କୁ ଚିହ୍ନଟ କଲେ ଏବଂ ଯେ ସାମଞ୍ଜସ୍ୟ ପ୍ରତି ଗୁରୁତ୍ୱଆରୋପ କଲେ ଖୁବ୍ ସୁଫଳ ମିଳିବ । ଏପରି ବ୍ୟକ୍ତିତ୍ୱଙ୍କୁ ପର୍ଯ୍ୟବେକ୍ଷଣ କଲେ ଅନେକ ଉପାଦେୟ ସୂଚନା (Information) ମିଳିବ । ସେ କିପରି କାର୍ଯ୍ୟ କରୁଛନ୍ତି, କେଉଁ ଶୈଳୀରେ କଥା କହୁଛନ୍ତି ଏବଂ ଅନ୍ୟସବୁ କୌଶଳ କିପରି ପ୍ରଦର୍ଶନ କରୁଛନ୍ତି, ତାହା ଜାଣିହେବ । ପୁଣି ସେ ମଧ୍ୟ ପ୍ରେରଣାର (Inspiration) ଉତ୍ସ ରୂପେ କାର୍ଯ୍ୟ କରିବେ ।

Digitized by srujanika@gmail.com

ପରିଶେଷରେ କୁହାଯାଇପାରେ ଯେ ଆତ୍ମ-ସାମର୍ଥ୍ୟବୋଧର ଗଠନ ଓ ବିକାଶ ପାଇଁ ଆତ୍ମ-ପ୍ରରୋଚନା ଏବଂ ଅନ୍ୟମାନଙ୍କର ସାମାଜିକ ପ୍ରରୋଚନା ମଧ୍ୟ କାର୍ଯ୍ୟ କରିଥାଏ । ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀ ହୁଏତ କହିଥାନ୍ତି – "ଅନ୍ୟମାନେ ଯଦି କରିପାରୁଛନ୍ତି, ତୁମ ଦ୍ୱାରା ମଧ୍ୟ ଏହା ସମ୍ଭବ ।" ଏପରି ସାମାଜିକ ପ୍ରରୋଚନାର ପୁନରାବୃତ୍ତି ମନରେ ଶକ୍ତି ସଞ୍ଚାର କରେ । ଏହା ସହିତ ନିଜକୁ ନିଜେ ମଧ୍ୟ କହିବାକୁ ହେବ ଯେ "ମୁଁ ପାରିବି" । ଏପରି ଆତ୍ମ-ପ୍ରରୋଚନା ବେଶ୍ ସହାୟକ ହେବ ।

ଲକ୍ଷ୍ୟ ଚୟନ ଏବଂ ସମୟ ପରିଚାଳନା

ସଫଳତାର ଅନ୍ତରାଳରେ ସକ୍ରିୟ ରହିଥିବା ଅନ୍ୟ ଗୋଟିଏ ଉପାଦାନ ହେଉଛି ଲକ୍ଷ୍ୟ ଚୟନ ସହିତ ସଂଶ୍ଲିଷ୍ଟ ଥିବା କେତେକ ଉପଯୋଗୀ ଅବସ୍ଥା । ଅନେକ କିଶୋର କିଶୋରୀ ଅସ୍ପଷ୍ଟ ଓ ଅବାସ୍ତବ ଲକ୍ଷ୍ୟଧାର୍ଯ୍ୟ କରନ୍ତି । ଏପରି ଲକ୍ଷ୍ୟରେ ସୁନିର୍ଦ୍ଦିଷ୍ଟତା ନଥାଏ । "ମୁଁ ଖୁବ୍ ଧନୀ ହେବି"– ଏରି ଭାବନାରେ ସ୍ପଷ୍ଟତାର ମାତ୍ରା କମ୍ । ଅଥଚ ଜଣେ ଯଦି ମାସିକ ପଚାଶ ହଜାର ଟଙ୍କା ଆୟର ଲକ୍ଷ୍ୟ ଧାର୍ଯ୍ୟ କରୁଛି, ଏଥିରେ ସ୍ପଷ୍ଟତାର ମାତ୍ରା ନିଶ୍ଚିତଭାବେ ଅଧିକ ।

ମୂଳ ଲକ୍ଷ୍ୟଟିକୁ ନିର୍ଦ୍ଦିଷ୍ଟ, ନିକଟ ଏବଂ ଦୃଶ୍ୟମାନ (Tangible) ଭାଷାରେ ଗଠନ କରିବାକୁ ହେବ । ପୂର୍ବ ଉଦାହରଣରେ ମାସିକ ପଚାଶ ହଜାର ଟଙ୍କାର ଆୟ ଏକ ସୁନିର୍ଦ୍ଦିଷ୍ଟ ଓ ଦୃଶ୍ୟମାନ ଲକ୍ଷ୍ୟ । ପୁଣି ବଡ଼ ଲକ୍ଷ୍ୟଟିକୁ ଭାଗ ଭାଗ କରି ନିକଟ (Proximal) ଲକ୍ଷ୍ୟରେ ରୂପାନ୍ତର କରାଯାଇପାରେ । ମନେକରାଯାଉ ଜଣେ କିଶୋର ବା କିଶୋରୀ ଗୋଟିଏ ବର୍ଷର ୧୮ଟି ନୂତନ ପ୍ରକାଶିତ ପୁସ୍ତକ ଅଧ୍ୟୟନ କରିବାର ଯୋଜନା କରୁଛନ୍ତି । ଏ କ୍ଷେତ୍ରରେ ସେ ଏପରି ମନସ୍ଥ କଲାପରେ ଏହାକୁ ଭାଗ କରି ପ୍ରତି ମାସରେ ଦେଢ଼ଟି ବହି ଓ ପତ୍ରିକାର ଲକ୍ଷ୍ୟ ଧାର୍ଯ୍ୟ କରିବେ ଏବଂ ଏହା ଉପରେ ନିଜର ଅଭିନିବେଶ (Attention) ରଖିବେ । ଗୋଟିଏ ବର୍ଷରେ ୧୮ଟି ବହି ପଢ଼ିବାର ଚିନ୍ତା ସ୍ଥିର ଓ ଅବିଚଳିତ ନ ରହିପାରେ । ମାତ୍ର ପ୍ରତି ମାସରେ ଦେଢ଼ଟି ବହି ପଢ଼ିବାର ଯୋଜନା ଏକ ସମ୍ଭାବ୍ୟ ଓ ବାସ୍ତବମୁଖୀ ରୂପନିଏ ।

ଲକ୍ଷ୍ୟ ଚୟନର ପରେ ପରେ ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ସମୟରେ ଗୁରୁତ୍ୱପୂର୍ଣ୍ଣ ହେଉଛି **ଆତ୍ମପରିବୀକ୍ଷଣ** (Self-Monitorning) । ଜଣେ କିଶୋର ବା କିଶୋରୀ ନିଜର ଯୋଜନା ଅନୁଯାୟୀ ଅଗ୍ରସର ହେବେ । ମାତ୍ର ନିଜର ଅଗ୍ରଗତିକୁ ମଝିରେ ମଝିରେ ମୂଲ୍ୟାୟନ କରି ଏଥିରେ ଆବଶ୍ୟକ ପରିବର୍ତ୍ତନ ଘଟାଇବେ । ଧରାଯାଉ ସେ ପ୍ରଥମରୁ ଯୋଜନା କରିଥିଲେ ଦୈନିକ ଦଶଘଣ୍ଟା ପରିଶ୍ରମ କରିବା ପାଇଁ । ମାତ୍ର ସେ ପର୍ଯ୍ୟବେକ୍ଷଣ କରି ଦେଖିଛନ୍ତି ଯେ ତିନିଚାରି ଘଣ୍ଟା ମଧ୍ୟ ସମ୍ଭବପର ହେଉନାହିଁ । ଏପରି ସ୍ଥଳେ ପୂର୍ବ ଯୋଜନାକୁ ଅପରିବର୍ତ୍ତିତ ରଖିବା ଅବାସ୍ତବ ହେବ । ସୁତରାଂ ସେ ଏହାକୁ ଦୈନିକ ପାଞ୍ଚ ଛ' ଘଣ୍ଟାକୁ କମାଇ ଦେଇ ପାରନ୍ତି । ଏପରି ସାମୟିକ ଲକ୍ଷ୍ୟ ପୂରଣ ହେଲା ପରେ ସେ ପୁନଶ୍ଚ ଆଠ ଦଶ ଘଣ୍ଟାର ଯୋଜନା କରିବେ । ଏପରି ଆତ୍ମପରିବୀ କ୍ଷଣ ଲକ୍ଷ୍ୟ ଦିଗରେ ଅଗ୍ରସର ହେବାରେ ସହାୟକ ହେବ ।

Digitized by srujanika@gmail.com

ସମୟର ସୁପରିଚାଳନା ଆଉ ଗୋଟିଏ କୌଶଳ । ସମୟର ପରିଚାଳନା ପାଇଁ ଅନେକଗୁଡ଼ିଏ ପରାମର୍ଶ ରହିଥିଲେ ମଧ୍ୟ ନିମ୍ନରେ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ସମ୍ପର୍କରେ ସୂଚନା ଦିଆଯାଉଛି ।

	ଜରୁରୀ	ଜରୁରୀ ନୁହେଁ
ଗୁରୁତ୍ୱପୂର୍ଣ୍ଣ	ଡାକ୍ତର ପରାମର୍ଶ	ପରୀକ୍ଷା ପାଇଁ ପଢ଼ିବା
ଗୁରୁତ୍ୱପୂର୍ଣ୍ଣ ନୁହେଁ	ଫୋନ୍ ବାଜିବା	ଦୂରଦର୍ଶନ ଦେଖିବା ଗପ ଉପନ୍ୟାସ ପଢ଼ିବା

ଉପର ବାକ୍ସରେ ସୂଚିତ କରାଯାଇଥିବା ଅନୁଯାୟୀ ଆମର କେତେକ କାର୍ଯ୍ୟ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ । ସାଧାରଣତଃ ସବୁଲୋକ ଏ କାମ ପ୍ରାୟତଃ କରନ୍ତି । ଏଥିପାଇଁ ସମୟ ବାହାର କରନ୍ତି । ମାତ୍ର ପ୍ରକୃତରେ ଅବହେଳିତ ହୋଇଥାଏ ଜରୁରୀ ହୋଇନଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ପରୀକ୍ଷା ନ ଆସିବା ପର୍ଯ୍ୟନ୍ତ ସାଧାରଣ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରନ୍ତି ନାହିଁ । ରୋଗଟି ମାରାତ୍ମକ ରୂପ ନ ହେବା ପର୍ଯ୍ୟନ୍ତ ରୋଗୀ ଡାକ୍ତରଙ୍କ ପରାମର୍ଶ ଲୋଡ଼ି ନଥାଏ । ଏସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ଅଥଚ ଜରୁରୀ ହୋଇ ନଥିବାରୁ ଅବହେଳିତ ରହିଥାଏ ।

ଆମର ମୂଳ ଲକ୍ଷ୍ୟ ସହିତ ସମ୍ପୃକ୍ତ ହୋଇଥିବା କାର୍ଯ୍ୟଟି ଗୁରୁତ୍ୱପୂର୍ଣ୍ଣ ଏବଂ ଅଭିନିବେଶ (Attention) ଦରକାର କରୁଥିବା କାମଟି ଜରୁରୀ କାମ । ଅଧିକାଂଶ ସମୟରେ କିଶୋର କିଶୋରୀମାନେ ଜରୁରୀ ହୋଇ ନଥିବା ଅଥଚ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତି ଅଚେତନ ରୁହନ୍ତି । ସେମାନେ ଏସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜରୁରୀ ରୂପ ନେବା ପୂର୍ବରୁ ତାହାର ସମ୍ପାଦନ ଓ ସମାଧାନ ଦିଗରେ ତତ୍ପର ହୁଅନ୍ତି ନାହିଁ । କାମଟି ଜରୁରୀ ହୋଇପଡ଼ିବା ପରେ ତାହା ଅଧିକ ପରିମାଣରେ ମାନସିକ ଚାପ ସୃଷ୍ଟି କରେ । ସୁତରାଂ ଜୀବନର ପରିଚାଳନା କ୍ଷେତ୍ରରେ 'ଜରୁରୀ' ଅପେକ୍ଷା 'ଗୁରୁତ୍ୱପୂର୍ଣ୍ଣ' ଦିଗଟିକୁ ଅଧିକ ମର୍ଯ୍ୟାଦା ଦେବାକୁ ପଡ଼ିବ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସବୁର ଅଗ୍ରାଧିକାର ସ୍ଥିର କରି କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ସମ୍ପାଦନ କରିବାକୁ ହେବ । ଉଚ୍ଚତର ସଫଳତା ଦର୍ଶାଉଥିବା କିଶୋର କିଶୋରୀମାନେ ସମୟ ପରିଚାଳନାର ଏହି ବିଶିଷ୍ଟ ନୀତିଟି ଅବଲମ୍ବନ କରନ୍ତି ।

ଅସହାୟତାବୋଧର ବିରୋଧ

ସଫଳତାର ଅନ୍ତରାଳରେ ସକ୍ରିୟ ଥିବା ସକାରାତ୍ମକ ଉପାଦାନଗୁଡ଼ିକର ଆଲୋଚନା ପରେ ବିରୁଦ୍ଧ ଶକ୍ତି ସମ୍ପର୍କରେ ସୂଚନା ଦେବା ଯୁକ୍ତିଯୁକ୍ତ ହେବ । ଲକ୍ଷ୍ୟ କରାଯାଇଛି ଯେ ଲକ୍ଷ୍ୟସାଧନର ଗତିରୋଧ କରୁଥିବା ଗୋଟିଏ ନକାରାତ୍ମକ ମାନସିକତା ହେଉଛି ଅସହାୟତା-ବୋଧ (Helplessness) ।

ଦୀର୍ଘକାଳ ଧରି ନିୟନ୍ତ୍ରଣବିହୀନ (Uncontrollable) ପରିବେଶରେ ଗତିକରୁଥିବା କିଶୋର କିଶୋରୀମାନଙ୍କ ନିଷ୍କ୍ରିୟତା ବା ଅସହାୟତାବୋଧ ଦର୍ଶାନ୍ତି । ଏପରି ମାନସିକତାର

Digitized by srujanika@gmail.com

ଶରବ୍ୟ ହୋଇଥିବା କିଶୋର କିଶୋରୀମାନେ ନୂତନ ଶିକ୍ଷଣ ବା କୌଶଳ ଶିକ୍ଷାର ସୁଯୋଗ ନିଅନ୍ତି ନାହିଁ । ସେମାନଙ୍କର ସକ୍ରିୟତା ଓ କର୍ମତ୍ପରତା କମ୍ ହୁଏ । ସେମାନେ ବିଷାଦଗ୍ରସ୍ତ (Depressed) ଅନୁଭବ କରନ୍ତି । ସର୍ବୋପରି ସେମାନଙ୍କର ଆତ୍ମମର୍ଯ୍ୟାଦାବୋଧର ହ୍ରାସ ଘଟିଥାଏ । ବ୍ୟବହାରିକ ଦୃଷ୍ଟିକୋଣରୁ ନିମ୍ନ ବାକ୍ସରେ ସୂଚିତ କରାଯାଇଥିବା ବ୍ୟବହାରସବୁ ଦୃଷ୍ଟିଗୋଚର ହୁଏ ।

ଅସହାୟତାବୋଧ ସୂଚିତ କରୁଥିବା ବ୍ୟବହାର

- "ମୁଁ ପାରିବି ନାହିଁ"- ଏପରି କୁହନ୍ତି ।
- ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ପ୍ରତି ଅଭିନିବିଷ୍ଟ ରୁହନ୍ତି ନାହିଁ ।
- ଆବଶ୍ୟକ ହେଲେ ମଧ୍ୟ ଅନ୍ୟର ସାହାଯ୍ୟ ଲୋଡ଼ନ୍ତି ନାହିଁ ।
- କିଛି ନ କରି ଏଣେ ତେଣେ (ଝରକାକୁ) ଚାହିଁ ରୁହନ୍ତି ।
- ଚିନ୍ତା ନ କରି ଅନୁମାନ କରି ଯାହା ତାହା ଉତ୍ତର ଦିଅନ୍ତି ।
- ଆଗ୍ରହଶୂନ୍ୟତା ଓ ବିରକ୍ତି ପ୍ରକାଶ ପାଏ ।
- ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ୟମ ସତ୍ତ୍ୱେ ନିରୁତ୍ତର ରୁହନ୍ତି ।
- ସହଜରେ ଉତ୍ସାହ ହରାଇ ବସନ୍ତି ।
- କୌଣସି ପ୍ରଶ୍ନର ଉତ୍ତର ଦେବାରେ ତତ୍ପରତା ନ ଥାଏ ।
- କୌଣସି ବାହାନା ଦେଖାଇ କାମସବୁ ଏଡ଼ାଇ ଯାଆନ୍ତି ।
- ନୂଆ ଧରଣର ଶିକ୍ଷାର ସୁଯୋଗ ନିଅନ୍ତି ନାହିଁ ।

କେଉଁସବୁ କାରଣରୁ ଅସହାୟତାବୋଧ ସୃଷ୍ଟିହୁଏ, ତାହା ଏଠାରେ ବିଚାର୍ଯ୍ୟ ନୁହେଁ । ତେବେ ଦୀର୍ଘଦିନ ଧରି ଖରାପ ବା ନିୟନ୍ତ୍ରଣବିହୀନ ପରିସ୍ଥିତି ମଧ୍ୟରେ ଗତିକରୁଥିବା ସବୁ କିଶୋର କିଶୋରୀ ଯେ ସମାନ ପରିମାଣରେ ନିଷ୍କ୍ରିୟତା ଦର୍ଶାନ୍ତି, ଏହା କୁହାଯାଉ ନାହିଁ । ନିଷ୍କ୍ରିୟତାବୋଧ ଦର୍ଶାଉଥିବା କିଶୋର କିଶୋରୀମାନେ ମୁଖ୍ୟତଃ କାର୍ଯ୍ୟର ଫଳାଫଳ (ସଫଳତା କିମ୍ବା ବିଫଳତା) ଉପରେ ଗୁରୁତ୍ୱ ଆରୋପ କରନ୍ତି । ଅନ୍ୟ ପକ୍ଷରେ ଲକ୍ଷ୍ୟସାଧନମୁଖୀ କିଶୋର କିଶୋରୀମାନେ ଶିକ୍ଷା ପ୍ରଶିକ୍ଷଣର ପଦ୍ଧତି ଉପରେ ବିଶେଷ ପ୍ରାଧାନ୍ୟ ଆରୋପ କରନ୍ତି ।

ଲକ୍ଷ୍ୟ କରିବାର କଥା ଯେ ଅସହାୟତାବୋଧ ଦର୍ଶାଉଥିବା କିଶୋର କିଶୋରୀମାନେ ଘଟଣା ସବୁର **ବିଷାଦମୁଖୀ ବିଶ୍ଳେଷଣଭଙ୍ଗୀ** (Pessimistic Explanatory Styles) ପ୍ରୟୋଗ କରନ୍ତି । ଏହାର ଅର୍ଥ ହେଉଛି ଯେ ଖରାପ ଘଟଣାଟିର କାରଣ ମୂଳରେ ସେମାନେ ମୁଖ୍ୟତଃ ନିଜକୁ ଦାୟୀ ମନେ କରନ୍ତି । ପୁଣି ଖରାପ ଘଟଣାର ପ୍ରଭାବକୁ ଦୀର୍ଘସ୍ଥାୟୀ କିମ୍ବା ଚିରସ୍ଥାୟୀ ବିଚାର କରନ୍ତି । ଖରାପ ଘଟଣାଟି ତାଙ୍କ ଜୀବନର ସବୁଦିଗକୁ ବିପର୍ଯ୍ୟସ୍ତ କରିଛି ବୋଲି ବିଚାର କରନ୍ତି । ***ଏପରି ନୈରାଶ୍ୟବାଦୀ ବିଶ୍ଳେଷଣଭଙ୍ଗୀ ସେମାନଙ୍କର ଅସହାୟତାବୋଧକୁ ତୀବ୍ର, ଦୀର୍ଘସ୍ଥାୟୀ ଓ ପରିବ୍ୟାପ୍ତ କରେ ।***

Digitized by srujanika@gmail.com

ଅନ୍ୟ ପକ୍ଷରେ ଲକ୍ଷ୍ୟସାଧନମୁଖୀ କିଶୋର କିଶୋରୀମାନେ ଖରାପ ଘଟଣାର କାରଣ ବିଶ୍ଳେଷଣ କରିବା ସମୟରେ **ଆଶାବାଦୀ ବିଶ୍ଳେଷଣ ଭଙ୍ଗୀ** (Optimistic Explanatory Styles) ପ୍ରୟୋଗ କରନ୍ତି । ଖରାପ ଘଟଣା ଘଟିବା ମୂଳରେ ପରିବେଶ ଓ ଅନ୍ୟମାନଙ୍କର ଭୂମିକା ବିଚାରକୁ ନିଅନ୍ତି । ନିଜକୁ ଦାୟୀ ମନେ କରି ଆତ୍ମଗ୍ଲାନିରେ ଦୁଃଖୀ ହୁଅନ୍ତି ନାହିଁ । ପୁଣି ଏପରି ଘଟଣାକୁ ଅଳ୍ପସ୍ଥାୟୀ ବା ଅସ୍ଥାୟୀ ମନେକରନ୍ତି । ଘଟଣା ଜୀବନର ଯେଉଁ ପରିସରରେ ଘଟିତ, ତାହା ମଧ୍ୟରେ ସୀମିତ ରଖନ୍ତି । ଉଦାହରଣ ସ୍ୱରୂପ, ପିତାମାତା ଗାଳି ଦେଲେ ସେପରି ପାରିବାରିକ ଘଟଣା ପରିବାର ମଧ୍ୟରେ ସୀମାବଦ୍ଧ ରହିବା ଉଚିତ ବୋଲି ବିଚାର କରନ୍ତି । ଫଳରେ ପରିବାର-ସୃଷ୍ଟ ଅସନ୍ତୋଷ ତାଙ୍କର ସ୍କୁଲ ଜୀବନର ସୁଖଶାନ୍ତି ଭଙ୍ଗ କରେ ନାହିଁ । ସୁତରାଂ ଆଶାବାଦୀ ବିଶ୍ଳେଷଣ ଭଙ୍ଗୀର ପ୍ରୟୋଗ ପାଇଁ ପରାମର୍ଶ ଦିଆଯାଉଛି ।

ଲକ୍ଷ୍ୟସାଧନ ପାଇଁ ମାର୍ଗଦର୍ଶନ

(କ) ଅନ୍ତର୍ନିହିତ (Intrinsic Motivation) **ଅଭିପ୍ରେରଣାର ବିକାଶ ପାଇଁ –**

୧. ବାହ୍ୟ ଅଭିପ୍ରେରଣା (ଯଥା – ପୁରସ୍କାର, ପ୍ରଶଂସା ଓ ପାରିତୋଷିକ) ବେଶୀ ଦୂର ନେଇ ପାରିବ ନାହିଁ । ସୁତରାଂ ଆତ୍ମସଂକଳ୍ପ, ଆତ୍ମସନ୍ତୋଷ ଓ ପ୍ରତିଶ୍ରୁତିବଦ୍ଧତା ପରି ଅନ୍ତର୍ନିହିତ ଅଭିପ୍ରେରଣାର ବିକାଶ ଘଟାନ୍ତୁ ।

୨. ନିଜର ସାମର୍ଥ୍ୟଥିବା ଏବଂ ରୁଚି ଅନୁକୂଳ ଆହ୍ୱାନପୂର୍ଣ୍ଣ (Challenging) କାର୍ଯ୍ୟରେ ମନୋନିବେଶ କରନ୍ତୁ । ଏହା ଆପଣଙ୍କୁ ତଲ୍ଲୀନତାର ଅନୁଭବ (Flow Experience) ଦେବ । ଧୀରେ ଧୀରେ ଆପଣ ନିମଗ୍ନତା ଅନୁଭବ କରିବେ ।

୩. କାର୍ଯ୍ୟଟିର ଉଚ୍ଚତର ଆଗ୍ରହ ଏବଂ ଆତ୍ମସାମର୍ଥ୍ୟବୋଧ (Self-confidence) ଦୃଢ଼ ରଖନ୍ତୁ ।

(ଖ) ଆତ୍ମସାମର୍ଥ୍ୟବୋଧର ବିକାଶ ପାଇଁ

୧. ଧୀରେ ଧୀରେ ଅନୁଭବର ପରିସର ପରିବ୍ୟାପ୍ତ କରନ୍ତୁ । ନୂତନ ବ୍ୟକ୍ତି, ନୂତନ ବସ୍ତୁ ଓ ନୂଆ ପରିବେଶ ସହିତ ନିଜର ପରିଚିତ ବୃଦ୍ଧି କରନ୍ତୁ ।

୨. ପ୍ରାରମ୍ଭିକ ପର୍ଯ୍ୟାୟରେ ଅତି ସହଜ କିମ୍ବା ଅତି କଷ୍ଟକର କାର୍ଯ୍ୟ ହାତକୁ ନ ନେଇ ମଧ୍ୟମ ମାତ୍ରାର କଷ୍ଟକର କାର୍ଯ୍ୟର ଦାୟିତ୍ୱ ନିଅନ୍ତୁ । ପରବର୍ତ୍ତୀ ସ୍ତରରେ ଅଧିକ କଷ୍ଟକର କାର୍ଯ୍ୟ ଦାୟିତ୍ୱ ନିଅନ୍ତୁ ।

୩. ନିଜର ନିକଟସ୍ଥ ପରିବେଶରେ ଅନୁକରଣୀୟ ବ୍ୟକ୍ତିତ୍ୱର ଚିହ୍ନଟ କରନ୍ତୁ । ତାଙ୍କୁ ପର୍ଯ୍ୟବେକ୍ଷଣ କରନ୍ତୁ । ତାଙ୍କ ସହିତ ନିଜର ବୈଷମ୍ୟ ଉପରେ ଗୁରୁତ୍ୱ ନ ଦେଖି ସାମଞ୍ଜସ୍ୟ ଦେଖନ୍ତୁ । ତାଙ୍କର କାର୍ଯ୍ୟାବଳୀ ପର୍ଯ୍ୟବେକ୍ଷଣ କରି ନୂଆ ନୂଆ କୌଶଳ ଶିକ୍ଷା କରନ୍ତୁ । ତାଙ୍କୁ ପ୍ରେରଣାର ଉତ୍ସ ରୂପେ ଗ୍ରହଣ କରି ଅଭିପ୍ରେରିତ ହୁଅନ୍ତୁ ।

Digitized by srujanika@gmail.com

(ଗ) ଉପଯୋଗୀ ଲକ୍ଷ୍ୟଚୟନ ଦିଗରେ

୧. ଆପଣଙ୍କର ଲକ୍ଷ୍ୟଟି ବିରାଟ ଓ ବିମୂର୍ତ୍ତ (Abstract) ହୋଇଥିଲେ ମଧ୍ୟ ଏହାର ସଫଳ ରୂପାୟନ ପାଇଁ ଆପଣ ଏହାକୁ ସୁନିର୍ଦ୍ଦିଷ୍ଟ କରନ୍ତୁ । ଏ କଠିନ ପରିଶ୍ରମ କରିବା ଲକ୍ଷ୍ୟ ପରିବର୍ତ୍ତେ ଦୈନିକ ଦଶଘଣ୍ଟା ପରିଶ୍ରମ କରିବାର ଲକ୍ଷ୍ୟ ଅଧିକ ସୁନିର୍ଦ୍ଦିଷ୍ଟ ।

୨. ଦୂର ଲକ୍ଷ୍ୟଟିକୁ ଭାଗ ଭାଗ କରି ନିକଟ (Proximal) ଲକ୍ଷ୍ୟରେ ରୂପାନ୍ତର କରନ୍ତୁ । (ଯଥା – ବର୍ଷକୁ ୧୮ଟି ନୂଆ ବହି ପଢ଼ିବାର କଳ୍ପନାକୁ ମାସରେ ଦେଢ଼ଟି ନୂଆ ବହି ପଢ଼ିବାର ଲକ୍ଷ୍ୟ ଅଧିକ ନିକଟତର ଏବଂ ସାଧନ ସମ୍ଭବ ।)

୩. ଲକ୍ଷ୍ୟ ସାଧନରେ ଅଗ୍ରସର ହେବା ସମୟରେ ମଝିରେ ମଝିରେ ନିଜର ଅଗ୍ରଗତିକୁ ଆକଳନ କରନ୍ତୁ । ଏପରି ଆତ୍ମ ପରିବୀକ୍ଷଣ (Self-Monitoring) ମାଧ୍ୟମରେ ଅଳ୍ପ କିଛି ପରିବର୍ତ୍ତନ କରାଯାଇପାରେ ।

୪. ସମୟର ସୁପରିଚାଳନା ପ୍ରତି ସଚେତନ ରୁହନ୍ତି । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ଜରୁରୀ ରୂପ ନେବା ପୂର୍ବରୁ ତାହାର ସାଧନ ଓ ସମାଧାନ ଦିଗରେ ଯତ୍ନବାନ ହୁଅନ୍ତୁ ।

(ଘ) ଅସହାୟତାବୋଧର ବିଲୋପ ପାଇଁ

୧. କାର୍ଯ୍ୟର ଫଳାଫଳ (ସଫଳତା/ବିଫଳତା) ଅପେକ୍ଷା କାର୍ଯ୍ୟସାଧନର ପ୍ରକ୍ରିୟା ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।

୨. ଖରାପ (ନିୟନ୍ତ୍ରଣହୀନ) ପରିସ୍ଥିତି ପାଇଁ ନିଜକୁ ସମ୍ପୂର୍ଣ୍ଣ ଦାୟୀ ମନେକରନ୍ତୁ ନାହିଁ । ପରିବେଶର ଓ ଅନ୍ୟମାନଙ୍କର ଭୂମିକା ବିଚାର କରନ୍ତୁ ।

୩. ଖରାପ ପରିସ୍ଥିତିକୁ ଦୀର୍ଘସ୍ଥାୟୀ କିମ୍ବା ଚିରସ୍ଥାୟୀ ଭାବନ୍ତୁ ନାହିଁ ।

୪. ଖରାପ ଘଟଣାଟି ଯେଉଁ ପରିସରରେ ଘଟିଛି, ସେହିଠାରେ ସୀମିତ ରଖନ୍ତୁ । ତାହାର ପ୍ରଭାବକୁ ପରିବ୍ୟାପ୍ତ କରନ୍ତୁ ନାହିଁ ।

ନିଜର ଆତ୍ମସାମର୍ଥ୍ୟବୋଧର ପରିମାଣ ଜାଣନ୍ତୁ

ନିମ୍ନରେ କେତେଗୁଡ଼ିଏ ବାକ୍ୟ ଦିଆଯାଇଛି । ପ୍ରତିଟି ବାକ୍ୟ ଭଲରୂପେ ପଢ଼ନ୍ତୁ । ଏହି ବାକ୍ୟଟି ଆପଣଙ୍କ ପ୍ରତି କେତେଦୂର ପ୍ରଯୋଜ୍ୟ ତାହା ସୂଚାନ୍ତୁ । ଆଦୌ ପ୍ରଯୋଜ୍ୟ ହୋଇନଥିଲେ ତାହା ପାଇଁ ୧ ଲେଖନ୍ତୁ, କ୍ୱଚିତ ପ୍ରଯୋଜ୍ୟ ହୋଇଥିଲେ ତାହା ପାଇଁ ୨ ଲେଖନ୍ତୁ, କିଛି ମାତ୍ରାରେ ପ୍ରଯୋଜ୍ୟ ହୋଇଥିଲେ ତାହା ପାଇଁ ୩ ଲେଖନ୍ତୁ, ପୂରାପୂରି ପ୍ରଯୋଜ୍ୟ ହୋଇଥିଲେ ତାହା ପାଇଁ ୪ ଲେଖନ୍ତୁ ।

ବାକ୍ୟ :

୧. କଠିନ ପରିଶ୍ରମ କଲେ ମୁଁ ସବୁବେଳେ କଷ୍ଟକର ସମସ୍ୟାର ସମାଧାନ କରିପାରେ ।

Digitized by srujanika@gmail.com

୨. ଅନ୍ୟ କେହି ବାଧା ଦେଲେ ମଧ୍ୟ ମୁଁ ଯାହା ଚାହୁଁଛି ତାହା ହାସଲ କରିବାର ଉପାୟ ସବୁ ବାହାର କରିପାରିବି ।

୩. ମୋର ଲକ୍ଷ୍ୟକୁ ଧରି ରଖିବା ଏବଂ ହାସଲ କରିବା ମୋ ପକ୍ଷରେ ସହଜ ।

୪. ମୋର ଦୃଢ଼ ବିଶ୍ୱାସ ଯେ ମୁଁ ଅପ୍ରତ୍ୟାଶିତ ଘଟଣାସବୁର ମୁକାବିଲା କରିପାରିବି ।

୫. ଭାଗ୍ୟକୁ ମୋର ଏପରି ସୁବିଧା ସୁଯୋଗ ରହିଛି ଯେ, ଅଘଟଣ ସବୁର କିପରି ମୁକାବିଲା କରିବାକୁ ହୁଏ, ତାହା ମୁଁ ଜାଣେ ।

୬. ମନ ଦେଲେ ମୁଁ ଅଧିକାଂଶ ସମସ୍ୟାର ସମାଧାନ କରିପାରିବି ।

୭. ପରିସ୍ଥିତିର କିପରି ମୁକାବିଲା କରିବାକୁ ହୁଏ, ତାହାର କୌଶଳ ମୋତେ ଜଣା ଥିବାରୁ ଖରାପ ଅବସ୍ଥାରେ ବି ମୁଁ ସ୍ଥିର ଓ ଶାନ୍ତ ରହେ ।

୮. ସମସ୍ୟା ଆସିଲେ ମୁଁ ସାଧାରଣତଃ ସମାଧାନର ବହୁ ପଥ ଦେଖିପାରେ ।

୯. ଦ୍ୱନ୍ଦ୍ୱରେ ପଡ଼ିଲେ କିଛିନା କିଛି କରିବାର ବାଟ ମୁଁ ଦେଖିପାରେ ।

୧୦. ଯେପରି ବିପଦ ଆସୁନା କାହିଁକି, ତାହାର ମୁକାବିଲା ପାଇଁ ମୁଁ ସମର୍ଥ ।

ବ୍ୟାଖ୍ୟା :

ବର୍ତ୍ତମାନ ୧୦ଟି ବାକ୍ୟ ପାଇଁ ଲେଖିରଖିଥିବା ନମ୍ବରକୁ ମିଶାଇ ଦିଅନ୍ତୁ । ଏହା ଆପଣଙ୍କର ଆତ୍ମସାମର୍ଥ୍ୟବୋଧର ଫଳାଙ୍କ (Score)।

- ଏହି ଫଳାଙ୍କ ୧୫ କିମ୍ବା ଏହାଠାରୁ କମ୍ ହୋଇଥିଲେ ଆତ୍ମସାମର୍ଥ୍ୟବୋଧ ଖୁବ୍ କମ୍ ବୋଲି ବୁଝିବାକୁ ହେବ ।
- ଫଳାଙ୍କ ୧୬ରୁ ୩୦ ହୋଇଥିଲେ ଏହା ମଧ୍ୟମମାତ୍ରାର ଧରାଯିବ ।
- ଫଳାଙ୍କ ୩୧ କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ହେଉଥିଲେ ଏହା ଉଚ୍ଚମାତ୍ରାର ବୋଲି ବିଚାର କରାଯିବ ।

❑

Digitized by srujanika@gmail.com

ବୃତ୍ତିଗତ ସାଫଲ୍ୟର ପ୍ରସ୍ତୁତି ପର୍ବ

ଆଧୁନିକ ଜଗତରେ ବୃତ୍ତିଗତ ସାଫଲ୍ୟ ପାଇଁ ସମସ୍ତେ ଲାଳାୟିତ । ମାନସିକ ସ୍ୱାସ୍ଥ୍ୟ ପାଇଁ ଲୋକମାନେ ଯେତିକି ବ୍ୟଗ୍ର ନୁହନ୍ତି, ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଅଧିକ ବ୍ୟାକୁଳତା ପ୍ରକାଶ କରୁଛନ୍ତି । ଏ ଦୃଷ୍ଟିରୁ କୈଶୋର ଜୀବନରେ ଉଚ୍ଚତର ବୃତ୍ତି ପାଇଁ ଅଭୀପ୍ସା ତୀବ୍ର ହେବା ସ୍ୱାଭାବିକ । ବିଶେଷତଃ ଲକ୍ଷ୍ୟ ସାଧନମୁଖୀ କିଶୋର କିଶୋରୀମାନଙ୍କ କ୍ଷେତ୍ରରେ ଆକର୍ଷଣୀୟ ବୃତ୍ତି ପାଇଁ ବ୍ୟଗ୍ରତା ପ୍ରକାଶ ପାଉଛି । ଅବଶ୍ୟ ବୃତ୍ତିଗତ ସାଫଲ୍ୟ ପାଇଁ ଯେଉଁ ପ୍ରସ୍ତୁତିପର୍ବ ଉପଯୋଗୀ, ସେ ସମ୍ପର୍କରେ ସବୁ କିଶୋର କିଶୋରୀ ଅବଗତ ନୁହଁନ୍ତି ।

ବୃତ୍ତିଗତ ସାଫଲ୍ୟର ପ୍ରସ୍ତୁତିପର୍ବ ସମ୍ପର୍କରେ ମନୋବିଜ୍ଞାନୀମାନେ ବିଶେଷ ଗବେଷଣା କରିଛନ୍ତି । ଏହି ଗବେଷଣାଲବ୍ଧ ସିଦ୍ଧାନ୍ତକୁ ଭିତ୍ତି କରି ଉପଦେଶକମାନେ ଆଶାୟୀ କିଶୋର କିଶୋରୀମାନଙ୍କୁ ପରାମର୍ଶ ଦେଇଛନ୍ତି । କେତେକ ମନୋବିଜ୍ଞାନୀ ପ୍ରସ୍ତୁତିପର୍ବର ବିକାଶ ସୋପାନ ସମ୍ପର୍କରେ ଆଲୋକପାତ କରିବା ସ୍ଥଳେ ଅନ୍ୟମାନେ ବୃତ୍ତି ଓ ବ୍ୟକ୍ତିତ୍ୱର ସଂଗତି-ଅସଂଗତି ଅନୁଶୀଳନ କରିଛନ୍ତି । ପୁଣି ଅନ୍ୟ କେତେକ ବିଶେଷଜ୍ଞ ବୃତ୍ତିସମ୍ପର୍କୀୟ ସମାଜୀକରଣ (Socialization) ଦିଗରେ ଅନୁଧ୍ୟାନ କରିଛନ୍ତି ।

କେତେକ ବିଶେଷଜ୍ଞଙ୍କ ମତରେ ପ୍ରସ୍ତୁତିପର୍ବ ତିନୋଟି ସୋପାନ ଦେଇ ଗତିକରେ । ନିମ୍ନ ବାକ୍ସରେ ସୂଚିତ ହେବା ପରି ପ୍ରସ୍ତୁତି ପର୍ବ କଳ୍ପନା ଜଳ୍ପନା, ସାମୟିକ ଯୋଜନା ଏବଂ ବାସ୍ତବମୁଖୀ ଯୋଜନାର ସ୍ତର ଦେଇ ଗତିକରେ ।

ସୋପାନ	*ଆନୁମାନିକ ବୟସସୀମା*	*ବୈଶିଷ୍ଟ୍ୟ*
୧.କଳ୍ପନାଜଳ୍ପନା	ଏଗାରବର୍ଷ ବୟସ ପର୍ଯ୍ୟନ୍ତ	ବାହାରୁ ଶୁଣାଶୁଣି କରି କଳ୍ପନାଜଳ୍ପନା କରୁଥିବା ବୃତ୍ତିସମୂହ
୨.ସାମୟିକ ଯୋଜନା	୧୧ ବର୍ଷରୁ ୧୬ ବର୍ଷ	
	୧୧/୧୨ ବର୍ଷ	ନିଜର ଆଗ୍ରହଭିତ୍ତିରେ ଯୋଜନା
	୧୨/୧୪ ବର୍ଷ	ନିଜର ସାମର୍ଥ୍ୟଭିତ୍ତିରେ ଯୋଜନା
	୧୫/୧୬ ବର୍ଷ	ନିଜର ରୁଚି ଓ ମୂଲ୍ୟବୋଧଭିତ୍ତିକ ଯୋଜନା

Digitized by srujanika@gmail.com

୩. ବାସ୍ତବମୁଖୀ ଯୋଜନା ୧୭/୧୮ ବର୍ଷ — ବ୍ୟକ୍ତିନିଷ୍ଠ ଭାବନା ପରିବର୍ତ୍ତେ ଅଧିକରୁ ଅଧିକ ବାସ୍ତବମୁଖୀ ଭାବନାର ପ୍ରୟୋଗ । ଅଧିକରୁ ଅଧିକ ବୃତ୍ତି ସମ୍ପର୍କରେ ଅନ୍ୱେଷଣ କରାଯାଏ, ଗୋଟିଏ ବୃତ୍ତି ସମ୍ପର୍କରେ ବିଶେଷ ଧ୍ୟାନ ଦିଆଯାଏ ବିଶେଷ ଏବଂ ପରିଶେଷରେ ଗୋଟିଏ ବୃତ୍ତିର ଚୟନ କରାଯାଏ ।

ଅବଶ୍ୟ ତିନୋଟି ସୋପାନ ପାଇଁ ସୁନିର୍ଦ୍ଦିଷ୍ଟ କରାଯାଇଥିବା ବୟସର ସୀମାରେଖା ପୂରାପୂରି ଅପରିବର୍ତ୍ତିତ ନୁହେଁ । ଏହା ମୋଟାମୋଟି ଭାବରେ କାର୍ଯ୍ୟକରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । କେତେକ କିଶୋର କିଶୋରୀ ଏପରି ବୟସସ୍ତର ପୂର୍ବରୁ ହୁଏତ ସୋପାନଟି ସ୍ପର୍ଶ କିମ୍ବା ଅତିକ୍ରମ କରନ୍ତି ।

ବୃତ୍ତିଚୟନ ଜୀବନର ଶେଷ କଥା ନୁହେଁ । ନିର୍ବାଚିତ ବୃତ୍ତିଟି ନିଜର ରୁଚି ଓ ଦକ୍ଷତାର ଅନୁକୂଳ ନହେଲେ ଜୀବନରେ ସନ୍ତୋଷ ଲାଭ କରିବା ସମ୍ଭବ ନୁହେଁ । ସୁତରାଂ ମନୋବିଜ୍ଞାନୀମାନେ ବୃତ୍ତି-ବ୍ୟକ୍ତିତ୍ୱର ସଂଗତି ଉପରେ ପ୍ରାଧାନ୍ୟ ଦେଇଛନ୍ତି । କେଉଁ ବ୍ୟକ୍ତିତ୍ୱ ପାଇଁ କେଉଁ ବୃତ୍ତି ଉପଯୋଗୀ, ତାହାର ଏକ ମୋଟାମୋଟି ରୂପରେଖ ପ୍ରଦାନ କରିଛନ୍ତି । ନିମ୍ନରେ ସେହିପରି ଏକ ବୃତ୍ତି-ବ୍ୟକ୍ତିତ୍ୱର ସଂଗତି ସୂଚିତ କରାଯାଇଛି ।

ବ୍ୟକ୍ତିତ୍ୱ	***ବୈଶିଷ୍ଟ୍ୟ***	***ଉପଯୋଗୀ ବୃତ୍ତି***
ବାସ୍ତବମୁଖୀ	ଶାରୀରିକ ଦକ୍ଷତା ଅଧିକ । ପ୍ରୟୋଗମୁଖୀ ଚିନ୍ତାଧାରାସମ୍ପନ୍ନ ସାମାଜିକ ଦକ୍ଷତା ଉଚ୍ଚ ଧରଣର ନୁହେଁ !	କୋଠାବାଡ଼ି ନିର୍ମାଣ, ଟ୍ରକ୍ ଚାଳନା, ଦିନ ମଜୁରିଆ
ଅନୁସନ୍ଧାନମୁଖୀ	ତତ୍ତ୍ୱନିଷ୍ଠ, ଅନୁସନ୍ଧିତ୍ସୁ	ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ବୃତ୍ତି ସମ୍ବାଦପତ୍ରର ବାର୍ତ୍ତା ସମ୍ପାଦକ
ସମାଜମୁଖୀ	ଉଚ୍ଚଭାଷାଗତ ଦକ୍ଷତା ପାରସ୍ପରିକ ବ୍ୟବହାରର ଦକ୍ଷତା	ଶିକ୍ଷକ, ସମାଜସେବୀ, ଉପଦେଶକ ପରି ଲୋକସମ୍ପର୍କ ଆବଶ୍ୟକ କରୁଥିବା ବୃତ୍ତିସମୂହ
ଗତାନୁଗତିକତାମୁଖୀ	ଧରାବନ୍ଧା ରୁଟିନ୍ କାର୍ଯ୍ୟରେ ଆଗ୍ରହ	ବ୍ୟାଙ୍କ୍ କିରାଣୀ ଅଫିସ ସେକ୍ରେଟାରୀ

Digitized by srujanika@gmail.com

ଉଦ୍ୟୋଗମୁଖୀ	ଭାଷାଗତ ଦକ୍ଷତା	ବ୍ୟବସାୟ, ବିକ୍ରୟ ଅଧିକାରୀ
	ନେତୃତ୍ୱ ଗୁଣ	ରାଜନୀତିଜ୍ଞ, ପରିଚାଳକ (Manager)
କଳାତ୍ମକ	କଳାତ୍ମକ ଅଭିବ୍ୟକ୍ତିର ଆଗ୍ରହ	ଲେଖକ, କଳାକାର

କହିବା ନିଷ୍ପ୍ରୟୋଜନ ଯେ ଉପର ବାକ୍‌ସରେ ବୃତ୍ତି ଓ ବ୍ୟକ୍ତିତ୍ୱ ମଧ୍ୟରେ ସଂଗତିର ଏକ ମୋଟାମୋଟି ଧାରଣା ଦିଆଯାଇଥିଲେ ମଧ୍ୟ ଏହାକୁ ପୂରାପୂରି ଅପରିବର୍ତ୍ତନୀୟ ମନେକରିବା ଯୁକ୍ତିଯୁକ୍ତ ହେବ ନାହିଁ । ବିଶେଷତଃ ଆଜିକାଲି ବହୁବୃତ୍ତି ଓ ବହୁ ଜଟିଳତାର ସମାବେଶ ଦେଖାଯାଇଛି । ଏ ପରିପ୍ରେକ୍ଷୀରେ ତାଲିକାଟି ଅତିମାତ୍ରାରେ ସରଳୀକୃତ ମନେହୋଇ ପାରେ । ପୁଣି ଗୋଟିଏ କିଶୋର କିମ୍ବା କିଶୋରୀକୁ ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱର ନାମାଙ୍କନ ମଧ୍ୟରେ ବାନ୍ଧିରଖିବା ମଧ୍ୟ ସମ୍ଭବ ନୁହେଁ । ତଥାପି ବୃତ୍ତିଗତ ସଫଳତା ପାଇଁ ଉପଦେଶ ହେଉଥିବା ବିଶେଷଜ୍ଞମାନେ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ଓ ବୃତ୍ତିଗତ ଜ୍ଞାନକୌଶଳର ସଂଗତି ବିଚାର କରିବା ଯୁକ୍ତିଯୁକ୍ତ ହେବ ।

ବୃତ୍ତିଗତ ସଫଳତା ପାଇଁ ଅନ୍ୟ କେତେକ ଆନୁସଙ୍ଗିକ ଦିଗ ମଧ୍ୟ ବିଚାର କରିବାକୁ ହେବ । ଚୟନ କରାଯାଇଥିବା ବୃତ୍ତିରେ କିଶୋର ବା କିଶୋରୀଟି ନିଜ ଆତ୍ମପରିଚିତିର ପ୍ରତିଫଳନ ଦେଖେ । ସୁତରାଂ ଏହା ଆତ୍ମମର୍ଯ୍ୟାଦାବୋଧ କିମ୍ବା ଆତ୍ମମର୍ଯ୍ୟାଦାହୀନତାର କାରଣ ହୋଇପାରେ । ଏ ଦୃଷ୍ଟିରୁ ବୃତ୍ତି ଓ ସ୍ୱପ୍ରତ୍ୟୟର (Self concept) ସମ୍ବନ୍ଧକୁ ସ୍ୱୀକାର କରିବାକୁ ହେବ । ନିଜର ଶରୀର, ବୁଦ୍ଧିମତ୍ତା, ସାମାଜିକ ଦକ୍ଷତା ଏବଂ ନୀତିଗତ ଦୃଢ଼ତାକୁ ଭିତ୍ତି କରି କିଶୋର କିଶୋରୀମାନେ ସ୍ୱପ୍ରତ୍ୟୟ ଗଠନ କଲାପରି ନିଜେ ଚୟନ କରିଥିବା ବୃତ୍ତିକୁ ଆଧାର କରି ସ୍ୱପ୍ରତ୍ୟୟ ଗଠନ କରନ୍ତି । ତେଣୁ ବୃତ୍ତିଗତ ସ୍ୱପ୍ରତ୍ୟୟ (Career Self-Concept) ଏକ ବାସ୍ତବତା । ଏହାର ଗୁରୁତ୍ୱ କିଶୋର କିଶୋରୀମାନଙ୍କ ପାଇଁ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ।

ଅବଶ୍ୟ କିଶୋର କିଶୋରୀମାନେ ଏହି ବୃତ୍ତିଗତ ସ୍ୱପ୍ରତ୍ୟୟ ଗଠନ ଦିଗରେ ଅଧିକ ପରିଶ୍ରମ କରିବାର ପ୍ରମାଣ ନାହିଁ । ଯୁକ୍ତରାଷ୍ଟ୍ର ଆମେରିକା ଭଳି ପ୍ରଗତିଶୀଳ ଦେଶରେ କିଶୋର କିଶୋରୀମାନେ ବର୍ଷକୁ ହାରାହାରି ମାତ୍ର ତିନିଘଣ୍ଟା ଔପଚାରିକ ବୃତ୍ତିଗତ ଉପଦେଶଟି ଗ୍ରହଣ କରିବାର ପ୍ରମାଣ ରହିଛି । ଭାରତ ଭଳି ବିକାଶମୁଖୀ ଦେଶରେ ବୃତ୍ତିଗତ ଉପଦେଶକଙ୍କ ଭୂମିକା ସୁବିସ୍ତୃତ ହୋଇନାହିଁ । ରାଷ୍ଟ୍ରୀୟ ଗବେଷଣା ଓ ଅନୁସନ୍ଧାନ ସଂସ୍ଥା (National Council of Educational Reseach and Training) ବହୁ ବର୍ଷ ପୂର୍ବରୁ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ଡିଗ୍ରୀଧାରୀ ବୃତ୍ତିଗତ ଉପଦେଶକ ବାହାର କରିଥିଲେ ମଧ୍ୟ ଏମାନଙ୍କର ସେବା ପ୍ରୟୋଗ କରାଯାଇ ନାହିଁ । ସମ୍ଭବତଃ କେବଳ ଗୁଜୁରାଟ ରାଜ୍ୟର ନିୟମ ଅନୁଯାୟୀ ପ୍ରତି ସ୍କୁଲରେ ଉପଦେଶକଙ୍କ ନିଯୁକ୍ତି ବାଧ୍ୟ କରାଯାଇଛି ।

ଓଡ଼ିଶାରେ ଏ ସମ୍ପର୍କରେ ବିଧିବଦ୍ଧ ଉଦ୍ୟମ ହୋଇନାହିଁ । ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ସଂସ୍ଥାରେ ଅନୁରୂପ ଡିଗ୍ରୀଧାରୀ ଉପଦେଶକ ବାହାରିଲେ ମଧ୍ୟ ଶିକ୍ଷା ସଂସ୍ଥାରେ ସେମାନଙ୍କର

Digitized by srujanika@gmail.com

ନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହୋଇନାହିଁ । କେବଳ ରାଷ୍ଟ୍ରୀୟ ଗବେଷଣା ଓ ଅନୁସନ୍ଧାନ ସଂସ୍ଥାର ପରିଚାଳିତ ଭୁବନେଶ୍ୱରସ୍ଥିତ ଡି.ଏମ୍.ସ୍କୁଲକୁ ବାଦ୍ ଦେଲେ ଅନ୍ୟତ୍ର ଉପଦେଶକ ଶିକ୍ଷକ ପଦବୀର କଥା ଲେଖକ ଜାଣନ୍ତି ନାହିଁ । ଏପରି ଏକ ସୀମିତ ଓ ଦୂରଦୃଷ୍ଟିହୀନ ବିଚାର ନିଶ୍ଚିତଭାବରେ ଉପଯୋଗୀ ସମାଜୀକରଣର ପରିପନ୍ଥୀ ।

ପରିବାରର ପରିପ୍ରେକ୍ଷୀ ମଧ୍ୟରେ ପିତାମାତା କ୍ରମଶଃ ସଚେତନ ହେଉଛନ୍ତି । ପିତାମାତା ଦୁହେଁ କର୍ମଜୀବୀ ହୋଇଥିଲେ ଏବଂ କାର୍ଯ୍ୟ ପ୍ରତି ସେମାନଙ୍କର ମୂଲ୍ୟବୋଧଭିତ୍ତିକ ଆକର୍ଷଣ ରହିଥିଲେ ତାହା କିଶୋର କିଶୋରୀମାନଙ୍କୁ ପ୍ରଭାବିତ କରେ। ପିତା ପୁତ୍ରକୁ ଏବଂ ଜନନୀ କନ୍ୟାକୁ ଏ ଦିଗରେ ଅଧିକ ପ୍ରଭାବିତ କରିବାର ଲକ୍ଷ୍ୟ କରାଯାଇଛି । ଅବଶ୍ୟ ପିତାମାତା ବାସ୍ତବତାଠାରୁ ଦୂରେଇ ଯାଇ ଏବଂ କିଶୋର କିଶୋରୀମାନଙ୍କର ସାମର୍ଥ୍ୟକୁ ବିଚାର ନ କରି ସେମାନଙ୍କ ଉପରେ ଅବାସ୍ତବ ଓ ଅତି ଆକର୍ଷଣୀୟ ବୃତ୍ତିଲାଭର ଆଶା ଚାପିଦେବା ସମୂଚିତ ହେବ ନାହିଁ । ଏହା ଅଯଥା ମାନସିକ ଚାପ ସୃଷ୍ଟି କରିବ ଏବଂ ପାରିବାରିକ ଅଶାନ୍ତି ସୃଷ୍ଟିହେବ । ସାମର୍ଥ୍ୟକୁ ଚାହିଁ ଆହ୍ୱାନପୂର୍ଣ୍ଣ ବୃତ୍ତିର ଚୟନ କରାଯିବ ଏବଂ ଆବଶ୍ୟକ ତଥ୍ୟ ଓ ତାଲିମ ବ୍ୟବସ୍ଥାର ମାର୍ଗଦର୍ଶନ ସୁଚିନ୍ତିତଭାବରେ ପିତାମାତା କରିବେ । ଏପରି ଉପଯୋଗୀ ସମାଜୀକରଣ ବେଶ୍ ସହାୟକ ହେବ ।

ପିତାମାତାଙ୍କ ବ୍ୟତୀତ ସାଙ୍ଗସାଥୀ ବୃତ୍ତି ସହାୟକ ସମାଜୀକରଣକୁ ତ୍ୱରାନ୍ୱିତ କରିପାରନ୍ତି । ବନ୍ଧୁତ୍ୱର ବଳୟ ମଧ୍ୟରେ ବହୁ ସୂଚନା ଓ ବହୁ ଜ୍ଞାନକୌଶଳର ଧାରା ପ୍ରଭାବିତ ହୁଏ । ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ମଧ୍ୟରେ ଅନୌପଚାରିକ ଆଲୋଚନା ପ୍ରସ୍ତୁତିପର୍ବର ସଫଳ ରୂପାୟନ ଦିଗରେ ସକ୍ରିୟ ଭୂମିକା ନିଏ । ନିଜର ବ୍ୟକ୍ତିଗତ ଉଦ୍ୟମଶୀଳତା ସହିତ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ବନ୍ଧୁବର୍ଗଙ୍କ ସମାଜୀକରଣ ଭବିଷ୍ୟତର ବୃତ୍ତିଗତ ସାଫଲ୍ୟ ଦିଗରେ ବିଶେଷ ଧରଣର ସମ୍ବଳ ଯୋଗାଇଥାଏ ।

ଆପଣ ନିଜର ଆଗହର କ୍ଷେତ୍ର ଚିହ୍ନଟ କରନ୍ତୁ

ପରପୃଷ୍ଠାର ଚିତ୍ରରେ ଦଶଟି ବହୁ-ଅଭିଳଷିତ ବୃତ୍ତିର ତାଲିକା ଦିଆଯାଇଛି । ଆପଣ ଏହି ବୃତ୍ତିଗୁଡ଼ିକ ପାଇଁ ନିଜର ପସନ୍ଦର ସ୍ତର ଉଲ୍ଲେଖ କରନ୍ତୁ । ଦୁଇଟି ଲେଖାଏଁ ବୃତ୍ତି ବା ଜୀବିକା ଏକତ୍ର ଦିଆଯାଇଛି । ତୁଳନା କରିବା ପାଇଁ ଧରିନିଅନ୍ତୁ ଯେ ଏହି ଦୁଇଟି ମଧ୍ୟରେ ଆୟ କିମ୍ବା ସମ୍ମାନର ପାର୍ଥକ୍ୟ ନାହିଁ । ପ୍ରତିଟି ଛୋଟ ବାକ୍ସରେ ଦୁଇଟି ବୃତ୍ତି ଲେଖାଯାଇଛି । ଏହି ଦୁଇଟିକୁ ତୁଳନା କରନ୍ତୁ ଏବଂ ଆପଣଙ୍କ ପସନ୍ଦ ଅନୁସାରେ ଏହି ଯୁଗ୍ମ ଜୀବିକାରୁ ପ୍ରତିଟି ପାଇଁ ୦ ରୁ ୪ ପର୍ଯ୍ୟନ୍ତ ଫଳାଙ୍କ ସୂଚିତ କରନ୍ତୁ ।

ଉଦାହରଣ ସ୍ୱରୂପ, ଆପଣ 'ଖ' ତୁଳନାରେ 'କ' ଜୀବିକାଟିକୁ ପସନ୍ଦ କରିପାରନ୍ତି ସେପରି ହୋଇଥିଲେ ଆପଣ 'କ' ପାଇଁ ୩ ଏବଂ 'ଖ' ପାଇଁ ୧ ଦେଇପାରନ୍ତି । ଆପଣ ଦୁଇଟିଯାକ ଜୀବିକା ସମାନ ପରିମାଣରେ ପସନ୍ଦ କରୁଥିଲେ ପ୍ରତିଟି ୩ ଦିଅନ୍ତୁ । ଅନ୍ୟ ପକ୍ଷରେ ଗୋଟିଏ ଜୀବିକାକୁ ଖୁବ୍ ପସନ୍ଦ କରୁଥିଲେ ଏବଂ ଅନ୍ୟଟିକୁ ନାପସନ୍ଦ କରୁଥିଲେ

Digitized by srujanika@gmail.com

ଆପଣ ଯଥାକ୍ରମେ ୪ ଓ ୦ ଦେଇପାରନ୍ତି । ଆପଣ ଦୁଇଟିଯାକ ଜୀବିକା ନାପସନ୍ଦ କରୁଥିଲେ ପ୍ରତିଟିକୁ ୦ ଦିଅନ୍ତୁ । ଏହିପରି ଭାବରେ ଆପଣ ପ୍ରତି ବାକ୍ସରେ ସର୍ବନିମ୍ନ ୦ ଏବଂ ସର୍ବୋଚ୍ଚ ଫଳାଙ୍କ ୪ ଦେଇ ପାରିବେ । ଆପଣ ଇଚ୍ଛା କଲେ ପ୍ରତିଟିକୁ ୨ ମଧ୍ୟ ଦେଇ ପାରିବେ । ନିମ୍ନରେ ସୂଚିତ କରାଯାଇଥିବା ପରି ଆପଣ ଚିହ୍ନସବୁ ଦିଅନ୍ତୁ ।

ଇଞ୍ଜିନିୟରିଂ (କ) ୩

ଅର୍ଥ କାରବାର ଜୀବିକା (ଖ)

ବୃତ୍ତି - ଚୟନ



ସତ୍ତ୍ୱାଧିକାର : ଡଃ କେ.ଜି. ଦୁଟା

Digitized by srujanika@gmail.com

ଉପରେ ସୂଚିତ କରାଯାଇଥିବା ମତେ ଆପଣ ଇଞ୍ଜିନିୟରିଂ 'କ'କୁ ଅର୍ଥକାରବାର ଜୀବିକା 'ଖ' ଠାରୁ ଅଧିକ ପସନ୍ଦ କରୁଥିବାରୁ ସେହି ଅନୁସାରେ 'କ' ପାଇଁ ୩ 'ଖ' ପାଇଁ ୧ ସୂଚାଇଛନ୍ତି ।

ଦଶଟି ଉଚ୍ଚ ପସନ୍ଦର ବୃତ୍ତି

(କ) ଇଞ୍ଜିନିୟରିଂ (ରାସାୟନିକ, ଯାନ୍ତ୍ରିକ, ବୈଦ୍ୟୁତିକ, କମ୍ପ୍ୟୁଟର ସମ୍ପର୍କିତ ଇତ୍ୟାଦି)

(ଖ) ଅର୍ଥ ପରିଚାଳନା (ହିସାବରକ୍ଷକ, କର ବିଶେଷଜ୍ଞ, ବ୍ୟାଙ୍କ କର୍ମକର୍ତ୍ତା ଇତ୍ୟାଦି)

(ଗ) ପ୍ରଶାସନିକ ସେବା (ପ୍ରଶାସନିକ ପଦାଧିକାରୀ, ଆଇ.ଏ.ଏସ୍. ଆଇ.ଏଫ୍.ଇସ୍, ଆଇ.ପି.ଏସ୍ ଇତ୍ୟାଦି)

(ଘ) ଚିକିତ୍ସା ବିଜ୍ଞାନ (ଡାକ୍ତର, ମନୋଚିକିତ୍ସକ, ଶଲ୍ୟ ଚିକିତ୍ସକ, ନିଦାନ ମନୋବିଜ୍ଞାନୀ)

(ଙ) ପରିଚାଳନା (ବିଭିନ୍ନ ସଂସ୍ଥା, ବିକ୍ରୟ କେନ୍ଦ୍ର ଓ ହୋଟେଲ ଇତ୍ୟାଦିର ପରିଚାଳକ)

(ଚ) କଳାତ୍ମକ ଜୀବିକା (ଚିତ୍ରଶିଳ୍ପୀ, ସଂଗୀତଶିଳ୍ପୀ, ସ୍ଥାପତ୍ୟ ଶିଳ୍ପୀ ଇତ୍ୟାଦି)

(ଛ) ବୁଦ୍ଧିଗତ ଜୀବିକା (ଔପନ୍ୟାସିକ, ଐତିହାସିକ, ଶିକ୍ଷକ, ପ୍ରଫେସର, ସମ୍ପାଦକ)

(ଜ) ସାମରିକ ସେବା (ପଦାତିକ, ନୌସେନା, ବାୟୁସେନା)

(ଝ) ବୈଜ୍ଞାନିକ (ପଦାର୍ଥ ବିଜ୍ଞାନୀ, ରସାୟନଶାସ୍ତ୍ର ବିଶେଷଜ୍ଞ, ଜୀବତତ୍ତ୍ୱବିଦ୍, ମନୋବିଜ୍ଞାନୀ ଇତ୍ୟାଦି)

(ଞ) ବ୍ୟବସାୟ (ଶିଳ୍ପପତି, ଗୋମହିଷାଦିର ବ୍ୟବସାୟ, କୃଷି ବ୍ୟବସାୟ)

ନିର୍ଦ୍ଦିଷ୍ଟ ଜୀବିକା : ପରପୃଷ୍ଠା ଦେଖନ୍ତୁ

ବିଶେଷ ଦ୍ରଷ୍ଟବ୍ୟ : ଏଠାରେ ଉଲ୍ଲେଖ କରାଯାଇଥିବା ଜୀବିକା ସବୁ ଉଦାହରଣ ରୂପେ ଉଲ୍ଲେଖ କରାଯାଇଛି । ବ୍ୟକ୍ତିର ଦୁର୍ବଳତା ବା ଅସୁସ୍ଥତା ନିରୂପଣ କ୍ଷେତ୍ରରେ ଏହାର ପ୍ରୟୋଗ ଅନୁଚିତ ।

ଫଳାଙ୍କ ନିରୂପଣ

ପଇଁଚାଳିଶଟି ବାକ୍ସରେ ଆପଣ ନିଜର ଅଙ୍କ ସୂଚିତ କରିସାରିବା ପରେ ଆପଣ 'କ', 'ଖ' ଓ 'ଗ' ଇତ୍ୟାଦି ନିମ୍ନରେ ଥିବା ଫଳାଙ୍କ ସବୁକୁ ମିଶାଇ ଦିଅନ୍ତୁ । ଏଥିରୁ ବର୍ତ୍ତମାନ ସର୍ବୋଚ୍ଚ ଫଳାଙ୍କ ଚିହ୍ନଟ କରନ୍ତୁ । ଯେଉଁ ତିନୋଟିରେ ସର୍ବୋଚ୍ଚ ଫଳାଙ୍କ ମିଳିଛି ସେହି ତିନୋଟିରେ ଆପଣଙ୍କ ଆଗ୍ରହ ଅଧିକ ବୋଲି ବିଚାର କରାଯିବ । ଏହି ଆଗ୍ରହ ସହିତ ଆପଣଙ୍କ ଦକ୍ଷତା ଅନୁକୂଳ ହୋଇଥିଲେ ଆପଣଙ୍କ ସଫଳତାର ସମ୍ଭାବନା ଖୁବ୍ ବେଶୀ ।

❑

Digitized by srujanika@gmail.com

ପରିବର୍ତ୍ତିତ ପରିବେଶ : ଦୂରଦର୍ଶନ ଓ ଇଣ୍ଟରନେଟ୍

ଦୂରଦର୍ଶନ ଓ ଇଣ୍ଟରନେଟ୍ ବିଗତ ଅର୍ଦ୍ଧଶତାବ୍ଦୀର ଇତିହାସରେ ଯୋଗାଯୋଗ ଓ ପ୍ରଯୁକ୍ତିବିଜ୍ଞାନର ବିସ୍ମୟକର ବିକାଶରେ ସବୁଠାରୁ ବଡ଼ ଉଲ୍ଲେଖଯୋଗ୍ୟ ଘଟଣା । ଏହା ସମସାମୟିକ ଜୀବନକୁ ଏକ ନୂଆ ମୋଡ଼ ଦେଇଛି । କିଶୋର କିଶୋରୀମାନଙ୍କର ଜୀବନଚର୍ଯ୍ୟାରେ ଅପୂର୍ବ ପରିବର୍ତ୍ତନ ଆଣିଛି । ଆଜିର କିଶୋର କିଶୋରୀ ପିତାମାତା କିମ୍ବା ଶ୍ରେଣୀଗୃହର ପରିବେଶ ପରିବର୍ତ୍ତେ ଟେଲିଭିଜନ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ସାମନାରେ ଅଧିକ ସମୟ ଅତିବାହିତ କରୁଛନ୍ତି । ଏ ଗୁଡ଼ିକର ପ୍ରଭାବ ସେମାନଙ୍କ ଜ୍ଞାତସାରରେ ଓ ଅଜ୍ଞାତସାରରେ ଆଚରଣ ଓ ଜୀବନଶୈଳୀରେ ପ୍ରତିଫଳିତ ହେଉଛି ।

ଦୈନନ୍ଦିନ ଜୀବନର କେତେ ଅଂଶ କିଶୋର କିଶୋରୀମାନେ ଦୂରଦର୍ଶନ ଦେଖିବା, କମ୍ପ୍ୟୁଟର ବ୍ୟବହାର କରିବା ଏବଂ ଖବରକାଗଜ ପତ୍ରିକାରେ ବିନିଯୋଗ କରନ୍ତି, ତାହାର ପର୍ଯ୍ୟବେକ୍ଷଣ କଲେ ଏ ଦିଗରେ ସେମାନଙ୍କର ଗୁରୁତ୍ୱଆରୋପର ମାତ୍ରା ସହଜରେ ଜାଣିହୁଏ । ନିମ୍ନରେ ଦିଆଯାଇଥିବା ବାକ୍ସରେ ଯୁକ୍ତରାଷ୍ଟ୍ର ଆମେରିକାର କିଶୋର କିଶୋରୀମାନଙ୍କର ଦୈନିକ ହାରାହାରି ସମୟ ବିନିଯୋଗର ମାତ୍ରା ସୂଚିତ କରାଯାଇଛି ।

କାର୍ଯ୍ୟକ୍ରମ	୮ରୁ ୧୦ବର୍ଷ ବୟସ	୧୧ରୁ ୧୪ବର୍ଷ ବୟସ	୧୫ରୁ୧୮ବର୍ଷ ବୟସ
ଦୂରଦର୍ଶନ	୩ଘ୧୯ମିନିଟ୍	୩ଘ୩୦ମିନିଟ୍	୨ଘ୨୩ମିନିଟ୍
ଭିଡ଼ିଓ (ଭଡ଼ା ଓ ନିଜେ ରେକର୍ଡ଼ିଂ)	୪୬ମି	୪୩ମି	୩୭ମି
ହଲରେ ସିନେମା	୨୬ମି	୧୯ମି	୯ମି
ଅଡ଼ିଓ (ରେଡ଼ିଓ, ସିଡ଼ି)	୫୫ମି	୧ଘ୪୩ମି	୨ଘ ୩୮ମି
ଖବର କାଗଜ	୫୪ମି	୪୨ମି	୩୭ମି
ଭିଡ଼ିଓ ଖେଳ	୩୧ମି	୨୬ମି	୨୧ମି
କମ୍ପ୍ୟୁଟର	୨୩ମି	୩୧ମି	୨୬ମି
ମିଡ଼ିଆ ସାହାଯ୍ୟରେ ବିନିଯୁକ୍ତ ହେଉଥିବା ସମୁଦାୟ ସମୟ	୭ଘ୧୩ମି	୭ଘ୫୫ମି	୭ଘ୧୧ମି

Digitized by srujanika@gmail.com

ଭାରତ ପରି ବିକାଶମୁଖୀ ଦେଶରେ ମଧ୍ୟ ପରିବେଶର ଦ୍ରୁତ ପରିବର୍ତ୍ତନ ଘଟୁଛି । ପାଶ୍ଚାତ୍ୟଜଗତରେ ୮ବର୍ଷରୁ ୧୮ବର୍ଷ ବୟସର ପିଲାମାନେ ଦୈନିକ ଘଣ୍ଟାରୁ ଅଧିକ ଏବଂ ସପ୍ତାହରେ ୪୯ ଘଣ୍ଟାରୁ ଅଧିକ ଗଣମାଧ୍ୟମର ବ୍ୟବହାର କରୁଛନ୍ତି । ରେଡ଼ିଓ, ଟେଲିଭିଜନ ଏବଂ ସିଡ଼ିର ବହୁଳ ବ୍ୟବହାର କରାଯାଉଛି । ଅବଶ୍ୟ ଧୀରେ ଧୀରେ ଇଣ୍ଟରନେଟ୍‌ର ବ୍ୟବହାର ମଧ୍ୟ ବୃଦ୍ଧି ପାଉବାରେ ଲାଗିଛି ।

ଆଦ୍ୟ କୈଶୋର ସମୟରେ ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖିବାର ମାତ୍ରା ଶୀର୍ଷକୁ ଯାଏ । ସ୍କୁଲ ଓ ସାମାଜିକ କାର୍ଯ୍ୟକ୍ରମ ବୃଦ୍ଧି ପାଇଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏହା କମିବାକୁ ଲାଗେ । ରେଡ଼ିଓ ଓ କମ୍ପ୍ୟୁଟର ମାଧ୍ୟମରେ ଗୀତ ଶୁଣିବାର ମାତ୍ରା ବୃଦ୍ଧିପାଇବାକୁ ଲାଗେ । ପିଲାମାନଙ୍କ ତୁଳନାରେ କିଶୋର କିଶୋରୀମାନେ ଅଧିକ ସଂଖ୍ୟାରେ ଖବରକାଗଜ ପଢ଼ନ୍ତି । ଏଗାର ବାର ବର୍ଷ ବେଳକୁ ଅଧିକାଂଶ ପିଲା ଖବର କାଗଜ ପଢ଼ିବା ଆରମ୍ଭ କରନ୍ତି ଏବଂ ଧୀରେ ଧୀରେ ତାହା ବୃଦ୍ଧି ପାଇ ପ୍ରାୟ ୬୦ରୁ ୮୦ ପ୍ରତିଶତ କିଶୋର କିଶୋରୀ ଅନ୍ତତଃ ଗୋଟିଏ ଖବର କାଗଜ ପଢ଼ନ୍ତି । ସେହିପରି ଧୀରେ ଧୀରେ ବହି ଓ ପତ୍ରପତ୍ରିକା ପଢ଼ିବାର ହାର ବୃଦ୍ଧିପାଏ । ବିଦ୍ୟାଳୟର ଉଚ୍ଚ ଶ୍ରେଣୀରେ ପଢୁଥିବା କିଶୋର କିଶୋରୀମାନଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ କୁହନ୍ତି ଯେ ସେମାନେ ଦୈନିକ କିଛି ନା କିଛି ପତ୍ରପତ୍ରିକା ପଢ଼ନ୍ତି । ପ୍ରାୟ ଏକ ପଞ୍ଚମାଂଶ ଛାତ୍ରଛାତ୍ରୀ କୁହନ୍ତି ଯେ ସେମାନେ ପାଠ୍ୟପୁସ୍ତକ ବାହାର ଅନ୍ୟ କିଛି ବହି ପଢ଼ନ୍ତି । ଦଶବର୍ଷରୁ ୧୮ ବର୍ଷ ବୟସ ମଧ୍ୟରେ ମଜାଦାର (କମିକ୍) ବହି ପଢ଼ିବାର ମାତ୍ରା କମିବାକୁ ଲାଗେ ।

କିଶୋରୀମାନଙ୍କ ତୁଳନାରେ କିଶୋରମାନେ ଅଧିକ ସମୟ ଟେଲିଭିଜନ କାର୍ଯ୍ୟକ୍ରମ ଦେଖିବାରେ ବିନିଯୋଗ କରନ୍ତି । କିଶୋରୀମାନେ ଅପେକ୍ଷାରତ ଅଧିକ ସମୟ ସଙ୍ଗୀତଧର୍ମୀ କାର୍ଯ୍ୟକ୍ରମ ଦେଖନ୍ତି । କିଶୋରୀମାନଙ୍କ ତୁଳନାରେ କିଶୋରମାନେ ଅଧିକ ସମୟ କମ୍ପ୍ୟୁଟର ଓ ଭିଡ଼ିଓ ଖେଳରେ ସମୟ କାଟନ୍ତି ।

ଟେଲିଭିଜନର ପ୍ରୟୋଗ ଅପପ୍ରୟୋଗ ସମ୍ପର୍କରେ ସବୁ ଦେଶରେ ତର୍କ ବିତର୍କର ଅବସାନ ଘଟିନାହିଁ । କିଶୋର କିଶୋରୀମାନଙ୍କର ଶିକ୍ଷାଗତ ବିଫଳତା ମୂଳରେ ଦୂରଦର୍ଶନକୁ ଦାୟୀ କରାଯାଇଛି । ଦୂରଦର୍ଶନର କାର୍ଯ୍ୟକ୍ରମସବୁ ମନରେ ବିଚଳିତ ଓ ଅନ୍ୟମନସ୍କତା ସୃଷ୍ଟିକରି ଅଧ୍ୟୟନ ପ୍ରତି ବିରାଗ ଜନ୍ମାଏ ବୋଲି ଯୁକ୍ତି କରାଯାଇଛି । ବିଜ୍ଞାନ ଓ ଗଣିତରେ କମ୍ ନମ୍ବର ରଖୁଥିବା ପିଲାମାନେ ଅଧିକ ସମୟ ଦୂରଦର୍ଶନ ଦେଖିବାର ସର୍ବେକ୍ଷଣ ଏ ଯୁକ୍ତି ସପକ୍ଷରେ ପ୍ରମାଣ ଯୋଗାଇଛି । ପୁଣି ଦୂରଦର୍ଶନ କିଶୋର କିଶୋରୀ ମନରେ ହିଂସ୍ର ଓ ଆକ୍ରମଣାତ୍ମକ ମନୋଭାବ ସୃଷ୍ଟି କରିବାର ପ୍ରମାଣ ଅନେକ ବିଶେଷଜ୍ଞ ପ୍ରଦାନ କରିଛନ୍ତି । ସର୍ବୋପରି ଦୂରଦର୍ଶନ ଏପରି ନକାରାତ୍ମକ ପ୍ରଭାବ ବିରୁଦ୍ଧରେ କେତେକ ପ୍ରାମାଣିକ ତଥ୍ୟ ରହିଛି ।

Digitized by srujanika@gmail.com

ଦୂରଦର୍ଶନ କାରଣ ନ ହେଲେ ମଧ୍ୟ ବହୁ ନକାରାତ୍ମକ ଆଚରଣ ସହିତ ଏହା ସମ୍ବନ୍ଧିତ ବୋଲି ବହୁମାତ୍ରାର ସ୍ୱୀକୃତି ରହିଛି ।

ଦ୍ୱିତୀୟତଃ ଦୂରଦର୍ଶନ ଦେଖିବାର ମାତ୍ରାଧିକ ସମୟ କାଟୁଥିବା ବ୍ୟକ୍ତିମାନେ କେବଳ ଶିଥିଳ ଶିକ୍ଷାର୍ଥୀ (Passive Leaner) ନୁହଁନ୍ତି, ସେମାନଙ୍କ ଜୀବନଶୈଳୀ ମଧ୍ୟ ଅପେକ୍ଷାକୃତ ଶିଥିଳ । ସୀମିତ ପରିମାଣରେ ଦୂରଦର୍ଶନ ଦେଖୁଥିବା କିଶୋର କିଶୋରୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଅପେକ୍ଷାକୃତ ଭଲ । ଶାରୀରିକ ପୃଥୁଳତା ସହିତ ଦୂରଦର୍ଶନ ଦେଖିବାର ମାତ୍ର ସମ୍ବନ୍ଧିତ ହେବ ବୋଲି କେତେକ ଗବେଷଣାରେ ପ୍ରମାଣିତ ହୋଇଛି ।

ତୃତୀୟତଃ, ଦୂରଦର୍ଶନ ଆମର ଅଜ୍ଞାତସାରରେ ଏକ ପ୍ରତାରଣାପୂର୍ଣ୍ଣ ମନୋଭାବ ଗଠନ କରେ । ଜୀବନର ବହୁ ସମସ୍ୟାର ସମାଧାନ ଦୀର୍ଘଦିନ ବା ବର୍ଷବର୍ଷର ପରିଶ୍ରମ ଦରକାର କରୁଥିଲେ ମଧ୍ୟ ଦୂରଦର୍ଶନ କାର୍ଯ୍ୟକ୍ରମରେ ଘଣ୍ଟାଏ ଅଧଘଣ୍ଟାରେ ସହଜ ତତ୍‌କ୍ଷଣାତ ସମାଧାନ ମିଳିଯାଏ । ଜୀବନର ଯନ୍ତ୍ରଣା ମଧ୍ୟ ଦୀର୍ଘସ୍ଥାୟୀ ହେବା ସ୍ଥଳେ ଦୂରଦର୍ଶନର କାର୍ଯ୍ୟକ୍ରମରେ ଏହାର ଅବସାନ ମାତ୍ର ଅଧଘଣ୍ଟା ଘଣ୍ଟାଏ ମଧ୍ୟରେ ସମ୍ଭବ ହୋଇଥାଏ । ଏପରି କାର୍ଯ୍ୟକ୍ରମ ଆମ ମନ ମଧ୍ୟରେ ଧୈର୍ଯ୍ୟହୀନତା ସୃଷ୍ଟିକରେ । ତତ୍‌କ୍ଷଣାତ୍ ସମସ୍ୟା ସମାଧାନର ପ୍ରତ୍ୟାଶା ଆମକୁ ଅସ୍ଥିର କରେ ।

ଏହା ସତ୍ତ୍ୱେ ଦୂରଦର୍ଶନର ସକାରାତ୍ମକ ଭୂମିକାକୁ ସ୍ୱୀକାର କରିବାକୁ ହେବ । ଆମର ପିତାମାତା ସାଙ୍ଗସାଥୀ, ବନ୍ଧୁବାନ୍ଧବ ଓ ନିକଟସ୍ଥ ପରିବେଶର ପରିସୀମିତ୍ୱର ଉର୍ଦ୍ଧ୍ୱକୁ ଯାଇ ଦୂରଦର୍ଶନ ଆମକୁ ନୂତନ ତଥ୍ୟ ଏବଂ ନୂତନ ଦିଗନ୍ତର ସନ୍ଧାନ ଦିଏ । ବନ୍ଦ ରହିଥିବା ଝରକାସବୁ ଖୋଲିଯିବା ଫଳରେ ଆମେ ଏକ ବିସ୍ତୃତ ବିଶ୍ୱକୁ ଦେଖିପାରୁ । ବିଶେଷତଃ କିଶୋର କିଶୋରୀମାନେ ଏକ ପ୍ରସାରିତ ପୃଥିବୀର ସନ୍ଧାନ ପାଆନ୍ତି । ସୁତରାଂ ଆତ୍ମନିୟନ୍ତ୍ରଣତାର (Self-Regulation) କୌଶଳ ପ୍ରୟୋଗ କରି ଦୂରଦର୍ଶନକୁ ଆତ୍ମବିକାଶର ମାଧ୍ୟମ ରୂପେ ଗ୍ରହଣ କରାଯାଇପାରେ ।

ପରିବର୍ତ୍ତିତ ପରିବେଶର ଅନ୍ୟତମ ସ୍ପଷ୍ଟ ନିର୍ଦ୍ଧାରକ ହେଉଛି ଇଣ୍ଟରନେଟ୍‌ର (Internet) ବହୁଳ ପରିପ୍ରସାର । ପାଶ୍ଚାତ୍ୟ ଜଗତ ବିଶେଷତଃ ଯୁକ୍ତରାଷ୍ଟ୍ରରେ କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଏ ଯେ ୧୯୯୮ ମସିହାରୁ ୨୦୦୧ ମଧ୍ୟରେ ୧୪ବର୍ଷରୁ ୧୭ବର୍ଷ ବୟସର କିଶୋର କିଶୋରୀମାନଙ୍କ ମଧ୍ୟରେ ଇଣ୍ଟରନେଟର ବ୍ୟବହାର ୫୧ ପ୍ରତିଶତରୁ ୭୫ ପ୍ରତିଶତକୁ ବୃଦ୍ଧି ପାଇଛି । ଦଶବର୍ଷରୁ ୧୩ବର୍ଷ ବୟସର ପିଲାମାନଙ୍କ ମଧ୍ୟରେ ଏହା ୩୯ ପ୍ରତିଶତରୁ ୬୫ ପ୍ରତିଶତକୁ ବୃଦ୍ଧିପାଇଛି । ପୁଣି ସର୍ବେକ୍ଷଣରୁ ଜଣାଯାଏ ଯେ ୪୦ ପ୍ରତିଶତ କିଶୋର କିଶୋରୀ ନିଜ ଉଦ୍ୟମରେ ଇଣ୍ଟରନେଟ୍‌ର ବ୍ୟବହାର ଶିଖିବା ସ୍ଥଳେ ୩୦ ପ୍ରତିଶତ ପିତାମାତାଙ୍କଠାରୁ, ୨୦ପ୍ରତିଶତ ସାଙ୍ଗସାଥୀମାନଙ୍କଠାରୁ, ୧୦ ପ୍ରତିଶତ ସାଙ୍ଗସାଥୀଙ୍କଠାରୁ ଏବଂ ୫ ପ୍ରତିଶତ ବିଦ୍ୟାଳୟରୁ ଶିକ୍ଷା କରନ୍ତି । ପ୍ରାୟ ୩୩ ପ୍ରତିଶତ କିଶୋର କିଶୋରୀ ସପ୍ତାହରେ ୬ ଘଣ୍ଟାରୁ

Digitized by srujanika@gmail.com

ଅଧିକ ସମୟ ବ୍ୟବହାର କରିବା ସ୍ଥଳେ ୨୪ ପ୍ରତିଶତ କିଶୋର କିଶୋରୀ ସପ୍ତାହରେ ୩ଘଣ୍ଟାରୁ ୫ ଘଣ୍ଟା ଏବଂ ୨୦ ପ୍ରତିଶତ କିଶୋର କିଶୋରୀ ସପ୍ତାହରେ ଏକଘଣ୍ଟା ବା ତା'ଠାରୁ କମ୍ ବ୍ୟବହାର କରନ୍ତି ।

ଇଣ୍ଟରନେଟ୍‌ର ବ୍ୟବହାର ଆଧୁନିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବାରେ ଲାଗିଛି । ଅତୀତର ଚିଠିଲେଖା, ବହିପଢ଼ା, ଗଭୀର ଚିନ୍ତନ ପରି ସାମର୍ଥ୍ୟସୂଚକ ସବୁ ଧୀରେ ଧୀରେ ନିର୍ବାସିତ ହୋଇ ନୂତନ କୌଶଳର ଧାରା ପ୍ରକାଶ୍ୟ ରୂପରେଖ ନେଉଛି । ଇଣ୍ଟରନେଟ୍‌କୁ କେଉଁସବୁ କାର୍ଯ୍ୟର କିଶୋର କିଶୋରୀମାନେ ବ୍ୟବହାର କରୁଛନ୍ତି, ତାହା ନିମ୍ନରେ ବାକ୍ସରେ ସୂଚିତ ହୋଇଥିବା କାର୍ଯ୍ୟଧାରାରୁ ଜାଣି ହେବ ।

କାର୍ଯ୍ୟ	*ବ୍ୟବହାର ମାତ୍ରା*
ଚିଠି ପଠାଇବା	୯୪%
ଗବେଷଣା/ସ୍କୁଲ କଲେଜ କାମ	୯୪%
ସିନେମା, ସଂଗୀତ ଇତ୍ୟାଦି ସମ୍ପର୍କରେ ଜ୍ଞାତବ୍ୟ ସୂଚନା	୮୫%
ଭିଡ଼ିଓ ଖେଳ	୮୧%
ସଂଗୀତ କାର୍ଯ୍ୟକ୍ରମ ସଂଗ୍ରହ (Download)	୮୦%
ଖବର	୭୮%
ଗପସପ କରିବା	୭୧%
କ୍ରୀଡ଼ା ପ୍ରତିଯୋଗିତାର ଫଳାଫଳ ଜାଣିବା	୫୦%
କ୍ରୟବିକ୍ରୟ	୩୬%

କହିବା ଅନାବଶ୍ୟକ ଯେ ଇଣ୍ଟରନେଟ୍‌ର ବ୍ୟବହାର ଓ ଉପଯୋଗିତା ଆଧୁନିକ ପ୍ରଯୁକ୍ତିଜ୍ଞାନର ଏକ ବିଶେଷ ଅବଦାନ । ତଥାପି ଏହାର ଅନିୟନ୍ତ୍ରିତ ବ୍ୟବହାର ଓ ଅପପ୍ରୟୋଗ କେତେକ ଆଶଙ୍କାର ସତର୍କ ଧ୍ୱନି ଶୁଣାଇଛି । କିଶୋର କିଶୋରୀମାନଙ୍କର ଇଣ୍ଟରନେଟ୍ ବ୍ୟବହାର ସମ୍ପର୍କରେ ଅନୁସନ୍ଧାନ ସାଇଟ୍ ମଧ୍ୟରୁ ୧୦ ପ୍ରତିଶତ ସାଇଟ୍ ହେଉଛି କେବଳ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ ଯୌନ ଦୃଶାବଳୀ । ପ୍ରାୟ ୪୪ ପ୍ରତିଶତ କିଶୋର କିଶୋରୀ ଯୌନଦୃଶ୍ୟାବଳୀର ଅନୁସନ୍ଧାନ କରନ୍ତି । ପାଶ୍ଚାତ୍ୟ ଦେଶମାନଙ୍କ ୧୨ ପ୍ରତିଶତ କିଶୋର କିଶୋରୀ ଇଣ୍ଟରନେଟ୍‌ର ସହାୟତା ନେଇ ବନ୍ଧୁକ ବିକ୍ରୀ ହେଉଥିବା ସ୍ଥାନର ସନ୍ଧାନ କରନ୍ତି ।

ଏସବୁ ସତ୍ତ୍ୱେ ଇଣ୍ଟରନେଟ୍‌ର ପ୍ରୟୋଗ ଓ ପ୍ରସାରକୁ ବାଧାଦେଣ ବିଜ୍ଞତା ହେବ ନାହିଁ । ଆତ୍ମବିକାଶ ଓ ବ୍ୟକ୍ତିଗତ ସାଫଲ୍ୟ ପାଇଁ ଏହାକୁ ଉପଯୋଗ କରିବାକୁ ହେବ । ମାର୍ଗଦର୍ଶନ ଦେଇପାରୁଥିବା ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଏସବୁର ପ୍ରୟୋଗ କିଶୋର କିଶୋରୀମାନଙ୍କ ଜୀବନକୁ କମନୀୟ କରିପାରିବ ।

Digitized by srujanika@gmail.com

୧. ସାମାଜିକ ମଙ୍ଗଳ ପାଇଁ ଦାୟିତ୍ୱପୂର୍ଣ୍ଣ ଭାବରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସମ୍ଭବପର । ଦୂରଦର୍ଶନରେ ପ୍ରଦର୍ଶିତ ହିଂସାତ୍ମକ ଆଚରଣ ଏବଂ କିଶୋର କିଶୋରୀମାନଙ୍କ କ୍ରୋଧ ମଧ୍ୟରେ ସମ୍ବନ୍ଧ ରହିଛି । ସୁତରାଂ ଲେଖକ, ପ୍ରଯୋଜକ ଏବଂ ଗଣମାଧ୍ୟମରେ ବ୍ୟବସ୍ଥାପକମାନେ ଦାୟିତ୍ୱପୂର୍ଣ୍ଣଭାବରେ ବିଶେଷଜ୍ଞଙ୍କ ପରାମର୍ଶ ନେଇ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଏକ ସାମାଜିକ ଆହ୍ବାନ ।

୨. ଯୁକ୍ତରାଷ୍ଟ୍ର ଆମେରିକାରେ ଦୂରଦର୍ଶନର ପ୍ରଯୋଜନା ଉପରେ ପ୍ରାୟ କୌଣସି କଟକଣା ନ ଥିବା ସ୍ଥଳେ ଇଉରୋପୀୟ ଦେଶମାନଙ୍କରେ କିଛି ମାତ୍ରାରେ କଟକଣା ରହିଛି । ଭାରତ ପରି ବହୁ ସଂସ୍କୃତିପୂର୍ଣ୍ଣ ଓ ବୈଷମ୍ୟଭରା ଦେଶରେ ଜାତୀୟ ନୀତିରେ ନିୟନ୍ତ୍ରଣ ପ୍ରକ୍ରିୟା ସ୍ଥାନିତ ହେବା ବିଧେୟ ।

୩. ସ୍କୁଲ କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀର ଉନ୍ନୟନମୂଳକ ଶିକ୍ଷା କାର୍ଯ୍ୟପାଇଁ ଦୂରଦର୍ଶନର ବହୁଳ ପ୍ରୟୋଗ କରାଯାଇପାରେ ।

୪. ସ୍ୱାସ୍ଥ୍ୟ ସଚେତନାର ବିକାଶ ପାଇଁ ଗଣମାଧ୍ୟମର ବ୍ୟବହାର ଖୁବ୍ ଉପଯୋଗୀ ।

୫. ଗଣମାଧ୍ୟମରେ ବିଶେଷ ବିଶେଷ କାର୍ଯ୍ୟକ୍ରମରେ କିଶୋର କିଶୋରୀମାନଙ୍କର ମତାମତ ପ୍ରତିଫଳିତ ହେବା ଆବଶ୍ୟକ । ଏପରି ପ୍ରକ୍ରିୟା ବୁଝାମଣା ସୃଷ୍ଟିରେ ସହାୟକ ହେବ ।

❑

Digitized by srujanika@gmail.com

ମାନସିକ ସ୍ୱାସ୍ଥ୍ୟ ଓ ସଫଳ ସମନ୍ୱୟ

ମାନସିକ ସ୍ୱାସ୍ଥ୍ୟ ଓ ସୁଖାନୁଭୂତି ପ୍ରତ୍ୟେକ ମନୁଷ୍ୟର ଏକ ବହୁ ଆକାଂକ୍ଷିତ ସ୍ୱପ୍ନ । କୈଶୋର ଜୀବନରେ ମଧ୍ୟ ଏପରି ଅଭିଳାଷ ତୀବ୍ର ରହିବା ସ୍ୱାଭାବିକ । କୈଶୋର ଜୀବନର ବହୁ ଜଟିଳତା ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ହାସଲ କରିବା ଏବଂ ଆହ୍ୱାନଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରିବାର ଅଭୀପ୍ସା ସୃଷ୍ଟି । ଏପରି ସ୍ୱପ୍ନକୁ ସାକାର ରୂପ ଦେବାକୁ ହେଲେ ଏହାର ଗତିପଥରେ ଉପୁଜୁଥିବା ପ୍ରତିବନ୍ଧକସବୁକୁ ଚିହ୍ନଟ କରିବାକୁ ହେବ ଏବଂ ପ୍ରତିବନ୍ଧକ ଦୂର କରିବାର କୌଶଳ ଶିକ୍ଷା କରିବାକୁ ହେବ ।

ବ୍ୟବହାରିକ ଦୃଷ୍ଟିକୋଣରୁ ଲକ୍ଷ୍ୟ ଦୁଇଟି । ପ୍ରଥମ ଲକ୍ଷ୍ୟଟି ହେଉଛି ନିଶାଦ୍ରବ୍ୟ ଓ ମଦ୍ୟପାନ ସେବନ, ହିଂସାତ୍ମକ ଆଚରଣ ଓ ବେପରୁଆ ଗାଡ଼ିଚାଳନା ପରି କ୍ଷତିକାରକ ବ୍ୟବହାର ସବୁର ବିଲୋପ । ଦ୍ୱିତୀୟ ଲକ୍ଷ୍ୟଟି ହେଉଛି ଉପଯୁକ୍ତ ବ୍ୟାୟାମ, ଆବଶ୍ୟକ ନିଦ୍ରା ଏବଂ ସୁଷମଖାଦ୍ୟ ଗ୍ରହଣ ପରି ଉପଯୋଗୀ ବ୍ୟବହାର ସବୁର ପ୍ରବର୍ତ୍ତନ । ସମ୍ଭବତଃ ମନରେ ପ୍ରଶ୍ନ ଉଠିବ – ଏ ଦୁଇଟି ଲକ୍ଷ୍ୟ ପୂରଣ ହୁଏ ନାହିଁ କାହିଁକି ?

ପୂର୍ବରୁ ସୂଚନା ଦିଆଯାଇଛି ଯେ କିଶୋର କିଶୋରୀମାନଙ୍କର ନିଜର ଅନନ୍ୟତା ସମ୍ପର୍କରେ ଏକ ଭ୍ରମ ଧାରଣା ରହିଥାଏ । ସେମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରକୃତରେ ଅନନ୍ୟ । ସେମାନଙ୍କ ପରି କେହି ଭଲ ପାଇପାରିବେ ନାହିଁ । ସେମାନଙ୍କ ପରି ଦକ୍ଷତାର ସହିତ କେହି ଗାଡ଼ି ଚଳାଇ ପାରିବେ ନାହିଁ । ସେମାନଙ୍କର ମାନସିକ ସ୍ଥିତି ଅନ୍ୟମାନେ ବୁଝିପାରିବେ ନାହିଁ । ଏପରି ଭ୍ରମଧାରଣା ଫଳରେ କେତେକ ବଦ୍ ଅଭ୍ୟାସ ସେମାନଙ୍କ ଜୀବନଶୈଳୀରେ ପ୍ରବେଶ କରେ । ଦ୍ୱିତୀୟତଃ, ସେମାନଙ୍କର କେତେକ ତ୍ରୁଟିପୂର୍ଣ୍ଣ ଭାବନା ଥାଏ । ସେମାନେ ଖରାପ ଖାଦ୍ୟ ଖାଇଲେ ମଧ୍ୟ ସହଜରେ ହଜମ କରିପାରିବେ । ଦେହ ଖରାପ ହେଲେ ମଧ୍ୟ ଖୁବ୍ ଶୀଘ୍ର ଭଲ ହୋଇଯିବେ । ଏପରି ତ୍ରୁଟିପୂର୍ଣ୍ଣ ଭାବନା ଫଳରେ ସେମାନେ କେତେକ ବଦ୍‌ଅଭ୍ୟାସର ଶିକାର ହୁଅନ୍ତି ।

କିଶୋରକାଳୀନ ସ୍ୱାସ୍ଥ୍ୟ ସମ୍ପର୍କିତ ଅନିୟନ୍ତ୍ରିତ ବ୍ୟବହାର ପରିପ୍ରକାଶକୁ ଅନେକ ଉଦାମତାର ଏକ ସ୍ୱାଭାବିକ ଅଭିବ୍ୟକ୍ତି ବୋଲି ବିଚାର କରନ୍ତି । ଉଚ୍ଚଶବ୍ଦର ସଂଗୀତ, ମାତ୍ରାଧିକ ଆଲୋକସଜ୍ଜାର ଆକର୍ଷଣ, ରକ୍ ସଙ୍ଗୀତ ଏବଂ ହଇଚଇ ସୃଷ୍ଟି କରୁଥିବା ସମ୍ବେଦନ ପ୍ରତି ପ୍ରଲୋଭନ ଏ ବୟସର ପିଲାମାନଙ୍କଠାରେ ବେଶ୍ ଦେଖାଯାଏ । ଦୁଃସାହସିକ ବ୍ୟବହାର ଓ

Digitized by srujanika@gmail.com

ଆତ୍ମନିୟନ୍ତ୍ରଣ ମଧ୍ୟରେ ବିଶେଷ ବ୍ୟବଧାନ ପରିଦୃଷ୍ଟ ହୁଏ । ଆବେଗ ଓ ଆନନ୍ଦ ଅନ୍ୱେଷଣକୁ ନିୟନ୍ତ୍ରଣ କରୁଥିବା ମସ୍ତିଷ୍କର ଅଂଶବିଶେଷ (ଲିମ୍ବିକ୍ ମଣ୍ଡଳ) ଏ ସମୟରେ ବିକଶିତ ହୋଇସାରିଥିବା ସ୍ଥଳେ ଆତ୍ମନିୟନ୍ତ୍ରଣକୁ ପ୍ରଭାବିତ କରୁଥିବା ଅଗ୍ର ମସ୍ତିଷ୍କର ଅଂଶବିଶେଷ ପୂର୍ଣ୍ଣ ବିକଶିତ ହୋଇ ନଥାଏ । ଫଳରେ ବେପରୁଆ ହାବଭାବ (ଅନିୟନ୍ତ୍ରିତ ବ୍ୟବହାର) ପରିଦୃଷ୍ଟ ହୁଏ । ଏପରି ମାନସିକତା ସ୍ୱାସ୍ଥ୍ୟ-ଅନୁକୂଳ ବ୍ୟବହାର ଗଠନରେ ଅନ୍ତରାୟ ହୁଏ ।

ମାନସିକ ସ୍ୱାସ୍ଥ୍ୟର ବିକାଶ ପାଇଁ ଶାରୀରିକ ସ୍ୱାସ୍ଥ୍ୟ ଭିତ୍ତି ରୂପେ କାର୍ଯ୍ୟ କରେ । ପୁଣି ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ପରିମାଣରେ ପୁଷ୍ଟମଖାଦ୍ୟ ଗ୍ରହଣ ଏକ ଉପଯୋଗୀ ବ୍ୟବହାର । କିଶୋର କିଶୋରୀଙ୍କ ସମେତ ପ୍ରତି ମନୁଷ୍ୟ ଶରୀରରେ ଶକ୍ତିର ଦହନ ଚାଲିଛି । ନାରୀ ତୁଳନାରେ ପୁରୁଷ ଶରୀରରେ ଅଧିକ ଶକ୍ତିର ଦହନ ହୋଇଥାଏ । ପୁଣି କେତେକ କିଶୋର କିଶୋରୀଙ୍କ ଶରୀରରେ ଅନ୍ୟମାନଙ୍କ ତୁଳନାରେ ଅଧିକ ବେଗରେ ଏହି ଦହନକ୍ରିୟା ସମ୍ପାଦିତ ହୁଏ । ଜଣେ ବିଶ୍ରାମ ନେଉଥିବା ସମୟରେ ଯେଉଁ ପରିମାଣର ଶକ୍ତିର ଦହନ ହୁଏ ତାହାକୁ ମୂଳଦହନ ହାର (Basal Metobolism Rate ବା BMR) କହନ୍ତି । ପ୍ରାକ୍ କୈଶୋର କାଳରୁ ପରବର୍ତ୍ତୀ କିଶୋର ପର୍ଯ୍ୟନ୍ତ ଏହି ହାର କମିବାକୁ ଲାଗେ । ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ କିଶୋରାବସ୍ଥାରେ ଆରମ୍ଭ ସମୟରେ ଦହନର ହାର ଅଧିକ ଥିବାରୁ କ୍ଷତିପୂରଣ ପାଇଁ ଅଧିକ ପରିମାଣର ପୁଷ୍ଟମଖାଦ୍ୟ ଆବଶ୍ୟକ ହୁଏ ।

ମାତ୍ର ଉତ୍ତମ ଧରଣର ଖାଦ୍ୟ ଗ୍ରହଣର ସଚେତନତା ପରିବର୍ତ୍ତେ କେତେକ କିଶୋର କିଶୋରୀ ଖାଦ୍ୟଗ୍ରହଣଜନିତ ମାନସିକ ବିପର୍ଯ୍ୟୟର ଶରବ୍ୟ ହୁଅନ୍ତି । ଏପରି ମାନସିକ ବିକୃତି ଦୁଇପ୍ରକାର ରୂପନିଏ । ସେ ଦୁଇଟି ହେଉଛି ଖାଦ୍ୟବର୍ଜନ ଅତିଶୟତା (Anorexia Nervosa) ଏବଂ ଭୋଜନ ଅତିଶୟତା (Bulumia) ।

ପାଶ୍ଚାତ୍ୟଦେଶର କିଶୋରୀମାନଙ୍କ ମଧ୍ୟରୁ ପ୍ରାୟ ୧ ପ୍ରତିଶତ କିଶୋରୀ **ଖାଦ୍ୟବର୍ଜନ ଅତିଶୟତା ବିପର୍ଯ୍ୟୟ** ସମ୍ମୁଖୀନ । ଆମ ଦେଶରେ ଏହା ତୀବ୍ରରୂପ ଏ ପର୍ଯ୍ୟନ୍ତ ନେଇ ନ ଥିଲେ ମଧ୍ୟ ଏମାନଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧିପାଇବାରେ ଲାଗିଛି । ମାତ୍ରାଧିକ କୃଶାଙ୍ଗୀ ବା ପତଳା ହେବାର ତୀବ୍ର ଇଚ୍ଛା ନେଇ କିଶୋରୀମାନେ ଖାଦ୍ୟ ବର୍ଜନ କରନ୍ତି । ଓଜନ ବୃଦ୍ଧି ପାଇବାର ଭୟ ଏମାନଙ୍କୁ ଅସ୍ଥିର କରେ । ଉଚ୍ଚତା ଅନୁପାତରେ ବିଚାର କରାଯାଇଥିବା ସ୍ୱାଭାବିକ ଓଜନର ୮୫% କିମ୍ବା ଏହାଠାରୁ କମ୍ ହୋଇଥିଲେ ମନୋଚିକିତ୍ସକମାନେ ଏ ଧରଣର ଅସ୍ୱାଭାବୀ ବ୍ୟବହାରର ଆଶଙ୍କା କରନ୍ତି । ଏପରି କିଶୋରୀମାନଙ୍କର ନିଜ ଶରୀର ଓ ଚେହେରା ସମ୍ପର୍କରେ ବିପର୍ଯ୍ୟସ୍ତ ଭାବନା ରହିଥାଏ । ଯାହା ଖାଇଲେ ମଧ୍ୟ ସେମାନେ ପୃଥୁଳକାୟ ହୋଇଯାଉଛନ୍ତି, ଏପରି ଭୟ ସେମାନଙ୍କୁ ଅସ୍ଥିର କରେ । ସାଧାରଣତଃ କିଶୋରୀମାନଙ୍କର ଏପରି ଅସ୍ୱାଭାବିକ ଆଚରଣ ପରିଦୃଷ୍ଟ ହୁଏ । କିଶୋର ତୁଳନାରେ ଦଶଗୁଣ କିଶୋରୀ ଏପରି ମାନସିକ ବିକୃତିର ଶରବ୍ୟ ହୁଅନ୍ତି । କୈଶୋରର ଆରମ୍ଭ ସମୟରେ ଏହା ସାଧାରଣତଃ ପରିଦୃଷ୍ଟ ହୁଏ ।

Digitized by srujanika@gmail.com

ଖାଦ୍ୟଗ୍ରହଣଜନିତ ଅନ୍ୟ ବିକୃତଟି ହେଉଛି **ଭୋଜନ ଅତିଶୟତା** । ଏମାନେ ନିଜକୁ ନିୟନ୍ତ୍ରଣରେ ରଖି ନ ପାରି ବହୁତ ବେଶୀ ପରିମାଣର ଖାଦ୍ୟ ଖାଆନ୍ତି । ପୁଣି ପାଟିରେ ଅଙ୍ଗୁଳି ପୂରାଇ କିମ୍ବା ଔଷଧ ଖାଇ ବାନ୍ତି କରି ଖାଦ୍ୟ ପଦାର୍ଥ ବାହାର କରିଦିଅନ୍ତି । ସପ୍ତାହରେ ଅନ୍ତତଃ ଦୁଇ ଥର ଏପରି ଆଚରଣ ତିନିମାସ ପର୍ଯ୍ୟନ୍ତ ଦର୍ଶାଇଲେ ମନୋଚିକିତ୍ସକମାନେ ଏହାକୁ ବିକୃତି ରୂପେ ବିଚାର କରନ୍ତି । ଏ ପ୍ରକାର ବିକୃତି କୈଶୋର ଅବସ୍ଥାର ଶେଷ ଆଡ଼କୁ ପରିଦୃଷ୍ଟ ହୁଏ । ପାଶ୍ଚାତ୍ୟଜଗତରେ ପ୍ରାୟ ୨ ପ୍ରତିଶତ କିଶୋରୀ ଏପରି ବିକୃତି ଦର୍ଶାନ୍ତି । ଆମ ଦେଶରେ ଏହାର ମାତ୍ରା ଅପେକ୍ଷାକୃତ ବେଶ୍ କମ୍ ହୋଇଥିଲେ ମଧ୍ୟ ଏହା ବୃଦ୍ଧିପାଇବାର ସମ୍ଭାବନା ଥିବାରୁ ଏ ଦିଗରେ ସତର୍କତା ଅବଲମ୍ବନ କରିବା ଉଚିତ ହେବ । ମନୋବିଜ୍ଞାନୀ ଓ ମନୋଚିକିତ୍ସକଙ୍କ ସହାୟତା ଫଳରେ ପ୍ରାୟ ୭୦ ପ୍ରତିଶତ କିଶୋର କିଶୋରୀ ଏପରି ଅସ୍ୱଭାବୀ ବ୍ୟବହାର ବିପର୍ଯ୍ୟୟରୁ ଅବ୍ୟାହତ ପାଇଥାନ୍ତି ।

ଆଧୁନିକ ଜୀବନଶୈଳୀର ପରିପ୍ରେକ୍ଷୀ ମଧ୍ୟରେ କିଶୋର କିଶୋରୀମାନେ କ୍ରମଶଃ ବ୍ୟାୟାମ ଓ ବିଭିନ୍ନ ପ୍ରକାର କ୍ରୀଡ଼ା କସରତ୍‌ର ଉପଯୋଗିତା ବୁଝିଲେଣି । ଅନ୍ୟ ଗୋଟିଏ ଉପଯୋଗୀ ଅଭ୍ୟାସ ହେଉଛି ନିଦ୍ରା । ଏହା ଜାଣିବାର କଥା ଯେ ଆମ ସମସ୍ତଙ୍କର ଏକ ନିଦ୍ରା ଜାଗରଣ ଚକ୍ର ରହିଛି । ଏକ ଜୈବିକ ଘଣ୍ଟା (Biological Clock) ପ୍ରଭାବରେ ଏହି ନିଦ୍ରା-ଜାଗରଣ ଚକ୍ର ନିୟନ୍ତ୍ରିତ ହୁଏ । ବୟସ ବୃଦ୍ଧି ପାଇବା ସହିତ ଜାଗରଣ ସମୟ କ୍ରମଶଃ ବିଳମ୍ବିତ ହୁଏ । ମସ୍ତିଷ୍କରେ ଥିବା ପିନିଆଲ ଡନ୍ତୀ କ୍ଷରଣ କରୁଥିବା ମେଲାଟୋନିନ୍ ନିଦ୍ରା-ଜାଗରଣକୁ ପ୍ରଭାବିତ କରେ । ପିଲାମାନଙ୍କ କ୍ଷେତ୍ରର ପ୍ରାୟ ରାତି ଘ୯-୩୦ମିନିଟ୍‌ରେ ମେଲାଟୋନିନ୍‌ର କ୍ଷରଣ ଆରମ୍ଭ ହେଉଥିବାରୁ ପିଲାମାନେ ଏହି ସମୟରେ ନିଦ୍ରାଳୁ ହୁଅନ୍ତି । ଅନ୍ୟ ପକ୍ଷରେ କିଶୋର କିଶୋରୀମାନଙ୍କ କ୍ଷେତ୍ରରେ ପ୍ରାୟ ରାତି ଘ୧୦-୩୦ମିନିଟ୍‌ରେ କ୍ଷରଣ ହୁଏ । ସୁତରାଂ କିଶୋର କିଶୋରୀମାନେ ପ୍ରାୟ ଏକ ଘଣ୍ଟା ବିଳମ୍ବରେ ଶଯ୍ୟାକୁ ଯିବାର ଆବଶ୍ୟକତା ଅନୁଭବ କରନ୍ତି । ଆବଶ୍ୟକ ପରିମାଣର ନିଦ୍ରା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ଦିଗରେ ସହାୟକ ହୁଏ ।

ମାନସିକ ଚାପ ଓ ସମନ୍ୱୟ କୌଶଳ

ମାନସିକ ଚାପ (Stress) ଆଧୁନିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଜୀବନରେ ଦାବିର (Demands) ପରିମାଣ ସମ୍ବଳର (Resources) ପରିମାଣଠାରୁ ଅଧିକ ହେଲେ ବ୍ୟକ୍ତି ମାନସିକ ଚାପ ଅନୁଭବ କରେ । ଦାବି ବା ସମ୍ବଳସବୁ ଭୌତିକ, ବ୍ୟକ୍ତିଗତ କିମ୍ବା ସାମାଜିକ ହୋଇପାରେ । ନିମ୍ନରେ ପ୍ରତ୍ୟେକ ଶ୍ରେଣୀର ଦାବି ଓ ସମ୍ବଳର କେତୋଟି ଦୃଷ୍ଟାନ୍ତ ଦିଆଯାଇପାରେ ।

Digitized by srujanika@gmail.com

ପ୍ରକାର	ଦାବି (Demands)	ସମ୍ବଳ (Resorces)
ଭୌତିକ	ଅତ୍ୟଧିକ ଉଷ୍ମତା, ଶୀତଳତା	ସୁସ୍ଥ ଶରୀର, ଧନସମ୍ପତ୍ତି
	ଅସ୍ଥାନର ଅଭାବ	ଆର୍ଥିକ ସ୍ୱଚ୍ଛଳତା, ଭୌତିକବସ୍ତୁ
ବ୍ୟକ୍ତିଗତ	ପରୀକ୍ଷା, ଚାକିରି ପାଇଁ	ସାମର୍ଥ୍ୟ, ଜ୍ଞାନକୌଶଳ
	ସାକ୍ଷାତାକାର,	ଆତ୍ମବିଶ୍ୱାସ
	ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ	
ସାମାଜିକ	ବୃଦ୍ଧ ପିତାମାତାଙ୍କ ଦାୟିତ୍ୱ	ପିତାମାତାଙ୍କ ସହଯୋଗ
	ସାନ ଭାଇଭଉଣୀଙ୍କ ଦାୟିତ୍ୱ	ବନ୍ଧୁ ଓ ସହକର୍ମୀଙ୍କ ସାହାଯ୍ୟ

ଲକ୍ଷ୍ୟ କରିବାର କଥା ଯେ ପ୍ରତ୍ୟେକ କୌଣସି ଏକ ପରିସ୍ଥିତିର ସମ୍ମୁଖୀନ ହେଲା ମାତ୍ରେ ମାନସିକସ୍ତରରେ ଏକ ନିକିତିର ବ୍ୟବହାର କରନ୍ତି । ସେ ନିଜ ସମ୍ବଳ ଓ ସମ୍ମୁଖୀନ ହୋଇଥିବା ଦାବି ବା ଦୁଃସ୍ଥିତିର ଆକଳନ କରନ୍ତି । ଏହି ମୂଲ୍ୟାୟନ (Evaluation) ପ୍ରକ୍ରିୟାଟି ଗୁରୁତ୍ୱପୂର୍ଣ୍ଣ । ଏହି ମୂଲ୍ୟାୟନରେ ଦାବି ତୁଳନାରେ ସମ୍ବଳର ପରିମାଣ ଅଧିକ ଅନୁଭୂତ ହେଲେ ମାନସିକ ଚାପ ତିରୋହିତ ହୁଏ । ମାତ୍ର ସମ୍ବଳ ତୁଳନାରେ ଦାବି ବା ଦୁଃସ୍ଥିତିର ପରିମାଣ ବେଶୀ ହେଲେ ଚାପ ଅନୁଭୂତ ହୁଏ ।

ଯେଉଁସବୁ କାରଣରୁ ଚାପ ଅନୁଭୂତ ହୁଏ, ସେପରି ଚାପକସବୁ (Stressors) ତିନି ଶ୍ରେଣୀର ହୋଇପାରେ । କେତେକ ଚାପକ (Stressors) ବୃହତ୍ ଧରଣର । ବନ୍ୟା, ଘୂର୍ଣ୍ଣିବାତ୍ୟା, ଭୂମିକମ୍ପ, ବୈଦେଶିକ ଆକ୍ରମଣ କିମ୍ବା ଅନ୍ୟ କିଛି ପ୍ରାକୃତିକ ଦୁର୍ବିପାକ ଏ ଧରଣର । ଦ୍ୱିତୀୟ ଶ୍ରେଣୀର ଚାପକସବୁ ଦୈନନ୍ଦିନ ଜୀବନର ଘଟଣା-କେନ୍ଦ୍ରିକ । ପ୍ରିୟଜନଙ୍କ ମୃତ୍ୟୁ, ଦୁର୍ଘଟଣା, ପରିବାର ମଧ୍ୟରେ କୌଣସି ଆତ୍ମୀୟସ୍ୱଜନଙ୍କ ଅସୁସ୍ଥତା, ଅନ୍ତରଙ୍ଗ ବନ୍ଧୁ ବା ବାନ୍ଧବୀ ସହିତ କଳହ । ବିବାହ ପରି ଭଲ ଘଟଣା ମଧ୍ୟ କିଛି ପରିମାଣରେ ଚାପ ସୃଷ୍ଟିକରେ । କିଶୋର କିଶୋରୀମାନଙ୍କ କ୍ଷେତ୍ରରେ ନିଃସଙ୍ଗତାର ଅନୁଭବ, ଶିକ୍ଷା ପରେ ଚାକିରି ନ ମିଳିବାର ଆଶଙ୍କା, ଅନ୍ତରଙ୍ଗ ବନ୍ଧୁ ବା ବାନ୍ଧବୀ ସହିତ ମତାନ୍ତର ଏବଂ ଶିକ୍ଷକଙ୍କ ସହିତ ଯୁକ୍ତିତର୍କ ଏ ଧରଣର ଚାପକ । ତୃତୀୟ ଶ୍ରେଣୀର ଚାପକସବୁକୁ ଅଣୁଚାପକ (Micro-stressors) କୁହାଯାଇପାରେ । ଏଗୁଡ଼ିକ ଖୁବ୍ ଛୋଟ ଛୋଟ ଘଟଣା । ମାତ୍ର ଏଗୁଡ଼ିକର ନିତ୍ୟନୈମିତ୍ତିକ ପୁନରାବୃତ୍ତି ମାନସିକ ଚାପ ସୃଷ୍ଟିକରେ । ଦୂରସ୍ଥାନରୁ ପ୍ରତିଦିନ ଶିକ୍ଷାୟତନକୁ ଆସୁଥିବା କିଶୋର କିଶୋରୀ ଟ୍ରାଫିକ ଗହଳିର ଶରବ୍ୟ ହେଲେ କିମ୍ବା ଅତ୍ୟଧିକ ଅନିୟନ୍ତ୍ରିତ ଶବ୍ଦର ଶିକାର ହେଲେ ମାନସିକ ଚାପ ବୃଦ୍ଧିପାଏ ।

ମାନସିକ ଚାପର କାରଣ ଯାହା ହେଉ ନା କାହିଁକି, ଏହା ସହିତ ସମନ୍ୱୟ ରକ୍ଷା କରି ଜୀବନକୁ ଆଗେଇନେବାକୁ ହେବ । ଏଥିପାଇଁ ଉପଯୋଗୀ ସମନ୍ୱୟ (Coping Strategy)

Digitized by srujanika@gmail.com

କୌଶଳ ଆବଶ୍ୟକ । ପରିସ୍ଥିତି ସହିତ ଭାରସାମ୍ୟ ରକ୍ଷାକରିବାକୁ ତିନିପ୍ରକାର ସମନ୍ୱୟ କୌଶଳର ଉପଯୋଗ କରାଯାଏ ।

ପ୍ରଥମ ପ୍ରକାର ସମନ୍ୱୟ କୌଶଳକୁ ସମସ୍ୟା **ସମାଧାନମୁଖୀ** (Problem-Focussed) **ସମନ୍ୱୟ ଶୈଳୀ** କୁହାଯାଏ । ସମସ୍ୟାଟି ଉପୁଜିଲେ କାରଣ ବିଶ୍ଳେଷଣ କରି ସମାଧନର ସୂତ୍ର ବାହାର କରିବା ଏ ଧରଣର କୌଶଳ । ପରୀକ୍ଷା ସମୟରେ ଆବଶ୍ୟକ ପ୍ରସ୍ତୁତି ଏ ଧରଣର ଦୃଷ୍ଟାନ୍ତ । ପରୀକ୍ଷାରେ କମ୍ ନମ୍ବର ମିଳିଲେ ବିନୀତଭାବରେ ଶିକ୍ଷକଙ୍କୁ କାରଣ ପଚରା ଯାଇପାରେ । ରୋଗର ଆଶଙ୍କା ଥିଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଏବଂ ବିହିତ ପଦକ୍ଷେପ ଗ୍ରହଣ କରିବା ସମସ୍ୟା-ସମାଧାନମୁଖୀ ସମନ୍ୱୟ କୌଶଳ । ଏହାର ପ୍ରୟୋଗ ସମୟରେ କିଛି ପରିମାଣରେ ଅସ୍ୱସ୍ତି ଅନୁଭୂତ ହେଲେ ମଧ ଦୀର୍ଘମିଆଦୀ ଦୃଷ୍ଟିକୋଣରୁ ଏହା ସୁଫଳ ଦିଏ ।

ଦ୍ୱିତୀୟ ପ୍ରକାର ସମନ୍ୱୟ କୌଶଳଟି **ଆବେଗମୁଖୀ** (Emotion-focussed) **ଶୈଳୀ** । ଏଥିରେ ପରିସ୍ଥିତିଟିକୁ ଏଡ଼େଇଯିବାର ଉଦ୍ୟମ ହୁଏ । "ପ୍ରକୃତରେ କିଛି ଅସୁବିଧା ଉପୁଜି ନାହିଁ"– ଏପରି ଅସ୍ୱୀକାର ମନୋଭାବ (Denial) ହେଉଛି ଆବେଗମୁଖୀ ସମନ୍ୱୟ ଶୈଳୀ । ସେହିପରି ଶୋଇପଡ଼ିବା, ତାସ୍ ଖେଳିବା କିମ୍ବା ଦୂରଦର୍ଶନର କାର୍ଯ୍ୟକ୍ରମ ଦେଖି ପରିସ୍ଥିତିକୁ ଭୁଲିଯିବାର ଚେଷ୍ଟା କରିବା ଏ ଧରଣର ଶୈଳୀ । ଏଡ଼େଇଯିବାର ଏହି ଶୈଳୀ ସାମୟିକ ଭାବେ ସହାୟକ ହେଲେ ମଧ ପରବର୍ତ୍ତୀ ପର୍ଯ୍ୟାୟରେ ସମାଧାନ କରାଯାଇନଥିବା ସମସ୍ୟାଟି ଅଧିକ ଜଟିଳ ହେଇ ମୁଣ୍ଡଟେକେ । ସୁତରାଂ ସମସ୍ୟା-ସମାଧାନମୁଖୀ ପନ୍ଥା ତୁଳନାରେ ଏହା ଉପଯୋଗୀ ନୁହେଁ ।

ତଥାପି କେତେକ କ୍ଷେତ୍ରରେ ଏ ଶୈଳୀର ଉପଯୋଗ ଆବଶ୍ୟକ ହୁଏ । କୌଣସି ନିୟନ୍ତ୍ରଣ ରହି ନଥିବା ପରିବେଶରେ ଏହାର ଉପଯୋଗ କରାଯାଇପାରେ । ଧରାଯାଉ ସନ୍ତ୍ରାସବାଦୀ କିଛି ଲୋକଙ୍କୁ ପଣବନ୍ଦୀ ରୂପେ ଅଟକାଇଛନ୍ତି । ଏ କ୍ଷେତ୍ରରେ ପଣବନ୍ଦୀ ମୁକାବିଲାର ମନୋଭାବ (ସମସ୍ୟା-ସମାଧାନମୁଖୀ) ଗ୍ରହଣ କଲେ ଭୟାନକ ପରିସ୍ଥିତି ସୃଷ୍ଟି କରିବ । ସୁତରାଂ ପରିସ୍ଥିତି ବିଷୟରେ ଚିନ୍ତା ନ କରି ମନରେ ଅନ୍ୟସବୁ ଭାବନା ଆଣିବାର ଉଦ୍ୟମ କିଛିଟା ସୁରକ୍ଷା ଯୋଗାଇବ । ମାନସିକ ଚାପ ସୃଷ୍ଟିକରୁଥିବା ପରିବେଶରୁ ମନକୁ ଦୂରେଇନେବା କିମ୍ବା ମନଖୋଲି ମନର ବେଦନା (ମା ପାଖରେ କିମ୍ବା ବନ୍ଧୁ ବାନ୍ଧବୀ ବା ସେହିପରି ସମ୍ବେଦନଶୀଳ ଉପଦେଶକଙ୍କ ପାଖରେ) ପ୍ରକାଶ କରିବା ଆବେଗମୁଖୀ ଶୈଳୀ । ଏହା ସ୍ଥଳବିଶେଷରେ କାମଦିଏ ।

ତୃତୀୟ ଧରଣର ସମନ୍ୱୟ ଶୈଳୀଟି ସବୁଠାରୁ ଅଧିକ ଉପଯୋଗୀ । ଏହାକୁ ଅଗ୍ରମୁଖୀ **ସମନ୍ୱୟଶୈଳୀ** (Proactive Coping) କୁହାଯାଏ । ସମସ୍ୟା ଉପୁଜିବା ପୂର୍ବରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାର ମନୋଭାବ ଏ ଧରଣର । ପରୀକ୍ଷା ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି

Digitized by srujanika@gmail.com

ପାଇଁ ସଚାଗ ହେବା ଏବଂ କୌଣସି ରୋଗର ଶରବ୍ୟ ହେବା ପୂର୍ବରୁ ନିୟମିତ ଭାବରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଯୋଜନାକୁ ଅଗ୍ରମୁଖୀ ସମନ୍ୱୟ ଶୈଳୀ କୁହାଯିବ । ବୁଦ୍ଧିମାନ କିଶୋର କିଶୋରୀମାନେ ଏ ଧରଣର ଅଗ୍ରମୁଖୀ ସମନ୍ୱୟ ଶୈଳୀ ଅଧିକ ପରିମାଣରେ ଉପଯୋଗ କରନ୍ତି ।

ଏହା ବ୍ୟତୀତ ଅନ୍ୟ କେତୋଟି ମାନସିକତା ସଫଳ ସମନ୍ୱୟ ଦିଗରେ ଖୁବ୍ ସହାୟକ ହୁଏ । ସକାରାତ୍ମକ ଚିନ୍ତା ଏକ ବିଶିଷ୍ଟ ଧରଣର ମାନସିକ ସମ୍ବଳ । ମାନସିକ ଚାପର ପରିଚାଳନା ଦିଗରେ ଏହା ସାହାଯ୍ୟ କରେ । ଖୁସି ମିଜାଜରେ ରହୁଥିବା କିଶୋର କିଶୋରୀ ବାହାର ଜଗତର ସୂଚନାସବୁକୁ ଠିକ୍‌ଭାବରେ ଗ୍ରହଣ କରନ୍ତି । ସେଗୁଡ଼ିକର ସଜ୍ଜୀକରଣ କରନ୍ତି ଏବଂ ସଦୁପଯୋଗ କରନ୍ତି । ପରିସ୍ଥିତିଟି ଯେ ନିୟନ୍ତ୍ରଣରେ ରହିଛି, ଏପରି ଭାବନା ସେମାନଙ୍କର ସହାୟକ ହୋଇଥାଏ ।

ସାମାଜିକ ସହାୟତା (Social-Support) ମଧ୍ୟ ବଡ଼ ଧରଣର ସମ୍ବଳ । ପିତାମାତାଙ୍କ ସହିତ ସୁସମ୍ପର୍କ ରଖିଥିବା କିଶୋର କିଶୋରୀମାନେ ମାନସିକ ଚାପର ମୁକାବିଲା କ୍ଷେତ୍ରରେ ସଫଳ ହୁଅନ୍ତି । ବନ୍ଧୁ ବାନ୍ଧବୀଙ୍କ ସାହଚର୍ଯ୍ୟ ଏବଂ ଅନ୍ତରଙ୍ଗତାର ନିବିଡ଼ତା ଭାରସାମ୍ୟ ରକ୍ଷାରେ ସକ୍ରିୟ ଭୂମିକା ନିଏ ।

ସମନ୍ୱୟ କୌଶଳର ପ୍ରୟୋଗ ସମୟରେ ଏକ ନମନୀୟ (Flexible) ମନୋବୃତ୍ତି ଆବଶ୍ୟକ । ପ୍ରାସଙ୍ଗିକତାକୁ ଲକ୍ଷ୍ୟ ରଖିବାକୁ ହେବ । ଗୋଟିଏ ପରିପ୍ରେକ୍ଷୀରେ ସମସ୍ୟା-ସମାଧାନ ସମନ୍ୱୟ ଶୈଳୀ ଉପଯୋଗୀ ହେବା ସ୍ଥଳେ ଅନ୍ୟ ପରିପ୍ରେକ୍ଷୀରେ ଭିନ୍ନ ଶୈଳୀ ଅଧିକ କାମଦିଏ । ଉଦାହରଣ ସ୍ୱରୂପ, ପରୀକ୍ଷା ପୂର୍ବରୁ ସମସ୍ୟା-ସମାଧାନମୁଖୀ ଶୈଳୀ ଖୁବ୍ ଉପଯୋଗୀ ହେବା ସ୍ଥଳେ ପରୀକ୍ଷା ଶେଷହେବା ପରେ ଫଳାଫଳକୁ ଅପେକ୍ଷା କରିବା ସମୟରେ ଆବେଗ-ମୁଖୀ ଶୈଳୀ ଅଧିକ ଉପଯୋଗୀ ହୋଇଥାଏ ।

ପରିଶେଷରେ କୁହାଯିବ ଯେ ଏକାଧିକ ଚାପକର ଶରବ୍ୟ (ଯଥା – ଏକା ସମୟରେ ଦୁର୍ଘଟଣା ଏବଂ ପରିବାରରେ କୌଣସି ବ୍ୟକ୍ତିଙ୍କ ଅସୁସ୍ଥତା) ହେବା ସମୟରେ ବହୁବିଧ ସମନ୍ୱୟ ଶୈଳୀର ଉପଯୋଗ କରାଯାଇପାରେ । କିଶୋର ବା କିଶୋରୀ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ସାହାଯ୍ୟ ସାହଚର୍ଯ୍ୟ ଲୋଡ଼ିବା ଏବଂ ମନର ବେଦନା ବନ୍ଧୁ ବା ବାନ୍ଧବୀ ପାଖରେ ପ୍ରକାଶ କରିବାର ସମନ୍ୱୟ କୌଶଳ ଗ୍ରହଣ କରିପାରନ୍ତି । ଏକାଧିକ ପନ୍ଥାର ସମ୍ବଳିତ ପ୍ରୟୋଗ ମାନସିକ ଭାରସାମ୍ୟ ରକ୍ଷା ଦିଗରେ ସଫଳତା ଆଣିପାରିବ ।

❒

Digitized by srujanika@gmail.com

ଲେଖକଙ୍କର ଅନ୍ୟାନ୍ୟ କୃତି

- **ମନୋବୈଜ୍ଞାନିକ ରଚନା**

ବିଚିତ୍ର ମନ

ମାନସିକ ବିକୃତି

ଜୀବନ ପ୍ରବାହରେ ମାନସିକ ବିକୃତି

ଆଧୁନିକ ଜୀବନରେ ମାନସିକ ଚାପ

ମନର ମାନଚିତ୍ର

ବ୍ୟକ୍ତିତ୍ୱ ଓ ନେତୃତ୍ୱ

ନାରୀ ମନସ୍ତତ୍ତ୍ୱ

ଶିଶୁମନର ବିଜ୍ଞାନ

ସଚିତ୍ର ମନ

ମନ ଦିଗନ୍ତ

ସଫଳ ମନ ସଫଳ ଜୀବନ

ମାନସିକ ସମସ୍ୟା ଓ ସମାଧାନ

ମନସ୍ତାତ୍ତ୍ୱିକ ବିକାଶର ଶୈଶବପର୍ବ

ମନସ୍ତାତ୍ତ୍ୱିକ ବିକାଶର ବାଲ୍ୟପର୍ବ

ମନସ୍ତାତ୍ତ୍ୱିକ ବିକାଶର ଗୋଧୂଳି ପର୍ବ

ତଲ୍ଲୀନତା

- **ଆଧ୍ୟାତ୍ମିକ ରଚନା**

ଶ୍ରୀ ସାଇ ସତଚରିତ ଗାଥା

ଶିରିଡ଼ିର ସାଇବାବା

ଶିରିଡ଼ିରୁ ପୁଟପର୍ତ୍ତି (ଅନୁବାଦ)

ଦିବ୍ୟ ସମ୍ଭାଷଣ : ଚତୁର୍ଥ ଭାଗ

(ଶ୍ରୀ ସତ୍ୟସାଇବାବାଙ୍କ ଦିବ୍ୟ ସମ୍ଭାଷଣର ଅନୁବାଦ)

ଦିବ୍ୟ ସମ୍ଭାଷଣ : ପଞ୍ଚଦଶ ଭାଗ

(ଶ୍ରୀ ସତ୍ୟସାଇବାବାଙ୍କ ଦିବ୍ୟ ସମ୍ଭାଷଣର ଅନୁବାଦ)

ଚେତନାଦୀପ୍ତ ଜୀବନ (ସ୍ୱାମୀ ଶୁଦ୍ଧାନନ୍ଦଙ୍କ ରଚନାର ଅନୁବାଦ)

ଧ୍ୟାନଦୀପ୍ତ ଜୀବନ (ସ୍ୱାମୀ ଶୁଦ୍ଧାନନ୍ଦଙ୍କ ରଚନାର ଅନୁବାଦ)

- **ପ୍ରକାଶ ଅପେକ୍ଷାରେ**

ମନର ରହସ୍ୟ

ସୁଖାନୁଭୂତିର ମର୍ମକଥା

ମନସ୍ତାତ୍ତ୍ୱିକ ବିକାଶର ଯୌବନ ପର୍ବ

Digitized by srujanika@gmail.com

କିଶୋର କାଳ ସମସ୍ୟାବହୁଳ ମାନସିକ ଚାପର ସମୟ ବୋଲି ଲୋକବିଶ୍ୱାସ ରହିଛି । କିଶୋରକିଶୋରୀମାନଙ୍କର ପରିଚାଳନା କ୍ଷେତ୍ରରେ ପିତାମାତା ଭାରାକ୍ରାନ୍ତ ହୁଅନ୍ତି, ଶିକ୍ଷକ-ଶିକ୍ଷୟତ୍ରୀ ଆଶଙ୍କାଗ୍ରସ୍ତ ହୁଅନ୍ତି ଓ ପ୍ରଶାସକ ଭାବନାଗ୍ରସ୍ତ ହୁଅନ୍ତି । ମନୋବୈଜ୍ଞାନିକଙ୍କ ଦୃଷ୍ଟିକୋଣରୁ ଏହା କେତେ ଦୂର ସମର୍ଥିତ ? ପରିଚାଳନାର ସଫଳ ସୂତ୍ରଟି କ'ଣ ? ଶାରୀରିକ, ବୌଦ୍ଧିକ ଓ ଭାବଗତ ବିକାଶ ପାଇଁ କିଶୋରକିଶୋରୀମାନେ କ'ଣ କରିପାରିବେ ? ଏ ସବୁର ବିଜ୍ଞାନସମ୍ମତ ବିଚାର ଓ ମାର୍ଗଦର୍ଶନ ବହନ କରିଛି ପୁସ୍ତକ **"ମନସ୍ତାତ୍ତ୍ୱିକ ବିକାଶର କୈଶୋର ପର୍ବ"** ।

ଅଗ୍ରଦୂତ
କଟକ-୨

Digitized by srujanika@gmail.com